# ଓଡ଼ିଶା ରାଜନୀତିର ଇତିହାସ

୧୯୩୬-୨୦୧୩

ଡକ୍ଟର ଉଦ୍ଧବ ଚରଣ ନାୟକ

ଆମ ଓଡ଼ିଶା
ĀMA ODISHĀ

**ଓଡ଼ିଶା ରାଜନୀତିର ଇତିହାସ**

**ଡକ୍ଟର ଉଦ୍ଧବ ଚରଣ ନାୟକ**

ପ୍ରକାଶକ : ଆମ ଓଡ଼ିଶା,
୪ ଆର୍ ୧/୨, ଇଉନିଟ୍-୩,
ଭୁବନେଶ୍ୱର-୭୫୧୦୦୧

ମୁଦ୍ରଣ : ଡୁଡୁଲି ପ୍ରୋସେସ୍ ଆଣ୍ଡ୍ ଅଫ୍‌ସେଟ୍
ବାପୁଜୀ ନଗର, ଭୁବନେଶ୍ୱର-୯

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର, ୨୦୧୩
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ : ଜାନୁଆରି, ୨୦୧୪
© ଆମ ଓଡ଼ିଶା

ପ୍ରଚ୍ଛଦ : ବିଜୟ କୁମାର ପ୍ରଧାନ

**ମୂଲ୍ୟ : ଟ.୧୭୦/-**

**Odisha Rajanitira Itihasa**

Dr. Uddhab Charan Nayak

Publisher : Aama Odisha,
4R 1/2, Unit-3, Bhubaneswar-751001
e-mail : aamaodisha@gmail.com

Printed at : Duduly Process & Offset
Bapuji Nagar, Bhubaneswar-9

First edition : September, 2013
Second enlarged edition : January, 2014
© Aama Odisha

Cover : Bijaya Kumar Pradhan

Price : ₹ 170/-

ISBN : 978-81-89436-54-4

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ରାଜନେତା
ତଥା ଆସାମର ମାନ୍ୟବର ରାଜ୍ୟପାଳ
**ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ**

# ଭୂମିକା

୨୦୦୭ ମସିହା ମେ ମାସ ପ୍ରଥମ ସପ୍ତାହର ଏକ ଶୀତଳ ଅପରାହ୍ଣ; ଯାଇଥିଲି 'ସମ୍ବାଦ' ଅଫିସ୍‌କୁ । ପାଖରେ ଥାଏ ଗୋଟିଏ ଲେଖା ''ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ଗଭର୍ଣ୍ଣର, ବିଧାନସଭା ଓ ମନ୍ତ୍ରିମଣ୍ଡଳ'' । କାମ ସାରି 'ସମ୍ବାଦ' ଅଫିସରୁ ବାହାରି ଆସିବା ବେଳେ ଶୁଣିଲି, ସେଠାରେ 'ପୌରୁଷ' ପାଇଁ ଲେଖା ନିଆଯାଉଛି । ଅସିତ ମହାନ୍ତି ଅଛନ୍ତି ଏହାର ଦାୟିତ୍ୱରେ । ସେତେବେଳେ ସେଠାରେ ସେ ନଥିଲେ । ପାଖରେ ଥିବା ଲେଖାଟିକୁ ତାଙ୍କର ଜଣେ ସହକର୍ମୀ ବନ୍ଧୁଙ୍କୁ ଦେଇ କହିଲି, ''ଏହା 'ପୌରୁଷ' ପାଇଁ ।'' ଲେଖାଟି ଜୁନ୍ ୨୦୦୭ ସଂଖ୍ୟାରେ ପ୍ରକାଶ ପାଇଲା । ଜୁଲାଇ ମାସରେ ଶ୍ରୀଗୁଣ୍ଡିଚା । ସେହି ଉପଲକ୍ଷେ ଜଗନ୍ନାଥ ତତ୍ତ୍ୱ ଉପରେ ଅନ୍ୟ ଗୋଟିଏ ଲେଖା 'ପୌରୁଷ' ପାଇଁ 'ସମ୍ବାଦ' ଅଫିସ୍‌ରେ ଦେଇ ଆସିଥିଲି । କିନ୍ତୁ ଲେଖାଟିକୁ ଜୁନ୍ ସଂଖ୍ୟାର 'ପୌରୁଷ' କପି ସହ ଅସିତବାବୁ ମୋ ପାଖକୁ ପଠାଇ ଦେଲେ । ଦିନେ ସନ୍ଧ୍ୟାରେ ଫୋନ୍ କରି କହିଲେ, ''ଆପଣଙ୍କ ଲେଖା 'ପୌରୁଷ'ର 'ଓଡ଼ିଶା ଅଧ୍ୟାୟ' ବିଭାଗରେ ପ୍ରକାଶ ପାଇଛି । ସେହି କ୍ରମରେ ଅନ୍ୟ ଲେଖାମାନ ଦିଅନ୍ତୁ ।''

ଜୁଲାଇ-୨୦୦୭ ସଂଖ୍ୟା ପାଇଁ ''ସ୍ୱତନ୍ତ୍ର ଓଡ଼ିଶାର ପ୍ରଶାସକଗଣ'' ଶୀର୍ଷକରେ ଲେଖାଟିଏ ପଠାଇଲି । ତାହା ଯଥାବିଧି ପ୍ରକାଶ ପାଇଲା । ପୁଣି ସେହି ସଂଖ୍ୟାରେ ପ୍ରକାଶ ପାଇଥିଲା ଜଟଣୀର ଜଣେ ପାଠିକା ନୀହାର ନଳିନୀ ପରିଡ଼ାଙ୍କର ଏକ ପତ୍ର । ସେ ଲେଖିଥିଲେ, ''ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ଗଭର୍ଣ୍ଣର, ବିଧାନସଭା ଓ ମନ୍ତ୍ରିମଣ୍ଡଳ'' ଲେଖାଟି ବେଶ୍ ତଥ୍ୟପୂର୍ଣ୍ଣ । ଲେଖାର ଭାଷା ଓ ଉପସ୍ଥାପନା ମଧ୍ୟ ଖୁବ୍ ମାର୍ଜିତ । କ୍ରମାନ୍ୱୟରେ 'ଓଡ଼ିଶା ଅଧ୍ୟାୟ'ରେ ଅଧିକ ଲେଖା ଲେଖିବାକୁ ସେ ଲେଖକଙ୍କୁ ଅନୁରୋଧ କରିଥିଲେ । ତାହା ପଢ଼ିବା ପରେ ମୋ ମନରେ ଅଫୁରନ୍ତ ପ୍ରେରଣା ଓ ଉତ୍ସାହ ସୃଷ୍ଟି ହେଲା । ଏହି ଗୁରୁ ଦାୟିତ୍ୱ ମୋତେ ତୁଲାଇବାକୁ ହେବ ବୋଲି ସ୍ଥିର କରିନେଲି । ଅନ୍ୟ କୌଣସି ଲେଖା ପ୍ରତି ବିଶେଷ ଧ୍ୟାନ ନ ଦେଇ ଓଡ଼ିଶା ସମ୍ପର୍କିତ ରାଜନୈତିକ ତଥ୍ୟମାନ ସଂଗ୍ରହ କରି ଲେଖିବାରେ ଲାଗିଗଲି । ବହୁ ପରିଶ୍ରମ କରିବାକୁ ପଡୁଥିଲା । ବହୁ ବିଜ୍ଞ ପାଠକ, ଲେଖକ ଓ ଅଧ୍ୟାପକ ବନ୍ଧୁଙ୍କ ପାଖରୁ ଉତ୍ସାହ ଓ ପ୍ରେରଣା ବି ମିଳୁଥିଲା । ଲେଖା ଚାଲିଥାଏ ଏବଂ ପ୍ରକାଶ ବି ପାଉଥାଏ । ଅସିତବାବୁ ତାଗିଦ୍ କରି ଠିକ୍ ସମୟରେ ମୋ'ଠାରୁ ଲେଖା ସଂଗ୍ରହ କରି ନେଇ ଯାଉଥାଆନ୍ତି । ପାଠକଙ୍କ ପାଖରୁ ପ୍ରଶଂସା ସହ ରୁଚିପୂର୍ଣ୍ଣ ମନ୍ତବ୍ୟ ଓ ପରାମର୍ଶ ମଧ୍ୟ ମିଳୁଥାଏ ।

ହଠାତ୍ ଦିନେ  'ପୌରୁଷ'ର ପ୍ରତିଷ୍ଠାତା ସଂପାଦକ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଅସିତବାବୁଙ୍କ ହାତରେ ମୋତେ ଡକାଇ ପଠାଇଲେ । ଡରିଡରି ଗଲି । ଭାବିଲି, ଲେଖାରେ ବୋଧହୁଏ କେଉଁଠି କିଛି ତ୍ରୁଟି ରହିଯାଇଛି ।  ମାତ୍ର ଶୁଣିଥିଲି, ସେ ଲେଖକମାନଙ୍କୁ ବହୁତ ଭଲ ପାଆନ୍ତି । ତାଙ୍କ ପାଖରେ ପହଞ୍ଚି ତାହା ହୃଦୟଙ୍ଗମ କଲି । ଆମ ସହିତ ପ୍ରାୟ ୪୫ ମିନିଟ୍‌ରୁ ଊର୍ଦ୍ଧ୍ୱକାଳ 'ଓଡ଼ିଶା ଅଧ୍ୟାୟ'ରେ ପ୍ରକାଶ ପାଇଥିବା ରାଜନୀତି ସମ୍ପର୍କିତ ବିଭିନ୍ନ ଲେଖା ଉପରେ ସେ ଆଲୋଚନା କଲେ । ତାଙ୍କ ମନରେ ଗୋଟିଏ ଦୁଇଟି ସ୍ଥାନରେ ଟିକିଏ ସନ୍ଦେହ ଥିଲା, ଆଲୋଚନା ମାଧ୍ୟମରେ ତାହା ଦୂରୀଭୂତ ହେଲା । ସେ ବହୁତ ଖୁସି ହେଲେ । ତାଙ୍କଠାରୁ ଆଶୀର୍ବାଦ ଓ ପ୍ରେରଣା ମଧ୍ୟ ପାଇଲି । ଜାଣିଲି, ଲେଖାଗୁଡ଼ିକୁ ସେ ପଢ଼ନ୍ତି ଓ ଅନୁଧ୍ୟାନ ମଧ୍ୟ କରନ୍ତି । ଏଥିପାଇଁ ନିଜକୁ ଧନ୍ୟ ମନେ କଲି । ଏହି ଘଟଣାର କିଛି ଦିନ ପରେ ସେ ଆସାମର ରାଜ୍ୟପାଳ ହେଲେ । ୧୯୩୬ରୁ ୨୦୦୦ ଯାଏ ଓଡିଶାର ରାଜନୀତିକ ଘଟଣାବଳୀକୁ ନେଇ ମୋର ଲେଖା ୨୫ଟି ପରିଚ୍ଛେଦରେ ସମ୍ପୂର୍ଣ୍ଣ ହେଲା ।

ଆମ ଭିତରେ ଆଲୋଚନା ହେଲା, ଲେଖାଗୁଡ଼ିକୁ ନେଇ ଗୋଟିଏ ବହି କରାଯାଉ ! ମୁଁ ବି ତାହା ଚାହୁଁଥିଲି । ଲେଖାଗୁଡ଼ିକୁ ଏକାଠି କରି 'ଆମ ଓଡ଼ିଶା'ରେ ନେଇ ଦାଖଲ କରିଦେଲି । ପ୍ରଥମ ପରିଚ୍ଛେଦରେ ''୧୯୩୬ର ରାଜନୈତିକ ପୃଷ୍ଠଭୂମି'' ଶୀର୍ଷକ ଅଧ୍ୟାୟଟି ଯୋଡିଲି । ପୁଣି ଶେଷ ଅଧ୍ୟାୟରେ ୨୦୦୪-୨୦୧୩ ମସିହାର ରାଜନୈତିକ ଚିତ୍ରପଟ ଏବଂ ସବା ଶେଷରେ ''ପରିଶିଷ୍ଟ'' ମଧ୍ୟ ସଂଯୋଗ ହେଲା । ଏସବୁ ପୂର୍ବରୁ ପ୍ରକାଶ ପାଇନଥିଲା । ଆଜି ଏହି ପୁସ୍ତକ ଆକାରରେ ସେସବୁ ପ୍ରକାଶ ପାଉଛି, ''ଓଡ଼ିଶା ରାଜନୀତିର ଇତିହାସ (୧୯୩୬-୨୦୧୩)'' ନାଆଁରେ । ଏଥିପାଇଁ 'ଆମ ଓଡ଼ିଶା' ପ୍ରକାଶନ ବିଭାଗର ସଂପାଦନାମଣ୍ଡଳୀକୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବୈଷ୍ଣବ ପ୍ରସାଦ ମହାନ୍ତି, ଓଡ଼ିଶା ବିଧାନସଭାର ପୂର୍ବତନ ଗବେଷଣା ଅଧିକାରୀ ରବିନାରାୟଣ ପଲେଇ, ଓଡ଼ିଶା ଅଭିଲେଖାଗାରର ପୂର୍ବତନ ଅଧ୍ୟକ୍ଷା ସବିତା ମିଶ୍ର ପ୍ରମୁଖ ଏହି କାର୍ଯ୍ୟ ନିମନ୍ତେ ମୋତେ ପ୍ରତ୍ୟକ୍ଷ ଭାବରେ ବହୁ ସାହାଯ୍ୟ ଓ  ସହଯୋଗ ଦେଇଛନ୍ତି । ସେଥିପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ମୋର ପିତା, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅନନ୍ତ ଚରଣ ନାୟକ ସାଇତି ରଖିଥିବା ଅନେକ ପୁସ୍ତକର ସହାୟତା ଏହି ବହି ପାଇଁ ମୁଁ ନେଇଛି । ଏଣୁ ମୋର ସ୍ୱର୍ଗତ ପିତାଙ୍କ ନିକଟରେ ମୁଁ ଋଣୀ ।

ପୁସ୍ତକଟିକୁ ରାଜନୀତି-ବିଶାରଦ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କରକମଳରେ ଅର୍ପଣ କରି ମୁଁ ନିଜକୁ ଧନ୍ୟ ମନେକରୁଛି । ଆଶା, ପୁସ୍ତକଟି ଛାତ୍ର, ଶିକ୍ଷକ, ଗବେଷକ, ଅଧ୍ୟାପକ, ରାଜନୀତିଜ୍ଞ ଓ ସାଧାରଣ ପାଠକପାଠିକାଙ୍କ ନିକଟରେ ବିଶେଷ ଭାବରେ ଆଦୃତ ହେବ ।

**ସ୍ୱାଧୀନତା ଦିବସ, ୨୦୧୩**
ମହିମାଗାଦି, ଢେଙ୍କାନାଳ

# ସୂଚିପତ୍ର


| | |
|---|---|
| ୧୯୩୬ର ରାଜନୈତିକ ପୃଷ୍ଠଭୂମି | ୦୯ |
| ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ଗଭର୍ଣ୍ଣର, ପ୍ରଥମ ବିଧାନସଭା ଓ ପ୍ରଥମ ମନ୍ତ୍ରିମଣ୍ଡଳ | ୨୩ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଶାସକଗଣ | ୩୦ |
| ଓଡ଼ିଶା ରାଜନୀତିରେ ପ୍ରଥମ ଦଳବଦଳ ଓ ପ୍ରଥମ ମିଳିତ ମନ୍ତ୍ରିମଣ୍ଡଳ | ୩୪ |
| ସ୍ୱାଧୀନତା ପୂର୍ବର ଦ୍ୱିତୀୟ ବିଧାନସଭା ଓ ମନ୍ତ୍ରିମଣ୍ଡଳ | ୪୩ |
| ଓଡ଼ିଶାର ଗଡ଼ଜାତ ରାଜ୍ୟ | ୫୩ |
| ଗଡ଼ଜାତ ମିଶ୍ରଣ ଓ ଷ୍ଟେଟ୍ ବିଧାନସଭା | ୬୭ |
| ହରେକୃଷ୍ଣ ଦିଲ୍ଲୀ ଗଲେ, ନବକୃଷ୍ଣ ମୁଖ୍ୟମନ୍ତ୍ରୀ ହେଲେ | ୭୫ |
| ରାଜ୍ୟପାଳ ଆସଫ୍ ଅଲ୍ଲି, ହାଇକୋର୍ଟ ପ୍ରତିଷ୍ଠା ଓ ପ୍ରଥମ ସ୍ୱାଧୀନତା ଦିବସ | ୮୨ |
| ଓଡ଼ିଶାରେ ପ୍ରଥମ ସାଧାରଣ ନିର୍ବାଚନ | ୮୯ |
| ନବକୃଷ୍ଣ ଚୌଧୁରୀଙ୍କ ଶାସନକାଳରେ ଓଡ଼ିଶା | ୯୯ |
| ନବକୃଷ୍ଣ ଚୌଧୁରୀଙ୍କ ଇସ୍ତଫା ଓ ଦ୍ୱିତୀୟ ସାଧାରଣ ନିର୍ବାଚନ | ୧୧୦ |
| ୧୯୫୭ର ଝୁଲା ବିଧାନସଭା ଓ ମିଳିତ ସରକାର | ୧୨୪ |
| ମିଳିତ ସରକାରର ପତନ ଓ ୧୯୬୧ ସାଧାରଣ ନିର୍ବାଚନ | ୧୩୨ |
| ଯୁବ ନେତୃତ୍ୱରେ ୧୯୬୧ ମସିହା କଂଗ୍ରେସ ମନ୍ତ୍ରିମଣ୍ଡଳ | ୧୪୪ |
| ମୁଖ୍ୟମନ୍ତ୍ରୀ ଆସନରେ ବୀରେନ୍ ମିତ୍ର | ୧୫୪ |

| | |
|---|---|
| ମୁଖ୍ୟମନ୍ତ୍ରୀ ଆସନରେ ସଦାଶିବ ତ୍ରିପାଠୀ | ୧୬୦ |
| ଚତୁର୍ଥ ସାଧାରଣ ନିର୍ବାଚନ ଓ<br>ସ୍ୱତନ୍ତ୍ର ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ | ୧୬୮ |
| ପଞ୍ଚମ ବିଧାନସଭା ଓ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ | ୧୮୦ |
| ମୁଖ୍ୟମନ୍ତ୍ରୀ ଆସନରେ ନନ୍ଦିନୀ ଦେବୀ ଓ<br>୧୯୭୪ର ମଧ୍ୟବର୍ତ୍ତୀ ନିର୍ବାଚନ | ୧୯୨ |
| ସପ୍ତମ ରାଜ୍ୟ ବିଧାନସଭା ନିର୍ବାଚନ ଓ<br>ମୁଖ୍ୟମନ୍ତ୍ରୀ ଆସନରେ ନୀଳମଣି ରାଉତରାୟ | ୨୦୭ |
| ଓଡ଼ିଶାରେ ସ୍ଥାୟୀ ସରକାର ଓ<br>ମୁଖ୍ୟମନ୍ତ୍ରୀ ଆସନରେ ଜାନକୀ ବଲ୍ଲଭ ପଟ୍ଟନାୟକ | ୨୨୨ |
| ନବମ ଓଡ଼ିଶା ବିଧାନସଭା :<br>ଜାନକୀବାବୁ ପୁନଶ୍ଚ ମୁଖ୍ୟମନ୍ତ୍ରୀ | ୨୩୮ |
| ଦଶମ ଓଡ଼ିଶା ବିଧାନସଭା :<br>୨୭ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଆସନରେ ବିଜୁବାବୁ | ୨୫୪ |
| ଏକାଦଶ ଓଡ଼ିଶା ବିଧାନସଭାଃ<br>ଜାନକୀବାବୁ ତୃତୀୟଥର ମୁଖ୍ୟମନ୍ତ୍ରୀ | ୨୬୯ |
| ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ବିଧାନସଭା :<br>ମୁଖ୍ୟମନ୍ତ୍ରୀ ଆସନରେ ନବୀନ ପଟ୍ଟନାୟକ | ୨୮୮ |
| ନବୀନଙ୍କ ଶାସନ କାଳରେ ଆଞ୍ଚଳିକ ରାଜନୈତିକ ଦଳ | ୩୩୩ |
| ପରିଶିଷ୍ଟ-କଃ ବ୍ରିଟିଶ-ଉତ୍କଳର କମିଶନରମାନେ | ୩୩୮ |
| ପରିଶିଷ୍ଟ-ଖଃ ଓଡ଼ିଶାର ରାଜ୍ୟପାଳଗଣ | ୩୩୯ |
| ପରିଶିଷ୍ଟ-ଗଃ ଓଡ଼ିଶାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଗଣ | ୩୪୨ |
| ପରିଶିଷ୍ଟ-ଘଃ ଓଡ଼ିଶାର ବାଚସ୍ପତିଗଣ | ୩୪୩ |
| ପରିଶିଷ୍ଟ-ଙଃ ଓଡ଼ିଶାର ଉପବାଚସ୍ପତିଗଣ | ୩୪୪ |


+++

## ପ୍ରଥମ ପରିଚ୍ଛେଦ

# ୧୯୩୬ର ରାଜନୈତିକ ପୃଷ୍ଠଭୂମି

ଆମ ରାଜ୍ୟ ଓଡ଼ିଶା ଏକ ପ୍ରାଚୀନ ରାଜ୍ୟ । ପୂର୍ବେ ଏହାର ନାମ ଥିଲା, 'କଳିଙ୍ଗ' ଓ 'ଉତ୍କଳ' । ଏହାର ଶ୍ରେଷ୍ଠତା ଶାସ୍ତ୍ର-ପୁରାଣମାନଙ୍କରେ ଲିପିବଦ୍ଧ । କପିଳ ସଂହିତାରେ ଲେଖାଯାଇଛି :

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ଶ୍ରୁତଃ,
ଉତ୍କଳସ୍ୟ ସମୋ ଦେଶୋ ଦେଶୋ ନାସ୍ତି ମହୀତଳେ ॥

ଏହି ଶ୍ଳୋକର ଅର୍ଥ ସହଜରେ ବୁଝିହେଉଛି । ବର୍ତ୍ତମାନ ଆମ ରାଜ୍ୟର ନାମ ଓଡ଼ିଶା । ସେହିପରି କବିବର ରାଧାନାଥ ରାୟ ଉତ୍କଳ ସଂପର୍କରେ ଲେଖିଯାଇଛନ୍ତି-

ଭାରତ ପଙ୍କଜ ଦଳମିଦ ମୁତ୍କଳ ମଣ୍ଡଳମିତି ବିଦିତଂ ଯତ୍ ।
ତସ୍ୟ କୃତେ ବୟମତ୍ର ସମେତା ବହିତ୍ରୋତ୍କଳ-ସଂସଦ ।

ମହାଭାରତ ଯୁଦ୍ଧ ପୂର୍ବରୁ ଗୋଦାବରୀ ନଦୀଠାରୁ ଦାମୋଦର ନଦୀ ଓ ମହୋଦଧି ପୁରୀଠାରୁ ପଶ୍ଚିମର ରାଏଗଡ଼ ମଧ୍ୟରେ ଅନେକ କ୍ଷୁଦ୍ର ରାଜ୍ୟ ମୁଣ୍ଡ ଟେକିଥିଲା । ଦକ୍ଷିଣର ଉପକୂଳ ଅଞ୍ଚଳକୁ ଦକ୍ଷିଣ କଳିଙ୍ଗ; ଉତ୍ତର ଉପକୂଳ ଅଞ୍ଚଳ ଯଥା; ସିଂହଭୂମ, ମୟୂରଭଞ୍ଜ, ମେଦିନପୁର ଓ କଟକକୁ ଉତ୍ତରକଳିଙ୍ଗ, ମଧ୍ୟ ଅଞ୍ଚଳକୁ ମଧ୍ୟ କଳିଙ୍ଗ ବୋଲି କୁହାଯାଉଥିଲା । ସୋନପୁର ଓ ସମ୍ବଲପୁରକୁ କୋଶଳ ରାଜ୍ୟ; କଳାହାଣ୍ଡି, ଜୟପୁର, ବସ୍ତରକୁ ନେଇ ମୂଷିକ ରାଜ୍ୟ ଗଢ଼ି ଉଠିଥିଲା । କ୍ରମେ ଉତ୍ତର କଳିଙ୍ଗ ଉତ୍କଳିଙ୍ଗ ନାମରେ ପରିଚିତ ହୋଇ ଧୀରେ ଧୀରେ ଉତ୍କଳ ହେଲା । x x x ପ୍ରତାପ ରୁଦ୍ରଙ୍କ ରାଜତ୍ୱକାଳ (୧୪୯୫-୧୫୩୨)ରେ ଏହିସବୁ ଅଞ୍ଚଳ ମିଶି ଉତ୍କଳ ସାମ୍ରାଜ୍ୟ ଗଠିତ ହେଲା । ଏହାର ଶାସକ ହେଲେ ଗଜପତି ରାଜାମାନେ । ଏହା ପରେ ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ କାଳରେ ଉତ୍କଳ ଶାସିତ ହୋଇ ଖଣ୍ଡ ବିଖଣ୍ଡିତ ହେଲା ।

ଓଡ଼ିଶାରେ ପଠାଣ ଓ ମୋଗଲ ରାଜତ୍ୱ କାଳ ହେଲା ୧୫୬୮-୧୭୫୧ ଖ୍ରୀଷ୍ଟାବ୍ଦ । ଏହି ସମୟରେ ଉତ୍କଳ ବଙ୍ଗଳାର ନବାବ ଓ ମୋଗଲ ଶାସନାଧୀନ ଥାଇ ବହୁ ଅତ୍ୟାଚାର ଭୋଗ କରୁଥିଲା । ବିଦ୍ରୋହ ଓ ଯୁଦ୍ଧ ଆଦିରେ ଲିପ୍ତ ହୋଇ ଉତ୍କଳରାଜ୍ୟ ଅନ୍ତଃସାରଶୂନ୍ୟ ହୋଇଗଲା । ୧୫୬୯ ମସିହାରେ ଉତ୍କଳର ରାଜା ମୁକୁନ୍ଦ ଦେବଙ୍କ ମୃତ୍ୟୁ ଘଟିଲା । ଉତ୍କଳ ରାଜସିଂହାସନ ଶୂନ୍ୟ ପଡ଼ିଲା । ଏହାର ସୁବିଧା ଉଠାଇଲେ ମୁକୁନ୍ଦଦେବଙ୍କ ପ୍ରଧାନମନ୍ତ୍ରୀ ଭୋଇ ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର ରମାଇ ରାଉତରା । ସେ ରାମଚନ୍ଦ୍ର ଦେବ ନାମ ଧାରଣ କଲେ । ଆଉ ନିଜକୁ ରାଜବଂଶର ଉତ୍ତରାଧିକାରୀ ଘୋଷଣା କରି ଉତ୍କଳ ସିଂହାସନ ଆରୋହଣ କଲେ । ୧୫୮୦ ମସିହାର କଥା । ସେତେବେଳେ ଦିଲ୍ଲୀ ସମ୍ରାଟ ଥାଆନ୍ତି ଆକବର । ତୋଡର ମଲ୍ଲ ଆକବରଙ୍କ ସେନାପତି । ସେ ପଠାଣମାନଙ୍କ ବିରୁଦ୍ଧରେ ଉତ୍କଳ ଜୟ କରିବା ନିମନ୍ତେ ଆସିଲେ । ରାମଚନ୍ଦ୍ର ଦେବଙ୍କୁ ସେ ରାଜା ବୋଲି ସ୍ୱୀକାର କଲେ । ସ୍ୱୀକାର କରିବା ସହ ରାମଚନ୍ଦ୍ର ଦେବଙ୍କୁ ସମଗ୍ର ଖୋରଧା, ରାହାଙ୍ଗ, ଚବିଶକୁଦ, ସିରାଇ ଓ ଲେମ୍ବାଇ ପ୍ରଗନାମାନ ନିସ୍କର ଭାବରେ ଛାଡିଦେଲେ । ଏସମସ୍ତ ଅଞ୍ଚଳର ଆୟତନ ଥିଲା ୧୫୪୭ ବର୍ଗମାଇଲ । ଏସବୁ ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳ ଗୁଡ଼ିକ ମୋଗଲମାନଙ୍କ ଶାସନ ଅଧୀନରେ ରହିଲା ।

ତୋଡ଼ରମଲ୍ଲଙ୍କ ଦ୍ୱାରା ୧୫୮୨ ଖ୍ରୀଷ୍ଟାବ୍ଦରେ ଉତ୍କଳରେ ବନ୍ଦୋବସ୍ତ ବା ଜରିବ କାର୍ଯ୍ୟ ସମ୍ପନ୍ନ ହେଲା । ପଠାଣମାନେ ପୁନର୍ବାର ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରିବାରୁ ଦିଲ୍ଲୀ ଆକବରଙ୍କ ଦରବାରର ରାଜା ମାନସିଂହ ୧୫୯୦ ମସିହାରେ ଓଡ଼ିଶା ଆକ୍ରମଣକରି ବିଦ୍ରୋହ ଦମନ କରିବା ସହ ଆହୁରି ୧୨୯ କିଲ୍ଲା ରାମଚନ୍ଦ୍ର ଦେବଙ୍କୁ ପ୍ରଦାନ କଲେ । ଏହା ଛଡ଼ା ୩୦ଟି ଗଡ଼ଜାତ ମଧ୍ୟ ତାଙ୍କ ଅଧୀନରେ ରହିଲା । ମୋଗଲ ଦରବାରରେ ତାଙ୍କୁ ଉଚ୍ଚ ସମ୍ମାନ ପ୍ରଦାନ କରାଗଲା । ସେ 'ମାନ୍‌ସୁବେଦାରୀ' ଉପାଧିରେ ଭୂଷିତ ହୋଇ ମୋଗଲ ସାମ୍ରାଜ୍ୟର କରଦରାଜ୍ୟ ଭାବରେ ରହିଲେ । ମୋଗଲ ରାଜତ୍ୱ କାଳରେ ଓଡ଼ିଆଭାଷା ସାହିତ୍ୟର ଶ୍ରୀବୃଦ୍ଧି ଘଟିଥିଲା । ଏ ଯୁଗର ଓଡ଼ିଆ କବିମାନେ ହେଲେ ଦୀନକୃଷ୍ଣ, ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ଓ ବିଶ୍ୱନାଥ ଖୁଣ୍ଟିଆ ଆଦି କବି ଓ ପଣ୍ଡିତଗଣ । ଉତ୍କଳର ଶାସନ ଦାୟିତ୍ୱରେ ଯେଉଁ ମୋଗଲ ସୁବେଦାରମାନେ ଥିଲେ, ସେମାନେ ହେଲେः

ହକିମ ଖାଁ- ୧୬୦୭-୧୧
କଲ୍ୟାଣ ସିଂହ (ତୋଡ଼ରମଲ୍ଲଙ୍କ ପୁତ୍ର) - ୧୬୧୧-୧୭
ମକରମ ଖାଁ - ୧୬୧୭-୨୩
ମିର୍ଜା ଅହମ୍ମଦ ବେଗ୍ ଖାଁ - ୧୬୨୩-୨୪
ବାଖର ଖାଁ - ୧୬୨୮-୩୨
ମତାକଦ ଖାଁ - ୧୬୩୨-୪୧
ଶାକଓ୍ୱାଜ ଖାଁ - ୧୬୪୧-୪୨
ମହମ୍ମଦ ଜମନତିହାରାନି ଖାଁ - ୧୬୪୨-୪୫

ମତାକଦ୍ ଖାଁ - ୧୬୪୫-୪୮
ଟରନିୟତ ଖାଁ - ୧୬୪୮-୫୬
ଇତ୍‌ସାମ୍ ଖାଁ - ୧୬୫୯-୬୦
ଖାନି ଦୁରାନିଖାଁ - ୧୬୬୦-୬୭
ଟରନିୟତ ଖାଁ - ୧୬୬୭-୬୯
ସାଫି ଖାଁ - ୧୬୬୯-୭୬
ନୁରୁଲ ଖାଁ - ୧୬୭୬-୭୮
ତମ୍‌ଗର୍ ଖାଁ - ୧୬୭୮-୮୪
ମୁର୍ଶିଦକୁଲି ଖାଁ - ୧୭୦୫-୨୫
ମହମ୍ମଦ ତକିଖାଁ - ୧୭୨୫-୩୪
ମୁର୍ଶିଦ କୁଲିଖାଁ - ୧୭୩୪-୪୧

ମୁର୍ଶିଦକୁଲି ଖାଁଙ୍କର ଜାମାତା ସୁଜାଉଦ୍ଦିନ ମହମ୍ମଦ ୧୭୦୬ ମସିହାରେ ଉତ୍କଳର ନାଏବ ସୁବେଦାର ଭାବରେ ନିଯୁକ୍ତି ପାଇଲେ । ସେ କଟକରେ କଦମରସୁଲ ନିର୍ମାଣ କଲେ । ମରିବା ପରେ ସେଠାରେ ତାଙ୍କୁ କବର ଦିଆଗଲା । ସେ ଓଡ଼ିଶାରେ ସତ୍ୟ ନାରାୟଣ ପାଲା ପ୍ରଚଳନ କରିଥିବାର ଜଣାଯାଏ । ଏହାଙ୍କ ସମୟରେ ମେଦିନୀପୁର ଜିଲ୍ଲା ଉତ୍କଳରୁ ଅଲଗା ହୋଇ ବଙ୍ଗ ଦେଶରେ ମିଶିଲା । ମୋଗଲ ଶାସନ ସମୟରେ ଉତ୍କଳକୁ ଭୋଇ ବଂଶର ରାଜାମାନେ ଶାସନ କରୁଥିଲେ । ସେମାନେ ହେଲେ, ରାମଚନ୍ଦ୍ର ଦେବ (୧୫୬୮-୧୬୦୦), ରାମଚନ୍ଦ୍ର ଦେବ ପୁରୀ ନିକଟରେ ଷୋଳଶାସନ ବସାଇଥିଲେ । ପୁରୁଷୋତ୍ତମ ଦେବ (୧୬୦୦-୧୬୨୨) । ପୁରୁଷୋତ୍ତମ ଦେବଙ୍କ ସମୟରେ ମୋଗଲ ସୁବେଦାରମାନେ ବହୁ ଅତ୍ୟାଚାର କରୁଥିଲେ । ପୁରୀ ମନ୍ଦିର ଲୁଣ୍ଠନ ବି କରିଥିଲେ । ନରସିଂହ ଦେବ (୧୬୨୨-୧୬୪୬), ଗଙ୍ଗାଧର ଓ ବଳଭଦ୍ର ଦେବ (୧୬୪୬-୧୬୫୫), ମୁକୁନ୍ଦଦେବ (୧୬୫୫-୧୬୯୩), ଦିବ୍ୟସିଂହ ଦେବ (୧୬୯୩-୧୭୨୦), ହରେକୃଷ୍ଣ ଦେବ (୧୭୨୦-୧୭୨୫), ଗୋପୀନାଥ ଦେବ (୧୭୨୫-୧୭୩୨) ରାମଚନ୍ଦ୍ର ଦେବ (୨ୟ) (୧୭୩୨-୧୭୪୩) । ଏହି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ମୋଗଲ ସୁବେଦାର ଭୁବନେଶ୍ୱର ଆକ୍ରମଣ କରିବା ସହ ପୁରୀ ଲୁଣ୍ଠନ କରିଥିଲେ । ୨ୟ ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରି କଟକରେ ରଖି ମୁସଲମାନ ଧର୍ମରେ ଦୀକ୍ଷିତ କରାଇ ମୁର୍ଶିଦ କୁଲିଖାଁଙ୍କ କନ୍ୟାକୁ ବିବାହ ଦେଲେ । ରାମଚନ୍ଦ୍ର ଦେବଙ୍କର ନାମ ପରିବର୍ତ୍ତନ ହେଲା । ସେ ହାଫିଜ କାଦର ବେଗ୍ ନାମରେ ପରିଚିତ ହେଲେ । ଫଳରେ ସେ ଶ୍ରୀ ମନ୍ଦିରରେ ପ୍ରବେଶ ସୁବିଧାରୁ ବଞ୍ଚିତ ହେଲେ । ତାଙ୍କ ଦର୍ଶନାର୍ଥେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାରରେ ସ୍ଥାପିତ ହେଲେ ପତିତପାବନ ମୂର୍ତ୍ତି ।

**ଓଡ଼ିଶାରେ ମରହଟ୍ଟା ଶାସନ :** ଓଡ଼ିଶାରେ ମରହଟ୍ଟା ଶାସନର ସମୟ ହେଲା ୧୭୫୧-୧୮୦୩ । ମରହଟ୍ଟାମାନେ ଉତ୍କଳର ରାଜସ୍ୱ ଅଧିକାର ଲାଭ କଲେ ୧୭୫୧ ମସିହାରେ ଓ

୧୭୫୭ରେ ଓଡ଼ିଶାର ଶାସନଭାର ଗ୍ରହଣ କଲେ । ମରହଟ୍ଟା ମାନଙ୍କର ଶାସନ ମୁଖ୍ୟକୁ ସୁବେଦାର ବୋଲି କୁହାଯାଉଥିଲା । ଓଡ଼ିଶାର ପ୍ରଥମ ସୁବେଦାର ଥିଲେ ଶିଓଭଟ୍ଟ ସାମନ୍ତରାଓ । ସେ ୧୭୫୭ ୧୭୬୫ ଯାଏ ଓଡ଼ିଶା ଶାସନ ଦାୟିତ୍ୱ ବହନ କରିଥିଲେ । ଏହି ସମୟରେ ସେ ୧୭୬୨ ମସିହାରେ ଓଡ଼ିଶାରେ ବନ୍ଦୋବସ୍ତ କାର୍ଯ୍ୟକରି ନୂତନ କର ଧାର୍ଯ୍ୟ କଲେ । ଏହାଙ୍କ ପରେ ବିମନାସାହୁ ଓ ଉଦୟ ପୁରୀ ସୁବେଦାର ହୋଇଥିଲେ । ଏମାନଙ୍କ ପରେ ଭବାନୀ ପଣ୍ଡିତ ଓଡ଼ିଶାର ସୁବେଦାର ହୋଇଆସିଲେ । ସେ ଆସିଲା ବେଳେ ସାଙ୍ଗରେ ଆଣିଥିଲେ ଅନେକ ସୈନ୍ୟ ସାମନ୍ତ । ଏହି ସୈନ୍ୟ ସାମନ୍ତମାନେ ଉତ୍କଳରେ ନାନା ଅତ୍ୟାଚାର କରିଥିଲେ । ତାହା ଲୋକମାନେ ଭୁଲିପାରି ନାହାନ୍ତି । ଏହାକୁ କୁହାଯାଏ ବର୍ଗୀ ଅତ୍ୟାଚାର । ଭବାନୀ ପଣ୍ଡିତ ଉତ୍କଳର ସୁବେଦାର ଥିଲେ ୧୭୬୮ ମସିହାଯାଏ । ତାଙ୍କ ପରର ମରହଟ୍ଟା ସୁବେଦାର ମାନେ ହେଲେ :

ଶମ୍ଭୁଜୀ ଗଣେଶ- ୧୭୬୮-୭୧
ବାବାଜୀ ନାୟକ - ୧୭୭୧-୭୩
ମାଧୋଜୀ ହରି - ୧୭୭୩-୭୫
ବାବାଜୀ ନାୟକ - ୧୭୭୫-
ମାଧୋଜୀ ହରି - ୧୭୭୫-୭୮
ରାଜାରାମ ପଣ୍ଡିତ,
ସଦାଶିବ ରାଓ, ୧୭୮୨-୧୮୦୩ ।
ଲକ୍ଷ୍ମୀଜୀ ଶୁକଦେବ
ବାଲାଜୀ କୁଞ୍ଜୀ-

ମରହଟ୍ଟା ଅମଳରେ କବି ଅଭିମନ୍ୟୁ ସାମନ୍ତସିଂହାର, ଭୀମାଧୀବର ଓ ଅଚ୍ୟୁତାନନ୍ଦ ଦାସ ଆଦି ପ୍ରସିଦ୍ଧ କବିମାନେ ଓଡ଼ିଆ ଭାଷା ସାହିତ୍ୟର ବିଶେଷ ଉନ୍ନତି ଘଟାଇଥିଲେ । ମରହଟ୍ଟା ସୁବେଦାର ରାଜାରାମଙ୍କ ହାତରୁ ଇଂରେଜମାନେ ୧୮୦୩ ମସିହା ଅକ୍ଟୋବର ୪ ତାରିଖରେ ଓଡ଼ିଶା ଶାସନ ଭାର ଗ୍ରହଣ କଲେ ।

## ଓଡ଼ିଶାରେ ଇଂରେଜ ଶାସନ :

ମରହଟ୍ଟାମାନଙ୍କ ହାତରୁ ଇଂରେଜମାନେ ଓଡ଼ିଶା ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ସଙ୍ଗେ ସଙ୍ଗେ ବୌଦ୍ଧ, ଦଶପଲ୍ଲା, ସୋନପୁର ଓ ଅନୁଗୋଳର ରାଜାମାନେ ଇଂରେଜମାନଙ୍କର ବଶ୍ୟତା ସ୍ୱୀକାର କଲେ । ଉତ୍କଳ ଅଧିକାର କରି ଇଂରେଜମାନେ ଜଣେ କମିଶନର ନିଯୁକ୍ତ କଲେ । ଉତ୍କଳର ଶାସନ ସୁବିଧା ପାଇଁ ଏହାକୁ ଦୁଇଟି ଜିଲ୍ଲାରେ ପରିଣତ କଲେ । ଦୁଇଜଣ ଜଜ୍-ମାଜିଷ୍ଟ୍ରେଟଙ୍କ ହାତରେ ଏହି ଜିଲ୍ଲା ଦୁଇଟିର ଶାସନ ଦାୟିତ୍ୱ ଅର୍ପଣ କରାଗଲା । ୧୮୦୫ରେ ଆଉ ଗୋଟିଏ ଜିଲ୍ଲା ସୃଷ୍ଟି ହେଲା । ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟ ଏହି ଜିଲ୍ଲାଗୁଡ଼ିକ ଅଧୀନରେ

ରହିଲା । ତିନୋଟି ଯାକ ଜିଲ୍ଲା ହେଲା କଟକ, ପୁରୀ ଓ ବାଲେଶ୍ୱର । ୧୮୪୦ରେ ଇଂରେଜମାନଙ୍କ ବିରୁଦ୍ଧରେ ବାଙ୍କି ରାଜା ବିଦ୍ରୋହ କଲେ । ୧୮୪୭ରେ ଅନୁଗୁଳ ରାଜା ବିଦ୍ରୋହ କଲେ । ଫଳରେ ଏଇ ଦୁଇରାଜ୍ୟକୁ ଇଂରେଜମାନେ ଖାସ କରି ସେମାନଙ୍କ ଶାସନ ପରିସରକୁ ଆଣିଲେ । ୧୮୪୯ରେ ସମ୍ବଲପୁର ରାଜା ନିଃସନ୍ତାନ ହୋଇ ପ୍ରାଣ ତ୍ୟାଗ କରିବାରୁ ସମ୍ବଲପୁର ଖାସ୍ ହେଲା । ୧୮୬୦ରେ ସମ୍ବଲପୁର ଓଡ଼ିଶା ସହିତ ମିଶିଲା । ୧୯୦୫ ମସିହାରେ ଅନ୍ୟ କେତୋଟି ଗଡ଼ଜାତର ମଧ୍ୟ ଓଡ଼ିଶା ସହ ମିଶ୍ରଣ ଘଟିଲା । ୧୮୫୪ ମସିହାଠାରୁ ୧୯୩୬ ମସିହା ଯାଏ ଇଂରେଜ ଶାସନର ଓଡ଼ିଶା କମିଶନରମାନଙ୍କ ନାମ ତାଲିକା ପରିଶିଷ୍ଟ 'କ'ରେ ଦିଆଯାଇଛି ।

## ଉତ୍କଳର ଅଙ୍ଗଚ୍ଛେଦ :

ଅନଙ୍ଗଭୀମ ଦେବ ତାଙ୍କ ଶାସନକାଳ (୧୧୯୦-୧୨୦୨)ରେ ଉତ୍କଳକୁ ଜରିବ କରାଇଥିଲେ । ସେତେବେଳେ ଉତ୍କଳର ସୀମାଥିଲା ହୁଗୁଳୀ ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ । ମୁସଲମାନ ଶାସନ କାଳରେ ୧୫୯୦ ଖ୍ରୀଷ୍ଟାବ୍ଦରେ ଉତ୍କଳର ପ୍ରଥମ ଅଙ୍ଗଚ୍ଛେଦ ହେଲା । ଆକବରଙ୍କ ମନ୍ତ୍ରୀମାନେ ହୁଗୁଳୀ ଏବଂ ଉତ୍କଳର ୧୦ଟି ମାହାଲ ଉତ୍କଳରୁ ନେଇଯାଇ ବଙ୍ଗଦେଶରେ ମିଶାଇ ଦେଲେ । ଉତ୍କଳର ପଶ୍ଚିମରେ ଥିବା ବିଶିନପୁର ଠାରୁ କଳାହାଣ୍ଡି, ଜୟପୁର, ବସ୍ତରକୁ ନେଇ ଏକ ଅଲଗା ତଉଜି ଗଠନ କଲେ । ରାଜମହେନ୍ଦ୍ରୀ, ଟିକାଲି, ରଘୁନାଥପୁର ଠାରୁ ଦକ୍ଷିଣ କଳିଙ୍ଗରାଜ୍ୟ, ଗୋଲକୁଣ୍ଡାର ମୁସଲମାନ ନବାବମାନେ ଉତ୍କଳରୁ ଅଲଗା କରିଦେଲେ । ୧୭୨୬ ଖ୍ରୀଷ୍ଟାବ୍ଦର କଥା । ହାଇଦ୍ରାବାଦ ନିଜାମଙ୍କ କର୍ମଚାରୀମାନେ ଗଞ୍ଜାମର କ୍ଷମତାଶାଳୀ ଜମିଦାରଙ୍କ ସହ ଷଡ଼ଯନ୍ତ୍ର କରି ଚିଲିକା ଠାରୁ ସମଗ୍ର ଦକ୍ଷିଣ ଉତ୍କଳକୁ କାଢ଼ି ନେଲେ । ଏହାପରେ ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁ ପଟାସପୁର ପ୍ରଗଣା ବ୍ୟତୀତ ସମଗ୍ର ଜଳେଶ୍ୱର ତଉଜିକୁ ଅର୍ଥାତ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ମୁର୍ଶୀଦାବାଦ ସହ ମିଶାଇଦେଲେ । ଉତ୍କଳର ସୀମା ଖୁବ୍ ଛୋଟ ହୋଇଗଲା । ଉତ୍ତରରେ ପଟାସପୁର ଓ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ, ଦକ୍ଷିଣରେ ଚିଲିକା ପର୍ଯ୍ୟନ୍ତ, ପୂର୍ବରେ ସମୁଦ୍ର ଓ ପଶ୍ଚିମରେ ବଡ଼ମୂଳ ଘାଟି ପର୍ଯ୍ୟନ୍ତ ଉତ୍କଳର ସୀମା ରହିଲା ।

୧୭୫୧ ମସିହାରେ ଆଲିବର୍ଦ୍ଦିଖାଁଙ୍କ ସହ ମରହଟ୍ଟା ମାନଙ୍କର ସନ୍ଧିହେଲା । ସନ୍ଧି ପରେ ଏହି ସୀମା ବିଶିଷ୍ଟ ଉତ୍କଳ ପ୍ରଦେଶକୁ ମୋଗଲମାନେ ମରହଟ୍ଟାମାନଙ୍କୁ ହସ୍ତାନ୍ତର କଲେ । ସେହି ସନ୍ଧି ବଳରେ ସୁବର୍ଣ୍ଣରେଖା ନଦୀ ଉତ୍କଳ ଓ ବଙ୍ଗଦେଶର ସୀମା ଭାବରେ ସ୍ଥିରୀକୃତ ହେଲା । ଏହିପରି ଉତ୍କଳର ଅଙ୍ଗଚ୍ଛେଦ ହୋଇଛି ।

ଇଂରେଜ ଶାସନ କାଳରେ ଦକ୍ଷିଣ ମେଦିନୀପୁର ଉତ୍କଳରେ ଥିଲା । ୧୯୦୫ରେ ଲର୍ଡ କର୍ଜନଙ୍କ ଶାସନ କାଳରେ କଳାହାଣ୍ଡି, ପାଟଣା, ସୋନପୁର, ରେଢ଼ାଖୋଲ, ଗାଙ୍ଗପୁର, ବାମଣ୍ଡା ଓ ବଣେଇ ଆଦି ଗଡଜାତ ରାଜ୍ୟ ମଧ୍ୟପ୍ରଦେଶ ଓ ଛୋଟନାଗପୁରରୁ ଆସି ଓଡ଼ିଶାରେ ମିଶିଲା ।

## ବିଚ୍ଛିନ୍ନ ଓଡ଼ିଶାର ଏକତ୍ରୀକରଣ ପ୍ରୟାସ :

୧୮୮୧ ମସିହାରେ ମଧୁବାବୁ କଲିକତାରୁ କଟକ ଫେରି ଆସିଲେ । ପତ୍ନୀ ବିୟୋଗଜନିତ ଦୁଃଖରେ ସେ ଥା'ନ୍ତି ଉଦାସୀନ । କଟକ ସହରର ଡଗରପଡ଼ା ଅନ୍ତର୍ଗତ ବିହାରୀବାଗଠାରେ ସେ ଅବସ୍ଥାନ କଲେ । ଏଇଠି ରହି ସେ ଆରମ୍ଭ କଲେ ଓକିଲାତି ବ୍ୟବସାୟ । ଏହି ସମୟରେ ମଧୁବାବୁଙ୍କ ପାଖରେ ଆସି ପହଞ୍ଚିଲେ ସିଂହଭୂମ, ସମ୍ବଲପୁର ଓ ଅନ୍ୟାନ୍ୟ ବିଚ୍ଛିନ୍ନାଞ୍ଚଳର ଅନେକ ମେଧାବୀ ତଥା ଦେଶ ପ୍ରେମୀ ଛାତ୍ର। ଏମାନଙ୍କୁ ନେଇ ମଧୁବାବୁ ଗଠନ କଲେ 'ଓଡ଼ିଶା ୟଙ୍ଗ୍‌ମେନସ୍ ଆସୋସିଏସନ୍' । ଓଡ଼ିଆରେ ଏହି ଅନୁଷ୍ଠାନର ନାମ ହେଲା 'ଓଡ଼ିଶା ଯୁବକ ସଂଘ' । ଏହି ଅନୁଷ୍ଠାନ ତରଫରୁ ଗଠନ କରାଗଲା ଏକ ପାଠାଗାର । ଦେଶ-ବିଦେଶର ପତ୍ର-ପତ୍ରିକା ଏଠାକୁ ଆସିଲା । ସଭ୍ୟମାନେ ଏ ସବୁକୁ ପଠନ କରିବା ନିମନ୍ତେ ମଧୁବାବୁ ଜୋର୍ ଦେଲେ । ଯାହା ଫଳରେ କି ସଭ୍ୟମାନେ ଦେଶ ବିଦେଶ ସଂପର୍କରେ ସମ୍ୟକ୍ ଧାରଣା ପାଇବା ପାଇଁ ସକ୍ଷମ ହେଲେ । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଘଟିଲା । ମନରୁ ସଂକୀର୍ଣ୍ଣତା ଦୂର ହେଲା ।

## ଓଡ଼ିଶା ଆସୋସିଏସନ୍ ବା ଉତ୍କଳ ସଭା :

ଧୀରେଧୀରେ ଏହି ଅନୁଷ୍ଠାନ ସହ ବିଚିତ୍ରାନନ୍ଦ ଦାସ, ଭୁବନାନନ୍ଦ ଦାସ, ଲକ୍ଷ୍ମୀଧର ମହାନ୍ତି, ଅଭିରାମ ଭଞ୍ଜ ଓ ପାରେଶ୍ୱର ମହାନ୍ତି ଆଦି ବିଶିଷ୍ଟ ବ୍ୟକ୍ତି ଜଡ଼ିତ ହୋଇ ସଭ୍ୟ ପଦ ଗ୍ରହଣ କଲେ । ଏହା ପରେ ୧୮୮୨ ମସିହା ଅଗଷ୍ଟ ଷୋହଳ ତାରିଖରେ ମଧୁବାବୁଙ୍କ ଆବାହନକ୍ରମେ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀ କୋଠାରେ ଓଡ଼ିଶାର ପ୍ରଥମ ବିଧିବଦ୍ଧ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ସଂପାଦକ ଗୌରୀଶଙ୍କର ରାୟଙ୍କ ସାହାଯ୍ୟ ସହଯୋଗକ୍ରମେ ଓଡ଼ିଶାର ପ୍ରଥମ ରାଜନୈତିକ ମଞ୍ଚ 'ଉତ୍କଳ ସଭା' ବା 'ଓଡ଼ିଆ ଆସୋସିଏସନ୍' ପ୍ରତିଷ୍ଠା ହେଲା । ଓଡ଼ିଆମାନଙ୍କର ସର୍ବବିଧ ହିତକର କାର୍ଯ୍ୟକରିବା ହେଲା ଏହି ସଭାର ଉଦ୍ଦେଶ୍ୟ । ବାବୁ ବିହାରୀଲାଲ୍ ପଣ୍ଡିତଙ୍କ ପ୍ରସ୍ତାବମତେ ଓ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଉତ୍କଳ ସଭାର ସଭାପତି ଭାବରେ ଚୌଧୁରୀ କାଶୀନାଥ ଦାସ, ସହକାରୀ ସଭାପତି ଭାବରେ ନନ୍ଦକିଶୋର ଦାସ ଓ ହାଜୀ ଅବ୍‌ଦୁଲ୍ ରହମାନ୍ ଏବଂ ସଂପାଦକ ଭାବରେ ଗୌରୀଶଙ୍କର ରାୟ ମନୋନୀତ ହେଲେ । ମଧୁସୂଦନଙ୍କ ବ୍ୟତୀତ ଉତ୍କଳସଭା କ'ଣ ସମ୍ଭବ ? ଏଣୁ ମଧୁସୂଦନଙ୍କୁ ସହକାରୀ ସଭାପତି ବା ସଂପାଦକ ରୂପେ ରଖିବାପାଇଁ ଗୌରୀଶଙ୍କର ରାୟ ଏକ ସଂଶୋଧନ ପ୍ରସ୍ତାବ ଆଗତ କରିବାପାଇଁ ଉଠୁଥିବା ବେଳେ ମଧୁସୂଦନ ବାରଣ କଲେ । କହିଲେ, 'ଆରମ୍ଭରୁ ଅନୁଷ୍ଠାନର କର୍ମକର୍ତ୍ତା ହୋଇ ରହିଲେ ଅନେକେ ନାନାକଥା ଉଠାଇ ପାରନ୍ତି । ଅକାରଣରେ ଅନୁଷ୍ଠାନର ବିରୋଧକରି ବସିବେ । ଫଳରେ ଉତ୍କଳ ସଭାର ଲାଭ ପରିବର୍ତ୍ତେ ବହୁତ କ୍ଷତି ହେବାର ଆଶଙ୍କା ଅଛି । ଏଣୁ ନେପଥ୍ୟରେ ରହିବା ସବୁଠାରୁ ଭଲ । ଗଛର ଚେର ସମସ୍ତଙ୍କ ଅଜାଣତରେ ସବୁବେଳେ ଥାଏ ମାଟିତଳେ ।'

ମଧୁସୂଦନ ଦାସ ଏହି ସଭାରେ କେବଳ ଧନ୍ୟବାଦ ପ୍ରଦାନ କରିଥିଲେ ।

୧୮୮୫ ମସିହାର କଥା । ଏହି ବର୍ଷ ନଭେମ୍ବର ୧୮ ତାରିଖ ଦିନ ସେସମୟର ବଙ୍ଗପ୍ରଦେଶ (ବିହାର, ଓଡ଼ିଶା, ବଙ୍ଗ ଓ ଆସାମ)ର ଛୋଟଲାଟ୍ (ଲେଫଟ୍‌ନାଣ୍ଟ ଗଭର୍ଣ୍ଣର) ସାର ରିଚାର୍ଡସ ଟମସନ୍ ପରିଦର୍ଶନରେ ଆସିଥିଲେ କଟକ ସହରକୁ । ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ନିମନ୍ତେ ଏକ ସ୍ମାରକପତ୍ର ଲାଟସାହେବଙ୍କୁ ଉତ୍କଳ ସଭା ପକ୍ଷରୁ ପ୍ରଦାନ କରାଯାଇଥିଲା । ଏଥିରେ ମଧୁବାବୁ ମୁଖ୍ୟ ଅଂଶ ଗ୍ରହଣକରି ଲାଟ୍‌ଙ୍କ ଦରବାରରେ ସ୍ମାରକପତ୍ରଟିକୁ ପାଠ କରିଥିଲେ । ୧୮୮୮ ମସିହା ନଭେମ୍ବର ୨୪ ତାରିଖରେ ବଙ୍ଗଳାର ଲାଟ୍‌ସାହେବ ଷ୍ଟୁଆର୍ଟ ବେଲି (Bailey)କଟକ ପରିଦର୍ଶନରେ ଆସିଥିବା କାଳରେ ତାଙ୍କ ଦରବାର ସଭାରେ ଉତ୍କଳସଭା ତରଫରୁ ଦେଶ ମିଶ୍ରଣ ଦାବିର ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

୧୮୯୫ରେ ସମ୍ବଲପୁର ଜିଲ୍ଲାର କୋର୍ଟ କଚେରିରୁ ଓଡ଼ିଆ ଭାଷାକୁ ଉଠାଇ ହିନ୍ଦୀ ଭାଷା ପ୍ରଚଳନ ନିମନ୍ତେ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଜନ୍ ଉଡ଼ବର୍ଣ୍ଣ ଦେଇଥିବା ପ୍ରସ୍ତାବ ବିରୁଦ୍ଧରେ ଓଡ଼ିଆମାନେ ସଭା ସମିତି କଲେ । ପତ୍ରପତ୍ରିକାରେ ଏହି ପ୍ରସ୍ତାବର ବିରୋଧ କରାଗଲା । ଜୁନ୍ ୨୦ ତାରିଖରେ କଟକଠାରେ ଉତ୍କଳସଭା ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେଲା । ସର୍ବସମ୍ମତି କ୍ରମେ ବଡ଼ଲାଟ ଏଲ୍‌ଗିନ୍‌ଙ୍କ ପାଖକୁ ପଠାଗଲା ଏକ ସ୍ମାରକପତ୍ର । ଏହି ସ୍ମାରକପତ୍ରରେ ପ୍ରସ୍ତାବ ଉଲ୍ଲେଖି ହେଲା, ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶାଇ ଦେବାପାଇଁ । ଏହି ପ୍ରସଙ୍ଗରେ ମଧୁବାବୁ ଓଡ଼ିଶା କମିଶନର କୁକ୍ ସାହେବଙ୍କୁ ଭେଟି ସମସ୍ତ ଉପାନ୍ତ ଓଡ଼ିଆ ଅଞ୍ଚଳକୁ ଓଡ଼ିଶା ସହିତ ମିଶାଇ ଦେବାପାଇଁ ଅନୁରୋଧ କଲେ । କୁକ୍ ସାହେବ ଏହି ପ୍ରସ୍ତାବକୁ ସମର୍ଥନ କରି ଏକ ପ୍ରସ୍ତାବ ବଙ୍ଗ ସରକାରଙ୍କୁ ପଠାଇଦେଲେ ।

୧୮୯୭ରେ ମଧୁବାବୁ ପ୍ରଥମଥର ପାଇଁ ବିଲାତ ଯାଇ ଭାରତ ସଚିବ ଲର୍ଡ଼ ଜର୍ଜ ହାମିଲ୍‌ଟନ୍‌ଙ୍କୁ ଭେଟି ଓଡ଼ିଶା ଦେଶ ମିଶ୍ରଣର ଏକ ପ୍ରସ୍ତାବ ଛପା ପୁସ୍ତିକା ଆକାରରେ ପ୍ରଦାନ କଲେ । ୧୯୦୦ରେ ସିମ୍‌ଲାଠାରେ ମଧୁବାବୁ ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ଭେଟି ଓଡ଼ିଶାର ସମସ୍ୟା ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପ୍ରସ୍ତାବ ଦେଲେ । ସେହିବର୍ଷ ଡିସେମ୍ବର ୧୬ ତାରିଖରେ ବଡ଼ଲାଟ କର୍ଜନ ଓଡ଼ିଶା ଆସିଲେ କେବଳ ମଧୁବାବୁଙ୍କ ସହ ସାକ୍ଷାତ ଆଲୋଚନା ପାଇଁ । ସେ ମଧୁବାବୁଙ୍କ ବାକ୍‌ଚାତୁରୀ ଓ ବ୍ୟବହାରରେ ହୋଇଯାଇଥିଲେ ଅତ୍ୟନ୍ତ ମୁଗ୍ଧ ।

## ଉତ୍କଳ ସମ୍ମିଳନୀର ଜନ୍ମ :


୧୯୦୧ ମସିହାର କଥା । ସେହିବର୍ଷ ସେପ୍ଟେମ୍ବର ମାସରେ ସପ୍ତମ ଏଡ଼ୱାର୍ଡ଼ଙ୍କ ଅଭିଷେକ ଉତ୍ସବ ଦିଲ୍ଲୀଠାରେ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଥାଏ । ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ଭାରତବର୍ଷର ବିଭିନ୍ନ ରାଜା ଓ ଜମିଦାରମାନଙ୍କୁ ନିମନ୍ତ୍ରଣ କରାଯାଇ ଥାଏ । ଖଲ୍ଲିକୋଟର ରାଜା ସାହେବ ହରିହର ମର୍ଦ୍ଦରାଜ ଦେଓ ଓ ଅନ୍ୟମାନଙ୍କ ପରି ଏହି ସମ୍ମିଳନୀରେ ଯୋଗଦେବା ନିମନ୍ତେ ନିମନ୍ତ୍ରଣ ପାଇଲେ । ଦିଲ୍ଲୀ ଯିବାପାଇଁ ରାଜାସାହେବ ତାଙ୍କ ଶୁଭେଚ୍ଛୁମାନଙ୍କ ସହ ପରାମର୍ଶ

ଓ ମନ୍ତ୍ରଣାରେ ଲାଗି ପଡ଼ିଲେ । ତାଙ୍କର ଏହି ଶୁଭେଚ୍ଛୁମାନଙ୍କ ଭିତରେ ଥିଲେ ଗଞ୍ଜାମର ଅନ୍ୟତମ ଶିକ୍ଷିତ ତଥା ସରକାରୀ କର୍ମଚାରୀ ନରସିଂହ ଦାସ । ରାଜା ନରସିଂହବାବୁଙ୍କୁ ଖୁବ୍ ଭଲ ପାଉଥିଲେ । ଅନେକ କଥାରେ ରାଜା ତାଙ୍କର ପରାମର୍ଶ ଲୋଡ଼ନ୍ତି । ଦିଲ୍ଲୀ ଯିବାର ସମସ୍ତ ଆୟୋଜନ ହେଲା । ଏଥିପାଇଁ ୩୦,୦୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ମଧ୍ୟ ଅଟକଳ ହେଲା । ଏତେଗୁଡ଼ିଏ ଟଙ୍କା ରାଜକୋଷରୁ ବ୍ୟୟ ହୋଇଯିବ ! ଏକଥା ନରସିଂହ ଦାସଙ୍କ ମନକୁ ପାଇଲା ନାହିଁ । କିନ୍ତୁ ସେ ରାଜାଙ୍କୁ ମୁହଁଖୋଲି କିଛି କହି ପାରିଲେ ନାହିଁ । କାଳେ ରାଜା ତାଙ୍କୁ ଖରାପ ଭାବିବେ । ତଥାପି ନରସିଂହ ଦାସେ ଓରଉଣ୍ଡି ନାନା ଭାବରେ ରାଜାଙ୍କ ସହ ଆଳାପ ଆଲୋଚନା ଓ ଯୁକ୍ତିତର୍କ କରି ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମରୁ ରାଜାଙ୍କୁ ବିରତ କରି ଦେଲେ । ସେ ରାଜାଙ୍କୁ ବିନୟ ସହକାରେ ବୁଝାଇ ସୁଝାଇ କହିଲେ- "ତିରିଶ ହଜାର ଟଙ୍କା ଖର୍ଚ୍ଚ ହେବ; ଅଥଚ ଆପଣ ଯେଉଁ ଜମିଦାରକୁ ସେଇ ଜମିଦାର ହୋଇ ରହିବେ । ବରଂ ବିଭିନ୍ନ ପ୍ରଦେଶରେ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରିବାରେ ଏହି ଟଙ୍କାକୁ ବ୍ୟୟକଲେ ଓଡ଼ିଆ ଜାତିର ଲୁପ୍ତ ଗୌରବ ଉଦ୍ଧାର ହେବା ସଙ୍ଗେ ସଙ୍ଗେ ରାଜା ହରିହର ମର୍ଦ୍ଦରାଜ ଦେଓ ଙ୍କ ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।"

ନରସିଂହ ଦାସଙ୍କ ଏହି ଯଥାର୍ଥ ଯୁକ୍ତି ରଜା ହରିହର ମର୍ଦ୍ଦରାଜ ଦେଓଙ୍କ ମନକୁ ବେଶ୍ ସ୍ପର୍ଶ କଲା । ତାଙ୍କ ମନରେ ଦେଖାଦେଲା ଘୋର ପରିବର୍ତ୍ତନ । ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ର କରିବାପାଇଁ ସେ ମନପ୍ରାଣ ଢାଳିଦେଲେ । ଦିଲ୍ଲୀ ଗସ୍ତକୁ ବାତିଲ୍ କରିଦେଲେ । ଦୈବଯୋଗକୁ ଏହି ସମୟରେ ବାମଣ୍ଡା ରାଜା ବାସୁଦେବ ସୁଢ଼ଳ ଦେବଙ୍କ ସହ ମନୋମାଳିନ୍ୟ ଘଟାଇ ଖଲିକୋଟଠାରେ ଆସି ପହଞ୍ଚିଥିଲେ ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ ଓ ସଂପାଦକ ନୀଳମଣି ବିଦ୍ୟାରତ୍ନ । ୧୯୦୨ ମସିହା ଏପ୍ରିଲ୍ ମାସରେ ରମ୍ଭା ରାଜପ୍ରାସାଦଠାରେ ଗଞ୍ଜାମ ସମ୍ମିଳନୀ ନାମରେ ଏକ ବିରାଟ ସଭାର ଆୟୋଜନ କରାଗଲା । ଉତ୍କଳର ବିଭିନ୍ନ ସ୍ଥାନର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଏହିସଭାରେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଗଲା । ସେହି ସମୟରେ ମଧୁସୂଦନ ଥିଲେ କଲିକତାରେ । ଏହି ସମ୍ମିଳନୀରେ ଆସି ଯୋଗଦାନ କରିବା



**ହରିହର ମର୍ଦ୍ଦରାଜ ଦେଓ**



ମଧୁସୂଦନ ଦାସ

ନିମନ୍ତେ ତାଙ୍କୁ ଟେଲିଗ୍ରାମ କରାଗଲା । ମଧୁବାବୁ ଆସିଲେ । ଏହି ସମ୍ମିଳନୀ ଆୟୋଜନ କରିଥିବାରୁ ସେ ପ୍ରଥମେ ରାଜା ହରିହର ମର୍ଦ୍ଦରାଜ ଓ ନୀଳମଣି ବିଦ୍ୟାରତ୍ନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କଲେ ।

ଏହି ସମ୍ମିଳନୀରେ ଉତ୍କଳର ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଶଶିଭୂଷଣ ରାୟ, ଗୋପାଳ ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ଓ ପୁରୀର ମୁକ୍ତାର ରାମଚନ୍ଦ୍ର ଦାସ ଆଦି ଅନ୍ୟତମ । ଗୋପବନ୍ଧୁ ଦାସ ଜଣେ ତରୁଣ ଛାତ୍ର ଥିବାରୁ ସେ ଜଣେ ସ୍ୱେଚ୍ଛାସେବୀ ଭାବରେ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ । ଗଞ୍ଜାମର ସର୍ବପ୍ରଥମ ବି.ଏ. ଡିଗ୍ରୀଧାରୀ ଶ୍ୟାମସୁନ୍ଦର ରାଜଗୁରୁ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ପୂର୍ବରୁ ମଧୁବାବୁ କଟକଠାରେ ଗଠନ କରିଥିବା 'ଓଡ଼ିଆ ଆସୋସିଏସନ୍' ବା ଉତ୍କଳ ସଭାକୁ ଏହି ଅନୁଷ୍ଠାନ ସହ ମିଶାଇ ଦେଇ ନୂତନ ଅନୁଷ୍ଠାନର ନାମ ରଖିଲେ, 'ଉତ୍କଳ ସମ୍ମିଳନୀ' । ଉତ୍କଳ ସମ୍ମିଳନୀର ପ୍ରଥମ ସଂପାଦକ ହେଲେ ବ୍ରହ୍ମପୁରର ଓକିଲ ପର୍ଶୁରାମ ପାତ୍ର । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କଟକଠାରେ ଅନୁଷ୍ଠିତ ହେବାପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏହିପରି ଭାବରେ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଉଦ୍ୟମରେ ରମ୍ଭା ରାଜପ୍ରାସାଦଠାରେ ଉତ୍କଳ ସମ୍ମିଳନୀର ବୀଜବପନ ହୋଇଥିଲା ।

ରାଜା ହରିହର ମର୍ଦ୍ଦରାଜଙ୍କ ଅର୍ଥ ସାହାଯ୍ୟରେ ୧୯୦୨ ମସିହା ଜୁନ୍ ମାସରେ 'ପ୍ରଜାବନ୍ଧୁ' ନାମରେ ଏକ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପ୍ରକାଶ ପାଇଲା । 'ପ୍ରଜାବନ୍ଧୁ' ହେଲା ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ଆନ୍ଦୋଳନରେ ମୁଖପତ୍ର । ଏହି ପତ୍ରିକା ପ୍ରକାଶ ପାଇଁ ରାଜା ହରିହର ରମ୍ଭାଠାରେ ପ୍ରତିଷ୍ଠା କଲେ ଏକ ସ୍ୱତନ୍ତ୍ର ପ୍ରେସ୍ ।

## ଉତ୍କଳ ସମ୍ମିଳନୀର ଭିତ୍ତି ପ୍ରଦାନ :

କଟକ ସହରର ଲାଲବାଗ୍ କୋଠି ପରିସରରେ ସମ୍ରାଟ ସପ୍ତମ ଏଡୱାର୍ଡ଼ଙ୍କର ଅଭିଷେକ ଉତ୍ସବ ୧୯୦୩ ଜାନୁଆରି ୨ ତାରିଖରେ ମହା ସମାରୋହରେ ପାଳିତ ହେଲା । ଏହି ଉପଲକ୍ଷେ ଆୟୋଜିତ ହେଲା ଦରବାର । ଏହି ଉତ୍ସବରେ ଓଡ଼ିଶାର ରାଜା ମହାରାଜା, ଜମିଦାରୀ ଇଲାକାର ଜମିଦାର ଓ ଓଡ଼ିଶାର ଅନେକ ବିଶିଷ୍ଟ ଭଦ୍ରବ୍ୟକ୍ତି ନିମନ୍ତ୍ରିତ ହୋଇ

ଯୋଗଦାନ କଲେ । କଟକରେ ଏମାନଙ୍କ ଉପସ୍ଥିତିର ସୁଯୋଗ ନେବାପାଇଁ ମଧୁସୂଦନ ଦାସ, ଗୌରୀଶଙ୍କର ରାୟ, ଶ୍ରୀକରଣ ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ ପ୍ରମୁଖ ନେତାମାନେ ଉଦ୍ୟମ କଲେ । ଫଳରେ ତା ୬-୧-୧୯୦୩ ତାରିଖରେ ମଧୁସୂଦନ ଦାସଙ୍କ କୋଠିରେ ଏହି ସମସ୍ତ ବ୍ୟକ୍ତିମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହେଲା । ଉପସ୍ଥିତ ରାଜା, ଜମିଦାର ଓ ଭଦ୍ରମଣ୍ଡଳୀଙ୍କୁ ଆହ୍ୱାନ ଜଣାଇ ମଧୁସୂଦନ ଦାସ ଦେଶ ମିଶ୍ରଣ ନିମନ୍ତେ ଏକତାର ଅଭାବ ସଂପର୍କରେ ଏକ ବକ୍ତୃତା ପ୍ରଦାନ କଲେ । ମନ ଧ୍ୟାନ ଦେଇ ଜନ୍ମଭୂମିର ସେବା କରିବା ନିମନ୍ତେ ଅନୁରୋଧ କଲେ । ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ ପ୍ରସ୍ତାବ ଦେଲେ କି, ଓଡ଼ିଶାର ଏହି ମହାନଗରୀରେ ଏପରି ଏକ ସମ୍ମିଳନୀ ଆୟୋଜନର ଦିବସ ଧାର୍ଯ୍ୟ କରାଯାଉ । ସମସ୍ତେ ଏହି ପ୍ରସ୍ତାବରେ ସମ୍ମତ ହେଲେ । ସମସ୍ତଙ୍କର ମୁଖ ସ୍ୱରୂପ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଦେଓ ଏହି ସମ୍ମିଳନୀର ଭାର ମଧୁସୂଦନ ଦାସଙ୍କ ଉପରେ ନ୍ୟସ୍ତ କରିବା ନିମନ୍ତେ ପ୍ରସ୍ତାବ ଦେଲେ । ଏହି ପ୍ରସ୍ତାବ ବିପୁଳ କରତାଳି ଧ୍ୱନିରେ ଆନନ୍ଦ ଉଲ୍ଲାସର ସହ ଅନୁମୋଦନ ଲାଭ କଲା । ଏଇଠି ପଡ଼ିଲା ଉତ୍କଳ ସମ୍ମିଳନୀର ଭିତ୍ତି ଯେଉଁ ଅନୁଷ୍ଠାନ କି ଜନ୍ମ ନେଇଥିଲା ରମ୍ଭା ରାଜ ପ୍ରାସାଦରେ ।

ସେହି ବର୍ଷ ମାର୍ଚ୍ଚ ମାସ ୭ ତାରିଖରେ ବଙ୍ଗ ପ୍ରଦେଶର ଛୋଟଲାଟ୍ ଜେମ୍ସ ବୋର୍ଡ଼ିଲନ୍ କଟକସହର ପରିଦର୍ଶନରେ ଆସିଲେ । ତାଙ୍କୁ ଭେଟିବାପାଇଁ ଓଡ଼ିଶାର ବହୁରାଜା ମହାରାଜା ଓ ଜମିଦାର ଆସିଲେ । ସେମାନଙ୍କ ଭିତରେ ଥିଲେ ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ବାଲେଶ୍ୱର ରାଜା ବୈକୁଣ୍ଠ ନାଥ ଦେଓ, ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓ ଏମାନଙ୍କୁ ମଧୁସୂଦନ ଦାସ ନିଜ କୋଠିକୁ ନିମନ୍ତ୍ରଣ କରି ଦେଶ ମିଶ୍ରଣ ସଂପର୍କରେ ଏକ ଉତ୍ତେଜନା ପୂର୍ଣ୍ଣ ଭାଷଣ ପ୍ରଦାନ କଲେ । ଫଳରେ ରାଜା ଜମିଦାରମାନେ ଦେଶ ମିଶ୍ରଣ ନିମନ୍ତେ ବିଶେଷ ଉତ୍ସାହିତ ହୋଇପଡ଼ିଲେ । ହରିହର ମର୍ଦ୍ଦରାଜ ଗଞ୍ଜାମରେ ଏକଜାତୀୟ ସମ୍ମିଳନୀ ଅନୁଷ୍ଠିତ କରିବାପାଇଁ ପ୍ରସ୍ତୁତ ବୋଲି ଏଠାରେ ପ୍ରକାଶ କଲେ ।

ଏପ୍ରିଲ୍ ୧୧ ଓ ୧୨ ତାରିଖରେ ଗଞ୍ଜାମ ଜାତୀୟ ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲା । ଗଞ୍ଜାମର ବହୁ ଓଡ଼ିଆ ଜମିଦାର, ଧନଶାଳୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି ଏହି ସମ୍ମିଳନୀରେ ଯୋଗଦାନ କଲେ । କଟକରୁ ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, କୃଷ୍ଣପ୍ରସାଦ ମହାପାତ୍ର, ନନ୍ଦ କିଶୋର ବଳ, ପୁରୀରୁ ରାମଚନ୍ଦ୍ର ଦାସ, ଗୋପବନ୍ଧୁ ଦାସ, ପଣ୍ଡିତ ବାସୁଦେବ କାବ୍ୟତୀର୍ଥ, ରଘୁନାଥ ରାଓ, ବକ୍ସି ଲୋକନାଥ ବିଦ୍ୟାଧର ମହାପାତ୍ର ଓ ବାଲେଶ୍ୱରରୁ ଫକୀର ମୋହନ ସେନାପତି ଯୋଗ ଦେଇଥିବାରୁ ସ୍ଥାନୀୟ ଗଞ୍ଜାମବାସୀ ଉତ୍ସାହିତ ହୋଇପଡ଼ିଲେ । ଏହି ସମ୍ମିଳନୀରେ ପାରଳାଖେମୁଣ୍ଡି ନିବାସୀ ବିଶିଷ୍ଟ ସାହିତ୍ୟିକ ତଥା ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍ ଶ୍ୟାମସୁନ୍ଦର ରାଜଗୁରୁ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀରେ ଗଞ୍ଜାମ ତଥା ଓଡ଼ିଶା ଓ ଓଡ଼ିଆ ଭାଷାର ବିକାଶ ନିମନ୍ତେ ପ୍ରସ୍ତାବମାନ ଗୃହୀତ ହେଲା । ଏହି ସମ୍ମିଳନୀ ହେଲା 'ଉତ୍କଳ ସମ୍ମିଳନୀ'ର ଅଗ୍ରଦୂତ ।

## ଉତ୍କଳ ସମ୍ମିଳନୀ :

୧୯୦୩ ମସିହା ଡିସେମ୍ବର ମାସରେ ଉତ୍କଳ ସମ୍ମିଳନୀର ଜନ୍ମ । ଏହାର ପ୍ରଥମ ଅଧିବେଶନ ଡିସେମ୍ବର ୩୦-୩୧ରେ ଅନୁଷ୍ଠିତ ହେଲା କଟକର ଇଦ୍‌ଗା ପଡ଼ିଆରେ । ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଏହି ଅଧିବେଶନରେ ଅଧ୍ୟକ୍ଷତା କଲେ । ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆମାନଙ୍କର ସ୍ୱାର୍ଥରକ୍ଷା ହେଲା ଉତ୍କଳ ସମ୍ମିଳନୀର ମୂଳ ତଥା ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ 'ଉତ୍କଳ ସମ୍ମିଳନୀ'ର କାର୍ଯ୍ୟକ୍ରମ ଜୋରଦାର ହେଲା । ୧୯୦୩ ମସିହାରୁ ୧୯୩୪ ମସିହାଯାଏ ଉତ୍କଳ ସମ୍ମିଳନୀର ଅଧିବେଶନ ବିଭିନ୍ନ ସ୍ଥାନ ଯଥାଃ କଟକ, ବାଲେଶ୍ୱର, ପୁରୀ, ବ୍ରହ୍ମପୁର, ପାରଳାଖେମୁଣ୍ଡି, ସମ୍ବଲପୁର, ଚକ୍ରଧରପୁର, ଜଳନ୍ତର ଆଦି ସ୍ଥାନମାନରେ ଅନୁଷ୍ଠିତ ହେଲା । ଏହି ସମୟ ମଧ୍ୟରେ ୨୪ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ଗୁଡ଼ିକରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଧରାକୋଟ ରାଜା ମଦନ ମୋହନ ସିଂହଦେଓ, ତାଳଚେର ରାଜା କିଶୋର ଚନ୍ଦ୍ର ଦେବ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ସୁରଙ୍ଗୀରାଜା ଚନ୍ଦ୍ର ଚୂଡ଼ାମଣି ହରିଚନ୍ଦନ ଜଗଦେବ, ଆଠଗଡ଼ ରାଜା ରାଧାନାଥ ବର୍ମା, ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ, ବାବୁ ମଧୁସୂଦନ ଦାସ, ଜୟପୁର ରାଜା ବିକ୍ରମଦେବ ବର୍ମା, ସିଂହଭୂମ ରାଜା ଲକ୍ଷ୍ମୀନାରାୟଣ ସିଂହଦେଓ, ମଞ୍ଜୁଷା ରାଜା ଶ୍ରୀନିବାସ ରାଜମଣି ରାଜଦେବ, ସାହିତ୍ୟିକ ଫକୀର ମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାସ, ଚନ୍ଦ୍ରଶେଖର ବେହେରା, ଜଗବନ୍ଧୁ ସିଂହ, ଭୁବନାନନ୍ଦ ଦାସ, ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି, ରାୟବାହାଦୁର ଲୋକନାଥ ମିଶ୍ର, ଦାମୋଦର ସାହୁ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ ଆଡ଼ଭୋକେଟ ମଧୁସୂଦନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଏହା ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ରଜ ସୁନ୍ଦର ଦାସ, ପଲ୍ଲୀକବି ନନ୍ଦକିଶୋର ବଳ, 'ଆଶା' ପତ୍ରିକାର ସମ୍ପାଦକ ଶଶିଭୂଷଣ ରଥ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ, ଭକ୍ତକବି ମଧୁସୂଦନ ରାଓ, ସେବକ ଲକ୍ଷ୍ମୀନାରାୟଣ ସାହୁ , ମଧୁସୂଦନ ଦାସ ଓ ପଣ୍ଡିତ ଗୋପବନ୍ଧୁ ଦାସ ଆଦି ନେତୃବର୍ଗଙ୍କ ସହାୟତାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନିମନ୍ତେ ଗଭୀର ଭାବରେ କାର୍ଯ୍ୟ କରିଥିଲେ । ବିଭିନ୍ନ କମିଟି ପାଖରେ ସାକ୍ଷଦେବା, ବିଭିନ୍ନ ସମୟରେ 'ଓଡେନଲ୍ କମିଟି'ଠାରୁ ଆରମ୍ଭ କରି ବିଭିନ୍ନ କମିଟି ଓ ସରକାରୀ ସ୍ତରରେ ସ୍ମାରକପତ୍ରମାନ ଏମାନେ ପ୍ରଦାନ କରୁଥିଲେ । ୧୯୧୨ ମସିହାରେ ଓଡ଼ିଶା 'ବଙ୍ଗ ବିହାର ଓଡ଼ିଶା' ପ୍ରଦେଶରୁ ଅଲଗା ହୋଇ 'ବିହାର ଓଡ଼ିଶା' ନାମରେ ଏକ ନୂତନ ପ୍ରଦେଶ ସୃଷ୍ଟି ହେଲା ।

## ଓଡ଼ୋନେଲ୍ କମିଟି :

୧ ୯୩୧ ମସିହା ଜାନୁଆରି ୧ ୬ ତାରିଖରେ ଲଣ୍ଡନଠାରେ ପ୍ରଥମ ଗୋଲ୍‌ଟେବୁଲ୍ ବୈଠକ ଅନୁଷ୍ଠିତ ହୋଇ ଭାରତର ଶାସନ ସଂସ୍କାର ସଂପର୍କରେ ଆଲୋଚନା କରିବାପାଇଁ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେଓ ଏଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କଲେ । କୁଳବୃଦ୍ଧ ସେତେବେଳେ କଠିନ ବ୍ୟାଧିରେ ପୀଡ଼ିତ ହୋଇ ଥାଆନ୍ତି ଶଯ୍ୟାଶାୟୀ । ପାରଳା ମହାରାଜାଙ୍କ ସ୍ମାରକପତ୍ରକୁ ବିଚାର କରି ଭାରତ ସରକାରଙ୍କ ତରଫରୁ 'ଓଡ଼ୋନେଲ୍ କମିଟି' ଗଠନ କରାଗଲା ୧ ୯୩୧ ମସିହା ସେପ୍ଟେମ୍ବର ୧୮ ତାରିଖରେ ପ୍ରସ୍ତାବିତ ଓଡ଼ିଶାର ସୀମାନିର୍ଦ୍ଧାରଣ ପାଇଁ । ସାର୍ ଏସ୍. ଓଡ୍‌ନେଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ରହିଲେ ଆଉ ଦୁଇଜଣ ସଦସ୍ୟ । ସେମାନେ ହେଲେ ବମ୍ବେର ଏଚ୍. ଏମ୍. ମେହେଟ୍ଟା ଓ ଆସାମର ତରୁଣରାମ ଫୁକନ । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓଡ଼ିଶା ପକ୍ଷରୁ , ସଚ୍ଚିଦାନନ୍ଦ ସିଂହ ବିହାର ପକ୍ଷରୁ ଓ ଆନ୍ଧ୍ର ପକ୍ଷରୁ ତେଲ୍‌ଗୁ ଭାଷାଭାଷୀଙ୍କ ସ୍ୱାର୍ଥରକ୍ଷାପାଇଁ ସି.ଭି.ଏସ୍ ନରସିଂହ ରାଜୁ ଏହି କମିଟିରେ ରହିଲେ ସହଯୋଗୀ ବା ଆସୋସିଏଟ୍ ମେମ୍ବର ଭାବରେ ନିଯୁକ୍ତି ପାଇ ।

ଓଡ଼ୋନେଲ୍ କମିଟି ଓଡ଼ିଶା ପ୍ରତି ସୁବିଚାର କଲେ ନାହିଁ । ବିହାରର ସିଂହଭୂମ ସଦର ଓ ମଧ୍ୟପ୍ରଦେଶର ବିଳାସପୁର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସମେତ ଦକ୍ଷିଣରେ ଥିବା ଜୟପୁର ଜମିଦାରୀ ଓ ପାରଳାଖେମୁଣ୍ଡି ଜମିଦାରୀକୁ ଓଡ଼ିଶାରୁ ବାଦ ଦେଲେ । କିନ୍ତୁ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଏହି ଅନ୍ୟାୟର ପୁନର୍ବିଚାର କରି ଜୟପୁର ଜମିଦାରୀ ସମେତ ପାରଳାଖେମୁଣ୍ଡି ଜମିଦାରୀର ଜଳନ୍ତର, ମାଳିଆ, ପାରଳାଖେମୁଣ୍ଡି ସହର ଓ ପାରଳାଖେମୁଣ୍ଡିର କିଛି ଅଂଶ ଓଡ଼ିଶାକୁ ପ୍ରଦାନ କଲେ । ଏହିପରି ଭାବରେ ଓଡ଼ିଶାର ସୀମାସରହଦ ସ୍ଥିର ହେବା ପରେ ୧ ୯୩୬ ମସିହା ଜାନୁଆରି ଏକ ତାରିଖରେ ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଅର୍ଡ଼ର (କନ୍‌ଷ୍ଟିଚ୍ୟୁସନ ଅଫ୍ ଓଡ଼ିଶା) ବିଲ୍ ଗୃହୀତ ହେଲା । ଏହି ନିର୍ଦ୍ଦେଶନାମା (ଅର୍ଡ଼ର) ବ୍ରିଟେନ୍ ଓ ଭାରତରେ ପ୍ରକାଶ ପାଇଲା । ୧ ୯୩୬ ଏପ୍ରିଲ୍ ପହିଲାରେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠିତ ହେଲା । ସେହିବର୍ଷ ଏପ୍ରିଲ୍ ପହିଲା ଦିନ ବ୍ରିଟିଶ୍ ସରକାର ସାଂପ୍ରଦାୟିକ ଭାରସାମ୍ୟ ରକ୍ଷା କରିବା ନୀତିରେ ମୁସଲମାନ ଜନସଂଖ୍ୟା ବହୁଳ ସିନ୍ଧୁପ୍ରଦେଶ ଗଠନ କଲେ । ସେହି ପ୍ରଦେଶଟି ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଭୁକ୍ତ ।

ନୂତନ ଓଡ଼ିଶା ପ୍ରଦେଶ ଓ ସିନ୍ଧୁପ୍ରଦେଶ ନିମନ୍ତେ ଦୁଇଜଣ ଗଭର୍ଣ୍ଣରଙ୍କ ନିଯୁକ୍ତିକୁ ଭାରତ ସମ୍ରାଟ ଅନୁମୋଦନ କଲେ । ସେମାନେ ହେଲେ ମିଷ୍ଟର ଜନ୍ ଅଷ୍ଟେନ୍ ହବାକ୍ ସି.ଏସ୍.ଆଇ. ଓଡ଼ିଶା ପାଇଁ ଓ ସାର୍ ଲାନ୍‌ସଲଟ୍ ଗ୍ରାହାମ୍, କେ.ଇ.ଆଇ.ଇ; ଆଇ.ସି.ଏସ୍ ସିନ୍ଧୁପ୍ରଦେଶ ନିମନ୍ତେ ।

୧ ୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ସମ୍ବଲପୁର, ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଓ କୋରାପୁଟ ନାମରେ ଛ'ଟି ଜିଲ୍ଲା ରହିଲା । ପୂର୍ବରୁ ଅନୁଗୁଳ ଓ କନ୍ଧମାଳମିଶି ଅନୁଗୁଳ ବୋଲି ଗୋଟିଏ ଜିଲ୍ଲା ଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାପରେ ଅନୁଗୁଳ ଜିଲ୍ଲାକୁ ଭାଙ୍ଗିଦେଇ ଅନୁଗୁଳ ଅଂଶକୁ କଟକ ଜିଲ୍ଲାର ଏକ ସବ୍ ଡିଭିଜନ ଭାବରେ ରଖାଗଲା । କନ୍ଧମାଳକୁ ଗଞ୍ଜାମ ଜିଲ୍ଲା ଅଧୀନକୁ ନିଆଗଲା ।

ଦୁଃଖର ବିଷୟ ଯେ, ଅନ୍ୟାନ୍ୟ ପ୍ରଦେଶରେ ରହିଗଲା କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ । ଯାହାକି ଓଡ଼ିଶା ସହିତ ମିଶିବାର କଥା । ସେଗୁଡ଼ିକ ହେଲା; ବିହାର ପ୍ରଦେଶର ମାନଭୂମ୍ ଜିଲ୍ଲାର ଦକ୍ଷିଣସ୍ଥ ଚାନ୍ଦିଲି, ବରାହଭୂମି, ମାନବଜାର ସହ ସମଗ୍ର ସିଂହଭୂମ ଜିଲ୍ଲା । ବଙ୍ଗପ୍ରଦେଶ ବାଙ୍କୁଡ଼ା ଜିଲ୍ଲାର ଦକ୍ଷିଣ ଶିମିଳିପାଳ, ଖାଡ଼ୋ, ରାୟପୁର; ମେଦିନୀପୁର ଜିଲ୍ଲାର ଦକ୍ଷିଣପଶ୍ଚିମରେ ଥିବା କଣ୍ଟାଇ, ଝାଡ଼ଗ୍ରାମ ସବ୍ ଡିଭିଜନ, ଦାନ୍ତୁନ, ନାରାୟଣଗଡ଼, କେଶିଆଡ଼ି, ଖଡ଼ଗପୁର ଓ ମୋହନପୁର ପୋଲିସ ଷ୍ଟେସନ, ସଦର ସବ୍ ଡିଭିଜନର ଦେବରା, ସବଙ୍ଗ, ପଙ୍ଗଳା ପୋଲିସ୍ ଷ୍ଟେସନ ଏବଂ ତମଲୁକ ସବ୍‌ଡିଭିଜନର ନନ୍ଦିଗ୍ରାମ ଓ ପାଞ୍ଚକୁଡ଼ା ପୋଲିସ୍ ଷ୍ଟେସନ । ମଧ୍ୟପ୍ରଦେଶର ରାୟପୁର ଜିଲ୍ଲାର ଫୁଲଝର, ବିନ୍ଦ୍ରା ନୂଆଗଡ଼, କେରେଡ଼ା, ଦେବଭୋଗ, ବିଳାସପୁର ଜିଲ୍ଲାର ଚନ୍ଦ୍ରପୁର, ମାଲଖୋର୍ଦ୍ଦା, ଜମିଦାରୀ ଓ ଯୋଜନୀ ଗ୍ରାମ, ବସ୍ତର, ଶାରଙ୍ଗଗଡ଼, ରାୟଗଡ଼ ଓ ଯାସପୁର ଗଡ଼ଜାତ ଇତ୍ୟାଦି । ମାନ୍ଦ୍ରାଜର ବିଶାଖାପାଟଣା ଜିଲ୍ଲାର ମଞ୍ଜୁଷା, ଟେକାଲି, ତରଳା, ବୁଡାରସିଂ, ଜଳନ୍ତର, ଇଚ୍ଛାପୁର, ସୋମପେଣ୍ଠ, ପାରଳା ଓ ଚିକ୍ତି ଜମିଦାରୀର ବିଛିନ୍ନ ଅଂଶ, ଉଦ୍ୟାନଖଣ୍ଡର ୬୦ଟି ଗ୍ରାମ, ହିଲମାଡ଼ଗୁଲ, ସୁଜନକୋଟ, ମୁଠା, ପାଡ଼େରୁ, ଆରକୁପାଲ୍ଲୀ ପୋଲିସ ଥାନା ଇତ୍ୟାଦି ।

## ଓଡ଼ିଆ ସଭ୍ୟମାନଙ୍କୁ ବିଦାୟ ସମ୍ବର୍ଦ୍ଧନା :

ବିହାର-ଓଡ଼ିଶା ପ୍ରଦେଶ ବ୍ୟବସ୍ଥାପକ ସଭାରେ ସେତେବେଳେ ଥିଲେ ଏଗାରଜଣ ଓଡ଼ିଆ ସଦସ୍ୟ । ସେମାନଙ୍କ ମଧ୍ୟରୁ ଦଶ ଜଣ ନିର୍ବାଚିତ ଓ ଜଣେ ମନୋନୀତ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅବ୍ୟବହିତ ପୂର୍ବରୁ ଓଡ଼ିଆ ସଦସ୍ୟମାନଙ୍କୁ ୧୯୩୬ ମସିହା ମାର୍ଚ୍ଚ ୨୮ ତାରିଖରେ ବିହାରର ପାଟଣାଠାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ଏହି ସଦସ୍ୟମାନେ ହେଲେ-


ଲକ୍ଷ୍ମୀଧର ମହାନ୍ତି

ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତି, ଶେଖ୍ ଅବ୍‌ଦୁଲ ସଲିଲ୍, ହରିହର ଦାସ, ନିକୁଞ୍ଜ କିଶୋର ଦାସ, ରାଧା ରଞ୍ଜନ ଦାସ, ଜଗନ୍ନାଥ ଦାସ, ଗୋଦାବରୀଶ ମିଶ୍ର, ରାୟବାହାଦୁର ଲୋକନାଥ ମିଶ୍ର, ବଜ୍ରମୋହନ ପଣ୍ଡା, ବୀରବର ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ର ଓ ରେଭରେଣ୍ଡ ବ୍ରଜାନନ୍ଦ ଦାସ ମନୋନୀତ ସଭ୍ୟ ।

ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଥିଲେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶ ବ୍ୟବସ୍ଥାପକ ସଭାର ଉପାଧ୍ୟକ୍ଷ ବିଦାୟକାଳୀନ ସଭାରେ ଅଧ୍ୟକ୍ଷ ଓଡ଼ିଆ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲେଃ

"They (Oriya members) have rendered very valuable services to the province as a whole. Our relation with them has been always cordial and intimate. I assure them on behalf of the honourable members of this council from Bihar that they have our good wishes in the future hapiness and prosperity of their new province."

ଅଧ୍ୟକ୍ଷଙ୍କ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଭାଷଣ ପରେ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଅଧ୍ୟକ୍ଷ ଓ ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

✦✦✦

## ଦ୍ୱିତୀୟ ପରିଚ୍ଛେଦ

# ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ଗଭର୍ଣ୍ଣର, ପ୍ରଥମ ବିଧାନସଭା ଓ ପ୍ରଥମ ମନ୍ତ୍ରିମଣ୍ଡଳ

୧୯୩୬ ମସିହା ଏପ୍ରିଲ ପହିଲା ତାରିଖରେ ବିହାରରୁ ଅଲଗା ହୋଇ ଓଡ଼ିଶା ସ୍ୱତନ୍ତ୍ର ହେଲା । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଛ'ଟି ଜିଲ୍ଲାର ଅଠରଟି ସବ୍‌ଡିଭିଜନ୍‌କୁ ନେଇ ଏହି ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । ନୂତନ ଓଡ଼ିଶାପ୍ରଦେଶ ସହ ଗଡ଼ଜାତ ମାନଙ୍କର କୌଣସି ସମ୍ପର୍କ ରହିଲା ନାହିଁ । ନୂତନ ଓଡ଼ିଶାର ଆୟତନ ଥିଲା ୩୨.୬୯୫ ବର୍ଗମାଇଲ ଓ ଜନସଂଖ୍ୟା ଥିଲା ୮୧,୭୪,୦୦୦ । ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ଉତ୍ସବ ପାଳନ କରାଗଲା କଟକ ନଗରର ରେଭେନ୍‌ସା କଲେଜ ହଲରେ ।

ସେହିଦିନ ପ୍ରଭାତରେ ନୂତନ ଓଡ଼ିଶା ପ୍ରଦେଶର ରାଜ୍ୟପାଳ ସାର୍ ଜନ ଅଷ୍ଟେନ୍ ହବାକ, କେ.ସି. ଆଇ.ଇ; ଆଇ.ସି.ଏସ୍ ତାଙ୍କ ସହଧର୍ମିଣୀଙ୍କ ସହ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ କଟକରେ ଆସି ପହଞ୍ଚିଲେ । ତତ୍‌କାଳୀନ ଭାରତୀୟ ସିପାହୀମାନେ ତାଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କଲେ । ସତରଟି ତୋପ ସଲାମୀ ଗ୍ରହଣ କରିବା ପରେ ଲାଟ୍‌ସାହେବ ରେଭେନ୍‌ସା କଲେଜ ଅଭିମୁଖେ ଯାତ୍ରା କଲେ । ପୂର୍ବରୁ ରେଭେନ୍‌ସା କଲେଜ ହଲରେ ଦରବାରର ଆୟୋଜନ ହୋଇଥିଲା । ଓଡ଼ିଶାର ବହୁ ଉଚ୍ଚବଂଶୀୟ ବ୍ୟକ୍ତି, ରାଜା-ଜମିଦାର, ବିଶିଷ୍ଟ କର୍ମଚାରୀ ଓ ସାଧାରଣ ଲୋକ ଏହି ଉତ୍ସବରେ ଉପସ୍ଥିତ ଥିଲେ । ସର୍ବପ୍ରଥମେ ଲାଟସାହେବ ରାଜଭକ୍ତି ଓ କାର୍ଯ୍ୟଭାର ଗ୍ରହଣସୂଚକ ଶପଥ ଗ୍ରହଣ କଲେ । ବିହାର-ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ସାର୍ କଟନି ଟେଲର ଓଡ଼ିଶାର ନୂତନ ଗଭର୍ଣ୍ଣର ଭାବେ ତାଙ୍କୁ ଶପଥ ପାଠ କରାଇଲେ ।

ମହାମହିମ ଭାରତସମ୍ରାଟ ସପ୍ତମ ଏଡ୍‌ୱାର୍ଡ ନୂତନ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ଓଡ଼ିଶାବାସୀଙ୍କ ପ୍ରତି ଏକ ଶୁଭେଚ୍ଛା ବାର୍ତ୍ତା ଓ ଅଭିନନ୍ଦନ ଭାରତର ବଡ଼ଲାଟ ଲର୍ଡ ଉଇଲିଂଡନ୍‌ଙ୍କ

ପାଖକୁ ପଠାଇଥିଲେ । ଏହି ବାର୍ତ୍ତାକୁ ନୂତନ ଗଭର୍ଣ୍ଣର ସାର ଜନ୍ ଅଷ୍ଟେନ୍ ହବାକ୍ ଏହି ଦରବାରରେ ପାଠ କରିଥିଲେ । ସେହି ବାର୍ତ୍ତା ଓ ଶୁଭେଚ୍ଛାର ସାରମର୍ମ ହେଲା, ''ମୋର ଶାସନ କାଳରେ ସର୍ବ ପ୍ରଥମ କାର୍ଯ୍ୟ ରୂପେ ଗତବର୍ଷ ଭାରତ ସରକାର ଆଇନ୍ (Govt. of India Act) ଅନୁଯାୟୀ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସୃଷ୍ଟି କରିବାର ଅନୁମତି ପ୍ରଦାନ କରି ମୁଁ ବିଶେଷ ଆନନ୍ଦିତ । ମୋର ବଡ଼ଲାଟ ଓ ଓଡ଼ିଶାର ପ୍ରଥମ ଲାଟଙ୍କ ଜରିଆରେ ମୁଁ ଓଡ଼ିଶା ପ୍ରଦେଶକୁ ଏହି ଅଭିନନ୍ଦନ ବାର୍ତ୍ତା ପଠାଉଛି । ଅନ୍ୟାନ୍ୟ ଶାସନ ସହିତ ଶତାବ୍ଦୀ ବ୍ୟାପୀ ପରାଧୀନତା ପରେ ପୁନଃ ମିଳିତ ହେବା ପାଇଁ ଓଡ଼ିଆ ଲୋକଙ୍କର ଯେଉଁ ଦୀର୍ଘ କାଳ ପୋଷିତ ଏକ ସ୍ୱାଭାବିକ ଅଭିଳାଷ ଥିଲା, ତାହା ଆଜି ପୂର୍ଣ୍ଣହେଲା । ଏହି ନୂତନ ପ୍ରଦେଶ ନିଜର ଅତୀତର ଉତ୍ସାହ ଉଦ୍ଦୀପନା ଆହରଣ କରି ପବିତ୍ର ଉତ୍କଳଭୂମିର ଐତିହାସିକ ଖ୍ୟାତିର ଉପଯୁକ୍ତ ଦାୟାଦ ବୋଲି ନିଜକୁ ପ୍ରମାଣିତ କରୁ । ଏହା ହିଁ ମୋର ଆଶା ଓ ଆକାଂକ୍ଷା । ମୁଁ ଓଡ଼ିଶାବାସୀ ସମସ୍ତ ପ୍ରଜାମାନଙ୍କର ସୁଖ ସମୃଦ୍ଧି ପାଇଁ ମୋର ଆନ୍ତରିକ କାମନା ଜଣାଉଛି ।'' ଏହାପରଠାରୁ ସ୍ୱତନ୍ତ୍ର ଓଡ଼ିଶା ଶାସନରେ ପ୍ରାଶାସନିକ ବ୍ୟବସ୍ଥା ଚାଲୁ ହେଲା ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପରେ ୧୯୩୭ ମସିହା ମାର୍ଚ୍ଚ ମାସ ଶେଷ ଯାଏ ଓଡ଼ିଶା ପ୍ରଦେଶର ଶାସନ ଦାୟିତ୍ୱ ରାଜ୍ୟପାଳଙ୍କ ହାତରେ ରହିଲା । ଶାସନ କ୍ଷେତ୍ରରେ ରାଜ୍ୟପାଳଙ୍କୁ ପରାମର୍ଶ ଦେବା ନିମନ୍ତେ ରାଜ୍ୟପାଳ ଏକ ପରାମର୍ଶଦାତା କମିଟି ଗଠନ କଲେ । ଏହି କମିଟିରେ ବିହାର-ଓଡ଼ିଶା ପ୍ରଦେଶ ବ୍ୟବସ୍ଥାପକ ସଭାରେ ଥିବା ଏଗାର ଜଣ ଓଡ଼ିଆ ସଭ୍ୟମାନଙ୍କ ସମେତ କୋଡ଼ିଏ ଜଣ ସଦସ୍ୟ ରହିଥିଲେ । ସେମାନେ ହେଲେଃ ବାବୁ ହରିହର ଦାସ, ବାବୁ ଗୋଦାବରୀଶ ମିଶ୍ର, ବାବୁ ରାଧାରଂଜନ ଦାସ, ବାବୁ ଜଗନ୍ନାଥ ଦାସ, ବାବୁ ବ୍ରଜମୋହନ ପଣ୍ଡା, ରେଭରେଣ୍ଡ ବ୍ରଜାନନ୍ଦ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ବାହାଦୁର, ଏ ଥିମ୍ମନାଥନ୍ ପାନ୍ତଲୁ ଗାରୁ, ଶ୍ରୀମାନ୍ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ, ଶ୍ରୀମାନ୍ ବି.ବି. ଗୋପୀନାଥ ବିଶୋୟୀ ମହାଶୟ, ବାବୁ ନିକୁଞ୍ଜ କିଶୋର ଦାସ, ରାୟ ସାହେବ ଏନ୍.ସି.ରାୟ, ରାୟବାହାଦୁର ଲୋକନାଥ


ହବାକ୍ ଦମ୍ପତି

ମିଶ୍ର, ପି.ଟି. ମ୍ୟାନ୍ସ ଫିଲ୍ଡ଼ (ମୁଖ୍ୟ ଶାସନ ସଚିବ), ଦେଓ୍ୱାନ୍ ବାହାଦୁର ସି. ଗୋବିନ୍ଦନ ନାୟାର୍, ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ମୌଲବୀ ମହମ୍ମଦ ଅବ୍ଦୁଲ୍ ଜଲିଲ୍, ବାବୁ ବୀରବର ନାରାୟଣ ଧୀର ନରେନ୍ଦ୍ର, ଆର୍ତ୍ତତ୍ରାଣ ଦେଓ ଓ ବଳଦେବ ନାରାୟଣ ସାମନ୍ତରାୟ ।



ଯଦୁମଣି ମଙ୍ଗରାଜ

ଏହି ପରାମର୍ଶଦାତା କମିଟିର ପ୍ରଥମ ବୈଠକ ପୁରୀ ମ୍ୟୁନିସ୍‌ପାଲ୍ କାଉନ୍‌ସିଲ୍ ହଲ୍‌ରେ ୧୯୩୬ ମସିହା ମଇମାସ ୮ ତାରିଖରେ ଅନୁଷ୍ଠିତ ହେଲା । ଏହି ବୈଠକରେ ମହାମହିମ ରାଜ୍ୟପାଳ ଅଧ୍ୟକ୍ଷତା କଲେ । ନୂତନ ପ୍ରଦେଶର ରାଜଧାନୀ ନିମନ୍ତେ ସ୍ଥାନ ନିରୂପଣ, ଦୈନନ୍ଦିନ ଅଫିସ୍ କାର୍ଯ୍ୟ ପରିଚାଳନା ନିମନ୍ତେ ଅସ୍ଥାୟୀ ବ୍ୟବସ୍ଥା, ପ୍ରଦେଶର ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା ସର୍ବୋପରି ପ୍ରାଦେଶିକ ବ୍ୟବସ୍ଥାପକ ସଭାର ନିର୍ବାଚନ ଓ ଶୀଘ୍ର ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହି ବୈଠକରେ ପ୍ରସ୍ତାବ ଗୃହୀତ ହେଲା । ସେହି ନିଷ୍ପତ୍ତି ଅନୁଯାୟୀ ବର୍ତ୍ତମାନ କଟକରେ ଥିବା ସିଟି ହସ୍ପିଟାଲ୍ କୋଠାରେ ସେକ୍ରେଟେରିଏଟ୍ କାର୍ଯ୍ୟ ଅନୁଷ୍ଠିତ ହେଲା । ତା'ପରେ କିଲା ପଡ଼ିଆଠାରେ ବାରାକ୍ ନିର୍ମାଣ କରାଯାଇ ଅସ୍ଥାୟୀ ଭାବରେ ଓଡ଼ିଶା ସେକ୍ରେଟାରିଏଟ୍ ସେଠାରେ କାର୍ଯ୍ୟ କଲା । ଏବେ ସେହି ବାରାକ୍‌ଗୁଡ଼ିକ ରହିଛି । ତାକୁ କୁହାଯାଉଛି 'ଓଲ୍ଡ଼-ସେକ୍ରେଟେରିଏଟ୍' । ଏଠାରେ ପ୍ରାୟ ୧୫ ବର୍ଷ ସେକ୍ରେଟେରିଏଟ୍ କାର୍ଯ୍ୟ କରି ଭୁବନେଶ୍ୱର ନୂତନ ସଚିବାଳୟ କୋଠାକୁ ଉଠି ଆସିଲା । ସେହି ବୈଠକର ନିଷ୍ପତ୍ତି ଅନୁସାରେ ୧୯୩୬ ମସିହା ନଭେମ୍ବର ମାସ ସୁଦ୍ଧା ସୀମିତ ସଂଖ୍ୟକ ସାବାଳକ ଭୋଟରମାନଙ୍କର ତାଲିକା ପ୍ରସ୍ତୁତ ହୋଇଗଲା ।

ନୂତନ ଓଡ଼ିଶାର ବିଧାନସଭାକୁ ଲୋକପ୍ରିୟ ପ୍ରତିନିଧି ପଠାଇବା ପାଇଁ ୧୯୩୭ ମସିହା ଜାନୁଆରି ୧୮ରୁ ୨୩ ତାରିଖ ଯାଏ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ବିଧାନସଭାରେ ମୋଟ ୬୦ ଜଣ ସଭ୍ୟ ରହିବାର ବ୍ୟବସ୍ଥା ରହିଲା । ୫୬ ଜଣ ନିର୍ବାଚିତ ଓ ୪ ଜଣ ମନୋନୀତ । ୫୬ଟି ଆସନରୁ ୪୧ଟି ସାଧାରଣ ବର୍ଗ, ୬ଟି ହରିଜନ, ୨ଟି ମହିଳା, ୨ଟି ଜମିଦାର, ୪ଟି ମୁସଲମାନ ଓ ଗୋଟିଏ ଖ୍ରୀଷ୍ଟିଆନ ସଂପ୍ରଦାୟ ପାଇଁ ଉଦ୍ଦିଷ୍ଟ ରହିଲା । ଅନୁଷ୍ଠିତ ନିର୍ବାଚନରେ ୫୬ଟି ଆସନରୁ କଂଗ୍ରେସ ଦଳ ୩୬ଟି ଆସନ ଲାଭ କରି ସଂଖ୍ୟାଗରିଷ୍ଠ ଦଳ ବିବେଚିତ ହେଲା ।

## ସ୍ୱାଧୀନତା ପୂର୍ବ ପ୍ରଥମ ବିଧାନ ସଭାର ସଭ୍ୟ (୧୯୩୭-୧୯୪୬)

| | | |
|---|---|---|
| ପଶ୍ଚିମ କଟକ ସଦର | ରାଜକୃଷ୍ଣ ବୋଷ | କଂଗ୍ରେସ |
| କେନ୍ଦ୍ରୀୟ କଟକ ସଦର | ବିଚିତ୍ରାନନ୍ଦ ଦାସ | କଂଗ୍ରେସ |
| ଉତ୍ତର କଟକ ସଦର | ଅଟଳ ବିହାରୀ ଆଚାର୍ଯ୍ୟ | କଂଗ୍ରେସ |
| ଉତ୍ତର କଟକ ସଦର | କିଣେଇ ସାମଲ (ଅନୁସୂଚିତ) | |
| ପୂର୍ବ କଟକ ସଦର | ନବକୃଷ୍ଣ ଚୌଧୁରୀ | କଂଗ୍ରେସ |
| ଦକ୍ଷିଣ କଟକ ସଦର | ନିତ୍ୟାନନ୍ଦ କାନୁନ୍‌ଗୋ | କଂଗ୍ରେସ |
| କେନ୍ଦ୍ରୀୟ କେନ୍ଦ୍ରାପଡ଼ା | ଯଦୁମଣି ମଙ୍ଗରାଜ | କଂଗ୍ରେସ |
| ଉତ୍ତର କେନ୍ଦ୍ରାପଡ଼ା | ଗୋବିନ୍ଦ ପ୍ରସାଦ ସିଂହ | |
| ଉତ୍ତର କେନ୍ଦ୍ରାପଡ଼ା | ବ୍ରଜନାଥ ମିଶ୍ର (ଉପ ନିର୍ବାଚନ) | କଂଗ୍ରେସ |
| ପୂର୍ବ କେନ୍ଦ୍ରାପଡ଼ା | ଲୋକନାଥ ମିଶ୍ର | କଂଗ୍ରେସ |
| ପୂର୍ବ ଯାଜପୁର | ବୀରକିଶୋର ବେହେରା | |
| ପୂର୍ବ ଯାଜପୁର (ଅନୁସୂଚିତ) | ଦ୍ୱାରକା ନାଥ ଦାସ | |
| ପଶ୍ଚିମ ଯାଜପୁର | ବୀରବର ନାରାୟଣଚନ୍ଦ୍ର ଧୀର ନରେନ୍ଦ୍ର | |
| ଉତ୍ତର ଯାଜପୁର | ସାଧୁଚରଣ ଦାସ | କଂଗ୍ରେସ |
| ଅନୁଗୋଳ | ଗିରିଜା ଭୂଷଣ ଦତ୍ତ | କଂଗ୍ରେସ |
| ଅନୁଗୋଳ | କୃପାସିନ୍ଧୁ ଭୁକ୍ତା (ଉପନିର୍ବାଚନ) | |
| ପୂର୍ବ ପୁରୀ ସଦର | ମୋହନ ଦାସ | କଂଗ୍ରେସ |
| ଦକ୍ଷିଣ ପୁରୀ ସଦର | ଜଗବନ୍ଧୁ ସିଂହ | କଂଗ୍ରେସ |
| ଉତ୍ତର ପୁରୀ ସଦର | ଜଗନ୍ନାଥ ମିଶ୍ର | କଂଗ୍ରେସ |
| ଉତ୍ତର ପୁରୀ ସଦର (ଅନୁସୂଚିତ) | ବିଶି ଗଣ୍ଡ | କଂଗ୍ରେସ |
| ପୂର୍ବ ଖୋର୍ଦ୍ଧା | ପ୍ରାଣନାଥ ପଟ୍ଟନାୟକ | କଂଗ୍ରେସ |
| ପଶ୍ଚିମ ଖୋର୍ଦ୍ଧା | ଗୋଦାବରୀଶ ମିଶ୍ର | କଂଗ୍ରେସ |
| କେନ୍ଦ୍ରୀୟ ବାଲେଶ୍ୱର | ମୁକୁନ୍ଦ ପ୍ରସାଦ ଦାସ | କଂଗ୍ରେସ |
| ଦକ୍ଷିଣ ବାଲେଶ୍ୱର ସଦର | ନନ୍ଦକିଶୋର ଦାସ | କଂଗ୍ରେସ |
| ଉତ୍ତର ବାଲେଶ୍ୱର ସଦର | ଚାରୁଚନ୍ଦ୍ର ରାୟ | କଂଗ୍ରେସ |
| ପୂର୍ବ ଭଦ୍ରକ | ଚକ୍ରଧର ବେହେରା | କଂଗ୍ରେସ |
| ପଶ୍ଚିମ ଭଦ୍ରକ | ଜଗନ୍ନାଥ ଦାସ | କଂଗ୍ରେସ |
| ପଶ୍ଚିମ ଭଦ୍ରକ (ଅନୁସୂଚିତ) | ନିଧି ଦାସ | କଂଗ୍ରେସ |
| ସମ୍ବଲପୁର ସଦର | ନୃପଲାଲ୍ ସିଂହ | |

| | | |
|---|---|---|
| ସମ୍ବଲପୁର ସଦର (ଅନୁସୂଚିତ ଜନଜାତି) | ବୋଧିରାମ ଦୁବେ | କଂଗ୍ରେସ |
| ପଶ୍ଚିମ ବରଗଡ଼ | ପ୍ରହ୍ଲାଦ ରାୟ ଲାଠ | କଂଗ୍ରେସ |
| ପୂର୍ବ ବରଗଡ଼ | ଫକୀର ବେହେରା | କଂଗ୍ରେସ |
| ପୂର୍ବ ବରଗଡ଼ (ଅନୁସୂଚିତ) | ବିଶି ଗଣ୍ଡ | |
| ଖଡ଼ିଆଳ (ରାଜା) | ଆର୍ତ୍ତତ୍ରାଣ ଦେଓ | |
| ଘୁମୁସର | ବିଶ୍ୱନାଥ ଦାସ | କଂଗ୍ରେସ |
| ଘୁମୁସର | ଆନନ୍ଦଚରଣ ରାଉତ | |
| କେଦଳା (ଖଲିକୋଟ ରାଜା) | ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ | |
| ଛତ୍ରପୁର (ଜମିଦାର) | ମାନନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ | |
| ଆସ୍କା-ସୋରଡ଼ା | ଗୋବିନ୍ଦ ପ୍ରଧାନ | କଂଗ୍ରେସ |
| ଆସ୍କା-ସୋରଡ଼ା (ଅନୁସୂଚିତ) | ପୁନିଆ ନାୟକ | କଂଗ୍ରେସ |
| ବ୍ରହ୍ମପୁର | ଦିବାକର ପଟ୍ଟନାୟକ | କଂଗ୍ରେସ |
| ବ୍ରହ୍ମପୁର | ରାମଚନ୍ଦ୍ର ଦେଓ (ବଡ଼ଖେମୁଣ୍ଡି ରାଜା) | |
| ବ୍ରହ୍ମପୁର | ବୈଶ୍ୟରାଜ କାଶୀବିଶ୍ୱନାଥ ରାଜୁ | |
| ବାଲିଗୁଡ଼ା-କନ୍ଧମାଳ | ଗୋବିନ୍ଦ ଚନ୍ଦ୍ର ଥାଟ୍ଟରାଜ (ବିଷମକଟକ ରାଜା) | |
| ବାଲିଗୁଡ଼ା-କନ୍ଧମାଳ (ଉପ) | ଉମାଚରଣ ପଟ୍ଟନାୟକ | |
| ବାଲିଗୁଡ଼ା-କନ୍ଧମାଳ (ଉପ) | ଭରତ ଭୋଇ | |
| ପାରଳାଖେମୁଣ୍ଡି | କୃଷ୍ଣଚନ୍ଦ୍ର ଗଜପତି ଦେଓ (ପାରଳା ମହାରାଜା) | |
| ନବରଙ୍ଗପୁର | ସଦାଶିବ ତ୍ରିପାଠୀ | କଂଗ୍ରେସ |
| ଜୟପୁର-ମାଲକାନାଗିରି | ରାଧାମୋହନ ସାହୁ | କଂଗ୍ରେସ |
| କୋରାପୁଟ | ରାଧାକୃଷ୍ଣ ବିଶ୍ୱାସ ରାୟ | କଂଗ୍ରେସ |
| କଟକ ସଦର (ମୁସଲମାନ) | ଖାଁ ବାହାଦୁର ସୟଦ ଅହମ୍ମଦ ବକ୍ସ | |
| ଉତ୍ତରକଟକ-ଅନୁଗୋଳ (ମୁ) | ସୟଦ ଫଜଲ ହକ୍ | |
| ବାଲେଶ୍ୱର-ସମ୍ବଲପୁର (ମୁ) | ମୌଲବୀ ଅବଦୁସ୍ ଶୋଭନ ଖାଁ | |
| ଦକ୍ଷିଣ ଓଡ଼ିଶା (ମୁସଲମାନ) | ମୌଲବୀ ଲତିଫୁର ରହମନ | |
| କଟକ ସହର (ମହିଳା) | ସରଳା ଦେବୀ | କଂଗ୍ରେସ |
| ବ୍ରହ୍ମପୁର ସହର (ମହିଳା) | ଏ. ଲକ୍ଷ୍ମୀବାଈ | କଂଗ୍ରେସ |
| ଭାରତୀୟ ଖ୍ରୀଷ୍ଟିଆନ୍ ଓଡ଼ିଶା | ପ୍ରେମାନନ୍ଦ ମହାନ୍ତି | |
| ବାଣିଜ୍ୟ ଓ ଶିଳ୍ପ ଓଡ଼ିଶା | ରଙ୍ଗଲାଲ୍ ମୋଦି | |
| ପୂର୍ବ ଓଡ଼ିଶା (ଭୂ-ଧାରକ) | ବ୍ରଜ ସୁନ୍ଦର ଦାସ | |
| ପୂର୍ବ ଓଡ଼ିଶା (ଭୂ-ଧାରକ) | ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ବାହାଦୁର | |


| | | |
|---|---|---|
| ପଶ୍ଚିମ ଓଡ଼ିଶା (ଭୂଧାରକ) | ରାଜାକୃଷ୍ଣଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ | |
| | ଭ୍ରମରବର ରାୟ (ପାରିକୁଦ ରାଜା) | |
| ଶ୍ରମ ଓଡ଼ିଶା | ପ୍ୟାରୀ ଶଙ୍କର ରାୟ | କଂଗ୍ରେସ |
| ଘୁମୁସର-ଉଦୟଗିରି(ମନୋନୀତ) | ଇ.ଏମ୍. ଇଭାନ୍ସ୍ | |
| ସେରାଙ୍ଗ ଗଞ୍ଜାମ (ମନୋନୀତ) | ହରିପାଣି ଜେନ୍ନା | |
| କୋରାପୁଟ (ମନୋନୀତ) | ଏମ୍.ଆରାବଲୁ ଆପଲାସ୍ୱାମୀ ନାଇଡୁ | |
| ରାୟଗଡ଼ା (ମନୋନୀତ) | ରାଧାମୋହନ ପଣ୍ଡା | |




ପ୍ରହ୍ଲାଦ ରାୟ ସେଠ୍

ବିଶ୍ୱନାଥ ଦାସ କଂଗ୍ରେସ ଦଳର ଦଳପତି ନିର୍ବାଚିତ ହେଲେ । କିନ୍ତୁ ସରକାର ଓ କଂଗ୍ରେସ ଦଳ ଭିତରେ କେତେକ କାରଣରୁ ମତଭେଦ ଉପୁଜିବାରୁ କଂଗ୍ରେସ ଦଳ ସରକାର ଗଠନ କଲେ ନାହିଁ । ଫଳରେ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରାଗଲା । ସେ ହେଲେ ନୂତନ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ପଦ ରହିଥିଲା । ଏହି ମନ୍ତ୍ରିମଣ୍ଡଳ ୧୯୩୭ ମସିହା ଏପ୍ରିଲ ମାସ ପହିଲାରେ ଗଠିତ ହେଲା । ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଦୁଇ ସହଯୋଗୀ ମନ୍ତ୍ରୀ ହେଲେ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ-ରାଜସ୍ୱ ବିଭାଗର ମନ୍ତ୍ରୀ ଓ ମୌଲବୀ ମହମ୍ମଦ ଲିତିଫର ରହମନ-ଶିକ୍ଷାମନ୍ତ୍ରୀ । ସରକାର ଓ କଂଗ୍ରେସଦଳ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇଯିବାରୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ କଲେ ।

ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ୧୯୩୭ ଜୁଲାଇ ୨୬-୨୭ ତାରିଖରେ କଂଗ୍ରେସଦଳର ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କଲେ । ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଦୁଇ ସହଯୋଗୀ ମନ୍ତ୍ରୀହେଲେ; ନିତ୍ୟାନନ୍ଦ କାନୁନ୍‌ଗୋ- ରାଜସ୍ୱ ବିଭାଗ ମନ୍ତ୍ରୀ ଓ ଶ୍ରୀ ବୋଧିରାମ ଦୁବେ-ଶିକ୍ଷାମନ୍ତ୍ରୀ । ମନ୍ତ୍ରୀ ଦ୍ୱୟଙ୍କୁ ସହାୟତା କରିବା ନିମନ୍ତେ ବିଧାୟକମାନଙ୍କ ମଧ୍ୟରୁ ଚାରିଜଣ ବ୍ୟବସ୍ଥାପକ ସଚିବ ଭାବରେ ନିଯୁକ୍ତି ପାଇଲେ । ସେମାନେ ହେଲେ ଯଦୁମଣି ମଙ୍ଗରାଜ, ଜଗନ୍ନାଥ ମିଶ୍ର, ରାଜକୃଷ୍ଣ ବୋଷ ଓ ରାଧାକୃଷ୍ଣ ବିଶ୍ୱାସ ରାୟ । ମୁକୁନ୍ଦ ପ୍ରସାଦ ଦାସ ହେଲେ ବାଚସ୍ପତି ଓ ନନ୍ଦକିଶୋର ଦାସ ହେଲେ ଉପବାଚସ୍ପତି ।



ବିଶ୍ୱନାଥ ଦାସ



ମୁକୁନ୍ଦ ପ୍ରସାଦ ଦାସ

୧୯୩୭ ମସିହା ଅଗଷ୍ଟ ୩୦ ତାରିଖ ଦିନ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ରେଭେନ୍‌ସା କଲେଜ ହଲରେ-ଅନୁଷ୍ଠିତ ହେଲା । ପ୍ରଥମ ଅଧିବେଶନର ପ୍ରଥମ ଦିବସରେ ଓଡ଼ିଶାର ମାନ୍ୟବର ଲାଟ ସାହେବ ସାର୍ ଜନ୍ ଅଷ୍ଟେନ ହବାକ ନିର୍ବାଚିତ ପ୍ରତିନିଧିମାନଙ୍କ ସମ୍ମୁଖରେ ତାଙ୍କ ଅଭିଭାଷଣ ପ୍ରଦାନ କଲେ । ସେଥିରୁ କିଛି ଅଂଶ ଏଠାରେ ଉଲ୍ଲେଖ କରାଯାଉଛିଃ

"God may direct and guide us in all our consultations. That we may lay aside all private interests, prejudices and partial affection and finally that the result of our counsels may be to the public wealth, peace and tranquility of the realms and the uniting and knitting together of the hearts of all persons and estates within the same."

୧୯୩୬ ମସିହା ଏପ୍ରିଲ ପହିଲାଠାରୁ ଓଡ଼ିଶା ପ୍ରଗତି ପଥରେ ଅଗ୍ରସର ହେବାରେ ଲାଗିଛି । ତତ୍‌କାଳୀନ ଭାରତ ସମ୍ରାଟ ବିଲାତ ନିବାସୀ ନିଶ୍ଚିତ ଭାବରେ ଉତ୍କଳର ପବିତ୍ରତା ଓ ଐତିହାସିକ ଖ୍ୟାତି ସମ୍ପର୍କରେ ସଚେତନ ଥିଲେ । ଏହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ଦିବସରେ ସେ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାରୁ ସ୍ପଷ୍ଟ ସୂଚିତ ହେଉଛି । ଉତ୍କଳ ପବିତ୍ର ଭୂମି ଓ ଓଡ଼ିଆ ବୀର ଜାତି, ଓଡ଼ିଆମାନଙ୍କର ଐତିହ୍ୟ ପରମ୍ପରା ବହୁ ଉଚ୍ଚରେ ଏକଥା ସମଗ୍ର ବିଶ୍ୱବାସୀ ଯେ ମୁକ୍ତକଣ୍ଠରେ ସ୍ୱୀକାର କରିବେ- ଏଥିରେ ସନ୍ଦେହ ନାହିଁ ।

+++

### ତୃତୀୟ ପରିଚ୍ଛେଦ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଶାସକଗଣ

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇସାରିବା ପରେ ଏହାର ରାଜଧାନୀ ରହିଲା କଟକ ମହାନଗରୀରେ । ସଚିବାଳୟ ଏଠାରେ କାର୍ଯ୍ୟକଲା । ସାର ଜନ୍ ଅଷ୍ଟେନ୍ ହବାକ୍ ଓଡ଼ିଶାର ଲାଟସାହେବ ବା ଗଭର୍ଣ୍ଣର ହୋଇ ଆସିଲେ । ସେ ପ୍ରଦେଶ ଗଠନର ପ୍ରଥମ ଦିନ ଓଡ଼ିଶାରେ ପଦାର୍ପଣ କରି ଶାସନ ଦାୟିତ୍ୱ ଗ୍ରହଣ କଲେ । ସାର ଜନ୍ ଅଷ୍ଟିନ୍ ହବାକ୍ ୧୮୭୮ ମସିହା ଫେବ୍ରୁଆରି ୨୮ ତାରିଖରେ ବିଲାତରେ ଜନ୍ମଗ୍ରହଣ କରିଥିଲେ । ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ କରି ପ୍ରଥମେ ଜଏଣ୍ଟ ମାଜିଷ୍ଟ୍ରେଟ୍ ଭାବରେ ସରକାରୀ କାର୍ଯ୍ୟରେ ଯୋଗଦାନ କରିଥିଲେ । ବିହାର-ଓଡ଼ିଶା ଶାସନ ସମିତି ଓ ଅର୍ଥ ସଦସ୍ୟ ଭାବରେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର ହୋଇ ଆସିଲେ ।

ସାର୍ ଜନ୍ ଅଷ୍ଟେନ୍ ହବାକ୍ ଥିଲେ ଜଣେ ପଣ୍ଡିତ ବ୍ୟକ୍ତି । ଗଣିତ, ଉଦ୍ଭିଦ ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ରରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ତାଙ୍କର ଓଡ଼ିଶା ପ୍ରଶାସନ କ୍ଷେତ୍ରରେ ଯଥେଷ୍ଟ ଦକ୍ଷତା ଥିଲା । କାରଣ ସେ ଓଡ଼ିଶାର ଗଭର୍ଣ୍ଣର ହେବା ପୂର୍ବରୁ ୧୯୨୬, ୧୯୨୯ ଓ ୧୯୩୦ ମସିହାରେ ତିନିଥର ଓଡ଼ିଶାର କମିଶନର ଦାୟିତ୍ୱ ତୁଲାଇଥିଲେ । ସେ ଓଡ଼ିଶାର କମିଶନର ଭାବରେ କାର୍ଯ୍ୟ କରିଥିବା ସମୟରେ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବେଶ୍ ତତ୍ପର ଥିଲେ । କମିଶନର ଭାବରେ ସେ ଓଡ଼ିଶାରେ ବହୁଳ ଲୋକପ୍ରିୟତା ହାସଲ କରିଥିଲେ । ସେହି ସମୟରେ ଓଡ଼ିଆ ଭାଷାକୋଷର ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ପାଇଁ ବିହାର-ଓଡ଼ିଶା ସରକାରଙ୍କୁ ଅନୁରୋଧ କରି ଆର୍ଥିକ ସହାୟତା ପ୍ରଦାନ କରାଇଥିଲେ । ଓଡ଼ିଶାର ଗଭର୍ଣ୍ଣର ହେବା ପରେ ଓଡ଼ିଆ ଭାଷାକୋଷର ପ୍ରକାଶନ ଲାଗି ଆର୍ଥିକ ସହାୟତା ନିମନ୍ତେ ଭାରତର ତତ୍କାଳୀନ ଭାଇସ୍-ରଏ ଲିନ୍ ଲିଥଗୋଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡ଼ିଶାର ଲାଟ ସାହେବ ଭାବରେ ଭାଷାକୋଷର ସପ୍ତମ ଖଣ୍ଡ ପ୍ରକାଶନ ନିମନ୍ତେ ସ୍ୱ-ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ଓଡ଼ିଆ ଭାଷାକୋଷର ପ୍ରଥମ ଖଣ୍ଡକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି ।

ଲଣ୍ଡନସ୍ଥିତ ପ୍ରାଚ୍ୟ ମହାବିଦ୍ୟାଳୟ (ଲଣ୍ଡନ କଲେଜ ଅଫ୍ ଓରିଏଣ୍ଟାଲ ଷ୍ଟଡିଜ୍)ର ପୁସ୍ତକାଗାରରେ ଓଡ଼ିଆ ପୁସ୍ତକ ସ୍ଥାନ ପାଇବା ନିମନ୍ତେ ସେ ଗଭୀର ଦୃଷ୍ଟି ପ୍ରଦାନ କରିଥିଲେ । ତା ୧୮।୧୧।୧୯୩୯ରେ 'ଉତ୍କଳ ସାହିତ୍ୟ ସମାଜ' ଆନୁକୂଲ୍ୟରେ ଡକ୍ଟର ମାୟାଧର ମାନସିଂହଙ୍କ ଦ୍ୱାରା ''ପାଶ୍ଚାତ୍ୟ ଦୃଷ୍ଟିରେ ଉତ୍କଳୀୟ'' ଶୀର୍ଷକ ଆଲୋଚନା ସଭାରେ ସଭାପତିତ୍ୱ କରିଥିଲେ ସାର୍ ଜନ୍ ଅଷ୍ଟେନ୍ ହବାକ୍ । ତା ୧୮।୧୨।୧୯୩୮ରେ ଉତ୍କଳ ସଙ୍ଗୀତ ସମାଜର ବାର୍ଷିକ ଉତ୍ସବକୁ ସେ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ । ତାଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି କେତେ ଅନୁରାଗ ଥିଲା ତାହା ଏଥିରୁ ସ୍ପଷ୍ଟ ଅନୁମେୟ ।

ତାଙ୍କର ସହଧର୍ମିଣୀ ଲେଡି ହବାକ୍ ଉତ୍କଳ ନାରୀସଂଘ ପ୍ରତିଷ୍ଠା ପାଇଁ ସତର ହଜାର ଟଙ୍କା ଚାନ୍ଦା ସଂଗ୍ରହ କରିଥିଲେ । ୧୯୩୯ ମସିହାରେ ସାର୍ ଅଷ୍ଟେନ୍ ହବାକ୍ କଟକ ନାରୀ ସଂଘ ସଦନର ଶୁଭ ପ୍ରଦାନ କରି ୧୯୪୦ରେ ଏହାକୁ ଉଦ୍‌ଘାଟନ କରିଥିଲେ । ସାର୍ ହବାକ୍ ଥିଲେ ଜଣେ ମହାନ୍ ଆଦର୍ଶସ୍ଥାନୀୟ ବ୍ୟକ୍ତି । ୧୯୩୬ ମସିହାରେ ଓଡ଼ିଶାର ଲାଟ୍ ହୋଇ ଆସି ସାରିବା ପରେ ସେ ଓଡ଼ିଶାର ମାଳ ଅଞ୍ଚଳ ଗସ୍ତ କରିବା ନିମନ୍ତେ ମନ ବଳାଇଲେ । ଏ ଖବର କୋରାପୁଟରେ ରାଜକର୍ମଚାରୀମାନଙ୍କ ମଧ୍ୟରେ ବେଶ୍ ଚହଳ ପକାଇଥିଲା । ସେମାନେ ଲାଟ ସାହବ ଓ ତାଙ୍କର କର୍ମଚାରୀମାନଙ୍କ ଖାଇବା, ପିଇବା ଓ ରହିବାର ସୁବନ୍ଦୋବସ୍ତ ନିମନ୍ତେ ଲାଗିପଡ଼ିଲେ । ବେଠିଆ ପଠାଇ ରାମଗିରି ଅଞ୍ଚଳର ଗାଁ ଗଣ୍ଡାରୁ ଚାଉଳ, ଡାଲି, ଘିଅ, କାଠ, ଲୋକଙ୍କ ବାଡିରୁ ପନିପରିବା, ଭାଡିରୁ କୁକୁଡ଼ା, ଗୁହାଳରୁ ଦୁଧିଆଳି ଗାଈ ଧରି ଆଣିଲେ । ଏ କଥା କ'ଣ ଲାଟ ସାହେବ ଜାଣନ୍ତି ? ଲାଟ ସାହେବଙ୍କ ଗସ୍ତ ଶେଷ ହେଲା । ରାମଗିରି ଅଞ୍ଚଳର ଲୋକେ ସର୍ବସ୍ୱ ହରାଇ ବଡ଼ ହଇରାଣ ହରକତରେ କାଳାତିପାତ କଲେ । ସେମାନଙ୍କର ଅବସ୍ଥା କହିଲେ ନସରେ ।

ସେହି ସମୟରେ କୋରାପୁଟର ମହାନ୍ ଆଦିବାସୀ ନେତା ଲକ୍ଷ୍ମଣ ନାଏକଙ୍କ କାନରେ ଏହି ଖବର ପଡ଼ିଲା । ସେ ସମ୍ଭାଳି ହୋଇ ରହିପାରିଲେ ନାହିଁ । ଏ ସମ୍ପର୍କରେ ସେ କୋରାପୁଟର ଅନ୍ୟତମ ବିପ୍ଳବୀ ନେତା ନୀଳକଣ୍ଠ ପାତ୍ର ଓ ରାଧାକୃଷ୍ଣ ବିଶ୍ୱାସରାୟ (କୋରାପୁଟ ଗାନ୍ଧି)ଙ୍କ ସହ ଆଲୋଚନା କଲେ । ସେମାନେ ଏହି ଘଟଣାକୁ ବିଶଦ୍ ଭାବରେ ଲେଖି 'ସମାଜ' ଖବର କାଗଜକୁ ପଠାଇଲେ । 'ସମାଜ'ରେ ତାହା ପ୍ରକାଶ ପାଇଲା । ରାଜ୍ୟ ସାରା ଲୋକେ ଏକଥା ଜାଣିଲେ । ଏହି ଖବର ସରକାରଙ୍କ ଦୃଷ୍ଟିକୁ ଆସିଲା । ଲାଟସାହେବ ଜନ୍ ଅଷ୍ଟେନ୍ ହବାକ୍ ଏ ଖବର ଶୁଣି ଅତ୍ୟନ୍ତ ମର୍ମାହତ ହେଲେ । ଶୀଘ୍ର ଲୋକଙ୍କୁ କ୍ଷତି ପୂରଣ ଦେବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କଲେ । ଲୋକେ କ୍ଷତି ପୂରଣ ପାଇଲେ । ଏହା ଥିଲା ଲାଟସାହେବ ଜନ୍ ଅଷ୍ଟେନ ହବାକ୍‌ଙ୍କ ଅନ୍ୟ ଏକ ମାନବିକତା । ସେକାଳ ଆଉ ନାହିଁ ।

## ବିଶ୍ୱନାଥ ଦାସ (ସଂକ୍ଷିପ୍ତ ଜୀବନୀ) :

ସ୍ୱତନ୍ତ୍ର ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେଉଛନ୍ତି ବିଶ୍ୱନାଥ ଦାସ । ୧୯୩୫ ମସିହା ଭାରତ ଶାସନ ଆଇନ ବଳରେ ଓଡ଼ିଶା ସମେତ ଦେଶର ଏଗାରଟି ପ୍ରଦେଶରେ ୧୯୩୭

ମସିହାରେ ସାଧାରଣ ନିର୍ବାଚନ ହୋଇଥିଲା । ବିଶ୍ୱନାଥ ଦାସ ଏହି ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ । ତାଙ୍କ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବାରୁ ସେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କଲେ ।

ବିଶ୍ୱନାଥ ଦାସ ୧୮୮୯ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଗଞ୍ଜାମ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ରେଭେନ୍‌ସା କଲେଜରୁ ବି.ଏ. ଓ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ୍ କରିବା ପରେ ମାଡ୍ରାସଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଏହି ସମୟରେ ୧୯୨୦ ମସିହାରେ ଜାତିର ପିତା ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ଡାକରା ତାଙ୍କ କାନରେ ପଡ଼ିଲା । ସେ ଆଇନ ବ୍ୟବସାୟ ତ୍ୟାଗ କରି ଆନ୍ଦୋଳନରେ ଯୋଗଦାନ କଲେ । ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ମଧ୍ୟ ହୋଇଗଲେ । ତାପରେ ସେ ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ୍ ବୋର୍ଡର ସଭାପତି ଭାବରେ ନିର୍ବାଚିତ ହେଲେ । ଏହି ସମୟରେ ସେ ମାଡ୍ରାସ ପ୍ରଭିନ୍‌ସର କୃଷକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ । ୧୯୨୦-୧୯୨୯ ମଧ୍ୟରେ ସେ ମାଡ୍ରାସ କାଉନ୍‌ସିଲକୁ ତିନିଥର ନିର୍ବାଚିତ ହୋଇଥିଲେ । ବିଶ୍ୱନାଥ ବାବୁ ମାଡ୍ରାସ କାଉନ୍‌ସିଲରୁ ଇସ୍ତଫା ଦେଇ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରି ବହୁବାର କାରାବରଣ କଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଥିଲେ । ଶେଷରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସେ ହେଲେ ଓଡ଼ିଶାର ପ୍ରଥମ ନିର୍ବାଚିତ ପ୍ରଧାନମନ୍ତ୍ରୀ । ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ମାଡ୍ରାସ ଭୂସମ୍ପତ୍ତି (ଓଡ଼ିଶା ସଂଶୋଧନ) ବିଲ; ଓଡ଼ିଶା ପ୍ରଜା ସ୍ୱତ୍ୱ (ସଂଶୋଧନ) ବିଲ ଓ ମହାଜନି କାରବାର ଆଇନ ବିଲ ଆଗତ ହୋଇଥିଲା । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଘୋଷଣା ହେବାରୁ ଭାରତୀୟ ଜାତୀୟ କଂଗ୍ରେସ ନିର୍ଦ୍ଦେଶରେ ବିଶ୍ୱନାଥ ବାବୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ, ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା ।

ଓଡ଼ିଶା ପ୍ରଦେଶର ଶାସନ ସିଧାସଳଖ ଲାଟସାହେବଙ୍କ ଅଧୀନରେ ରହିଲା । ତାଙ୍କର ବ୍ୟକ୍ତିଗତ ସଚିବ ମିଃ. ଜେ. ଏସ୍. ଉଇଲ କକ୍, ଆଇ.ସି.ଏସ୍. ତାଙ୍କୁ ଶାସନ ପରିଚାଳନାରେ ସହାୟତା କଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେବା ପରେ ଶାସନର ସୁବିଧା ପାଇଁ ଅନେକ ଗୁଡ଼ିଏ ବିଭାଗ ସୃଷ୍ଟି କରାଯାଇଥିଲା । ସଚିବାଳୟ ଓ ବିଭାଗୀୟ ସ୍ତରରେ ଅନେକ ବିଶିଷ୍ଟ ବ୍ୟକ୍ତି ନିଯୁକ୍ତି ପାଇଲେ । ତା'ଭିତରେ ଥିଲେ ଅନେକ ଗୋରା ସାହେବ,କେତେକ ଭାରତୀୟ ଓ ଅଳ୍ପ କିଛି ଓଡ଼ିଆ । ଚିଫ୍ ସେକ୍ରେଟାରୀ ବା ମୁଖ୍ୟ ଶାସନ ସଚିବ ଭାବରେ ନିଯୁକ୍ତି ପାଇଲେ ମିଃ. ପି.ଟି. ମାନ୍‌ସଫିଲଡ୍, ସି.ଆଇ.ଇ, ଆଇ.ସି.ଏସ୍. । ଉନ୍ନୟନ ସଚିବ ବା ଡେଭଲପ୍‌ମେଣ୍ଟ ସେକ୍ରେଟାରୀ ଭାବରେ ନିଯୁକ୍ତି ପାଇଲେ ମିଃ. ଏଫ୍. ଡବ୍ଲ୍ୟୁ. ଡିକସନ୍, ଆଇ.ସି.ଏସ୍. । ଅନ୍ୟ ବିଭାଗ ପାଇଁ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ନିଯୁକ୍ତି ପାଇଥିଲେ ସେମାନେ ହେଲେ-ଆଇନ୍ ସଚିବ ତଥା ଆଡ୍‌ଭୋକେଟ୍ ଜେନେରାଲ-ଦେୱାନ୍ ବାହାଦୂର ଗୋବିନ୍ଦନ ନାୟାର, ବି.ଏ.ବି.ଏଲ୍., ବାର-ଆଟ-ଲ; ରାଜସ୍ୱ କମିଶନର-ମିଃ. ଆର.ପି.ୱାର୍ଡ, ଆଇ.ସି.ଏସ୍.; ସ୍ୱାସ୍ଥ୍ୟ ଓ କାରାଗାର ନିର୍ଦ୍ଦେଶକ-

ମେଜର ଭର୍ଗିଜ, ଆଇ.ଏମ୍.ଏସ୍. ଏମ୍.ଡ଼ି. ଆରକ୍ଷୀ ମହାନିର୍ଦ୍ଦେଶକ ମିଃ. ଇ.ଓ.ପରକିନ୍, ଆଇ.ପି. ମୁଖ୍ୟଯନ୍ତ୍ରୀ ମିଃ.ଏ.ଭିପାନ୍, ଏମ୍.ଆଇ.ସି.ଇ; ବନ ସଂରକ୍ଷକ- ମିଃ ନିକଲସନ୍, ଆଇ.ଏଫ୍.ଏସ୍.; ଇନ୍ସପେକ୍ଟର ଅଫ୍ ସ୍କୁଲ୍ସ- ମିସ୍. ନିର୍ମଳବାଳା ନାୟକ, ବି.ଏ.; କଟକ ଟ୍ରେନିଂ କଲେଜ ପ୍ରିନ୍ସିପାଲ- ମିଃ. ଭଗବାନ ମୁଖାର୍ଜୀ, ଏମ୍.ଏ. ରେଭେନ୍ସା କଲେଜ ପ୍ରିନ୍ସିପାଲ ମିଃ. ଏସ୍. ତ୍ରିପାଠୀ. ଆଇ.ଇ.ଏସ୍.; ଓଡ଼ିଆ ଅନୁବାଦକ-ବାବୁ ରମାକାନ୍ତ ମହାପାତ୍ର, ବି.ଏ.; ଅଣ୍ଡର ସେକ୍ରେଟାରୀ (ପଲ୍‌ଟିକାଲ)- ମିଃ. ରମନ୍, ଆଇ.ସି.ଏସ୍.; ଅଣ୍ଡର ସେକ୍ରଟାରୀ (ଫାଇନାନ୍ସ)- ରାୟ ସାହେବ ନିଶାମଣି ମହାନ୍ତି; ଡେପୁଟି ରେଜିଷ୍ଟ୍ରାର କୋ-ଅପରେଟିଭ ସୋସାଇଟିଜ୍-ବାବୁ ସତୀଶ ଚନ୍ଦ୍ର ରାୟ; ସୁପରିଣ୍ଟେଣ୍ଡେଣ୍ଟ ସରକାରୀ ଛାପାଖାନା-ମିଃ. ଟି.ଆର. ପଞ୍ଚପାଗିସନ, ଏମ୍.ଏ; କୃଷି ବିଭାଗ ଡେପୁଟି ଡାଇରେକ୍ଟର-ବାବୁ ହୀରାଲାଲ ଦତ୍ତ; ଇଣ୍ଡଷ୍ଟ୍ରିଜ୍ ସର୍କଲ ଅଫିସର-ବାବୁ ଶ୍ରୀବତ୍ସ ପଟ୍ଟନାୟକ; ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାୟତ୍ତ ଶାସନ ଆସିଷ୍ଟାଣ୍ଟ ସେକ୍ରେଟାରୀ-ବାବୁ ପୂର୍ଣ୍ଣଚନ୍ଦ୍ର ମହାନ୍ତି; ଇନ୍ସପେକ୍ଟର ଅଫ୍ ଫ୍ୟାକଟ୍ରିଜ୍-ମୌଲବୀ ଏ.ସମଦ; ଆଇନ ବିଭାଗ ସହକାରୀ ସେକ୍ରେଟାରୀ ରାୟସାହେବ ନରେଶ ଚନ୍ଦ୍ର ରାୟ ଓ ପଶୁଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର-ବାବୁ ନୀଳମଣି ଚାଟାର୍ଜୀ ।

ଏହାବ୍ୟତୀତ ଓଡ଼ିଶାର ତତ୍‌କାଳୀନ ଛ'ଗୋଟି, ଜିଲ୍ଲା ଯଥାଃ ବାଲେଶ୍ୱର, କଟକ-ଅନୁଗୁଳ, ସମ୍ବଲପୁର, ପୁରୀ, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନେ ନିଯୁକ୍ତି ପାଇଲେ । ବିଚାର ବିଭାଗର ସୁପରିଚାଳନା ପାଇଁ କଟକ, ବାଲେଶ୍ୱର, ସମ୍ବଲପୁର ପାଇଁ ଜଣେ, ପୁରୀ ଓ ଗଞ୍ଜାମ ପାଇଁ ଜଣେ ଏହିପରି ଦୁଇଜଣ ଜିଲ୍ଲା ଜଜ୍‌ଙ୍କୁ ନିଯୁକ୍ତି ଦିଆଯାଇ କୋରାପୁଟ ଏଜେନ୍ସି ପାଇଁ ଜଣେ ସ୍ୱତନ୍ତ୍ର ସବ୍-ଜଜ୍‌ଙ୍କୁ ନିଯୁକ୍ତି ଦିଆ ଯାଇଥିଲା ।

କଟକ, ବାଲେଶ୍ୱର ଓ ସମ୍ବଲପୁର ପାଇଁ ବାବୁ ଅଘୋରନାଥ ମୁଖାର୍ଜୀ ଓ ପୁରୀ, ଗଞ୍ଜାମ ପାଇଁ ମିଃ. ପି. ରାମଲିଙ୍ଗମ୍, ଆଇ.ସି.ଏସ୍. ଜିଲ୍ଲା ଜଜ୍ ଭାବରେ ନିଯୁକ୍ତି ପାଇଥିଲେ । ସେହି ସମୟରେ ପ୍ରଶାସନ କ୍ଷେତ୍ରରେ ସେବା ଅଧିକାରୀ (ଆଇ.ସି.ଏସ୍.) ଥିଲେ । ଜଣେ ମାତ୍ର ମୁଖ୍ୟ ଶାସନ ସଚିବ ଥିଲେ । ବିଭାଗ ସଂଖ୍ୟା ଥିଲା ଖୁବ୍ କମ୍ । ଏବେ ମୁଖ୍ୟ ଶାସନ ସଚିବ ଓ ଆଇ.ଏ.ଏସ୍. ଅଧିକାରୀଙ୍କ ସଂଖ୍ୟା ବହୁତ ବେଶୀ । ବିଭାଗ ସଂଖ୍ୟା ଅନେକ ବଢ଼ି ଯାଇଛି । ଉନ୍ନୟନ ବିଭାଗ ଅଧୀନରେ ଥିବା ବିଭାଗ ଗୁଡ଼ିକ ଆଜି ଖୁବ୍ ବିରାଟ ଆକାର ଧାରଣ କରିଛି । ରାଜ୍ୟ ପାଇଁ ନିଯୁକ୍ତି ପାଇଥିଲେ ଜଣେ ମୁଖ୍ୟ ଯନ୍ତ୍ରୀ । ଏବେ ମୁଖ୍ୟ ଯନ୍ତ୍ରୀମାନଙ୍କ ସଂଖ୍ୟା କାହିଁରେ କେତେ । ଜଣେ ଜଣେ ଅଣ୍ଡର ସେକ୍ରେଟାରୀ ଗୋଟିଏ ଗୋଟିଏ ବିଭାଗ ଦାୟିତ୍ୱରେ ଥିଲେ । ଏବେ କେଉଁ ବିଭାଗରେ ପ୍ରମୁଖ ଶାସନ ସଚିବ ତ ଅନ୍ୟ କେଉଁ ବିଭାଗମାନଙ୍କରେ କମିଶନର ତଥା ଶାସନ ସଚିବମାନେ କାର୍ଯ୍ୟ କରୁଛନ୍ତି । ତାଙ୍କ ତଳକୁ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଉପଶାସନ ସଚିବ ଓ ଅନୁଶାସନ ସଚିବମାନେ କାର୍ଯ୍ୟରତ । ହେଲେ ଶାସନର ସୁଫଳ ଲୋକେ ପାଇପାରୁ ନାହାନ୍ତି ।

+++

## ଚତୁର୍ଥ ପରିଚ୍ଛେଦ

# ଓଡ଼ିଶା ରାଜନୀତିରେ ପ୍ରଥମ ଦଳବଦଳ ଓ ପ୍ରଥମ ମିଳିତ ମନ୍ତ୍ରିମଣ୍ଡଳ

କେତେକ ନିର୍ବାଚିତ ପ୍ରତିନିଧି ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତା ଲାଳସାର ବଶବର୍ତ୍ତୀ ହୋଇ ଦଳ ବଦଳାଇ ଥାଆନ୍ତି ତ ଆଉ କେତେକ ଅନ୍ୟ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳ ବଦଳାଇ ଥାଆନ୍ତି । ଆଉ ମଧ୍ୟ କେତେକ ଉପରେ ଆଦର୍ଶର ଦୁହାଇ ଦେଇ ବ୍ୟକ୍ତିଗତ ସ୍ୱାର୍ଥ ବା ଅସୂୟା ଭାବକୁ ହୃଦୟରେ ରଖି ଦଳ ବଦଳାଇ ଥାଆନ୍ତି । ଏହାର ବହୁଳ ଦୃଷ୍ଟାନ୍ତ ରାଜ୍ୟ ରାଜନୀତିଠାରୁ ଆରମ୍ଭ କରି ଜାତୀୟ ରାଜନୀତି ସ୍ତରରେ ଦେଖିବାକୁ ମିଳିଥାଏ । ଓଡ଼ିଶା ରାଜନୀତିରେ ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରଥମ ସାଧାରଣ ନିର୍ବାଚନ (୧୯୩୭) ପରେ ପରେ ଦଳ ବଦଳର ଦୃଶ୍ୟ ଦେଖିବାକୁ ମିଳେ ।

୧୯୩୭ ମସିହାରେ ଓଡ଼ିଶାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଚାରିଟି ଦଳ ସକ୍ରିୟ ଥିବାର ଜଣାଯାଏ । ସେଗୁଡ଼ିକ ହେଲା ଭାରତୀୟ ଜାତୀୟ କଂଗ୍ରେସ; କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଇଉନାଇଟେଡ୍ ପାର୍ଟି; ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ନ୍ୟାସନାଲ ପାର୍ଟି ଓ ପାରଳାଖେମୁଣ୍ଡି ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ 'ସ୍ୱାଧୀନ ପାର୍ଟି' । ଭାରତୀୟ ଜାତୀୟ କଂଗ୍ରେସ ସବୁଠାରୁ ବେଶୀ ପ୍ରଭାବଶାଳୀ ଥିଲା । ସେତେବେଳେ ଓଡ଼ିଶା ପ୍ରଦେଶ କମିଟିର ସଭାପତି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଓ ସାଧାରଣ ସମ୍ପାଦକ ଥିଲେ ନବକୃଷ୍ଣ ଚୌଧୁରୀ । କଂଗ୍ରେସ ଦଳ ସପକ୍ଷରେ ପ୍ରଚାର କରିବା ପାଇଁ କେନ୍ଦ୍ରରୁ ଓଡ଼ିଶା ଆସିଲେ ପଣ୍ଡିତ ଜବାହାରଲାଲ ନେହେରୁ । ତାଙ୍କ ସହ ସାମିଲ ହେଲେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ପଣ୍ଡିତ ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ ଓ ଭାଗୀରଥି ମହାପାତ୍ର ଆଦି ଅନେକ ନାମଜାଦା ତୁଙ୍ଗ କଂଗ୍ରେସ ନେତୃବର୍ଗ ।

ପଣ୍ଡିତ ନେହେରୁ କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବିରାଟ ବିରାଟ ନିର୍ବାଚନୀ ସଭାରେ ଭାଷଣ ଦେଇ କହିଲେ, ''କଂଗ୍ରେସ ଦେଶର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି । ରାଜା ଜମିଦାରମାନେ ଇଂରେଜ ସରକାରର ବୋଲକରା ହୋଇ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ଭୋଟ ନ ଦେଇ କଂଗ୍ରେସକୁ ଭୋଟ ଦିଅନ୍ତୁ ।'' ପଣ୍ଡିତ ନେହେରୁ କଟକ ଜିଲ୍ଲାର ଜଗତସିଂହପୁର, ବିରିଡି, କେନ୍ଦ୍ରାପଡ଼ା, ସାଲେପୁର, ବହୁଗ୍ରାମ ଓ ଚାନ୍ଦୋଳ ଆଦି ସ୍ଥାନରେ ଅନୁଷ୍ଠିତ ସଭାମାନଙ୍କରେ ଭାଷଣ ଦେଲେ । ଲୋକେ ପଣ୍ଡିତ ନେହେରୁଙ୍କ ଭାଷଣରେ ପ୍ରଭାବିତ ହେଲେ ।

ନିର୍ବାଚନପାଇଁ ଉଦ୍ଦିଷ୍ଟ୫୬ଟି ଆସନରୁ କଂଗ୍ରେସ ଦଳ ୩୬ଟି ଆସନ ଲାଭ କରି ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ବିବେଚିତ ହେଲା । ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଇଉନାଇଟେଡ୍ ପାର୍ଟିର ୩୨ ଜଣଙ୍କ ମଧ୍ୟରୁ ମାତ୍ର ଛ'ଜଣ ଓ ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ନ୍ୟାସନାଲ ପାର୍ଟିର ୧୯ ଜଣଙ୍କ ମଧ୍ୟରୁ ମାତ୍ର ଚାରିଜଣ ପ୍ରାର୍ଥୀ ଜିତିଲେ । ମୁସଲିମ୍ ଲିଗ୍‌ର ମଧ୍ୟ ଚାରିଜଣ ପ୍ରାର୍ଥୀ ଜିତିଲେ । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦଳ ଓ ଅନ୍ୟାନ୍ୟ ଦଳରୁ ସମୁଦାୟ ଛଅ ଜଣ ପ୍ରାର୍ଥୀ ଜିତିଲେ । ବିଧାନସଭା ନିର୍ବାଚନ ପରେ ପୂର୍ବ ଯାଜପୁର ସଂରକ୍ଷିତ ଆସନରୁ ବିଜୟ ଲାଭ କରିଥିବା କଂଗ୍ରେସ ପ୍ରାର୍ଥୀ ବୀର କିଶୋର ବେହେରା କଂଗ୍ରେସ ଦଳ ଛାଡ଼ି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିଷ୍ଠିତ ସ୍ୱାଧୀନ ପାର୍ଟିରେ ଯୋଗଦେଲେ । ଏହାର କାରଣ ସମ୍ପର୍କରେ କୌଣସି ତଥ୍ୟ ଜଣାପଡୁନାହିଁ । ଏହା ହେଉଛି ଓଡ଼ିଶା ରାଜନୀତିରେ ପ୍ରଥମ ଦଳ ବଦଳ ଘଟଣା ।


ସେହି ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ଥାଆନ୍ତି କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଓଡ଼ିଶାର ମନୋନୀତ ସଭ୍ୟ । ପ୍ରକୃତରେ ତାଙ୍କ ଉଦ୍ୟମରେ କଂଗ୍ରେସ ଦଳ ଅଧିକ ସଂଖ୍ୟକ ଆସନ ଲାଭ କରିଥିଲା । ସେ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରି ନଥିଲେ । କାରଣ ସେ ଠିଆ ହେଲେ ଅନ୍ୟମାନେ ନିର୍ବାଚନ ଜିତିବାରେ ଅସୁବିଧା ହେବ ବୋଲି ତାଙ୍କୁ ବିଧାନସଭାକୁ ପ୍ରାର୍ଥୀ କରାଯାଇ ନଥିଲା । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀରେ ଉଲ୍ଲେଖ ଅଛି-

''ଛତିଶ ଜଣ କଂଗ୍ରେସ ବିଧାୟକମାନଙ୍କ ମଧ୍ୟରୁ କୋଡିଏ ଜଣ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ନେତା ନିର୍ବାଚିତ କରିବାପାଇଁ ଇଚ୍ଛା ପ୍ରକାଶ କରିଥିଲେ । ସେ ଦଳର ନେତା ନିର୍ବାଚିତ ହୋଇ କେନ୍ଦ୍ର ବ୍ୟବସ୍ଥାପକ ସଭାରୁ ଇସ୍ତଫା ଦେଇ ଆସେମ୍ବ୍ଲିକୁ ପୁଣି ଠିଆ ହେବା ପାଇଁ ସ୍ଥିର ହେଲା । ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କୁ ଧରି ସେମାନେ ଗୋଟିଏ ରୁଲ୍ କମିଟି ଗଠନ କଲେ । ସେହି କମିଟିରେ ରୁଲ ଦିଆଗଲା ଯେ ଆସେମ୍ବ୍ଲି ଦଳ ବାହାରୁ କେହି ନେତା ହୋଇ ପାରିବେ ନାହିଁ । ଛତିଶ ଜଣ ସଭ୍ୟଙ୍କ ମଧ୍ୟରୁ କୋଡ଼ିଏ ଜଣଙ୍କ ସମର୍ଥନ ଥାଇ ମଧ୍ୟ ପଣ୍ଡିତ ନୀଳକଣ୍ଠ ଦାସ ନେତା ନିର୍ବାଚିତ ହୋଇପାରିଲେ ନାହିଁ । ଫଳରେ ନୀଳକଣ୍ଠ ଦାସଙ୍କର ଏହି କୋଡ଼ିଏ ଜଣ ସମର୍ଥକ ବିଶ୍ୱନାଥ ଦାସଙ୍କୁ ସମର୍ଥନ ଜଣାଇଲେ । ବିଶ୍ୱନାଥ ଦାସ ନେତା ହେଲେ । କିନ୍ତୁ ତାଙ୍କ ସହ ଆଲୋଚନା ହେଲା ଯେ

ସେ ରୁଲ ବଦଳାଇ ପଣ୍ଡିତ ନୀଳକଣ୍ଠଙ୍କୁ ପ୍ରଧାନମନ୍ତ୍ରୀ କରି ଆଣି ନିଜେ ମନ୍ତ୍ରୀ ହୋଇ ରହିବେ । ନେତା ନିର୍ବାଚିତ ହେଲା ପରେ ବିଶ୍ୱନାଥ ଦାସଙ୍କର ଏହି କଥା ଆଉ ମନେରହିଲା ନାହିଁ ।''

ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ମନ୍ତ୍ରିମଣ୍ଡଳ ୧୯୩୭ ମସିହା ଜୁନ୍ ଶେଷ ସପ୍ତାହରେ ଶପଥ ଗ୍ରହଣ କଲେ । ଏ ବିଷୟରେ ପୂର୍ବରୁ ଆଲୋଚନା ହୋଇସାରିଛି । ଏହି କଂଗ୍ରେସ ମନ୍ତ୍ରିମଣ୍ଡଳ ୧୯୩୯ ମସିହା ନଭେମ୍ବର ୪ ତାରିଖ ଦିନ ଇସ୍ତଫା ପ୍ରଦାନ କରିଥିଲେ । ଏହି ସମୟରେ ୧୯୩୮ ମସିହା ମଇ ପହିଲଠାରୁ ୪ ମାସ ଯାଏ ଓଡ଼ିଶାର ଗଭର୍ଣ୍ଣର ସାର୍ ଜନ୍ ଅଷ୍ଟିନ୍ ହବାକ୍ ଛୁଟିରେ ଗଲେ । ତାଙ୍କ ସ୍ଥାନରେ ରେଭେନ୍ୟୁ କମିଶନର ଜନ୍ ଡନ୍‌ଙ୍କୁ ସରକାର ଅସ୍ଥାୟୀ ରାଜ୍ୟପାଳ ଭାବରେ ଅବସ୍ଥାପିତ କଲେ । ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବାର କାରଣ ହେଲା-

୧୯୩୯ ମସିହା ସେପ୍ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ବ୍ରିଟିଶ୍ ସରକାର ମିତ୍ରଦଳ ପକ୍ଷରେ ରହି ଭାରତର ଲୋକମତକୁ ନ ନେଇ ଭାରତକୁ ଯୁଦ୍ଧରେ ସାମିଲ୍ କଲେ । କଂଗ୍ରେସ ପକ୍ଷରୁ ଏହାର ଘୋର ପ୍ରତିବାଦ କରାଗଲା । ବିଭିନ୍ନ ପ୍ରଦେଶରେ ଥିବା କଂଗ୍ରେସ ମନ୍ତ୍ରିମଣ୍ଡଳଗୁଡ଼ିକୁ ଇସ୍ତଫା ପ୍ରଦାନ କରିବା ପାଇଁ କଂଗ୍ରେସ ହାଇ କମାଣ୍ଡ ନିର୍ଦ୍ଦେଶ ଦେଲେ । ସେହି ସମୟକୁ ଦେଶର ସାତଟି ପ୍ରଦେଶରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଦୁଇ ବର୍ଷରୁ ଅଧିକ କାଳ କୃତିତ୍ୱ ସହକାରେ ଶାସନ କରି ସାରିଥିଲେ ।'' ଏହି ପରିପ୍ରେକ୍ଷୀରେ ଓଡ଼ିଶାର କଂଗ୍ରେସ ମନ୍ତ୍ରିମଣ୍ଡଳ ୧୯୩୯ ମସିହା ନଭେମ୍ବର ୪ ତାରିଖରେ ଇସ୍ତଫା ପ୍ରଦାନ କଲେ ।



ସାର୍ ଓ୍ୱିଲିଅମ୍ ହଥର୍ଣ୍ଣ ଲୁଇସ୍

## ଓଡ଼ିଶାରେ ପ୍ରଥମ ରାଜ୍ୟପାଳ ଶାସନ :


କଂଗ୍ରେସ ମନ୍ତ୍ରିମଣ୍ଡଳ ୧୯୩୯ ମସିହା ନଭେମ୍ବର ୪ ତାରିଖରେ ଇସ୍ତଫା ପ୍ରଦାନ କରିବା ପରେ ସେହି ଦିନଠାରୁ ୧୯୪୧ ମସିହା ନଭେମ୍ବର ୨୮ ତାରିଖ ଯାଏ ଓଡିଶା ରାଜ୍ୟପାଳଙ୍କ ଶାସନାଧୀନ ହୋଇ ରହିଥିଲା । ୧୯୩୫ ଭାରତ ଶାସନ ଆଇନର ୯୩ ଧାରା ଅନୁଯାୟୀ ରାଜ୍ୟପାଳ ଏହି ଶାସନ ଦାୟିତ୍ୱ ଗ୍ରହଣ କଲେ । ଏହା ହେଲା ଓଡ଼ିଶାର ପ୍ରଥମ ରାଜ୍ୟପାଳ ଶାସନ । ସାର୍ ଜନ୍ ଅଷ୍ଟେନ୍ ହବାକ୍ ଦୀର୍ଘ ଚାରିବର୍ଷ କାଳ ଓଡ଼ିଶାରେ ରହି ୧୯୪୧ ମସିହା ଏପ୍ରିଲ ୧ ତାରିଖରେ ବିଦାୟ

ନେଲେ । ତାଙ୍କ ସ୍ଥାନରେ ସାର୍ ଓ୍ୱିଲିଅମ୍ ହଥର୍ଣ୍ଣ ଲୁଇସ ନୂଆ ରାଜ୍ୟପାଳ ଭାବରେ ଯୋଗଦେଲେ ।

## ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ :

ଏହି ସମୟରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ବ୍ୟକ୍ତିଗତ ସତ୍ୟାଗ୍ରହ । ଫଳରେ ଅନେକ କଂଗ୍ରେସ ନେତା ଜେଲ ଭିତରେ ରହିଗଲେ । ପ୍ରଦେଶର ଅନେକ ନିର୍ବାଚିତ କଂଗ୍ରେସ ବିଧାୟକ ମଧ୍ୟ ରହିଲେ ଜେଲରେ । ଏହାର ସୁଯୋଗ ନେଲେ ପଣ୍ଡିତ ନୀଳକଣ୍ଠ ଦାସ । ସେ ତ ଆଗରୁ ବିରକ୍ତ ହୋଇ ରହିଥିଲେ ପ୍ରଧାନମନ୍ତ୍ରୀ ପଦ ନପାଇ । ସେ ପଣ୍ଡିତ ଗୋଦାବରୀଶଙ୍କୁ ସାଙ୍ଗ କଲେ । ଦୁଇ ପଣ୍ଡିତ ମିଶି ପ୍ରଦେଶରେ ଅଣ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଦେଲେ । ସେହି ସମୟରେ କଂଗ୍ରେସ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଥାଏ । ଗୋଟିଏ ପଟରେ ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ ଓ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସମେତ ତାଙ୍କ ସମର୍ଥକଗଣ । ଅନ୍ୟ ପଟରେ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ସେମାନଙ୍କ ସମର୍ଥକଗଣ । କଂଗ୍ରେସ ଦଳରେ ଆଧିପତ୍ୟ ବିସ୍ତାରରେ ବିଫଳ ହେବାରୁ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ପ୍ରତିଶୋଧ ନେବାପାଇଁ ଅପେକ୍ଷା କରି ରହିଲେ ।

୧୯୩୯ ମସିହାରେ ତ୍ରିପୁରା କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଲା । ସଭାପତି ପଦପାଇଁ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ହେଲା । ମହତାବଙ୍କ ସମର୍ଥକମାନେ ଡକ୍ଟର ପଟ୍ଟାଭି ସୀତାରାମେୟାଙ୍କୁ ସମର୍ଥନ କଲେ । କିନ୍ତୁ କଂଗ୍ରେସ ସୋସାଲିଷ୍ଟମାନେ ସୁଭାଷ ବୋଷଙ୍କୁ ସମର୍ଥନ କଲେ । ପ୍ରଦେଶ କଂଗ୍ରେସ କମିଟି ସଭାପତି ଥାଇ ପଣ୍ଡିତ ନୀଳକଣ୍ଠ ଦାସ, କଂଗ୍ରେସର ବିଶିଷ୍ଟ ସଭ୍ୟ ଯଦୁମଣି ମଙ୍ଗରାଜ ଓ ଦିବାକର ପଟ୍ଟନାୟକ ପ୍ରମୁଖ ଓଡ଼ିଶାରୁ ନେତାଜୀ ସୁଭାଷ ବୋଷଙ୍କୁ ସମର୍ଥନ ଜଣାଇଲେ ।




ନୀଳକଣ୍ଠ ଦାସ

ଏଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀରୁ କିଛି ଘଟଣା ଉଲ୍ଲେଖଯୋଗ୍ୟ: ''୧୯୩୯ ମସିହାର କଥା । ସୁଭାଷ ବୋଷ ନିଜ ୩୮/୨ ଏଲ୍‌ଗିନ୍ ରୋଡ଼ ଘରକୁ ଆମକୁ ଡ଼କାଇ ଥିଲେ । ଯଦୁମଣି ମଙ୍ଗରାଜ, ମୁଁ ଓ ଗୋଦାବରୀଶ ଯାଇଥିଲୁ । ଅନେକ ସମୟ କଥାବାର୍ତ୍ତା ହେବାପରେ ସେ କହିଲେ, ''ଏ ମହାଯୁଦ୍ଧରେ ଜାପାନ ଜିଣିବାର ଖୁବ୍ ସମ୍ଭାବନା

ଅଛି । ଏଣୁ ସେହି ସମୟରେ ବଙ୍ଗ, ଓଡ଼ିଶା, ବିହାର ଓ ଆସାମ- ଏହି ଚାରି ପ୍ରଦେଶର ରାଜତ୍ୱ ଆମ ଲୋକଙ୍କ ହାତରେ ଥିବା ଦରକାର । ମୁଁ ସେଥିପାଇଁ ଆସାମର ଶ୍ରୀଯୁକ୍ତ ବର୍ଦୋଲାଇ ଓ ମୁସଲମାନ ନେତାଙ୍କୁ (ବୋଧହୁଏ ଫକ୍‌ରୁଦ୍ଦିନ) ଧରି ମନ୍ତ୍ରିମଣ୍ଡଳ ଗଢ଼ିବା ବ୍ୟବସ୍ଥା କରିଛି । ବଙ୍ଗଳାରେ ଶରତ ବୋଷ ଓ ଫଜଲ ହକ୍-ଏ ଦୁହିଁଙ୍କୁ ଧରି ମନ୍ତ୍ରିମଣ୍ଡଳ ଗଢ଼ାହେବ । ମୁଁ ବିହାରରେ ମଧ୍ୟ ଏପରି ଗୋଟିଏ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ଯାଉଛି । ଓଡ଼ିଶାରେ ତୁମେମାନେ ଯାଇ ମନ୍ତ୍ରିମଣ୍ଡଳ ଗଢ଼ । ସେଥିପାଇଁ ଗୋଦାବରୀଶ ଓ ଯଦୁମଣି ମଙ୍ଗରାଜ ଯାଆନ୍ତୁ । ନୀଳକଣ୍ଠ ଦାସ ଫରଓ୍ୱାର୍ଡ଼ ବ୍ଲକ୍ ତରଫରୁ କାର୍ଯ୍ୟକାରୀ କମିଟିକୁ ଯାଆନ୍ତୁ ।'' ଶେଷକୁ ଗୋଦାବରୀଶ ଓ ଯଦୁମଣି ଉତ୍ତର ଦେଲେ- ''ନୀଳକଣ୍ଠ ବାବୁ ନଗଲେ ଆମେ ଏ କାମ ତୁଲାଇ ପାରିବୁ ନାହିଁ ।'' ସେହି ଏଲ୍‌ଗିନ୍ ରୋଡ୍ ଘରୁ ଗଞ୍ଜାମର ଦିବାକର ପଟ୍ଟନାୟକଙ୍କ ପାଖକୁ ଟେଲିଗ୍ରାମ କରାଗଲା । ସେ ଦୁଇ ଦିନ ପରେ କଲିକତାରେ ପହଞ୍ଚି ଫରଓ୍ୱାର୍ଡ ବ୍ଲକ୍‌ର କାର୍ଯ୍ୟକାରୀ କମିଟିକୁ ଗଲେ ଓ ଆମ୍ଭେମାନେ ମନ୍ତ୍ରିମଣ୍ଡଳ ଗଢ଼ିବାପାଇଁ ଓଡ଼ିଶା ଆସିଲୁ ।''

ନେତାଜୀଙ୍କର ଉଦ୍ଦେଶ୍ୟ ଥିଲା- ସେ ବ୍ରିଟିଶ ବିରୋଧୀ ବୈଦେଶିକ ଶକ୍ତି ସାହାଯ୍ୟରେ ଭାରତର ପୂର୍ବ ଉପକୂଳରେ ପହଞ୍ଚି ସେଠାରୁ ଭାରତ ଭିତରେ ବ୍ରିଟିଶ ସାମରିକ ଶକ୍ତିକୁ ପରାସ୍ତ କରି ଭାରତର ସ୍ୱାଧୀନତା ହାସଲ କରିବେ । ପଣ୍ଡିତ ନୀଳକଣ୍ଠ ଦାସ ସେହି ସମୟରେ ଏକଥା ପ୍ରକାଶ କରିପାରି ନଥିଲେ । ତାଙ୍କ ନେତୃତ୍ୱରେ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଉଦ୍ୟମ ଆରମ୍ଭ ହେଲା । ପଣ୍ଡିତ ଗୋଦାବରୀଶ ମିଶ୍ର, ଦିବାକର ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଓ ପ୍ୟାରୀ ଶଙ୍କର ରାୟ ପ୍ରମୁଖ କଂଗ୍ରେସ ଦଳର ଆଠ ଜଣ ସଭ୍ୟ ମିଶି 'ସ୍ୱରାଜ ଦଳ' ନାମରେ ଗୋଟିଏ ଦଳ ଗଠନ କରି ସେତେବେଳର ବିରୋଧୀ ଦଳର ନେତାଙ୍କ ଅଧ୍ୟକ୍ଷତାରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ଅଗ୍ରସର ହେଲେ । ପରେ ଏ କଥା ପଣ୍ଡିତ ନୀଳକଣ୍ଠ ୧୯୫୨ ମସିହାରେ ଓଡ଼ିଶା ବିଧାନସଭାରେ ପ୍ରକାଶ କରିଥିଲେ ।



ଗୋଦାବରୀଶ ମିଶ୍ର

ଓଡ଼ିଶା ପ୍ରଦେଶରେ ବିରୋଧୀଦଳର ସହାୟତାରେ ଅଣ-କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ହେଲା । ଇଉନାଇଟେଡ୍ ପାର୍ଟି (କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଦଳ)ର ସଭ୍ୟ ସଂଖ୍ୟା-୬; ନ୍ୟାସନାଲ ପାର୍ଟି (ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଦଳ)ର ସଭ୍ୟ ସଂଖ୍ୟା-୪; ସ୍ୱାଧୀନ ପାର୍ଟି (ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର

ଗଜପତିଙ୍କ ଦଳ) ଓ ଅନ୍ୟ ଦଳର ସଭ୍ୟ ସଂଖ୍ୟା-୭; ମୁସଲିମ୍ ଲିଗ୍‌ର ସଭ୍ୟ ସଂଖ୍ୟା-୪ ଓ କଂଗ୍ରେସ ଦଳ ଛାଡ଼ି ଆସିଥିବା-୮ ସଭ୍ୟ ଏହିପରି ୨୯ ଜଣ ସଦସ୍ୟଙ୍କ ସମେତ ୪ ଜଣ ଯାକ ମନୋନୀତ ସଦସ୍ୟ ଏହି ମନ୍ତ୍ରିମଣ୍ଡଳକୁ ସମର୍ଥନ ଜଣାଇଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ୧୯୪୧ ନଭେମ୍ବର ୨୮ ତାରିଖରେ ଓଡ଼ିଶାରେ ଅନ୍ୟ ଏକ ସଂଖ୍ୟାଲଘୁ ମିଳିତ ସରକାର ଗଠନ ହେଲା । ମନ୍ତ୍ରିମଣ୍ଡଳରେ ଦୁଇଜଣ ସଦସ୍ୟ ରହିଲେ । ସେମାନେ ହେଲେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ମୌଲବୀ ଅବ୍‌ଦସ୍ ଶୋଭନ ଖାଁ । ମହାରାଜା କ୍ୟାପଟେନ୍ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ହେଲେ ପ୍ରଧାନମନ୍ତ୍ରୀ । ପଣ୍ଡିତ ଗୋଦାବରୀଶ ମିଶ୍ର ହେଲେ ଘରୋଇ ବ୍ୟାପାର (ପ୍ରସାର), ଅର୍ଥ, ଶିକ୍ଷା ଓ ଉନ୍ନୟନ ବିଭାଗର ମନ୍ତ୍ରୀ । ମୌଲବୀ ଅବ୍‌ଦସ୍ ଶୋଭନ ଖାଁ ହେଲେ- ରାଜସ୍ୱ, ସ୍ୱାସ୍ଥ୍ୟ, ଆଇନ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ ।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀରେ ଉଲ୍ଲେଖ ଅଛି ଯେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ତତ୍କାଳୀନ ଗଭର୍ଣ୍ଣର ଲୁଇସ୍ ସାହେବ ମନ୍ତ୍ରିମଣ୍ଡଳରେ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ପଣ୍ଡିତ ନୀଳକଣ୍ଠ ଦାସ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପ୍ରଭାବିତ କରି ଗଭର୍ଣ୍ଣରଙ୍କୁ ବୁଝାଇ ଦେଇଥିଲେ । ଫଳରେ ମହାରାଜା କୃଷ୍ଣଚନ୍ଦ୍ର ଗଭର୍ଣ୍ଣରଙ୍କୁ କହିଥିଲେ କି- ''ଆପଣ ଏପରି କଲେ ମନ୍ତ୍ରିମଣ୍ଡଳ ଗଠିତ ହୋଇ ପାରିବ ନାହିଁ । ଫଳରେ ଗଭର୍ଣ୍ଣର ଲୁଇସ୍ ସାହେବ ବାଧ୍ୟହୋଇ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଅନୁମତି ପ୍ରଦାନ କରିଥିଲେ ।

ବ୍ୟକ୍ତିଗତ ସତ୍ୟାଗ୍ରହ ବନ୍ଦ ହୋଇଗଲା । କଂଗ୍ରେସ ନେତା ଓ ବିଧାୟକମାନେ ଜେଲରୁ ମୁକ୍ତି ପାଇ ଫେରିଲେ । ଏହି ସଂଖ୍ୟାଲଘୁ ସରକାରକୁ ହଟେଇବା ପାଇଁ ଉଦ୍ୟମ ଆରମ୍ଭ କଲେ । କିନ୍ତୁ ସରକାର ଏଥର ବର୍ତ୍ତିଗଲା । କାରଣ ସେହି ସମୟରେ ମହାତ୍ମା ଗାନ୍ଧିଙ୍କ ଡାକରାରେ 'ଭାରତ ଛାଡ଼ ଆନ୍ଦୋଳନ' ଆରମ୍ଭ ହୋଇଗଲା । ଏ ହେଉଛି ୧୯୪୨ ମସିହା କଥା । ନବକୃଷ୍ଣ ଚୌଧୁରୀ, ପ୍ରାଣନାଥ ପଟ୍ଟନାୟକ ଓ ବିଶ୍ୱନାଥ ଦାସ ଆଦି ବହୁ ନେତାଙ୍କ ସମେତ, ଅଠର ଜଣ ବିଧାୟକ ଯାଇ ଜେଲରେ ରହିଲେ ।

କ୍ଷମତା ହାସଲ ପାଇଁ ସରକାରକୁ ଦୃଢ଼ ସମର୍ଥନ ଜଣାଉଥିବା ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ପ୍ରଧାନମନ୍ତ୍ରୀ ତଥା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ମୁଖ୍ୟ ସମାଲୋଚକ ଭାବରେ ଦେଖାଦେଲେ । ସେହିପରି କଂଗ୍ରେସ ଦଳ ତ୍ୟାଗ କରି ଆସିଥିବା ଓ ଶିକ୍ଷାମନ୍ତ୍ରୀ ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସହ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ତଥା ତାଙ୍କର ପରମ ବନ୍ଧୁ ପଣ୍ଡିତ ନୀଳକଣ୍ଠ ଦାସଙ୍କର ତୀବ୍ର ମନୋମାଳିନ୍ୟ ଘଟିଲା । ଏପରି ସ୍ଥଳେ ସଂଖ୍ୟାଲଘୁ ମିଳିତ ମନ୍ତ୍ରିମଣ୍ଡଳର ପତନ ଘଟିଲା । ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୪୪ ମସିହା ୨୯ ତାରିଖରେ ଇସ୍ତଫା ପ୍ରଦାନ କଲେ । ରାଜ୍ୟପାଳ ସାର୍ ହାଥର୍ଣ୍ଣ ଲୁଇସ ଓଡ଼ିଶା ପ୍ରଦେଶର ଶାସନ ଦାୟିତ୍ୱ ନିଜ ହାତକୁ ନେଲେ । ଦ୍ୱିତୀୟ ଥର ପାଇଁ ଓଡ଼ିଶା ପ୍ରଦେଶରେ ରାଜ୍ୟପାଳ ଶାସନ ଜାରି ହେଲା । ଏହା ୧୯୪୪ ଜୁନ୍ ୨୯ ତାରିଖରୁ ତା୨୨।୪।୧୯୪୬ ଯାଏ ବଳବତ୍ତର ରହିଲା । କାରଣ ଭାରତ ସରକାରଙ୍କ ନିଷ୍ପତ୍ତି କ୍ରମେ ଦ୍ୱିତୀୟ ସାଧାରଣ ନିର୍ବାଚନ ଓଡ଼ିଶାରେ ୧୯୪୬

ମସିହା ଏପ୍ରିଲ ୪-୯ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏ ସମ୍ପର୍କରେ ପରବର୍ତ୍ତୀ ପରିଚ୍ଛେଦରେ ବିଶଦ୍ ଭାବରେ ଆଲୋଚନା ହୋଇଛି ।

ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ନିର୍ବାଚନରେ (୧୯୩୭) ଦୁଇଟି ସ୍ଥାନ ଯଥା- କଟକ ସହର ଓ ବ୍ରହ୍ମପୁର ସହର ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିଲା । ଏହି ଦୁଇଟି ସ୍ଥାନରୁ ଯଥାକ୍ରମେ ସରଳା ଦେବୀ ଓ ଏ. ଲକ୍ଷ୍ମୀ ବାଈ ନିର୍ବାଚିତ ହୋଇଥିଲେ ।

**ସରଳା ଦେବୀ** ହେଉଛନ୍ତି ଓଡ଼ିଶା ପ୍ରଦେଶର ଆଗଧାଡ଼ିର ଜଣେ ମହିଳା ସ୍ୱାଧୀନତା ସଂଗ୍ରାମୀ । ନାରୀ ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଓ ଆନ୍ଦୋଳନ ଅବିସ୍ମରଣୀୟ । ସେ ଥିଲେ ନାରୀ ମଙ୍ଗଳ ସମିତିର ସଭାନେତ୍ରୀ । ୧୯୪୨-୫୨ ପର୍ଯ୍ୟନ୍ତ ଦୀର୍ଘ ଦଶ ବର୍ଷ ଧରି ସେ ଓଡ଼ିଶାର ସର୍ବବୃହତ୍ ତଥା ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟସମାଜର ସମ୍ପାଦକ ଓ ଉପସଭାପତି ଥାଇ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରପାଇଁ ବଳିଷ୍ଠ ପଦକ୍ଷେପ ମାନ ଗ୍ରହଣ କରିଥିଲେ । ସେ ମହାତ୍ମାଗାନ୍ଧିଙ୍କ ଦ୍ୱାରା ମନୋନୀତ ହୋଇ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ । ଭାରତୀୟ ଆନ୍ଦୋଳନରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବହୁବାର ଜେଲ ଭୋଗିଥିଲେ । ୧୯୫୫ ମସିହା ସୀମା ଆନ୍ଦୋଳନରେ ମଧ୍ୟ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତାଙ୍କର ସ୍ୱାମୀ ଭାଗୀରଥି ମହାପାତ୍ର ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଲୋକସଭା ସାଂସଦ । ସରଳା ଦେବୀଙ୍କର ଜନ୍ମ ୧୯୦୪ ମସିହାରେ । ତାଙ୍କ ଜନ୍ମସ୍ଥାନ ଜଗତ୍‌ସିଂହପୁର ଜିଲ୍ଲାର ନରିଲୋ ଗ୍ରାମ । ତାଙ୍କ ପିତାଙ୍କ ନାମ ବାସୁଦେବ କାନୁନ୍‌ଗୋ । ମାତାଙ୍କ ନାମ ପଦ୍ମାବତୀ ଦେଈ । ସେ ଭର୍ଣ୍ଣାକୁଲାର ପାସ୍ ଯାଏ ପଢ଼ିଥିଲେ । ହେଲେ ବି ବଙ୍ଗଳା, ହିନ୍ଦୀ, ଇଂରାଜୀଭାଷାରେ ତାଙ୍କର ଗଭୀର ଦକ୍ଷତା ଥିଲା । ଏହି ସବୁ ଭାଷାରେ ସେ ଭଲ ଭାଷଣ ମଧ୍ୟ ଦେଇ ପାରୁଥିଲେ । ସେଥିଲେ ଜଣେ ସୁଲେଖିକା । 'ବାସନ୍ତି' ନାମକ ବାରୋୟାରୀ ଉପନ୍ୟାସର ସେ ଥିଲେ ଲେଖିକା । 'ରାୟରାମାନନ୍ଦ' ନାମରେ ସେ ଏକ ପୁସ୍ତକ ଲେଖିଯାଇଛନ୍ତି । ଏହାବ୍ୟତୀତ 'ବିପ୍ଳବିଣୀ', 'ଗାଁ କଥା' ଆଦି ପୁସ୍ତକ ସେ ରଚନା କରିଯାଇଛନ୍ତି । ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଭୂମିକା ଉଲ୍ଲେଖନୀୟ । ସେ ବିଧାୟିକା ଥିବାବେଳେ ବାଲ୍ୟବିବାହ ବନ୍ଦ, ଯୌତୁକ ବିରୋଧ ଓ ପୋଇଲି ପ୍ରଥା ବିରୋଧ



ସରଳା ଦେବୀ

ପାଇଁ ବିଲ୍ ପାସ୍ କରିଥିଲେ । ସେ ଥିଲେ ସମବାୟ ବ୍ୟାଙ୍କର ପ୍ରଥମ ମହିଳା ଡିରେକ୍ଟର । ୧୯୮୬ ମସିହା ଅକ୍ଟୋବର ୪ ତାରିଖରେ ତାଙ୍କର ଦେହାନ୍ତ ହୋଇ ଯାଇଛି ।

**ଏ. ଲକ୍ଷ୍ମୀବାଈ** ଓଡ଼ିଶାର ଜଣେ ଜଣାଶୁଣା ମହିଳା ସ୍ୱାଧୀନତା ସଂଗ୍ରାମୀ । ସ୍ୱାଧୀନତା ସଂଗ୍ରାମ ସମୟରେ ସେ ବ୍ୟକ୍ତିଗତ ସତ୍ୟାଗ୍ରହ ନିମନ୍ତେ ମହାତ୍ମା ଗାନ୍ଧିଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ୧୯୪୦ ମସିହା ଡିସେମ୍ବର ୪ ତାରିଖ ଦିନ ବ୍ରିଟିଶ ସରକାର ବିରୁଦ୍ଧରେ ଭାଷଣ ପ୍ରଦାନ କରି ସେ ବ୍ରହ୍ମପୁର ଠାରେ ଗିରଫ ହୋଇ କାରାବରଣ କରିଥିଲେ । ଭାରତଛାଡ଼ ଆନ୍ଦୋଳନ ସମୟରେ ସେ ଏକ ବର୍ଷ କାରାବରଣ କରିଥିଲେ । ସେ ପ୍ରଥମେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଓ ପରେ ସଭାପତି ହୋଇଥିଲେ । ମହିଳାମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ସେ ଲଢ଼େଇ ଜାରି ରଖିଥିଲେ । ସେ ଓଡ଼ିଶା ବିଧାନସଭାକୁ ଦୁଇ ଥର ୧୯୩୭ ଓ ୧୯୪୬ରେ ନିର୍ବାଚିତ ହୋଇଥିଲେ । ୧୯୪୬ ମସିହାରେ ସେ ଉପ-ବାଚସ୍ପତି ଥିଲେ । ସେ ପ୍ରଥମ ମହିଳା ଉପ-ବାଚସ୍ପତି । ସେ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶ୍ରମିକ ନେତା ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଭଉଣୀ ।

## କୃଷ୍ଣଚନ୍ଦ୍ର ଗଜପତି :

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ପ୍ରଥିତଯଶା ବ୍ୟକ୍ତି ହେଉଛନ୍ତି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ତାଙ୍କର ଜନ୍ମ ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡିଠାରେ । ସେ ମାନ୍ଦ୍ରାସରୁ ଉଚ୍ଚଶିକ୍ଷା ଲାଭ କରି ୧୯୧୩ ମସିହାରେ ସିଂହାସନ ଆରୋହଣ କଲେ । ସେ ଥିଲେ ଅତ୍ୟନ୍ତ ପ୍ରଜାବତ୍ସଳ । ୧୯୧୪ ମସିହାରେ ସେ ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନ ପାରଳାଖେମୁଣ୍ଡିଠାରେ କରାଇଥିଲେ । ୧୯୧୬ ମସିହାରେ ବ୍ରିଟିଶ୍ ସରକାର ତାଙ୍କୁ ଦେଶରକ୍ଷା ବିଭାଗର ପଦାତିକ ବାହିନୀକୁ ଅବୈତନିକ କମିଶନର ଭାବରେ ମନୋନୀତ କରିଥିଲେ । ନିଜ ରାଜ୍ୟରେ ରେଳ ଚଳାଚଳ ଓ କୃଷିର ଉନ୍ନତି ପାଇଁ ସେ ବିଶେଷ ଦୃଷ୍ଟି ଦେଇଥିଲେ । ସେ ଥିଲେ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ସଭ୍ୟ । ୧୯୩୦-୩୧ରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡ଼ିଶା ବିଷୟ ଉପସ୍ଥାପନ କରିଥିଲେ । ପାରଳାଖେମୁଣ୍ଡି ଓଡ଼ିଶାରେ ମିଶିବାପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ଦୃଢ଼ ଭାବରେ ଲିଖିତମତ ବ୍ୟକ୍ତ କରିଥିଲେ । ୧୯୩୬ ମସିହାରେ ତାଙ୍କ ଶାସକୀୟ କାର୍ଯ୍ୟକଳାପ ଓ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ବ୍ରିଟିଶ ସରକାର ତାଙ୍କୁ ମହାରାଜା ଉପାଧି ପ୍ରଦାନ କରିଥିଲେ । ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ୧୯୩୭ରେ ଶପଥ ଗ୍ରହଣ କରି ଅଣ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ । ୧୯୪୧ ମସିହାରେ ମଧ୍ୟ ସେ ଓଡ଼ିଶାରେ ଅଣକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳର ନେତୃତ୍ୱ ଗ୍ରହଣ କରି ଦ୍ୱିତୀୟବାର ଓଡ଼ିଶାର ପ୍ରଧାନମନ୍ତ୍ରୀ ଦାୟିତ୍ୱ ବହନ କରିଥିଲେ । ୧୯୪୭-୫୦ ମସିହାରେ ଭାରତ ସମ୍ବିଧାନ ସଭାର ସଭ୍ୟ ମନୋନୀତ ହୋଇଥିଲେ । ସେ ବହୁ ଅନୁଷ୍ଠାନ ସହ ସଂପୃକ୍ତ ଥିଲେ । ସେ ଥିଲେ ଉତ୍କଳ



କୃଷ୍ଣଚନ୍ଦ୍ର ଗଜପତି

ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ । ଉତ୍କଳ ବିଶ୍ୱ ବିଦ୍ୟାଳୟ ତରଫରୁ ତାଙ୍କୁ ଏଲ୍.ଏଲ୍.ଡି. ଉପାଧିରେ ଭୂଷିତ କରାଯାଇଥିଲା । ସେ ଥିଲେ ଲଣ୍ଡନ ସ୍ଥିତ ରୟାଲ ସୋସାଇଟି ଅଫ ଆର୍ଟସ ଓ ରୟାଲ ସୋସାଇଟି ଅଫ ଏସିଆର ଆଜୀବନ ସଭ୍ୟ । ୧୯୭୪ ମଇ ମାସ ୨୫ ତାରିଖରେ ତାଙ୍କର ପରଲୋକ ଘଟିଛି । କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳର ଜୀବନ କାଳ ଥିଲା ମାତ୍ର ୩ମାସ ୧୮ ଦିନ । ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ନିମନ୍ତେ ସେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ସଦସ୍ୟମାନେ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଗଣ :- (୧) ଏଫ୍.ଆର. ଉଡ୍, ଶିକ୍ଷା ସଚିବ, ଓଡ଼ିଶା ସରକାର, (୨) ମିଃ. ଏସ୍. ତ୍ରିପାଠୀ, ପ୍ରିନ୍ସିପାଲ, ରେଭେନ୍ସା କଲେଜ, (୩) ମିଃ. ମହେଶ ଚନ୍ଦ୍ର ପ୍ରଧାନ, ପ୍ରିନ୍ସିପାଲ, କଟକ ଟ୍ରେନିଂ କଲେଜ, (୪) ମିଃ. ପି. ମହାନ୍ତି, ପ୍ରିନ୍ସିପାଲ, ଖଲିକୋଟ କଲେଜ, (୫) ମିଃ. ପି. ଜଗନ୍ନାଥ ସ୍ୱାମୀ, ପ୍ରିନ୍ସିପାଲ, ପାରଳାଖେମୁଣ୍ଡି କଲେଜ, (୬) ପ୍ରଫେସର ପି. କେ. ପରିଜା, ନିର୍ଦ୍ଦେଶକ ଶିକ୍ଷା ବିଭାଗ, (୭) ପ୍ରଫେସର ପି.ଡିପି, ନିର୍ଦ୍ଦେଶକ ଶିକ୍ଷା ବିଭାଗ ।

ପ୍ରଥମ ନିର୍ବାଚନ ପରେ ଓଡ଼ିଶାରେ ତିନୋଟି ମନ୍ତ୍ରିମଣ୍ଡଳ ଶାସନ ଭାର ଗ୍ରହଣ କରିଥିଲେ । ଓଡ଼ିଶା ଦୁଇଥର ରାଜ୍ୟପାଳଙ୍କ ଶାସନରେ ଥିଲା । ଏହି ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କଟକ ମେଡିକାଲ ସ୍କୁଲ କଲେଜରେ ପରିଣତ ହେବା ସହିତ ପ୍ରତ୍ୟେକ ଜିଲ୍ଲାରେ ସରକାରୀ କଲେଜ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

+++

### ପଞ୍ଚମ ପରିଚ୍ଛେଦ

# ସ୍ୱାଧୀନତା ପୂର୍ବର ଦ୍ୱିତୀୟ ବିଧାନସଭା ଓ ମନ୍ତ୍ରିମଣ୍ଡଳ

୧୯୪୫ ମସିହାର କଥା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିଲା । କିନ୍ତୁ ଭାରତବର୍ଷରେ ଲାଗିରହିଥାଏ ରାଜନୈତିକ ଅସ୍ଥିରତା । ଭାରତର ବଡ଼ଲାଟ ଥାଆନ୍ତି ଲର୍ଡ ଉଏଲଭେଲ । ଭାରତର ରାଜନୈତିକ ପରିସ୍ଥିତି ସମ୍ପର୍କରେ ବ୍ରିଟିଶ୍ କ୍ୟାବିନେଟ୍ ସହ ଆଲୋଚନାପାଇଁ ସେ ଲଣ୍ଡନ ଯାତ୍ରା କଲେ ୧୯୪୫ ମାର୍ଚ୍ଚ ମାସରେ । ସେଠାରେ ଭାରତର ସଚିବ ଆଦିଙ୍କ ସହ ପରାମର୍ଶ କରି ଭାରତ ଫେରିଲେ । ଜୁନ୍ ୧୫ ତାରିଖରେ ଘୋଷଣା କଲେ, 'ଭାରତରେ ନୂତନ ଶାସନ ପରିଷଦ ଗଠନ ସମ୍ପର୍କରେ ଭାରତୀୟ ନେତାମାନଙ୍କ ସହ ଆଲୋଚନା ପାଇଁ ସେ ଇଚ୍ଛା କରୁଛନ୍ତି । ପ୍ରସ୍ତାବିତ ନୂତନ ପରିଷଦରେ ସମାନ ସଂଖ୍ୟକ ସବର୍ଣ୍ଣ ହିନ୍ଦୁ ଓ ମୁସଲମାନ ରହିବେ । ଭାଇସ୍‌ରୟ ଓ ମୁଖ୍ୟ ସେନାଧ୍ୟକ୍ଷଙ୍କୁ ଛାଡ଼ିଦେଲେ ପରିଷଦଟି କେବଳ ଭାରତୀୟମାନଙ୍କୁ ନେଇ ଗଠିତ ହେବ ଓ ବର୍ତ୍ତମାନ ଥିବା ସମ୍ବିଧାନର ନିୟମ ଅନୁଯାୟୀ କାର୍ଯ୍ୟ କରିବ । ନୂତନ ଓ ସ୍ଥାୟୀ ସମ୍ବିଧାନ ଗୃହୀତ ହୋଇ କାର୍ଯ୍ୟ କରିବା ଯାଏ ମଧ୍ୟବର୍ତ୍ତୀ କାଳୀନ ସରକାର ଭାରତର ଶାସନ ଚଳାଇବେ ।'

ଏହା ପରେ ଭାରତର ବଡ଼ଲାଟଙ୍କ ଆଦେଶରେ ଜେଲରେ ଥିବା ସମସ୍ତ କଂଗ୍ରେସ ନେତାଙ୍କୁ ଖଲାସ କରିଦିଆଗଲା । ତାଙ୍କ ପରିକଳ୍ପନାକୁ ସାକାର କରିବା ପାଇଁ ବଡ଼ଲାଟ ଜୁନ୍ ୨୫ ତାରିଖରୁ ଜୁଲାଇ ୧୪ ତାରିଖ ଯାଏ ସିମ୍‌ଲାରେ ଏକ ସମ୍ମିଳନୀ ଆୟୋଜନ କଲେ । ସମ୍ମିଳନୀ ବିଫଳ ହେଲା । କାରଣ ଜିନ୍ନା ଦାବିକଲେ-ମୁସଲିମ୍ ଲିଗ୍‌ର ସଭ୍ୟ ହୋଇନଥିଲେ କୌଣସି ମୁସଲମାନଙ୍କୁ ଭାରତର ଭାଇସ୍‌ରୟଙ୍କ ଶାସନ ପରିଷଦକୁ ନିଆ ନଯିବା ଉଚିତ । ଏହି ଦାବିକୁ କଂଗ୍ରେସ ଗ୍ରହଣ କରିବା ସମ୍ଭବ ହେଲାନାହିଁ ।

ଏହି ବର୍ଷ ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ଜୁଲାଇ ଶେଷରେ ଶ୍ରମିକଦଳ (ଲେବର ପାର୍ଟି) ଶାସନ କ୍ଷମତାକୁ ଆସିଲେ । ଅଟ୍‌ଲି ହେଲେ କ୍ୟାବିନେଟ୍ ମୁଖ୍ୟ । ଭାରତପାଇଁ ଲର୍ଡ ପେଥିକ ଲରେନ୍‌ସ ନୂଆ ସଚିବ ନିଯୁକ୍ତ ହେଲେ । ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରତି ଶ୍ରମିକ ଦଳର ସହାନୁଭୂତି ଥିଲା । ଫଳରେ ଭାରତବାସୀଙ୍କୁ ସ୍ୱୟଂଶାସନ ସରକାର ପ୍ରଦାନ ନିମନ୍ତେ ବ୍ରିଟେନ୍‌ର ନୂଆ ସରକାର ଅନୁମତି ପ୍ରଦାନ କଲେ । ଶ୍ରମିକଦଳ କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ଘୋଷଣାକଲେ- ''ଭାରତରେ ବିଭିନ୍ନ ପ୍ରାଦେଶିକ ସଭାର ନିର୍ବାଚନ ୧୯୪୬ ମସିହା ମଧ୍ୟରେ ଅନୁଷ୍ଠିତ ହେବା ଦରକାର ।'' ସେହି ଘୋଷଣା ଅନୁଯାୟୀ ଭାରତର ଭାଇସ୍‌ରୟ ସେପ୍ଟେମ୍ବର ୧୯ ତାରିଖ ଦିନ ବିବୃତି ଦେଇ କହିଲେ- ''କେନ୍ଦ୍ର ଓ ପ୍ରାଦେଶିକ ସଭା ନିମନ୍ତେ ନୂତନ ନିର୍ବାଚନ ଅନୁଷ୍ଠିତ ହେବ । ତା'ପରେ ସମ୍ବିଧାନ ବିଧାୟିନୀ ସଭା ଆହୂତ ହେବ । କାରଣ ଭାରତରେ ସ୍ୱାୟତ୍ତ ଶାସନର ଆଶୁ ପ୍ରତିଷ୍ଠା ହେଉଛି ବ୍ରିଟିଶ ସରକାରଙ୍କର ନୀତି ।''

ବ୍ରିଟିଶ ସରକାରଙ୍କର ନୂଆନୀତି ଅନୁସାରେ ଓଡ଼ିଶା ପ୍ରଦେଶର ରାଜ୍ୟପାଳ ସାର୍ ହଥର୍ଣ୍ଣ ଲୁଇସ୍ ଏକ ବିଜ୍ଞପ୍ତିରେ ୧୯୪୫ ମସିହା ସେପ୍ଟେମ୍ବର ୧୪ ତାରିଖ ଦିନ ଓଡ଼ିଶା ବିଧାନସଭାକୁ ଭାଙ୍ଗିଦେଲେ । ଆଠବର୍ଷରୁ ଅଧିକ କାଳ ରହିଥିବା ଓଡ଼ିଶାର ପ୍ରଥମ ବିଧାନସଭା ଭାଙ୍ଗିଗଲା । ନୂତନ ବିଧାନସଭା ଗଠନ ପାଇଁ ନଭେମ୍ବର ମାସରେ ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ପୂର୍ବ ବିଧାନସଭା ପରି ଏହି ବିଧାନସଭା ନିମନ୍ତେ ୬୦ଟି ଆସନ ଉଦ୍ଦିଷ୍ଟ ରହିଲା । ସଂରକ୍ଷଣ ନୀତି ପୂର୍ବପରି ବଳବତ୍ତର ରହିଲା ।

କଂଗ୍ରେସ ଦଳ ତରଫରୁ ଓଡ଼ିଶାରେ ଏହି ନିର୍ବାଚନ ପରିଚାଳନା ନିମନ୍ତେ କେନ୍ଦ୍ର କଂଗ୍ରେସ କର୍ତ୍ତୃପକ୍ଷ ବିଶ୍ୱନାଥ ଦାସ ଓ ହରେକୃଷ୍ଣ ମହତାବଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ । କାରଣ ବିଶ୍ୱନାଥ ଦାସ ୧୯୪୩ ମସିହା ଅଗଷ୍ଟ ୨୮ ତାରିଖଠାରୁ ବିଧାନସଭା ସଭ୍ୟପଦ ପାଇଁ ଛ'ବର୍ଷ ସକାଶେ ଅଯୋଗ୍ୟ ବିବେଚିତ ହୋଇଥିଲେ । ତାଙ୍କୁ ଅଯୋଗ୍ୟ ଘୋଷଣା କରିବାବେଳେ ସେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ କାରାଗାରରେ ଥିଲେ । ଫଳରେ ସେ ୧୯୪୬ ମସିହା ନିର୍ବାଚନରେ ପ୍ରାର୍ଥୀ ହୋଇପାରିଲେ ନାହିଁ । କିନ୍ତୁ କେନ୍ଦ୍ରୀୟ କମିଟିର ନିର୍ଦ୍ଦେଶମତେ ସେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଲେ । ସାର୍ ହଥର୍ଣ୍ଣ ଲୁଇସ୍ ୧୯୪୬ ମାର୍ଚ୍ଚ ୩୧ ତାରିଖ ଦିନ ଓଡ଼ିଶା ପ୍ରଦେଶର ରାଜ୍ୟପାଳ ପଦରୁ ବଦଳି ହୋଇଗଲେ । ତାଙ୍କ ସ୍ଥାନରେ ସାର୍ ଚନ୍ଦୁଲାଲ ତ୍ରିବେଦୀ ଓଡ଼ିଶାର ରାଜ୍ୟପାଳ ହୋଇ ଆସିଲେ ଓ ୧୯୪୬ ମସିହା ଏପ୍ରିଲ ୧ ତାରିଖ ଦିନ ଦାୟିତ୍ୱ ଗ୍ରହଣ କଲେ ।

ବିଶ୍ୱନାଥ ଦାସ କଂଗ୍ରେସ ହାଇକମାଣ୍ଡ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଜଣାଇଥିଲେ ଓଡ଼ିଶାରେ କଂଗ୍ରେସଦଳ ୫୬ଟି ଆସନରୁ ୪୮ଟି ହାସଲ କରିବ ।

୧୯୪୬ ମସିହା ଏପ୍ରିଲ୍ ୪ ତାରିଖରୁ ୯ ତାରିଖ ଯାଏ ଓଡ଼ିଶାରେ ପ୍ରାଦେଶିକ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ କଂଗ୍ରେସ ଦଳ ପ୍ରତି ଜନସାଧାରଣଙ୍କ ପ୍ରବଳ ସମର୍ଥନ ମିଳିଲା । ସତକୁ ସତ କଂଗ୍ରେସ ଦଳ ୪୭ଟି ଆସନ ଲାଭ କଲା । ସେଥିରୁ ୩୬ଟି ଆସନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ମିଳିଥିଲା । ପ୍ରଥମ ବିଧାନସଭାରେ ନିର୍ବାଚନ ଲଢ଼ି କଂଗ୍ରେସ ହାସଲ କରିଥିଲା ୩୬ଟି ଆସନ । ଦ୍ୱିତୀୟ ନିର୍ବାଚନରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ କଂଗ୍ରେସ ପାଇଲା ୩୬ଟି ଆସନ ।

ବାକି ୧୧ ଟି ଆସନ ଲାଭକଲା ପ୍ରତିଦ୍ୱନ୍ଦ୍ୱିତା କରି । କଂଗ୍ରେସ ପ୍ରତି ଓଡ଼ିଶା ଜନସାଧାରଣଙ୍କର କିପରି ବିପୁଳ ସମର୍ଥନ ଥିଲା- ତାହା ଏହି ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ପ୍ରତୀୟମାନ ।



ଚନ୍ଦୁଲାଲ୍ ତ୍ରିବେଦୀ

ଏହି ନିର୍ବାଚନର ବିଶେଷତ୍ୱ ହେଲା, ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଦଳ 'ଇଉନାଇଟେଡ୍ ପାର୍ଟି', ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ 'ନ୍ୟାସନାଲ୍ ପାର୍ଟି' ଓ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ 'ସ୍ୱାଧୀନ ପାର୍ଟି' ତରଫରୁ କୌଣସି ପ୍ରାର୍ଥୀ ରହିଲେ ନାହିଁ । ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଦେଓ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଜୟଲାଭ କଲେ । ମୁସ୍‌ଲିମ୍‌ଲିଗ୍‌ର ଚାରିଜଣ ଯାକ ପ୍ରାର୍ଥୀ ମଧ୍ୟ ବିଜୟଲାଭ କଲେ । ବୈଦ୍ୟନାଥ ରଥ କମ୍ୟୁନିଷ୍ଟ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତି ବିଧାନସଭାକୁ ଆସିଲେ । ଓଡ଼ିଶାର ଦ୍ୱିତୀୟ ବିଧାନସଭାରେ ବିଭିନ୍ନ ଦଳର ସ୍ଥିତି ହେଲା; କଂଗ୍ରେସ-୪୭, ମୁସଲିମ୍‌ଲିଗ୍-୪, କମ୍ୟୁନିଷ୍ଟ-୧, ସ୍ୱାଧୀନ-୪ ଓ ମନୋନୀତ-୪ ।

କଂଗ୍ରେସର ବିପୁଳ ବିଜୟରେ ବିରୋଧୀମାନେ ହତବାକ୍ ହୋଇଗଲେ । କଂଗ୍ରେସର ନୈତିକବଳ ମଧ୍ୟ ବୃଦ୍ଧି ପାଇଲା । ଏହା ସହିତ ଟକ୍କର ଦେବାପାଇଁ ଓଡ଼ିଶାରେ ଆଉ କୌଣସି ସୁସଂଗଠିତ ରାଜନୈତିକ ଦଳ ନଥିଲା । ୧୯୪୧ର ମିଳିତ ସରକାରରେ ଥିବା ଅସନ୍ତୁଷ୍ଟ କଂଗ୍ରେସ ନେତା ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଯଦୁମଣି ମଙ୍ଗରାଜ ଓ ଦିବାକର ପଟ୍ଟନାୟକ ଆଦିଙ୍କର ଏହି ନିର୍ବାଚନରେ କୌଣସି ସତ୍ତା ରହିଲା ନାହିଁ ।

ଏହି ନିର୍ବାଚନପାଇଁ କଂଗ୍ରେସ ପ୍ରାର୍ଥୀ ଚୟନରେ କେତେକ ସ୍ଥାନରେ ଉତ୍ସାହୀ ଯୁବକମାନଙ୍କୁ ଅଗ୍ରାଧିକାର ଦିଆଯାଇଥିଲା । ଏପରିକି ପୂରା ଅଜଣା ଅଶୁଣା ବ୍ୟକ୍ତିମାନଙ୍କୁ ମଧ୍ୟ ପ୍ରାର୍ଥୀ କରାଯାଇଥିଲା । ଜଣେ ବ୍ୟକ୍ତି ରୟାଲ ଏୟାରଫୋର୍ସରେ ଚାକିରି କରୁଥିଲେ । ତାଙ୍କ ନାମ ଲାଲ୍ ରଣଜିତ୍ ସିଂହ । ତାଙ୍କୁ ପ୍ରାର୍ଥୀ କରିବା ପାଇଁ ସର୍ଦ୍ଦାର ପଟେଲ ହରେକୃଷ୍ଣ ମହତାବଙ୍କ ପାଖକୁ ଚିଠି ଲେଖିଲେ । ୧୯୪୬ ମସିହା ଜାନୁଆରି ୮ ତାରିଖରେ ତାଙ୍କୁ ପ୍ରାଦେଶିକ କମିଟି ଗ୍ରହଣ କଲା । ଫଳରେ ଦଳ ଭିତରେ ନାନା ଭାବରେ ଆଲୋଚନା ଓ ସମାଲୋଚନା ଦେଖାଗଲା । ଏହି ପ୍ରାର୍ଥୀଙ୍କର ଜନ୍ମସ୍ଥାନ ହେଉଛି ସମ୍ବଲପୁର ଜିଲ୍ଲା । ସେଠାରେ ମଧ୍ୟ କଂଗ୍ରେସ କର୍ମୀମାନେ ଏହି ପ୍ରାର୍ଥୀଙ୍କ ଉପରେ


ଅସନ୍ତୋଷ ପ୍ରକାଶ କଲେ । ଯାହା ହେଉ ଲାଲ ରଣଜିତ୍ ସିଂହ ପଶ୍ଚିମ ବରଗଡ଼ ଆସନରୁ ବିଜୟଲାଭ କରି ଆସିଲେ ।

## ସ୍ୱାଧୀନତା ପୂର୍ବ ଦ୍ୱିତୀୟ ବିଧାନସଭା ସଭ୍ୟ (୧୯୪୬) :

| ବିଜୟୀ ପ୍ରାର୍ଥୀ | ଦଳର ନାମ | ନିର୍ବାଚନ ମଣ୍ଡଳୀ |
|---|---|---|
| ଗୌରାଙ୍ଗ ଚରଣ ଦାସ | କଂଗ୍ରେସ | ପଶ୍ଚିମ କଟକ ସଦର |
| ବିଜୟାନନ୍ଦ ପଟ୍ଟନାୟକ | କଂଗ୍ରେସ | କେନ୍ଦ୍ର କଟକ ସଦର |
| ଭୈରବ ଚରଣ ମହାନ୍ତି | କଂଗ୍ରେସ | ଉତ୍ତର କଟକ ସଦର (ସାଧାରଣ) |
| କାହ୍ନୁ ଚରଣ ଦାସ | କଂଗ୍ରେସ | ଉତ୍ତର କଟକ ସଦର (ସାଧାରଣ) |
| ସାରଙ୍ଗଧର ଦାସ | କଂଗ୍ରେସ | ପୂର୍ବ କଟକ ସଦର (ସାଧାରଣ) |
| ନାରାୟଣ ବୀରବର ସାମନ୍ତ | କଂଗ୍ରେସ | ପୂର୍ବ କଟକ ସଦର (ସାଧାରଣ) |
| ନିତ୍ୟାନନ୍ଦ କାନୁନ୍‌ଗୋ | କଂଗ୍ରେସ | ଦକ୍ଷିଣ କଟକ ସଦର(ସାଧାରଣ) |
| ଦୀନବନ୍ଧୁ ସାହୁ | କଂଗ୍ରେସ | କେନ୍ଦ୍ରୀୟ କେନ୍ଦ୍ରାପଡ଼ା (ସାଧାରଣ) |
| ନବକୃଷ୍ଣ ଚୌଧୁରୀ(୬-୧୨-୧୯୪୯ରେ ଇସ୍ତଫା) | କଂଗ୍ରେସ | ଉତ୍ତର କେନ୍ଦ୍ରାପଡ଼ା (ସାଧାରଣ) |
| ସହଦେବ ଦାସ (ଉପନିର୍ବାଚନ) | କଂଗ୍ରେସ | ଉତ୍ତର କେନ୍ଦ୍ରାପଡ଼ା (ସାଧାରଣ) |
| ରାଜକୃଷ୍ଣ ବୋଷ | କଂଗ୍ରେସ | ପୂର୍ବ କେନ୍ଦ୍ରାପଡ଼ା (ସାଧାରଣ) |
| ଗଦାଧର ଦତ୍ତ | କଂଗ୍ରେସ | ପୂର୍ବ ଯାଜପୁର (ସାଧାରଣ) |
| ଶାନ୍ତନୁ କୁମାର ଦାସ | କଂଗ୍ରେସ | ପୂର୍ବ ଯାଜପୁର ଅନୁସୂଚିତ ଜାତି |
| ଦ୍ୱାରୀକା ନାଥ ଦାସବ | କଂଗ୍ରେସ | ପଶ୍ଚିମ ଯାଜପୁର (ସାଧାରଣ) |
| ମଦନ ମୋହନ ପଟ୍ଟନାୟକ | କଂଗ୍ରେସ୍ | ଉତ୍ତର ଯାଜପୁର (ସାଧାରଣ) |
| ହୃଷୀକେଶ ତ୍ରିପାଠୀ | କଂଗ୍ରେସ | ଅନୁଗୁଳ ଜିଲ୍ଲା (ସାଧାରଣ) |
| ଜୟକୃଷ୍ଣ ମହାନ୍ତି | କଂଗ୍ରେସ | ପୂର୍ବ ପୁରୀ ସଦର (ସାଧାରଣ) |
| ଲୋକନାଥ ମିଶ୍ର | କଂଗ୍ରେସ | ଦକ୍ଷିଣ ପୁରୀ ସଦର (ସାଧାରଣ) |
| ଲିଙ୍ଗରାଜ ମିଶ୍ର | କଂଗ୍ରେସ | ଉତ୍ତର ପୁରୀ ସଦର (ସାଧାରଣ) |
| ପୂର୍ଣ୍ଣାନନ୍ଦ ସାମଲ | କଂଗ୍ରେସ | ଉତ୍ତର ପୁରୀ ସଦର (ଅ.ସୂ.ଜାତି) |
| ବନମାଳୀ ପଟ୍ଟନାୟକ | କଂଗ୍ରେସ | ପୂର୍ବ ଖୋର୍ଦ୍ଧା (ସାଧାରଣ) |
| ସତ୍ୟବାଦୀ ନନ୍ଦ | କଂଗ୍ରେସ | ପଶ୍ଚିମ ଖୋର୍ଦ୍ଧା (ସାଧାରଣ) |
| ସୁରେନ୍ଦ୍ର ନାଥ ଦାସ | କଂଗ୍ରେସ | କେନ୍ଦ୍ରୀୟ ବାଲେଶ୍ୱର ସଦର (ସାଧାରଣ) |
| କୈଳାସ ଚନ୍ଦ୍ର ମହନ୍ତି | କଂଗ୍ରେସ୍ | ଦକ୍ଷିଣ ବାଲେଶ୍ୱର ସଦର (ସାଧାରଣ) |

| | | |
|---|---|---|
| ନୀଳମଣି ରାଉତରାୟ | କଂଗ୍ରେସ | ଦକ୍ଷିଣ ବାଲେଶ୍ୱର (ସାଧାରଣ) |
| କରୁଣାକର ପାଣିଗ୍ରାହୀ | କଂଗ୍ରେସ | ଉତ୍ତର ବାଲେଶ୍ୱର ସଦର (ସାଧାରଣ) |
| ହରେକୃଷ୍ଣ ମହତାବ | କଂଗ୍ରେସ | ପୂର୍ବ ଭଦ୍ରକ (ସାଧାରଣ) |
| ନବକୃଷ୍ଣ ଚୌଧୁରୀ (ଉପନିର୍ବାଚନ) | କଂଗ୍ରେସ | |
| ଭାଗବତ ସାହୁ | କଂଗ୍ରେସ | ପଶ୍ଚିମ ଭଦ୍ରକ (ସାଧାରଣ) |
| ବୃନ୍ଦାବନ ଚନ୍ଦ୍ର ଦାସ | କଂଗ୍ରେସ | ପଶ୍ଚିମ ଭଦ୍ରକ (ଅନୁସୂଚିତ ଜାତି) |
| ବୋଧିରାମ ଦୁବେ | କଂଗ୍ରେସ | ସମ୍ବଲପୁର ସଦର (ସାଧାରଣ) |
| ୧୩.୧୨.୧୯୪୭ରେ ଇସ୍ତଫା ପ୍ରଦାନ | | |
| ଶ୍ରଦ୍ଧାକର ସୂପକାର | କଂଗ୍ରେସ (୧.୧୨.୧୯୫୦ରେ ନିର୍ବାଚିତ) | |
| ମୋହନ ସିଂହ | କଂଗ୍ରେସ | ସମ୍ବଲପୁର ସଦର (ଅ.ସୂ.ଜା) |
| ଲାଲ ରଣଜିତ୍ ସିଂହ ବରିହା | କଂଗ୍ରେସ | ପଶ୍ଚିମ ବରଗଡ (ସାଧାରଣ) |
| ଲକ୍ଷ୍ମୀନାରାୟଣ ମିଶ୍ର | କଂଗ୍ରେସ | ପୂର୍ବ ବରଗଡ଼ (ସାଧାଣରଣ) |
| ବିଶି ବିଭାର | କଂଗ୍ରେସ | ପୂର୍ବ ବରଗଡ (ଅନୁସୂଚିତ ଜାତି) |
| ଆର୍ତ୍ତତ୍ରାଣ ଦେବ | ସ୍ୱାଧୀନ | ଖଡ଼ିଆଳ (ସାଧାରଣ) |
| ଦୀନବନ୍ଧୁ ବେହେରା | କଂଗ୍ରେସ | ଘୁମୁସର (ସାଧାରଣ) |
| ଜଗନ୍ନାଥ ମିଶ୍ର | କଂଗ୍ରେସ | କୋଦଳା (ସାଧାରଣ) |
| ନାରାୟଣ ପଣ୍ଡା | କଂଗ୍ରେସ | ଛତ୍ରପୁର (ସାଧାରଣ) |
| ମଧୁସୂଦନ ମହାପାତ୍ର | କଂଗ୍ରେସ | ଆସ୍କା ସଦର (ସାଧାରଣ) |
| ଈଶ୍ୱର ନାଏକ | କଂଗ୍ରେସ | ଆସ୍କା ସଦର ଅନୁସୂଚିତ ଜାତି |
| ଉମାଚରଣ ପଟ୍ଟନାୟକ | କଂଗ୍ରେସ | ବ୍ରହ୍ମପୁର (ସାଧାରଣ) |
| ସୋମନାଥ ପଣ୍ଡା | କଂଗ୍ରେସ | ବ୍ରହ୍ମପୁର (ସାଧାରଣ) |
| ନାରାୟଣ ମୂର୍ତ୍ତିଗାଡ଼େ | କଂଗ୍ରେସ | ବ୍ରହ୍ମପୁର (ସାଧାରଣ) |
| ନାରାୟଣ ପାତ୍ର | କଂଗ୍ରେସ | ବାଲିଗୁଡ଼ା କନ୍ଧମାଳ (ସାଧାରଣ) |
| ଅନନ୍ତ ତ୍ରିପାଠୀ ଶର୍ମା | କଂଗ୍ରେସ | ପାରଳାଖେମୁଣ୍ଡି (ସାଧାରଣ) |
| ସଦାଶିବ ତ୍ରିପାଠୀ | କଂଗ୍ରେସ | ନବରଙ୍ଗପୁର (ସାଧାରଣ) |
| ରାଧାମୋହନ ସାହୁ | କଂଗ୍ରେସ | ଜୟପୁର-ମାଲକାନଗିରି |
| ରାଧାକୃଷ୍ଣ ବିଶ୍ୱାସରାୟ | କଂଗ୍ରେସ | କୋରାପୁଟ (ସାଧାରଣ) |
| (୧୩.୭.୧୯୪୮ରେ ଇସ୍ତଫା) | | |
| ଶ୍ରୀମତୀ ପ୍ରିୟମ୍ବଦା ଦେବୀ | କଂଗ୍ରେସ | କଟକ ଟାଉନ (ମହିଳା) |
| ଶ୍ରୀମତୀ ଏ.ଲକ୍ଷ୍ମୀବାଈ | କଂଗ୍ରେସ | ବ୍ରହ୍ମପୁର (ମହିଳା) |

| | | |
|---|---|---|
| ଲାଲମୋହନ ପଟ୍ଟନାୟକ | କଂଗ୍ରେସ | ଓଡ଼ିଶା ଭାରତୀୟ ଖ୍ରୀଷ୍ଟିଆନ |
| ମୌଲବୀ ମହମ୍ମଦ ଇଉସୁଫ | ମୁସଲିମ୍ ଲିଗ୍ | କଟକ ସଦର (ମୁସଲମାନ) |
| ମୌଲବୀ ସାଭେଦ୍ ଫଜଲ୍‌ହକ | ମୁସଲିମ୍ ଲିଗ | ଉତ୍ତର କଟକ ତଥା ଅନୁଗୁଳ |
| ମୌଲବୀ ଲତିଫୁର ରହମନ | ମୁସଲିମ୍ ଲିଗ | ଦକ୍ଷିଣ ଓଡ଼ିଶା (ମୁସଲମାନ୍) |
| ମୌଲବୀ ମହମ୍ମଦ ଖାଁ | ମୁସଲିମ୍ ଲିଗ୍ | ବାଲେଶ୍ୱର ତଥା ସମ୍ବଲପୁର |
| ଘନଶ୍ୟାମ ଦାସ ଥିରାନି | ସ୍ୱାଧୀନ | ଓଡ଼ିଶା ବାଣିଜ୍ୟ ଓ ଶିଳ୍ପ |
| ଲୋକନାଥ ମିଶ୍ର | ସ୍ୱାଧୀନ | ପଶ୍ଚିମ ଓଡ଼ିଶା ଜମିଦାର |
| ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଟିକାୟତ | ସ୍ୱାଧୀନ | ପୂର୍ବ ଓଡ଼ିଶା ଜମିଦାର |
| ବୈଦ୍ୟନାଥ ରଥ | କମ୍ୟୁନିଷ୍ଟ | ଶ୍ରମ ଓଡ଼ିଶା |
| **ମନୋନୀତ ସଭ୍ୟ-(୪)** | | |
| ଲକ୍ଷ୍ମୀନାରାୟଣ ସାହୁ | କଟକ | |
| କୁମାରୀ ଆନେ କ୍ୟାଥ୍‌ରିନ୍‌ମ ମନ୍‌ରୁ | ସେରାଙ୍ଗ-ଗଞ୍ଜ | |
| ଅନ୍ତର୍ଯ୍ୟାମୀ ମଲ୍ଲିକ | କନ୍ଧମାଳ | |
| ଗୋଦାବରଥି ରାମଦାସ | କନ୍ଧମାଳ | |



**ନିତ୍ୟାନନ୍ଦ କାନୁନ୍‌ଗୋ**

ଏପ୍ରିଲ ୨୦ ତାରିଖରେ କଂଗ୍ରେସ ବିଧାୟକ ଦଳର ବୈଠକ କଟକଠାରେ ଅନୁଷ୍ଠିତ ହେଲା । ୪୭ ଜଣ ସଭ୍ୟଙ୍କ ମଧ୍ୟରୁ ୪୬ଜଣ ଏହି ବୈଠକରେ ଉପସ୍ଥିତ ଥିଲେ । ଏହି ବୈଠକରେ ବିଶ୍ୱନାଥ ଦାସ ଅଧ୍ୟକ୍ଷତା କରିଥିଲେ । ସର୍ବସମ୍ମତିକ୍ରମେ ହରେକୃଷ୍ଣ ମହତାବ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହେଲେ । ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ବାଛିବାପାଇଁ ହରେକୃଷ୍ଣ ମହତାବଙ୍କୁ କ୍ଷମତା ପ୍ରଦାନ କରାଗଲା । ୨୨ ଏପ୍ରିଲରେ ମନ୍ତ୍ରିମଣ୍ଡଳର ଏକ ପାଞ୍ଚ ଜଣିଆ ତାଲିକା ମହତାବ ରାଜ୍ୟପାଳଙ୍କୁ ପ୍ରଦାନ କଲେ । ୧୯୪୬ ମସିହା ଏପ୍ରିଲ-୨୩ ତାରିଖରେ ଏହି ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କଲା । ଏହି ପାଞ୍ଚ ଜଣିଆ ତାଲିକାରେ ଥିଲେ-


| | |
|---|---|
| **ହରେକୃଷ୍ଣ ମହତାବ** | : ପ୍ରଧାନମନ୍ତ୍ରୀ; ଘରୋଇ, ଅର୍ଥ, ପ୍ରସାର, ଯୋଜନା ଓ ପୁନର୍ଗଠନ |
| **ନବକୃଷ୍ଣ ଚୌଧୁରୀ** | : ରାଜସ୍ୱ ଯୋଗାଣ ଓ ପରିବହନ |
| **ପଣ୍ଡିତ ଲିଙ୍ଗରାଜ ମିଶ୍ର** | : ଶିକ୍ଷା, ଜଙ୍ଗଲ ଓ ସ୍ୱାସ୍ଥ୍ୟ |
| **ନିତ୍ୟାନନ୍ଦ କାନୁନ୍‌ଗୋ** | : ବିଚାର ଓ ବିକାଶ ବିଭାଗ |
| **ରାଧାକୃଷ୍ଣ ବିଶ୍ୱାସ ରାୟ** | : ନିର୍ମାଣ, ବାଣିଜ୍ୟ ଓ ଶ୍ରମ ବିଭାଗ |

ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ସାର୍ ଚନ୍ଦୁଲାଲ ତ୍ରିବେଦୀ ମନ୍ତ୍ରିମଣ୍ଡଳଙ୍କୁ ସ୍ୱାଗତ ଜଣାଇଲେ । ମନ୍ତ୍ରିମଣ୍ଡଳ ତରଫରୁ ପ୍ରଧାନମନ୍ତ୍ରୀ ମହତାବ ସମ୍ବର୍ଦ୍ଧନାର ଉତ୍ତର ଦେଇ କହିଲେ-


"Independence is not now a distant object to be gazed at like star of one's choice in the distant horizon. It is now on the point of being realised and all of us believe that we will have it before the year is out. Independence is a most urgent matter for, without it, poverty and squalor of the country cannot be effectively dealt with. To me independence has no political charm, if through it I can not tackle the problems of the masses i.e. their abject poverty, disease and ignorance.xxx"

ଚାରିଜଣ ମନୋନୀତ ସଭ୍ୟଙ୍କ ମଧ୍ୟରୁ ମାନ୍ୟବର ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କ ସୁପାରିଶରେ ତିନିଜଣଙ୍କୁ ଓ ନିଜ ଇଚ୍ଛାରେ ଅନ୍ୟ ଜଣଙ୍କୁ ମନୋନୀତ କରିଥିଲେ । ସେମାନେ ହେଲେ - ଲକ୍ଷ୍ମୀ ନାରାୟଣ ସାହୁ, କୁମାରୀ ଆନ୍ନା କାଥରିନ୍ ମୁନ୍‌ରୁ, ଅନ୍ତର୍ଯ୍ୟାମୀ ମଲ୍ଲିକ ଓ ଗୋଦାବରଥି ରାମଦାସ ।

ଦ୍ୱିତୀୟ ବିଧାନସଭାର ମାନ୍ୟବର ସଦସ୍ୟମାନେ ୧୯୪୬ ମସିହା ମଇ ମାସ ୨୭ ତାରିଖରେ ଶପଥ ଗ୍ରହଣ କଲେ । ସେହିଦିନ ଦ୍ୱିତୀୟ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇ ଦୁଇଦିନ ଯାଏ ଚାଲିଲା । ବିପୁଳ ସଂଖ୍ୟାଗରିଷ୍ଠତାଯୋଗୁଁ କଂଗ୍ରେସ ଦଳର ମାନ୍ୟବର ସଦସ୍ୟ ଲାଲମୋହନ ପଟ୍ଟନାୟକ ଓ ଶ୍ରୀମତୀ ଲକ୍ଷ୍ମୀବାଈ ସର୍ବସମ୍ମତିକ୍ରମେ ଯଥାକ୍ରମେ ବାଚସ୍ପତି ଓ ଉପ-ବାଚସ୍ପତି ନିର୍ବାଚିତ ହେଲେ । ମାନ୍ୟବର ସଦସ୍ୟ



**ସାରଙ୍ଗଧର ଦାସ**



ଶାନ୍ତନୁ କୁମାର ଦାସ

ଲକ୍ଷ୍ମୀନାରାୟଣ ସାହୁ ନିର୍ବାଚନ ପରିଚାଳନା କରିଥିଲେ । କଟକର ରେଭେନ୍‌ସା ମହାବିଦ୍ୟାଳୟ ହଲରେ ଦ୍ୱିତୀୟ ବିଧାନସଭାର ପ୍ରଥମ ବୈଠକ ଅନୁଷ୍ଠିତ ହେଲା ।

ଏହି ମନ୍ତ୍ରିମଣ୍ଡଳ କ୍ଷମତାକୁ ଆସିବାର ସପ୍ତାହକ ମଧ୍ୟରେ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେଲେ । ଆଜୀବନ କାରାଦଣ୍ଡ ଭୋଗ କରି ଦେଶାନ୍ତରୀ ହୋଇଥିବା ବତିଶ ଜଣ ବନ୍ଦୀଙ୍କ ଦଣ୍ଡାଦେଶକୁ ମଧ୍ୟ ଉଠାଇଦେଲେ । ଇଣ୍ଡିଆନ୍ ନ୍ୟାସନାଲ ଆର୍ମି (INA)ରେ ଚାକିରି କରିଥିବା ମେଡିକାଲ ଅଫିସରମାନଙ୍କୁ ପ୍ରାଦେଶିକ ମେଡିକାଲ ସର୍ଭିସରେ ଚାକିରି ଦେବାପାଇଁ ସୁବନ୍ଦୋବସ୍ତ କଲେ । ଜନସାଧାରଣ ଦାବିକଲେ ଯେ, ବର୍ମା କ୍ୟାମ୍ପରୁ ଫେରୁଥିବା ବ୍ୟକ୍ତିମାନଙ୍କୁ ଯୋଗ୍ୟତା ଅନୁସାରେ ସରକାରୀ କର୍ମ ଯୋଗାଇ ଦିଆଯାଉ । ୧୯୪୬ ମସିହା ମଇ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣକଲେ- ୧୯୪୨-୪୩ ଭାରତଛାଡ଼ ଆନ୍ଦୋଳନ ସମୟରେ ଗାଁ ଗଣ୍ଡାରୁ ଆଦାୟ ହେଇଥିବା ଜୋରିମାନାକୁ ସେହି ଗ୍ରାମର ଲୋକଙ୍କୁ ଫେରାଇ ଦିଆଯିବ । ଏହି ମର୍ମରେ ସମସ୍ତ ଜିଲ୍ଲାପାଳଙ୍କୁ ଆଦେଶନାମା ପଠେଇ ଦିଆଗଲା ।

ଭାରତର ସ୍ୱାଧୀନତା ଆଉ ଅଳ୍ପ ସମୟବାକି ଅଛି ବୋଲି ଏହି ସମୟକୁ ଜଣାପଡୁଥିଲା । ପ୍ରକୃତରେ ଘଟଣାଟି ହିଁ ତାହା । ୧୯୪୬ ମସିହା ଜୁନ୍ ୧୬ ତାରିଖରେ ଭାରତର ଭାଇସରାୟ କେନ୍ଦ୍ରରେ ଏକ ଦୃଢ଼ ଓ ଦକ୍ଷ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରିବା ନିମନ୍ତେ ପ୍ରସ୍ତାବ ରଖିଲେ । ବିଭିନ୍ନ ରାଜ୍ୟରେ ଥିବା ଦକ୍ଷ ନେତାଙ୍କୁ ଏଥିରେ ସାମିଲ କରିବା ପାଇଁ ସେ ଚିନ୍ତା ପ୍ରକଟ କଲେ । ସରକାରରେ ଯୋଗ ଦେବାପାଇଁ କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍‌ର ନେତାମାନଙ୍କୁ ବ୍ୟକ୍ତିଗତ ଚିଠି ଲେଖିଲେ । ହରେକୃଷ୍ଣ ମହତାବଙ୍କ ପାଖକୁ ଭାଇସ୍‌ରଏଙ୍କର ବ୍ୟକ୍ତିଗତ ଚିଠି ଆସିଲା । ଓଡ଼ିଶାର ବିଭିନ୍ନ ସମସ୍ୟା ଓ ହିତ ଦୃଷ୍ଟିରୁ ସେ ଏହି ସରକାରରେ ଯୋଗଦେବା ନିମନ୍ତେ ଇଚ୍ଛା ପ୍ରକାଶ କଲେ ନାହିଁ । ସର୍ଦ୍ଦାର ପଟେଲଙ୍କ ସହ ଏ ସମ୍ପର୍କରେ ଆଲେଚାନା କଲେ । ଭବିଷ୍ୟତରେ ଗଡ଼ଜାତ ରାଜ୍ୟର ସମସ୍ୟା ଉପୁଜିପାରେ, ଏଣୁ ଏହାର ସମାଧାନ ନିମନ୍ତେ ମହତାବ ଏହି କେନ୍ଦ୍ର ସରକାରରେ ଯୋଗଦେବା ଠିକ୍ ନୁହେଁ ବୋଲି କେନ୍ଦ୍ରୀୟ କଂଗ୍ରେସ କମିଟି ଉପଲବ୍ଧି କଲେ । ଫଳରେ ୨୨.୬.୧୯୪୬ ତାରିଖରେ ହରେକୃଷ୍ଣ ମହତାବ ଭାଇସରାୟଙ୍କୁ ଲେଖିଲେ କି-

''ବ୍ୟକ୍ତିଗତ ଅସୁବିଧା କାରଣରୁ ସେ କେନ୍ଦ୍ରର ଏହି ମଧ୍ୟବର୍ତ୍ତୀ ସରକାରରେ ଯୋଗଦେଇ ପାରିବେ ନାହିଁ ।'' କେନ୍ଦ୍ରକୁ ମହତାବଙ୍କ ଯିବା ପ୍ରସ୍ତାବ ବନ୍ଦ ହୋଇଗଲା ।

ଏହା ପରେ ସମ୍ବିଧାନ ସଭା ନିମନ୍ତେ ସଭ୍ୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲା । ଓଡ଼ିଶାରୁ ୯ଜଣ ସଭ୍ୟ ଏଥିପାଇଁ ମନୋନୀତ ହେବା କଥା । ୧୭.୭.୧୯୪୬ରେ ସମ୍ବିଧାନ ବିଧାୟକ ସଭା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେଲା । ଏଥିପାଇଁ ୨୭ଜଣ ପ୍ରାର୍ଥୀ ଥିଲେ । କଂଗ୍ରେସ ସଂଖ୍ୟାଗରିଷ୍ଠ ଦଳ ଥିବାରୁ ୯ ଜଣଙ୍କୁ ସର୍ବସମ୍ମତି କ୍ରମେ ଓଡ଼ିଶାରୁ ପଠାଗଲା । ସେମାନେ ହେଲେ, ହରେକୃଷ୍ଣ ମହତାବ, ଶାନ୍ତନୁ କୁମାର ଦାସ, ମାଳତୀ ଚୌଧୁରୀ, ରାଜକୃଷ୍ଣ ବୋଷ, ବୋଧିରାମ ଦୁବେ, ନନ୍ଦକିଶୋର ଦାସ, ଭୁବନାନନ୍ଦ ଦାସ, ବିଶ୍ୱନାଥ ଦାସ ଓ ଲକ୍ଷ୍ମୀ ନାରାୟଣ ସାହୁ ।

ଦ୍ୱିତୀୟ ବିଧାନସଭା ନିର୍ବାଚନରେ ଦୁଇଜଣ ମହିଳା ଶ୍ରୀମତୀ ପ୍ରିୟମ୍ବଦା ଦେବୀ କଟକ ନଗର ମହିଳା ଆସନରୁ ଓ ଶ୍ରୀମତୀ ଏ. ଲକ୍ଷ୍ମୀବାଈ ବ୍ରହ୍ମପୁର ମହିଳା ଆସନରୁ ନିର୍ବାଚିତ ହୋଇ ଆସିଲେ । ଶ୍ରୀମତୀ ଏ. ଲକ୍ଷ୍ମୀବାଈ ଦ୍ୱିତୀୟବାର ନିର୍ବାଚିତ ହୋଇ ଉପ-ବାଚସ୍ପତି ହେଲେ । ସରଳାଦେବୀଙ୍କ ସ୍ଥାନରେ ପ୍ରିୟମ୍ବଦା ଦେବୀ ନିର୍ବାଚିତ ହୋଇ ଆସିଲେ । ଦୁଇଜଣଯାକ କଂଗ୍ରେସ ଦଳର ସଭ୍ୟା ।

## ପ୍ରିୟମ୍ବଦା ଦେବୀ :

ପ୍ରିୟମ୍ବଦା ଦେବୀଙ୍କର ଜନ୍ମ ୧୮୯୮ରେ କଟକ ଜିଲ୍ଲାର ସତ୍ୟଭାମାପୁର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପରିବାରରେ । ସେ ଜଣେ ସାହିତ୍ୟିକା । ତାଙ୍କ ପିତାଙ୍କ ନାମ ନାରାୟଣ ଦାସ । । ପ୍ରିୟମ୍ବଦା ଦେବୀ ମଧୁବାବୁଙ୍କର ଝିଆରୀ ହେବେ । ସେ ୧୯୨୪ ମସିହାରେ ବାନର ସେନା ଗଠନ କରି ସ୍ୱାଧୀନତା ସଂଗ୍ରାମକୁ ସାହାଯ୍ୟ କରିଥିଲେ । ୧୯୩୦ ମସିହାରେ ଗିରଫ ହୋଇ ତିନିମାସ କାରାବରଣ କଲେ । ୧୯୩୨ ମସିହାରେ ପୁନର୍ବାର ଜେଲ ଗଲେ । ଏଥର ଜେଲରେ ଚାରିମାସ ରହିଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ସ୍ୱାମୀ ଭାଗୀରଥି ଦାସଙ୍କ ସହ ଗିରଫ ହୋଇ ଯାଜପୁର ସ୍ପେଶାଲ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର ହୋଇ ଛ'ମାସ କାରାବରଣ କଲେ । ତାଙ୍କର ଶ୍ୱଶୁରଘର ରମ୍ଭାଗ୍ରାମ, ପୋ.ଅ. ବରୀ ଜିଲ୍ଲା କଟକ । ୧୯୯୯ ଜୁଲାଇ ୮ ତାରିଖରେ କଟକ ସହରସ୍ଥିତ ବାସଭବନରେ ୧୦୨ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି ।


ପ୍ରିୟମ୍ବଦା ଦେବୀ

## ବାଚସ୍ପତି ଲାଲମୋହନ ପଟ୍ଟନାୟକ :



ଲାଲମୋହନ ପଟ୍ଟନାୟକ

ଏହି ବିଧାନସଭାରେ ଲାଲମୋହନ ପଟ୍ଟନାୟକ ବାଚସ୍ପତି ଭାବରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କଲେ । ସେ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଶ୍ରୀକାକୁଳମ ଜିଲ୍ଲାର ବୁଦ୍ଧରସିଙ୍ଗ ଗ୍ରାମର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ୧୮୯୧ ମସିହାରେ । ବ୍ରହ୍ମପୁରର ଖଲିକୋଟ କଲିଜିଏଟ୍ ହାଇସ୍କୁଲରୁ ୧୯୧୦ରେ ମାଟ୍ରିକ ପାସ୍ କଲେ । ତାପରେ ସେ ମାଡ୍ରାସ ଓ କଲିକତାରେ ଉଚ୍ଚଶିକ୍ଷା ଲାଭ କରି ବି.ଏ. ବି.ଏଲ୍ ପାସ କରିଥିଲେ । ଏହା ପରେ ବ୍ରହ୍ମପୁର ସହରରେ ଓକିଲାତି ବ୍ୟବସାୟ ଆରମ୍ଭ କରି ବେଶ୍ ନାଆଁ କମେଇଲେ । ଭି.ଭି.ଗିରି., ସାର୍ ପର୍ଶୁରାମ ପାତ୍ର, ବିଶ୍ୱନାଥ ଦାସ, ଲିଙ୍ଗରାଜ ପାଣିଗ୍ରାହୀ ଓ ରାମକୃଷ୍ଣ ରଥ ଥିଲେ ତାଙ୍କର ସହକର୍ମୀ ଓକିଲ । ସେ ୧୦ ବର୍ଷ ଓକିଲାତି କରିଥିଲେ । ତାପରେ ୧୯୨୧ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଲେ । ଏହା ସହିତ ଓଡ଼ିଆ ଆନ୍ଦୋଳନରେ ମଧ୍ୟ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ସମୟରେ ସେ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ୧୯୪୪ ମସିହାରେ ଖ୍ରୀଷ୍ଟୀୟ ମିଶନାରୀ କାର୍ଯ୍ୟ ପାଇଁ ସେ ବ୍ରହ୍ମପୁର ଓ କଟକରେ ଅବସ୍ଥାନ କଲେ । ଦ୍ୱିତୀୟ ସାଧାରଣ ନିର୍ବାଚନରେ ସେ ଓଡ଼ିଶା ଖ୍ରୀଷ୍ଟିଆନ ସଂରକ୍ଷଣ ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବରେ ବିଜୟ ଲାଭ କଲେ । ସେ ଥିଲେ ଖ୍ରୀଷ୍ଟିଆନ୍ ଶିକ୍ଷା ପରିଷଦର ସଭାପତି, ଜେଲ ରିଫର୍ମ କମିଟିର ଅଧ୍ୟକ୍ଷ । ସେ ଓଡ଼ିଆ ଭକ୍ତି ସଙ୍ଗୀତ ଗାଇବା ଓ ଶୁଣିବାପାଇଁ ଭାରି ଭଲ ପାଉଥିଲେ । 'ରିସରେକ୍ଟେଡ ଓଡ଼ିଶା' ନାମରେ ଏକ ପୁସ୍ତକ ରଚନା କରି ସେଥିରେ ଓଡ଼ିଶାର ବନ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ମହମାରୀ ଏବଂ ଦାରିଦ୍ର୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ପୁସ୍ତକଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାଷାରେ ସେ ଲେଖିଥିଲେ । 'ଜୀବନଚମ୍ପୂ' ଓ 'ବନ୍ଦନା' ନାମରେ ଦୁଇଟି ପୁସ୍ତକ ମଧ୍ୟ ସେ ପ୍ରକାଶ କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଳାପୀ ଓ ସାହାଯ୍ୟକାରୀ ବ୍ୟକ୍ତି । ତାଙ୍କ ଜୀବନଟା ପୂରାପୂରି ଶୃଙ୍ଖଳା ମଧ୍ୟରେ ପରିଚାଳିତ ଥିଲା । ତାଙ୍କର ଶୃଙ୍ଖଳାବୋଧକୁ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଖୁବ୍ ତାରିଫ୍ କରୁଥିଲେ । ସେ ୧୯୫୬ ମସିହା ଫେବ୍ରୁଆରି ୨୭ ତାରିଖରେ ପରଲୋକ ଗମନ କଲେ । ତାଙ୍କ ପରି ଶୃଙ୍ଖଳିତ ଜାତୀୟବାଦୀ ବ୍ୟକ୍ତି ମିଳିବା କଷ୍ଟକର ।

ଏହି ବିଧାନସଭା ଓ ମନ୍ତ୍ରିମଣ୍ଡଳ ସମୟରେ ଦେଶ ସ୍ୱାଧୀନ ହୋଇଥିଲା ।

+++

## ଷଷ୍ଠ ପରିଚ୍ଛେଦ

# ଓଡ଼ିଶାର ଗଡ଼ଜାତ ରାଜ୍ୟ

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । କିନ୍ତୁ ସେଥିରେ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ମିଶିଲେ ନାହିଁ । ଏହି ଗଡ଼ଜାତଗୁଡ଼ିକର ସଂଖ୍ୟା ଛବିଶ । ସେଗୁଡ଼ିକ ହେଲା, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ତାଳଚେର, ପାଲଲହଡ଼ା, ହିନ୍ଦୋଳ, ଆଠମଲ୍ଲିକ, ଆଠଗଡ଼, ବଣେଇ, ବାମଣ୍ଡା, ନୀଳଗିରି, ତିଗିରିଆ, ବଡ଼ମ୍ବା, ନରସିଂହପୁର, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ରଣପୁର, କଳାହାଣ୍ଡି, ସୋନପୁର, ପାଟଣା, ବୌଦ୍ଧ, ଗାଙ୍ଗପୁର, ରେଢ଼ାଖୋଲ, ଷଢ଼େଇକଳା ଓ ଖରସୁଆଁ ।

ଇଂରେଜମାନେ ୧୮୦୩ ମସିହା ଅକ୍ଟୋବର ଚାରି ତାରିଖରେ ମରହଟ୍ଟାମାନଙ୍କ ହାତରୁ ଓଡ଼ିଶାର ଶାସନଭାର ଗ୍ରହଣ କଲେ । କର୍ଣ୍ଣେଲ ହାର୍କୋଟ ଓ ମିଲବିନ୍ ସାହେବ ଇଷ୍ଟଇଣ୍ଡିଆ କମ୍ପାନୀର ପ୍ରଥମ କମିଶନର ଭାବରେ ନିଯୁକ୍ତି ପାଇ କଟକଠାରେ ଅବସ୍ଥାନ କଲେ । ସେମାନେ ସର୍ବପ୍ରଥମେ ଏକ ଘୋଷଣାପତ୍ର ଦ୍ୱାରା ଓଡ଼ିଶାର ରାଜା, ଜମିଦାର ଆଦିଙ୍କୁ ଇଂରେଜ ସରକାରର ବଶ୍ୟତା ସ୍ୱୀକାର କରିବାପାଇଁ ଓ ଇଂରେଜ ସରକାରକୁ ରାଜସ୍ୱ ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କଲେ । ଏଥିନିମନ୍ତେ ଇଂରେଜ ସରକାର ସହ ଚୁକ୍ତି କରିବାପାଇଁ ଏକ ଚୁକ୍ତିନାମା ଫର୍ମର ନକଲ ମଧ୍ୟ ପଠାଇଦେଲେ । କଟକକୁ ଆସି ଶୀଘ୍ର ଚୁକ୍ତିପତ୍ର ସ୍ୱାକ୍ଷର କରିବାପାଇଁ କଡ଼ା ନିର୍ଦ୍ଦେଶ ପ୍ରଦାନ କଲେ । ଗଡ଼ଜାତ ରାଜାମାନେ ଇଂରେଜ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ ନକରି ଇଂରେଜମାନଙ୍କ ଅଧୀନରେ ରହିବାପାଇଁ ରାଜି ହୋଇ ଇଂଜେମାନଙ୍କର ବଶ୍ୟତା ସ୍ୱୀକାର କଲେ ।

୧୮୦୪ ମସିହାରେ କଟକଠାରେ ଇଂରେଜମାନଙ୍କ ତରଫରୁ କର୍ଣ୍ଣେଲ ହାର୍କୋଟ ଓ ଜନ ମିଲ୍‌ବିନ୍ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କର ଏହି ଚୁକ୍ତିପତ୍ରରେ ଦସ୍ତଖତ କଲେ । ଗଡ଼ଜାତ ରାଜାମାନେ ଜଣ ଜଣ କରି ଚୁକ୍ତିପତ୍ର ସ୍ୱାକ୍ଷରକରି ନିଜ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରି ସ୍ଥାୟୀ ଭାବରେ ନିଜ ରାଜ୍ୟର ଶାସନ ପରିଚାଳନା କଲେ । ଏହା ପୂର୍ବରୁ ଏହି ରାଜାମାନେ ନିଜ ନିଜ

ରାଜ୍ୟର ସୀମା ବର୍ଦ୍ଧନ କରିବାପାଇଁ ପରସ୍ପର ମଧ୍ୟରେ ଯୁଦ୍ଧ କରିଥିବାର ବହୁ ନଜିର ରହିଛି । ଇଂରେଜମାନଙ୍କ ଓଡ଼ିଶା ଅଧିକାର ପୂର୍ବରୁ ଅନୁଗୁଳ ଜଣେ ରାଜାଙ୍କଦ୍ୱାରା ଶାସିତ ହେଉଥିଲା । କିନ୍ତୁ ଅନୁଗୋଳର ରାଜା ସୋମନାଥ ସିଂହ ବିଦ୍ରୋହୀ ହେବାରୁ ଇଂରେଜମାନେ ଅନୁଗୁଳକୁ ଖାସ୍ କରିଦେଲେ । ସେହିପରି ବୌଦ୍ଧରାଜା କନ୍ଧମାଳର କନ୍ଧମାନଙ୍କୁ ଶାସନ କରିନପାରି କନ୍ଧମାଳ ଇଲାକାକୁ ଇଂରେଜମାନଙ୍କ ହାତରେ ଅର୍ପଣ କରିଦେଲେ । ଫଳରେ ଇଂରେଜମାନେ ଅନୁଗୁଳ ଓ କନ୍ଧମାଳକୁ ମିଶାଇ ଅନୁଗୁଳ ଜିଲ୍ଲା ସୃଷ୍ଟିକରି ନିଜ ଦାୟିତ୍ୱରେ ରଖିଲେ ।

ଓଡ଼ିଶା କମିଶନର ଏହି ଗଡ଼ଜାତ ରାଜ୍ୟମାନଙ୍କର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିଲେ । କାରଣ ଏହି ଗଡ଼ଜାତ ଗୁଡ଼ିକୁ କରଦରାଜ୍ୟ ଶ୍ରେଣୀଭୁକ୍ତ କରାଯାଇଥିଲା । ପରେ ଗଡ଼ଜାତ ରାଜ୍ୟଗୁଡ଼ିକର ଗୁରୁତ୍ୱ ବୃଦ୍ଧି ପାଇଲା । ଫଳରେ କମିଶନରଙ୍କ ଅଧୀନରେ ଜଣେ ପଲ୍‌ଟିକାଲ ଏଜେଣ୍ଟଙ୍କୁ ନିଯୁକ୍ତି ଦିଆଗଲା । ପଲ୍‌ଟିକାଲ ଏଜେଣ୍ଟଙ୍କ କାମ ହେଲା ପୂରାପୂରି ସ୍ୱତନ୍ତ୍ର ଭାବରେ ଗଡ଼ଜାତ ରାଜ୍ୟର ଶାସନ ତଦାରଖ କରିବା । ପଲ୍‌ଟିକାଲ ଏଜେଣ୍ଟଙ୍କ ଅଧୀନରେ ୨୬ଟିଯାକ ଗଡ଼ଜାତ ରହିଲା । ଗଡ଼ଜାତମାନଙ୍କ ମୁଖ୍ୟଙ୍କୁ 'ରାଜା'ବା Ruler-in-chief of the Feudatory State ବୋଲି କୁହାଗଲା । ୧୯୧୫ ମସିହାରେ ଷଢ଼େଇକଳା ଓ ଖରସୁଆଁ ଦୁଇଟି ଗଡ଼ଜାତ ରାଜ୍ୟ ଇଷ୍ଟର୍ଣ୍ଣ ଏଜେନ୍‌ସିର ଅନ୍ତର୍ଭୁକ୍ତ ହୋଇଥିଲା ।

ଏହି ଗଡ଼ଜାତ ରାଜାମାନଙ୍କ ବିଚାର ବିରୁଦ୍ଧରେ ପଲ୍‌ଟିକାଲ ଏଜେଣ୍ଟ୍‌ଙ୍କ ପାଖରେ ଦରଖାସ୍ତ କରାଯାଉଥିଲା । ତା'ପରେ ଅପିଲ ହେଉଥିଲା କମିଶନରଙ୍କ ପାଖରେ । ୧୯୨୨ ମସିହାରେ କମିଶନରଙ୍କ କ୍ଷମତା ଲୋପ ପାଇଲା । ଗଡ଼ଜାତ ରାଜ୍ୟମାନଙ୍କ ଉପରେ କେବଳ ପଲ୍‌ଟିକାଲ ଏଜେଣ୍ଟ୍ ହେଲେ ସର୍ବେସର୍ବା । ତାଙ୍କୁ ସହାୟତା କରିବାପାଇଁ ଜଣେ ସହକାରୀ ରହିଲେ । ପଲ୍‌ଟିକାଲ ଏଜେଣ୍ଟ୍ ବିହାର-ଓଡ଼ିଶା ଲାଟସାହେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକଲେ । ଏହି ସମୟରେ ଗଡ଼ଜାତ ରାଜାମାନଙ୍କୁ କରଦ ରାଜା ନକହି 'ସାମନ୍ତରାଜା' ଭାବରେ ଆଖ୍ୟାୟିତ କରାଗଲା ।

୧୯୩୩ ମସିହାରେ ଭାରତ ସରକାରଙ୍କ ଖାସ୍ ତତ୍ତ୍ୱାବଧାନରେ ଏହି ଗଡ଼ଜାତ ରାଜାମାନେ ରହିଲେ । ପୂର୍ବଖଣ୍ଡ ଗଡ଼ଜାତ ରାଜ୍ୟଗୁଡ଼ିକ ଭାରତର ବଡ଼ଲାଟଙ୍କ ନିର୍ଦ୍ଦେଶମତେ ଜଣେ ଏଜେଣ୍ଟ ଜେନେରାଲଙ୍କ ଅଧୀନରେ ରହିଲେ । ଏହାଙ୍କ ଅଧୀନରେ ସେକ୍ରେଟାରୀ ଓ ପଲ୍‌ଟିକାଲ ଏଜେଣ୍ଟ ରହିଲେ । ବସ୍ତୁତଃ ଗଡ଼ଜାତ ରାଜ୍ୟଗୁଡ଼ିକୁ ଓଡ଼ିଶାରୁ ପୃଥକ ରଖାଯାଇ ପଲ୍‌ଟିକାଲ ଏଜେଣ୍ଟଙ୍କ ନିୟନ୍ତ୍ରଣରେ ରଖାଯାଇଥିଲା । ପଲ୍‌ଟିକାଲ ଏଜେଣ୍ଟଙ୍କ କାମ ଥିଲା- ବ୍ରିଟିଶ ସରକାରଙ୍କ ନୀତିନିୟମ ଠିକ୍ ଭାବରେ ଗଡ଼ଜାତମାନଙ୍କରେ କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରିବା । କାରଣ ଏହି ଗଡ଼ଜାତ ରାଜାମାନଙ୍କ ଦୃଢ଼ତା, କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ଉପରେ ହିଁ ବ୍ରିଟିଶ ସରକାରର ସ୍ଥାୟିତ୍ୱ ନିର୍ଭର କରୁଥିଲା । ଫଳରେ ପଲ୍‌ଟିକାଲ ଏଜେଣ୍ଟମାନେ ଗଡ଼ଜାତ ରାଜ୍ୟର ଶାସନ ପ୍ରଣାଳୀ ଉପରେ କଡ଼ା ନଜର ରଖୁଥିଲେ ।

ଗଡ଼ଜାତ ରାଜାମାନଙ୍କ ଅଭିଷେକ ଉତ୍ସବରେ ପଲ୍‌ଟିକାଲ ଏଜେଣ୍ଟମାନେ ଇଂରେଜ ସରକାରଙ୍କ ପ୍ରତିନିଧି ରୂପେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଉଥିଲେ । ରାଜାମାନଙ୍କୁ ଅଭିଷେକ

କରାଉଥିଲେ । ଅଭିଷେକ ସମୟରେ ରାଜାମାନଙ୍କ ମସ୍ତକରେ ରାଜ ମୁକୁଟ ପିନ୍ଧାଇ ହସ୍ତରେ ତରବାରି ଧରାଇ ଦେଉଥିଲେ । ରାଜାଙ୍କୁ ରାଜ୍ୟର ମୁଖ୍ୟ ଭାବରେ ସାଲ୍ୟୁଟ ପ୍ରଦାନ କରୁଥିଲେ । ଏହା ପରେ ଅନ୍ୟ ଦିନମାନଙ୍କରେ ରାଜାମାନେ ପଲ୍‌ଟିକାଲ ଏଜେଣ୍ଟଙ୍କୁ ସାଲ୍ୟୁଟ କରୁଥିଲେ ।

ସମ୍ବଲପୁରଠାରେ ପୂର୍ବାଞ୍ଚଳ ରାଜ୍ୟସମୂହ ଇଷ୍ଟର୍ଣ୍ଣ ଏଜେନ୍‌ସିର ମୁଖ୍ୟ ଦପ୍ତର ପ୍ରତିଷ୍ଠା ହେବା ଆଗରୁ ଓଡ଼ିଶାର ଗଡ଼ଜାତଗୁଡ଼ିକ ବିଭିନ୍ନ କର୍ତ୍ତୃପକ୍ଷଙ୍କ ଅଧୀନରେ ରହି ପରିଚାଳିତ ହେଉଥିଲେ । ସେଣ୍ଟ୍ରାଲ ପ୍ରୋଭିନ୍‌ସ କମିଶନରଙ୍କ ଅଧୀନରେ ବାମଣ୍ଡା, କଳାହାଣ୍ଡି, ପାଟଣା, ରେଢ଼ାଖୋଲ ଓ ସୋନପୁର ଗଡ଼ଜାତ ରାଜ୍ୟମାନ ଥିଲା । ଓଡ଼ିଶା ଟ୍ରିବ୍ୟୁଟାରୀ ମାହାଲ ଅଧୀନରେ ଆଠଗଡ଼, ଆଠମଲ୍ଲିକ, ବଡ଼ମ୍ବା, ବୌଦ୍ଧ, ଦଶପଲ୍ଲା, ଢେଙ୍କାନାଳ, ହିନ୍ଦୋଳ, ଖଣ୍ଡପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନରସିଂହପୁର, ନୟାଗଡ଼, ନୀଳଗିରି, ପାଲଲହଡ଼ା, ରଣପୁର, ତାଳଚେର ଓ ତିଗିରିଆ ରାଜ୍ୟ ରହିଥିଲା । ଛୋଟନାଗପୁର କମିଶନରଙ୍କ ଅଧୀନରେ ବଣେଇ ଓ ଗାଙ୍ଗପୁର ରାଜ୍ୟ ଥିଲା ।

ପ୍ରଥମେ ରାଜାମାନଙ୍କ କ୍ଷମତାରେ ତାରତମ୍ୟ ଥିଲା । କେତେକ ରାଜାଙ୍କୁ ସେସନ୍‌ସ ଜଜ୍ କ୍ଷମତା ଦିଆଯାଇଥିବା ବେଳେ ଆଉ କେତେକଙ୍କୁ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ମଧ୍ୟ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ କେତେକ ରାଜାଙ୍କୁ ନିଜ ସନନ୍ଦ ଥାଇ ଷ୍ଟାମ୍ପପେପର ପ୍ରଚଳନ କରିବା ନିମନ୍ତେ ଅଧିକାର ଦିଆଯାଇଥିଲା । ରାଜ୍ୟର ଗୁରୁତ୍ୱ, ଆୟ, ରାଜାମାନଙ୍କର ଶିକ୍ଷାଦୀକ୍ଷା ଓ ଆଚାର ବ୍ୟବହାରକୁ ବିଚାରକୁ ନେଇ ଏହି ଗଡ଼ଜାତ ରାଜ୍ୟଗୁଡ଼ିକୁ ପ୍ରଥମ ଓ ଦ୍ୱିତୀୟ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ପାଟଣା, ଗାଙ୍ଗପୁର, କଳାହାଣ୍ଡି, ବୌଦ୍ଧ, ବାମଣ୍ଡା ଓ ନୟାଗଡ଼ ଆଦି ଥିଲେ ପ୍ରଥମଶ୍ରେଣୀର ଗଡ଼ଜାତ । ବାକି ଗଡ଼ଜାତଗୁଡ଼ିକ ଦ୍ୱିତୀୟ ଶ୍ରେଣୀର ବିବେଚିତ ହୋଇଥିଲେ ।

ମୟୂରଭଞ୍ଜ, କଳାହାଣ୍ଡି, ପାଟଣା ଓ ସୋନପୁରର ଶାସକ ରାଜାମାନଙ୍କୁ 'ରାଜା' ପରିବର୍ତ୍ତେ 'ମହାରାଜା' ବୋଲି ସମ୍ବୋଧନ କରାଯାଉଥିଲା । ଇଂରେଜସରକାର କେତେକ ଉପାଧି ପ୍ରଚଳିତ କରିଥିଲେ । ସେଥିରେ ରାଜା-ମହାରାଜା ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ନିମନ୍ତେ ଉପାଧି ଉଦ୍ଦିଷ୍ଟ ଥିଲା । ରାଜାମହାରାଜାଙ୍କ ପାଇଁ ସବୁଠାରୁ ବୃହତ୍ ଉପାଧି ଥିଲା 'ହିଜ୍ ହାଇନେସ' । କୌଣସି ରାଜା ୧୧ ବା ତା'ଠାରୁ ଅଧିକ ତୋପ ସଲାମୀ ପାଇବାପାଇଁ ଯୋଗ୍ୟବିବେଚିତ ହେଲେ ଯାଇ ତାଙ୍କୁ ଏହି ଉପାଧି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିଲା । ଅନେକ ଦିଗରୁ ବିଚାରକରି ବ୍ରିଟିଶ ସରକାର ରାଜା-ମହାରାଜାଙ୍କୁ ଯେଉଁ ଉପାଧି ପ୍ରଦାନ କରୁଥିଲେ ସେଗୁଡ଼ିକ ହେଲା କେ.ସି.ଆଇ.ଇ (KCIE), ଓ.ବି.ଇ (OBE), ଏମ୍.ବି.ଇ (MBE) ଓ ନାଇଟ (Kt) । ସୋନପୁରର ତତ୍‌କାଳୀନ 'ମହାରାଜା' ବୀରମିତ୍ରୋଦୟ ସିଂହଦେବଙ୍କୁ ଓ ମୟୂରଭଞ୍ଜର ତତ୍‌କାଳୀନ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କୁ କେ.ସି.ଆଇ.ଇ (KCIE) ଓ କଳାହାଣ୍ଡିର ତତ୍‌କାଳୀନ ମହାରାଜା ବ୍ରଜମୋହନ ଦେଓଙ୍କୁ ଓ.ବି.ଇ(OBE) ଉପାଧି ଇଂରେଜ ସରକାର ପ୍ରଦାନ କରିଥିଲେ । ପ୍ରାଦେଶିକ ଗଭର୍ଣ୍ଣର, ତାଙ୍କ ମନ୍ତ୍ରୀ ହାଇକୋର୍ଟ ଜଜ୍, ଏକ୍‌ଜିକିଉଟିଭ କାଉନ୍‌ସିଲର ଓ ଦେଶୀୟ ରାଜାମାନଙ୍କୁ କେ.ସି.ଆଇ.ଇ (KCIE) ଠାରୁ ଉପରକୁ ଉପାଧିମାନ ମିଳିଥିଲା ।

ବ୍ରିଟିଶ ସରକାର ରାଜାମାନଙ୍କ ଗତିବିଧି ପ୍ରତି ସତର୍କ ଦୃଷ୍ଟି ରଖିଥିଲେ ହେଁ ଅନେକ ରାଜା ମନୋମୁଖୀ ଶାସନ ଚଳାଇ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଦେଉଥିଲେ । ନାରୀଧର୍ଷଣ, ନରହତ୍ୟା, ବେଠି, ବେଗାରି ଆଦି ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହୁଥିଲେ । ପ୍ରଜାମାନେ ଦୁଃଖ ଯନ୍ତ୍ରଣା ମୁଣ୍ଡପାତି ସହୁଥିଲେ । ପଲ୍‌ଟିକାଲ ଏଜେଣ୍ଟ, ରେଭେନ୍ୟୁ କମିଶନର, ରେସିଡ଼େଣ୍ଟ କମିଶନର ଆଦି ପଦସ୍ଥ ଅଧିକାରୀମାନେ ପରିଦର୍ଶନରେ ଆସିଲେ ସେମାନଙ୍କୁ ଉତ୍ତମ ସତ୍କାର କରାଯାଇ ବଶୀଭୂତ କରିଦିଆଯାଉଥିଲା । ଢେଙ୍କାନାଳ, ତାଳଚେର, ନୀଳଗିରି, ରଣପୁରରେ ରାଜାମାନଙ୍କର ଅତ୍ୟାଚାର ସବୁଠାରୁ ଅଧିକ ଥିଲା । ଫଳରେ ଏସବୁ ରାଜ୍ୟରେ ପ୍ରଜାମଣ୍ଡଳ ଗଠନ କରାଯାଇ ଗଣ ଆନ୍ଦୋଳନ ସୃଷ୍ଟି ହୋଇଥିଲା ।

## ଗଡ଼ଜାତ ରାଜ୍ୟମାନଙ୍କ ସଂକ୍ଷିପ୍ତ ବିବରଣୀ :

**ପାଟଣା** ରାଜ୍ୟ ୧୯୦୫ ମସିହାରେ ମଧ୍ୟ-ପ୍ରଦେଶରୁ ଆସି ଓଡ଼ିଶାରେ ମିଶିଲା । ବଲାଙ୍ଗୀର ଏହି ରାଜ୍ୟର ରାଜଧାନୀ । ଏହି ରାଜ୍ୟର କ୍ଷେତ୍ରଫଳ ୨୩୯୯ ବର୍ଗମାଇଲ । ୧୭୬୬ଟି ଗ୍ରାମ ଓ ଗୋଟିଏ ସହର ଏହି ରାଜ୍ୟର ଅନ୍ତର୍ଭୁକ୍ତ । ଏହି ରାଜ୍ୟର ଶେଷ ସ୍ୱାଧୀନ ଶାସକ ହେଲେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ । ତାଙ୍କର ଜନ୍ମ ୧୯୧୨ ମସିହା ମାର୍ଚ୍ଚ ମାସ ୧୨ ତାରିଖ । ତାଙ୍କ ପୂର୍ବର ରାଜା ପୃଥ୍ୱୀରାଜ ଦେବ ଅପୁତ୍ରକ ଥିବାରୁ ରାଜେନ୍ଦ୍ର ନାରାୟଣଙ୍କୁ ଷଢ଼େଇକଳା ରାଜ୍ୟରୁ ପୋଷ୍ୟପୁତ୍ର କରି ଆଣିଥିଲେ । ରାଜେନ୍ଦ୍ର ନାରାୟଣ ପଞ୍ଜାବର ପାତିଆଲା ମହାରାଜାଙ୍କ କନ୍ୟାଙ୍କର ପାଣିଗ୍ରହଣ କରିଥିଲେ । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ୮.୩.୧୯୬୭ ରୁ ୯.୧.୧୯୭୧ ପର୍ଯ୍ୟନ୍ତ ବହନ କରିଥିଲେ । ୨୩.୨.୧୯୭୫ ରେ ତାଙ୍କର ପରଲୋକ ହୋଇଗଲା ।


ମହାରାଜା ବୀରମିତ୍ରୋଦୟ ସିଂହଦେବ

**ସୋନପୁର** ପ୍ରଥମେ ପାଟଣାରାଜ୍ୟ ଅଧୀନରେ ଥିଲା । ୧୫୬୦ରେ ସମ୍ବଲପୁରର ରାଜା ମଧୁକର ରାୟ ଏହାକୁ ପାଟଣାରୁ ଅଲଗା କରିଦେଲେ । ଏହି ରାଜ୍ୟର ଆୟତନ ୯୦୬ ବର୍ଗମାଇଲ । ୨ଟି ସହର

ଓ ୮୨୭ ଗ୍ରାମ ଏହି ରାଜ୍ୟର ଅନ୍ତର୍ଭୁକ୍ତ। ରାଜଧାନୀର ନାମ ସୋନପୁର। ଏହି ରାଜ୍ୟର ଅନ୍ୟତମ ମହାରାଜା ସାର୍ ବୀରମିତ୍ରୋଦୟ ସିଂହଦେବ ଥିଲେ ଅତ୍ୟନ୍ତ ସାହିତ୍ୟ ଓ ସଂସ୍କୃତିସମ୍ପନ୍ନ ତଥା ଉତ୍ତମ ପ୍ରଜାପାଳକ। ସେ ୧୮୭୪ ମସିହା ଅଗଷ୍ଟ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ମାନ୍ୟତା ସ୍ୱରୂପ ଇଂରେଜ ସରକାରଙ୍କଠାରୁ ନଅଟି ତୋପସଲାମି ପାଉଥିଲେ। ସେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସରକାରଙ୍କୁ ବିପୁଳ ପରିମଣରେ ଚାଉଳ, ଅର୍ଥ ଓ ସୈନ୍ୟ ଯୋଗାଇଥିବାରୁ କେ.ସି.ଆଇ.ଇ ଉପାଧି ଲାଭ କରିଥିଲେ। କଲିକତା ଓ ପାଟଣା ବିଶ୍ୱବିଦ୍ୟାଳୟରେ ଏହାଙ୍କ ଦାନ ଯୋଗୁ ଓଡ଼ିଆଭାଷା ଉଚ୍ଚ ପରୀକ୍ଷା ନିମନ୍ତେ



ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ନିର୍ବାଚିତ ହୋଇଥିଲା। ତାଙ୍କର ମହାରାଣୀ ମଧ୍ୟ 'ସି.ଆଇ' ଉପାଧି ଲାଭ କରିଥିଲେ। ପୁରୀ ଜିଲ୍ଲାର ଦୁର୍ଭିକ୍ଷ ଓ ବଢ଼ି ସମୟରେ ସେ ଧାନ ଚାଉଳ ବହୁ ପରିମାଣରେ ସାହାଯ୍ୟ ଆକାରରେ ପ୍ରଦାନ କରିଥିଲେ। ରେଭେନ୍‌ସା କଲେଜର 'ସୋନପୁର ଚେୟାର' ତାଙ୍କରି ଦାନରେ ସ୍ଥାପିତ। ସେ ପୁରୀ ଶ୍ରୀମନ୍ଦିରକୁ ମୂଲ୍ୟବାନ ବିଜୁଳି ଆଲୋକ ପ୍ରଦାନ କରିଥିଲେ। ତାଙ୍କର ଧର୍ମପ୍ରାଣତା ଯୋଗୁ ପୁରୀ ମୁକ୍ତିମଣ୍ଡପ ସଭା ତାଙ୍କୁ 'ଧର୍ମନିଧି ଜ୍ଞାନଗୁଣାକର' ଉପାଧି ପ୍ରଦାନ କରିଥିଲେ। ତାଙ୍କରି ପ୍ରଚେଷ୍ଟାରେ ବହୁ ଓଡ଼ିଆ ପୁସ୍ତକ ସୋନପୁର ଦରବାର ତରଫରୁ ପ୍ରକାଶିତ। ସମଗ୍ର ଉତ୍କଳରେ ସୋନପୁର ମହାରାଜା ସବୁଠାରୁ ବଡ଼ ଧନୀ ବୋଲି ପରିଚିତ ଥିଲେ। ସଂସ୍କୃତ ଭାଷାରେ ତାଙ୍କର ଓ ତାଙ୍କ ରାଣୀଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା। ତାଙ୍କଦ୍ୱାରା ପ୍ରତିଷ୍ଠିତ ସଂସ୍କୃତ ମହାବିଦ୍ୟାଳୟକୁ ଭାରତର ବିଭିନ୍ନ ପ୍ରାନ୍ତରୁ ଶିକ୍ଷାର୍ଥୀମାନେ ଆସି ଅଧ୍ୟୟନ କରୁଥିଲେ। ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି ମହାତ୍ମା ଭୀମ ଭୋଇ ଏ ମାଟିର ସନ୍ତାନ। ତାଙ୍କର ଗାଦି ଖଲିଆପାଲିଠାରେ ଅବସ୍ଥିତ।

**ମୟୂରଭଞ୍ଜ** ରାଜ୍ୟ ଗଠନ ସମ୍ପର୍କରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ। ୧୦୯୮ରେ ରାଜସ୍ଥାନର ସୂର୍ଯ୍ୟବଂଶୀ ରାଜପୁତ ଜୟସିଂହ ପୁରୀକୁ ତୀର୍ଥ ଭ୍ରମଣରେ ଆସିଥିଲେ। ଉତ୍କଳର ଗଜପତିଙ୍କ କନ୍ୟାକୁ ବିବାହ କରି ସେ ହରିପୁର (ବର୍ତ୍ତମାନର ମୟୂରଭଞ୍ଜ) ରାଜ୍ୟକୁ ଯୌତୁକ ସ୍ୱରୂପ ପାଇଥିଲେ। ତାଙ୍କର ଥିଲେ ଦୁଇପୁତ୍ର। ସେମାନେ ହେଲେ ଆଦି ସିଂହ ଓ ଯତି ସିଂହ। ଆଦି ସିଂହ ନିଜ ବୀରତ୍ୱ ବଳରେ ମୟୂରଧ୍ୱଜ ନାମକ ଜଣେ କ୍ଷୁଦ୍ର ସାମନ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ଗଜପତିଙ୍କଠାରୁ ଭଞ୍ଜ ଉପାଧି ପ୍ରାପ୍ତ ହୋଇଥିଲେ। ଫଳରେ ରାଜ୍ୟର ନାମ ହେଲା



**ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ**

ମୟୂରଭଞ୍ଜ। ଏ ରାଜ୍ୟର ରାଜଚିହ୍ନ 'ମୟୂର'। ଏଠାରେ ମୟୂରବଧ ନିଷେଧ। ଏହି ରାଜ୍ୟର କ୍ଷେତ୍ରଫଳ ୪୨୪୩ ବର୍ଗ ମାଇଲ। ଗ୍ରାମ ସଂଖ୍ୟା ୩୭୧୫। ସହର ଗୋଟିଏ। ରାଜଧାନୀ ବାରିପଦା। ଓଡ଼ିଶାର ବିକାଶପାଇଁ ଏ ରାଜ୍ୟର ଶାସକ ମହାରାଜାମାନେ ବିଭିନ୍ନ ସମୟରେ ବହୁ ସାହାଯ୍ୟ କରିଯାଇଛନ୍ତି। ବିଶେଷକରି ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ଏ ରାଜ୍ୟର ଅବଦାନ ଅବିସ୍ମରଣୀୟ।

ଏହି ରାଜ୍ୟର ଶାସକରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ କଟକ କଲେଜିଏଟ୍ ସ୍କୁଲକୁ ୨୬,୨୦୦ ଟଙ୍କା ଦାନ କରି ବ୍ରିଟିଶ ସରକାରଙ୍କଠାରୁ ମହାରାଜା ଉପାଧି ପ୍ରାପ୍ତ ହୋଇଥିଲେ। ତାଙ୍କର ପୁତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେଶନର ସଭାପତି ହୋଇଥିଲେ। ସେ ଶିକାରକୁ ଯାଇ ଆକସ୍ମିକ ଗୁଳି ଚୋଟରେ ପ୍ରାଣ ହରାଇଥିଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ରାଜା ହେଲେ। ସେ ଥିଲେ ପ୍ରବଳ ପରାକ୍ରମୀ। କଟକ ରେଭେନ୍ସା କଲେଜରେ ବିଜୁଳି ଆଲୋକର ସୁବନ୍ଦୋବସ୍ତପାଇଁ ସେ ଏକଲକ୍ଷ ଟଙ୍କା ଦାନ କରିଥିଲେ। ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷ ତାଙ୍କରି ଦାନ ଅର୍ଥରେ ପ୍ରକାଶିତ। ଫଳରେ ତାହା 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ନାମରେ ନାମିତ। ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପିତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓଡ଼ିଆଜାତି ତଥା ଓଡ଼ିଶାର ଉନ୍ନତିପାଇଁ ଖୁବ୍ ଯତ୍ନବାନ ଥିଲେ। ରେଭେନ୍ସା କଲେଜର ଉନ୍ନତିପାଇଁ ସେ ବହୁ ଅର୍ଥ ଦାନ କରିଥିଲେ। ଓଡ଼ିଶାର ଡାକ୍ତରୀ ବିଦ୍ୟାଳୟଟି ତାଙ୍କର ଅକୁଣ୍ଠ ସାହାଯ୍ୟ ଓ ପ୍ରେରଣାରେ ପ୍ରତିଷ୍ଠା ହୋଇଥିଲା। 'ଉତ୍କଳ ସାହିତ୍ୟ ସମାଜ' ଗଠନରେ ମହାରାଜାଙ୍କ

ଭୂମିକା ଉଲ୍ଲେଖନୀୟ । ଉତ୍କଳର ପ୍ରାଣକେନ୍ଦ୍ର କଟକ ମହାନଗରୀରେ ଥିବା ମେଡ଼ିକାଲ କଲେଜଟି ତାଙ୍କରି ନାମରେ ନାମିତ । କଟକ ମହାନଗରୀର ସାହିତ୍ୟ ଓ ସଂସ୍କୃତି କେନ୍ଦ୍ର ଶ୍ରୀରାମଚନ୍ଦ୍ର ଭବନ ତାଙ୍କ ନାମରେ ନାମିତ ହୋଇ ମହାରାଜାଙ୍କ ମହିମାର ଗୁଣଗାନ କରୁଛି । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ କ୍ଷୌର ହେଉଥିବା ସମୟରେ ଧନୁଷ୍ଟଙ୍କାର ରୋଗରେ ପଡ଼ି ୧୯୨୮ ମସିହାରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପରେ ତାଙ୍କର କନିଷ୍ଠଭ୍ରାତା ପ୍ରତାପଚନ୍ଦ୍ର ଭଞ୍ଜଦେଓ ମୟୂରଭଞ୍ଜର ଅଧିପତି ହେଲେ । ତାଙ୍କ ସମୟରେ ବହୁ ଉନ୍ନତି ଘଟିଲା । ସୁଶାସନ ପାଇଁ ସେ ଇଂରେଜ ସରକାରଙ୍କ ଠାରୁ କେ.ସି.ଆଇ.ଇ ଉପାଧି ଲାଭ କରିଥିଲେ ।

**କଳାହାଣ୍ଡି** ଗଡ଼ଜାତ ରାଜ୍ୟ ଏକ ପ୍ରାଚୀନ ରାଜ୍ୟ । ପ୍ରାଚୀନ କାଳରେ ଏହା ମୂଷିକ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । କଳିଙ୍ଗର କୌଣସି ଗଙ୍ଗବଂଶୀୟ ରାଜା ଏହି ରାଜ୍ୟକୁ ଜୟ କରି ରାଜତ୍ୱ କଲେ । ଗଙ୍ଗବଂଶୀୟ ରାଜାମାନେ ଏଠାରେ ୧୦୦୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଶେଷ ଗଙ୍ଗବଂଶୀ ରାଜା ଅପୁତ୍ରକ ଥିବାରୁ ଉତ୍ତରାଞ୍ଚଳର କୌଣସି ରାଜପୁତ୍ରଙ୍କୁ ନିଜର କନ୍ୟାକୁ ପ୍ରଦାନ ପୂର୍ବକ ରାଜ୍ୟଭାର ଅର୍ପଣ କରିଥିଲେ । ଏହି ଗଡ଼ଜାତ ରାଜ୍ୟ ଅଧୀନରେ ଅଠରଗୋଟି ସାମନ୍ତରାଜ୍ୟ ଥିଲା । ଏ ରାଜ୍ୟର କ୍ଷେତ୍ରଫଳ ୩୭୪୫ ବର୍ଗମାଇଲ । ଗ୍ରାମସଂଖ୍ୟା ୨୨୪୫ ଓ ସହର ସଂଖ୍ୟା ୧ । ଏ ରାଜ୍ୟର ଶାସକ ମହାରାଜା ଶ୍ରୀ ଶ୍ରୀ ବ୍ରଜମୋହନ ଦେଓ ଓଡ଼ିଶାର ରାଜାମାନଙ୍କ ମଧ୍ୟରୁ ସର୍ବପ୍ରଥମେ ମାନ୍ୟସ୍ୱରୂପ ବ୍ରିଟିଶସରକାରଠାରୁ ନଅଗୋଟି ତୋପ ସଲାମି ଓ ଓ.ବି.ଇ ଉପାଧି ପ୍ରାପ୍ତ ହୋଇଥିଲେ । ତାଙ୍କର ପୁତ୍ର ପ୍ରତାପ କେଶରୀ ଦେଓ ଥିଲେ ଏ ରାଜ୍ୟର ଶେଷ ସ୍ୱାଧୀନ ରାଜା । ଭବାନୀପାଟଣା ଏ ରାଜ୍ୟର ରାଜଧାନୀ ।

**କେନ୍ଦୁଝର** ଗଡ଼ଜାତ ରାଜ୍ୟ ଏକ ପ୍ରାଚୀନ ଗଡ଼ଜାତ । ପ୍ରଥମେ ଏହା ମୟୂରଭଞ୍ଜ ରାଜ୍ୟ ସହ ସାମିଲ ହୋଇଥିଲା । ୧୧୧୮ ରେ ଏହା ମୟୂରଭଞ୍ଜ ରାଜ୍ୟରୁ ପୃଥକ ହୋଇଥିଲା । ସେହିଦିନ ଠାରୁ ଦେଶ ସ୍ୱାଧୀନ ହେବାଯାଏ ୩୮ ଜଣ ରାଜା ଏ ରାଜ୍ୟକୁ ଶାସନ କରି ଅଛନ୍ତି । ଏ ରାଜ୍ୟର ରାଜା ସୂର୍ଯ୍ୟବଂଶୀ । ରାଜାଙ୍କର ସନ୍ତକ 'ମୟୂର ପୁଚ୍ଛ' । ୧୮୫୭ ସାଲରେ ଏଠାର କୋଲ ବିଦ୍ରୋହ ସମୟରେ ଏ ରାଜ୍ୟର ରାଜା ସାହାଯ୍ୟ କରିଥିବାରୁ ଇଂରେଜ ସରକାର ତାଙ୍କୁ ମହାରାଜା ଉପାଧି ପ୍ରଦାନ କରିଥିଲେ । ୧୮୬୧ ସାଲରେ କେନ୍ଦୁଝରର ରାଜା ନିଃସନ୍ତାନ ହୋଇ ମୃତ୍ୟୁବରଣ କରିବାରୁ ରାଣୀ ଧନୁର୍ଜ୍ଜୟ ଭଞ୍ଜଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କଲେ । ଶେଷ ସ୍ୱାଧୀନ ରାଜା ହେଉଛନ୍ତି ବଳଭଦ୍ର ନାରାୟଣ ଭଞ୍ଜଦେଓ । ସେ ୧୯୦୫ ମସିହା ଡ଼ିସେମ୍ବର ୨୬ ତାରିଖରେ ଜନ୍ମଗ୍ରହଣ କରି ୧୯୨୬ ମସିହା ଅଗଷ୍ଟ ୧୨ ତାରିଖରେ ସିଂହାସନ ଆରୋହଣ କରିଥିଲେ । ୧୮୬୧ ମସିହାରେ କେନ୍ଦୁଝରରେ କନ୍ଧ ମେଳି ହୋଇଥିଲା । ଧରଣୀ ଭୂୟାଁ ଏହି ବିଦ୍ରୋହର ନେତା ଥିଲେ । ଇଂରେଜ ସରକାର ଏହି ବିଦ୍ରୋହକୁ ଦମନ କରିଥିଲେ । ଏ ରାଜ୍ୟର କ୍ଷେତ୍ରଫଳ ୩୦୯୬ ବର୍ଗମାଇଲ । ଗ୍ରାମସଂଖ୍ୟା ୧୯୬୫ । ରାଜ୍ୟର ରାଜଧାନୀ କେନ୍ଦୁଝର ଗଡ଼ ।

**ଢେଙ୍କାନାଳ** ଗଡ଼ଜାତ ରାଜ୍ୟ ଏକ ଶିକ୍ଷିତ, ସମ୍ଭ୍ରାନ୍ତ ଓ ସଂସ୍କୃତିସମ୍ପନ୍ନ ଗଡ଼ଜାତ ରାଜ୍ୟ ଭାବରେ ପରିଚିତ । ପୂର୍ବକାଳରେ 'ଢେଙ୍କା' ନାମରେ ଜଣେ ଶବର ରାଜା, ଏ ରାଜ୍ୟକୁ ଶାସନ



ଭାଗୀରଥି ମହୀନ୍ଦ୍ର ବାହାଦୂର

କରୁଥିଲେ । ତାଙ୍କରି ନାମ ଅନୁସାରେ ଏହି ରାଜ୍ୟର ନାମ 'ଢ଼େଙ୍କାନାଳ' ହୋଇଛି । ଚତୁର୍ଦ୍ଦଶ ଶତାବ୍ଦୀରେ ପୁରୀ ରାଜବଂଶୀୟ ସିଂହ ବିଦ୍ୟାଧର ଏହି ରାଜ୍ୟର ଶାସନଭାର ଗ୍ରହଣକରିଥିଲେ । ମୀନକେତନ ରାଜବଂଶର ଚିହ୍ନ । ଏ ରାଜ୍ୟର କ୍ଷେତ୍ରଫଳ ୧୪୬୩ ବର୍ଗମାଇଲ । ରାଜ୍ୟରେ ୮୨୦ ଗ୍ରାମ ଓ ଦୁଇଟି ସହର ଅନ୍ତର୍ଭୁକ୍ତ । ରାଜ୍ୟର ରାଜଧାନୀ- ଢେଙ୍କାନାଳ । ୧୮୬୬ ମସିହା ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଏ ରାଜ୍ୟର ତତ୍‌କାଳୀନ ରାଜା ଭାଗୀରଥି ମହୀନ୍ଦ୍ର ବାହାଦୂର ପାଣିସୁଅ ପରି ବହୁ ଅର୍ଥ ଓ ଚାଉଳ ସାହାଯ୍ୟ ପ୍ରଦାନ କରିଥିବାରୁ ଇଂରେଜ ସରକାର ତାଙ୍କୁ 'ମହାରାଜା' ଉପାଧି ପ୍ରଦାନ କରିଥିଲେ । ଓଡ଼ିଶାରେ ସେତେବେଳେ ଛାପାଖାନା କି ଖବର କାଗଜ ନଥିଲା । ବହୁ ଅର୍ଥ ବ୍ୟୟ କରି ମହାରାଜା ଭଗୀରଥି ମହୀନ୍ଦ୍ର ବାହାଦୂର କଟକର ପ୍ରିଣ୍ଟିଂକମ୍ପାନୀ ଛାପାଖାନା ବସିବାର ସୁବିଧା କରିଦେଲେ । ଫଳରେ ଏହି ଛାପାଖାନାରୁ 'ଉତ୍କଳ ଦୀପିକା' ଖବରକାଗଜ ପ୍ରକାଶ ପାଇଲା । ବହୁପ୍ରାଚୀନ ଗ୍ରନ୍ଥ ଏହି ଛାପାଖାନାରୁ ପ୍ରକାଶ ପାଇଥିଲା । ରାଜା ଭାଗୀରଥି ଓଡ଼ିଆ ପାଠ୍ୟପୁସ୍ତକ ଲେଖା ଓ ଛାପାହେବାପାଇଁ ବହୁ ଅର୍ଥଦାନ କରିଯାଇଛନ୍ତି । ସେ ଏହି ପାଠ୍ୟପୁସ୍ତକ ପ୍ରକାଶନ କମିଟିର ସଭ୍ୟ ମଧ୍ୟ ଥିଲେ । ଏହି ରାଜାଙ୍କ ସମୟରେ ଉତ୍କଳରେ ମହିମାଧର୍ମ ପ୍ରଚାର ହୋଇଥିଲା । ସିଂହ ବିଦ୍ୟାଧରଙ୍କଠାରୁ ଦେଶ ସ୍ୱାଧୀନ ହେବାଯାଏ ୨୬ ଜଣ ରାଜା ଏ ରାଜ୍ୟରେ ରାଜତ୍ୱ କରିଥିଲେ । ଏ ରାଜ୍ୟର ଶେଷ ସ୍ୱାଧୀନ ରାଜା ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର । ତାଙ୍କର ଜନ୍ମ ୧୯୦୪ ମସିହା ନଭେମ୍ବର ୧୫ ତାରିଖ । ୧୯୧୮ ମସିହା ଅକ୍ଟୋବର ମାସ ୧୬ ତାରିଖରେ ସେ ସିଂହାସନ ଆରୋହଣ କଲେ । ଏ ରାଜ୍ୟ ପ୍ରଥମ ଶ୍ରେଣୀ ରାଜ୍ୟ ହୋଇଥିବାରୁ ଏଠାରେ ଆଧୁନିକ ଶାସନ ପଦ୍ଧତି ପ୍ରଚଳିତ ଥିଲା । ଏଠାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା । ଶିକ୍ଷା କ୍ଷେତ୍ରରେ ରାଜ୍ୟ ବହୁ ଉଚ୍ଚରେ ଥିଲା । ସବୁଜ କବି ଅନ୍ନଦା ଶଙ୍କର ରାୟ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, କବି ବ୍ରଜନାଥ ବଡ଼ଜେନା, ବିଶ୍ୱର ସର୍ବକନିଷ୍ଠ ବାଳକ ସହିଦ ବୀର ବାଜି ରାଉତ ଏ ମାଟିର ଅମର ସନ୍ତାନ ।

**ନୟାଗଡ଼** ରାଜ୍ୟ ପ୍ରଥମେ ଖଣ୍ଡପଡ଼ା ରାଜ୍ୟ ଅନ୍ତର୍ଗତ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ମଧ୍ୟପ୍ରଦେଶ ରେବା ବଂଶର ସୂର୍ଯ୍ୟମଣି ସିଂହ ନାମରେ ଜଣେ ରାଜପୁତ୍ର ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନପାଇଁ ଆସିଥିଲେ । ସେ ଆସିବା ସମୟରେ ନୟାଗଡ଼ର ଲୋକେ ବ୍ୟାଘ୍ର ଭୟରେ ଆତଙ୍କିତ

ଥିଲେ । ରାଜକୁମାର ବ୍ୟାଘ୍ରକୁ ବଧ କରି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କଲେ । ଫଳରେ ଲୋକେ ସେଠାକାର ରାଜା ଭାବରେ ତାଙ୍କୁ ବରଣ କଲେ । ଏ ରାଜବଂଶର ସନ୍ତକ ବାଘମୁଣ୍ଡ । ସେହିଦିନଠାରୁ ଦେଶ ସ୍ୱାଧୀନ ହେବାଯାଏ ଏ ରାଜ୍ୟରେ ପ୍ରାୟ ୨୪ ଜଣ ରାଜା ରାଜପଣ କରିଯାଇଛନ୍ତି । ଏହାର ଶେଷ ସ୍ୱାଧୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍‌ଧାତା । ତାଙ୍କର ଜନ୍ମ ୧୯୧୧ ମସିହା ଅଗଷ୍ଟ ୧୫ ତାରିଖ । ସେ ଗାଦିନସୀନ ହେଲେ ୧୯୧୮ ମସିହା ଡ଼ିସେମ୍ବର ୭ ତାରିଖ ଦିନ ନାବାଳକ ଥିବା ସମୟରେ । ସେ ନେପାଳରେ ବିବାହ କରିଥିଲେ । ଏ ରାଜ୍ୟର କ୍ଷେତ୍ରଫଳ ୫୯୦ ବର୍ଗମାଇଲ । ଏଠାରେ ୫୬୫ ଗ୍ରାମ ରହିଥିଲା । ନୟାଗଡ଼ ଥିଲା ଏହାର ରାଜଧାନୀ । ଇଟାମାଟି ହେଲା ପ୍ରଧାନ ବାଣିଜ୍ୟ କେନ୍ଦ୍ର । ଏ ରାଜ୍ୟରେ ରଘୁନାଥଜୀଉ ଓ ଲଡୁକେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ ।

**ଗାଙ୍ଗପୁର** ଗଡ଼ଜାତ ରାଜ୍ୟର କ୍ଷେତ୍ରଫଳ ୨୪୯୨ ବର୍ଗମାଇଲ । ଏ ରାଜ୍ୟର ଗ୍ରାମ ସଂଖ୍ୟା ୧୧୧୮ । ସୁନ୍ଦରଗଡ଼ ଏହି ରାଜ୍ୟର ରାଜଧାନୀ । ଏ ରାଜ୍ୟ ଏକଦା ସମ୍ବଲପୁର ଅଧୀନରେ ଥିଲା । ୧୮୦୩ରେ ମରହଟ୍ଟାମାନଙ୍କ ହାତରୁ ଏହା ଇଂରେଜମାନଙ୍କ ହାତକୁ ଆସି ପୁନର୍ବାର ୧୮୦୭ ମସିହାରେ ମରହଟ୍ଟାମାନଙ୍କ ହାତକୁ ଚାଲିଯାଇଥିଲା । ୧୯୦୫ରେ ଗାଙ୍ଗପୁର ଛୋଟନାଗପୁରରୁ ବିଚ୍ଛିନ୍ନ ହୋଇ ଓଡ଼ିଶା ସହିତ ମିଶିଲା । ଏ ରାଜ୍ୟର ପ୍ରଧାନ ଅଧିବାସୀ ଭୂୟାଁ ଜାତି । ଏ ରାଜ୍ୟର ଶେଷ ସ୍ୱାଧୀନ ରାଜା ଶ୍ରୀ ବୀରମିତ୍ର ପ୍ରତାପ ଶେଖର ଦେଓ । ୧୯୩୦ରେ ସେ ସିଂହାସନ ଆରୋହଣ କରିଥିଲେ । ସେ ହେଉଛନ୍ତି ଗଙ୍ଗବଂଶୀ । ଭୂୟାଁମାନେ ଏ ରାଜ୍ୟର ପ୍ରଧାନ ଅଧିକାରୀ । ଭୂୟାଁମାନଙ୍କ ମୁହଁରୁ ଶୁଣାଯାଏ ଯେ, ଉତ୍କଳର ଜଣେ କେଶରୀବଂଶୀୟ ସାମନ୍ତ ଏ ରାଜ୍ୟକୁ ପ୍ରଥମେ ଶାସନ କରୁଥିଲେ । ତାଙ୍କର ବଂଶ ଲୋପପାଇବାରୁ ଲୋକେ ଶିଖର ଭୂମିରୁ ଶିଖର ବଂଶର ଜଣେ ବାଳକକୁ ଅପହରଣ କରିଆଣି ରାଜା କରିଥିଲେ । ସେହି ବଂଶ ଶେଷଯାଏ ଏ ରାଜ୍ୟର ଶାସନକର୍ତ୍ତା ବା ରାଜା ଭାବରେ ବିବେଚିତ ।

**ବୌଦ୍ଧ** ଏକ ପ୍ରାଚୀନ ଗଡ଼ଜାତ ରାଜ୍ୟ । ଆଦିମ କାଳରୁ ଏହି ରାଜ୍ୟ ଏକ କନ୍ଧ ରାଜ୍ୟ ଥିଲା । କୁହାଯାଏ, ପ୍ରାୟ ହଜାରେ ବର୍ଷ ତଳେ ଜଣେ ବ୍ରାହ୍ମଣ ଏହି ରାଜ୍ୟରେ ପ୍ରବେଶ କରି କନ୍ଧମାନଙ୍କୁ ଦକ୍ଷିଣ ଅଞ୍ଚଳକୁ ତଡ଼ିଦେଲେ । ସ୍ୱାଧୀନତା ପର୍ଯ୍ୟନ୍ତ ଏହି ବ୍ରାହ୍ମଣବଂଶୀୟ ୭୨ ଜଣ ରାଜା ଏ ରାଜ୍ୟକୁ ଶାସନ କରିଛନ୍ତି । ବୌଦ୍ଧ ଥିଲା ଏକ ବିରାଟ ରାଜ୍ୟ । କାଳକ୍ରମେ ପଡ଼ୋଶୀ ରାଜାମାନେ ଏହି ରାଜ୍ୟରୁ ଖଣ୍ଡିଏ ଖଣ୍ଡିଏ ଦଖଲ କରି ନିଜ ରାଜ୍ୟରେ ମିଶାଇ ଦେଇଛନ୍ତି । ଏ ବଂଶର ରାଜାମାନେ ଜଙ୍ଗଲ ପରିଷ୍କାର କରି ରାଜ୍ୟସ୍ଥାପନ କରିଥିବାରୁ 'ଭଞ୍ଜ' ଉପାଧି ଲାଭକରିଥିଲେ । ରାଜା ପୀତାମ୍ବର ଦେଓ କନ୍ଧମାଳର କନ୍ଧମାନଙ୍କ ନରବଳି ପ୍ରଥା ବନ୍ଦ କରି ନପାରି କନ୍ଧମାଳକୁ ୧୮୩୫ ମସିହାରେ ଇଂରେଜମାନଙ୍କୁ ଅର୍ପଣ କରିଥିଲେ । ଫଳରେ କନ୍ଧମାଳ ଅନୁଗୁଳ ଜିଲ୍ଲା ଅନ୍ତର୍ଭୁକ୍ତ ହେଲା । ଏ ରାଜ୍ୟର ଆୟତନ ୧୨୬୪ ବର୍ଗମାଇଲ । ଏଥିରେ ଥିଲା ୧୦୨୯ଟି ଗ୍ରାମ । ବୌଦ୍ଧର ଶେଷ ସ୍ୱାଧୀନ ରାଜା ନାରାୟଣ ପ୍ରସାଦ ଦେଓ ୧୯୦୪ ମାର୍ଚ୍ଚ ୧୪ ତାରିଖରେ ଜନ୍ମ ଗ୍ରହଣ କରି ୧୯୧୩ ମସିହା ମାର୍ଚ୍ଚ ୧୦ ତାରିଖରେ ସିଂହାସନ ପାଇଥିଲେ ।

ଏଠାରେ ହାଇସ୍କୁଲ ସ୍ଥାପିତ ହୋଇଥିଲା । ରାଜା ବହୁ ଜନମଙ୍ଗଳକାର୍ଯ୍ୟ ରାଜ୍ୟବାସୀଙ୍କ ପାଇଁ କରିଯାଇଛନ୍ତି ।

**ବାମଣ୍ଡା** ରାଜ୍ୟ ଥିଲା ଓଡ଼ିଶାର ଏକ ଆଦର୍ଶ ଗଡ଼ଜାତ ରାଜ୍ୟ । ଶୁଣାଯାଏ, ଉତ୍କଳର ଗଜପତି କପିଳେନ୍ଦ୍ର ଦେବଙ୍କ ପୁତ୍ର ସୁଭକ୍ତ ଏଠାରେ ରାଜୁତି କରୁଥିଲେ । ଫଳରେ ବାମଣ୍ଡାର ରାଜବଂଶ ନିଜକୁ ଗଙ୍ଗବଂଶୀ ବୋଲି କହିଥାଆନ୍ତି । ରାଜବଂଶର ସନ୍ତକ 'ଶଙ୍ଖ' । ଏ ରାଜ୍ୟର ଆୟତନ ୧୯୮୮ ବର୍ଗମାଇଲ । ଗ୍ରାମସଂଖ୍ୟା ୧୦୪୫, ଦେବଗଡ଼ ରାଜ୍ୟର ରାଜଧାନୀ । ସାହିତ୍ୟ, ସଂସ୍କୃତି, କୃଷିବିକାଶ, ଟେଲିଫୋନ, ଜଳବିଦ୍ୟୁତ୍, ଡ଼ାକସେବା ଓ ମୁଦ୍ରାଯନ୍ତ୍ର ପ୍ରଚଳନ କ୍ଷେତ୍ରରେ ଏ ରାଜ୍ୟ ଆଗୁଆ ଥିଲା । ଏଠାରେ ସ୍ୱତନ୍ତ୍ର ରେଜେଷ୍ଟ୍ରି ଷ୍ଟାମ୍ପ ପ୍ରଚଳିତ ଥିଲା । ଏହା କେବଳ ଏ ରାଜ୍ୟର ଆଦର୍ଶ ଶାସକ ସାର୍ ବାସୁଦେବ ସୁଢ଼ଳଦେବ ଓ ତାଙ୍କ ପୁତ୍ର ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଗଙ୍ଗଦେବଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା । ଓଡ଼ିଶାର ଲେଖକ, କବି, ସାହିତ୍ୟ ଓ ପଣ୍ଡିତମାନଙ୍କୁ ଏ ରାଜା ବିଶେଷ ସମାଦର ଓ ସମ୍ବର୍ଦ୍ଧନା ପ୍ରଦାନ କରୁଥିଲେ । 'ସମ୍ବଲପୁର ହିତୈଷିଣୀ' ନାମରେ ଏକ ସାହିତ୍ୟ ସଂସ୍କୃତିମୂଳକ ପତ୍ରିକା ଏଠାରୁ ପ୍ରକାଶ ପାଉଥିଲା । ଏଠାରେ ହାଇସ୍କୁଲ ଗଡ଼ଜାତ ଶାସନ ସମୟରୁ ପ୍ରତିଷ୍ଠିତ ହୋଇଛି । ଏ ରାଜ୍ୟର ଶେଷ ସ୍ୱାଧୀନ ରାଜା ହେଉଛନ୍ତି ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ । ସେ ୧୯୧୪ ମସିହା ଫେବୃଆରି ୨୫ ତାରିଖରେ ଜନ୍ମହୋଇ ୧୯୨୦ରେ ଗାଦିପ୍ରାପ୍ତ ହୋଇଥିଲେ । ଗୁରୁତ୍ୱ ଦୃଷ୍ଟିରୁ ବାମଣ୍ଡା ଗଡ଼ଜାତ ରାଜ୍ୟ ସ୍ୱତନ୍ତ୍ର ଉପସ୍ଥାପନା ଦାବି କରେ ।

**ତାଳଚେର** ଗଡ଼ଜାତ ରାଜ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ରାଜସ୍ଥାନ ଜୟପୁରର ସୂର୍ଯ୍ୟବଂଶୀ ରାଜାଙ୍କର ଜଣେ ପୁତ୍ରଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ସେ ଅନେକ ତାଳଗଛ ଉତ୍ପାଟନ କରାଇ ନିଜର ବାସସ୍ଥାନ ସ୍ଥାପନ କରିଥିବାରୁ ଏହି ରାଜ୍ୟର ନାମ ତାଳଚେର ରାଜ୍ୟ ହୋଇଛି । ଏହା ଏକ ସଭ୍ୟ, ଶିକ୍ଷିତ ଓ ସଂସ୍କୃତିସମ୍ପନ୍ନ ଗଡ଼ଜାତ ରାଜ୍ୟଭାବରେ ବିବେଚିତ । ଏ ରାଜ୍ୟର ରାଜବଂଶ ସନ୍ତକ- 'ବ୍ୟାଘ୍ରମସ୍ତକ' । ଏ ରାଜ୍ୟର କ୍ଷେତ୍ରଫଳ ୩୯୯ ବର୍ଗମାଇଲ । ଏଥିରେ ୨୮୧ ଗ୍ରାମ ଓ ଗୋଟିଏ ସହର ରହିଛି । ଏଠାରେ କୋଇଲା ଖଣି, ଲୁହାଖଣି ଅଛି ଓ ରାଜାଙ୍କ ସ୍ଥାପିତ ଦିଆସିଲି କାରଖାନା ଥିଲା । 'ଗଡ଼ଜାତ ବାସିନୀ' ନାମରେ ଏ ରାଜ୍ୟରୁ ଏକ ସାହିତ୍ୟ ସଂସ୍କୃତି ପତ୍ରିକା ପ୍ରକାଶ ପାଉଥିଲା । ଏ ରାଜ୍ୟରେ 'ରାଣୀପାର୍କ' ନାମରେ ଏକ ପ୍ରାକୃତିକ ଚିଡ଼ିଆଖାନା ରହିଛି । ଏ ରାଜାଙ୍କର ରାଜପ୍ରାସାଦର ଫାଟକ ବ୍ରାହ୍ମଣୀନଦୀକୁ ମୁହଁ କରିରହିଛି । ଅନନ୍ୟ କାରୁକାର୍ଯ୍ୟରେ ଏହି ଫାଟକଟି ସୁଶୋଭିତ । ସହର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଓ ସହରର ମଝିରେ ମଝିରେ ଫାଟକମାନ ନିର୍ମାଣ କରାଯାଇଛି । 'ପ୍ରମୋଦ ଅଭିଧାନ' ନାମରେ ଏକ ବିରାଟ ଓଡ଼ିଆ କୋଷ ଏ ରାଜ୍ୟର ପଣ୍ଡିତ ଦାମୋଦର ମିଶ୍ରଙ୍କଦ୍ୱାରା ସଂକଳିତ ହୋଇ ବେଶ୍ ଆଦୃତି ଲାଭ କରିଛି । ସୁପ୍ରସିଦ୍ଧ ମା'ହିଙ୍ଗୁଳାଙ୍କ ପୀଠ ଏଠାରେ ବିଦ୍ୟମାନ । ରାଜା କିଶୋର ଚନ୍ଦ୍ର ବୀରବର ହରିଚନ୍ଦନ ଦେବଙ୍କ ଅମଳରେ ଏହାର ବହୁ ଉନ୍ନତି ସାଧିତ ହୋଇଥିଲା । ରାଜ୍ୟ ହସିଉଠିଥିଲା । ରାଜ୍ୟରେ ବିଜୁଳି ଆଲୋକ ଓ ଟେଲିଫୋନ ସେବାର ସୁବିଧା ହୋଇଥିଲା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କର ଏ ରାଜ୍ୟ ହେଉଛି ଜନ୍ମପୀଠ ।

**ବଣାଇ** ଏକ ପୁରାତନ ଗଡ଼ଜାତରାଜ୍ୟ । ଜଣାଯାଏ, ଲଙ୍କା ବା ସିଂହଳଦ୍ୱୀପରୁ ଏହି ରାଜବଂଶର ପୂର୍ବପୁରୁଷମାନେ ଆସି ଏଠାରେ ଥିବା ଗଣ୍ଡଭୂୟାଁ ଜମିଦାରମାନଙ୍କୁ ଯୁଦ୍ଧରେ ପରାସ୍ତ କରି ରାଜ୍ୟସ୍ଥାପନ କରିଥିଲେ । ଏମାନେ କ୍ଷତ୍ରିୟ ଓ କଦମ୍ବବଂଶୀ । ଏହି ରାଜବଂଶ ଜୟଚନ୍ଦ୍ରଙ୍କ ବଂଶଧର । ଏହି ରାଜ୍ୟର ଆୟତନ ୧୨୯୯ ବର୍ଗମାଇଲ । ୩୬୬ ଗ୍ରାମ ଏ ରାଜ୍ୟରେ ଅନ୍ତର୍ଭୁକ୍ତ । ଏ ରାଜ୍ୟ ପ୍ରାକୃତିକ ତଥା ବଣ୍ୟ ସମ୍ପଦରେ ଭରପୂର ।

**ଆଠଗଡ଼** ରାଜା ଜାତିରେ କରଣ । ପୁରୀରାଜାଙ୍କଠାରୁ ସେମାନେ ଶ୍ରୀକରଣ ବେବର୍ତ୍ତା ପଟ୍ଟନାୟକ ଉପାଧି ପ୍ରାପ୍ତ ହୋଇଥିଲେ । ପୁରୀ ରାଜାଙ୍କର ମନ୍ତ୍ରୀ ନୀଳାଦ୍ରି ବେବର୍ତ୍ତା ଏହି ରାଜ୍ୟର ପ୍ରତିଷ୍ଠାତା । ପୁରୀ ରାଜା ତାଙ୍କୁ ଏହି ରାଜ୍ୟ ପ୍ରଦାନ କରିଥିବା ଜଣାଯାଏ । ଷୋଡ଼ଶ ଶତାବ୍ଦୀରେ ଏ ରାଜ୍ୟ ପ୍ରତିଷ୍ଠା ହୋଇଥିବା ଜଣାଯାଏ । ଏ ରାଜ୍ୟର କ୍ଷେତ୍ରଫଳ ୧୬୮ ବର୍ଗମାଇଲ । ଏଥିରେ ୧୮୭ଟି ଗ୍ରାମ ଅନ୍ତର୍ଭୁକ୍ତ ଥିଲା । ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିର ଏ ରାଜ୍ୟରେ ଅବସ୍ଥିତ । ରାଜ୍ୟର ରାଜା ଶ୍ରୀକରଣ ରାଧାନାଥ ବେବର୍ତ୍ତା ପଟ୍ଟନାୟକ ରାଜ୍ୟର ବହୁ ଉନ୍ନତି କରିଯାଇଛନ୍ତି । ବିଶିଷ୍ଟ ସମାଜସେବୀ ସ୍ୱାଧୀନତାସଂଗ୍ରାମୀ, 'ସମାଜ'ର ପୂର୍ବତନ ସଂପାଦକ ପଦ୍ମଶ୍ରୀ ରାଧାନାଥ ରଥ ଓ ମହାତ୍ମା ସାଧୁ ସୁନ୍ଦର ଦାସ ଏ ମାଟିର ସନ୍ତାନ ।

**ରଣପୁର** ଏକ ପ୍ରାଚୀନ ଗଡ଼ଜାତ ରାଜ୍ୟ । ପ୍ରାଚୀନ କାଳରେ ରଣାସୁର ନାମରେ ଏକ ରାକ୍ଷସ ଏଠାରେ ବାସ କରୁଥିଲା । ତାରି ନାମାନୁସାରେ ଏ ରାଜ୍ୟର ନାମ ରଣପୁର ହୋଇଛି । କଳିଯୁଗ ଆରମ୍ଭର ୧୭୪ ବର୍ଷ ପରେ ଏ ରାଜ୍ୟ ସ୍ଥାପିତ ହୋଇଛି ବୋଲି 'କପିଳ ସଂହିତା'ରେ ଉଲ୍ଲେଖ ଅଛି । ଶୁଣାଯାଏ, ବେଣୁ ରାଜବଂଶର ବିଶ୍ୱବାସବ ଏ ରାଜ୍ୟର ପ୍ରତିଷ୍ଠାତା । ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ରାଜା ଅନଙ୍ଗ ଭୀମଦେବ ତତ୍‌କାଳୀନ ରଣପୁର ରାଜାଙ୍କୁ 'ନରେନ୍ଦ୍ର' ଉପାଧି ପ୍ରଦାନ କରିଥିଲେ । ରାଜବଂଶାବଳୀରୁ ଜଣାଯାଏ, ୩୬୦୦ ବର୍ଷ ମଧ୍ୟରେ ଏହି ରାଜ୍ୟରେ ୧୧୨ଜଣ ରାଜା ରାଜୁତି କରିସାରିଲେଣି । ଏ ରାଜ୍ୟର କ୍ଷେତ୍ରଫଳ ୨୦୩ ବର୍ଗମାଇଲ । ଏଥିରେ ୨୬୫ ଟି ଗ୍ରାମ ଅନ୍ତର୍ଭୁକ୍ତ ।ଏଠାରେ ପ୍ରାଚୀନ ପ୍ରଥାରେ ଶାସନ ଚାଲୁଥିଲା । ମଣିନାଗ ଏ ରାଜ୍ୟର ପ୍ରସିଦ୍ଧ ଦେବତା । ଏ ରାଜ୍ୟ ସେତେ ଉନ୍ନତ ନଥିଲା । ଓଡ଼ିଶା ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ବସନ୍ତ ମଞ୍ଜରୀ ଦେବୀ ହେଉଛନ୍ତି ରଣପୁରର ରାଜମାତା ।

**ଆଠମଲ୍ଲିକ** ଏକ ପୁରାତନ ରାଜ୍ୟ । ଜୟପୁରର ରାଜବଂଶ ଜଗନ୍ନାଥ ଦର୍ଶନରେ ଆସି ଏହି ରାଜ୍ୟ ସ୍ଥାପନ କରିଥିଲେ । ଏହି ରାଜ୍ୟ ଅଷ୍ଟମଲ୍ଲଙ୍କଦ୍ୱାରା ଶାସିତ ହେଉଥିବାରୁ ଏହା ଆଠମଲ୍ଲିକ ନାମରେ ଖ୍ୟାତ । କଦମ୍ବ ପୁଷ୍ପ ଏ ରାଜ୍ୟର ସନ୍ତକ । ଏହି ରାଜ୍ୟର ରାଜାମାନେ କଦମ୍ବବଂଶୀ । ରାଜ୍ୟର କ୍ଷେତ୍ରଫଳ ୭୩୦ ବର୍ଗମାଇଲ । ଗ୍ରାମସଂଖ୍ୟା ୫୧୩ । ଏ ରାଜ୍ୟର ଶେଷ ଶାସକ ରାଜା ହେଉଛନ୍ତି କିଶୋର ଚନ୍ଦ୍ର ଦେଓ ସାମନ୍ତ । ୧୯୦୪ ନଭେମ୍ବର ୧୦ ତାରିଖରେ ସେ ଜନ୍ମ ହୋଇଥିଲେ ଓ ୧୯୧୮ ମସିହା ନଭେମ୍ବର ୩ ତାରିଖରେ ଗାଦି ପାଇଥିଲେ । ଓଡ଼ିଆ ସାହିତ୍ୟ ପ୍ରତି ଏହାଙ୍କ ଦାନ ଅତୁଳନୀୟ । ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ ତାଙ୍କରି ଅନୁଦାନରେ ସର୍ବପ୍ରଥମେ ପ୍ରକାଶ ପାଇ ସାରା ବିଶ୍ୱରେ ଚହଳ ପକାଇଥିଲା ।

**ନୀଳଗିରି** ରାଜ୍ୟ ଛୋଟନାଗପୁରର ରାଜପୁତ୍ରଙ୍କଦ୍ୱାରା ୧୧୨୫ ମସିହାରେ ପ୍ରତିଷ୍ଠିତ। ସେହି ରାଜପୁତ୍ର ଉତ୍କଳସମ୍ରାଟ ପ୍ରତାପରୁଦ୍ର ଦେବଙ୍କ କନ୍ୟାଙ୍କ ପାଣିଗ୍ରହଣ କରି ଏହି ରାଜ୍ୟକୁ ଯୌତୁକ ଆକାରରେ ଲାଭକରି ରାଜ୍ୟର ପ୍ରଥମ ରାଜା ଭାବରେ ପରିଚିତ ହୋଇଥିଲେ । ଏ ରାଜ୍ୟର କ୍ଷେତ୍ରଫଳ ୨୮୪ ବର୍ଗମାଇଲ। ୨୯୧ ଗ୍ରାମ ଏହି ରାଜ୍ୟର ଅନ୍ତର୍ଭୁକ୍ତ। ନୀଳଗିରି ଏ ରାଜ୍ୟର ରାଜଧାନୀ। ନୀଳଗିରିର ଶେଷ ସ୍ୱାଧୀନ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ୧୯୦୪ ମସିହା ଫେବ୍ରୁଆରି ୨ ତାରିଖରେ ଜନ୍ମ ଲାଭକରି ୧୯୧୩ ଜୁଲାଇ ମାସ ୬ ତାରିଖରେ ସିଂହାସନ ଲାଭ କରିଥିଲେ। ଏ ରାଜ୍ୟରେ ସେମିତି କିଛି ଆଖିଦୃଶିଆ ଉନ୍ନତି ହୋଇ ନଥିଲା। କିନ୍ତୁ ରାଜା ଥିଲେ ଜଣେ ଉଚ୍ଚମନା ଓ ପ୍ରଜାହିତୈଷୀ।

**ରେଢ଼ାଖୋଲ** ରାଜ୍ୟ ପ୍ରଥମେ ସମ୍ବଲପୁର ଅଧୀନ ଜମିଦାରୀ ଥିଲା। ପରେ ସ୍ୱାଧୀନ ହେଲା। 'ପଦ୍ମ' ଏହି ରାଜ ବଂଶର ସନ୍ତକ। ଏ ରାଜ୍ୟର କ୍ଷେତ୍ରଫଳ ୮୩୩ ବର୍ଗମାଇଲ। ଗ୍ରାମ ସଂଖ୍ୟା ୩୧୨।

**ଦଶପଲ୍ଲା** ରାଜ୍ୟ ପ୍ରଥମେ ବୌଦ୍ଧ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ବୌଦ୍ଧର ଶାଳଭଞ୍ଜ ନାମକ ଜଣେ ରାଜପୁତ୍ ପାଞ୍ଚଶହ ବର୍ଷ ତଳେ ଏହି ରାଜ୍ୟକୁ ସ୍ୱାଧୀନ କଲେ। ଦଶପଲା ରାଜବଂଶ 'ଭଞ୍ଜ' ନାମରେ କଥିତ। ରାଜବଂଶର ସଙ୍କେତ ମୟୂର। କଥିତ ଅଛି ଯେ ଏହି ବଂଶର ପ୍ରଥମରାଜା ଏକ ମୟୂରଡ଼ିମ୍ବରୁ ଜାତ ହୋଇଥିଲେ। ରାଜ୍ୟର ଶେଷ ସ୍ୱାଧୀନ ରାଜା କିଶୋର ଚନ୍ଦ୍ର ଦେବଭଞ୍ଜ। ସେ ୧୯୦୮ ଏପ୍ରିଲ ୧୬ ତାରିଖରେ ଜନ୍ମଗ୍ରହଣକରି ୧୯୧୩ ମସିହା ଡ଼ିସେମ୍ବର ୧୩ ତାରିଖରେ ଗାଦି ପାଇଥିଲେ । ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣପାଇଁ ପ୍ରତିବର୍ଷ ଏ ରାଜ୍ୟରୁ କାଠ ପ୍ରେରଣ କରାଯାଏ।

**ବଡ଼ାମ୍ବା** ରାଜ୍ୟ ୧୩୦୫ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା। ଓଡ଼ିଶାର ରାଜା କିଶୋର ନରସିଂହ ଦେବ ଏହି ଅଂଚଳର ହଟକେଶ୍ୱର ରାଉତ ନାମକ ଜଣେ ମଲ୍ଲଙ୍କ ଯୁଦ୍ଧବିଦ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଶଙ୍ଖ ଓ ମହୁରୀ ନାମରେ ଦୁଇଟି ଗ୍ରାମ ପୁରସ୍କାର ସ୍ୱରୂପ ଦେଇଥିଲେ। ହଟକେଶ୍ୱର କନ୍ଧମାନଙ୍କୁ ହଟାଇ ଏହି ରାଜ୍ୟ ବସାଇଲେ। ତାଙ୍କର ସାନ ଭାଇ ମାଳକେଶ୍ୱର ରାଉତ ତାଙ୍କ ପରେ ରାଜା ହୋଇ ଓଗାଲପୁରଠାରେ ଭଟ୍ଟାରିକା ବା ବୃହଦମ୍ବା ଅଥବା ବଡ଼ମ୍ବା ଦେବୀଙ୍କ ମନ୍ଦିର ଆବିଷ୍କାର କଲେ। ଦେବୀଙ୍କ ନାମ ଅନୁସାରେ ଏହି ରାଜ୍ୟର ନାମ 'ବଡ଼ାମ୍ବା' ହୋଇଛି। ବଡ଼ାମ୍ବାର ଶେଷ ସ୍ୱାଧୀନ ରାଜା ନାରାୟଣ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର । ସେ ୧୯୧୪ ମସିହା ଜାନୁଆରି ୧୦ ତାରିଖରେ ଜନ୍ମ ଗ୍ରହଣ କରି ୧୯୨୨ ମସିହା ଅଗଷ୍ଟ ୨୦ ତାରିଖରେ ଗାଦି ଲାଭ କରିଥିଲେ। ଏ ରାଜ୍ୟର କ୍ଷେତ୍ରଫଳ ୧୪୨ ବର୍ଗମାଇଲ। ଗ୍ରାମସଂଖ୍ୟା ୧୨୭। ମାଣିଆବନ୍ଧି ଲୁଗା ଏ ରାଜ୍ୟର ପ୍ରସିଦ୍ଧ ହସ୍ତକଳା ଭାବରେ ଖ୍ୟାତ।


**ପାଲଲହଡ଼ା** ରାଜ୍ୟ ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ସନ୍ତୋଷ ପାଳ ନାମରେ ଜଣେ ବ୍ୟକ୍ତି ପ୍ରତିଷ୍ଠା କରିଥିଲେ। ପୂର୍ବେ ଏହି ରାଜ୍ୟ କେନ୍ଦୁଝର ସହ ମିଶି କରିଥିଲା। ଏ ରାଜ୍ୟର ରାଜାମାନେ ରାଜଚିହ୍ନ ସ୍ୱରୂପ 'ସର୍ପ' ଛବି ବ୍ୟବହାର କରନ୍ତି। ଏ ରାଜ୍ୟର କ୍ଷେତ୍ରଫଳ ୪୫୨ ବର୍ଗମାଇଲ। ଗ୍ରାମ ସଂଖ୍ୟା

୨୩୬ । ଏ ରାଜ୍ୟର ଶେଷ ଶାସକ ରାଜା ମୁନି ପାଲ ୧୯୦୩ ମସିହା ନଭେମ୍ବର ୨୬ ତାରିଖରେ ଜନ୍ମଗ୍ରହଣ କରି ୧୯୧୩ ମସିହା ଏପ୍ରିଲ ୧୮ ତାରିଖରେ ରାଜଗାଦି ଲାଭ କରିଥିଲେ । ରାଜ୍ୟର ସେମିତି କିଛି ବିକାଶ ହୋଇଥିବା ପରି ମନେହୁଏ ନାହିଁ ।

**ତିଗିରିଆ** ଏକ କ୍ଷୁଦ୍ର ଗଡ଼ଜାତ ରାଜ୍ୟ । ଏ ରାଜାମାନେ ଚନ୍ଦ୍ରବଂଶୀୟ ହିନ୍ଦୁ ସମ୍ରାଟ ଅନଙ୍ଗ ପାଳଙ୍କ ବଂଶଧର । ପୀତାମ୍ବର ତୋମର ଓ ନିତ୍ୟାନନ୍ଦ ତୋମର ନାମରେ ଦୁଇଭାଇ ଉତ୍ତର ଭାରତରୁ ଓଡ଼ିଶାକୁ ତୀର୍ଥଯାତ୍ରୀ ରୂପେ ଆସିଥିଲେ । ସେ ସମୟରେ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱ । ନିତ୍ୟାନନ୍ଦ ସାହସୀ ଓ ଯୁଦ୍ଧପ୍ରିୟ ଥିବାରୁ ଓଡ଼ିଶା ରାଜାଙ୍କର ପ୍ରିୟପାତ୍ର ହୋଇଗଲେ । ଏହି ସମୟରେ ସେ ତିଗିରିଆର ଅନାର୍ଯ୍ୟ ସରଦାର ଧୂଳିଆଙ୍କୁ ପରାସ୍ତକରି ରାଜ୍ୟ ଅଧିକାର କଲେ । ୧୨୪୬ ମସିହାଠାରୁ ଓଡ଼ିଶା ରାଜାଙ୍କର କରଦ ରାଜ୍ୟ ଭାବରେ ତିଗିରିଆ ରାଜ୍ୟ ରହିଲା । ପରେ ସ୍ୱାଧୀନ ଗଡ଼ଜାତର ପାହ୍ୟା ଲାଭ କଲା । ଏହାର ଆୟତନ ୪୬ ବର୍ଗମାଇଲ । ସ୍ୱାଧୀନତା ଯାଏ ଏ ରାଜ୍ୟରେ ୧୬ଜଣ ରାଜା ରାଜୁତି କରିଛନ୍ତି । ଏହା ଏକ କୃଷିପ୍ରଧାନ ରାଜ୍ୟ । ନୂଆପାଟଣା ଏ ରାଜ୍ୟର ପ୍ରଧାନ ଗ୍ରାମ । ଏଠାରେ ଟସର୍, ପାଟ ଓ ସରୁ ସୂତାର ଲୁଗା ତିଆରି ହୁଏ । ଏହାର କାରିଗରମାନେ ବୌଦ୍ଧ ସଂପ୍ରଦାୟର ।

**ନରସିଂହପୁର** ଅନ୍ୟ ଏକ କ୍ଷୁଦ୍ର ଗଡ଼ଜାତ ରାଜ୍ୟ । ୧୨୯୨ ଖ୍ରୀଷ୍ଟାବ୍ଦରେ ଧର୍ମସିଂହ ନାମରେ ଜଣେ ବ୍ୟକ୍ତି ଏହି ରାଜ୍ୟ ସ୍ଥାପନ କରିଥିଲେ । ଏ ରାଜବଂଶର ସନ୍ତକ ବୃଷ୍ଟିକ । କିମ୍ବଦନ୍ତୀ ଅଛି, 'ନରସିଂଗା' ଓ 'ପର' ନାମରେ ଦୁଇଜଣ କନ୍ଧରାଜାଙ୍କ ନାମରେ ଏହି ରାଜ୍ୟର ନାମକରଣ ନରସିଂହପୁର ହୋଇଛି ।  ଏହି ରାଜ୍ୟର ରାଜଧାନୀ ନରସିଂହପୁର ଓ କାନପୁର ପ୍ରଧାନ ଗ୍ରାମ । ଏହି ରାଜ୍ୟର କ୍ଷେତ୍ରଫଳ ୧୯୯ ବର୍ଗମାଇଲ । ଗ୍ରାମ ସଂଖ୍ୟା ୧୮୮୮ । ଏହି ରାଜ୍ୟର ଶେଷ ଶାସକ ରାଜା  ଅନନ୍ତ ନାରାୟଣ ମାନସିଂହ ମହାପାତ୍ର । ତାଙ୍କ ଜନ୍ମ ୧୯୦୮ ମସିହା ସେପ୍ଟେମ୍ବର ୯ ତାରିଖରେ । ସେ ବିଲାତ ଆଦି ପାଶ୍ଚାତ୍ୟ ଦେଶ ଭ୍ରମଣକରି ନିଜ ରାଜ୍ୟର ଉନ୍ନତି ନିମନ୍ତେ ଚେଷ୍ଟିତ ଥିଲେ ।

**ଖଣ୍ଡପଡ଼ା** ମଧ୍ୟ ଏକ କ୍ଷୁଦ୍ର ଗଡ଼ଜାତ ରାଜ୍ୟ । ଏହାର କ୍ଷେତ୍ରଫଳ ୨୪୪ ବର୍ଗମାଇଲ । ଗ୍ରାମସଂଖ୍ୟା ୨୭୪ । ଏ ରାଜ୍ୟ ପୂର୍ବେ ନୟାଗଡ଼ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । ପ୍ରାୟ ୩୦୦ ବର୍ଷ ପୂର୍ବେ ନୟାଗଡ଼ର ଜଣେ ରାଜା ଖଣ୍ଡପଡ଼ାକୁ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରି ରାଜଗାଦିରେ ବସିଲେ । ଖଣ୍ଡପଡ଼ା ହେଲା ଏକ ସ୍ୱତନ୍ତ୍ର ରାଜ୍ୟ । ସ୍ୱାଧୀନତା ଯାଏ ଏ ରାଜ୍ୟରେ ପ୍ରାୟ ୧୧ ଜଣ



**ପଠାଣି ସାମନ୍ତ**

ରାଜା ରାଜୁତି କରିଥିଲେ । ଖଣ୍ଡପଡ଼ାର ଶେଷ ସ୍ୱାଧୀନ ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ । ୧୯୧୪ ମସିହା ଅଗଷ୍ଟ ୨୬ ତାରିଖରେ ସେ ଜନ୍ମହୋଇ ୧୯୨୨ରେ ସିଂହାସନ ଅଧିକାର କରିଥିଲେ । ଏ ରାଜ୍ୟର ରାଜାଙ୍କ ଚିହ୍ନ ବାଘମୁଣ୍ଡ । ଏ ରାଜ୍ୟ ବିଶ୍ୱବିଖ୍ୟାତ ଓଡ଼ିଆ ବୈଜ୍ଞାନିକ ପଠାଣି ସାଆନ୍ତଙ୍କ ଜନ୍ମଭୂମି । ଏ ରାଜ୍ୟ ବହୁକାଳ କୋର୍ଟ ଅଫ୍ ୱାର୍ଡରେ ଥିବାରୁ ଏ ରାଜ୍ୟର ଅଶେଷ ଉନ୍ନତି ହୋଇଥିଲା । ଏ ରାଜ୍ୟର କଣ୍ଟିଲୋ ଏକ ପ୍ରସିଦ୍ଧ ଗ୍ରାମ । ଏଠାରେ ନୀଳମାଧବଙ୍କ ମନ୍ଦିର ବିଦ୍ୟମାନ । ଉତ୍ତମ କଂସା ବାସନ ନିମନ୍ତେ କଣ୍ଟିଲୋ ସୁପ୍ରସିଦ୍ଧ । ପ୍ରଧାନ ଗ୍ରାମ ହେଲା ପଦ୍ମାବତୀ । ଏହା ଏକ ବାଣିଜ୍ୟ ପେଣ୍ଠସ୍ଥଳୀ ।

**ହିନ୍ଦୋଳ** ଗଡ଼ଜାତ ରାଜ୍ୟ ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ନରପତି ମୁକୁନ୍ଦଦେବ ହରିଚନ୍ଦନଙ୍କ ସମୟରେ ପ୍ରତିଷ୍ଠା ହୋଇଥିଲା । ଏ ରାଜ୍ୟର ପ୍ରତିଷ୍ଠାତା ଥିଲେ ଉଦ୍ଧବ ଦେବ ଜେନାମଣି । ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ଏ ରାଜ୍ୟରେ ୨୮ ଜଣ ରାଜା ରାଜତ୍ୱ କରିଛନ୍ତି । ଏହି ରାଜାମାନେ ଗଙ୍ଗବଂଶୀ । କଟାର ଏମାନଙ୍କର ରାଜବଂଶର ସଙ୍କେତ । ଏହାର କ୍ଷେତ୍ରଫଳ ୩୧୨ ବର୍ଗମାଇଲ । ଗ୍ରାମ ସଂଖ୍ୟା ୧୪୯ । ରାଜ୍ୟର ରାଜଧାନୀ ହିନ୍ଦୋଳଗଡ଼ । ରାସୋଳ ପ୍ରଧାନ ଗ୍ରାମ । ଶେଷ ସ୍ୱାଧୀନ ରାଜା ନବ କିଶୋର ଚନ୍ଦ୍ର ମର୍ଦ୍ଦରାଜ ଜଗଦେବ । ୧୮୯୧ ମସିହା ଜୁନ୍ ୧୪ ତାରିଖରେ ସେ ଜନ୍ମହୋଇ ୧୯୦୬ ମସିହା ଫେବ୍ରୁଆରି ୧୦ ତାରିଖରେ ରାଜଗାଦିରେ ଅଧିଷ୍ଠିତ ହୋଇଥିଲେ ।

**ଷଢ଼େଇକଳା** ଗଡ଼ଜାତ ରାଜ୍ୟର ଆୟତନ ୪୯୯ ବର୍ଗମାଇଲ । ଏହା ଏକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ । ଷଢ଼େଇକଳା ଏ ରାଜ୍ୟର ରାଜଧାନୀ । ଏଠାରେ ହାଇସ୍କୁଲ ଓ ଡ଼ାକ୍ତରଖାନା ସେ କାଳରେ ପ୍ରତିଷ୍ଠା ହୋଇଥିଲା । **ଖରସୁଆଁ**ର କ୍ଷେତ୍ରଫଳ ୧୫୩ ବର୍ଗମାଇଲ । ଏହା ଏକ କ୍ଷୁଦ୍ର ଗଡ଼ଜାତ ହେଲେ ବି ଓଡ଼ିଆଭାଷାଭାଷୀ ଅଞ୍ଚଳ ।

ଓଡ଼ିଶାର ତତ୍କାଳୀନ ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟରୁ ମୟୂରଭଞ୍ଜ, ସୋନପୁର, ବାମଣ୍ଡା, ଢେଙ୍କାନାଳ, ତାଳଚେର, ଆଠମଲ୍ଲିକ ଆଦିର ଶାସକମାନେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ବିଶେଷ ତତ୍ପର ଥିଲେ ।

+++

## ସପ୍ତମ ପରିଚ୍ଛେଦ

# ଗଡ଼ଜାତ ମିଶ୍ରଣ ଓ ଷ୍ଟେଟ୍ ବିଧାନସଭା

ଦେଶ ସ୍ୱାଧୀନ ହେଲା । ଚାରିଆଡ଼େ ଖେଳିଗଲା ଆନନ୍ଦ ଲହରୀ । ସ୍ୱାଧୀନ ଭାରତ ଅଗ୍ରସର ହେଲା ଏକ ନୂତନ ଐତିହାସିକ ମାର୍ଗରେ । କେନ୍ଦ୍ର ବ୍ୟବସ୍ଥାପକ ସଭା ଓ ପ୍ରାଦେଶିକ ବିଧାନସଭାଗୁଡ଼ିକର ଭୂମିକା ହୋଇ ପଡ଼ିଲା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ପ୍ରଥମ ସାମ୍ବିଧାନିକ ରାଜ୍ୟପାଳ ଭାବରେ ଡକ୍ଟର କୈଳାସ ନାଥ କାଟ୍‌ଜୁ ଯୋଗଦାନ କଲେ ସ୍ୱାଧୀନତାପ୍ରାପ୍ତି ଦିବସ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ।

ଓଡ଼ିଶାର ରାଜଧାନୀ କଟକ ନଗରୀରେ ଅଗଷ୍ଟ ୨୭ ତାରିଖ ପ୍ରଭାତରେ ଅନୁଷ୍ଠିତ ହେଲା ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ । ରାଜ୍ୟପାଳ ଏହି ଅଧିବେଶନରେ ଉଦ୍‌ବୋଧନ ଦେଲେ । ସର୍ବପ୍ରଥମେ ସେ ଦେଶର ଅଗଣିତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲେ କଷ୍ଟଲବ୍ଧ ସ୍ୱାଧୀନତା ପାଇଁ ।

ମାନ୍ୟବର ରାଜ୍ୟପାଳ ତାଙ୍କ ଭାଷଣରେ କହିଲେ, ‘‘ପ୍ରଦେଶର ସୀମା ନିର୍ଦ୍ଧାରଣ, ଏକୀକରଣ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ସମସ୍ତ ଓଡ଼ିଆ ଲୋକ ମିଳିତ ହୋଇ କାର୍ଯ୍ୟକରିବା ଉଚିତ । ତାହାହେଲେ ପ୍ରଦେଶ ଲାଭ କରିବ ଉତ୍ତମ ଶାସନସେବା । ଲୋକଙ୍କର ଦ୍ରୁତ ଉନ୍ନତି ଘଟିବ, ଭାରତର ସ୍ୱାର୍ଥ ବଜାୟ ରହିବ । ଶୀଘ୍ର ଓଡ଼ିଶା ପ୍ରଦେଶରେ ହାଇକୋର୍ଟ, ଅନ୍ୟାନ୍ୟ ବୈଷୟିକ ସଂସ୍ଥା ଓ ସ୍ୱତନ୍ତ୍ର ଅନୁଷ୍ଠାନମାନ ପ୍ରତିଷ୍ଠାହେବାର ଜରୁରୀ ଆବଶ୍ୟକତା ରହିଛି । ଗଡ଼ଜାତ ରାଜ୍ୟମାନେ ପ୍ରଦେଶ ସହ ଉତ୍ତମ ସଂପର୍କ ସ୍ଥାପନ କଲେ ଏହି ପ୍ରସ୍ତାବିତ ଅନୁଷ୍ଠାନଗୁଡ଼ିକ ଅବିଳମ୍ବେ ପ୍ରତିଷ୍ଠା ହୋଇପାରିବ । ଗଡ଼ଜାତ ରାଜ୍ୟ ଓ ପ୍ରଦେଶ ପୂର୍ଣ୍ଣପ୍ରାଣରେ ଏକାଠି ହେଲେ ବଡ଼ବଡ଼ ଯୋଜନା, ପ୍ରକଳ୍ପ, ଜଳସେଚନ ଓ ଶକ୍ତି ଉତ୍ପାଦନ ଆଦି ସମ୍ଭବ ହେବ । ଯାହା ଫଳରେ କି ଭାରତବର୍ଷର ଏହି ଅଂଶର ସର୍ବାଙ୍ଗୀନ ଉନ୍ନତି ସାଧିତ ହେବା ସଙ୍ଗେ



କୈଳାସନାଥ କାଟ୍‌ଜୁ

ସଙ୍ଗେ ଓଡ଼ିଶା ହେବ ଭାରତର ଏକ ଅଗ୍ରଣୀ ପ୍ରଦେଶ । ଶେଷରେ ମାନ୍ୟବର ରାଜ୍ୟପାଳ କହିଲେ, ବିଧାୟକମାନେ ଜନସାଧାରଣ ହାସଲ କରିଥିବା ନବଜାତ ସ୍ୱାଧୀନତା ରୂପକ ଶିଶୁକୁ ବଳିଷ୍ଠ କରି ଗଢ଼ି ତୋଳନ୍ତୁ । ସର୍ବଶକ୍ତିମାନ ଈଶ୍ୱର ଆପଣଙ୍କ ବିଚାର ବୁଦ୍ଧିରେ ଚିର ସହାୟକ ହୁଅନ୍ତୁ ।''

ମାନ୍ୟବର ରାଜ୍ୟପାଳଙ୍କ ଭାଷଣ ପରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଏକ ସ୍ମରଣୀୟ ପ୍ରସ୍ତାବ ଆଗତ କରିଥିଲେ:

''ଏହି ବିଧାନସଭା ସ୍ୱାଧୀନତାର ଆଗମନ ତଥା ପ୍ରାଦେଶିକ ସ୍ୱାୟତ୍ତ ଶାସନ କ୍ଷମତା ଲାଭକରି ଆନନ୍ଦ ସହକାରେ ହୃଦୟର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ସେହି ମହାନ୍ ଜାତୀୟ ନେତୃବର୍ଗ, ମହାତ୍ମାଗାନ୍ଧି, ଓଡ଼ିଶାର ଜାତୀୟବାଦୀ ଜନକ ପଣ୍ଡିତ ଗୋପବଂଧୁ ଦାସ ଏବଂ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ଆତ୍ମବଳି ଦେଇଥିବା ଅଗଣିତ ସଂଗ୍ରାମୀ ଓ ଯୋଦ୍ଧାମାନଙ୍କୁ ।''

ଭାଷଣ ଶେଷରେ ପ୍ରଧାନମନ୍ତ୍ରୀ ମହତାବ ସଂକ୍ଷିପ୍ତ ଭାବରେ ଦେଶର ସ୍ୱାଧୀନତା ସଂଗ୍ରାମର ଘଟଣାବଳୀ ଓ ମହାତ୍ମାଗାନ୍ଧିଙ୍କ ଅହିଂସା ଓ ଅସହଯୋଗ ଆନ୍ଦୋଳନର ଅସୀମ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ଆତ୍ମବଳି ଦେଇଥିବା ବ୍ୟକ୍ତିମାନଙ୍କ କୀର୍ତ୍ତିର ସ୍ମାରକୀ ସ୍ୱରୂପ ଅଗଷ୍ଟ ୧୫ ତାରିଖକୁ ଏ ରାଜ୍ୟର ଜନସାଧାରଣ ଓ ବିଧାନସଭା ସଦସ୍ୟଗଣ ପ୍ରତିବର୍ଷ ସ୍ୱାଧୀନତା ଉତ୍ସବ ଭାବରେ ପାଳନ କରିବେ ବୋଲି ପ୍ରସ୍ତାବ ଆଗତ କରିଥିଲେ । ତାଙ୍କର ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

ସ୍ୱାଧୀନତା ପରେ ଓଡିଶା କାହିଁକି ଭାରତର ବିଭିନ୍ନ ଗଡ଼ଜାତ ରାଜ୍ୟର ଶାସକ ରାଜାମାନେ ନିଜକୁ ଓ ନିଜ ରାଜ୍ୟକୁ ସ୍ୱତନ୍ତ୍ର ଓ ସାର୍ବଭୌମ ଭାବରେ ଗଢ଼ିତୋଳିବାପାଇଁ ଉଦ୍ୟମ ଅବ୍ୟାହତ ରଖିଲେ, ଯାହାକି ନୂତନ କେନ୍ଦ୍ର ସରକାରଙ୍କପାଇଁ ମୁଣ୍ଡବ୍ୟଥାର କାରଣ ଭାବରେ ଦେଖାଗଲା । ଓଡ଼ିଶାର ଗଡ଼ଜାତ ରାଜ୍ୟର ଶାସକ ରାଜାମାନେ ଇଷ୍ଟର୍ଣ୍ଣ ଷ୍ଟେଟ୍ ଫେଡ଼େରାଲ ଇଉନିଅନ୍ ସହ ସାମିଲ ହୋଇ ଓଡ଼ିଶା ପ୍ରଦେଶ ସହ ମିଶିବାପାଇଁ ଧରାଛୁଆଁ ଦେଲେନାହିଁ । ସ୍ୱତନ୍ତ୍ର ସାର୍ବଭୌମ କ୍ଷମତା ହାସଲପାଇଁ ବିଭିନ୍ନ ସମୟରେ ଆଲୋଚନା ଓ ବୈଠକମାନ ଅନୁଷ୍ଠିତ କରିବାରେ ଲାଗିଲେ ।

ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଓଡ଼ିଶା ପ୍ରଦେଶରେ ମିଶିବାପାଇଁ ୧୯୩୮ ମସିହାଠାରୁ ଉଦ୍ୟମ ଆରମ୍ଭ ହୋଇଥିଲା । ପ୍ରଜାମଣ୍ଡଳର ନେତୃବର୍ଗ ଏଥିପାଇଁ ବହୁ ଚେଷ୍ଟା କରିଥିଲେ । ୧୯୪୬ ମସିହାରେ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ମଧ୍ୟ ଏଥିପାଇଁ ଚେଷ୍ଟା କରିଥିଲେ । କିଛି ଫଳ ହୋଇ ନ ଥିଲା । କିନ୍ତୁ ଏଥିପାଇଁ ଆପେ ଆପେ ବାଟ ଖୋଲିଗଲା ନୀଳଗିରି ଆନ୍ଦୋଳନ ପରେ ।

ସ୍ୱାଧୀନତା ପୂର୍ବରୁ ନୀଳଗିରି, ଢେଙ୍କାନାଳ ତଥା ଅନ୍ୟ କେତେକ ଗଡ଼ଜାତ ରାଜାମାନଙ୍କୁ ସେମାନଙ୍କର କୁ-ଶାସନପାଇଁ ପ୍ରାଶାସନିକ କ୍ଷମତାରୁ ବଂଚିତ କରାଯାଇଥିଲା । ପ୍ରତ୍ୟେକ ରାଜାଙ୍କର କୁ-ଶାସନଜନିତ ବିବରଣୀ ତତ୍‌କାଳୀନ ବ୍ରିଟିଶ ସରକାରଙ୍କ ମିଲିଟାରୀ ଗୋଇନ୍ଦା ପୁଲିସ ବ୍ରିଟିଶ୍ କ୍ରାଉନର ଭାରତ ପ୍ରତିନିଧିଙ୍କ ପାଖରେ ପହଞ୍ଚାଇଥିଲା । ସେହି ତଥ୍ୟକୁ ଭିତ୍ତିକରି କୁ-ଶାସନରେ ରତଥିବା ରାଜା ମହାରାଜାମାନଙ୍କର ପ୍ରାଶାସନିକ କ୍ଷମତାକୁ ରଦ୍ଦ କରି ଦିଆଯାଇଥିଲା । ସେହି ରାଜ୍ୟଗୁଡ଼ିକ ବ୍ରିଟିଶ ସରକାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲେ ।

ସ୍ୱାଧୀନତା ପରେ ନୀଳଗିରି ରାଜ୍ୟରେ ପ୍ରାଶାସନିକ ସଂକଟ ଦେଖାଦେବା ସହ ରାଜ୍ୟରେ ବହୁ ବିଶୃଙ୍ଖଳା, ଲୁଟତରାଜ, ପୋଡ଼ାଜଳା ଆଦି ଦେଖାଦେଲା । ନୀଳଗିରି ଏକ ଆଦିବାସୀବହୁଳ ଗଡ଼ଜାତ ରାଜ୍ୟ । ରାଜାଙ୍କ ନିର୍ମମ ଅତ୍ୟାଚାରରେ ଲୋକେ ତ୍ରାହିତ୍ରାହି ଡାକ ଛାଡୁଥିଲେ । ଦେଶ ପରାଧୀନ ଥିବାବେଳେ ପ୍ରଜାମଣ୍ଡଳର ନେତୃବର୍ଗ ରାଜାଙ୍କ ସହ ସମ୍ମୁଖ ଯୁଦ୍ଧରେ ସଦାବେଳେ ଦଣ୍ଡାୟମାନ ହେଉଥିଲେ । ସ୍ୱାଧୀନତା ପରେ ପ୍ରଜାମଣ୍ଡଳ କର୍ମୀମାନଙ୍କ ଉପରେ ପ୍ରତିଶୋଧ ନେବାପାଇଁ ରାଜା କେତେକ ଆଦିବାସୀ ଅପରାଧୀଙ୍କୁ ପ୍ରବର୍ତ୍ତାଇ ପ୍ରଜାମଣ୍ଡଳର ସଭ୍ୟମାନଙ୍କ ଘରେ ନିଆଁ ଲଗାଇଦେଲେ । ରାଜାଙ୍କ ପ୍ରୋତ୍ସାହନରେ ଏହି ଦୁର୍ଦ୍ଦାନ୍ତ ଅପରାଧୀମାନେ ଗାଁ ଗାଁ ବୁଲି ମନଇଚ୍ଛା ଚାରିଆଡ଼େ ନିଆଁ ଲଗାଇଲେ । ନୀଳଗିରି ରାଜ୍ୟରେ ପୂରା ଅରାଜକତା ଦେଖାଦେଲା । ଓଡ଼ିଶାର ପ୍ରଧାନମନ୍ତ୍ରୀ ଏହାର ପୂର୍ଣ୍ଣ ବିବରଣୀ ଭାରତ ସରକାରଙ୍କ ପାଖକୁ ପଠାଇଲେ । ଆଇନଶୃଙ୍ଖଳା ରକ୍ଷା ନିମନ୍ତେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେଥିପାଇଁ ମଧ୍ୟ ଅପେକ୍ଷା କରି ରହିଲେ । କେନ୍ଦ୍ରରେ ଉପ-ପ୍ରଧାନମନ୍ତ୍ରୀ ତଥା ଘରୋଇ ବିଭାଗ ମନ୍ତ୍ରୀ



ପଟେଲ୍‌ଙ୍କ ସହ ମହତାବ

ଥାଆନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ସେ ଆଦେଶ ଦେଲେ ଶୀଘ୍ର ନୀଳଗିରି ରାଜ୍ୟର ଦାୟିତ୍ୱ ଗ୍ରହଣ କରିବାପାଇଁ ।

ସେହି ସମୟରେ ମିଃ ପିଅରମ୍ୟାନ୍ ଥାଆନ୍ତି ଓଡ଼ିଶାର ପୋଲିସ୍ ଆଇ.ଜି । ଡିଭିଜନାଲ କମିଶନର ନୀଳମଣି ସେନାପତିଙ୍କ ସହ ପରାମର୍ଶ କରି ନୀଳଗିରି ରାଜ୍ୟକୁ ପିଅରମ୍ୟାନ୍ ସୈନ୍ୟ ଚାଳନା କଲେ । ବାଲେଶ୍ୱରରୁ ଓଡ଼ିଶାର ମିଲିଟାରୀ ପୋଲିସ୍ ମାର୍ଚ୍ଚିଙ୍ଗ କରି ନୀଳଗିରି ରାଜ୍ୟରେ ପ୍ରବେଶ କଲେ । ବାଟରେ ତାଙ୍କୁ ଜନସାଧାରଣ ସମ୍ବର୍ଦ୍ଧନା ଜଣାଇଲେ । ଓଡ଼ିଶା ପ୍ରାଦେଶିକ ସରକାର ନୀଳଗିରି ରାଜ୍ୟକୁ ନିଜ ଅକ୍ତିଆରକୁ ଆଣିଲେ ୧୯୪୭ ମସିହା ନଭେମ୍ବର ୧୪ ତାରିଖ ଦିନ । ପ୍ରଧାନମନ୍ତ୍ରୀ ଏହା ସର୍ଦ୍ଦାର ପଟେଲଙ୍କୁ ଜଣାଇଦେଲେ ।

ଗଡ଼ଜାତ ମିଶ୍ରଣପାଇଁ ନୀଳଗିରି ବାଟ ଦେଖାଇଲା । ଏହି ସମୟରେ 'ଏ' ଶ୍ରେଣୀର ଗଡ଼ଜାତ ରାଜାମାନେ ପ୍ରଦେଶ ସହ ନ ମିଶି ନିଜର ସାର୍ବଭୌମତ୍ୱ ରକ୍ଷା କରିବେ ବୋଲି ଲିଖିତ ଆକାରରେ କେନ୍ଦ୍ର ସରକାରଙ୍କୁ ଜଣାଇଦେଲେ । ଓଡ଼ିଶାର ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ନିମନ୍ତ୍ରଣ କଲେ ଶୀଘ୍ର ଓଡ଼ିଶା ଆସିବାପାଇଁ ଓ ଗଡ଼ଜାତ ମିଶ୍ରଣ ନିମନ୍ତେ ନୀଳଗିରି ଆମକୁ ବାଟ ଦେଖାଇଛି ବୋଲି ଜଣାଇଦେଲେ । ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନିମନ୍ତ୍ରଣ ରକ୍ଷା କରି ସର୍ଦ୍ଦାର ପଟେଲ ୧୯୪୭ ମସିହା ଡିସେମ୍ବର ୧୩ ତାରିଖରେ ଓଡ଼ିଶା ଆସିଲେ । ତାଙ୍କ ସହ ଆସିଲେ ମିଃ କେ.ଭି.କେ. ସୁନ୍ଦରମ୍- ଭାରତ ସରକାରଙ୍କ ବ୍ୟବସ୍ଥାପକ ସଭା ବିଭାଗର ଯୁଗ୍ମ ଶାସନ ସଚିବ; ମିଃ ଭି. ଶଙ୍କର, ଆଇ.ସି.ଏସ୍.- ଭାରତର ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ଘରୋଇ ସଚିବ; ମିଃ.ଭି.ପି. ମେନନ୍- ଭାରତ ସରକାରଙ୍କ ରାଜ୍ୟ ମନ୍ତ୍ରଣାଳୟର ଶାସନ ସଚିବ ଓ କୁମାରୀ ମଣିବେନ ପଟେଲ । ସେହିଦିନ ଭୁବନେଶ୍ୱର ବିମାନ ବନ୍ଦରଠାରୁ ରାଜଧାନୀ କଟକ ନଗରଯାଏ ଦୀର୍ଘ ୨୦ ମାଇଲ ବ୍ୟାପୀ ଲୋକଙ୍କର ବିକ୍ଷୋଭ । ସମସ୍ତଙ୍କର ଗୋଟିଏ ଦାବି- ''ଓଡ଼ିଶା ଗଡ଼ଜାତ ରାଜ୍ୟଗୁଡ଼ିକର ଓଡ଼ିଶା ପ୍ରଦେଶ ସହ ଶୀଘ୍ର ମିଶ୍ରଣ ।'' ସର୍ଦ୍ଦାର ପଟେଲ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କର ଅତିଥି ହୋଇ ରହିଲେ । ସେଦିନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ, ତାଙ୍କ ସହ ଦିଲ୍ଲୀରୁ ଆସିଥିବା ଅଧିକାରୀଗଣ, ଓଡ଼ିଶାର ପ୍ରଧାନମନ୍ତ୍ରୀ, ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଓ ଓଡ଼ିଶା ପ୍ରଦେଶ ମନ୍ତ୍ରିମଣ୍ଡଳର ସଦସ୍ୟଗଣଙ୍କର ଏକ ମିଳିତ ବୈଠକରେ ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଆଲୋଚନା ହେଲା । ମହତାବଜୀ ପ୍ରଥମେ ମିଶ୍ରଣ କଥା ଉଠାଇଲେ । ରାଜାମାନଙ୍କୁ ପ୍ରଦାନ କରାଯାଇଥିବା ସନନ୍ଦ ବିଷୟରେ ଆଲୋଚନା ହେଲା । ସର୍ଦ୍ଦାର ପଟେଲ ସନନ୍ଦକୁ ଦେଖିବା ମାତ୍ରକେ ତୀବ୍ର ସ୍ୱରରେ କହି ଉଠିଲେ, How could these petty rulers comply with the conditions of sanandas ? It is impossible । ପୂର୍ବରୁ ତା୨୦.୧୧.୧୯୪୭ରେ ଦିଲ୍ଲୀ ବୈଠକରେ ଆଲୋଚିତ ହୋଇଥିବା memorandumକୁ ସିଧା ଚିରି ଖଣ୍ଡ ଖଣ୍ଡ କରିଦେଲେ ଏବଂ ସ୍ଥିରକଲେ ଯେ, ଏହି ଗଡ଼ଜାତ ରାଜ୍ୟଗୁଡ଼ିକ ଓଡ଼ିଶା ପ୍ରଦେଶ ସହ ମିଶିବ । ତା'ପରେ ସେ ମହତାବଜୀଙ୍କୁ ପଚାରିଲେ, ଆସନ୍ତାକାଲି ଓଡ଼ିଶାର ରାଜାମାନଙ୍କ ସହ



**କଟକ ରାଜଭବନ (ସଂପ୍ରତି ଶିଶୁଭବନ)ରେ ଓଡ଼ିଶା ଗଡ଼ଜାତ ରାଜାମାନଙ୍କ ସହ ଆଲୋଚନାରତ ଡକ୍ଟର ମହତାବ ଓ କେନ୍ଦ୍ର ଘରୋଇ ମନ୍ତ୍ରୀ ସର୍ଦ୍ଦାର ପଟେଲ୍**

ଆଲୋଚନା ହେବାକୁ ଥିବା ବିବରଣୀ ପତ୍ର ପ୍ରସ୍ତୁତ ହୋଇଛି ତ ? ମହତାବଜୀ ହଁ ମାରି କହିଲେ, ତାହା ଆସନ୍ତାକାଲି ବୈଠକରେ ବଣ୍ଟନ କରାଯିବ । ରାଜ୍ୟ ମନ୍ତ୍ରିମଣ୍ଡଳଦ୍ୱାରା ଅନୁମୋଦିତ ହୋଇ ପ୍ରସ୍ତୁତ ହୋଇଥିବା memorandumକୁ ମଧ୍ୟ ଚିରିଦେଇ ରାତାରାତି ତତ୍‌କାଳୀନ ମୁଖ୍ୟ ଶାସନସଚିବଙ୍କ ସହାୟତାରେ ଅନ୍ୟଗୋଟିଏ memorandum ପ୍ରସ୍ତୁତ କରି ସରକାରୀ ପ୍ରେସ୍‌ରେ ଛପାଇ ବାହାର କରି ଆଣିଲେ । ଏଣେ ରାତିସାରା ସର୍ଦ୍ଦାର ପଟେଲ ମହାତାବଜୀଙ୍କ ସହ ଘନଘନ ଆଲୋଚନା କରୁଥାଆନ୍ତି କିପରି ମିଶ୍ରଣ କାର୍ଯ୍ୟକାରୀ ଓ ଫଳବତୀ ହେବ । ମହତାବଜୀ ସର୍ଦ୍ଦାର ପଟେଲଙ୍କୁ ପୂରା ଆଶ୍ୱାସନା ଦେଇଥାଆନ୍ତି ସଫଳ ହେବ ବୋଲି ।

ପରଦିନ ତା୧୪.୧୨.୧୯୪୭ ସକାଳ ୯ଘଟିକାରେ କଟକ ରାଜଭବନ ସଭାଗୃହରେ ଏକ ସମ୍ମିଳନୀରେ ଓଡ଼ିଶାର ରାଜାମହାରାଜାମାନଙ୍କୁ ଭାରତର ଉପପ୍ରଧାନମନ୍ତ୍ରୀ ତଥା କେନ୍ଦ୍ର ଘରୋଇ ମନ୍ତ୍ରୀ ସର୍ଦ୍ଦାର ପଟେଲ୍ ଭେଟିଲେ । ଏହି ବୈଠକରେ ଦିଲ୍ଲୀରୁ ଆସିଥିବା ପ୍ରତିନିଧି ବର୍ଗ, ଓଡ଼ିଶା ପ୍ରଦେଶ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ମାନ୍ୟବର ରାଜ୍ୟପାଳ ଡଃ କାଟଜୁ ଓ ପ୍ରଧାନମନ୍ତ୍ରୀ ମହତାବଜୀ ଆଦି ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ସର୍ଦ୍ଦାର ପଟେଲ ପ୍ରଥମେ ରାଜା ମହାରାଜାମାନଙ୍କୁ ଲକ୍ଷ୍ୟକରି କହିଲେ, ''ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ରାଜା ମହାରାଜା ଓ ପ୍ରଜାମାନଙ୍କ ହିତ ତଥା ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ ସହିତ ଶୀଘ୍ର ମିଶିଯିବା ଉଚିତ ।''

ସର୍ଦ୍ଦାର ପଟେଲଙ୍କ ମୁହଁରୁ ଏକଥା ଶୁଣି ରଣପୁରର ଯୁବକ ରାଜା ଉଠିପଡ଼ି କହିଲେ, ''ରାଜାମାନେ ତାଙ୍କ ରାଜ୍ୟର ପ୍ରଜାମାନଙ୍କ ସହ ଏହି ବିଷୟରେ ପରାମର୍ଶ କରିବା ପରେ ଯାହା ହେବ ।'' ରଣପୁର ରାଜାଙ୍କର ଏକଥା ଶୁଣି ସର୍ଦ୍ଦାର ପଟେଲ ରାଗିଗଲେ । ତା'ପରେ ଷଢ଼େଇକଳା ରାଜା ୨୦.୧୧.୧୯୪୭ରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଆଲୋଚନା ବିଷୟକୁ ଦୋହରାଇଲେ । ସର୍ଦ୍ଦାର ପଟେଲ କହିଲେ, ''ପଛ କଥା ପଛକୁ ପକାଇ ଦିଅନ୍ତୁ । ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସର୍କୁଲାର ଯାହା ଆପଣମାନଙ୍କୁ ଦିଆଯାଇଛି, ସେଥିରେ ଲେଖାଅଛି ପୂରା ମିଶ୍ରଣ। ସେହି ଅନୁସାରେ କାର୍ଯ୍ୟ କରନ୍ତୁ ।''

ସେହି ସମୟକୁ ପ୍ରାୟ ସମସ୍ତ ଗଡ଼ଜାତ ରାଜା ନିଜ ନିଜ ରାଜ୍ୟରେ ପ୍ରଜାମଣ୍ଡଳ ଜରିଆରେ ଗୋଟିଏ ଗୋଟିଏ ଦାୟିତ୍ୱପୂର୍ଣ୍ଣ ସରକାର ଗଠନ କରିସାରିଥାଆନ୍ତି । କେହି କିନ୍ତୁ ନିଜ ନିଜ ରାଜ୍ୟରେ ଗଠନ କରିଥିବା ମନ୍ତ୍ରିମଣ୍ଡଳ କଥା ଉଠାଇଲେ ନାହିଁ । କେବଳ ମୟୂରଭଂଜ ରାଜା କହିଲେ, ''ମୋ ରାଜ୍ୟର ମନ୍ତ୍ରିମଣ୍ଡଳ ସହ ପରାମର୍ଶ କରିବି, କାରଣ ସେମାନଙ୍କ ହାତରେ ରାଜ୍ୟର ସମସ୍ତ ପ୍ରକାର ଶାସନ ଅର୍ପଣ କରି ସାରିଛି । ଆଉ କେତେଜଣ ରାଜା ମଧ୍ୟ ସମୟ ନେଲେ ଚିନ୍ତା କରିବା ପାଇଁ । କେନ୍ଦ୍ର ଆଇନ ସଚିବ ମିଶ୍ରଣ ଦଲିଲର ବିଷୟବସ୍ତୁ ପଢ଼ି ଶୁଣାଇଦେଲେ । ସେହିଦିନ ପ୍ରାୟ ଅଧିକାଂଶ ରାଜା ମହାରାଜା ମିଶ୍ରଣ ଦଲିଲରେ ଦସ୍ତଖତ କରିଦେଲେ । ଆଉ ଯେଉଁମାନେ ରହିଲେ ସେମାନେ ୧୫ ତାରିଖ ସକାଳେ ଦସ୍ତଖତ କରିଦେଲେ । କିନ୍ତୁ କଳାହାଣ୍ଡି ମହାରାଜା ଡେରିରେ ସର୍ବଶେଷରେ ଦସ୍ତଖତ କଲେ । ସେଥିପାଇଁ ସର୍ଦ୍ଦାର ପଟେଲଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ଶେଷରେ କଳାହାଣ୍ଡି ମହାରାଜା ଅଭିଯୋଗ କଲେ କି, ମିଃ ମେନନ୍ (ଭାରତ ସରକାରଙ୍କ ରାଜ୍ୟ ବିଭାଗ ସଚିବ) ତାଙ୍କଠାରୁ ଜୋରକରି ମିଶ୍ରଣ ଦଲିଲରେ ଦସ୍ତଖତ କରି ନେଇଛନ୍ତି । ଏହି ଅଭିଯୋଗ ମଧ୍ୟ ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଥିଲା ।


ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ୨୫ଟି ଗଡ଼ଜାତ ରାଜ୍ୟ ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିଦେଲେ । ମୟୂରଭଞ୍ଜ ଏକ ଆଦିବାସୀ ରାଜ୍ୟ ହୋଇଥିବାରୁ ସର୍ଦ୍ଦାର ପଟେଲ ମୟୂରଭଞ୍ଜ ରାଜାଙ୍କ ଇଚ୍ଛାକୁ ଅନୁମତି ଦେଲେ । ହେଲେ ଗୋଟିଏ ବର୍ଷ ଭିତରେ ମୟୂରଭଞ୍ଜ ରାଜା ତାଙ୍କ ସରକାରଙ୍କ କାର୍ଯ୍ୟକଳାପରେ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ । ରାଜ୍ୟର ପ୍ରଜାମାନେ ଭଲରେ ରହିବା ପାଇଁ ଇଚ୍ଛାକଲେ । ନିଜ ରାଜ୍ୟକୁ ଶୀଘ୍ର ଦେଶ ହାତରେ ଟେକି ଦେବାପାଇଁ ଇଚ୍ଛାପ୍ରକାଶ କଲେ । ଫଳରେ ସର୍ଦ୍ଦାର ପଟେଲ ସରକାରଙ୍କ ତରଫରୁ ପ୍ରତିନିଧି ପଠାଇ ମିଶ୍ରଣ ଦଲିଲରେ ମୟୂରଭଞ୍ଜ ରାଜାଙ୍କ ଠାରୁ ଦସ୍ତଖତ କରି ଆଣିଲେ । ୧.୧.୧୯୪୯ରେ ଭାରତ ସରକାର ମୟୂରଭଞ୍ଜକୁ ଓଡ଼ିଶା ସରକାରଙ୍କ ହାତରେ ଅର୍ପଣ କଲେ ।

ସମସ୍ତ ଗଡ଼ଜାତରାଜ୍ୟ ଓଡ଼ିଶା ପ୍ରଦେଶ ସହ ମିଶିଲେ । ଅଧିକାଂଶ ରାଜା ସନ୍ତୋଷ ପ୍ରକାଶ କଲେ ଯେ ସର୍ଦ୍ଦାର ବଲ୍ଲଭ ଭାଇ ତାଙ୍କପାଇଁ ହାତପାଣ୍ଠି ସହ ଅନ୍ୟାନ୍ୟ ସୁବିଧା ତଥା ସୁରକ୍ଷା ବ୍ୟବସ୍ଥା କରିଦେଲେ । ଆଉ କେତେକ ଅସନ୍ତୋଷରେ କାଳକାଟିଲେ । ସେମାନେ ମିଶ୍ରଣ ଦଲିଲରେ ଦସ୍ତଖତ କରିସାରିବା ପରେ ବି 'ଇଉନିଅନ ଆନ୍ଦୋଳନ' ଷଡ଼ଯନ୍ତ୍ରରେ ଲାଗିପଡ଼ିଲେ । ଗୁପ୍ତ

ସଂଗଠନ ଜରିଆରେ ଷଢ଼େଇକଳା, ଖରସୁଆଁ ରାଜ୍ୟରେ କାର୍ଯ୍ୟକ୍ରମ ଚାଲୁରଖିଲେ । ବିହାର ପ୍ରାଦେଶିକ ସରକାର ଚାହୁଁଥିଲେ ଯେ, ଷଢ଼େଇକଳା ଓ ଖରସୁଆଁ ବିହାରରେ ରହୁ । କାରଣ ଏହି ଅଂଚଳର ଅଧିକାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟର । ଭୌଗୋଳିକ ଦୃଷ୍ଟିରୁ ସିଂହଭୂମି ଜିଲ୍ଲାର ଅଧିବାସୀ । ଏହି ବିବାଦପାଇଁ ଓଡ଼ିଶା ଓ ବିହାର ମଧ୍ୟରେ ମନୋମାଳିନ୍ୟ ଦେଖାଗଲା । ଷଡ଼ଯନ୍ତ୍ରକାରୀ ରାଜାମାନେ ଏହାର ସୁଯୋଗ ନେଲେ । ଏହି ଦୁଇ ରାଜ୍ୟରେ ଗଣ୍ଡଗୋଳର ସୂତ୍ରପାତ ହେଲା । ଓଡ଼ିଶା ସରକାର 'ଇଉନିଅନ୍ ମୁଭ୍‌ମେଣ୍ଟ'କୁ ନିଷେଧ କରିଦେଲେ । ଆଦିବାସୀମାନେ ଆନ୍ଦୋଳନ କଲେ ଯେ ଷଢ଼େଇକଳା, ଖରସୁଆଁ ବିହାରରେ ରହୁ । ଏ ଆନ୍ଦୋଳନରେ ବହୁ ଓଡ଼ିଆ ଭାଷାଭାଷୀମାନେ ମଧ୍ୟ ଅଜାଣତରେ ସାମିଲ ହୋଇଗଲେ । ଷଢ଼େଇକଳା, ଖରସୁଆଁ ପରିସ୍ଥିତି ବହୁତ ଖରାପ ହୋଇଉଠିଲା । ଦୁଇ ରାଜ୍ୟରେ ମିଲିଟାରୀ ପ୍ରବେଶ କଲେ । ଶେଷରେ ଭାରତ ସରକାର ନିଷ୍ପତ୍ତି ନେଲେ ଯେ, ଷଢ଼େଇକଳା ଓ ଖରସୁଆଁ ଦୁଇଟି ରାଜ୍ୟ ସିଂହଭୂମିର ଦୁଇଟି ଦ୍ୱୀପ କହିଲେ ଚଳେ । ଓଡ଼ିଶା ଓ ବିହାର ଦାବି କରୁଛନ୍ତି ନିଜ ପ୍ରଦେଶରେ ଏହି ଦୁଇ ରାଜ୍ୟକୁ ମିଶାଇବା ପାଇଁ । ଏହି ଦୁଇଟି ରାଜ୍ୟ ସିଂହଭୂମି ଜିଲ୍ଲାରେ ଥାଉ । ପରବର୍ତ୍ତୀ ସମୟରେ ସିଂହଭୂମି ଯେଉଁ ପ୍ରଦେଶରେ ରହିବ ଏହି ରାଜ୍ୟ ଦୁଇଟି ସେହି ପ୍ରଦେଶରେ ସାମିଲ୍ ହେବ । ପରବର୍ତ୍ତୀ ସମୟରେ ସିଂହଭୂମି ବିହାର ପ୍ରଦେଶରେ ରହିଲା । ଓଡ଼ିଶା ହରାଇଲା ଦୁଇଟି ଗଡ଼ଜାତ ରାଜ୍ୟ । ଏହା ଓଡ଼ିଶାବାସୀଙ୍କୁ ଅସୁଖୀ କଲା ।

ଭାରତ ସରକାର ତା୨୭.୭.୧୯୪୯ରେ ରାଜ୍ୟ ମିଶ୍ରଣ ବିଜ୍ଞପ୍ତି ପ୍ରକାଶ କଲେ । ଏହି ବିଜ୍ଞପ୍ତି ଭାରତର ମାନ୍ୟବର ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଓ ଶାସନ ସଚିବ ମିଃ କେ.ଭି.କେ ସୁନ୍ଦରମ୍‌ଙ୍କ ସ୍ୱାକ୍ଷରରେ ପ୍ରକାଶ ପାଇଥିଲା । ଏହି ସରକାରୀ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା, କେଉଁ ଗଡ଼ଜାତ ରାଜ୍ୟଗୁଡ଼ିକ କେଉଁ ପ୍ରଦେଶରେ ସାମିଲ ହେଲା । ଏହା ବ୍ୟତୀତ ଗଡ଼ଜାତ ରାଜ୍ୟଗୁଡ଼ିକପାଇଁ ବିଧାନସଭାର କେତୋଟି ମନୋନୀତ ଆସନ ରହିବ, ଏହାର ସଭ୍ୟମାନେ କିଭଳି ମନୋନୀତ ହେବେ ଇତ୍ୟାଦି ।

ସେହି ବିଜ୍ଞପ୍ତିରେ ଓଡ଼ିଶାର ଚବିଶଟି ଗଡ଼ଜାତ ରାଜ୍ୟ ପାଇଁ ୩୧ ଜଣ ମନୋନୀତ ସଭ୍ୟ ରହିବାର ଉଲ୍ଲେଖ ଥିଲା । ଏହି ସଭ୍ୟମାନଙ୍କର ଯୋଗ୍ୟତା ଓ କିପରି ସେମାନେ ମନୋନୀତ ହେବେ, ସେ ସମ୍ପର୍କରେ ବିଶେଷ ତଥ୍ୟ ରହିଥିଲା । ପୂର୍ବରୁ ଓଡ଼ିଶା ପ୍ରଦେଶ ବିଧାନସଭାର ସଦସ୍ୟ ସଂଖ୍ୟା ଥିଲା ୬୦ । ଏହି ବିଜ୍ଞପ୍ତି ବଳରେ ସଦସ୍ୟ ସଂଖ୍ୟା ହେଲା ୯୧ । ନିମ୍ନମତେ ୩୧ ଜଣ ସଭ୍ୟ ମନୋନୀତ ହୋଇପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା । ଏମାନଙ୍କୁ ନେଇ ସ୍ୱତନ୍ତ୍ର ଏକ ଆସେମ୍ଲି ଗଠିତ ହେଲା । ମୟୂରଭଞ୍ଜ-୬; ବାମଣ୍ଡା-୧; ଢେଙ୍କାନାଳ-୨; କଳାହାଣ୍ଡି-୪; ନୟାଗଡ଼-୧; ପାଟଣା-୪; ବଣେଇ, ଗାଙ୍ଗପୁର-୩; କେଉଁଝର, ନୀଳଗିରି-୪; ଆଠଗଡ଼, ବଡ଼ମ୍ବା, ଦଶପଲ୍ଲା, ହିନ୍ଦୋଳ, ଖଣ୍ଡପଡ଼ା, ନରସିଂହପୁର, ରଣପୁର, ତିଗିରିଆ, ପାଲଲହଡ଼ା ଓ ତାଳଚେର-୩; ଆଠମଲ୍ଲିକ, ବୌଦ୍ଧ, ରେଢ଼ାଖୋଲ, ସୋନପୁର-୩ ।



ରାଧାନାଥ ରଥ

ବିଭିନ୍ନ ଗଡ଼ଜାତ ରାଜ୍ୟର ମନୋନୀତ ବିଧାୟକମାନେ ହେଲେ:

ମୟୂରଭଞ୍ଜ: ଲାଲମୋହନପତି, ଶରତ ଚନ୍ଦ୍ର ଦାସ, ହରିଶ ଚନ୍ଦ୍ର ଦାସ, ମାନଗୋବିନ୍ଦ ପତି, ଗୋପୀନାଥ ନାଏକ, ଶିରୀଶ ଚନ୍ଦ୍ର ଦାସ; ବାମଣ୍ଡା- ଜଳନ୍ଧର ଦେବ; ଢେଙ୍କାନାଳ- ସୁରେନ୍ଦ୍ର ମୋହନ ପଟ୍ଟନାୟକ ଓ ମହେଶ ଚନ୍ଦ୍ର ସୁବାହୁ ସିଂହ; କଳାହାଣ୍ଡି- ଉତ୍ସବାନନ୍ଦ ପ୍ରଧାନ, କାଳୀପ୍ରସାଦ ବାବୁ, ଥାଟ୍ଟରାଜ ରୁଦ୍ରପ୍ରତାପ ସିଂହଦେଓ, ଗଜାନନ ନାୟକ; ନୟାଗଡ଼- ଶ୍ରୀଧର ଦାସ; ପାଟଣା- ଦିବାକର ବହିଦାର, ନିମାଇଁ ଚରଣ ପାଣିଗ୍ରାହୀ, କପିଳେଶ୍ୱର ପ୍ରସାଦ ନନ୍ଦ, କପୁରଚାନ୍ଦ ନାଏକ; ବଣାଇ- ନରହରି ଦଣ୍ଡପାଟ; ସୁନ୍ଦରଗଡ଼- ରାମଚରଣ ପଟେଲ, ଶିବନାରାୟଣ ସିଂହ ମହାପାତ୍ର; କେଉଁଝର- ମାଣିକରାମ ମହାନ୍ତ, ଲକ୍ଷ୍ମୀନାରାୟଣ ଭଞ୍ଜଦେଓ; ନୀଳଗିରି- ଶରତ ଚନ୍ଦ୍ର ମହାନ୍ତି, କୀର୍ତ୍ତନ ବିହାରୀ ମହାନ୍ତି; ଆଠଗଡ଼- ପବିତ୍ର ମୋହନ ପ୍ରଧାନ; ହିନ୍ଦୋଳ, ନରସିଂହପୁର, ଖଣ୍ଡପଡ଼ା- ରାଧନାଥ ରଥ; ରଣପୁର- ଅନ୍ତର୍ଯ୍ୟାମୀ ସାହୁ; ଆଠମଲ୍ଲିକ- ଦଶରଥ ପ୍ରଧାନ; ବଉଦ- ମୋହନ ମିଶ୍ର; ରେଢ଼ାଖୋଲ, ସୋନପୁର- ଶଶିଭୂଷଣ ପ୍ରଧାନ ।

ଏମାନଙ୍କ ବ୍ୟତୀତ ରାଜ୍ୟର ପ୍ରଧାନମନ୍ତ୍ରୀ, ଜଣେ ମୁଖ୍ୟପ୍ରଶାସକ, ସ୍ୱତନ୍ତ୍ର କମିଶନର ଓ ଅନ୍ୟ ଜଣେ ସଚିବ ଏକ୍ସ- ଅଫିସିଓ ସଦସ୍ୟ ରହିଲେ । ଏହା ଷ୍ଟେଟ ଆସେମ୍ବ୍ଲି ନାମରେ କାର୍ଯ୍ୟ କଲା । ଏହା ଏକ ସ୍ୱତନ୍ତ୍ର ବିଧାନସଭାର ମାନ୍ୟତା ଲାଭକଲା ।

+++

### ଅଷ୍ଟମ ପରିଚ୍ଛେଦ

# ହରେକୃଷ୍ଣ ଦିଲ୍ଲୀ ଗଲେ, ନବକୃଷ୍ଣ ମୁଖ୍ୟମନ୍ତ୍ରୀ ହେଲେ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଦିଲ୍ଲୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦେବା ଓ ତାଙ୍କ ସ୍ଥାନରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପ୍ରସଙ୍ଗ ଆଲୋଚନା କରିବା ପୂର୍ବରୁ ସେ ୧୯୪୮ ମସିହା ଏପ୍ରିଲ ୨୩ ତାରିଖରେ ମହତାବ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପ୍ରସଙ୍ଗ ଏଠାରେ ପ୍ରଥମେ ଆଲୋଚନା କଲେ ପ୍ରାସଙ୍ଗିକ ହେବ ।

ଓଡ଼ିଶା ପାଇଁ ତାଙ୍କର ଆବଶ୍ୟକତା ଥିବା ସମୟରେ ନବବାବୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । ନିଜର ଇସ୍ତଫା ସମ୍ପର୍କରେ ନବବାବୁ କହନ୍ତି-

''ଆମେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯାହା ଭାବି ଚାଲିଥିଲୁ, ମୁଁ ଦେଖିଲି ମନ୍ତ୍ରିମଣ୍ଡଳର ସେ ଆଭିମୁଖ୍ୟ ରହିପାରିଲା ନାହିଁ । ବରଂ ଓଲଟା ହେଲା । ତେଣୁ ଲୋକଙ୍କ ସହିତ କିଛି ସମ୍ପର୍କ ରହିଲା ନାହିଁ । ସବୁ ମୂଳରେ ଲୋକ । ସେମାନେ ଯଦି ତାଙ୍କ ବଳ ଅନୁଭବ ନ କରନ୍ତି, ସେମାନେ ଯଦି ନ ଭାବନ୍ତି ଯେ ସେମାନେ ହିଁ ମୂଳ ତେବେ ସ୍ୱରାଜ୍ୟ ଆଉ କ'ଣ ହେଲା ? ସେତିକିବେଳେ ଠିକ୍ ଗାନ୍ଧିଙ୍କର ହତ୍ୟା ଓ ମୋ ପୁଅର ମୃତ୍ୟୁ ଏକ ସଙ୍ଗରେ ହେଲା । ମୁଁ ଭାରି ବିବ୍ରତ ହୋଇପଡ଼ିଲି । ତାହାରି ଭିତରେ ରାଜନୀତି ପ୍ରତି ଗୋଟିଏ dilillusionment ମଧ୍ୟ ଅତି ତୀବ୍ର ହେଉଥାଏ । ମୋର ଧାରଣା ହେଲା ଯେ ଆମର ରାଜନୀତିରେ ରହିବାଟା ଭୁଲ୍ । ତେଣୁ ୧୯୪୮ରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ମୌଳିକ ଶିକ୍ଷା ଦାୟିତ୍ୱରେ ରହିଲି ।''(ନବବାବୁଙ୍କ ସହ ଏକ ସାକ୍ଷାତକାରରୁ ଉଦ୍ଧୃତ- 'ଶ୍ରଦ୍ଧାଞ୍ଜଳି')

ବାସ୍ତବରେ ନବବାବୁଙ୍କର ଏକମାତ୍ର ପୁତ୍ର ବିନୟ ଚୌଧୁରୀ । ଡାକନାମ 'କାଲୁ' । ସେ ଥିଲେ ଜଣେ ଆଦର୍ଶଗୁଣସମ୍ପନ୍ନ ବାଳକ । ବୟସ ସେତେବେଳକୁ ୧୭ ବର୍ଷ । ତରୁଣ । ରେଭେନ୍ସା

କଲେଜର ପ୍ରଥମ ବର୍ଷ ବିଜ୍ଞାନ ଶ୍ରେଣୀର ଛାତ୍ର । ସେ ଥିଲେ ଅସାଧାରଣ ଶକ୍ତିସଂପନ୍ନ । ମନ୍ତ୍ରୀଙ୍କର ପୁଅ; ମା ଜଣେ ବିଶିଷ୍ଟ ନାରୀନେତ୍ରୀ- ମାଳତୀ ଦେବୀ ଚୌଧୁରୀ । କିନ୍ତୁ ସେ କଟକ ସହରରେ ସାଇକେଲରେ ବୁଲି 'କୃଷକ' ଖବର କାଗଜ ବିକ୍ରୀ କରୁଥିଲେ । କଟକରେ ସୋସାଲିଷ୍ଟ ପାର୍ଟି ଉଦ୍ୟମରେ ମେହେନ୍ତର ସଂଗଠନ କରାଗଲା । ସେ ହେଲେ ଏହାର ମୁଖ୍ୟ ଉଦ୍ୟୋକ୍ତା । ଛାତ୍ର ଓ ଯୁବଶକ୍ତିକୁ ଆକର୍ଷଣ କରିବା ପାଇଁ ତାଙ୍କ ପାଖରେ ଥିଲା ଅସୀମ ଶକ୍ତି । ତାଙ୍କ ପାଇଁ ଥିଲା ଏକ ଉଜ୍ଜ୍ୱଳ ଭବିଷ୍ୟତ । ହେଲେ ସେ ପୋଟାସିୟମ ଫେରୋସାଏନାଇଡ୍ ଖାଇ ଆତ୍ମହତ୍ୟା କଲେ । କାରଣ କ'ଣ କେହି ଜାଣିପାରିଲେ ନାହିଁ । ଏକମାତ୍ର ପୁତ୍ରର ଆତ୍ମହତ୍ୟା ଘଟଣାରେ ନବବାବୁ ଓ ମାଳତୀ ଦେବୀ ମ୍ରିୟମାଣ ହୋଇ ପଡିବା ସ୍ୱାଭାବିକ । ଫଳରେ ସେ ଇସ୍ତଫା ଦେଇ ଚାଲିଗଲେ ଅନୁଗୁଳକୁ । କିନ୍ତୁ ଜମିଜମା କମିଟିର ସଭାପତି ଭାବରେ କାର୍ଯ୍ୟ କଲେ । ୧୯୪୯ ମସିହା ଜୁଲାଇ ମାସରେ ଏ ସଂକ୍ରାନ୍ତୀୟ ରିପୋର୍ଟ ପ୍ରଦାନ କଲେ ।

ନବବାବୁଙ୍କ ଇସ୍ତଫାର କାରଣ ସମ୍ପର୍କରେ ହରେକୃଷ୍ଣ ମହତାବ ମଧ୍ୟ ସନ୍ଦିଗ୍ଧ ଥିଲେ । ମହତାବବାବୁ ନବ ବାବୁଙ୍କ ଇସ୍ତଫା ସମ୍ପର୍କରେ କହନ୍ତି-

''୧୯୪୮ ମସିହା ଏପ୍ରିଲ ୨୩ ତାରିଖରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ । ଅବଶ୍ୟ ତାଙ୍କର ଏକମାତ୍ର ପୁତ୍ରର ଆତ୍ମହତ୍ୟା ଏଇ ଇସ୍ତଫାର କାରଣ ଥିଲା ବୋଲି ସେ କହିଲେ ଓ ଆମେ ବିଶ୍ୱାସ କଲୁ । କିନ୍ତୁ ମୋ ମନର ଏକ କୋଣରେ ପ୍ରଚ୍ଛନ୍ନ ସନ୍ଦେହ ରହିଗଲା ଯେ, ସେ ମନ୍ତ୍ରିମଣ୍ଡଳରେ ସୁସ୍ଥ ଅନୁଭବ କଲେନାହିଁ । ଯେଉଁମାନଙ୍କ ସହ କଂଗ୍ରେସ ସମାଜବାଦୀ ଦଳ ଗଠନ, ଗଡ଼ଜାତ ଆନ୍ଦୋଳନ ଇତ୍ୟାଦି କରି ଆସିଥିଲେ, ସେମାନେ ମୋଠାରୁ ନିଜକୁ ଅଲଗା କରିନେଇଥିଲେ ଯଥାଃ ମାଳତୀ ଦେବୀ, ସାରଙ୍ଗଧର ବାବୁ ଇତ୍ୟାଦି । ସମସ୍ତଙ୍କୁ ସବୁ କଥା ପଚାରି ବୁଝାଇ ଏକମତ କରାଇ ହୁଏତ ମୁଁ କରିପାରିଲି ନାହିଁ ।'' (ସାଧନାର ପଥେ...)

ପୁତ୍ର ବିୟୋଗରେ ନବବାବୁ ଅତି ଦୁଃଖରେ କାଳାତିପାତ କରୁଥିଲେ । ତାଙ୍କୁ କୌଣସି କାର୍ଯ୍ୟରେ ନିଯୁକ୍ତି ଦେଲେ ଅବଶ୍ୟ ତାଙ୍କର ଏଇ ଦୁଃଖ ଲାଘବ ହୋଇଯିବ ଭାବି ସେବାଗ୍ରାମର ମୌଳିକ ଶିକ୍ଷା କଥା ବୁଝୁଥିବା ଆର୍ଯ୍ୟ ନାୟକମ ଓ ଆଶାଦେବୀ ଚିନ୍ତା କଲେ । ସେମାନେ ଦି' ଜଣଯାକ ଥିଲେ ନବବାବୁ ଓ ମାଳତୀ ଦେବୀଙ୍କର ଘନିଷ୍ଠ ବନ୍ଧୁ । ନବବାବୁଙ୍କୁ ଓଡ଼ିଶା ପାଇଁ ମୌଳିକ ଶିକ୍ଷା ସଂଗଠକ ଦାୟିତ୍ୱ ଦେବା ନିମନ୍ତେ ଆର୍ଯ୍ୟ ନାୟକମ୍ ଓ ଆଶାଦେବୀ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦେଲେ । ଏହି ପ୍ରସ୍ତାବରେ ଓଡ଼ିଶା ସରକାର ଓ ନବବାବୁ ସମ୍ମତି ପ୍ରଦାନ କଲେ । ଫଳରେ ନବବାବୁଙ୍କୁ ବିଧାନସଭା ସଭ୍ୟପଦରୁ ଇସ୍ତଫା ଦେବାପାଇଁ ପଡ଼ିଲା । ସେ ନିର୍ବାଚିତ ହୋଇଥିବା ଉତ୍ତର କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ । (ଅନିର୍ବାଣ)

ନବବାବୁ ଅନୁଗୁଳରେ ରହୁଥିବାରୁ ମୌଳିକ ଶିକ୍ଷା ସଂଗଠକଙ୍କ ଅଫିସ୍ ଅନୁଗୁଳରେ ଖୋଲିଲା । ସେ ସାଇକେଲରେ ଯିବା ଆସିବା କରି ବିଦ୍ୟାଳୟ ପରିଦର୍ଶନ କଲେ । କିଛି ଦିନ ପରେ ତାଙ୍କୁ ଏକ ଜିପ୍ ଗାଡ଼ି ମିଳିଲା । ନବବାବୁ ସରକାରୀ ଚାକିରିଆ ହୋଇଗଲେ । ଏହି

ସମୟରେ ମହତାବ ବାବୁଙ୍କୁ କେନ୍ଦ୍ର କ୍ୟାବିନେଟ୍‌କୁ ମନ୍ତ୍ରୀ କରିନେବା ପାଇଁ ନେହେରୁଙ୍କ ପ୍ରଚେଷ୍ଟା ଚାଲିଲା ବୋଲି ନବବାବୁ କହନ୍ତି । (ଶ୍ରଦ୍ଧାଞ୍ଜଳି)

ରାଜ୍ୟପାଳ ଡକ୍ଟର କୈଳାସ ନାଥ କାଟ୍‌ଜୁଙ୍କର ପଶ୍ଚିମବଙ୍ଗ ରାଜ୍ୟପାଳ ଭାବରେ ବଦଳି ହୋଇଗଲା । ସେ ୧୯୪୮ ମସିହା ଜୁନ୍ ୨୦ ତାରିଖରେ ଓଡ଼ିଶାରୁ ବିଦାୟ ନେଇ ଚାଲିଗଲେ । ତାଙ୍କ ସ୍ଥାନରେ ଏମ୍. ଆସଫ୍ ଅଲ୍ଲୀ ଓଡ଼ିଶାକୁ ରାଜ୍ୟପାଳ ହୋଇ ଆସିଲେ ।

**ଡଃ କୈଳାସ ନାଥ କାଟ୍‌ଜୁ**ଙ୍କ ସମ୍ପର୍କରେ କିଛି ଏଠାରେ ଉଲ୍ଲେଖ କରିବା ଆବଶ୍ୟକଃ

ଡକ୍ଟର କାଟ୍‌ଜୁ ଥିଲେ ଜଣେ ନୀତିନିଷ୍ଠ, ଦୃଢ଼ମନା ଓ କଠୋର ବ୍ୟକ୍ତି । ଦୁର୍ବଳ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ପାଇଁ ତାଙ୍କ ହୃଦୟ ଥିଲା ସଦା ବିଦ୍ରୋହିତ । ସେ ଥିଲେ ଜଣେ ବିଶିଷ୍ଟ ଆଇନଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ଦକ୍ଷ ପ୍ରଶାସକ ଓ ଜଣେ ଦକ୍ଷ ମନ୍ତ୍ରୀ । ୧୮୮୭ ମସିହା ଜୁନ୍ ୧୭ ତାରିଖରେ ସେ ଉତ୍ତର ଭାରତର ଜାଓରା ନାମକ ଏକ ଅବହେଳିତ ଗଡ଼ଜାତ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପରିବାରରେ ସେ ଥିଲେ ପ୍ରଥମ ଇଂରାଜୀ ପଢ଼ୁଆ ବ୍ୟକ୍ତି । ତାଙ୍କ ପିତା ଥିଲେ ସେହି ରାଜ୍ୟର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ । ୧୯୦୦ ମସିହାରେ ସେ ଜାଓରାରୁ ଶିକ୍ଷା ସମାପନ କରି ୧୯୦୫ ଫର୍ମାନ୍ ଖ୍ରୀଷ୍ଟିୟାନ୍ କଲେଜରୁ ବି.ଏ. ପାସ୍ କଲେ । ତା'ପରେ ସେ ଏହ୍ଲାବାଦର ମୁର୍ ସେଣ୍ଟ୍ରାଲ୍ କଲେଜରେ ନାମ ଲେଖାଇଲେ ଆଇନ ଅଧ୍ୟୟନ କରିବା ପାଇଁ । ସେଠାରେ ସେ ହିନ୍ଦୁ ହଷ୍ଟେଲର ସଭ୍ୟ ହୋଇ ଏଲ୍.ଏଲ୍.ବି ଶ୍ରେଣୀରେ ନାମ ଲେଖାଇଲେ । ୧୯୦୭ରେ ଏଲ୍.ଏଲ୍.ବି ପାସ୍ କଲେ ପ୍ରାଦେଶିକ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି । ୧୯୦୮ ମସିହାରେ ସେ ଏହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍.ଏ. ପାସ୍ କରି ଜନ୍ମସ୍ଥାନ ଜାଓରାକୁ ପ୍ରତ୍ୟାବର୍ତ୍ତନ କଲେ ।

ଏହିପରି ଭାବରେ ସେ ଉଚ୍ଚଶିକ୍ଷା ଲାଭ କରି କୌଣସି ସ୍ଥାନରେ ଚାକିରି ଖଣ୍ଡିଏ ପାଇବା ଇଚ୍ଛାରେ ଅପେକ୍ଷା କରି ରହିଲେ । ଶେଷରେ ୧୯୦୮ ମସିହାରେ ସେ କାନ୍‌ପୁର ଚାଲିଯାଇ ସେଠାରେ ଆଇନ୍ ବ୍ୟବସାୟ ଆରମ୍ଭ କଲେ । ୧୯୧୪ ମସିହାରେ କାନପୁର ତ୍ୟାଗ କରି ଏହ୍ଲାବାଦ ଯାଇ ସେଠାରେ ଓକିଲାତି କଲେ । ଏଠାରେ ତାଙ୍କର ଖ୍ୟାତି ଦିନକୁ ଦିନ ବଢ଼ିବାରେ ଲାଗିଲା । ସେ ରାଜନୀତି ପ୍ରତି ଆଗ୍ରହୀ ହେଲେ । ରାଜନୀତିରେ ଯୋଗଦାନ କରି ଉତ୍ତରପ୍ରଦେଶର ତତ୍‌କାଳୀନ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ମନ୍ତ୍ରିମଣ୍ଡଳରେ ଆଇନ୍ ଓ ବିଚାର ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କଲେ । ଦ୍ୱିତୀୟ ମହାଯୁଦ୍ଧ ପରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କଲେ । ଫଳରେ ସେ ବ୍ରିଟିଶ ସରକାର ହାତରେ ବନ୍ଦୀ ହେଲେ । ୧୯୪୩ ମସିହାରେ ସେ ଖଲାସ ହୋଇ ପୁନର୍ବାର ନିଜର ଆଇନ ବ୍ୟବସାୟରେ ମନନିବେଶ କଲେ । ୧୯୪୬ ମସିହାରେ ସେ ପୁନର୍ବାର ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରାଦେଶିକ ସରକାରରେ ଯୋଗଦେଇ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହେଲେ । ଦେଶ ସ୍ୱାଧୀନ ହେଲା । ସେ ଓଡ଼ିଶାର ରାଜ୍ୟପାଳ ଭାବରେ ୧୫.୮.୧୯୪୭ରେ ଯୋଗଦାନ କରି ୨୦.୬.୧୯୪୮ରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ବଦଳି ହୋଇଗଲେ । ଏହା

ପରେ ସେ କେନ୍ଦ୍ର ମନ୍ତ୍ରିପରିଷଦରେ ଯୋଗଦାନ କରି ଘରୋଇ, ଆଇନ୍ ଓ ବୈଦେଶିକ ବିଭାଗର ଦାୟିତ୍ୱରେ ରହିଲେ । କିଛି ଦିନପାଇଁ ମଧ୍ୟ ସେ ଦେଶରକ୍ଷା ବିଭାଗ ଦାୟିତ୍ୱରେ ଥିଲେ । ଏହା ପରେ କିଛି ଦିନ ପାଇଁ ମଧ୍ୟ ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ଏହି ପଦବୀରୁ ଅବ୍ୟାହତି ନେବା ପରେ ସେ ଏହ୍ଲାବାଦ ଚାଲିଆସି ଜୀବନର ଶେଷଭାଗ ଅତିବାହିତ କରିଥିଲେ । ୧୯୬୮ ମସିହା ଫେବ୍ରୁଆରି ମାସରେ ତାଙ୍କର ମୃତ୍ୟୁ ହେଲା ।

ଓଡ଼ିଶାର ପ୍ରାଦେଶିକ ବିଧାନସଭା ପାଇଁ ୧୯୪୬ ମସିହାରେ ଅନୁଷ୍ଠିତ ନିର୍ବାଚନରେ ୫୬ ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ ଓ ୪ ଜଣ ସଭ୍ୟ ମନୋନୀତ ହୋଇଥିଲେ । ଏହିପରି ଥିଲେ ୬୦ ଜଣ ସଭ୍ୟ । ଓଡ଼ିଶା ପ୍ରଦେଶରେ ଗଡଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଘଟିବାରୁ ୩୧ ଜଣ ସଭ୍ୟ ମନୋନୀତ ହୋଇଆସିଲେ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା । ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ହେଲା ୯୧ । ଏହି ନବଗଠିତ ବିଧାନସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା ଭୁବନେଶ୍ୱରର ସର୍ଦ୍ଦାର ପଟେଲ ହଲରେ ୧୯୪୯ ମସିହା ଅକ୍ଟୋବର ମାସର ୧୦ ରୁ ୧୨ ତାରିଖ ଯାଏ । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏମ୍.ଆସଫ୍‌ଅଲ୍ଲୀ ଅଧିବେଶନରେ ଉଦ୍‌ବୋଧନ ଦେଇଥିଲେ । ଏହା ଥିଲା ନୂଆ ରାଜଧାନୀ ଭୁବନେଶ୍ୱରଠାରେ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ।

ଏହି ସମୟରେ କେନ୍ଦ୍ରରେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେଲା । ସେଥିପାଇଁ ଗୋଟିଏ କାର୍ଯ୍ୟକାରୀ ସଂସଦ ଗଠନ କରାଗଲା । ଏଥିପାଇଁ ଓଡ଼ିଶାର ପ୍ରତିନିଧି ଥିଲେ- ବିଶ୍ୱନାଥ ଦାସ, ନନ୍ଦକିଶୋର ଦାସ, ଭୁବନାନନ୍ଦ ଦାସ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ବିଜୟ କୁମାର ପାଣି, ଜଗନ୍ନାଥ ଦାସ, ଜଗନ୍ନାଥ ମିଶ୍ର, ମୌଲବୀ ମହମ୍ମଦ ହନିଫ୍, ମୋତିଲାଲ ପଣ୍ଡିତ, ମହେଶ୍ୱର ନାୟକ, ଯୁଧିଷ୍ଠିର ମିଶ୍ର, ସାରଙ୍ଗଧର ଦାସ, ଏନ୍.ମାଧବ ରାଓ ଓ ଲାଲା ରାଜ କନୱାର ।

ଏହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ କେନ୍ଦ୍ରକୁ ନେଇଯିବା ପାଇଁ ପଣ୍ଡିତ ଜବାହରଲାଲ ନେହେରୁ ସମ୍ପୂର୍ଣ୍ଣ ଭାବରେ ସ୍ଥିର କରିନେଲେ । ଏହାର କେତେଗୁଡ଼ିଏ କାରଣ ଥିଲା । ସେଗୁଡ଼ିକ ହେଲା:

ହରେକୃଷ୍ଣ ମହତାବ ଅହମ୍ମଦ ନଗର ଫୋର୍ଟରେ ବନ୍ଦୀ ଥିଲେ । ସେଠାରେ ତାଙ୍କ ସହ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମୌଲାନା ଅବୁଲ କାଲାମ୍ ଆଜାଦ୍ ଆଦି ବିଶିଷ୍ଟ ନେତୃବର୍ଗ । ଏମାନେ ଦୀର୍ଘ ତିନିବର୍ଷରୁ ଅଧିକ କାଳ ଏହି ଜେଲ୍‌ରେ ବନ୍ଦୀ ହୋଇ ରହିଥିଲେ । ସେମାନେ ପରସ୍ପର ମଧ୍ୟରେ ନିବିଡ଼ ବନ୍ଧୁତାରେ ଛନ୍ଦି ହୋଇଯାଇଥିଲେ । ଦେଶ ସ୍ୱାଧୀନ ହେବା ପରେ ନେହେରୁ, ପଟେଲ ଓ ଆଜାଦ୍ ଶାସନର ଶୀର୍ଷ ସ୍ଥାନରେ ରହିଲେ । ଏମାନଙ୍କର ମହତାବଙ୍କ ସହ ଉତ୍ତମ ସମ୍ପର୍କ ଥିଲା । ମହତାବଙ୍କର ଜ୍ଞାନ, ଗୁଣ, ଗାରିମା ଓ ପାଣ୍ଡିତ୍ୟ ସମ୍ପର୍କରେ ସେମାନେ ଥିଲେ ଖୁବ୍ ସଚେତନ ।

୧୯୪୬ ମସିହା ପ୍ରାଦେଶିକ ନିର୍ବାଚନରେ ଓଡ଼ିଶାରେ କଂଗେସ ଦଳର ବିପୁଳ ବିଜୟ ହୋଇଥାଏ । ତା'ପରେ ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ପରେ ମହତାବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ତାଙ୍କ ବୁଦ୍ଧି ଓ କୌଶଳ ପ୍ରୟୋଗଦ୍ୱାରା ଓଡ଼ିଶାର ଗଡଜାତ ରାଜ୍ୟଗୁଡ଼ିକର ସର୍ବ ପ୍ରଥମେ ଓଡ଼ିଶା ପ୍ରଦେଶ ସହ ମିଶ୍ରଣ ଘଟିଲା । ଏହା ଭାରତର ସର୍ବପ୍ରଥମ ଘଟଣା । ଯାହା ଫଳରେ କି ସର୍ଦ୍ଦାର ପଟେଲ କହିଥିଲେ ''ଓଡ଼ିଶାରେ ମହତାବ ଆଜି ଯାହା ଚିନ୍ତା କରୁଛନ୍ତି ଭାରତ ତାହା ଆସନ୍ତା କାଲି ଚିନ୍ତା କରୁଛି ।'' ଓଡ଼ିଶାର ଗଡ଼ଜାତ ମିଶ୍ରଣ ଦେଶର ଅନ୍ୟ ଦେଶୀୟ ଗଡ଼ଜାତ ମିଶ୍ରଣପାଇଁ ବାଟ ଦେଖେଇଲା । ସର୍ଦ୍ଦାର ପଟେଲଙ୍କର ଏପରି ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟ ମହତାବଙ୍କୁ ଶୀର୍ଷ ସ୍ଥାନକୁ ଉଠାଇ ନେଲା । ସାରା ଭାରତରେ ମହତାବଙ୍କର ପ୍ରଶଂସା ଖେଳିଗଲା ।


୧୯୫୦ ମସିହାରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓଡ଼ିଶା ଭ୍ରମଣରେ ଆସି ଥାଆନ୍ତି । ତାଙ୍କ ସହ ଆସି ଥାଆନ୍ତି ଭାରତର ଶେଷ ଇଂରେଜ ବଡଲାଟ୍ ମାଉଣ୍ଟବ୍ୟାଟେନ୍‌ଙ୍କ ଧର୍ମପତ୍ନୀ ଲେଡି ଏଡ୍‌ୱିନା ମାଉଣ୍ଟବ୍ୟାଟେନ୍ । ସେତେବେଳେ ନେହେରୁଙ୍କର ଲେଡ଼ି ମାଉଣ୍ଟ୍‌ବ୍ୟାଟେନ୍‌ଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିବା କଥା ଚାରିଆଡ଼େ ପ୍ରଚାର ହୋଇଯାଇଥିଲା । ଲେଡି ମାଉଣ୍ଟବ୍ୟାଟେନ୍ କୋଣାର୍କ ବୁଲିବା ସମୟରେ ତାଙ୍କ ସହ ଥିଲେ ପଣ୍ଡିତ ନେହେରୁ । ପାଖରେ ଉପସ୍ଥିତ ଥିଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଓ ମାନ୍ୟବର ରାଜ୍ୟପାଳ ଆସଫ୍ ଅଲ୍ଲୀ । ସେହି ସମୟରେ ଲେଡି ମାଉଣ୍ଟବ୍ୟାଟେନ୍ ନେହେରୁଙ୍କୁ କହିଥିଲେ, ''ହରେକୃଷ୍ଣ ମହତାବଙ୍କ ଭଳି ବ୍ୟକ୍ତିଙ୍କୁ ଗୋଟିଏ ରାଜ୍ୟର ପ୍ରଧାନମନ୍ତ୍ରୀ ଭାବରେ ଅବସ୍ଥାନ ନ କରି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ଉଚିତ ।'' ପଣ୍ଡିତ ନେହେରୁ ଏଥିରେ ଏକମତ ହୋଇ ସମ୍ମତି ପ୍ରଦାନ କଲେ ।

ମହତାବଙ୍କ ଜାଗାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ହେବ ? ଏଥିପାଇଁ ଚିନ୍ତା ପଡ଼ିଲା । ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ ଓ ନବକୃଷ୍ଣ ଚୌଧୁରୀଙ୍କ ନାମ ନେହେରୁଙ୍କୁ କୁହାଗଲା । ହେଲେ ନେହେରୁଙ୍କର ବିଶ୍ୱନାଥ ଦାସଙ୍କ ପ୍ରତି ଆନ୍ତରିକତା ନଥାଏ । ଏଣେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କୁ ମହତାବ ଭଲ ପାଉନଥାନ୍ତି । ମହତାବଜୀ ଠିକ୍ କଲେ ଯେ ନବବାବୁ ମୁଖ୍ୟମନ୍ତ୍ରୀ ହେଲେ ଖୁବ୍ ଭଲ ହେବ । କାରଣ ସେ କୂଟନୀତିର ଧାର ଧାରନ୍ତି ନାହିଁ । ଯେତେବେଳେ କହିଲେ ନବବାବୁ ପଦ ଛାଡିଦେବେ ଓ ସେ ଅନାୟସରେ ପୁଣି ମୁଖ୍ୟମନ୍ତ୍ରୀ ହୋଇପାରିବେ । କିନ୍ତୁ ନବବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଆଦୌ ରାଜି ହେଲେ ନାହିଁ । ଏହି ସମୟରେ ଦିନେ ବନମାଳୀ ପଟ୍ଟନାୟକ ନବବାବୁଙ୍କୁ ଆସି କହିଲେ, ପୁରୀ ଯାଇ ପଣ୍ଡିତ ନେହେରୁଙ୍କ ସାଙ୍ଗରେ କଥା ହେବା ପାଇଁ ମହତାବ କହିଛନ୍ତି । ସେଇଥିପାଇଁ ମୁଁ ଆପଣଙ୍କ ପାଖକୁ ଆସିଛି । ନବବାବୁ ପୁରୀ ଯାଇ ପଣ୍ଡିତ ନେହେରୁଙ୍କ ସହ ସାକ୍ଷାତ କଲେ । ସେତେବେଳେ ଲେଡି ମାଉଣ୍ଟବ୍ୟାଟେନ୍ ତାଙ୍କ ପାଖରେ ଉପସ୍ଥିତ ଥାନ୍ତି । ପଣ୍ଡିତ ନେହେରୁ ନବବାବୁଙ୍କୁ କହିଲେ, ''ତୁମେ ଭଲ କାମ କରୁଛ । ଆମ ଦେଶ ପାଇଁ କାମ ମଧ୍ୟ କରିବାକୁ ହେବ ।'' ଏପରି ଦୁଇ ଜଣଙ୍କ ମଧ୍ୟରେ ଅନେକ ଆଲୋଚନା ହେଲା । ଅନିଚ୍ଛା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ହେବାପାଇଁ ନବବାବୁ ରାଜି ହୋଇଗଲେ ।

ନବବାବୁ କହନ୍ତି- ''ଏହି ରାଜି ହେବାଟା ଗୋଟାଏ Illusion weakness ହେଲା ବୋଧହୁଏ । ମୁଁ ଭାବିଲି, କ୍ଷମତା ବାହାରେ ରହି କିଛି କରିହେଉନି । କ୍ଷମତା ଭିତରେ ରହିଲେ ବୋଧହୁଏ କରିହେବ । ସେହି ସମୟରେ ଦୁଇ ତିନିଟା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା, କଂଗ୍ରେସ କର୍ମୀମାନେ ହାରିଗଲେ ।(ଶ୍ରଦ୍ଧାଞ୍ଜଳି)

ଏହା ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଚିଠି ଲେଖିଲେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦାନ ପାଇଁ । ମହତାବବାବୁ କେନ୍ଦ୍ରକୁ ଯାଉଛନ୍ତି ଜାଣି ଓଡ଼ିଶାର ବୁଦ୍ଧିଜୀବୀ, ନେତୃବର୍ଗ ଓ ସାଧାରଣ ଲୋକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । କେତେକ କହିଲେ, ମହତାବ ବାବୁ କେନ୍ଦ୍ରକୁ ଗଲେ ଓଡ଼ିଶାର ଗୌରବ ବୃଦ୍ଧିପାଇବ । ଆଉ କେତେକ ଏହାକୁ ନାପସନ୍ଦ କଲେ । ଯାହାହେଉ ଶେଷରେ ମହତାବ ବାବୁ ଚିଠି ଲେଖି ତାଙ୍କର ସମ୍ମତି ପଣ୍ଡିତ ନେହେରୁଙ୍କୁ ଜଣାଇ ଦେଲେ କେନ୍ଦ୍ର କ୍ୟାବିନେଟ୍‌ରେ ଯୋଗଦେବା ପାଇଁ ।

କେନ୍ଦ୍ରରେ ଗଠିତ ହୋଇଥାଏ ମଧ୍ୟବର୍ତ୍ତୀକାଳୀନ ସରକାର । ଏହା କାର୍ଯ୍ୟ କରିବ ୧୯୫୦-୫୨ ଯାଏ, ଅର୍ଥାତ୍ ପ୍ରଥମ ସାଧାରଣ ନିର୍ବାଚନ ହେବା ଯାଏ । ମହତାବବାବୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦାନ କରି ପୂର୍ବ ଭଦ୍ରକ ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ । ତାଙ୍କ ପାଇଁ କାର୍ଯ୍ୟକାରୀ ସଂସଦରେ ଥିବା ଓଡ଼ିଶା ପ୍ରତିନିଧି ମୋତିଲାଲ ପଣ୍ଡିତ ସ୍ଥାନ ଖାଲି କରିଦେଲେ । ହରେକୃଷ୍ଣ ମହତାବ ମୋତିଲାଲ ପଣ୍ଡିତଙ୍କ ସ୍ଥାନରେ ୧୯୫୧ରେ ନିର୍ବାଚିତ ହୋଇ କାର୍ଯ୍ୟକାରୀ ସଂସଦର ସଭ୍ୟ ହେଲେ । ହରେକୃଷ୍ଣ ମହତାବ ହେଲେ କେନ୍ଦ୍ର କ୍ୟାବିନେଟ୍‌ରେ ଶିଳ୍ପ ଓ ଯୋଗାଣ ବିଭାଗ ମନ୍ତ୍ରୀ ।



**ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ସହ ଓଡ଼ିଶାର ପ୍ରଧାନମନ୍ତ୍ରୀ ଡକ୍ଟର ମହତାବ ଓ ରାଜ୍ୟପାଳ କାଟ୍‌ଜୁ**

୧୨.୫.୧୯୫୦ ତାରିଖରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ମହତାବବାବୁ ଇସ୍ତଫା ଦେଇଥିବା ପୂର୍ବ ଭଦ୍ରକ ବିଧାନସଭା ଆସନରୁ ଉପନିର୍ବାଚନ ଜରିଆରେ ଓଡ଼ିଶାର ବିଧାନସଭାକୁ ସେ ନିର୍ବାଚିତ ହେଲେ ।

ହରେକୃଷ୍ଣ ମହତାବ ସେତେବେଳେ କେନ୍ଦ୍ରକୁ ଯିବା ଉପରେ ନବକୃଷ୍ଣ ଚୌଧୁରୀ ପରବର୍ତ୍ତୀ ସମୟରେ ବିଶ୍ଳେଷଣ କରି ନିଜସ୍ୱ ମତ ପୋଷଣ କରି କହନ୍ତି-

''ସେ ସବୁର ବିଶ୍ଳେଷଣ ଆମେ ଏବେ ବୁଝୁଛୁ ଯେ That was a very deep game. ଏହା ଅଭିସନ୍ଧିମୂଳକ ଥିଲା । ଯେଉଁମାନେ ଚିନ୍ତା ଜଗତରେ ନେହେରୁଙ୍କର ବିରୋଧୀ ଥିଲେ, ଅର୍ଥାତ୍ ମହାତ୍ମା ଗାନ୍ଧୀଙ୍କ ପରି ଭାବୁଥିଲେ, ସେ ତାର ଓଲଟା ଭାବୁଥିଲେ । ସେହିମାନଙ୍କ ଭିତରୁ ଯେଉଁମାନେ ପ୍ରଧାନ (Prominent) ଲୋକ ଥିଲେ ସେମାନଙ୍କୁ ପାଲରେ ପକାଇବା ପାଇଁ ନେହେରୁ ଚକ୍ରାନ୍ତ କରୁଥିଲେ । ମହତାବବାବୁ ଥିଲେ କାର୍ଯ୍ୟକାରୀ କମିଟି (Working Committee)ର ସଭ୍ୟ । ଏହି କାର୍ଯ୍ୟକାରୀ କମିଟିରେ ଯେଉଁ ଭୋଟିଙ୍ଗ ଇତ୍ୟାଦି ହୁଏ ମହତାବବାବୁ ଓ ଅନ୍ୟ କେତେଜଣ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମର୍ଥନ କରୁଥିଲେ । ମହତାବବାବୁଙ୍କର ଖୁବ୍ ମହତ୍ତ୍ୱ ଥିଲା । ତେଣୁ ନେହେରୁ ମୂଳରୁ ଦେଖିଲେ, 'ଏ ଲୋକମାନଙ୍କୁ ନିଜ ଆଡ଼କୁ ନେବାକୁ ହେବ ।' ମହତାବବାବୁ ଚକ୍ରାନ୍ତର ଶିକାର ହେଲେ । ସେଠାକୁ ଯାଇ ସେ ଗୋଳମାଳରେ ପଡ଼ିଗଲେ । (ଶ୍ରଦ୍ଧାଞ୍ଜଳି)

ନବବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାରେ ତାଙ୍କର ଧର୍ମପତ୍ନୀ ମାଳତୀଦେବୀ ଆଦୌ ଖୁସି ନ ଥିଲେ । ସେ ବିରକ୍ତି ପ୍ରକାଶ କରି କହିଥିଲେ, ''ନବବାବୁ ଯଦି ଶାସନ କ୍ଷେତ୍ରକୁ ଫେରି ଯାଉଛନ୍ତି ତାହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି; ଏପରିକି ସେ ଯଦି ପୁଣି ବିବାହ କରନ୍ତି ମୋର ବି ଆପତ୍ତି ନାହିଁ ।'' (ଅନିର୍ବାଣ)

+++

## ନବମ ପରିଚ୍ଛେଦ

# ରାଜ୍ୟପାଳ ଆସଫ୍ ଅଲି, ହାଇକୋର୍ଟ ପ୍ରତିଷ୍ଠା ଓ ପ୍ରଥମ ସ୍ୱାଧୀନତା ଦିବସ

ନବକୃଷ୍ଣ ଚୌଧୁରୀଙ୍କ ଶାସନ ସମ୍ପର୍କରେ ଆଲୋକପାତ କରିବା ପୂର୍ବରୁ ଓଡ଼ିଶାର ଅନ୍ୟ କେତୋଟି ପ୍ରମୁଖ ଘଟଣା ଉଲ୍ଲେଖ କରିବା ଆବଶ୍ୟକ । ତାହା ମଧ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଦ୍ୱିତୀୟ ରାଜ୍ୟପାଳ ମାନ୍ୟବର ଆସଫ୍ ଅଲିଙ୍କ ସଂକ୍ଷିପ୍ତ ଜୀବନୀ, ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ଓ ରାଜଧାନୀ କଟକ ସହିତ କେତେକ ଗଡ଼ଜାତର ପ୍ରଥମ ସ୍ୱାଧୀନତା ଦିବସ ପାଳନ ଅନ୍ୟତମ ।

**ଜନାବ ଆସଫ୍ ଅଲି** ଥିଲେ ଜଣେ ବିଜ୍ଞ ବ୍ୟକ୍ତି । ମହାନ୍ ସ୍ୱାଧୀନତା ସଂଗ୍ରାମୀ । ବିଶିଷ୍ଟ ଆଇନଜ୍ଞ ତଥା ବାରିଷ୍ଟର । ୧୯୮୮ ମସିହା ମଇମାସ ୧୧ ତାରିଖରେ ସେ ଜନ୍ମ ହୋଇଥିଲେ ଦିଲ୍ଲୀରେ । ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍‌ସ କଲେଜରୁ ଶିକ୍ଷା ଶେଷ କରି ଲଣ୍ଡନ ଗଲେ ଆଇନ୍ ଅଧ୍ୟୟନ ପାଇଁ । ଇଂଲଣ୍ଡରେ ସେ ପାଞ୍ଚ ବର୍ଷ ଅତିବାହିତ କରି ତୁର୍କୀ ଓ ଇଜିପ୍ଟ ସମେତ ସାରା ଇଉରୋପ ମହାଦେଶକୁ ଭଲ ଭାବରେ ଭ୍ରମଣ କରିଥିଲେ । ୧୯୧୨ରେ ସେ ଲଣ୍ଡନ ବାର୍‌ରେ ଯୋଗଦେଇ ୧୯୧୪ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ଭାରତରେ ପହଞ୍ଚିବା ମାତ୍ରେ ଜାତୀୟ ଆନ୍ଦୋଳନରେ ସାମିଲ ହୋଇ ଜଣେ ଶକ୍ତିଶାଳୀ ବକ୍ତା ଓ ପ୍ରାବନ୍ଧିକ ଭାବରେ ସାରା ଭାରତରେ ଚହଳ ପକାଇଦେଲେ । ଏହା ସହିତ ସେ ଆଇନ୍ ବ୍ୟବସାୟରେ ମଧ୍ୟ ନିଜର ପରାକାଷ୍ଠା ପ୍ରଦର୍ଶନ କଲେ । ୧୯୧୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଓ ଶ୍ରୀମତୀ ଆନିବେସାନ୍ତଙ୍କ ହୋମରୁଲ ଲିଗ୍‌ର ସଦସ୍ୟ ପଦ ଗ୍ରହଣ କଲେ । ଏହାର ଦୁଇ ବର୍ଷ ପରେ ତାଙ୍କୁ ଭାରତରକ୍ଷା ଆଇନ ବଳରେ ବ୍ରିଟିଶ ସରକାର ବନ୍ଦୀ କଲେ । ତେବେ ବିଚାର ପରେ ସେ ଛାଡ଼ ପାଇଲେ ।

ପ୍ରଥମ ବିଶ୍ୱଯୁଦ୍ଧ ଶେଷ ସମୟରେ ଆସଫ୍ ଅଲି ମହାତ୍ମାଗାନ୍ଧୀଙ୍କଦ୍ୱାରା ଆହୂତ ଖିଲାଫତ୍ ଆନ୍ଦୋଳନରେ ଯୋଗଦେଲେ । ଏହି ଆନ୍ଦୋଳନରେ ସେ ଭୀଷଣ ଭାବରେ ମାତି ଉଠିଲେ ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆହୂତ ହେଲା ଅସହଯୋଗ ଆନ୍ଦୋଳନ । ଏହି ଆନ୍ଦୋଳନରେ ସେ ମହାତ୍ମାଗାନ୍ଧୀଙ୍କ ଲେଫଟନାଣ୍ଟ ଭାବରେ କାର୍ଯ୍ୟକରି ବ୍ରିଟିଶ୍ ସରକାର ହାତରେ ବନ୍ଦୀ ହୋଇ ଅଠରମାସ ଜେଲ୍ ଭୋଗିଲେ । ପ୍ରଥମେ ୧୯୨୩ ମସିହାରେ ସେ ଦିଲ୍ଲୀ ମ୍ୟୁନିସ୍‌ପାଲିଟିକୁ ନିର୍ବାଚିତ ହୋଇ ପରବର୍ତ୍ତୀ ତେଇଶି ବର୍ଷ ଯାଏ ପୁନଃ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କଲେ । ୧୯୨୩ ମସିହାରେ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ପିତା ପଣ୍ଡିତ ମୋତିଲାଲ ନେହେରୁଙ୍କ ପରିଚାଳିତ ସ୍ୱରାଜ (ହୋମ୍‌ରୁଲ) ପାର୍ଟି କାର୍ଯ୍ୟକାରୀ ପରିଷଦର ସଦସ୍ୟ ପଦ ଗ୍ରହଣ କଲେ । ଖୁବ୍ କମ୍‌ଦିନ ମଧ୍ୟରେ ସେ ଜଣେ ଆଗ ଧାଡ଼ିର ଜାତୀୟତାବାଦୀ ନେତା ଭାବରେ ପରିଚିତ ହୋଇ ଉଠିଲେ । ୧୯୩୦ ମସିହାରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ମନୋନୀତ ହେଲେ । ୧୯୩୪ ମସିହାରେ ସେ ହିନ୍ଦୁ-ମୁସଲମାନ, ଶିଖ୍-ଖ୍ରୀଷ୍ଟିଆନ୍ ଯୁଗ୍ମ ନିର୍ବାଚିତ ମଣ୍ଡଳୀରୁ ଭାରତର ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେଲେ । ବାରବର୍ଷ ଯାଏ ସେ ଥିଲେ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ । ୧୯୩୭ ମସିହାରେ ସେ ହେଲେ ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ।



ଜନାବ୍ ଆସଫ୍ ଅଲି

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆସଫ୍‌ଅଲି ତିନିବର୍ଷ ଜେଲ୍ ଜୀବନ ବିତାଇଥିଲେ । ଜେଲ୍‌ରୁ ମୁକ୍ତି ପାଇବାର ଏକ ବର୍ଷ ପରେ ୧୯୪୬ ମସିହାରେ ସେ ପଣ୍ଡିତ ଜବହାରଲାଲ ନେହେରୁଙ୍କ ମଧ୍ୟବର୍ତ୍ତୀକାଳୀନ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପରିବହନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଯୋଗଦାନ କଲେ । ଏହାପରେ ଦେଶ ସ୍ୱାଧୀନ ହେଲା । ୧୯୪୭ ମସିହାରେ ଗୁରୁଦାୟିତ୍ୱ ବହନ କରି ଯୁକ୍ତରାଷ୍ଟ୍ର ଆମେରିକାକୁ ଭାରତର ପ୍ରତନିଧି ଭାବରେ ସେ ଚାଲିଗଲେ । ସେଠାରେ ସେ ଆମେରିକା ଓ ଭାରତ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କଲେ । ଏହି ସମୟରେ ଜାତିସଂଘର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେଲା, ବିଶେଷକରି ପାଲେଷ୍ଟାଇନ୍ ସମସ୍ୟା ସମ୍ପର୍କରେ ଆଲୋଚନା କରିବାପାଇଁ । ଭାରତର ପ୍ରତିନିଧି ଭାବରେ ଆସଫ୍ ଅଲି ଏହି ଅଧିବେଶନରେ ଯୋଗଦାନ କରି ସାତଜଣ ଉପାଧ୍ୟକ୍ଷଙ୍କ ମଧ୍ୟରେ ସ୍ଥାନ ପାଇଲେ । ପ୍ରାୟ ଆଠମାସ ସମୟ ସେ ଆମେରିକାରେ ରହି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଉଚ୍ଚପ୍ରଶଂସିତ ହୋଇ ଭାରତ

ପ୍ରତ୍ୟାବର୍ତ୍ତନ କଲେ । ଏହା ପରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବରେ ନିଯୁକ୍ତି ପ୍ରଦାନ କରାଗଲା । ୨୧।୦୬।୧୯୪୮ ମସିହାରେ ସେ ଆମ ରାଜ୍ୟର ରାଜ୍ୟପାଳ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ । ଏହିପରି ସର୍ବଗୁଣସମ୍ପନ୍ନ ମହାନ୍ ରାଷ୍ଟ୍ରବାଦୀ ନେତାଙ୍କୁ ରାଜ୍ୟପାଳ ଭାବରେ ପାଇ ଓଡ଼ିଶାବାସୀ ଗର୍ବ ଅନୁଭବ କଲେ ।

## ହାଇକୋର୍ଟ ପ୍ରତଷ୍ଠା :

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରଠାରୁ ହାଇକୋର୍ଟ ପ୍ରତିଷ୍ଠା ପାଇଁ ଆମ ରାଜ୍ୟବାସୀଙ୍କ ତରଫରୁ ଉଦ୍ୟମ ଜାରି ରହିଥିଲା । ମାତ୍ର ବହୁ କାରଣରୁ ତାହା ଫଳବତୀ ହୋଇ ପାରୁ ନଥିଲା । ଦେଶ ସ୍ୱାଧୀନ ହେଲା । କେନ୍ଦ୍ର ତଥା ପ୍ରଦେଶମାନଙ୍କରେ ଲୋକପ୍ରତିନିଧି ଶାସନ ପ୍ରତିଷ୍ଠା ହେଲା । ତା'ପରେ ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା କଥା ବିଚାରକୁ ଆସିଲା । ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବା ସମୟରେ ଗଞ୍ଜାମ ଓ ପୁରୀ ଜିଲ୍ଲା ପାଇଁ ବ୍ରହ୍ମପୁରଠାରେ ଜିଲ୍ଲା ଓ ସେସନ୍ସ ଜଜ୍ କୋର୍ଟ; କୋରାପୁଟଠାରେ ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ, ବଲାଙ୍ଗୀର-ପାଟଣା (ଷ୍ଟେଟ୍ ପାଇଁ) ଜଜ୍ କୋର୍ଟ, କଟକ-ଢ଼େଙ୍କାନାଳ ଜିଲ୍ଲା ଜଜ୍ କୋର୍ଟ (ଆଂଶିକ ଷ୍ଟେଟ୍ ଅଞ୍ଚଳ ପାଇଁ); କେନ୍ଦୁଝର ଜଜ୍‌କୋର୍ଟ (ଷ୍ଟେଟ୍ ପାଇଁ) ଓ ସମ୍ବଲପୁର ଜିଲ୍ଲା ଜଜ୍ କୋର୍ଟମାନ କାର୍ଯ୍ୟ କରୁଥିଲେ ।

ତା୨୬।୭।୧୯୪୮ ରିଖ ଦିନ ଓଡ଼ିଶାର ରାଜଧାନୀ କଟକଠାରେ ନୂତନ ହାଇକୋର୍ଟ ଉଦ୍‌ଘାଟିତ ହେଲା । ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଜେକିସନ ଦାସ କାନିଆ ଏହାକୁ ଉଦ୍‌ଘାଟନ କଲେ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଡକ୍ଟର କୈଳାସ ନାଥ କାଟ୍‌ଜୁ (ତତ୍କାଳୀନ ପଶ୍ଚିମବଙ୍ଗ ରାଜ୍ୟପାଳ) ଓ ମାନ୍ୟବର ଅଗ୍ରୱାଲ୍, ମୁଖ୍ୟ ବିଚାରପତି, ପାଟଣା ହାଇକୋର୍ଟ ଆଦି ଉପସ୍ଥିତ ଥିଲେ । ସର୍ବପ୍ରଥମେ ଜାତୀୟ ସଙ୍ଗୀତ 'ଜନଗଣମନ' ଗାୟନରେ ଉତ୍ସବସ୍ଥଳ ମୁଖରିତ ହୋଇଉଠିଲା । ମହାମାନ୍ୟ ରାଜ୍ୟପାଳ ଜନାବ୍ ଏମ୍.ଆସଫ୍ ଅଲି ମାନ୍ୟବର ମୁଖ୍ୟ ବିଚାରପତି ଓ କନିଷ୍ଠ ବିଚାରପତିମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଲେ । ମାନ୍ୟବର ମିଃ ବୀରକିଶୋର ରାୟ ମୁଖ୍ୟ ବିଚାରପତି ଭାବରେ; ମାନ୍ୟବର ଲିଙ୍ଗରାଜ ପାଣିଗ୍ରାହୀ, ମାନ୍ୟବର ମିଃ ଆର୍.ଏଲ୍. ନରସିଂହମ୍, ଆଇ.ସି.ଏସ୍. ଓ ମାନ୍ୟବର ବି.ଜଗନ୍ନାଥ ଦାସ କନିଷ୍ଠ ବିଚାରପତି ଭାବରେ ଶପଥ ଗ୍ରହଣ କଲେ ।

ଓଡ଼ିଶାରେ ହାଇକୋର୍ଟ ଉଦ୍‌ଘାଟନ ଉତ୍ସବ ଉପଲକ୍ଷ୍ୟେ ଭାରତର ଗଭର୍ଣ୍ଣର ଜେନେରାଲ୍, ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ଫେଡେରାଲ କୋର୍ଟର ବିଚାରପତି ସୟଦ ଫଜଲ୍ ଅଲି ଓ ବିଚାରପତି ଏମ୍.ପି.ଶାସ୍ତ୍ରୀ, ଏଲ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ମିଃ ବିଧୁଭୂଷଣ ମଲ୍ଲିକ, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ମିଃ ଏମ୍.ସି. ଚଗଲା, କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ ଅର୍ଥର ଟ୍ରେଭର ଓ ଆସାମ ହାଇକୋର୍ଟର ମୁଖ୍ୟ ବିଚାରପତି ମିଃ. ରୋନାଲ୍‌ଡ ଫ୍ରାନ୍‌ସିସ୍ ଆଦି ବିଚାରପତିମାନେ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ପଠାଇଥିଲେ ।



**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**

ଭାରତର ଗଭର୍ଣ୍ଣର ଜେନେରାଲ ପଠାଇଥିବା ବାର୍ତ୍ତାଟି ହେଲାଃ "A High Court of Judicature maintaining the highest tradation of independence, impartiality and learning associated with the judiciary and devoting vigiliant and strict attention to the maintenance of the frontier established by long practice in British Courts between the Executive and Judiciary is an essential part of the State machinery, May the High Court of Orissa fulfill this part efficiently and with dignity and prove a tower of strength to government as well as people."

## ପ୍ରଥମ ସ୍ୱାଧୀନତା ଦିବସ ପାଳନ ଃ

ଦେଶରେ ପ୍ରଥମ ସ୍ୱାଧୀନତା ଦିବସ ପାଳନ ହେବା ପୂର୍ବରୁ ଜାତିର ଜନକ ମହାତ୍ମାଗାନ୍ଧୀ ଆତତାୟୀ ଗୁଳିରେ ପ୍ରାଣ ହରାଇଲେ ୧୯୪୮ ମସିହା ଜାନୁଆରି ମାସ ୩୦ ତାରିଖରେ । ଦେଶସାରା ବିଷାଦର ଛାୟା ଖେଳି ଯାଇଥାଏ । ସେହି ବିଷାଦ ଭରା ପରିବେଶରେ ସାରା ଦେଶରେ ପାଳିତ ହେଉଥାଏ ପ୍ରଥମ ସ୍ୱାଧୀନତା ଦିବସ । ଓଡ଼ିଶାର ରାଜଧାନୀ କଟକ ନଗର ସମେତ ଜିଲ୍ଲା ସଦର ମହକୁମାମାନଙ୍କରେ ମଧ୍ୟ ପାଳିତ ହେଲା ପ୍ରଥମ ସ୍ୱାଧୀନତା ଦିବସ ଉତ୍ସବ । ଗାଁ ଗହଳି, ପୁରପଲ୍ଲୀ, ସବୁଠାରେ ଲୋକେ ଏହି ଉତ୍ସବ ପାଳନ କଲେ ମହା ଆନନ୍ଦ ଉଲ୍ଲାସରେ ।

ଓଡ଼ିଶାର ରାଜଧାନୀ କଟକଠାରେ ସରଳ ଓ ନିରାଡମ୍ବର ଭାବରେ ଏହି ଉତ୍ସବ ପାଳିତ ହେଲା । ପ୍ରାତଃ କାଳର ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ତ୍ରିରଙ୍ଗା ପତାକା ସହରର ପ୍ରତ୍ୟେକ କୋଠାବାଡ଼ିରେ ଫର ଫର ହୋଇ ଉଡୁଥିବାର ଦେଖାଗଲା । ପୋଲିସ ପଡ଼ିଆରେ ଅନୁଷ୍ଠିତ ହେଲା ପୋଲିସ ପ୍ୟାରେଡ୍ । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଜନାବ୍ ଏମ୍. ଆସଫ୍ ଅଲି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଏହି ପ୍ୟାରେଡ୍‌ରେ ମିଳିତ ଭାବରେ ଅଭିବାଦନ ଗ୍ରହଣ କରି ଜାତି ଉଦ୍ଦେଶ୍ୟରେ ଭାଷଣ ପ୍ରଦାନ କଲେ । ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ସ୍ୱାଧୀନତା ସଂଗ୍ରାମର ପ୍ରାଣକେନ୍ଦ୍ର ସ୍ୱରାଜ ଆଶ୍ରମଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ ।

ଅପରାହ୍ନ ଦୁଇଟାରେ ସ୍ୱରାଜ ଆଶ୍ରମଠାରେ 'ସୂତ୍ରଯଜ୍ଞ' ଉତ୍ସବ ଅନୁଷ୍ଠିତ ହେଲା । ଏହି ଉତ୍ସବରେ ଜନସାଧାରଣଙ୍କ ସହ ବହୁ ଯୁବକ ଯୁବତୀ, ବାଳକ ବାଳିକା ଯୋଗଦାନ କଲେ । ଅପରାହ୍ନ ଚାରିଟାରେ ସ୍ୱରାଜ ଆଶ୍ରମଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ବହୁ ସାଧାରଣ ଲୋକ ଯୋଗଦେଲେ । ଛାତ୍ର-ଛାତ୍ରୀମାନେ ଆଗରେ ରହି ଜାତୀୟସଙ୍ଗୀତ ଗାନକରି ଚାଲିଥାଆନ୍ତି । ଭାରତମାତା ଓ ମହାତ୍ମାଗାନ୍ଧୀଙ୍କ ଜୟଧ୍ୱନିରେ କଟକ ସହରର ଗଗନପବନ ମୁଖରିତ ହୋଇ ଉଠୁଥାଏ । ଶୋଭାଯାତ୍ରା ମୁଖ୍ୟରାସ୍ତା ଦେଇ ଯାଉଥିବା ସମୟରେ ବିଭିନ୍ନ ସ୍ଥାନରେ ଲୋକେ ସେଥିରେ ଯୋଗଦେବାରେ ଲାଗିଥାଆନ୍ତି । ଧୀରେ ଧୀରେ ଶୋଭାଯାତ୍ରାରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ଶୋଭାଯାତ୍ରା ସନ୍ଧ୍ୟା ଛ'ଟାରେ ଯାଇ ଟାଉନ୍‌ହଲ୍ ପାଖରେ ପହଞ୍ଚିଲା । ଏଠାରେ ଏକ ବିରାଟ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଉଦ୍‌ବୋଧନ ଦେଲେ । ସନ୍ଧ୍ୟାରେ କଟକର ରାଜଭବନଠାରେ (ବର୍ତ୍ତମାନ ଯେଉଁଠାରେ ଶିଶୁଭବନ ରହିଛି) 'ପାନସୁପାରୀ' ମହୋତ୍ସବ ଅନୁଷ୍ଠିତ ହେଲା । ରାଜ୍ୟପାଳ ଏହି ଉତ୍ସବରେ ପୌରୋହିତ୍ୟ କଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି 'ପାନସୁପାରୀ' ଉତ୍ସବରେ ଯୋଗଦାନ କଲେ ।

ରାଜଧାନୀ କଟକ ନଗର ବ୍ୟତୀତ ରାଜ୍ୟର ସମସ୍ତ ଅଞ୍ଚଳରେ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଥିଲା । ପୂର୍ବତନ ଗଡ଼ଜାତ ରାଜ୍ୟ ସଦର ମହକୁମାମାନଙ୍କରେ ମଧ୍ୟ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହେଲା । ତନ୍ମଧ୍ୟରୁ କଳାହାଣ୍ଡି, ସୁନ୍ଦରଗଡ଼, କେନ୍ଦୁଝର ଓ ଢେଙ୍କାନାଳର ଉତ୍ସବର ବିବରଣୀ ଏଠାରେ ଉଲ୍ଲେଖନୀୟ :

କଳାହାଣ୍ଡିର ସଦର ମହକୁମା ଭବାନୀପାଟଣା ସହର ଗାନ୍ଧୀଛକଠାରେ ସକାଳ ୬.୩୦ମିନିଟ୍‌ରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେଲା । ପ୍ରାର୍ଥନା ପରେ ୭.୩୦ ମିନିଟ୍‌ରେ ଏକ ବିରାଟ ଶୋଭାଯାତ୍ରା ସେଠାରୁ ବାହାରି ଅଭିବାଦନ ପଡ଼ିଆକୁ ଯାଇଥିଲା । ମାନ୍ୟବର କେ.ପି. ନନ୍ଦ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଗୁର୍ଖା ମିଲିଟାରୀ ବାହିନୀଠାରୁ ଅଭିବାଦନ ଗ୍ରହଣ କଲେ । ମାନ୍ୟବର ନନ୍ଦ ତାଙ୍କ ଭାଷଣରେ ସରକାରଙ୍କର ଏକ ବର୍ଷର ସଫଳତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ସହ ଜନସାଧାରଣଙ୍କୁ କହିଥିଲେ, ''କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗଣତାନ୍ତ୍ରିକ ସରକାରଙ୍କୁ ହଟାଇ ନିଜେ କ୍ଷମତାକୁ ଫେରିବେ ବୋଲି କହିବୁଲୁଛନ୍ତି । ଆପଣମାନେ ସେମାନଙ୍କ ବିବୃତି ପ୍ରତି କର୍ଣ୍ଣପାତ କରନ୍ତୁ ନାହିଁ । ଆପଣମାନେ ନିଜ ଭାଗ୍ୟ ଓ ଭବିଷ୍ୟତ କଥା ନିଜେ ହିଁ ଚିନ୍ତା କରନ୍ତୁ ।''

ଦିନ ତିନିଟାବେଳେ ମାନ୍ୟବର ନନ୍ଦ ଉତ୍‌କେଲାଠାରେ ଗାନ୍ଧୀ-ପାଠଶାଳା ଉଦ୍‌ଘାଟନ କରିଥିଲେ । ଏଠାରେ ତାଙ୍କୁ ଗୋଟିଏ ଥଳି ପୁରସ୍କାର ଦିଆଯାଇଥିଲା । ସନ୍ଧ୍ୟା ପାଞ୍ଚଟାରେ ଭବାନୀପାଟଣା ସହରରେ ଗରିବ ଲୋକଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା । ସାରା ସହରଟି ଖୁବ୍ ଆଡମ୍ବରପୂର୍ଣ୍ଣ ଭାବରେ ସଜ୍ଜିତ ହୋଇଥିଲା । ସହରର ଶୋଭା ଥିଲା ଖୁବ୍ ମନଲୋଭା ।

ସୁନ୍ଦରଗଡ଼ ସହରରେ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ସହ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ସହରର ବିଭିନ୍ନ ବର୍ଗର ଲୋକେ ଏହି ଉତ୍ସବରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ । ସକାଳ ଘ୮.୩୦ ମିନିଟ୍‌ରେ ଓଡ଼ିଶା ବିଧାନସଭାର ମାନ୍ୟବର ବିଚାରପତି ଲାଲମୋହନ ପଟ୍ଟନାୟକ ଶଙ୍କରା ପୋଲିସ୍ ପଡ଼ିଆଠାରେ ତ୍ରିରଙ୍ଗ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ସଂକ୍ଷିପ୍ତ ଭାଷଣରେ ପୋଲିସ ବାହିନୀ ସମସ୍ତଙ୍କ ସହଯୋଗରେ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହାପରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କଲେକ୍ଟରିଏଟ୍ ସାମନାରେ ଦିବା ଦୁଇଘଟିକା ସମୟରେ 'ସୂତ୍ରଯଜ୍ଞ' ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଏହି ଉତ୍ସବରେ ବହୁ ଜନସମାଗମ ହୋଇଥିଲା । ସନ୍ଧ୍ୟାରେ ମାନ୍ୟବର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଗୋଷ୍ଠୀର ଲୋକମାନେ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।


କେନ୍ଦୁଝର ସହରରେ ମହା ସମାରୋହରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ମାନ୍ୟବର ମନ୍ତ୍ରୀ ଲାଲ ରଣଜିତ ସିଂହ ବରିହା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରାଙ୍ଗଣରେ ତ୍ରିରଙ୍ଗ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ମାନ୍ୟବର ମନ୍ତ୍ରୀ ତାଙ୍କ ସଂକ୍ଷିପ୍ତ ଭାଷଣରେ କେନ୍ଦ୍ରସରକାରଙ୍କ ଦେଶରକ୍ଷା ବିଭାଗକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ । ସନ୍ଧ୍ୟା ଚାରିଘଣ୍ଟା ସମୟରେ ପ୍ରାୟ ଏକ ହଜାରରୁ ଅଧିକ ସଂଖ୍ୟକ ଗରିବ ଲୋକଙ୍କୁ ଭୋଜନ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ହତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମନ୍ତ୍ରୀ ମହୋଦୟ ପୌରୋହିତ୍ୟ କରି ଏକ ସୁନ୍ଦର, ସଂକ୍ଷିପ୍ତ ତଥା ଚମତ୍କାର ଭାଷଣ ପ୍ରଦାନ କରିଥିଲେ ।

ଢେଙ୍କାନାଳ ସହରରେ ଅତ୍ୟନ୍ତ ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଥିଲା । ସକାଳ ସାଢ଼େ ଆଠଟାରେ ପୋଲିସ୍ ପଡିଆରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ମିଶ୍ର ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସହରରେ ସାରାଦିନ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଲାଗିରହିଥିଲା ।

## ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ମନ୍ତ୍ରିମଣ୍ଡଳଃ

ଓଡ଼ିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ହରେକୃଷ୍ଣ ମହତାବ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦାନ କରିବାରୁ ତାଙ୍କ ସ୍ଥାନରେ ବିଶିଷ୍ଟ ଗାନ୍ଧିବାଦୀ ଓ ସମାଜବାଦୀ ନେତା ନବକୃଷ୍ଣ ଚୌଧୁରୀ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଏହା ପୂର୍ବ ଅଧ୍ୟାୟରେ ଆଲୋଚିତ ।

| | | |
|---|---|---|
| **ନବକୃଷ୍ଣ ଚୌଧୁରୀ** | : | (ପ୍ରଧାନମନ୍ତ୍ରୀ); ଅର୍ଥ, କୃଷି, ଶିଳ୍ପ, ଜଙ୍ଗଲ, ସ୍ୱାୟତ୍ତ ଶାସନ, ସମବାୟ, ଅବକାରୀ, ସାହାଯ୍ୟ ଓ ପୁନର୍ବସତି |
| **ନିତ୍ୟାନନ୍ଦ କାନୁନ୍‌ଗୋ** | : | ଘରୋଇ, ଆଇନ, ନଦୀ, ଉନ୍ନୟନ ଓ ଯୋଜନା |
| **ଲିଙ୍ଗରାଜ ମିଶ୍ର** | : | ସ୍ୱାସ୍ଥ୍ୟ ଓ ଶିକ୍ଷାବିଭାଗ |
| **ଲାଲ ରଣଜିତ ସିଂହ ବରିହା** | : | ଆଦିବାସୀ ଓ ଗ୍ରାମ ମଙ୍ଗଳ |
| **ରାଜକୃଷ୍ଣ ବୋଷ** | : | ରାସ୍ତା, କୋଇଲା, ବିଦ୍ୟୁତ, ଡ୍ରେନେଜ୍ ବା ଜଳ ନିଷ୍କାସନ |
| **ସଦାଶିବ ତ୍ରିପାଠୀ** | : | ରାଜସ୍ୱ, ଯୋଜନା, ଯୋଗାଣ ଓ ଯାତାୟାତ |
| **ପବିତ୍ର ମୋହନ ପ୍ରଧାନ** | : | ବାଣିଜ୍ୟ, ଶ୍ରମିକ ଓ ଲୋକସମ୍ପର୍କ |



**ନବକୃଷ୍ଣ ଚୌଧୁରୀ**

ସେହି ସମୟରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହରେକୃଷ୍ଣ ମହାତାବ, ଶିଳ୍ପ ଓ ଯୋଗାଣ ବିଭାଗ ମନ୍ତ୍ରୀ ଥିଲେ । କେନ୍ଦ୍ର ବ୍ୟବସ୍ଥାପକ ସଭାରେ ବିଶ୍ୱନାଥ ଦାସ, ନନ୍ଦକିଶୋର ଦାସ, ଭୁବନାନନ୍ଦ ଦାସ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଜଗନ୍ନାଥ ଦାସ, ବିଜୟ କୁମାର ପାଣି, ଜଗନ୍ନାଥ ମିଶ୍ର, ମୌଲବୀ ମହମ୍ମଦ ହନିଫ୍, ଏନ୍. ମାଧବ ରାଓ, ଲାଲ ରାଜକନ୍ୱାର, ସାରଙ୍ଗଧର ଦାସ, ଯୁଧିଷ୍ଠିର ମିଶ୍ର ଓ ମହେଶ୍ୱର ନାୟକ ଆଦି ସଦସ୍ୟ ରହିଥିଲେ ।

### ମନ୍ତ୍ରୀମାନଙ୍କ ନିର୍ବାଚନ ମଣ୍ଡଳୀ

| | |
|---|---|
| ନବକୃଷ୍ଣ ଚୌଧୁରୀ | ପୂର୍ବ ଭଦ୍ରକ (ଉପ ନିର୍ବାଚନ) |
| ନିତ୍ୟାନନ୍ଦ କାନୁନ୍‌ଗୋ | ଦକ୍ଷିଣ କଟକ ସଦର |
| ଲିଙ୍ଗରାଜ ମିଶ୍ର | ଉତ୍ତର ପୁରୀ ସଦର |
| ଲାଲ ରଣଜିତ୍ ସିଂହ ବରିହା | ପଶ୍ଚିମ ବରଗଡ଼ |
| ରାଜକୃଷ୍ଣ ବୋଷ | ପୂର୍ବ କେନ୍ଦ୍ରାପଡ଼ା |
| ସଦାଶିବ ତ୍ରିପାଠୀ | ନବରଙ୍ଗପୁର |
| ପବିତ୍ର ମୋହନ ପ୍ରଧାନ | ଆଠଗଡ଼(ମନୋନୀତ) |

+++

## ଦଶମ ପରିଚ୍ଛେଦ

# ଓଡ଼ିଶାରେ ପ୍ରଥମ ସାଧାରଣ ନିର୍ବାଚନ

୧୯୫୦ ମସିହା ଜାନୁଆରି ୨୬ ତାରିଖ ଦିନ ଆମ ଦେଶରେ ନୂତନ ସମ୍ବିଧାନ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେଲା । ଭାରତବର୍ଷ ସାରା ବିଶ୍ୱରେ ''ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର'' ଭାବରେ ପରିଚିତ ହେଲା । ଏହି ନୂତନ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ସାବାଳକ ଗଣଭୋଟ ଜରିଆରେ ଲୋକମାନେ ନିର୍ବାଚନରେ ଭାଗନେଇ କେନ୍ଦ୍ର, ରାଜ୍ୟ ଓ ସ୍ୱାୟତ୍ତଶାସନ ସଂସ୍ଥାରେ ପ୍ରତିନିଧିମୂଳକ ସରକାର ଗଠନର ଅଧିକାର ଲାଭକଲେ । ଏହି ବ୍ୟବସ୍ଥା ଅନୁଯାୟୀ ୨୧ବର୍ଷ ଓ ତହିଁରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାମାନେ ଭୋଟଦେବାର ଅଧିକାର ପାଇଲେ । ପୂର୍ବରୁ ୧୯୩୭ ଓ ୧୯୪୬ରେ ଯେଉଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ସେଥିରେ ଚୌକିଦାରୀ ଟିକସ ପ୍ରଦାନକାରୀ ବ୍ୟକ୍ତିମାନେ ହିଁ କେବଳ ଭୋଟ ଦେବାର ଅଧିକାର ପାଇଥିଲେ ।

ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସମସ୍ତ କାର୍ଯ୍ୟ ଦେଶରେ ପ୍ରଚଳିତ ହେଲା । ଦେଶରେ ନିର୍ବାଚନ କମିଶନର ନିଯୁକ୍ତ ହେଲେ । ନିର୍ବାଚନ ପରିଚାଳନା କରିବା ହେଲା ତାଙ୍କର ମୁଖ୍ୟକାର୍ଯ୍ୟ । ୧୯୩୭ ଓ ୧୯୪୬ ନିର୍ବାଚନ ବେଳେ ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ଥିଲା ୬୦ । ସେଥିରୁ ୫୬ ଜଣ ନିର୍ବାଚିତ ହେଉଥିବାବେଳେ ୪ଜଣ ସଭ୍ୟ ମନୋନୀତ ହେଉଥିଲେ । ୧୯୪୮ ମସିହାରେ ଗଡ଼ଜାତ ମିଶ୍ରଣ ହେବାରୁ ପୂର୍ବତନ ଗଡ଼ଜାତ ରାଜ୍ୟମାନଙ୍କରୁ ୩୧ ଜଣ ସଭ୍ୟ ରାଜ୍ୟ ବିଧାନସଭାକୁ ମନୋନୀତ ହେଲେ । ସେତେବେଳେ ଏହିପରି ୯୧ଜଣ ସଭ୍ୟଙ୍କୁ ନେଇ ସାମ୍ବିଧାନିକ ନିର୍ବାଚନ ପୂର୍ବର ଶେଷ ବିଧାନସଭା ଗଠିତ ହୋଇଥିଲା ।

ଦେଶ ସ୍ୱାଧୀନ ହେଲା । ଗଡ଼ଜାତଗୁଡ଼ିକ ଓଡ଼ିଶା ପ୍ରଦେଶରେ ମିଶିଲେ । ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା । ଓଡ଼ିଶାର ଜନସଂଖ୍ୟା ଓ କ୍ଷେତ୍ରଫଳ ବୃଦ୍ଧିପାଇଲା । ସେହି ଅନୁପାତରେ ନିର୍ବାଚନ କମିଶନ ଓଡ଼ିଶା ବିଧାନସଭା ପାଇଁ ୧୪୦ଟି ଆସନ ଓ ଲୋକସଭାପାଇଁ ୨୦ଟି ଆସନ



ବାଚସ୍ପତି ନନ୍ଦକିଶୋର ଦାସ

ନିର୍ଦ୍ଦିଷ୍ଟ କଲେ । ୧୪୦ଟି ବିଧାନସଭା ଆସନରୁ ୭୬ଟି ଜଣିକିଆ ଓ ୩୨ଟି ଯୁଗ୍ମ ନିର୍ବାଚନମଣ୍ଡଳୀ ଭାବରେ ଚିହ୍ନଟ କରାଗଲା । ଏହି ୩୨ଟି ଯୁଗ୍ମ ନିର୍ବାଚନମଣ୍ଡଳୀରୁ ଜଣେ ସାଧାରଣ ବର୍ଗର ଓ ଜଣେ ଆଦିବାସୀ / ହରିଜନ (ସେମାନଙ୍କର ଜନସଂଖ୍ୟା ଅନୁପାତରେ) ନିର୍ବାଚିତ ହେବାର ସୁବିଧା ରହିଲା । ସେହିପରି ୨୦ଟି ଲୋକସଭା ଆସନରୁ ୧୨ଟି ଜଣିକିଆ ଓ ୪ଟିରେ ଯୁଗ୍ମ ସଭ୍ୟ ନିର୍ବାଚିତ ହେବାର ନୀତି ଅନୁସୃତ ହେଲା ।

ଏହି ପ୍ରଥମ ସାଧାରଣ ସାମ୍ବିଧାନିକ ନିର୍ବାଚନ ଓଡ଼ିଶାପାଇଁ ଥିଲା ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେତେବେଳେ ପ୍ରଦେଶ କଂଗ୍ରେସ ସଭାପତି ଥାଆନ୍ତି ବିଶ୍ୱନାଥ ଦାସ । ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ । କେନ୍ଦ୍ରୀୟ ନିର୍ବାଚନ କମିଟି ନିର୍ଦ୍ଦେଶରେ ନବବାବୁ ପ୍ରାଦେଶିକ କମିଟି ସଭାପତିଙ୍କ ପରାମର୍ଶକ୍ରମେ ନିର୍ବାଚନ ପରିଚାଳନାପାଇଁ ଏକ କମିଟି ଗଠନ କଲେ । ପାଣ୍ଠି ଆଦାୟଠାରୁ ଆରମ୍ଭ କରି ନିର୍ବାଚନ ପରିଚାଳନା ଓ ପ୍ରଚାର ଦାୟିତ୍ୱ ଏହି କମିଟି ହାତରେ ରହିଲା । ବିଶ୍ୱନାଥ ଦାସଙ୍କ ପ୍ରତି ପଣ୍ଡିତ ନେହେରୁଙ୍କର ସେତେ ଭଲ ଧାରଣା ନଥିଲା ।

ବିଶ୍ୱନାଥ ଦାସ ଓଡ଼ିଶା ରାଜନୀତିରେ ନ ରହନ୍ତୁ ବୋଲି ପଣ୍ଡିତ ନେହେରୁ ଚାହୁଁଥିଲେ । ଫଳରେ ବିଶ୍ୱନାଥ ଦାସଙ୍କୁ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଲା । ସେ ସ୍ୱାଧୀନ ସଭ୍ୟ ଉମା ଚରଣ ପଟ୍ଟନାୟକଙ୍କଠାରୁ ଘୁମୁସର ଲୋକସଭା ଆସନରୁ ହାରିଲେ । ଅବଶ୍ୟ ପରେ ତାଙ୍କୁ ରାଜ୍ୟସଭାକୁ ମନୋନୀତ କରି ନିଆଗଲା ।

ପ୍ରାଦେଶିକ ନିର୍ବାଚନ କମିଟି ଠିକ୍ ଭାବରେ କାମ କରୁ ନଥାଏ । ଗୋଷ୍ଠୀ କନ୍ଦଳ ଲାଗିଥାଏ । ମୂଳରୁ କଂଗ୍ରେସ ଦଳରେ ଗୋଷ୍ଠୀ କନ୍ଦଳ ଥିଲା । ଫଳରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନିଜ ମନୋନୀତ ପ୍ରାର୍ଥୀମାନଙ୍କର ତାଲିକା ପ୍ରାଦେଶିକ କମିଟିକୁ ଦେଇ ତାର ଏକ ନକଲ କେନ୍ଦ୍ର କମିଟିକୁ ପଠାଇ ଅନୁମୋଦନ କରି ଆଣୁଥିଲେ । ଓଡ଼ିଶା ଗଡ଼ଜାତର କେତେକ ରାଜା, ରାଣୀ ଓ ଜମିଦାର ଆଦି ଦେଶର ପରିସ୍ଥିତିକୁ ଲକ୍ଷ୍ୟ କରି କଂଗ୍ରେସରେ ମିଶିବାପାଇଁ ଆଗ୍ରହ ପ୍ରକାଶ କଲେ । ବହୁ ବିଚାର ଆଲୋଚନା ପରେ କଂଗ୍ରେସଦଳ ମୋନଙ୍କ ମଧ୍ୟରୁ କେତେ ଜଣଙ୍କୁ କଂଗ୍ରେସରେ ଗ୍ରହଣ କରି କଂଗ୍ରେସ ତରଫରୁ ଦଳୀୟ ଟିକେଟ୍ ପ୍ରଦାନ କଲେ । ସେମାନଙ୍କ ମଧ୍ୟରେ ଖଡ଼ିଆଳର ରାଜା ଅନୁପ ସିଂହଦେଓ, ରଣପୁରର ରାଜମାତା ବସନ୍ତ

ମଞ୍ଜରୀ ଦେବୀ ଓ ଦଶପଲ୍ଲାର ରାଜା କୃଷ୍ଣଚନ୍ଦ୍ର ଦେଓ ଭଞ୍ଜ ଆଦି ଅନ୍ୟତମ । ଏମାନେ ସମସ୍ତେ କଂଗ୍ରେସର ଦଳୀୟ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ ।



ସରସ୍ୱତୀ ଦେବୀ

ପଶ୍ଚିମ ଓଡ଼ିଶାର ବଲାଙ୍ଗୀରର ପୂର୍ବତନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ କଳାହାଣ୍ଡିର ପୂର୍ବତନ ମହାରାଜା ପ୍ରତାପ କେଶରୀ ଦେଓଙ୍କ ନେତୃତ୍ୱରେ 'ଗଣତନ୍ତ୍ର ପରିଷଦ' ନାମରେ ଏକ ରାଜନୈତିକ ଦଳ ଗଢ଼ିଲେ । ଏହି ଦଳ ଗଠନ ହେବା ପୂର୍ବରୁ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ 'କୋଶଳ-ଉତ୍କଳ-ପ୍ରଜାପରିଷଦ' ନାମରେ ଏକ ରାଜନୈତିକ ଦଳ ଗଠନ ହୋଇ ସାରିଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ସମ୍ବଲପୁରଠାରେ ଥିଲା । ଶାଖା କାର୍ଯ୍ୟାଳୟ ମାନ କଳାହାଣ୍ଡି, କେନ୍ଦୁଝର, ସୋନପୁର, ଗାଙ୍ଗପୁର, ବଣେଇ, ବୌଦ୍ଧ ଓ ଆଠମଲ୍ଲିକରେ ଥିଲା । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାରୁ ଏହି ଦଳ 'ଗଣତନ୍ତ୍ର ପରିଷଦ' ନାମରେ ସକ୍ରିୟ ହୋଇ ଉଠିଲା । ଏହି ଦଳ ପଶ୍ଚିମ ଓଡ଼ିଶାରେ ସୁସଂଗଠିତ ହେବା ସଙ୍ଗେ ସଙ୍ଗେ କେତେକ ଗଡ଼ଜାତରେ ମଧ୍ୟ ବେଶ୍ ସକ୍ରିୟ ଥିଲା ।

ପଶ୍ଚିମ ଓଡ଼ିଶାରେ ଗଣତନ୍ତ୍ର ପରିଷଦ ଓ ଉପକୂଳ ଅଞ୍ଚଳ ସମେତ ଢ଼େଙ୍କାନାଳରେ କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ପାର୍ଟିର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ବିଶେଷ ଭାବରେ ବ୍ୟସ୍ତ ଓ ବିବ୍ରତ ଅବସ୍ଥାରେ ନିର୍ବାଚନ ନିମନ୍ତେ ଅଣ୍ଟା ଭିଡ଼ି ବାହାରି ପଡ଼ିଲେ । ୧୯୫୧ ମସିହା ଶେଷ ଆଡ଼କୁ ଓଡ଼ିଶାରେ ନିର୍ବାଚନ ହେବା ନିମନ୍ତେ ସ୍ଥିର ହେଲା । ଓଡ଼ିଶାର ବିଧାନସଭା ଓ ଲୋକସଭା ଆସନ ନିମନ୍ତେ ୧୯୫୧ ମସିହା ଡିସେମ୍ବର ୨୦ ତାରିଖରୁ ୧୯୫୨ ମସିହା ଜାନୁଆରି ୨୪ ତାରିଖ ଯାଏ ଦୀର୍ଘ ୩୬ ଦିନ ବ୍ୟାପୀ ନିର୍ବାଚନ ଅନୁଷ୍ଠିତ ହେଲା । ଏହା ହେଲା ପ୍ରଥମ ସାମ୍ବିଧାନିକ ସାଧାରଣ ନିର୍ବାଚନ ।

ଏହି ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସୋସାଲିଷ୍ଟ ପାର୍ଟି ଓ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଠିଆ କରାଇଲେ । ଯେଉଁମାନେ ଦଳୀୟ ଟିକେଟ ପାଇବାରୁ ବଞ୍ଚିତ ହେଲେ ସେମାନେ ନିର୍ଦ୍ଦଳୀୟ ବା ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ିଲେ । ଏହି ସ୍ୱାଧୀନ ପ୍ରାର୍ଥୀମାନଙ୍କ ଭିତରେ ଥିଲେ ଓଡ଼ିଶାର ବହୁ ନାମୀ ଦାମୀ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି । ଫରୱାର୍ଡ଼ ବ୍ଲକ ତରଫରୁ ମଧ୍ୟ ପ୍ରାର୍ଥୀ ଠିଆ ହେଲେ । ଏହି ପ୍ରଥମ ସାଧାରଣ ନିର୍ବାଚନରେ ଭାରତୀୟ ଜାତୀୟ

କଂଗ୍ରେସ ୬୭ଟି ଆସନ ଲାଭ କରି ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଲା । ଗଣତନ୍ତ୍ର ପରିଷଦ ୩୧ଟି ଆସନ ଲାଭକରି ଦ୍ୱିତୀୟ ସ୍ଥାନରେ ରହିଲା । ସୋସାଲିଷ୍ଟ ପାର୍ଟି ୧୦ଟି , କମ୍ୟୁନିଷ୍ଟ ପାର୍ଟି ୭ଟି , ଫରୱାର୍ଡ଼ ବ୍ଲକ ଗୋଟିଏ ଓ ସ୍ୱାଧୀନ ପ୍ରାର୍ଥୀମାନେ ୨୪ଟି ଆସନ ହାସଲ କଲେ । ଏହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀମାନେ ବିଶେଷ ସଫଳତା ହାସଲ କରିଥିଲେ ।

୧୯୫୨ ମସିହା ମାର୍ଚ୍ଚ ୪ତାରିଖରେ ପ୍ରଥମ ବିଧାନସଭାର ସଭ୍ୟମାନେ ଶପଥ ଗ୍ରହଣ କଲେ । ବିଧାନସଭା ସଦସ୍ୟ ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ସଭ୍ୟମାନଙ୍କୁ ଶପଥପାଠ କରାଇଲେ । ସେହିଦିନ ମଧ୍ୟ ନବଗଠିତ ବିଧାନସଭାର ପ୍ରଥମ ବୈଠକ ନୂଆ ରାଜଧାନୀ ଭୁବନେଶ୍ୱରର ସର୍ଦ୍ଦାର ପଟେଲ ହଲରେ ଅନୁଷ୍ଠିତ ହେଲା । ଏହା ପୂର୍ବରୁ ନବକୃଷ୍ଣ ଚୌଧୁରୀ ସଂଖ୍ୟାଗରିଷ୍ଠ ଦଳର ନେତା ନିର୍ବାଚିତ ହୋଇ ୭ଜଣ ସ୍ୱାଧୀନ ସଭ୍ୟଙ୍କ ସମର୍ଥନରେ ୧୯୫୨ ମସିହା ଫେବ୍ରୁଆରି ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଶ୍ରଦ୍ଧାକର ସୂପକାର ବିରୋଧିଦଳର ନେତା ନିର୍ବାଚିତ ହେଲେ । ନନ୍ଦକିଶୋର ଦାସ ବାଚସ୍ପତି ଓ ମୌଲବୀ ମହମ୍ମଦ ହନିଫ୍ ଉପବାଚସ୍ପତି ଭାବରେ ୧୯୫୨ ମସିହା ମାର୍ଚ୍ଚ ୮ ତାରିଖରେ ନିର୍ବାଚିତ ହେଲେ ।

ପ୍ରଥମ ବିଧାନସଭାକୁ ତିନିଜଣ ମହିଳା ନିର୍ବାଚିତ ହୋଇଥିଲେ । ସେମାନେ ହେଲେ, ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀର କୁମାରୀ ରାମ ରାଜ (ସ୍ୱାଧୀନ); ରାଜନଗରରୁ ସରସ୍ୱତୀ ଦେବୀ (କଂଗ୍ରେସ) ଓ ରଣପୁରରୁ ବସନ୍ତମଞ୍ଜରୀ ଦେବୀ (କଂଗ୍ରେସ) । ସ୍ୱାଧୀନ ସଭ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜା (ବାଲିକୁଦା), ଖ୍ୟାତନାମା ପୂର୍ବତନ କଂଗ୍ରେସ ସଭାପତି ପଣ୍ଡିତ ନୀଳକଣ୍ଠ ଦାସ (ସତ୍ୟବାଦୀ), ପୂର୍ବତନ ବିଶିଷ୍ଟ କଂଗ୍ରେସ ନେତା ପଣ୍ଡିତ ଗୋଦାବରୀଶ ମିଶ୍ର (ବାଣପୁର), ଖଲିକୋଟର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଆଳିରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଦେଓ ଆଦି ବିଶିଷ୍ଟ ବ୍ୟକ୍ତିମାନେ ନିର୍ବାଚିତ ହେଲେ । ପୂର୍ବତନ ବିଶିଷ୍ଟ କଂଗ୍ରେସ ନେତା ଦିବାକର ପଟ୍ଟନାୟକ ଫରୱାର୍ଡ଼ ବ୍ଲକ ଟିକେଟରେ ଗଂଜାମର ପାତ୍ରପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଆସିଲେ ।



**ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା**

## ପ୍ରଥମ ବିଧାନସଭାର ନିର୍ବାଚିତ ସଦସ୍ୟ (୧୯୫୧-୫୨) :

| | | |
|---|---|---|
| ମାଲକାନଗିରି | ଲକ୍ଷ୍ମଣ ଗୌଡ | ଗଣତନ୍ତ୍ର ପରିଷଦ |
| ପଣ୍ଡୁଆ | ଗଣେଶ୍ୱର ମହାପାତ୍ର | ଗଣତନ୍ତ୍ର ପରିଷଦ |
| ନବରଂଗପୁର (ଯୁଗ୍ମ) | ସଦାଶିବ ତ୍ରିପାଠୀ | କଂଗ୍ରେସ |
| | ମୁଦି ନାଇକୋ | କଂଗ୍ରେସ |
| ଜୟପୁର (ଯୁଗ୍ମ) | ହରିହର ମିଶ୍ର | ଗଣତନ୍ତ୍ର ପରିଷଦ |
| | ଲଇଚନ ନାଇକୋ | ଗଣତନ୍ତ୍ର ପରିଷଦ |
| କୋରାପୁଟ | ଗଙ୍ଗା ମୁଦୁଲି | ଗଣତନ୍ତ୍ର ପରିଷଦ |
| ନନ୍ଦପୁର | ଭଗବାନ ଖେମୁଣ୍ଡୁ ନାଏକ | କଂଗ୍ରେସ |
| ରାୟଗଡ଼ା | ମଦାଙ୍ଗି କାମାୟା | କଂଗ୍ରେସ |
| ବିଷମକଟକ | ଉଲାକା ଶ୍ୟାମଘନ | ଗଣତନ୍ତ୍ର ପରିଷଦ |
| ଗୁଣୁପୁର | ଶବର ଡୁମ୍ବା | ଗଣତନ୍ତ୍ର ପରିଷଦ |
| ବାଲିଗୁଡ଼ା | ଯାଦବ ପାତ୍ର | କଂଗ୍ରେସ |
| ଫୁଲବାଣୀ-ଉଦୟଗିରି (ଯୁଗ୍ମ) | ବାଳକକୃଷ୍ଣ ମଲ୍ଲିକ | ସ୍ୱାଧୀନ |
| | ସଦାନନ୍ଦ ସାହୁ (ମୃତ୍ୟୁ ପରେ) | ସ୍ୱାଧୀନ |
| | ସାରଙ୍ଗଧର ପ୍ରଧାନ | କଂଗ୍ରେସ |
| ବଉଦ | ହିମାଂଶୁ ଶେଖର ପାଢ଼ୀ | ସ୍ୱାଧୀନ |
| ଆଠମଲ୍ଲିକ | ଦୁତୀୟା ରାଉଳ | ସ୍ୱାଧୀନ |
| | ରାଜା କିଶୋର ଚନ୍ଦ୍ର ଦେବ | କଂଗ୍ରେସ |
| ଅନୁଗୁଳ-ହିନ୍ଦୋଳ (ଯୁଗ୍ମ) | ହୃଷୀକେଶ ତ୍ରିପାଠୀ | କଂଗ୍ରେସ |
| | ଅରକ୍ଷିତ ନାୟକ | କଂଗ୍ରେସ |
| ତାଳଚେର | ପବିତ୍ର ମୋହନ ପ୍ରଧାନ | କଂଗ୍ରେସ |
| ପାଲଲହଡା-କିଶୋର ନଗର (ଯୁଗ୍ମ) | ମହେଶ ଚନ୍ଦ୍ର ସୁବାହୁ ସିଂହ | କଂଗ୍ରେସ |
| | ବାଇଧର ନାୟକ | କଂଗ୍ରେସ |
| ଢେଙ୍କାନାଳ (ଯୁଗ୍ମ) | ବୈଷ୍ଣବ ଚରଣ ପଟ୍ଟନାୟକ | କମ୍ୟୁନିଷ୍ଟ |
| | ମଦନ ଦେହୁରୀ | କମ୍ୟୁନିଷ୍ଟ |
| ଭବାନୀପାଟଣା (ଯୁଗ୍ମ) | ଜନାର୍ଦ୍ଦନ ମାଝି | ଗଣତନ୍ତ୍ର ପରିଷଦ |
| | ଜେ.ସି. ସିଂହଦେଓ | ଗଣତନ୍ତ୍ର ପରିଷଦ |
| ଜୟପାଟଣା-କାଶୀପୁର | ଝାଟୁର ଝୁରିଆ | କଂଗ୍ରେସ |

| | | |
|---|---|---|
| ଜୁନାଗଡ଼- (ଯୁଗ୍ମ) | ପ୍ରତାପ କେଶରୀ ଦେଓ | ଗଣତନ୍ତ୍ର ପରିଷଦ |
| | ଦୟାନିଧି ନାଏକ | ଗଣତନ୍ତ୍ର ପରିଷଦ |
| ନୂଆପଡ଼ା- (ଯୁଗ୍ମ) | ଅନୁପ୍ ସିଂହଦେଓ | କଂଗ୍ରେସ |
| | ଚୈତନ୍ୟ ମାଝି | କଂଗ୍ରେସ |
| ଟିଟିଲାଗଡ଼- (ଯୁଗ୍ମ) | ରମେଶ ଚନ୍ଦ୍ର ଭୋଇ | ଗଣତନ୍ତ୍ର ପରିଷଦ |
| | ମୁରଲୀଧର ପଣ୍ଡା | ଗଣତନ୍ତ୍ର ପରିଷଦ |
| ପାଟଣାଗଡ଼ (ଯୁଗ୍ମ) | ଅର୍ଜୁନ ଦାସ | ଗଣତନ୍ତ୍ର ପରିଷଦ |
| | ଗଣେଶ ରାମ ବରିହା | ଗଣତନ୍ତ୍ର ପରିଷଦ |
| ବଲାଙ୍ଗୀର (ଯୁଗ୍ମ) | ନନ୍ଦ କିଶୋର ମିଶ୍ର | ଗଣତନ୍ତ୍ର ପରିଷଦ |
| | ଅଚ୍ୟୁତାନନ୍ଦ ମହାନନ୍ଦ | ଗଣତନ୍ତ୍ର ପରିଷଦ |
| ସୋନପୁର | ଅନନ୍ତରାମ ନନ୍ଦ | ଗଣତନ୍ତ୍ର ପରିଷଦ |
| ବିନ୍‌କା | ବୈକୁଣ୍ଠନାଥ ନେପାକ | ଗଣତନ୍ତ୍ର ପରିଷଦ |
| ବୀରମହାରାଜପୁର | ଅଚ୍ୟୁତାନନ୍ଦ ମହାକୁଡ | ଗଣତନ୍ତ୍ର ପରିଷଦ |
| ପଦ୍ମପୁର (ଯୁଗ୍ମ) | ଲାଲ ରଣଜିତ ସିଂହ ବରିହା | କଂଗ୍ରେସ |
| | ଅନିରୁଦ୍ଧ ମିଶ୍ର | ସ୍ୱାଧୀନ |
| ବରଗଡ଼ | ତୀର୍ଥବାସୀ ପ୍ରଧାନ | କଂଗ୍ରେସ |
| ଅତାବିରା- | ବିପିନ ବିହାରୀ ଦାସ | କଂଗ୍ରେସ |
| ସୋହେଲା (ଯୁଗ୍ମ) | ଭିକାରି ସାହୁ | କଂଗ୍ରେସ |
| | ବିଶି ବିଭରା | କଂଗ୍ରେସ |
| ମୁର୍‌ଆମ୍ବାଭୋନା | ମକରଧ୍ୱଜ ପ୍ରଧାନ | ସୋସାଲିଷ୍ଟ |
| ସମ୍ବଲପୁର-ରେଢ଼ାଖୋଲ (ଯୁଗ୍ମ) | ଭିକାରି ଘାସି | ଗଣତନ୍ତ୍ର ପରିଷଦ |
| | ଶ୍ରଦ୍ଧାକର ସୂପକାର | ଗଣତନ୍ତ୍ର ପରିଷଦ |
| ବାମଣ୍ଡା (ଯୁଗ୍ମ) | ହରପ୍ରସାଦ ଦେବ (ଇସ୍ତଫା) | ଗଣତନ୍ତ୍ର ପରିଷଦ |
| | ଇନ୍ଦୁଭୂଷଣ ମହାନ୍ତି (ଉପ ନିର୍ବାଚନ) | |
| ଜୟଦେବ ଠାକୁର | ଗଣତନ୍ତ୍ର ପରିଷଦ | |
| ଝାରସୁଗୁଡ଼ା-ରମ୍ପେଲା (ଯୁଗ୍ମ)- | ବିଜୟ କୁମାର ପାଣି | କଂଗ୍ରେସ |
| | ମନୋହର ନାୟକ | ଗଣତନ୍ତ୍ର ପରିଷଦ |
| ସୁନ୍ଦରଗଡ଼ (ଯୁଗ୍ମ) | କୃପାନିଧି ନାୟକ | କଂଗ୍ରେସ |
| | ହରିହର ପଟେଲ | ଗଣତନ୍ତ୍ର ପରିଷଦ |
| ରାଜଗାଙ୍ଗପୁର | ଆଗାପିଲ୍ ଲାକ୍ରା | କଂଗ୍ରେସ |

| | | |
|---|---|---|
| ବିଶ୍ରା | ମଦନ ମୋହନ ଅମାତ | କଂଗ୍ରେସ |
| ବଣେଇ | ନୀଳମଣି ସିଂହ ଦଣ୍ଡପାଟ | ଗଣତନ୍ତ୍ର ପରିଷଦ |
| ଚମ୍ପୂଆ | ଗୁରୁଚରଣ ନାୟକ | ଗଣତନ୍ତ୍ର ପରିଷଦ |
| କେନ୍ଦୁଝର (ଯୁଗ୍ମ) | ଲକ୍ଷ୍ମୀନାରାୟଣ ଭଞ୍ଜଦେଓ | ସ୍ୱାଧୀନ |
| | ଗୋବିନ୍ଦ ମୁଣ୍ଡା | ଗଣତନ୍ତ୍ର ପରିଷଦ |
| ଆନନ୍ଦପୁର (ଯୁଗ୍ମ) | ଜନାର୍ଦ୍ଦନ ଭଞ୍ଜଦେଓ | ସ୍ୱାଧୀନ |
| | ଭାଇଗା ସେଠୀ | ସ୍ୱାଧୀନ |
| ପଞ୍ଚପୀଢ଼ (ଯୁଗ୍ମ) | ବିଶ୍ୱନାଥ ସାହୁ | ଗଣତନ୍ତ୍ର ପରିଷଦ |
| | ଘାସିରାମ ସାଣ୍ଡିଲ | ସ୍ୱାଧୀନ |
| କପ୍ତିପଦା | ହାରାଚାନ୍ଦ ହାଁସଦା | ସୋସାଲିଷ୍ଟ |
| ଖୁଣ୍ଟା | ସାକିଲା ସୋରେନ୍ | ସୋସାଲିଷ୍ଟ |
| ବାରିପଦା (ଯୁଗ୍ମ) | ଗିରୀଶ ଚନ୍ଦ୍ର ରାୟ | ସୋସାଲିଷ୍ଟ |
| | ସୁରେନ୍ଦ୍ର ସିଂହ | କଂଗ୍ରେସ |
| ବାହଲଦା | ସୋନାରାମ ସୋରେନ | କଂଗ୍ରେସ |
| ରାଇରଂଗପୁର | ହରଦେବ ତିରିଆ | କଂଗ୍ରେସ |
| ବାଙ୍ଗିରିପୋଷି | ଜୟଦେବ ମାଝି | କଂଗ୍ରେସ |
| ମୁରୁଡ଼ା | ପ୍ରସନ୍ନ କୁମାର ଦାସ | ସୋସାଲିଷ୍ଟ |
| ଜଳେଶ୍ୱର | କରୁଣାକର ପାଣିଗ୍ରାହୀ | କଂଗ୍ରେସ |
| ଭୋଗରାଇ | ଶଶିକାନ୍ତ ଭଞ୍ଜ | ସ୍ୱାଧୀନ |
| ବସ୍ତା | ତ୍ରିଲୋଚନ ସେନାପତି | କଂଗ୍ରେସ |
| ସୋରୋ | ନନ୍ଦ କିଶୋର ଦାସ | କଂଗ୍ରେସ |
| ବାଲେଶ୍ୱର | ସୁରେନ୍ଦ୍ର ନାଥ ଦାସ | କଂଗ୍ରେସ |
| ନୀଳଗିରି (ଯୁଗ୍ମ) | ନୀଳାମ୍ବର ଦାସ | କଂଗ୍ରେସ |
| | ଚୈତନ୍ୟ ସେଠି | କଂଗ୍ରେସ |
| ଭଦ୍ରକ | ମହମ୍ମଦ ହନିଫ୍ | କଂଗ୍ରେସ |
| ବନ୍ତ | ଗୋକୁଳାନନ୍ଦ ମହାନ୍ତି | କଂଗ୍ରେସ |
| ଧାମନଗର | ନୀଳମଣି ରାଉତରାୟ | କଂଗ୍ରେସ |
| ଚାନ୍ଦବାଲି (ଯୁଗ୍ମ) | ବୃନ୍ଦାବନ ଦାସ | କଂଗ୍ରେସ |
| | ଚକ୍ରଧର ବେହେରା | କଂଗ୍ରେସ |

| | | |
|---|---|---|
| ସୁକିନ୍ଦା (ଯୁଗ୍ମ) | ପୀତାମ୍ବର ଭୂପତି | ସ୍ୱାଧୀନ |
| | ହରିଚନ୍ଦନ ମହାପାତ୍ର | ସ୍ୱାଧୀନ |
| ଯାଜପୁର (ଯୁଗ୍ମ) | ଗଦାଧର ଦତ୍ତ | କଂଗ୍ରେସ |
| | ଶାନ୍ତନୁ କୁମାର ଦାସ | କଂଗ୍ରେସ |
| ଧର୍ମଶାଳା | ପରମାନନ୍ଦ ମହାନ୍ତି | ସୋସାଲିଷ୍ଟ |
| ବିଂଝାରପୁର (ଯୁଗ୍ମ) | ନବକିଶୋର ମଲ୍ଲିକ | କଂଗ୍ରେସ |
| | ପଦ୍ମନାଭ ରାୟ | କଂଗ୍ରେସ |
| ବଡ଼ଚଣା | ନବକୃଷ୍ଣ ଚୌଧୁରୀ | କଂଗ୍ରେସ |
| ଆଳି | ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ | ସ୍ୱାଧୀନ |
| ପଟ୍ଟାମୁଣ୍ଡାଇ | କୁମାରୀ ରାମରାଜ | ସ୍ୱାଧୀନ |
| ରାଜନଗର | ସରସ୍ୱତୀ ଦେବୀ | କଂଗ୍ରେସ |
| କେନ୍ଦ୍ରାପଡ଼ା | ଦୀନବନ୍ଧୁ ସାହୁ | କଂଗ୍ରେସ |
| ପାଟକୁରା | ଲୋକନାଥ ମିଶ୍ର | କଂଗ୍ରେସ |
| ତିର୍ତ୍ତୋଲ | ନିଶାମଣି ଖୁଣ୍ଟିଆ | ସୋସାଲିଷ୍ଟ |
| ଏରସମା | ଗୌରୀଶ୍ୟାମ ନାୟକ | କଂଗ୍ରେସ |
| ବାଲିକୁଦା | ପ୍ରାଣକୃଷ୍ଣ ପରିଜା | ସ୍ୱାଧୀନ |
| ଜଗତସିଂହପୁର | ନୀଳମଣି ପ୍ରଧାନ | କଂଗ୍ରେସ |
| କିଶନନଗର | ରାଜକୃଷ୍ଣ ବୋଷ | କଂଗ୍ରେସ |
| ସାଲେପୁର (ଯୁଗ୍ମ) | ସୁରେନ୍ଦ୍ର ନାଥ ପଟ୍ଟନାୟକ | କଂଗ୍ରେସ |
| | ପୂର୍ଣ୍ଣାନନ୍ଦ ସାମଲ | କଂଗ୍ରେସ |
| ମାହାଙ୍ଗା | ମହମ୍ମଦ ଅତାହାର | କଂଗ୍ରେସ |
| କଟକ ସହର | ବୀରେନ୍ ମିତ୍ର | କଂଗ୍ରେସ |
| କଟକ (ଗ୍ରାମ) (ଯୁଗ୍ମ) | ଲକ୍ଷ୍ମଣ ମଳିକ | କଂଗ୍ରେସ |
| | ଭୈରବ ଚନ୍ଦ୍ର ମହାନ୍ତି | କଂଗ୍ରେସ |
| ବାଙ୍କୀ | ଗୋକୁଳାନନ୍ଦ ପ୍ରହରାଜ | ସୋସାଲିଷ୍ଟ |
| ନରସିଂହପୁର | ବୃନ୍ଦାବନ ସାହୁ | ଗଣତନ୍ତ୍ର ପରିଷଦ |
| ଆଠଗଡ଼ | ରାଧାନାଥ ରଥ | କଂଗ୍ରେସ |
| କାକଟପୁର ନିମାପଡ଼ା (ଯୁଗ୍ମ) | ଉପେନ୍ଦ୍ର ମହାନ୍ତି | କଂଗ୍ରେସ |
| | ଗୋବିନ୍ଦ ଚନ୍ଦ୍ର ସେଠି | କଂଗ୍ରେସ |

| | | |
|---|---|---|
| ସତ୍ୟବାଦୀ | ନୀଳକଣ୍ଠ ଦାସ | ସ୍ୱାଧୀନ |
| ପିପିଲି | ଜୟକୃଷ୍ଣ ମହାନ୍ତି | ସ୍ୱାଧୀନ |
| ପୁରୀ | ଫକୀର ଚରଣ ଦାସ | ସୋସାଲିଷ୍ଟ |
| ବ୍ରହ୍ମଗିରି | ବିଶ୍ୱନାଥ ପରିଡ଼ା | ସ୍ୱାଧୀନ |
| ବାଣପୁର | ଗୋଦାବରୀଶ ମିଶ୍ର | ସ୍ୱାଧୀନ |
| ଭୁବନେଶ୍ୱର (ଯୁଗ୍ମ) | ସତ୍ୟପ୍ରିୟ ମହାନ୍ତି | କଂଗ୍ରେସ |
| | କାହ୍ନୁ ମଳିକ | କଂଗ୍ରେସ |
| ଖୋର୍ଦ୍ଧା | ମାଧବ ଚନ୍ଦ୍ର ରାଉତରାୟ | କଂଗ୍ରେସ |
| ରଣପୁର | ବସନ୍ତ ମଞ୍ଜରୀ ଦେବୀ | କଂଗ୍ରେସ |
| ବେଗୁନିଆ | ଗଙ୍ଗାଧର ପାଇକରାୟ | କମ୍ୟୁନିଷ୍ଟ |
| ନୟାଗଡ଼ | କେ.ସି ସିଂହମାନ୍ଧାତା | ସ୍ୱାଧୀନ |
| ଖଣ୍ଡପଡ଼ା | ହରିହର ସିଂହ ମର୍ଦ୍ଦରାଜ | ସ୍ୱାଧୀନ |
| ଦଶପଲ୍ଲା | କୃଷ୍ଣଚନ୍ଦ୍ର ଦେଓ ଭଞ୍ଜ | କଂଗ୍ରେସ |
| ଜଗନ୍ନାଥପ୍ରସାଦ | ବିଜୟାନନ୍ଦ ପଟ୍ଟନାୟକ | କଂଗ୍ରେସ |
| ରସୁଲକୁଣ୍ଡା | ଦୀନବନ୍ଧୁ ବେହେରା | କଂଗ୍ରେସ |
| ଆସ୍କା (ଯୁଗ୍ମ) | ହରିହର ଦାସ | କମ୍ୟୁନିଷ୍ଟ |
| | ମୋହନ୍ ନାୟକ | କମ୍ୟୁନିଷ୍ଟ |
| ଖଲ୍ଲିକୋଟ | ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ | ସ୍ୱାଧୀନ |
| କୋଦଳା | ବନମାଳୀ ମହାରଣା | ସୋସାଲିଷ୍ଟ |
| ପୁରୁଷୋତ୍ତମପୁର | ହରିହର ଦାସ | କଂଗ୍ରେସ |
| ଛତ୍ରପୁର | ଭି.ସୀତାରାମାୟା | ସ୍ୱାଧୀନ |
| ପାଟପୁର | ଗୋବିନ୍ଦ ପ୍ରଧାନ | କମ୍ୟୁନିଷ୍ଟ |
| ବ୍ରହ୍ମପୁର (ଯୁଗ୍ମ) | ଦଣ୍ଡପାଣି ଦାସ | ସ୍ୱାଧୀନ |
| | ରାମଚନ୍ଦ୍ର ମିଶ୍ର | ସ୍ୱାଧୀନ |
| ପାରଳାଖେମୁଣ୍ଡି (ଯୁଗ୍ମ) | ଜଗନ୍ନାଥ ମିଶ୍ର | କମ୍ୟୁନିଷ୍ଟ |
| | ଅପନା ଦୋରା ବିଶ୍ୱାସ ରାୟ | ସ୍ୱାଧୀନ |
| ପାତ୍ରପୁର | ଦିବାକର ପଟ୍ଟନାୟକ | ଫରୱାର୍ଡ଼ ବ୍ଲକ |
| ଉଦୟଗିରି-ମୋହନା | ମାଲିକ ପାଟୁ | କଂଗ୍ରେସ |

## ଲୋକସଭାକୁ ଓଡ଼ିଶାର ନିର୍ବାଚିତ ସଦସ୍ୟ :

| | | |
|---|---|---|
| ମୟୂରଭଞ୍ଜ | ରାମଚନ୍ଦ୍ର ମାଝି | କଂଗ୍ରେସ |
| ବାଲେଶ୍ୱର | କାହ୍ନୁ ଚରଣ ଜେନା | କଂଗ୍ରେସ |
| କେନ୍ଦ୍ରାପଡ଼ା | ନିତ୍ୟାନନ୍ଦ କାନୁନ୍‌ଗୋ | କଂଗ୍ରେସ |
| କଟକ | ହରେକୃଷ୍ଣ ମହତାବ | କଂଗ୍ରେସ |
| ପୁରୀ | ଲୋକନାଥ ମିଶ୍ର | କଂଗ୍ରେସ |
| ଖୋର୍ଦ୍ଧା | ଲିଙ୍ଗରାଜ ମିଶ୍ର | କଂଗ୍ରେସ |
| ଘୁମୁସର | ଉମାଚରଣ ପଟ୍ଟନାୟକ | ସ୍ୱାଧୀନ |
| ଗଞ୍ଜାମ | ବିଜୟ ଚନ୍ଦ୍ର ଦାସ | କମ୍ୟୁନିଷ୍ଟ |
| ନବରଙ୍ଗପୁର | ବି.ସୁବାରାଓ | ଗଣତନ୍ତ୍ର ପରିଷଦ |
| କଳାହାଣ୍ଡି- ବଲାଙ୍ଗୀର (ଯୁଗ୍ମ)- | ଗିରିଧାରୀ ଭୋଇ | ଗଣତନ୍ତ୍ର ପରିଷଦ |
| | ରାଜେନ୍ଦ୍ର ନାରାୟଣ ସିଂହଦେଓ | ଗଣତନ୍ତ୍ର ପରିଷଦ |
| ସମ୍ବଲପୁର | ନଟବର ପାଣ୍ଡେ | ଗଣତନ୍ତ୍ର ପରିଷଦ |
| ବରଗଡ | ଜି. ଦାସ ଥିରାନୀ | ସ୍ୱାଧୀନ |
| ଢେଙ୍କାନାଳ-ପଶ୍ଚିମ କଟକ (ଯୁଗ୍ମ ) | ନିରଞ୍ଜନ ଜେନା | କଂଗ୍ରେସ |
| | ସାରଙ୍ଗଧର ଦାସ | ସୋସାଲିଷ୍ଟ |
| ସୁନ୍ଦରଗଡ | ଶିବନାରାୟଣ ସିଂହ | କଂଗ୍ରେସ |
| ଯାଜପୁର-କେଉଁଝର (ଯୁଗ୍ମ ) | ଭୁବନାନନ୍ଦ ଦାସ | କଂଗ୍ରେସ |
| | ଲକ୍ଷ୍ମୀଧର ଜେନା | ଗଣତନ୍ତ୍ର ପରିଷଦ |
| ରାୟଗଡ଼ା-ଫୁଲବଣୀ | ଟି. ସାଙ୍ଗ୍‌ନା | କଂଗ୍ରେସ |

+++

### ଏକାଦଶ ପରିଚ୍ଛେଦ

# ନବକୃଷ୍ଣ ଚୌଧୁରୀଙ୍କ ଶାସନକାଳରେ ଓଡ଼ିଶା

ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତି । ସଚ୍ଚା ସମାଜବାଦୀ ନେତା । ସାଦାସିଧା ମଣିଷଟିଏ । କୂଟନୀତିର ଧାର ଧାରନ୍ତି ନାହିଁ । ଏପରି ଜଣେ ବ୍ୟକ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ ସର୍ବ ପ୍ରଥମେ ୧୯୫୦ ମସିହା ମଇମାସ ୧୨ ତାରିଖ ଦିନ । ଶାସନର ପ୍ରତ୍ୟେକ ସ୍ତରରେ ଓଡ଼ିଆ ଭାଷା ପ୍ରବର୍ତ୍ତନ ନିମନ୍ତେ ସେ ବଦ୍ଧପରିକର ହେଲେ । ଓଡ଼ିଶା ବିଧାନସଭାର ବିବରଣୀ ଓଡ଼ିଆ ଭାଷାରେ ଲେଖାଯିବ ବୋଲି ସେ ଉଦ୍ୟମ କଲେ । ହେଲେ ତତ୍‌କାଳୀନ ବାଚସ୍ପତି ଲାଲମୋହନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ସହ ଏକମତ ହେଲେ ନାହିଁ । ତଥାପି ସେ ନିଜ ଲକ୍ଷ୍ୟରେ ଅଟଳ ରହି ୧୯୫୧ ମସିହା ଫେବ୍ରୁଆରି ୨୧ରେ ଓଡ଼ିଆଲେଖା ବଜେଟ ବିଧାନସଭାରେ ଉପସ୍ଥାପନ କଲେ । ଏହି ବଜେଟ ଅତି ସୁନ୍ଦର ଓ ସରଳ କଥିତ ଓଡ଼ିଆ ଭାଷାରେ ଲେଖାଯାଇଥିଲା ।

## ଶାସନ ସ୍ତରରେ ଓଡ଼ିଆଭାଷା ପ୍ରବର୍ତ୍ତନ ଉଦ୍ୟମ :

ନବବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ବହନ କରିବା ପରେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ଓଡ଼ିଆଭାଷା ପ୍ରବର୍ତ୍ତନ କରିବାପାଇଁ ଉଦ୍ୟମ କଲେ । ୧୯୫୨ ମସିହାରେ ସେ ଏକ ପ୍ରାଶାସନିକ ଇଂରାଜୀ- ଓଡ଼ିଆ ଶବ୍ଦକୋଷ ପ୍ରଣୟନ କରାଇଲେ । ଓଡ଼ିଶାରେ ପ୍ରାଶାସନିକ ସ୍ତରରେ ଆଞ୍ଚଳିକ ଭାଷା ପ୍ରବର୍ତ୍ତନ ସମଗ୍ର ଦେଶରେ ପ୍ରଥମ ଉଦ୍ୟମ ଭାବରେ ବିବେଚିତ । ମୁଖ୍ୟମନ୍ତ୍ରୀଙ୍କର ଏହି ଉଦ୍ୟମକୁ କେତେକ ଉଚ୍ଚ ଅଫିସର ବିରୋଧ କରିଥିଲେ । ଏପରିକି ତତ୍‌କାଳୀନ ମୁଖ୍ୟ ଶାସନ ସଚିବ ବ୍ରହ୍ମଦେବ ମୁଖାର୍ଜୀ ମଧ୍ୟ ଏହାକୁ ବିରୋଧ କରିଥିଲେ । ସେ ମତ ଦେଇଥିଲେ ଯେ ଏକାଉଣ୍ଟାଣ୍ଟ୍ ଜେନେରାଲଙ୍କ ସହିତ ପତ୍ରାଳାପ କରିବାରେ ଏଥିପାଇଁ ଅସୁବିଧା ହେବ । ତଥାପି ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ । ୧୯୫୬ ମସିହାରେ ଓଡ଼ିଆ

ଟାଇପ୍ ରାଇଟର ପ୍ରସ୍ତୁତିପାଇଁ ରେମିଙ୍ଗନ୍ କମ୍ପାନୀକୁ ଅର୍ଡ଼ର ପ୍ରଦାନ କଲେ । ହେଲେ କ'ଣ ହେବ? ଏହାପରେ ନବବାବୁ ମୁଖ୍ୟମନ୍ତ୍ରୀ ପଦତ୍ୟାଗ କରିବାରୁ ତାଙ୍କ ପରବର୍ତ୍ତୀ ମନ୍ତ୍ରିମଣ୍ଡଳ ଏ ଦିଗରେ ଆନ୍ତରିକତା ପ୍ରଦର୍ଶନ କଲେନାହିଁ । ଫଳରେ ନବବାବୁଙ୍କ ସ୍ୱପ୍ନ ସାକାର ହୋଇପାରିଲା ନାହିଁ । ଏହାର କେତେ ବର୍ଷ ପରେ ୧୯୮୦ ମସିହାରେ ଜାନକୀବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ଫଳରେ କଡ଼ାକଡ଼ି ଭାବରେ ସେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବରେ ପ୍ରଚଳନ କରାଇଲେ ।

## ନେପାଳୀବାବା ଘଟଣା :

ନବବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଅନୁଗୁଳର ରକ୍ତଲେଇ ଗ୍ରାମର ଘଟଣା ଥିଲା ଅତ୍ୟନ୍ତ ଚମକପ୍ରଦ । ରକ୍ତଲେଇ ଅନୁଗୁଳ ସହର ନିକଟରେ ଥିବା ଏକ ଅଖ୍ୟାତ ପଲ୍ଲୀ ଗାଁ । ଏହି ଗାଁଟି ରକ୍ତୁଲେଇ, ରକ୍ତଲାଇ ବା ରାମତଲାଇ ଭାବରେ ଜଣାଶୁଣା । ଏହି ଗାଁରେ ନଟବର ସାହୁଙ୍କର ଘର । ସେ ଜାତିରେ ଚଷା । ତାଙ୍କର ତିନିପୁଅ । ବଡ଼ ଗୋବର୍ଦ୍ଧନ, ମଝିଆ ଗୋପାଳ ଓ ସାନ ନେପାଳ । ସାନପୁଅ ନେପାଳର ଜନ୍ମ ୧୯୩୭ ମସିହାରେ । ରକ୍ତଲେଇ ଗାଁ ମୁଣ୍ଡରେ ଗୋଟିଏ ପୋଖରୀ, ପୋଖରୀର ନାଁ ବାବାଜୀ ବନ୍ଧ । ମଣିଦାସ ବୋଲି ଜଣେ ସାଧୁ ଏହି ପୋଖରୀଟି ଖୋଳିଥିଲେ । ନେପାଳ ବାରବର୍ଷ ବୟସରେ ମେଣ୍ଢା ଚରାଉଥିଲେ । ଦିନେ ନେପାଳ ଅସୁସ୍ଥ ହୋଇପଡ଼ି ପୋଖରୀ ହୁଡ଼ାରେ ଥିବା ଅଶ୍ୱତ୍ଥ ଗଛତଳେ ନିଦ୍ରାଗଲେ । ସେଠାରେ ନେପାଳ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଜଣେ ସାଧୁ ତାଙ୍କୁ ଦର୍ଶନ ଦେଇ କହିଲେ, ''ତୁମେ ନିଶ୍ଚୟ ଆରୋଗ୍ୟ ହେବ ନେପାଳ ।'' କେତୋଟି ଗଛ ଚିହ୍ନାଇ ଦେଇ' ସାଧୁ ହୁକୁମଦେଲେ, ''ଏଇସବୁ ଗଛ ସର୍ବରୋଗର ମହୌଷଧି ।''

ଏହି ଘଟଣାର କିଛିଦିନ ପରେ ନେପାଳଙ୍କୁ ସ୍ୱପ୍ନାଦେଶ ହେଲା ଔଷଧ ବିତରଣ ପାଇଁ । ନେପାଳ ପ୍ରଥମେ ଔଷଧଦେବା ଆରମ୍ଭ କଲେ ସାଇପଡ଼ିଶା ଓ ଗାଁରୁ । ଲୋକେ ଔଷଧ ନେଇ ଭଲ ହୋଇଗଲେ । ନେପାଳ ''ନେପାଳୀବାବା' ନାମରେ ପରିଚିତ ହେଲେ । ତାଙ୍କର ମହିମା ଚାରିଆଡ଼େ ବ୍ୟାପିବାରେ ଲାଗିଲା । ଜିଲ୍ଲା, ରାଜ୍ୟ ଏପରିକି ଦେଶର ବିଭିନ୍ନ ପ୍ରାନ୍ତରୁ ରୋଗୀମାନଙ୍କର ଭିଡ଼ ହେଲା ରକ୍ତଲେଇରେ । ଚାରିଆଡ଼ ଲୋକାରଣ୍ୟ । ସେଇ ଗାଁର ଗୌରାଙ୍ଗ ବେହେରା ବୋଲି ଜଣେ ବ୍ୟକ୍ତି ନେପାଳୀବାବାଙ୍କୁ କାନ୍ଧରେ ବସାଇ ଲୋକ ଗହଳିରେ ଔଷଧ ବିତରଣ କରିଥାଆନ୍ତି । ସେ କହୁଥିଲେ ରକ୍ତଲେଇରେ ଖର୍ବଖର୍ବ ଲୋକ ଆସି ପହଞ୍ଚିଥିଲେ । ରେଳଯୋଗେ ଦୈନିକ ମେରାମୁଣ୍ଡଳୀ ଷ୍ଟେସନରେ ପାଞ୍ଚ ହଜାର ଲୋକ ଆସି ପହଞ୍ଚୁଥିଲେ ବୋଲି ସେହି ସମୟର ସରକାରୀ ହିସାବରୁ ଜଣାପଡ଼େ । ସ୍ଥାନୀୟ ଲୋକେ ପାଦରେ, ବଳଦଗାଡ଼ିରେ ତଥା ଅନ୍ୟାନ୍ୟ ଯାନରେ ରକ୍ତଲେଇରେ ଆସି ପହଞ୍ଚୁଥିଲେ । ସୋମବାର, ମଙ୍ଗଳବାର ଓ ବୁଧବାର ସପ୍ତାହର ଏଇ ତିନିଦିନ ଔଷଧ ଦିଆଯାଉଥିଲା । ବହୁ ଲୋକ ଅନ୍ୟ ଦିନରେ ଖରା, କାକର, ବର୍ଷା, ଶୀତ ସହି ରକ୍ତଲେଇଠାରେ

ପଡିରହୁଥିଲେ । ଗାଁ ଲୋକ ଓ ପୋଲିସଙ୍କ ସହାୟତାରେ ଲୋକଙ୍କୁ ଧାଡ଼ିରେ ବସାଇ ଔଷଧ ଦିଆଯାଉଥିଲା । ପୋଲିସମାନେ ମଧ୍ୟ ଏଠାରେ ଡେରା ପକାଇଥିଲେ । ନେପାଳୀ ବାବା ଧାଇଁ ଧାଇଁ କରି ଯାଇ କେତେବେଳେ କାହା କାନ୍ଧରେ ବସି ଲୋକଙ୍କ ମେଳରେ ପଶି ଔଷଧ ବିତରଣ କରୁଥିଲେ । ଜ୍ୱର, ପେଟବ୍ୟଥା, କୁଷ୍ଠ, ଛୋଟା, ଘୁଙ୍ଗି ଓ କାଲା ଲୋକମାନେ ଭଲ ହେବାରେ ଲାଗିଲେ । ଭକ୍ତମାନେ ନାମସଂକୀର୍ତ୍ତନରେ ମାତି ନେପାଳୀବାବାଙ୍କର ଜୟଗାନ କରୁଥିଲେ । ଯେତିକି ଲୋକ ଔଷଧ ନେଇ ଫେରୁଥିଲେ ତା'ର ଦଶ ଗୁଣ ଲୋକ ଆସି ସେଠାରେ ଉପସ୍ଥିତ ହେଉଥିଲେ ।

ଲୋକଙ୍କର ପ୍ରବଳ ଭିଡ଼ ଯୋଗୁଁ ଜଳ ଓ ଆହାରର ସଂକଟ ଦେଖାଦେଲା । ରୋଗୀକୁ ନେଇ ଆସୁଥିବା ଲୋକେ ରୋଗୀ ହୋଇ ପ୍ରାଣତ୍ୟାଗ କଲେ । ହଇଜା ବ୍ୟାପିଲା । ହଇଜା ମହାମାରୀ ରୂପ ଧାରଣକଲା । ଲୋକେ ପୋକମାଛି ପରି ପଡ଼ି ମଲେ । କିଏ କୁଆଡ଼େ ଗଲେ ତା'ର ହିସାବ ରହିଲା ନାହିଁ । ନବବାବୁ ଥାଆନ୍ତି ମୁଖ୍ୟମନ୍ତ୍ରୀ । ଏପରି ଅସ୍ୱାଭାବିକ ପରିସ୍ଥିତି ଦେଖି ମାଳତୀ ଦେବୀ ସେଠାରେ ୧୪୪ ଧାରା ଜାରି କରିବା ପାଇଁ ନବବାବୁଙ୍କୁ କହିଲେ ।

ନବବାବୁ ମାଳତୀ ଦେବୀଙ୍କୁ କହିଲେ, ''ସରକାରର ଲୋକଙ୍କ ଧର୍ମବିଶ୍ୱାସରେ ବାଧାଦେବାର ଅଧିକାର ନାହିଁ । ସମ୍ବିଧାନ କହୁଛି କେହି କାହାରି ଧର୍ମ ବିଶ୍ୱାସରେ ବାଧାଦେଇ ପାରିବେ ନାହିଁ ।'' ମାଳତୀ ଦେବୀ ରାଗିଯାଇ କହିଲେ, ''ନ ପାରିବ ତ ଇସ୍ତଫା ଦେଇଦିଅ । ଏଭଳି ମାଇଚିଆ ସରକାର ଆମର ଦରକାର ନାହିଁ ।''

ଅବସ୍ଥା ଅସମ୍ଭାଳ ହେଲା । ମାଳତୀ ଦେବୀ ବାଜି ରାଉତ ଆଶ୍ରମରୁ ଜଗାଭାଇ (ଜଗନ୍ନାଥ ପ୍ରସାଦ ଦାସ) ଓ ଏମ୍.ଏଲ୍.ଏ ହୃଷୀକେଶ ତ୍ରିପାଠୀଙ୍କୁ ସଙ୍ଗରେ ଧରି ଏକ ଜିପ୍‌ରେ ରନ୍ତଲେଇ ଗ୍ରାମରେ ଯାଇ ପହଞ୍ଚିଲେ । ଜଗାଭାଇ ନେପାଳୀବାବାଙ୍କୁ ଡ଼ାଇ କରି ଏକ ଶକ୍ତ ଚାପୁଡ଼ା ଦେଇ କହିଲେ, ''ଆବେ ବଦମାସ୍, ବାବା ହୋଇ ହୁକୁମ୍ ଦେଉଛୁ, ଏଣେ ହଜାର ହଜାର ଲୋକ ମଲେଣି । ଜଗାଭାଇଙ୍କ ଚାପୁଡ଼ାରେ ନେପାଳୀବାବା ବଣ ଭିତରକୁ ଦୌଡ଼ିଦୌଡ଼ି ପଳାଇଲେ । ସେଠାରେ ଥିବା ଭକ୍ତମାନେ ପାଟିକରି ଉଠିଲେ । କହିଲେ ''ଆମ ବାବାଙ୍କୁ ମାରି ପକାଇଲେ ।'' ଲୋକେ ଉତ୍ତ୍ୟକ୍ତ ହୋଇ ଉଠିବାରୁ ମାଳତୀ ଦେବୀ, ଜଗନ୍ନାଥ ପ୍ରସାଦ ଦାସ ଓ ହୃଷୀକେଶ ତ୍ରିପାଠୀ ଜିପ୍‌ରେ ବସି କୌଶଳକ୍ରମେ ସେହି ସ୍ଥାନ ତ୍ୟାଗ କରି ଚାଲିଆସିଲେ । ତା'ପରେ ସେଠାରେ ସରକାରଙ୍କ ତରଫରୁ ୧୪୪ ଧାରା ଜାରିହେଲା । ରନ୍ତଲେଇକୁ ବାହାରୁ ଆଉ ଲୋକଙ୍କୁ ଛାଡ଼ି ଦିଆଗଲା ନାହିଁ । କଲେରା ପାଇଁ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଓ ଚିକିତ୍ସା ଆରମ୍ଭ ହୋଇଗଲା । ସେଠାରେ ଥିବା ଲୋକଙ୍କୁ ନିଜ ନିଜ ଗ୍ରାମ, ସହର ଆଦିକୁ ବସ୍ ଓ ଟ୍ରେନ୍ ଯୋଗେ ପଠେଇ ଦେବାର ସୁବ୍ୟବସ୍ଥା କରାଗଲା । ଧୀରେ ଧୀରେ ରନ୍ତଲେଇ ଅବସ୍ଥା ଶାନ୍ତ ପଡ଼ିଲା । କିନ୍ତୁ ବହୁତ ଲୋକ ମରିଗଲେ । ପ୍ରଜାତନ୍ତ୍ର ଖବରକାଗଜରେ ସେତେବେଳେ ଏହାର ବିସ୍ତୃତ ବିବରଣୀ ପ୍ରକାଶ ପାଉଥାଏ । ବୁଦ୍ଧିଜୀବୀ ଶିକ୍ଷିତଲୋକ ମଧ୍ୟ ରନ୍ତଲେଇକୁ ଆରୋଗ୍ୟ ହେବାପାଇଁ ଆସିଥିବାର ଜଣାଯାଏ ।

## ୧୯୫୧ ଛାତ୍ର ଆନ୍ଦୋଳନ :

ସରକାରୀ କଲେଜମାନଙ୍କରେ ଛାତଙ୍କ ଦରମା ଓ ହଷ୍ଟେଲ୍ ଫି ବୃଦ୍ଧିପାଇଲା ୧୯୫୧ ମସିହାରେ । ଏହି ଦରମା ଓ ଫି ଦ୍ୱିତୀୟ ମହାସମର ପୂର୍ବରୁ ବୃଦ୍ଧି ପାଇ ନଥିଲା । ସ୍ୱାଧୀନତା ପରେ ରାଜ୍ୟରେ ଅଧିକ ମହାବିଦ୍ୟାଳୟ ଖୋଲାଗଲା । ସେହି ସମୟରେ ମୁଦ୍ରାସ୍ଫୀତି ଘଟିଲା । ଦରଦାମ ବୃଦ୍ଧି ପାଇଲା । ଫଳରେ ଖର୍ଚ୍ଚକୁ ଭରଣା କରିବା ପାଇଁ ସରକାର ଏହି ସବୁ ଫି ଓ ଛାତ୍ରମାନଙ୍କ ଟିଉସନ ଫି ବୃଦ୍ଧି କରିବା ପାଇଁ ବାଧ୍ୟହେଲେ । ଏହାକୁ ବାମପନ୍ଥୀ ଓ ବିରୋଧୀଦଳର ନେତାମାନେ ଦୃଢ଼ ବିରୋଧ କଲେ । ସେମାନେ ଯୁକ୍ତି ବାଢ଼ିଲେ କି ରାଜା, ମହାରାଜା, ଜମିଦାରମାନେ କାହିଁକି ଭତ୍ତା ପାଇବେ ? ସରକାର ସେମାନଙ୍କ ଉପରେ ଟିକସ ବସାଇ ରାଜସ୍ୱ ବୃଦ୍ଧି କରନ୍ତୁ । ଗରିବ ଘରର ପିଲା ଯେଉଁମାନେ କି ଉଚ୍ଚଶିକ୍ଷା ପାଇଁ କଲେଜରେ ନାମ ଲେଖାଉଛନ୍ତି, କଲେଜ ଟିଉସନ ଫିସ୍ ବୃଦ୍ଧି କରାଯାଇ ସେମାନଙ୍କୁ ଶୋଷଣ କରା ନଯାଉ । ପୂର୍ବର ଛାତ୍ର କଂଗ୍ରେସ ନେତାମାନେ ସୋସାଲିଷ୍ଟ୍ ଦଳକୁ ଚାଲି ଯାଇଥାଆନ୍ତି । ମୁଖ୍ୟମନ୍ତ୍ରୀ ନବବାବୁଙ୍କ ହାତରେ କୌଣସି ଛାତ୍ର ସଂଗଠନ ନଥାଏ । କଟକର ରେଭେନ୍ସା କଲେଜ ଥାଏ ଛାତ୍ର ସଂଗଠନର ମୂଳପୀଠ । ଏଠାରେ ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ପାର୍ଟି ପରିଚାଳିତ ଛାତ୍ର ସଂଗଠନଗୁଡ଼ିକ କାୟା ବିସ୍ତାର କରିଥାଆନ୍ତି । ଓଡ଼ିଶାର ଅନ୍ୟ କଲେଜର ପରିସ୍ଥିତି ମଧ୍ୟ ଅନୁରୂପ । ରେଭେନ୍ସା କଲେଜ ଆଦି ବଡ଼ ବଡ଼ କଲେଜମାନଙ୍କରେ ସୋସାଲିଷ୍ଟ୍ ଓ କମ୍ୟୁନିଷ୍ଟ୍ ପାର୍ଟିର ଅନୁଗତମାନେ ନେତୃତ୍ୱ ନେଇ ଥାଆନ୍ତି ।

କଟକ ସହର ଛାତ୍ର ଆନ୍ଦୋଳନ ଯୋଗୁଁ ପଡୁଥାଏ ଉଠୁଥାଏ । ରେଭେନ୍ସା କଲେଜର ଛାତ୍ରମାନେ ତତ୍କାଳୀନ ଉଚ୍ଚ ଶ୍ରେଣୀର ଛାତ୍ର ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଧର୍ମଘଟ ଜାରି ରଖିଥାଆନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରବୀର ପାଲିତ, ଅଖିଳ ମୋହନ ପଟ୍ଟନାୟକ, ଦେବୀପ୍ରସନ୍ନ ପଟ୍ଟନାୟକ ଓ ବ୍ରଜମୋହନ ମହାନ୍ତି ଆଦି ଛାତ୍ର ନେତାମାନଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀର୍ଘ ବାରଦିନ ଯାଏଁ ରେଭେନ୍ସା କଲେଜରୁ ଚାନ୍ଦିନୀଚୌକ ପର୍ଯ୍ୟନ୍ତ ପ୍ରତ୍ୟେହ ଛାତ୍ରମାନଙ୍କର ଶୋଭାଯାତ୍ରା ଯାଉଥାଏ । ସରକାର ଏହି ଛାତ୍ର ଆନ୍ଦୋଳନ ପ୍ରତି କର୍ଣ୍ଣପାତ ନ କରିବାରୁ ଶେଷରେ ଛାତ୍ରସଂଗଠନ ଠିକ୍ କଲେ ୧୯୫୧ ଜୁଲାଇ ୧୭ ତାରିଖ ଦିନ ବିଧାନସଭା ଘେରାଉ କରିବେ । ସେତେବେଳେ ବିଧାନସଭା ରେଭେନ୍ସା କଲେଜ ହଲ୍‌ରେ ଅନୁଷ୍ଠିତ ହେଉଥାଏ । ସେହିଦିନ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ ବିଲ ବିଧାନସଭାରେ ପାସ୍ ହେବାକୁ ଥାଏ । ଛାତ୍ରମାନେ ବିଧାନସଭା ଭିତରକୁ ଯିବାପାଇଁ କାହାକୁ ଛାଡ଼ିଲେ ନାହିଁ । କେବଳ ଏମ୍.ଏଲ.ଏ ବିଜୟାନନ୍ଦ ପଟ୍ଟନାୟକ ଛାତ୍ରମାନଙ୍କ ଉପରେ ଚଢ଼ି ଚାଲିଗଲେ । ନବବାବୁ ମୁଖ୍ୟମନ୍ତ୍ରୀ ହିସାବରେ ପିଲାମାନଙ୍କୁ ବହୁତ ବୁଝାଇଲେ । ଫଳ କିଛି ହେଲାନାହିଁ । ଶେଷରେ ମୁଖ୍ୟମନ୍ତ୍ରୀ ସେଠାରୁ ଫେରିଆସିଲେ ।

ଛାତ୍ର ଧର୍ମଘଟର ସମାଧାନ ନିମନ୍ତେ ଆଡ୍‌ଭୋକେଟ୍ ଜେନେରାଲ୍ ବାଞ୍ଛାନିଧି ମହାପାତ୍ର, ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ଅଧ୍ୟାପକ ଶ୍ରୀରାମ ଦାସଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଲା । ହରେକୃଷ୍ଣ ମହତାବ ସେମାନଙ୍କ ସହ ସହଯୋଗ କଲେ । କିନ୍ତୁ କିଛି ନିଷ୍ପତ୍ତି ହୋଇପାରିଲା ନାହିଁ । ଶେଷରେ ରାଜେନ୍ଦ୍ର ପ୍ରସାଦ ଦାସ ଓ ଚନ୍ଦ୍ରମଣି ନାୟକ ଆଦି କେତେକ ଛାତ୍ରନେତା ଅଧ୍ୟାପକ ଶ୍ରୀରାମ ଦାସଙ୍କ ପରାମର୍ଶକ୍ରମେ ବିଜୁ ପଟ୍ଟନାୟକଙ୍କ ସହ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ । ଏଠାରେ ନିଷ୍ପତ୍ତି ହେଲା ଯେ ଟିଉସନ୍ ଫିସ୍ ଦୁଇଟଙ୍କା ବଦଳରେ ଟଙ୍କାଏ ବଢ଼ିବ । ହଷ୍ଟେଲ୍ ଫିସ୍ ଚାରିଟଙ୍କା ବଦଳରେ ଦୁଇଟଙ୍କା ବଢ଼ିବ । ଏହା ପରେ କଲେଜ ଶୀଘ୍ର ଖୋଲିବ । କିନ୍ତୁ ଏହି ନିଷ୍ପତ୍ତି ପରେ ପିଲାମାନଙ୍କ ମନ ପରିବର୍ତ୍ତନ ହେଲା ନାହିଁ । ସେମାନେ ପୁଣି ଆନ୍ଦୋଳନ ଅଭିମୁଖୀ ହେଲେ ।

ଜୁଲାଇ ୧୯ ତାରିଖରେ ନନ୍ଦିନୀ ଶତପଥୀ ଆଦି କେତେକ କମ୍ୟୁନିଷ୍ଟ ଛାତ୍ର ବିଧାନସଭା ଦ୍ୱାରଦେଶରେ ବସିରହିଲେ । ସରକାରଙ୍କ ତରଫରୁ ପୋଲିସ୍ ଲାଠିଚାର୍ଜ କଲା । ପାଣିଜେଟ୍ ମରାଗଲା । ଛାତ୍ରମାନଙ୍କୁ ଗିରଫ କରାଗଲା । ଅପରପକ୍ଷରୁ ମଧ୍ୟ ଢେଲାମାଡ଼ ହେଲା । ଜଣେ ସର୍ଜେଣ୍ଟଙ୍କ ନାକ ଫାଟିଲା । ସେ ରିଭଲଭର୍ ଚଳାଇଲେ । ସ୍ୱସ୍ତି ମହାପାତ୍ରଙ୍କ ଗୋଡ଼ରେ ଗୁଳି ବାଜିଲା । ବହୁ ଲୋକ ହତାହତ ହେଲେ । ସଂଧ୍ୟା ୬ଟା ଯାଏଁ ଏପରି ପରିସ୍ଥିତି ଲାଗି ରହିଲା । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଛାତ୍ରମାନେ ପରଦିନ ଅନଶନ କରି ଗିରଫ ହେଲେ । ସେମାନେ ଜାମିନରେ ଖଲାସ ହୋଇ ବି ପାଠପଢ଼ାରୁ ବଂଚିତ ହେଲେ । କେତେକ ଦୁଇ ବର୍ଷ ପାଇଁ କଲେଜରୁ ବହିଷ୍କୃତ ହେଲେ । ସରକାର ଏହାଦ୍ୱାରା ବଦନାମ୍ ହେଲେ । ('ଅନିର୍ବାଣ'ରୁ ସଂଗୃହୀତ)

ଏହା ପରେ ଆସିଲା ପ୍ରଥମ ସାଧାରଣ ନିର୍ବାଚନ । ଉପରୋକ୍ତ କାରଣଗୁଡ଼ିକ ପାଇଁ ସରକାର ବଦନାମ ହୋଇଥିଲେ, ଏଣୁ ନିର୍ବାଚନରେ କଂଗ୍ରେସ ୧୪୦ଟି ଆସନରୁ ୬୭ ଆସନ ପାଇ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବରେ ବିବେଚିତ ହେଲା । ସାତଜଣ ସ୍ୱାଧୀନ ସଦସ୍ୟଙ୍କ ସମର୍ଥରେ ୧୯୫୨ ମସିହା ଫେବ୍ରୁଆରି ୨୦ ତାରିଖ ଦିନ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ ।

## ନବକୃଷ୍ଣ ଚୌଧୁରୀଙ୍କ ଦ୍ୱିତୀୟ ମନ୍ତ୍ରିମଣ୍ଡଳ :

**ନବକୃଷ୍ଣ ଚୌଧୁରୀ** : (ମୁଖ୍ୟମନ୍ତ୍ରୀ)- ଗୃହନିର୍ମାଣ, ଉନ୍ନୟନ, ନଦୀ ଉପତ୍ୟକା ବିକାଶ, ରିଲିଫ୍, ପୁନର୍ବସତି ଓ ଲୋକସମ୍ପର୍କ
**ସଦାଶିବ ତ୍ରିପାଠୀ** : ରାଜସ୍ୱ, ଅବକାରୀ ଓ ଯୋଗାଣ ବିଭାଗ ମନ୍ତ୍ରୀ
**ରାଜା ସାହେବ କିଶୋର ଚନ୍ଦ୍ର ଦେଓଭଞ୍ଜ-** : ଶିଳ୍ପ ଓ ପରିବହନ ମନ୍ତ୍ରୀ
**ସୁନାରାମ ସୋରେନ୍** : ଆଦିବାସୀ ଓ ଗ୍ରାମ ବିକାଶ, ଶ୍ରମ ଓ ବାଣିଜ୍ୟ ମନ୍ତ୍ରୀ
**ରାଧାନାଥ ରଥ** : ଅର୍ଥ ଓ ଶିକ୍ଷା ମନ୍ତ୍ରୀ
**ସତ୍ୟପ୍ରିୟ ମହାନ୍ତି** : ଆଇନ୍, ଘରୋଇ ଓ ସ୍ୱାସ୍ଥ୍ୟ

**ଉପମନ୍ତ୍ରୀ :**

| | | |
|---|---|---|
| **ବସନ୍ତ ମଂଜରୀ ଦେବୀ** | : | ସ୍ୱାସ୍ଥ୍ୟ |
| **ଭୈରବ ଚରଣ ମହାନ୍ତି** | : | ଗୃହ ନିର୍ମାଣ |
| **ନୀଳମଣି ରାଉତରାୟ** | : | ଘରୋଇ |
| **ଅନୁପ ସିଂହଦେଓ** | : | ଲୋକସମ୍ପର୍କ, ରିଲିଫ୍, ପୁନର୍ବସତି ଓ ପଶୁପାଳନ |
| **ଶାନ୍ତନୁ କୁମାର ଦାସ** | : | ସ୍ୱାୟତ୍ତଶାସନ, ସମବାୟ ଓ ମତ୍ସ୍ୟ |
| **ତୀର୍ଥବାସୀ ପ୍ରଧାନ** | : | ପରିବହନ ଓ ଜଙ୍ଗଲ |
| **କୃପାନିଧି ନାୟକ** | : | ଯୋଗାଣ ଓ କୃଷି |

ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ ଭାବରେ ରଣପୁରର ରାଜମାତା ବସନ୍ତ ମଂଜରୀ ଦେବୀ ଶପଥ ଗ୍ରହଣ କଲେ । ଓଡ଼ିଶାର ଦୁଇଜଣ ଆଦିବାସୀ ନେତା ସୁନାରାମ ସୋରେନ (ବାହଲଦା) ଓ କୃପାନିଧି ନାୟକ (ସୁନ୍ଦରଗଡ଼)ଙ୍କୁ ମନ୍ତ୍ରିମଣ୍ଡଳରେ ଯଥାକ୍ରମେ କ୍ୟାବିନେଟ ମନ୍ତ୍ରୀ ଓ ଉପମନ୍ତ୍ରୀ ଭାବରେ ଗ୍ରହଣ କରାଗଲା । ସେହିପରି ଓଡ଼ିଶାର ଜଣେ ଅଗ୍ରଗଣ୍ୟ ହରିଜନ ନେତା (ଦଳିତ ଜାତିର) ଶାନ୍ତନୁ କୁମାର ଦାସଙ୍କୁ ଉପମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳରେ ସ୍ଥାନ ପ୍ରଦାନ କରାଗଲା ।

କଂଗ୍ରେସର ତତ୍‌କାଳୀନ ବିଶିଷ୍ଟ ଯୁବ ଓ ବିପ୍ଳବୀ ନେତା ବିଜୟାନନ୍ଦ ପଟ୍ଟନାୟକ ଗଂଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ନିର୍ବାଚନମଣ୍ଡଳୀରୁ, ବୀରେନ୍ ମିତ୍ର ମର୍ଯ୍ୟାଦାପୂର୍ଣ୍ଣ କଟକ ନଗର ଆସନରୁ, ବିଜୟ କୁମାର ପାଣି, ଝାରସୁଗୁଡ଼ା- ରମ୍ପେଲା ନିର୍ବାଚନମଣ୍ଡଳୀରୁ, ପବିତ୍ର ମୋହନ ପ୍ରଧାନ ତାଳଚେରରୁ ଓ ଚକ୍ରଧର ବେହେରା ଚାନ୍ଦବାଲିରୁ ନିର୍ବାଚିତ ହୋଇ ଆସିଥିଲେ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ନଥିଲେ ।



**ନବକୃଷ୍ଣ ଚୌଧୁରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ**


## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ସ୍ଥାନ :

ପ୍ରଥମ ସାଧାରଣ ନିର୍ବାଚନରେ କଟକ ଲୋକସଭା ଆସନରୁ ହରେକୃଷ୍ଣ ମହତାବ ବିଜୟୀ ହେଲେ। ସମସ୍ତେ ଆଶା କରିଥିଲେ ଯେ, ଦ୍ୱିତୀୟଥର ପାଇଁ ହରେକୃଷ୍ଣ ମହତାବ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ। କିନ୍ତୁ ପଣ୍ଡିତ ଜବାହାରଲାଲ ତାଙ୍କୁ ମନ୍ତ୍ରିମଣ୍ଡଳରେ ଆଉ ଗ୍ରହଣ କଲେ ନାହିଁ। ଜଣାଯାଏ, ମହତାବ କେନ୍ଦ୍ରରେ ଶିଳ୍ପମନ୍ତ୍ରୀ ଥିବା ସମୟରେ (୧୯୫୦-୫୨) କେତେକ ଶିଳ୍ପପତିଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥିଲେ ବୋଲି ତାଙ୍କ ନାମରେ ଅଭିଯୋଗ ଆସିଥିଲା। ପୁଣି ଶୁଣାଯାଏ ଯେ ମହତାବ ଏହି ସମୟରେ ଅନ୍ୟ ମନ୍ତ୍ରଣାଳୟରେ ମଧ୍ୟ ଅଯଥା ହସ୍ତକ୍ଷେପ କରୁଥିଲେ। ଏଥିପାଇଁ ନେହରୁ ତାଙ୍କ ଉପରେ ସନ୍ତୁଷ୍ଟ ନଥିଲେ। ତାଙ୍କୁ ମନ୍ତ୍ରିମଣ୍ଡଳରେ ଗ୍ରହଣ ନକଲେ ମଧ୍ୟ ପଣ୍ଡିତ ନେହରୁ ତାଙ୍କୁ କଂଗ୍ରେସ ଦଳର ସାଂଗଠନିକ ଦାୟିତ୍ୱ ପ୍ରଦାନ କରିଥିଲେ। ଦଳରେ ପ୍ରଥମଥର ପାଇଁ ସେକ୍ରେଟାରୀ ଜେନେରାଲ୍ ପଦବୀ ସୃଷ୍ଟି କରାଯାଇ ହରେକୃଷ୍ଣ ମହତାବଙ୍କୁ ସେହି ପଦବୀରେ ଅବସ୍ଥାପିତ କରାଗଲା। ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଲେ ଯେ ପ୍ରତ୍ୟେକ କ୍ୟାବିନେଟ ମନ୍ତ୍ରୀ ସେମାନଙ୍କ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ବିଚାର ଆଲୋଚନା ନିମନ୍ତେ ସେକ୍ରେଟାରୀ ଜେନେରାଲଙ୍କ ସହ ପରାମର୍ଶ କରିବାକୁ ବାଧ୍ୟ। ଏହାଦ୍ୱାରା କଂଗ୍ରେସ ଦଳରେ ଶୃଙ୍ଖଳା ପରିଲକ୍ଷିତ ହେବା ସହ ପ୍ରତ୍ୟେକ କାର୍ଯ୍ୟର ମାନରେ ଉନ୍ନତି ଘଟିଥିଲା। ହରେକୃଷ୍ଣ ମହତାବ ୧୯୫୨-୫୫ ଯାଏଁ ଏହି ପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ କରି ଯଶସ୍ୱୀ ହୋଇଥିଲେ।


ନିତ୍ୟାନନ୍ଦ କାନୁନ୍‌ଗୋ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇ ଓଡ଼ିଶାରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ। ସେ ସଂସ୍କୃତି ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ସମୟରେ ଓଡ଼ିଶାର ରାଜ୍ୟପାଳ :

ମାନ୍ୟବର ଏସ୍. ଆସଫ୍. ଅଲ୍ଲି ୨୧.୬.୧୯୪୮ରେ ଓଡ଼ିଶାର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କଲେ । ୬.୫.୧୯୫୧ରୁ ୧୭.୭.୧୯୫୧ ଯାଏଁ ସେ ଛୁଟିରେ ରହିବାରୁ ତାଙ୍କ ସ୍ଥାନରେ ଭି.ପି. ମେନନ୍ କାର୍ଯ୍ୟକାରୀ ରାଜ୍ୟପାଳ ଭାବରେ ଦାୟିତ୍ୱରେ ଥିଲେ। ଆସଫ୍ ଅଲି ୧୮.୭.୧୯୫୧ରେ କାର୍ଯ୍ୟରେ ଯୋଗଦେଇ ୬.୬.୧୯୫୨ ଯାଏ ଓଡ଼ିଶାର ରାଜ୍ୟପାଳ ରହିଲେ । ଏହା ପରେ ମାନ୍ୟବର ସୟଦ ଫଜଲ ଅଲି, ବାରିଷ୍ଟର ଆଟ-ଲ' ୭.୬.୧୯୫୨ରେ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରି ୯.୨.୧୯୫୪ ଯାଏ କାର୍ଯ୍ୟ କରିଥିଲେ। ୧୦.୨.୧୯୫୪ରେ ପି.ଏସ୍. କୁମାର ସ୍ୱାମୀରାଜା ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ଗ୍ରହଣକରି ୧୧.୯.୧୯୫୬ ଯାଏ କାର୍ଯ୍ୟ କରିଥିଲେ। ୧୨.୯.୧୯୫୬ରେ ଭୀମସେନ ସାଚାର ଓଡ଼ିଶାର ରାଜ୍ୟପାଳ ହୋଇ ଆସି ୩୧.୭. ୧୯୫୭ ଯାଏ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହାଙ୍କ ସମୟରେ ନବକୃଷ୍ଣ ଚୌଧୁରୀ ୧୯୫୬ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ।




ସୟଦ ଫଜଲ ଅଲି



ଭୀମସେନ୍ ସାଚାର



ଭି.ପି ମେନନ୍



ପି.ଏସ୍. କୁମାରସ୍ୱାମୀ ରାଜା

## ଓଡ଼ିଶାରେ ପଞ୍ଚବାର୍ଷିକ ଯୋଜନାର ଅଗ୍ରଦୂତ ନବକୃଷ୍ଣ ଚୌଧୁରୀ :

ଓଡ଼ିଶାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା (୧୯୫୦-୧୯୫୬)କୁ କାର୍ଯ୍ୟକାରୀ କରିବାପାଇଁ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ସେତେବେଳେ କୃଷି ଇଂଜିନିୟରିଂ ଶିକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶାରେ କୌଣସି ଅନୁଷ୍ଠାନ ନଥିଲା । କେବଳ କଟକର ଇଂଜିନିୟରିଂ ସ୍କୁଲ ଓ କଟକ ମେଡ଼ିକାଲ କଲେଜ ଥିଲା ଦୁଇଟି ମାତ୍ର ଉଚ୍ଚବୈଷୟିକ ଶିକ୍ଷାନୁଷ୍ଠାନ । ପ୍ରଥମ ପଂଚବାର୍ଷିକ ଯୋଜନାରେ କୃଷିକୁ ଅଗ୍ରାଧିକାର ଦିଆଯାଇଥିବାରୁ ଶ୍ରୀ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳ ଓଡ଼ିଶାରେ ସର୍ବପ୍ରଥମେ ଗୋଟିଏ କୃଷି କଲେଜ ଓ ଗୋଟିଏ ପଶୁପାଳନ ଓ ପଶୁଚିକିତ୍ସା କଲେଜ ପ୍ରତିଷ୍ଠା କଲେ । ଏଠାରେ ଉନ୍ନତ ଧରଣର କୃଷିପଦ୍ଧତି ପ୍ରବର୍ତ୍ତନ ହେଲା । କୃଷି ଉତ୍ପାଦନ ବୃଦ୍ଧି ପାଇଲା ।

## ଶିଳ୍ପ ପ୍ରସାର :

ମୂଳଧନ ଅଭାବରୁ ଓଡ଼ିଶାରେ ଯୁବକମାନେ ଶିଳ୍ପ ପ୍ରତିଷ୍ଠାପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ । ଫଳରେ ନବବାବୁଙ୍କ ମନ୍ତ୍ରିମଣ୍ଡଳ ପ୍ରଥମେ କଟକ ମଧୁପାଟଣାଠାରେ 'ପଥପ୍ରଦର୍ଶନ ଶିଳ୍ପ ଯୋଜନା' ଆରମ୍ଭ କଲେ । ଏହି ଯୋଜନା ଅନୁଯାୟୀ ଶିଳ୍ପ କାରଖାନା ସ୍ଥାପନରେ ସରକାର ୯୦ ଭାଗ ଅର୍ଥ ବିନିଯୋଗ କରିବେ । ଶିଳ୍ପୋଦ୍ୟୋଗୀମାନେ ୧୦ ଭାଗ ଅର୍ଥ ବିନିଯୋଗ କରି ଅଂଶୀଦାର ହେବାର ସୁବିଧା ପାଇବେ । କାଳକ୍ରମେ ଅଂଶୀଦାରମାନେ କାରଖାନାର ସମସ୍ତ ଅଂଶ କିଣିନେଇ ମାଲିକ ହେବାର ପରିକଳ୍ପନା ରହିଥିଲା ।

ଏହା ବ୍ୟତୀତ ଡୁଡୁମା, ହୀରାକୁଦ ଜଳବିଦ୍ୟୁତ ଯୋଜନା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ଚୌଦ୍ୱାରଠାରେ ଗୋଟିଏ କାଗଜକଳ, କେନ୍ଦୁଝରର ଯୋଡ଼ା ଓ କୋରାପୁଟର ରାୟଗଡ଼ାଠାରେ ଫେରୋମାଙ୍ଗାନିଜ କାରଖାନା ଶିଳ୍ପପତିମାନଙ୍କଦ୍ୱାରା ପ୍ରତିଷ୍ଠା ସମ୍ଭବ ହେଲା ।

## ରାଉରକେଲା ଇସ୍ପାତ କାରଖାନା ଓ ହୀରାକୁଦ ବନ୍ଧ ନିର୍ମାଣ :

ରାଉରକେଲା ଇସ୍ପାତ୍ କାରଖାନା ଓ ହୀରାକୁଦ ବନ୍ଧ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରେ ଆରମ୍ଭ ହୋଇ ଶେଷ ହୋଇଥିଲା । ଏହି ଦୁଇଟି ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ଦାନ ଅତୁଳନୀୟ । ଭାରତର ପ୍ରଥମ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ନିଜ ରାଜ୍ୟରେ ନିର୍ମାଣ ପାଇଁ ସେତେବେଳର ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ପ୍ରଭାବଶାଳୀ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀ ନେହରୁଙ୍କୁ ପ୍ରଭାବିତ କରିବାପାଇଁ ବହୁ ଚେଷ୍ଟା ଅବ୍ୟାହତ ରଖିଥିଲେ । କିନ୍ତୁ ନବକୃଷ୍ଣ ଚୌଧୁରୀଙ୍କ ପ୍ରତି ପଣ୍ଡିତ ନେହରୁଙ୍କର ଅତୀବ ଶ୍ରଦ୍ଧା ଥିବାରୁ ଶେଷରେ ରାଉରକେଲାରେ ହିଁ ଏହି ଇସ୍ପାତ କାରାଖାନା ନିର୍ମାଣ ପାଇଁ ସ୍ଥିର ହେଲା । ବୈଦେଶିକ ବିଶେଷଜ୍ଞମାନେ ମଧ୍ୟ ରାଉରକେଲାକୁ ଉପଯୁକ୍ତ ସ୍ଥାନ ବୋଲି ନିରୂପିତ କରିଥିଲେ । ହୀରାକୁଦ ବହୁମୁଖୀ ଯୋଜନାର ନିର୍ମାଣ କାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ଚୌଧୁରୀ ବ୍ୟକ୍ତିଗତ ଭାବରେ ଦୃଷ୍ଟି ପ୍ରଦାନ କରିଥିଲେ । ବୁଡ଼ି ଅଞ୍ଚଳର ଲୋକଙ୍କ



**ନେହେରୁଙ୍କ ହୀରାକୁଦ ନଦୀବନ୍ଧ ପରିଦର୍ଶନ (୧୯୫୭)**

ଥଇଥାନ ପାଇଁ ସେ ବହୁ କଷ୍ଟ ସ୍ୱୀକାର କରିଥିଲେ । ବିଧାନସଭାରେ ଓ ସମ୍ବଲପୁର ଅଂଚଳରେ ଏଥିପାଇଁ ତୀବ୍ର ଆନ୍ଦୋଳନ ଦେଖାଦେଇଥିଲା ।

ଏହି ଦୁଇଟି ଯୋଜନା ଉଦ୍‌ଘାଟନ ବେଳକୁ ଶାସନ ଦାୟିତ୍ୱରେ ନବବାବୁ ନଥିଲେ । ନବବାବୁ ମୁଖ୍ୟମନ୍ତ୍ରୀ ପଦରୁ ୧୯୫୬ ଅକ୍ଟୋବର ମାସରେ ଇସ୍ତଫା ପ୍ରଦାନ କରିଥିଲେ । ଏହାର ଚାରିମାସ ପରେ ଅର୍ଥାତ୍ ୧୯୫୭ ମାର୍ଚ୍ଚ ମାସରେ ହୀରାକୁଦ ବନ୍ଧ ଉଦ୍‌ଘାଟିତ ହୋଇଥଲା ।

## ଶାସନ ବିକେନ୍ଦ୍ରୀକରଣ :

ଶାସନର ବିକେନ୍ଦ୍ରୀକରଣ କରି ଜନସାଧାରଣଙ୍କୁ କ୍ଷମତାର ଅଂଶୀଦାର କରିବା ନବକୃଷ୍ଣ ଚୌଧୁରୀଙ୍କର ପରିକଳ୍ପନା ଥିଲା । ଏହି ପରିକଳ୍ପନା ଅନୁଯାୟୀ ଓଡ଼ିଶାକୁ ବିଭିନ୍ନ ଅଞ୍ଚଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଅଂଚଳର ଲୋକପ୍ରତିନିଧିଙ୍କୁ ଘେନି ଏକ ଅଂଚଳସଭା ଗଠିତ ହେବ । ଅଂଚଳସଭା ରାଜସ୍ୱ ଆଦାୟ କରି ଅଂଚଳର ସମସ୍ତ ଉନ୍ନୟନ ଦାୟିତ୍ୱ ବହନକରିବ । ୧୯୫୬ରେ ନବବାବୁ ଏଥିପାଇଁ ବିଧିବଦ୍ଧ ଆଇନପ୍ରଣୟନ କରିଥିଲେ । ଶାସନରେ ଥିବା ନେତା ଓ ରାଜ୍ୟର ଅମଲାତନ୍ତ୍ରର ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏହାର ପାଂଚବର୍ଷ ପରେ ବଳବନ୍ତରାୟ ମେହେଟ୍ଟା କମିଟି ସୁପାରିସରେ ଅଂଚଳ ଶାସନ କ୍ଷମତାକୁ ସଂକୁଚିତ କରାଯାଇ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଗଲା ।

ନବବାବୁଙ୍କ ଶାସନ ସମୟରେ ୧୯୫୫ ମସିହା ସେପ୍ଟେମ୍ବର ମାସରେ କାଠଯୋଡ଼ି ନଦୀର ଶାଖା ନଦୀରେ ପ୍ରବଳ ବନ୍ୟା ହେଲା । କଟକ ଜିଲ୍ଲାର ବରଡ଼ାଠାରେ ନଦୀବନ୍ଧ ଭାଙ୍ଗିଗଲା । ବଡ଼ଘାଇ ହୋଇଗଲା । ଏହା ଦଳେଇଘାଇ ଭାବରେ ଜଣାଶୁଣା । ଜଗତସିଂହପୁର ଅଂଚଳ

ବନ୍ୟାଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହେଲା । ହଜାର ହଜାର ଲୋକ ଗୃହଶୂନ୍ୟ ହେଲେ ।  ହଜାର ହଜାର ଏକର ଜମି ବାଲିଚର ହୋଇଗଲା । ଏହା ମନୁଷ୍ୟକୃତ ବନ୍ୟା ଥିଲା ବୋଲି ବଡ଼ନେତା ଜଣେ ଗୁପ୍ତ ରିପୋର୍ଟ ପ୍ରଦାନ କଲେ । ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରିପାଇଁ ଏହି ନେତାଜଣକ ମଧ୍ୟ ସୁପାରିସ କଲେ ।  ରାଜ୍ୟର ଗଣତାନ୍ତ୍ରିକ ସରକାର ଲୋକଙ୍କ ଦୁଃଖଦୁର୍ଦ୍ଦଶାରେ ସହାୟକ ହୋଇପାରିନାହାନ୍ତି ବୋଲି ଚାରିଆଡ଼େ ପ୍ରଚାର ଚାଲିଲା । ବସ୍ତୁତଃ ଏହାଥିଲା ନବକୃଷ୍ଣ ଚୌଧୁରୀଙ୍କ ଶାସନ ବିରୋଧରେ ଏକ ଚକ୍ରାନ୍ତ ।

୧୯୫୫ ମସିହା ନଭେମ୍ବର ମାସରେ ସୀମା କମିଶନ ରିପୋର୍ଟ ପ୍ରକାଶ ପାଇଲା । ଷଢ଼େଇକଳା ଓ ଖରସୁଆଁ ବିହାରରେ ମିଶିଲା । ଏଥିପାଇଁ ରାଜ୍ୟର ଚାରିଆଡ଼େ ଜନ ଅସନ୍ତୋଷ ବ୍ୟାପିଲା । ପ୍ରାଦେଶିକ କଂଗ୍ରେଦଳ ତରଫରୁ ପ୍ରସ୍ତାବ ଗ୍ରହଣ କରାଗଲା ଯେ, ଏପରି ପରିସ୍ଥିତିରେ କଂଗ୍ରେସଦଳ ଶାସନ ଚଳାଇବା ସମ୍ଭବ ନୁହେଁ; ଫଳରେ ମନ୍ତ୍ରୀମାନେ ସମୂହ ଇସ୍ତଫା ପ୍ରଦାନ କଲେ । ହେଲେ କେନ୍ଦ୍ର ସରକାର ଓଡ଼ିଆବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଲେ ନାହିଁ । ଚାରିଆଡ଼େ ଅସନ୍ତୋଷର ବହ୍ନି ଜଳିଲା । କଟକ ଓ ପୁରୀରେ ଏହି ଆନ୍ଦୋଳନ ବ୍ୟାପକ ହେଲା ।  ସବୁ ଶ୍ରେଣୀର ଲୋକେ ଏଥିରେ  ଯୋଗଦେଲେ । ପୁରୀ ରେଳ ଷ୍ଟେସନ୍‌ରେ ନିଆଁ ଲଗାଇ ଦିଆଗଲା । କଟକ ରେଡ଼ିଓ ଷ୍ଟେସନ୍‌କୁ ବନ୍ଦ କରିଦେବା ପାଇଁ ଆନ୍ଦୋଳନକାରୀମାନେ ଉଦ୍ୟମ କଲେ । ସେତେବେଳେ ମୁଖ୍ୟମନ୍ତ୍ରୀ ଥିଲେ ଦିଲ୍ଲୀରେ । ଅନ୍ୟ ମନ୍ତ୍ରୀମାନେ କିଏ କୁଆଡ଼େ ପଳାଇଲେ । ଅବସ୍ଥା ଅଣାୟତ୍ତ ହେଲା  । ଫଳରେ ପୋଲିସ୍ ଗୁଳି ଚଳାଇବାକୁ ବାଧ୍ୟ ହେଲା । ପୋଲିସ୍ ଗୁଳିରେ କଟକରେ ସୁନୀଲ ଦେ ଓ ପୁରୀରେ ବେଙ୍ଗପାଣିଆଙ୍କର ମୃତ୍ୟୁ ଘଟିଲା ।

ଏହି ଘଟଣାରେ ନବକୃଷ୍ଣ ଚୌଧୁରୀ ସରକାର ନିନ୍ଦିତ ଓ ବଦନାମ ହେଲେ । ତାଙ୍କ ସରକାର ଦୁର୍ବଳ ସରକାର ବୋଲି ଚାରିଆଡ଼େ ପ୍ରଚାର ହେଲା ।

+++

## ଦ୍ୱାଦଶ ପରିଚ୍ଛେଦ

# ନବକୃଷ୍ଣ ଚୌଧୁରୀଙ୍କ ଇସ୍ତଫା ଓ ଦ୍ୱିତୀୟ ସାଧାରଣ ନିର୍ବାଚନ

ଷଢ଼େଇକଳା-ଖରସୁଆଁ ଓଡ଼ିଶାରୁ ଚାଲିଗଲା । ଓଡ଼ିଶାରେ ଜୋର୍‌ଦାର ସୀମା ଆନ୍ଦୋଳନ ହେଲା । ଏହି ଆନ୍ଦୋଳନଯୋଗୁଁ କଟକର ଯୁବକ ସୁନୀଲ୍ ଦେ ଓ ପୁରୀର କିଶୋର ବେଙ୍ଗପାଣିଆ ପୁଲିସ୍ ଗୁଳିରେ ମୃତ୍ୟୁବରଣ କଲେ । କେନ୍ଦ୍ର ସରକାର କୌଣସି ସୁବିଚାର କଲେ ନାହିଁ । ଫଳରେ ବିରୋଧିଦଳ ଏହାର ଫାଇଦା ଉଠାଇଲେ । ଆନ୍ଦୋଳନ ସେମାନଙ୍କ ହାତକୁ ଚାଲିଗଲା । ବିରୋଧିଦଳମାନେ ଓଡ଼ିଶାକୁ ଭାରତବର୍ଷରୁ ପୃଥକ କରିଦେବା ପାଇଁ ଧ୍ୱନି ଦେଲେ । ସୀମା ଆନ୍ଦୋଳନ ନିମନ୍ତେ ନବକୃଷ୍ଣ ଚୌଧୁରୀ ସରକାର ବଦନାମ ହେଲା । କାନ୍ଥବାଡ଼ରେ ଲେଖାହେଲା, ''ନବକୃଷ୍ଣ ଚୌଧୁରୀ ବରଗଛ ଦେଖି ଦଉଡ଼ି ଦିଅ ।'' ପ୍ରଥମେ ଏହି ସୀମା ଆନ୍ଦୋଳନ ଥିଲା ଭାରତସରକାରଙ୍କ ବିରୁଦ୍ଧରେ । ହଠାତ୍ ମୋଡ଼ ବଦଳି ଯାଇ ଏହା ଓଡ଼ିଶା ସରକାର ଓ ନବବାବୁଙ୍କ ବିରୋଧୀ ହୋଇଗଲା ।

ସଭାସମିତିରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ପୂରେଇ ଦିଆଗଲା ନାହିଁ । ମୁଖ୍ୟମନ୍ତ୍ରୀ ରେଭେନ୍‌ସା କଲିଜିଏଟ୍ ସ୍କୁଲ୍‌ର ପୁରସ୍କାର ବିତରଣ ଉତ୍ସବକୁ ଯାଇ ଟେକାମାଡ଼ ଖାଇଲେ । କଂଗ୍ରେସଦଳ ଭିତରେ ମଧ୍ୟ ନବବାବୁଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଜୋରସୋର ଉଦ୍ୟମ ଚାଲିଥାଏ । ତାଙ୍କ ଜାଗାରେ ହରେକୃଷ୍ଣ ମହତାବଙ୍କୁ ମୁଖ୍ୟମନ୍ତ୍ରୀ କରି ଆଣିବାପାଇଁ ଗୋଟିଏଗୋଷ୍ଠୀ ଉଦ୍ୟମ କରୁଥାଆନ୍ତି । ସେତେବେଳେ ମହତାବବାବୁ ଥାଆନ୍ତି ବମ୍ବେ ପ୍ରଦେଶର ରାଜ୍ୟପାଳ । ମୁଖ୍ୟମନ୍ତ୍ରୀ ପଦରେ ନରହିବା ପାଇଁ ନବବାବୁ ବହୁତ ଥର ପଣ୍ଡିତ ନେହେରୁଙ୍କୁ ପତ୍ର ଲେଖି ଜଣାଇଥାଆନ୍ତି- ବିଶ୍ୱନାଥ ଦାସଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ପାଇଁ । ପଣ୍ଡିତ ନେହେରୁ ରାଜି ନଥାନ୍ତି । କାରଣ ସେ ବିଶ୍ୱନାଥ ଦାସଙ୍କ ଉପରେ ସନ୍ତୁଷ୍ଟ ନଥିଲେ ।

ତା'ପରେ ନାମ ଉଠିଲା ନିତ୍ୟାନନ୍ଦ କାନୁନ୍‌ଗୋଙ୍କର । ନିତ୍ୟାନନ୍ଦ ବାବୁଙ୍କ ନାମ ଉଠାଇଥିଲେ ମୌଲାନା ଆବୁଲ୍ କଲାମ ଆଜାଦ୍ । ହେଲେ ନିତ୍ୟାନନ୍ଦବାବୁ ଏହି ପ୍ରସ୍ତାବରେ ରାଜି ନ ହୋଇ ହରେକୃଷ୍ଣ ମହତାବଙ୍କ ନାମ ନିଜ ଆଡୁ ପ୍ରସ୍ତାବ କଲେ । ପଣ୍ଡିତ ନେହେରୁ ବଡ଼ ଅଡୁଆରେ ପଡ଼ିଲେ । ନବବାବୁଙ୍କୁ ବୁଝାଇବା ପାଇଁ ସେ ତାଙ୍କର ପତ୍ନୀ ମାଳତୀଦେବୀଙ୍କୁ ପତ୍ର ଲେଖିଲେ । କଂଗ୍ରେସ ସଭାପତି ଧେବର ଓ ପଣ୍ଡିତ ନେହେରୁ ଚାହୁଁଥାଆନ୍ତି- ଆଗକୁ ୧୯୫୭ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯାଏ ଅନ୍ତତଃ ନବବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ରହିଯାଆନ୍ତୁ । ତାହା ହେଲା ନାହିଁ । ନବବାବୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ଆପାତତଃ ନାପସନ୍ଦ କରୁଥିଲେ । ପଣ୍ଡିତ ନେହେରୁ ନବକୃଷ୍ଣ ଚୌଧୁରୀଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କର ଇଚ୍ଛା ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ନ ଛାଡ଼ନ୍ତୁ ।

କଂଗ୍ରେସ ହାଇକମାଣ୍ଡ ଶେଷରେ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତୃତ୍ୱ ପରିବର୍ତ୍ତନ ପାଇଁ ବାଧ୍ୟହୋଇ ରାଜିହେଲେ । ନବବାବୁ ତାଙ୍କର ସମସ୍ତ ପରିକଳ୍ପିତ କାର୍ଯ୍ୟକ୍ରମକୁ ଓଡ଼ିଶାର ଭବିଷ୍ୟତ ନେତୃବର୍ଗଙ୍କ ହସ୍ତରେ ଅର୍ପଣ କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ସେଦିନ ଥିଲା ୧୯୫୬ ମସିହା ଅକ୍ଟୋବର ୧୯ ତାରିଖ । ହରେକୃଷ୍ଣ ମହତାବ ବମ୍ବେ ରାଜ୍ୟପାଳ ପଦବୀରୁ ଇସ୍ତଫାଦେଇ ସେହିଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କଲେ ଦ୍ୱିତୀୟଥର ପାଇଁ । ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ଭୀମସେନ ସାଚାର ତାଙ୍କୁ ଶପଥପାଠ କରାଇଲେ । ତାଙ୍କ ନେତୃତ୍ୱରେ ନୂତନ ମନ୍ତ୍ରିମଣ୍ଡଳ ଶପଥନେଲା । ସେଥିରେ ରହିଲେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଚାରିଜଣ କ୍ୟାବିନେଟମନ୍ତ୍ରୀ ଓ ପାଞ୍ଚଜଣ ଉପମନ୍ତ୍ରୀ । ପୂର୍ବରୁ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା କ୍ୟାବିନେଟ୍ ମନ୍ତ୍ରୀ ସଦାଶିବ ତ୍ରିପାଠୀ ଓ ସୁନାରାମ ସୋରେନ୍ ଏବଂ ଉପମନ୍ତ୍ରୀ ଭୈରବ ଚନ୍ଦ୍ର ମହାନ୍ତି ଓ ତୀର୍ଥବାସୀ ପ୍ରଧାନଙ୍କୁ ମନ୍ତ୍ରିମଣ୍ଡଳରେ ହରେକୃଷ୍ଣ ମହତାବ ଗ୍ରହଣ କଲେନାହିଁ । ତାଙ୍କ ମନ୍ତ୍ରିମଣ୍ଡଳରେ ଯେଉଁମାନେ ସ୍ଥାନ ପାଇଲେ, ସେମାନେ ହେଲେ ନିଜେ ହରେକୃଷ୍ଣ ମହତାବ- ମୁଖ୍ୟମନ୍ତ୍ରୀ, ରାଜନୈତିକ ବ୍ୟାପାର ବିଭାଗ, ଅର୍ଥ, ଶିକ୍ଷା ଓ ସ୍ୱାସ୍ଥ୍ୟ, ଆଦିବାସୀ, ଗ୍ରାମମଙ୍ଗଳ ଓ ଶ୍ରମବିଭାଗ; ରାଧାନାଥ ରଥ- ମନ୍ତ୍ରୀ, ପରିବହନ ଓ ନିର୍ମାଣ, କୃଷି, ସମବାୟ ଓ ଜଙ୍ଗଲ, ଯୋଗାଣ, ବାଣିଜ୍ୟ ଏବଂ ରିଲିଫ୍ ଓ ପୁର୍ନବସତି; ଶ୍ରୀସତ୍ୟପ୍ରିୟ ମହାନ୍ତି- ମନ୍ତ୍ରୀ, ରାଜସ୍ୱ- ଅବକାରୀ, ଘରୋଇ ଏବଂ ଆଇନ; ରାଜାସାହେବ୍ କିଶୋରଚନ୍ଦ୍ର ଦେଓଭଞ୍ଜ- ମନ୍ତ୍ରୀ ଶିଳ୍ପ, ଖଣି ଓ ଭୂତତ୍ତ୍ୱ । ଉପମନ୍ତ୍ରୀମାନେ ହେଲେ ଶ୍ରୀମତୀ ବସନ୍ତ ମଞ୍ଜରୀ ଦେବୀ- ସ୍ୱାସ୍ଥ୍ୟ, ନୀଳମଣି ରାଉତରାୟ- ଘରୋଇ ଓ ଶିଳ୍ପ; କୃପାନିଧି ନାୟକ- କୃଷି, ପଶୁପାଳନ, ବିପଣନ ସଂଗଠନ ଓ ଯୋଗାଣ; ଅନୁପ ସିଂହଦେଓ- ଆଦିବାସୀ, ଗ୍ରାମମଙ୍ଗଳ ଓ ଶ୍ରମ ଏବଂ ଶାନ୍ତନୁ କୁମାର ଦାସ- ସମବାୟ, ମତ୍ସ୍ୟ, ରିଲିଫ୍ ଓ ପୁନର୍ବସତି । ଏହି ମନ୍ତ୍ରୀ ଓ ଉପମନ୍ତ୍ରୀମାନେ ପୂର୍ବରୁ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ରହିଥିଲେ ।

ମହତାବ ବାବୁ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ନୂତନ ଭାବରେ ପଲ୍‌ଟିକାଲ୍ ଆଣ୍ଡ ସର୍ଭିସେସ୍ ବିଭାଗ ନାମରେ ଏକ ନୂଆ ବିଭାଗ ଖୋଲି ତାକୁ ନିଜ ଦାୟିତ୍ୱରେ ରଖିଲେ । ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ । ସୀମା ଆନ୍ଦୋଳନରେ ଅଂଶଗ୍ରହଣ କରି ଚାକିରିରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କଲେ । ଏହି ସମୟ ମଧ୍ୟରେ ସେ ବିଶଷ କିଛି କାର୍ଯ୍ୟକ୍ରମ ଗ୍ରହଣ କରିପାରିଲେ ନାହିଁ । କାରଣ ସେ ଦାୟିତ୍ୱ ନେବାର ଚାରିମାସ ପରେ ଦେଶ ତଥା ରାଜ୍ୟରେ ଦ୍ୱିତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେଥିପାଇଁ ସେ ବ୍ୟସ୍ତ ରହିଲେ । ଏହି ନିର୍ବାଚନରେ ବିଧାନସଭା ମଣ୍ଡଳୀର ସୀମାରେ ସାମାନ୍ୟ ଅଦଳବଦଳ ହୋଇଥିଲେ ହେଁ ପୂର୍ବ ପରି ୧୪୦ ଟି ବିଧାନସଭା ଆସନ ରହିଲା । ସେଥିରୁ ୩୯ଟି ଯୁଗ୍ମ ସଦସ୍ୟ ଆସନ ଓ ୬୨ଟି ଜଣିକିଆ ସଦସ୍ୟ ଆସନ ହୋଇରହିଲା ।

ଲୋକସଭା ଓ ବିଧାନସଭା ପାଇଁ ଓଡ଼ିଶାରେ ଏହି ଦ୍ୱିତୀୟ ସାଧାରଣ ନିର୍ବାଚନ ୧୯୫୭ ମସିହା ଫେବ୍ରୁଆରି ୨୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୨ତାରିଖରେ ଶେଷ ହେଲା । ଏହି ନିର୍ବାଚନରେ ଯେଉଁ ରାଜନୈତିକ ଦଳମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସେମାନେ ହେଲେ ଭାରତୀୟ ଜାତୀୟ କଂଗ୍ରେସ, ଗଣତନ୍ତ୍ର ପରିଷଦ, ଭାରତୀୟ କମ୍ୟୁନିଷ୍ଟପାର୍ଟି, ପ୍ରଜା ସମାଜବାଦୀ ଦଳ, ସଂଯୁକ୍ତ ସମାଜବାଦୀ ଦଳ ଓ ଝାଡ଼ଖଣ୍ଡ ଦଳ । ଏହା ବ୍ୟତୀତ ଥିଲେ ନିର୍ଦ୍ଦଳୀୟ ବା ସ୍ୱାଧୀନ ପ୍ରାର୍ଥୀମାନେ । କଂଗ୍ରେସ ୧୪୦ଟି ଆସନ ନିମନ୍ତେ ପ୍ରାର୍ଥୀ ଦେଇଥିବା ସ୍ଥଳେ, ଗଣତନ୍ତ୍ର ପରିଷଦ ୧୦୭ଟି ଆସନରେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ୪୨ଟି ଆସନରେ, ପ୍ରଜା ସମାଜବାଦୀ ଦଳ ୪୩ଟି ଆସନରେ ପ୍ରାର୍ଥୀ ଦେଇଥିଲେ । ଏହା ବ୍ୟତୀତ ସଂଯୁକ୍ତ ସମାଜବାଦୀ ଦଳ, ଝାଡ଼ଖଣ୍ଡ ଦଳ ଓ ନିର୍ଦ୍ଦଳୀୟ ତଥା ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ବିଶେଷ ଉଲ୍ଲେଖନୀୟ ଘଟଣା ହେଲା ଯେ, ସମାଜବାଦୀ ଦଳରେ ମତଭେଦ ସୃଷ୍ଟି ହେବାରୁ ସେହି ଦଳ 'ପ୍ରଜାସମାଜବାଦୀ ଦଳ' ଓ 'ସଂଯୁକ୍ତ ସମାଜବାଦୀ ଦଳ' ନାମରେ ଦୁଇ ଦଳରେ ବିଭକ୍ତ ହୋଇଗଲେ । ଦୁଇଟିଯାକଦଳ ସ୍ୱତନ୍ତ୍ର ଭାବରେ ନିର୍ବାଚନରେ ପ୍ରାର୍ଥୀ ଠିଆ କରାଇଲେ ।

ଏହି ବିଧାନସଭା ନିର୍ବାଚନରେ କଂଗ୍ରେସ-୫୬, ଗଣତନ୍ତ୍ର ପରିଷଦ-୫୧, ପ୍ରଜାସମାଜବାଦୀ ଦଳ-୨, ଭାରତୀୟ କମ୍ୟୁନିଷ୍ଟ ପାଟି-୯ ଓ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ୧୩ଟି ଆସନ ଲାଭ କରିଥିଲେ ।

ପୂର୍ବପରି ଲୋକସଭା ପାଇଁ ୨୦ଟି ଆସନ ରହିଲା । ସେଥିରୁ ଛ'ଟି ଯୁଗ୍ମ ସଦସ୍ୟ ବିଶିଷ୍ଟ ଆସନ ଓ ଆଠଟି ଜଣିକିଆ ସଦସ୍ୟ ଆସନ ଭାବରେ ମାନ୍ୟତା ଲାଭ କରିଥିଲା । ଏହି କୋଡ଼ିଏଟି ଆସନରୁ କଂଗ୍ରେସ-୭, ଗଣତନ୍ତ୍ର ପରିଷଦ-୭, ପ୍ରଜା ସମାଜବାଦୀ ଦଳ-୨, ଭାରତୀୟ କମ୍ୟୁନିଷ୍ଟ ପାର୍ଟି- ୧ ଏବଂ ନିର୍ଦ୍ଦଳୀୟ ବା ସ୍ୱାଧୀନ ପ୍ରାର୍ଥମୀମାନେ ତିନୋଟି ଆସନରେ ବିଜୟୀ ହୋଇଥିଲେ ।

ଲୋକସଭା ଓ ବିଧାନସଭାର ବିଜୟୀ ପ୍ରାର୍ଥୀମାନଙ୍କର ତାଲିକା ନିମ୍ନରେ ପ୍ରଦତ୍ତ ହେଲାଃ

## ଦ୍ୱିତୀୟ ଲୋକସଭାକୁ ଓଡ଼ିଶାର ନିର୍ବାଚିତ ସଦସ୍ୟ (୧୯୫୭) :

| | | |
|---|---|---|
| ମୟୂରଭଞ୍ଜ | ରାମଚନ୍ଦ୍ର ମାଝି | ସ୍ୱାଧୀନ |
| ବାଲେଶ୍ୱର (ଯୁଗ୍ମ) | କାହ୍ନୁ ଚରଣ ଜେନା | କଂଗ୍ରେସ |
| | ଭାଗବତ ସାହୁ | କଂଗ୍ରେସ |
| କେନ୍ଦ୍ରାପଡ଼ା (ଯୁଗ୍ମ) | ସୁରେନ୍ଦ୍ର ନାଥ ଦ୍ୱିବେଦୀ | ପି.ଏସ୍.ପି |
| | ବୈଷ୍ଣବ ଚରଣ ମଲିକ | ପି.ଏସ୍.ପି |
| କଟକ | ନିତ୍ୟାନନ୍ଦ କାନୁନ୍‌ଗୋ | କଂଗ୍ରେସ |
| ପୁରୀ | ଚିନ୍ତାମଣି ପାଣିଗ୍ରାହୀ | କମ୍ୟୁନିଷ୍ଟ |
| ଭୁବନେଶ୍ୱର | ନୃସିଂହଚରଣ ସାମନ୍ତସିଂହାର | କଂଗ୍ରେସ |
| ଗଂଜାମ (ଯୁଗ୍ମ) | ଉମା ଚରଣ ପଟ୍ଟନାୟକ | ସ୍ୱାଧୀନ |
| | ମୋହନ ନାୟକ | କଂଗ୍ରେସ |
| କୋରାପୁଟ (ଯୁଗ୍ମ) | ଆର.ଜଗନ୍ନାଥ ରାଓ | କଂଗ୍ରେସ |
| | ଟି.ସାଙ୍ଗନା | କଂଗ୍ରେସ |
| କଳାହାଣ୍ଡି (ଯୁଗ୍ମ) | ପ୍ରତାପ କେଶରୀ ଦେଓ | ଗଣତନ୍ତ୍ର ପରିଷଦ |
| | ବିଜୟ ଚନ୍ଦ୍ର ପ୍ରଧାନ | ଗଣତନ୍ତ୍ର ପରିଷଦ |
| ସମ୍ବଲପୁର (ଯୁଗ୍ମ) | ଶ୍ରଦ୍ଧାକର ସୂପକାର | ଗଣତନ୍ତ୍ର ପରିଷଦ |
| | ବନମାଳୀ କୁମ୍ଭାର | ଗଣତନ୍ତ୍ର ପରିଷଦ |
| ଅନୁଗୁଳ | ପି.ଜି. ବଡ଼ କୁମାର | ଗଣତନ୍ତ୍ର ପରିଷଦ |
| ଢେଙ୍କାନାଳ | ସୁରେନ୍ଦ୍ର ମହାନ୍ତି | ଗଣତନ୍ତ୍ର ପରିଷଦ |
| ସୁନ୍ଦରଗଡ଼ | ଚନ୍ଦ୍ରମଣି କାଲା | ଗଣତନ୍ତ୍ର ପରିଷଦ |
| କେନ୍ଦୁଝର | ଲକ୍ଷ୍ମୀ ନାରାୟଣ ଭଞ୍ଜଦେଓ | ସ୍ୱାଧୀନ |

## ଦ୍ୱିତୀୟ ବିଧାନସଭାର ନିର୍ବାଚିତ ସଦସ୍ୟ (୧୯୫୭) :

| | | |
|---|---|---|
| ଉମରକୋଟ | ରାଧାକୃଷ୍ଣ ବିଶ୍ୱାସ ରାୟ | କଂଗ୍ରେସ |
| ନବରଙ୍ଗପୁର (ଯୁଗ୍ମ) | ସଦାଶିବ ତ୍ରିପାଠୀ | କଂଗ୍ରେସ |
| | ହରିଜନ ମିରୁ | କଂଗ୍ରେସ |
| ଜୟପୁର (ଯୁଗ୍ମ) | ଲଇଛନ ନାୟକ | ଗଣତନ୍ତ୍ର ପରିଷଦ |
| | ହରିହର ମିଶ୍ର | ଗଣତନ୍ତ୍ର ପରିଷଦ |

| | | |
|---|---|---|
| ମାଲକାନଗିରି | ମାଡକାମୀ ଗୁରୁ | ଗଣତନ୍ତ୍ର ପରିଷଦ |
| ପାଡୁଆ | ଲକ୍ଷ୍ମଣ ଗଉଡ଼ | ଗଣତନ୍ତ୍ର ପରିଷଦ |
| କୋରାପୁଟ | ଲଛମନ ପୂଜାରୀ | ଗଣତନ୍ତ୍ର ପରିଷଦ |
| ପଟ୍ଟାଙ୍ଗୀ | ମୁଲୁ ସାନ୍ତା | କଂଗ୍ରେସ |
| ରାୟଗଡ଼ା | କାମାୟା ମଣ୍ଡାଙ୍ଗୀ | କଂଗ୍ରେସ |
| ଗୁଣୁପୁର (ଯୁଗ୍ମ) | ନରସିଂହ ପାତ୍ର | କଂଗ୍ରେସ |
| | ସନ୍ନ୍ୟାସୀ ଚରଣ ପିଡ଼ିକା | କଂଗ୍ରେସ |
| ପାରଳାଖେମୁଣ୍ଡି | ନାଲା କୁରୁମୁ ନାଇକୁଲା | ସ୍ୱାଧୀନ |
| ଆର୍.ଉଦୟଗିରି | ରାମ ଭୂୟାଁ | କଂଗ୍ରେସ |
| ଦିଗପହଣ୍ଡି (ଯୁଗ୍ମ) | ଅନଙ୍ଗମଞ୍ଜରୀ ଦେବୀ | କଂଗ୍ରେସ |
| | ମୋହନ ନାୟକ | କଂଗ୍ରେସ |
| ବ୍ରହ୍ମପୁର (ଯୁଗ୍ମ) | ଦଣ୍ଡପାଣି ଦାସ | କଂଗ୍ରେସ |
| | ଲିଙ୍ଗରାଜ ପାଣିଗ୍ରାହୀ | କଂଗ୍ରେସ |
| ଡୁରା | ପି.ଭି.ଜଗନ୍ନାଥ ରାଓ | କଂଗ୍ରେସ |
| ଛତ୍ରପୁର | ଯତୀରାଜ ପ୍ରହରାଜ | କଂଗ୍ରେସ |
| ଖଲ୍ଲିକୋଟ | ନାରାୟଣ ସାହୁ | ସ୍ୱାଧୀନ |
| ହିଞ୍ଜିଳି | ବୃନ୍ଦାବନ ନାୟକ | କଂଗ୍ରେସ |
| ପଶ୍ଚିମ କୋଦଳା | ହରିହର ଦାସ | କଂଗ୍ରେସ |
| ପୂର୍ବ କୋଦଳା | ରାମଚନ୍ଦ୍ର ମର୍ଦ୍ଦରାଜ ଦେବ | କଂଗ୍ରେସ |
| ଭଂଜନଗର(ଯୁଗ୍ମ) | ସୁମ ନାୟକ | କମ୍ୟୁନିଷ୍ଟ |
| | ଗୋବିନ୍ଦ ପ୍ରଧାନ | କମ୍ୟୁନିଷ୍ଟ |
| ଆସ୍କା | ହରିହର ଦାସ | କମ୍ୟୁନିଷ୍ଟ |
| ସୋରଡ଼ା | ବିଜୟାନନ୍ଦ ପଟ୍ଟନାୟକ | କଂଗ୍ରେସ |
| ବାଲିଗୁଡ଼ା | ଲୋକନଥ ପାତ୍ର | ଗଣତନ୍ତ୍ର ପରିଷଦ |
| ଜି.ଉଦୟଗିରି | ସାରଙ୍ଗଧର ପ୍ରଧାନ | ଗଣତନ୍ତ୍ର ପରିଷଦ |
| ଫୁଲବାଣୀ (ଯୁଗ୍ମ) | ହିମାଂଶୁ ଶେଖର ପାଢ଼ୀ | ଗଣତନ୍ତ୍ର ପରିଷଦ |
| | ଅନିରୁଦ୍ଧ ଦୀପ | ଗଣତନ୍ତ୍ର ପରିଷଦ |
| ଭବାନୀପାଟଣା (ଯୁଗ୍ମ) | ପ୍ରତାପ କେଶରୀ ଦେଓ | ଗଣତନ୍ତ୍ର ପରିଷଦ |
| | କରୁଣାକର ଭୋଇ | ଗଣତନ୍ତ୍ର ପରିଷଦ |
| କାଶୀପୁର (ଯୁଗ୍ମ) | କିଶୋର ଚନ୍ଦ୍ର ଦେଓ | ଗଣତନ୍ତ୍ର ପରିଷଦ |
| | ମାଣିକ ରାୟ ନାୟକ | ଗଣତନ୍ତ୍ର ପରିଷଦ |

| | | |
|---|---|---|
| ଧର୍ମଗଡ଼ (ଯୁଗ୍ମ) | ଜିତେନ୍ଦ୍ର ମାଝି | ଗଣତନ୍ତ୍ର ପରିଷଦ |
| | ବୀରକେଶୋର ଦାସ | ଗଣତନ୍ତ୍ର ପରିଷଦ |
| ନାମ୍‌ତରା (ଯୁଗ୍ମ) | ଅନୁପ ସିଂହ ଦେଓ | କଂଗ୍ରେସ |
| | ଘାସିରାମ ମାଝି | କଂଗ୍ରେସ |
| ଟିଟିଲାଗଡ଼ (ଯୁଗ୍ମ) | ରାଜେନ୍ଦ୍ର ନାରାୟଣ ସିଂହଦେଓ | ଗଣତନ୍ତ୍ର ପରିଷଦ |
| | ଅଚ୍ୟୁତାନନ୍ଦ ମହାନନ୍ଦ | ଗଣତନ୍ତ୍ର ପରିଷଦ |
| ପାଟଣାଗଡ଼ (ଯୁଗ୍ମ) | ଆଶାରାମ ଭୋଇ | ଗଣତନ୍ତ୍ର ପରିଷଦ |
| | ଅଇଁଠୁ ସାହୁ | ଗଣତନ୍ତ୍ର ପରିଷଦ |
| ଲୋଇସିଂହା | ରାମପ୍ରସାଦ ମିଶ୍ର | ଗଣତନ୍ତ୍ର ପରିଷଦ |
| ବଲାଙ୍ଗୀର (ଯୁଗ୍ମ) | ନନ୍ଦ କିଶୋର ମିଶ୍ର | ଗଣତନ୍ତ୍ର ପରିଷଦ |
| | ରମେଶ ଚନ୍ଦ୍ର ଭୋଇ | ଗଣତନ୍ତ୍ର ପରିଷଦ |
| ସୋନପୁର (ଯୁଗ୍ମ) | ଅନନ୍ତରାମ ନନ୍ଦ | ଗଣତନ୍ତ୍ର ପରିଷଦ |
| | ଦଉଲତ ଗଣ୍ଡ | ଗଣତନ୍ତ୍ର ପରିଷଦ |
| ପଦ୍ମପୁର (ଯୁଗ୍ମ) | ବୀର ବିକ୍ରମ ସିଂହ ବରିହା | କଂଗ୍ରେସ |
| | ଏଲ୍.ଏମ୍.ଏସ ବରିହା | ଗଣତନ୍ତ୍ର ପରିଷଦ |
| ବରଗଡ଼ (ଯୁଗ୍ମ) | ନିକୁଞ୍ଜ ବିହାରୀ ସିଂହ | ଗଣତନ୍ତ୍ର ପରିଷଦ |
| | ମହାନନ୍ଦ ବାହାଦୂର | ଗଣତନ୍ତ୍ର ପରିଷଦ |
| ଭଟଲୀ | ନଟବର ବନ୍‌ଛୋର | କମ୍ୟୁନିଷ୍ଟ |
| ସମ୍ବଲପୁର (ଯୁଗ୍ମ) | ଭିକାରି ଘାସି | କମ୍ୟୁନିଷ୍ଟ |
| | ଲକ୍ଷ୍ମୀ ପ୍ରସାଦ ମିଶ୍ର | ଗଣତନ୍ତ୍ର ପରିଷଦ |
| କଟରବଗା | ପୁରୁଷୋତ୍ତମ ପଣ୍ଡା | ଗଣତନ୍ତ୍ର ପରିଷଦ |
| ଦେବଗଡ଼ (ଯୁଗ୍ମ) | ଜୟଦେବ ଠାକୁର | ଗଣତନ୍ତ୍ର ପରିଷଦ |
| | ରାଣୀ ଜ୍ୟୋତି ମଞ୍ଜରୀ ଦେବୀ | ଗଣତନ୍ତ୍ର ପରିଷଦ |
| ଝାରସୁଗୁଡ଼ା (ଯୁଗ୍ମ) | ମନୋହର ନାୟକ | ଗଣତନ୍ତ୍ର ପରିଷଦ |
| | ବିଜୟ କୁମାର ପାଣି | କଂଗ୍ରେସ |
| ସୁନ୍ଦରଗଡ଼ (ଯୁଗ୍ମ) | ଉଦିତ୍ ପ୍ରତାପ ଶେଖର ଦେଓ | ଗଣତନ୍ତ୍ର ପରିଷଦ |
| | ଗଙ୍ଗାଧର ପ୍ରଧାନ | ଗଣତନ୍ତ୍ର ପରିଷଦ |
| ରାଜଗାଙ୍ଗପୁର | ଶାନ୍ତି ପ୍ରକାଶ ଓରାମ | ସ୍ୱାଧୀନ |
| ବିଶ୍ରା | ନିର୍ମଳ ମୁଣ୍ଡା | ସ୍ୱାଧୀନ |
| ବଣେଇ | ଅର୍ଜୁନ ନାୟକ | ଗଣତନ୍ତ୍ର ପରିଷଦ |
| ଚମ୍ପୁଆ (ଯୁଗ୍ମ) | ରାଜବଲ୍ଲଭ ମିଶ୍ର | ଗଣତନ୍ତ୍ର ପରିଷଦ |
| | ଗୁରୁଚରଣ ନାୟକ | ଗଣତନ୍ତ୍ର ପରିଷଦ |

| | | |
|---|---|---|
| କେନ୍ଦୁଝର (ଯୁଗ୍ମ) | ଜନାର୍ଦ୍ଦନ ଭଞ୍ଜଦେଓ | ଗଣତନ୍ତ୍ର ପରିଷଦ |
| | କୃଷ୍ଣଚନ୍ଦ୍ର ମହାପାତ୍ର | ସ୍ୱାଧୀନ |
| ଆନନ୍ଦପୁର (ଯୁଗ୍ମ) | ଉପେନ୍ଦ୍ର ନାଥ ଜେନା | ଗଣତନ୍ତ୍ର ପରିଷଦ |
| | ବୀର କିଶୋର ଜେନା | ଗଣତନ୍ତ୍ର ପରିଷଦ |
| ପାଲଲହଡ଼ା | ମୃତ୍ୟୁଞ୍ଜୟ ପାଲ | ଗଣତନ୍ତ୍ର ପରିଷଦ |
| ତାଳଚେର | ପବିତ୍ର ମୋହନ ପ୍ରଧାନ | କଂଗ୍ରେସ |
| କିଶୋର ନଗର | ରାଣୀ ରତ୍ନପ୍ରଭା ଦେବୀ | ଗଣତନ୍ତ୍ର ପରିଷଦ |
| ଢେଙ୍କାନାଳ (ଯୁଗ୍ମ) | କାଳିଆ ଦେହୁରୀ | ଗଣତନ୍ତ୍ର ପରିଷଦ |
| | ରାଜା ଶଙ୍କର ପ୍ରତାପ ସିଂହଦେଓ | ଗଣତନ୍ତ୍ର ପରିଷଦ |
| ଅନୁଗୁଳ (ଯୁଗ୍ମ) | କୁମୁଦ ଚନ୍ଦ୍ର ସିଂହ | ସ୍ୱାଧୀନ |
| | ହୃଷୀକେଶ ପ୍ରଧାନ | କମ୍ୟୁନିଷ୍ଟ |
| ଆଠମଲ୍ଲିକ | କ୍ଷେତ୍ର ମୋହନ ପାଣିଗ୍ରାହୀ | ଗଣତନ୍ତ୍ର ପରିଷଦ |
| ଦଶପଲ୍ଲା (ଯୁଗ୍ମ) | କିଶୋର ଚନ୍ଦ୍ର ଦେଓ ଭଞ୍ଜ | କଂଗ୍ରେସ |
| | ଶ୍ରୀଧର ନାୟକ | ଗଣତନ୍ତ୍ର ପରିଷଦ |
| ଖଣ୍ଡପଡ଼ା | ହରିହର ସିଂହ ମର୍ଦ୍ଦରାଜ | କଂଗ୍ରେସ |
| | ଭ୍ରମରବର ରାୟ | କଂଗ୍ରେସ |
| ନୟାଗଡ଼ | କୃଷ୍ଣଚନ୍ଦ୍ର ମାନ୍‌ଧାତା | ସ୍ୱାଧୀନ |
| ରଣପୁର | ବସନ୍ତ ମଞ୍ଜରୀ ଦେବୀ | କଂଗ୍ରେସ |
| ବେଗୁନିଆ | ସତ୍ୟାନନ୍ଦ ଚମ୍ପତିରାୟ | କଂଗ୍ରେସ |
| ଖୋର୍ଦ୍ଧା | ପ୍ରାଣନାଥ ପଟ୍ଟନାୟକ | କମ୍ୟୁନିଷ୍ଟ |
| ଭୁବନେଶ୍ୱର | ସତ୍ୟପ୍ରିୟ ମହାନ୍ତି | କଂଗ୍ରେସ |
| ବ୍ରହ୍ମଗିରି | ପଦ୍ମଚରଣ ସାମନ୍ତସିଂହାର | କଂଗ୍ରେସ |
| ପୁରୀ | ହରିହର ବାହିନୀପତି | ପ୍ର.ସମାଜବାଦୀ |
| ସତ୍ୟବାଦୀ | ପଣ୍ଡିତ ନୀଳକଣ୍ଠ ଦାସ | କଂଗ୍ରେସ |
| ପିପିଲି (ଯୁଗ୍ମ) | ରାମଚନ୍ଦ୍ର ପଟ୍ଟନାୟକ | ସ୍ୱାଧୀନ |
| | ଗୋପୀନାଥ ଭୋଇ | କଂଗ୍ରେସ |
| କାକଟପୁର (ଯୁଗ୍ମ) | ମୋହନ ଦାସ | କମ୍ୟୁନିଷ୍ଟ |
| | ଭରତ ଦାସ | କମ୍ୟୁନିଷ୍ଟ |
| ବାଙ୍କି | ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ | କଂଗ୍ରେସ |
| ବଡ଼ମ୍ବା | ରାଣୀ ସାହେବା କନକଲତା ଦେବୀ | ଗଣତନ୍ତ୍ର ପରିଷଦ |

| | | |
|---|---|---|
| ଆଠଗଡ଼ | ରାଧାନାଥ ରଥ | କଂଗ୍ରେସ |
| କଟକ ନଗର | ବୀରେନ୍ ମିତ୍ର | କଂଗ୍ରେସ |
| କଟକ ସଦର (ଯୁଗ୍ମ) | ରାଜକୃଷ୍ଣ ବୋଷ | କଂଗ୍ରେସ |
| | ପୂର୍ଣ୍ଣାନନ୍ଦ ସାମଲ | କଂଗ୍ରେସ |
| ଜଗତସିଂହପୁର (ଯୁଗ୍ମ) | ନୀଳମଣି ପ୍ରଧାନ | କଂଗ୍ରେସ |
| | କସ୍ତୁରୀ ଚରଣ ମଳିକ | ପ୍ରଜା ସମାଜବାଦୀ |
| ସାଲେପୁର (ଯୁଗ୍ମ) | ପ୍ରଦୀପ୍ତ କିଶୋର ଦାସ | ପ୍ରଜା ସମାଜବାଦୀ |
| | ବାଇଧର ବେହେରା | ପ୍ରଜା ସମାଜବାଦୀ |
| ବାଲିକୁଦା | ବୈକୁଣ୍ଠନାଥ ମହାନ୍ତି | ପ୍ରଜା ସମାଜବାଦୀ |
| ଏରସମା | ଲୋକନାଥ ଚୌଧୁରୀ | କମ୍ୟୁନିଷ୍ଟ |
| ତିର୍ତ୍ତୋଲ | ନିଶାମଣି ଖୁଣ୍ଟିଆ | ପ୍ରଜା ସମାଜବାଦୀ |
| ପାଟକୁରା | ଲୋକନାଥ ମିଶ୍ର | କଂଗ୍ରେସ |
| ରାଜନଗର | ଅନନ୍ତ ଚରଣ ତ୍ରିପାଠୀ | ସ୍ୱାଧୀନ |
| ଆଳି | ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ | କଂଗ୍ରେସ |
| କେନ୍ଦ୍ରାପଡ଼ା (ଯୁଗ୍ମ) | ପ୍ରହ୍ଲାଦ ମଳିକ ଓ ଦୀନବନ୍ଧୁ ସାହୁ | କଂଗ୍ରେସ |
| ବିଞ୍ଝାରପୁର | ବାଙ୍କ ବିହାରୀ ଦାସ | ପ୍ରଜା ସମାଜବାଦୀ |
| ବଡ଼ଚଣା | ଯଦୁମଣି ମଙ୍ଗରାଜ | କଂଗ୍ରେସ |
| ଧର୍ମଶାଳା (ଯୁଗ୍ମ) | ମଦନ ମୋହନ ପଟ୍ଟନାୟକ | କଂଗ୍ରେସ |
| | ମାୟାଧର ସିଂହ | କଂଗ୍ରେସ |
| ଯାଜପୁର (ଯୁଗ୍ମ) | ଗଦାଧର ଦତ୍ତ | କଂଗ୍ରେସ |
| | ଶାନ୍ତନୁ କୁମାର ଦାସ | କଂଗ୍ରେସ |
| ଧାମନଗର | ମୁରଲୀଧର ଜେନା | କଂଗ୍ରେସ |
| ଚାନ୍ଦବାଲି (ଯୁଗ୍ମ) | ନନ୍ଦ କିଶୋର ଜେନା | କଂଗ୍ରେସ |
| | ନୀଳମଣି ରାଉତରାୟ | କଂଗ୍ରେସ |
| ଭଦ୍ରକ | ନିତ୍ୟାନନ୍ଦ ମହାପାତ୍ର | ସ୍ୱାଧୀନ |
| ସୋରୋ-(ଯୁଗ୍ମ) | ହରେକୃଷ୍ଣ ମହତାବ | କଂଗ୍ରେସ |
| | ଚୈତନ୍ୟ ସେଠି | କଂଗ୍ରେସ |
| ନୀଳଗିରି | ନୀଳମଣି ଦାସ | କଂଗ୍ରେସ |
| ବାଲେଶ୍ୱର | ରବୀନ୍ଦ୍ର ମୋହନ ଦାସ | ପ୍ରଜା ସମାଜବାଦୀ |
| ବସ୍ତା | ଅକ୍ଷୟ କୁମାର ପ୍ରହରାଜ | କଂଗ୍ରେସ |
| ଭୋଗରାଇ | ଦୁର୍ଗା ଶଙ୍କର ଦାସ | କଂଗ୍ରେସ |

| | | |
|---|---|---|
| ଜଳେଶ୍ୱର | ପ୍ରସନ୍ନ କୁମାର ପାଲ | ପ୍ରଜା ସମାଜବାଦୀ |
| ବୈସିଙ୍ଗା (ଯୁଗ୍ମ) | ପ୍ରସନ୍ନ କୁମାର ଦାସ | ପ୍ରଜା ସମାଜବାଦୀ |
| | ପଞ୍ଚାନନ ଦାସ | କଂଗ୍ରେସ |
| ଉଦଳା | ମନମୋହନ ଟୁଡୁ | କଂଗ୍ରେସ |
| କରଞ୍ଜିଆ | ନଳିନୀ ଚନ୍ଦ୍ର ଭଞ୍ଜଦେଓ | ଗଣତନ୍ତ୍ର ପରିଷଦ |
| ଯଶୀପୁର | ମୋଚିରାମ ତୁରିଆ | ଗଣତନ୍ତ୍ର ପରିଷଦ |
| ରାଇରଙ୍ଗପୁର | ହରଦେବ ତିରିଆ | ସ୍ୱାଧୀନ |
| ବହଳଦା | ସୁରେନ୍ଦ୍ର ମୋହନ ହେମ୍ବ୍ରମ | ଗଣତନ୍ତ୍ର ପରିଷଦ |
| ବାରିପଦା (ଯୁଗ୍ମ) | ହରିହର ମହାନ୍ତି | ପ୍ରଜା ସମାଜବାଦୀ |
| | ସମଲ ମାଝି | ସ୍ୱାଧୀନ |

## ଦ୍ୱିତୀୟ ବିଧାନସଭାର ମାନ୍ୟବର ବିଧାୟିକାଗଣ :

ଏହି ନିର୍ବାଚନରେ ମୋଟ ପାଞ୍ଚଜଣ ସଦସ୍ୟା ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ । ଏମାନେ ସମସ୍ତେ ପୂର୍ବତନ ଗଡ଼ଜାତ ରାଜ୍ୟର ରାଣୀ । ଏମାନଙ୍କ ମଧ୍ୟରୁ ଦୁଇଜଣ କଂଗ୍ରେସଦଳ ଓ ତିନିଜଣ ଗଣତନ୍ତ୍ର ପରିଷଦ ଟିକେଟରେ ନିର୍ବାଚିତ ହୋଇଥିଲେ । ସେମାନେ ହେଲେ, ରାଣୀ ଅନଙ୍ଗମଂଜରୀ ଦେବୀ (କଂଗ୍ରେସ) ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରୁ; ରାଣୀ ବସନ୍ତ ମଂଜରୀ ଦେବୀ (କଂଗ୍ରେସ) ରଣପୁର ନିର୍ବାଚନ ମଣ୍ଡଳୀରୁ; ରାଣୀ ଜ୍ୟୋତି ମଂଜରୀ ଦେବୀ (ଗ.ପ)



ରାଣୀ ରତ୍ନପ୍ରଭା ଦେବୀ



ରାଣୀ କନକଲତା ଦେବୀ

ଦେବଗଡ଼ ନିର୍ବାଚନ ମଣ୍ଡଳୀରୁ, ଢ଼େଙ୍କାନାଳ ରାଣୀ ରତ୍ନପ୍ରଭା ଦେବୀ (ଗ.ପ) କିଶୋର ନଗର ନିର୍ବାଚନ ମଣ୍ଡଳୀରୁ ଓ ରାଣୀ ସାହେବା କନକଲତା ଦେବୀ (ଗ.ପ) ବଡ଼ମ୍ବା ନିର୍ବାଚନ ମଣ୍ଡଳୀରୁ।

କଂଗ୍ରେସଦଳର ଯେଉଁ ପୁରୁଖା ଓ ଜଣାଶୁଣା ନେତା ଏହି ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ ସେମାନଙ୍କ ମଧ୍ୟରେ ଡକ୍ଟର ହରେକୃଷ୍ଣ ମହତାବ (ସୋରୋ), ସଦାଶିବ ତ୍ରିପାଠୀ (ନବରଙ୍ଗପୁର); ପବିତ୍ରମୋହନ ପ୍ରଧାନ (ତାଳଚେର), ରାଧାନାଥ ରଥ (ଆଠଗଡ଼), ନୀଳକଣ୍ଠ ଦାସ (ସତ୍ୟବାଦୀ), ଯଦୁମଣି ମଙ୍ଗରାଜ (ବଡ଼ଚଣା); ଗଦାଧର ଦତ୍ତ (ଯାଜପୁର), ରାଧାକୃଷ୍ଣ ବିଶ୍ୱାସରାୟ (ଉମରକୋଟ), ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ (ଆଳି) ବିଜୟ ପାଣି (ଝାରସୁଗୁଡ଼ା) ଆଦି ଅନ୍ୟତମ। କଂଗ୍ରେସର ଯୁବନେତାମାନଙ୍କ ମଧ୍ୟରେ ବିଜୟାନନ୍ଦ ପଟ୍ଟନାୟକ (ସୁରୁଡ଼ା), ନୀଳମଣି ରାଉତରାୟ (ଚାନ୍ଦବାଲି) ଓ ବୀରେନ୍ ମିତ୍ର (କଟକ ନଗର) ନିର୍ବାଚିତ ହୋଇ ଆସିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର (ଭଦ୍ରକ) ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତି ବିଧାନସଭାକୁ ଆସିଲେ।

କମ୍ୟୁନିଷ୍ଟ ଦଳର ମୋହନ ଦାସ (କାକଟପୁର), ପ୍ରାଣନାଥ ପଟ୍ଟନାୟକ (ଖୋର୍ଦ୍ଧା) ଓ ସର୍ଦ୍ଦାର ଗୋବିନ୍ଦ ପ୍ରଧାନ (ଭଞ୍ଜନଗର) ଆଦି ନିର୍ବାଚିତ ହୋଇଆସିଲେ। ପ୍ରଜା ସମାଜବାଦୀ ଦଳର ପ୍ରସନ୍ନ ଦାସ, ପ୍ରସନ୍ନ ପାଲ, ବାଙ୍କବିହାରୀ ଦାସ, ପ୍ରଦୀପ୍ତ କିଶୋର ଦାସ, ନିଶାମଣି ଖୁଣ୍ଟିଆ ଓ ରବୀନ୍ଦ୍ର ମୋହନ ଦାସ ଆଦି ନିର୍ବାଚିତ ହୋଇ ଆସିଲେ। ଗଣତନ୍ତ୍ର ପରିଷଦର ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ, ଢ଼େଙ୍କାନାଳ ରାଜା ଶଙ୍କର ପ୍ରତାପ ସିଂହଦେଓ, ରାଜବଲ୍ଲଭ ମିଶ୍ର ଓ ନନ୍ଦ କିଶୋର ମିଶ୍ର ଆଦି ପ୍ରମୁଖ ପ୍ରାର୍ଥୀମାନେ ବିଜୟୀ ହୋଇଆସିଲେ।

ପୂର୍ବତନ ଗଡ଼ଜାତ ରାଜ୍ୟମାନଙ୍କରେ କଂଗ୍ରେସଦଳ ମାତ୍ର ପାଞ୍ଚଟି ଆସନ ଯଥା- ତାଳଚେର, ଆଠଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ବିଧାନସଭା ଆସନରେ ବିଜୟୀ ହେଲେ। ଅନ୍ୟ ଗଡ଼ଜାତର ସମସ୍ତ ଆସନ ପ୍ରାୟ ଗଣତନ୍ତ୍ର ପରିଷଦ ହାତକୁ ଚାଲିଗଲା। ଢ଼େଙ୍କାନାଳ ନିବାସୀ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଓ ଗଡ଼ଜାତ ସୁଭାଷ ବୀର ବୈଷ୍ଣବ ପଟ୍ଟନାୟକଙ୍କର ଢ଼େଙ୍କାନାଳରେ କୌଣସି ପତିଆରା ରହିଲାନାହିଁ। ଦ୍ୱିତୀୟ ସାଧାରଣ ନିର୍ବାଚନର ମାତ୍ର କେତେବର୍ଷ ତଳେ ଯେଉଁ ଅତ୍ୟାଚାରୀ ଢ଼େଙ୍କାନାଳ ରାଜା ଶଙ୍କର ପ୍ରତାପଙ୍କ ବିରୁଦ୍ଧରେ ଲଢ଼େଇ କରି ବୈଷ୍ଣବ ବାବୁ ଗୁଳିମାଡ଼ ଖାଇ କଲିକତାରେ ଯାଇ ଅଣ୍ଡରଗ୍ରାଉଣ୍ଡରେ ଦୀର୍ଘ ୩-୪ ବର୍ଷ ରହିଥିଲେ, ତାଙ୍କ ମୁଣ୍ଡ ପାଇଁ ଯେଉଁ ରାଜା ପୁରସ୍କାର ଘୋଷଣା କରିଥିଲେ, ଯେଉଁ ଅତ୍ୟାଚାରୀ ରାଜା ବାରବର୍ଷର ବାଳକ ବାଜିରାଉତକୁ ଗୁଳିକରି ହତ୍ୟା କରିଥିଲେ, ଯେଉଁ ଢ଼େଙ୍କାନାଳରେ ଭାରତ ପ୍ରସିଦ୍ଧ ଗଣ ଆନ୍ଦୋଳନ ଦେଖାଦେଇଥିଲା ଅତ୍ୟାଚାରୀ ରାଜାଙ୍କ ବିରୁଦ୍ଧରେ, ସେହି ରାଜା ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୁର ଢ଼େଙ୍କାନାଳ ନିର୍ବାଚନମଣ୍ଡଳୀରୁ ଆଉ ତାଙ୍କର ଧର୍ମପତ୍ନୀ ରତ୍ନପ୍ରଭା ଦେବୀ କିଶୋର ନଗର (ଆଠମଲ୍ଲିକ) ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ। କେବଳ ସେତିକି ନୁହେଁ, ସାରଙ୍ଗଧର ଦାସ, ବୈଷ୍ଣବ ପଟ୍ଟନାୟକ ଓ ବ୍ରଜକିଶୋର ଧଳ ଆଦି ବିପ୍ଳବୀ ନେତା ଥାଉଁ ଥାଉଁ ରାଜା ଶଙ୍କର ପ୍ରତାପଙ୍କ

ମନୋନୀତ ପ୍ରାର୍ଥୀ ଢ଼େଙ୍କାନାଳ ବାହାରର ବ୍ୟକ୍ତି ସୁରେନ୍ଦ୍ର ମହାନ୍ତି (ସାହିତ୍ୟିକ) ଢ଼େଙ୍କାନାଳ ଲୋକସଭା ଆସନରୁ ଗଣତନ୍ତ୍ର ପରିଷଦର ପ୍ରାର୍ଥୀ ଭାବରେ କେମିତି ନିର୍ବାଚିତ ହେଲେ ? ଲୋକେ କାହିଁକି କଂଗ୍ରେସ, କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ପ୍ରାର୍ଥୀମାନଙ୍କୁ ପ୍ରତ୍ୟାଖ୍ୟାନ କଲେ ? ଏହା ବଡ଼ ଆଶ୍ଚର୍ଯ୍ୟର କଥା । କାରଣ ଏଇ ଢ଼େଙ୍କାନାଳ ଅତ୍ୟାଚାର ସମ୍ପର୍କରେ ଏସ.ଏ.ହମିଦଙ୍କର ଦୁଇ ପଇସିକିଆ ଗୀତ ସେତେବେଳେ ସାରା ରାଜ୍ୟରେ ଚହଳ ପକାଇଥିଲା । ଅନ୍ୟ ସ୍ଥାନର ଲୋକେ ତାକୁ ପଢ଼ି ଜାଗ୍ରତହୋଇ ଢ଼େଙ୍କାନାଳବାସୀଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସେହି ଗୀତଟି ହେଲା-



**ଓଡ଼ିଶାର ପ୍ରଥମ ବାଳକ ସହିଦ ବାଜି ରାଉତ(୧୧-୧୦-୧୯୩୮)**

କଟକ ପଡ଼ିଶା ଢ଼େଙ୍କାନାଳ ଦଶା
ଦେଖହେ ଭାଇ ଭଉଣୀ,
ଅନ୍ଧାରି ମୁଲକ ମଳି ମୁଣ୍ଡିଆଙ୍କ
ବୀରପଣ ଦେଖ ପୁଣି ହେ,
ବାର ବରଷ ବାଳକ,
ଗୁଳି ମୁହେଁ ଦେଖାଇଛି ବେକ ହେ ॥୧॥

ନୀଳକଣ୍ଠପୁର ଭୁବନ ଗ୍ରାମର
ଏ ଯେ ଷଡ଼ ମହାରଥୀ
ସ୍ୱାଧୀନତା ପଥେ ଢ଼ାଳିଛନ୍ତି ରକ୍ତ
ଦେଖ ଏହାଙ୍କର ମୂର୍ତ୍ତି ହେ
ଏକି କଳିଯୁଗ ଭୀମ ?
ଛାର ଗୁଳି ନେଲା ଯାଙ୍କ ପ୍ରାଣ ହେ ।।୨।।

ରାତିଅଧେ ଯାଇ ଘେରାଉ କରିଲେ
ରାଜ ସରକାର ବଳ,
ଭୁବନ ଗ୍ରାମରେ ଗୁଳିମାରି ସାରି
ନଦୀକୂଳେ ହେଲେ ଠୁଳ ହେ
ଡଙ୍ଗା ମାଗିଲେ ଏହାଙ୍କୁ
ନଦୀ ପଥରେ ଯିବେ ଗଡ଼କୁ ।।୩।।

ନୀଳକଣ୍ଠପୁର ନଦୀକୂଳେ ଶୁଣି
ଭୁବନର ବିବରଣ,
ନେହୁରା ହୋଇଣ ନାହିଁ କରିବାରୁ
ଗୁଳିଖାଇ ଦେଲେ ପ୍ରାଣ ହେ,
ପ୍ରଜା ମଣ୍ଡଳ ଆଦେଶ,
ସର୍ବେ ହୋଇବେ ସଦା ଅହିଂସହେ ।।୪।।

ଧନ୍ୟ ଏ ଅହିଂସା ମନ୍ତ୍ରର ବେଉସା
କରିଛି ଯେ ସେହୁ ଧନ୍ୟ,
ମରଣ ବରଣ କରୁଛି ଯେ ଧନ୍ୟ
ହୋଇଛି ସେ ଅଗ୍ରଗଣ୍ୟ ହେ
ଅତି ଅଧର୍ମ ନୋହିଲେ,
ଧର୍ମ ନମିଳିବ କେବେ ଭଲେ ହେ ।।୫।।

ମୃତଦେହ ଦେଖି କାତର ନହୋଇ
ବୋଲ ଧରମର ଜୟ,
ଅଧର୍ମୀ ବର୍ବର ଅତି ଅତ୍ୟାଚାର
ହୋଇବ ଯେପରି ଲୟ ହେ,
ତହିଁ ପ୍ରତି ଦିଅ ମନ,
ଦେଖୁ ଜଗତ ପ୍ରଜାର ଟାଣ ହେ ।।୬।।

ଉପରୋକ୍ତ ମତଟି ଲେଖକର ନିଜସ୍ୱ ମତ । ଲେଖକର ଜନ୍ମ ଢେଙ୍କାନାଳରେ । ଲେଖକର ଜେଜେବାପା ଓ ବାପା ବହୁଳ ଭାବରେ ଅତ୍ୟାଚାରିତ ହୋଇଥିଲେ ରାଜତନ୍ତ୍ର ଶାସନ କାଳରେ । ଲେଖକ ସେମାନଙ୍କ ମୁହଁରୁ କେତେକଥା ଶୁଣିଛି । ଦ୍ୱିତୀୟ ସାଧାରଣ ନିର୍ବାଚନ ବେଳେ ଲେଖକର ବୟସ ହୋଇଥିଲା ମାତ୍ର ଏଗାର ବର୍ଷ । ସେତେବେଳେ ସେ ମାଇନର ସ୍କୁଲ୍‌ର ଛାତ୍ର । ବୟସ ହେବାପରେ ଢେଙ୍କାନାଳବାସୀ ହିସାବରେ ଏସବୁ କଥା ଜାଣିବା ପରେ ବଡ଼ ଆଶ୍ଚର୍ଯ୍ୟ ଲାଗେ ।

ଏହି ଦ୍ୱିତୀୟ ବିଧାନସଭା(୧୯୫୭) ବାଚସ୍ପତି ଭାବରେ ପଣ୍ଡିତ ନୀଳକଣ୍ଠ ଦାସ ୨୭.୫.୧୯୫୭ ତାରିଖରେ ନିର୍ବାଚିତ ହେଲେ । ସେହିପରି ଉପବାଚସ୍ପତି ଭାବରେ ବାଗ୍ମୀ ଯଦୁମଣି ମଙ୍ଗରାଜ ୨୯.୫.୧୯୫୭ ତାରିଖରେ ନିର୍ବାଚିତ ହେଲେ । ହରେକୃଷ୍ଣ ମହତାବ ଏକକ ସଂଖ୍ୟା ଗରିଷ୍ଠ ଦଳ କଂଗ୍ରେସ ପାର୍ଟିର ବିଧାୟକ ଦଳର ନେତା ଭାବରେ ୬.୪.୧୯୫୭ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଗଣତନ୍ତ୍ର ପରିଷଦର ବିଧାୟକ ଦଳର ନେତା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ବିରୋଧୀଦଳ ନେତା ହେବାର ମାନ୍ୟତା ଲାଭକଲେ ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ହେଲେଃ

## କ୍ୟାବିନେଟ ମନ୍ତ୍ରୀ ଃ

| | |
|---|---|
| **ଡକ୍ଟର ହରେକୃଷ୍ଣ ମହତାବ** | ଃ ମୁଖ୍ୟମନ୍ତ୍ରୀ, ପଲ୍‌ଟିକାଲ ଆଣ୍ଡ୍ ସର୍ଭିସେସ୍ (ଗୋଷ୍ଠୀ ଉନ୍ନୟନ ଓ ଏନ୍.ଇ.ଏସ୍), ଓ ଅର୍ଥବିଭାଗ ମନ୍ତ୍ରୀ |
| **ଲିଙ୍ଗରାଜ ପାଣିଗ୍ରାହୀ** | ଃ ଘରୋଇ, ଆଇନ ଓ ଶିକ୍ଷା |
| **ରାଧାନାଥ ରଥ** | ଃ ଉନ୍ନୟନ (୨୭-୪-୧୯୫୭) |
| **ଦିନବନ୍ଧୁ ସାହୁ** | ଃ ଶିଳ୍ପ, ଖଣି ଓ ଭୂତତ୍ତ୍ୱ |
| **ସତ୍ୟପ୍ରିୟ ମହାନ୍ତି** | ଃ ରାଜସ୍ୱ, ଅବକାରୀ ଓ ସ୍ୱାୟତ୍ତ ଶାସନ |
| **ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ** | ଃ ପୂର୍ତ୍ତ |
| **ବସନ୍ତ ମଞ୍ଜରୀ ଦେବୀ** | ଃ ସ୍ୱାସ୍ଥ୍ୟ (ସ୍ୱାୟତ୍ତ ଶାସନ, ରିଲିଫ୍ ଓ ପୁନର୍ବସତି ବ୍ୟତୀତ) |
| **ନୀଳମଣି ରାଉତରାୟ** | ଃ ଯୋଗାଣ, ପରିବହନ ଓ ଶ୍ରମ |
| **ପବିତ୍ରମୋହନ ପ୍ରଧାନ** | ଃ ଆଦିବାସୀ, ଗ୍ରାମମଙ୍ଗଳ ଓ ବାଣିଜ୍ୟ |
| **ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ** | ଃ ନଦୀ ଉପତ୍ୟକା, ଉନ୍ନୟନ ଦୁର୍ନୀତି ନିବାରଣ, ରାଉରକେଲା ଇସ୍ପାତ କାରଖାନାର ସମସ୍ତ ବ୍ୟାପାର (ଜମିଅଧିଗ୍ରହଣ, ଥଇଥାନ ଓ ପୁନର୍ବସତି ସହିତ) (୨୧-୮ ୧୯୫୭) |

**ଉପ ମନ୍ତ୍ରୀ :**

| | |
|---|---|
| **ଶାନ୍ତନୁ କୁମାର ଦାସ** | : ପଲ୍‌ଟିକାଲ ଆଣ୍ଡ୍ ସର୍ଭିସେସ୍ (ଗ୍ରାମପଞ୍ଚାୟତ), ଉନ୍ନୟନ, ମତ୍ସ୍ୟ ଓ ସମବାୟ |
| **ବିକ୍ରମାଦିତ୍ୟ ସିଂହ ବରିହା** | : ଆଦିବାସୀ ଓ ଗ୍ରାମମଙ୍ଗଳ (ଆଦିବାସୀ ହରିଜନ ଶିକ୍ଷା), ଆଦିବାସୀ ଗବେଷଣା ବ୍ୟତୀତ |
| **କୌମୁଦ ଚନ୍ଦ୍ର ସିଂହ** | : ଲୋକସଂପର୍କ, ପରିବହନ ଓ ପୂର୍ତ୍ତ |
| **ହିମାଂଶୁ ଶେଖର ପାଢ଼ୀ** | : କୃଷି (୯-୯-୧୯୫୭) |

ବିଧାନସଭାରେ କଂଗ୍ରେସଦଳର ଅଧାରୁ ଅଧିକ ସଂଖ୍ୟାଗରିଷ୍ଠତା ନଥାଇ ହରେକୃଷ୍ଣ ମହତାବ କେଉଁ ବିଧାୟକମାନଙ୍କ ସହାୟତାରେ ମନ୍ତ୍ରିମଣ୍ଡଳ ଗଠନ କଲେ, ଏହି ମନ୍ତ୍ରିମଣ୍ଡଳରେ, କେଉଁମାନେ ସ୍ଥାନ ପାଇଲେ ଓ ମନ୍ତ୍ରିମଣ୍ଡଳ କେତଦିନ ରହିଲା, ସେ ସମ୍ପର୍କରେ ସବିଶେଷ ଆଲୋଚନା ପରବର୍ତ୍ତୀ ଅଧ୍ୟାୟରେ ହୋଇଛି ।

+++

## ତ୍ରୟୋଦଶ ପରିଚ୍ଛେଦ

# ୧୯୫୭ର ଝୁଲା ବିଧାନସଭା ଓ ମିଳିତ ସରକାର

୧୯୫୭ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ସାଧାରଣ ନିର୍ବାଚନରେ କଂଗ୍ରେସ ୧୪୦ଟି ଆସନରୁ ମାତ୍ର ୫୬ଟି ଆସନ ଲାଭ କରି ଏକକ ସଂଖ୍ୟା ଗରିଷ୍ଠଦଳର ମାନ୍ୟତା ଲାଭ କଲା । କିନ୍ତୁ ୭୧ ଜଣ ବିଧାୟକଙ୍କ ସମର୍ଥନ ରହିଲେ ଯାଇ କଂଗ୍ରେସଦଳ ମନ୍ତ୍ରିମଣ୍ଡଳ ଗଠନ କରିପାରିବ । ମନ୍ତ୍ରିମଣ୍ଡଳ ଗଠନ ନ ହେଲେ ଓଡ଼ିଶା କଂଗ୍ରେସ ବଦନାମ ହେବ । ଡକ୍ଟର ମହତାବଙ୍କ ରାଜନୈତିକ ସୁଖ୍ୟାତିରେ ଆଞ୍ଚ ଆସିବ । କାରଣ ମହତାବଙ୍କ ନେତୃତ୍ୱରେ ନିର୍ବାଚନ ପରିଚାଳନା ହେଉଥିଲା । ଏଣୁ ୧୦ଜଣ ସ୍ୱାଧୀନ ବିଧାୟକ ଓ ୪-୫ ଜଣ ଗଣତନ୍ତ୍ର ପରିଷଦର ବିଧାୟକଙ୍କୁ ଆଣି କଂଗ୍ରେସ ଦଳଭୁକ୍ତ କରାଗଲା । ତା ସହିତ ଝାଡ଼ଖଣ୍ଡ ଦଳର ୫ ଜଣ ବିଧାୟକଙ୍କ ସମର୍ଥନ ହାସଲ କରାଗଲା ।

ଏହିପରି ଭାବରେ କୃତ୍ରିମ ସଂଖ୍ୟା ଗରିଷ୍ଠତା ହାସଲ କରାଯାଇ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଡକ୍ଟର ହରେକୃଷ୍ଣ ମହତାବ ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କ ହାତରେ ରହିଲା ପଲଟିକାଲ ସର୍ଭିସେସ୍ ଓ ଅର୍ଥ ବିଭାଗ । ଅନ୍ୟ ମନ୍ତ୍ରୀମାନେ ହେଲେ, ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ- ଘରୋଇ ଆଇନ୍ ଓ ଶିକ୍ଷାବିଭାଗ ମନ୍ତ୍ରୀ; ରାଧାନାଥ ରଥ- ଉନ୍ନୟନ ବିଭାଗ ମନ୍ତ୍ରୀ; ଶ୍ରୀ ଦିନବନ୍ଧୁ ସାହୁ- ଶିଳ୍ପ, ଖଣି ଓ ଭୂତତ୍ତ୍ୱ ବିଭାଗ ମନ୍ତ୍ରୀ; ଶ୍ରୀ ସତ୍ୟପ୍ରିୟ ମହାନ୍ତି- ରାଜସ୍ୱ, ଅବକାରୀ ଓ ସ୍ୱାୟତ୍ତ ଶାସନ ବିଭାଗ ମନ୍ତ୍ରୀ; ବସନ୍ତ ମଞ୍ଜରୀ ଦେବୀ- ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ (ସ୍ୱାୟତ୍ତ ଶାସନ, ରିଲିଫ ଓ ପୁନର୍ବସତି), ନୀଳମଣି ରାଉତରାୟ- ଯୋଗାଣ ପରିବହନ ଓ ଶ୍ରମମନ୍ତ୍ରୀ; ପବିତ୍ର ମୋହନ ପ୍ରଧାନ- ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ; ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ- ନଦୀ ଉପତ୍ୟକା ଉନ୍ନୟନ, ଦୁର୍ନୀତି ନିବାରଣ ସହ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ବିଷୟର ମନ୍ତ୍ରୀ ।

ଉପମନ୍ତ୍ରୀମାନେ ହେଲେ; ଶ୍ରୀ ଶାନ୍ତନୁ କୁମାର ଦାସ- ପଲ୍‌ଟିକାଲ ସର୍ଭିସେସ୍‌, ଉନ୍ନୟନ, ମତ୍ସ୍ୟ ଓ ସମବାୟ ବିଭାଗ; ଶ୍ରୀ ବୀର ବିକ୍ରମାଦିତ୍ୟ ସିଂହ ବରିହା- ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ (ଆଦିବାସୀ ଓ ହରିଜନ ଶିକ୍ଷା ଓ ଆଦିବାସୀ ଗବେଷଣା ବ୍ୟତୀତ); ଶ୍ରୀ କୁମୁଦ ଚନ୍ଦ୍ର ସିଂହ- ଲୋକସଂପର୍କ, ପରିବହନ ଓ ନିର୍ମାଣ ବିଭାଗ; ଶ୍ରୀ ହିମାଂଶୁ ଶେଖର ପାଢ଼ୀ- କୃଷି ବିଭାଗ । କଟକ ସହର ବିଧାୟକ ଶ୍ରୀ ବୀରେନ୍‌ ମିତ୍ର ମନ୍ତ୍ରିମଣ୍ଡଳରେ ଯୋଗଦେବା ପାଇଁ ଆଗ୍ରହୀ ଥିଲେ ମଧ୍ୟ ତାଙ୍କୁ ଡକ୍ଟର ମହତାବ ମନ୍ତ୍ରିମଣ୍ଡଳରେ ଗ୍ରହଣ କରି ନଥିଲେ । ସେଥିପାଇଁ ବୀରେନ୍‌ ମିତ୍ର ମନ ଦୁଃଖ କରିଥିଲେ ।

## ଡକ୍ଟର ହରେକୃଷ୍ଣ ମହତାବ :

ଡକ୍ଟର ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ କଟକର ରେଭେନ୍‌ସା କଲେଜରେ ଅଧ୍ୟୟନ କରିଥିଲେ । ୧୯୧୯ରୁ ୧୯୨୧ ମସିହା ଯାଏ ତିନିବର୍ଷ କାଳ ଓଡ଼ିଶା କଂଗ୍ରେସର ଅଗ୍ରଗଣ୍ୟ ପ୍ରତିଷ୍ଠାତାମାନଙ୍କ ଭିତରେ ସେ ଥିଲେ ଅନ୍ୟତମ । ୧୯୨୩-୨୪ରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ । ୧୯୨୪-୧୯୨୮ ମସିହା ମଧ୍ୟରେ ସେ ବାଲେଶ୍ୱର ଜିଲ୍ଲା ବୋର୍ଡର ଚେୟାରମ୍ୟାନ ଭାବରେ ନିର୍ବାଚିତ ହୋଇଥିଲେ । ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟରୂପେ ନିର୍ବାଚିତ ହୋଇଥିଲେ । ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ । ୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ୧୯୩୭-୩୯ ମସିହା ଯାଏ ସେ ଓଡ଼ିଶାର ଦେଶୀୟ ରାଜ୍ୟ ପ୍ରଜା ଆନ୍ଦୋଳନକୁ ପରିଚାଳିତ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଗଡ଼ଜାତ ପ୍ରଜା ଅନୁସନ୍ଧାନ କମିଟିର ଚେୟାରମ୍ୟାନ୍‌ ହେଲେ । ୧୯୪୨ ମସିହାରେ ସେ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣକରି ଅହମଦନଗର ଦୁର୍ଗରେ ଭାରତର ତୁଙ୍ଗ କଂଗ୍ରେସ ନେତାମାନଙ୍କ ସହିତ ଅଟକବନ୍ଦୀ ଥିଲେ । ସେଠାରୁ ମୁକ୍ତ ହେବା ପରେ ୧୯୪୬ ମସିହା ଏପ୍ରିଲ୍‌ ମାସରେ ଓଡ଼ିଶାର କଂଗ୍ରେସର ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରି ୧୯୫୦ ମଇମାସ ୧୨ ତାରିଖ ଯାଏ କାର୍ଯ୍ୟ ବହନ କରିଥିଲେ । ଏହି ସମୟରେ ତତ୍‌କାଳୀନ ଓଡ଼ିଶା ପ୍ରଦେଶ ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଥିଲା ତାଙ୍କର ଐତିହାସିକ ଅବଦାନ । ଏହା ଫଳରେ ପରବର୍ତ୍ତୀକାଳରେ ସ୍ୱାଧୀନ ଭାରତରେ ସମସ୍ତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପଥ ଉନ୍ମୁକ୍ତ ହୋଇଯାଇଥିଲା । ଏହା ବ୍ୟତୀତ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାର ଶୁଭ ପ୍ରଦାନ ଓ ଭୁବନେଶ୍ୱରଠାରେ ରାଜଧାନୀ ନିର୍ମାଣ ଆଦି ଉଲ୍ଲେଖନୀୟ ଘଟଣା । ୧୯୫୦-୫୨ ଯାଏଁ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ, ୧୯୫୨-୫୫ ଯାଏ ପାର୍ଲିଆମେଣ୍ଟରେ କଂଗ୍ରେସ ଦଳର ସାଧାରଣ

ସମ୍ପାଦକ ଦାୟିତ୍ୱ ବହନ କରିଥିଲେ । ଏହି ସମୟ ମଧ୍ୟରେ ସେ ଇଂଲଣ୍ଡ, ଆମେରିକା, ଜାପାନ ଆଦି ଅନେକ ରାଷ୍ଟ୍ର ଭ୍ରମଣରେ ଯାଇଥିଲେ । ୧୯୫୫ ମସିହା ମାର୍ଚ୍ଚ ମାସଠାରୁ ୧୯୫୬ ଅକ୍ଟୋବର ମାସ ଯାଏ ସେ ଥିଲେ ବମ୍ବେ ପ୍ରଦେଶର ରାଜ୍ୟପାଳ । ତା'ପରେ ସେ ନବକୃଷ୍ଣ ଚୌଧୁରୀଙ୍କ ସ୍ଥାନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରି ଏହି ଦ୍ୱିତୀୟ ସାଧାରଣ ନିର୍ବାଚନ ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେଲେ ।

ସେ କେବଳ ଜଣେ ରାଜନୈତିକ ବା କୂଟନୀତିଜ୍ଞ ନୁହନ୍ତି, ସେ ଜଣେ ମହାନ୍ ସଂସ୍କୃତିସମ୍ପନ୍ନ ବ୍ୟକ୍ତି । 'ଓଡ଼ିଶା ଇତିହାସ' ପୁସ୍ତକ ରଚନା କରିବା ସହ ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ବହୁ ଉଚ୍ଚକୋଟୀର ରାଜନୀତିକ ସମସ୍ୟାମୂଳକ ପୁସ୍ତକ ଲେଖିଛନ୍ତି । ଓଡ଼ିଆ ଭାଷାରେ ଅନେକ ଗଳ୍ପ, ଉପନ୍ୟାସ ଓ ନାଟକ ମଧ୍ୟ ସେ ରଚନା କରିଛନ୍ତି । ସାହିତ୍ୟ କୃତି ପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ୧୯୫୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଡକ୍ଟର ମହତାବଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧିରେ ଭୂଷିତ କରିଛନ୍ତି । ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ । ଏହିପରି ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ଡକ୍ଟର ମହତାବ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

ଡକ୍ଟର ମହତାବଙ୍କ ମନ୍ତ୍ରିମଣ୍ଡଳ କିଛିଦିନ ଚାଲିବା ପରେ ବିଭ୍ରାଟ ଆରମ୍ଭ ହୋଇଗଲା । ଯେଉଁ ସ୍ୱାଧୀନ ସଦସ୍ୟ ଓ ଗଣତନ୍ତ୍ର ପରିଷଦର ସଦସ୍ୟମାନେ କଂଗ୍ରେସରେ ଯୋଗଦେଇଥିଲେ, ସେମାନେ ନାନା ପ୍ରକାର ଦାବି ଉପସ୍ଥାପନ କଲେ । କିଏ ମନ୍ତ୍ରୀପଦ ଦାବି କରୁଥାଆନ୍ତି ତ କିଏ ଆର୍ଥିକ ସହାୟତା ପାଇଁ ଦାବି ଉପସ୍ଥାପନ କରୁଥାଆନ୍ତି । ଆଉ ଝାଡ଼ଖଣ୍ଡ ଦଳର ନେତାମାନଙ୍କ କଥା କହିଲେ ନସରେ । ସେହି ସମୟରେ ଓଡ଼ିଶା ବିଧାନସଭା ଶନିବାର-ରବିବାରରେ ବନ୍ଦ ରହେ । ଶୁକ୍ରବାର ଦିନ ସକାଳଓଳି ବିଧାନସଭା ବସେ ଓ ଦିନ ଗୋଟାକରେ ବନ୍ଦ ହୁଏ । ପ୍ରତି ଶୁକ୍ରବାର ଦିନ ଝାଡ଼ଖଣ୍ଡ ଦଳର ସଭ୍ୟମାନେ ନିଜ ଗାଁ ଓ ନିର୍ବାଚନମଣ୍ଡଳୀକୁ ଯାଆନ୍ତି । ସ୍ୱାଧୀନ ସଭ୍ୟମାନଙ୍କର ଅଭ୍ୟାସ ମଧ୍ୟ ଠିକ୍ ସେହିପରି ।

ପବିତ୍ରମୋହନ ପ୍ରଧାନ ଥାଆନ୍ତି ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ । ଝାଡ଼ଖଣ୍ଡ ଦଳର ନେତାମାନେ ସମସ୍ତେ ଆଦିବାସୀ । ତେଣୁ ସେମାନଙ୍କ ଯିବା ଆସିବା ଦାୟିତ୍ୱ ପବିତ୍ର ବାବୁଙ୍କ ଉପରେ ନ୍ୟସ୍ତ ଥାଏ । ସୋମବାର ଦିନ ୧୧ଟା ସୁଦ୍ଧା ଏହି ନେତାମାନଙ୍କୁ ବିଧାନସଭାରେ ଉପସ୍ଥିତ କରାଇବା ଦାୟିତ୍ୱ ମଧ୍ୟ ପବିତ୍ର ବାବୁଙ୍କର । ଗଣତନ୍ତ୍ର ପରିଷଦ ଦଳରୁ ଆସି କଂଗ୍ରେସରେ ମିଶିଥିବା ସଭ୍ୟମାନଙ୍କ ଉପରେ ଉକ୍ତ ଦଳର ଚାପ ଓ ଧମକ ସଦାସର୍ବଦା ଲାଗି ରହିଥାଏ ।

ଦିନକର କଥା । ସେଦିନ ବିଧାନସଭା ଚାଲିଥିବା ସମୟରେ ଗଣତନ୍ତ୍ର ଦଳରୁ କଂଗ୍ରେସରେ ମିଶିଥିବା ଦୁଇଜଣ ସଦସ୍ୟ ହଠାତ୍ କଂଗ୍ରେସ ଦଳ ତ୍ୟାଗ କରି ସେମାନଙ୍କ ନିଜ ଦଳରେ ମିଶିଗଲେ । ଏହାଫଳରେ କଂଗ୍ରେସ ଦଳରେ ହତାଶା ଭାବ ହେଲା । ଏଥିପାଇଁ ଗଣତନ୍ତ୍ର ପରିଷଦ ମଧ୍ୟ ଉତ୍ସାହୀ ହୋଇଉଠିଲେ । ତାଙ୍କ ଦଳରୁ ଯାଇ କଂଗ୍ରେସ ଦଳରେ ମିଶିଥିବା ଅନ୍ୟ ସଦସ୍ୟମାନଙ୍କୁ ନେଇଯିବା ପାଇଁ ଉଦ୍ୟମ କଲେ । ଖାଲି ସେତିକି ନୁହେଁ- କଂଗ୍ରେସଦଳରୁ ମଧ୍ୟ ଦୁଇ ତିନିଜଣ ସଦସ୍ୟଙ୍କୁ ନେଇଯିବା ପାଇଁ ଚେଷ୍ଟା ଅବ୍ୟାହତ ରଖିଲେ ।

## ଆୟାରାମ ଗୟାରାମ ପ୍ରସଙ୍ଗ :

ଏପରି ଏକ ସଂଖ୍ୟାଲଘୁ ସରକାରକୁ ଚଳାଇବା କାଠିକର ପାଠ ହୋଇପଡ଼ିଲା । ସଦାସର୍ବଦା ଗଣତନ୍ତ୍ର ପରିଷଦ ଦଳର ସଭ୍ୟମାନଙ୍କ ସହ ବାଚନିକ ଯୁଦ୍ଧ ଚାଲିଲା । ବେଳେବେଳେ ହାତାହାତି ବି ହେଲା । ଦିଲ୍ଲୀ ମହଲରେ କଂଗ୍ରେସ ହାଇକମାଣ୍ଡ ଏଥିପାଇଁ ଅତ୍ୟନ୍ତ ବିବ୍ରତ ଓ ବିଚଳିତ ହୋଇପଡ଼ିଲେ । କାରଣ ସେତେବେଳେ ଅନ୍ୟ ଦଳରୁ ସଭ୍ୟ ଆଣି ମନ୍ତ୍ରିମଣ୍ଡଳ ଚଳାଇବା କାର୍ଯ୍ୟ ନିନ୍ଦା ଓ ଅପମାନସୂଚକ ବୋଲି ବିବେଚିତ ହେଉଥିଲା । ବିଧାନସଭା ବୈଠକରେ ଏପରି ଅବସ୍ଥା ଉପୁଜୁଥାଏ ଯେ ଜଣାପଡୁଥାଏ, ମନ୍ତ୍ରିମଣ୍ଡଳ କେତେବେଳେ ଭାଙ୍ଗିଯିବ ତାହା କେହି କହିପାରିବ ନାହିଁ । କଂଗ୍ରେସ ଦଳ ଏଥିପାଇଁ ସବୁବେଳେ ସଜାଗ ଥାଏ । ଦଳରେ ଯୋଗ ଦେଇଥିବା ସ୍ୱାଧୀନ ସଭ୍ୟମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥାଏ । ଅନ୍ୟମାନଙ୍କ ମଧ୍ୟରେ ଜଣେ ରାଜା ସ୍ୱାଧୀନ ସଭ୍ୟ ଭାବରେ ଥାଆନ୍ତି । ମହତ୍ତ୍ୱପୂର୍ଣ୍ଣ ଭୋଟିଂ ଦିନ ସେ ବିଧାନସଭାରେ ଉପସ୍ଥିତ ରହିବାକୁ କୁଣ୍ଠାବୋଧ କରନ୍ତି । କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ଲାଭ ନ ପାଇଲେ ସେ ବିଧାନସଭାରେ ଉପସ୍ଥିତ ରହି ଭୋଟ ଦେବେ ନାହିଁ ବୋଲି ରୋକ୍‌ଠୋକ୍ ଭାବରେ କହନ୍ତି । ଏହିସବୁ ପ୍ରସଙ୍ଗରେ କେନ୍ଦ୍ର କର୍ତ୍ତୃପକ୍ଷ ଓଡ଼ିଶାର କଂଗ୍ରେସ ସରକାରଙ୍କୁ ଭାଙ୍ଗିଦେବା ପାଇଁ ମନସ୍ଥ କରୁଥାଆନ୍ତି । ଡକ୍ଟର ମହତାବ ମଧ୍ୟ ଚାହୁଁଥିଲେ ଏପରି ଦୁର୍ବଳ ସରକାର ଭାଙ୍ଗିଯିବା ଉଚିତ ।

ହେଲେ ଯେଉଁମାନେ ମହତାବଙ୍କୁ ବମ୍ବେ ରାଜ୍ୟପାଳ ପଦରୁ ଉଠାଇ ଆଣିଥିଲେ, ସେମାନେ ଚାହୁଁଥାଆନ୍ତି ଯେକୌଣସି ପ୍ରକାରେ ଓଡ଼ିଶାରେ କଂଗ୍ରେସ ସରକାର ବଞ୍ଚି ରହୁ । ସରକାର ଭାଙ୍ଗି ସାନି ନିର୍ବାଚନ କରିବାକୁ ଅଧିକାଂଶ ସଭ୍ୟ ଚାହୁଁ ନଥାନ୍ତି । ଶାସନ କୌଣସି ପ୍ରକାରେ ଚଳିବ, ମହତାବ ବାବୁ ଏହି ଶାସନର ନେତୃତ୍ୱ ନେବେ- ଏହା ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟଙ୍କ ସମେତ କଂଗ୍ରେସ ଦଳର ଶତକଡ଼ା ପଚାଶ ଭାଗରୁ ଅଧିକ ସଭ୍ୟଙ୍କର ମତ ବୋଲି 'ମୁକ୍ତିପଥେ ସୈନିକ'ରେ ଲେଖିଛନ୍ତି ପବିତ୍ରମୋହନ ପ୍ରଧାନ ।

## କଂଗ୍ରେସ ପ୍ରତି ଶକ୍ତ ଧକ୍କା :

୧୯୫୮ ମସିହା ମାର୍ଚ୍ଚ ୨୪ ତାରିଖ ଦିନ ଓଡ଼ିଶା ରାଜ୍ୟସଭାର ତିନୋଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଝାଡଖଣ୍ଡଦଳର ୫ଜଣ ସଭ୍ୟଙ୍କ ସମର୍ଥନ ସହ ବିଧାନସଭାରେ କଂଗ୍ରେସଦଳର ସଭ୍ୟ ସଂଖ୍ୟା ଥିଲା ୭୫ । ଫଳରେ କଂଗ୍ରେସ ଦଳ ତରଫରୁ ବିଭୁଧେନ୍ଦ୍ର ମିଶ୍ର ଓ ମହମ୍ମଦ ହନିଫ୍‌ଙ୍କୁ ପ୍ରାର୍ଥୀ କରାଗଲା । ଗଣତନ୍ତ୍ର ପରିଷଦର ସଭ୍ୟସଂଖ୍ୟା ୪୧ । ଏହି ଦଳରୁ ହରିହର ପଟେଲ ପ୍ରାର୍ଥୀ ହେଲେ । ପ୍ରଜା ସମାଜବାଦୀ ଦଳର ସଭ୍ୟସଂଖ୍ୟା ୧୧ ଥାଇ ସେହି ଦଳରୁ ପ୍ରାର୍ଥୀ କରାଗଲା ଦିବାକର ପଟ୍ଟନାୟକଙ୍କୁ । କଂଗ୍ରେସ ଦଳର ସ୍ଥିତି ଅନୁଯାୟୀ ଦୁଇଜଣଯାକ ପ୍ରାର୍ଥୀ ଜିତିବା କଥା । ହେଲେ କଂଗ୍ରେସଦଳରୁ କେବଳ ବିଭୁଧେନ୍ଦ୍ର ମିଶ୍ର ଜିତିଲେ ଓ ମହମ୍ମଦ ହନିଫ୍ ପରାଜିତ ହେଲେ । ଗଣତନ୍ତ୍ର ପରିଷଦର ଏକମାତ୍ର ପ୍ରାର୍ଥୀ ହରିହର ପଟେଲ

ଓ ପ୍ରଜା ସମାଜବାଦୀ ଦଳର ପ୍ରାର୍ଥୀ ଦିବାକର ପଟ୍ଟନାୟକ ଜୟଯୁକ୍ତ ହେଲେ । ଏହା କଂଗ୍ରେସ ଦଳ ପାଇଁ ହେଲା ଏକ ଶକ୍ତ ଧକ୍କା ।

କଂଗ୍ରେସ ଦଳର ଏପରି ପରାଜୟ କାରଣରୁ ଗଣତନ୍ତ୍ର ପରିଷଦର ତୁଙ୍ଗ ନେତାମାନେ ଉତ୍ସାହୀ ହୋଇଉଠିଲେ । ତାଙ୍କ ଦଳରୁ କଂଗ୍ରେସ ଦଳରେ ମିଶିଯାଇଥିବା ସଦସ୍ୟମାନଙ୍କୁ କିପରି ନିଜ ଦଳକୁ ଅଣାଯିବ ଓ କଂଗ୍ରେସଦଳକୁ ଫଟାଇ ସେଥିରୁ କେମିତି କିଛି ସଦସ୍ୟଙ୍କୁ ଅଣାଯିବ ସେଥିପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଦେଲେ । ସେମାନେ ପ୍ରଥମେ ଖଡ଼ିଆଳର ରାଜା କଂଗ୍ରେସ ବିଧାୟକ ଅନୁପ ସିଂହ ଦେଓଙ୍କ ଉପରେ ଆଖି ପକାଇ ସଫଳ ହେଲେ । କାରଣ ଅନୁପ ସିଂହଦେଓ ଥିଲେ କଳାହାଣ୍ଡି ରାଜପରିବାରର ଜାମାତା । ଯେଉଁ ଅନୁପ ସିଂହଦେଓ ପ୍ରଥମ ସାଧାରଣ ନିର୍ବାଚନ କାଳରୁ କଂଗ୍ରେସ ଦଳରେ ଥାଇ ନୂଆପଡ଼ା ଆସନରୁ ୧୯୫୧-୫୨ ନିର୍ବାଚନରେ ବିଜୟୀ ହୋଇଥିଲେ, ସେ କଂଗ୍ରେସ ବିରୁଦ୍ଧରେ ମତବ୍ୟକ୍ତ କରି କଂଗ୍ରେସ ଦଳ ତ୍ୟାଗ କରି ବିରୋଧୀ ଦଳ ଆସନରେ ଯାଇ ବସିଲେ । ଏହା ପରେ ଦିଗପହଣ୍ଡି କଂଗ୍ରେସ ବିଧାୟକ, ବିଶିଷ୍ଟ ହରିଜନ ନେତା ମୋହନ ନାୟକ ଓ ଅନୁପ ସିଂହଦେଓଙ୍କ ସହ ନାମତାରା ଯୁଗ୍ମ ଆସନରୁ ନିର୍ବାଚିତ ହୋଇଥିବା କଂଗ୍ରେସ ବିଧାୟକ ଘାସିରାମ ମାଝିଙ୍କୁ ମଧ୍ୟ ଗଣତନ୍ତ୍ର ପରିଷଦର ନେତାମାନେ ନିଜ ପକ୍ଷକୁ ଟାଣିନେଲେ । ଏହି ଦୁଇଜଣ ନେତା କଂଗ୍ରେସ ଦଳ ପରିତ୍ୟାଗ କରିଥିବା କଥା ବାଚସ୍ପତିଙ୍କୁ ମଧ୍ୟ ଜଣାଇଦେଲେ ।

ଦିନକୁ ଦିନ ଅବସ୍ଥା ସଙ୍ଗୀନ ହୋଇଉଠିଲା । କଂଗ୍ରେସଦଳ ଉବୁଟୁବୁ ଅବସ୍ଥାରେ । କଂଗ୍ରେସର ବିଶିଷ୍ଟ ଯୁବ ବିଧାୟକ ବିଜୟାନନ୍ଦ ପଟ୍ଟନାୟକ ଜାଣିପାରିଲେ ଯେ ଅନୁପ ସିଂହଦେଓଙ୍କୁ କଳାହାଣ୍ଡି ରାଜା ସୁନ୍ଦରଗଡ଼ ରାଜାଙ୍କ ସରକାରୀ ବାସଭବନ (ଏମ୍.ଏଲ୍.ଏ. କ୍ୱାର୍ଟର)ରେ ଲୁଚେଇ ରଖିଛନ୍ତି । ତହୁଁ ସେ ଜବରଦସ୍ତ ସୁନ୍ଦରଗଡ଼ ରାଜାଙ୍କ ସରକାରୀ ବାସଗୃହରେ ପ୍ରବେଶ କରି ଗଣତନ୍ତ୍ର ପରିଷଦର ନେତାମାନଙ୍କ ଗହଣରେ ଥିବା ଅନୁପ ସିଂହଦେଓଙ୍କୁ ଉଦ୍ଧାର କଲେ । ଏହି ଘଟଣା ପରେ ଅନୁପ ସିଂହଦେଓ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ କଲେ । ଏହା ପରେ ପରେ ମୋହନ ନାୟକ ଓ ଘାସିରାମ ମାଝି ମଧ୍ୟ କଂଗ୍ରେସ ଦଳକୁ ଫେରି ଆସିଲେ ।

୧୯୫୯ ମସିହା ବିଧାନସଭା ବଜେଟ୍ ଅଧିବେଶନ ସମୟରେ ଜଣାଗଲା, ଏଣିକି ସରକାର ଚାଲିବା କାଠିକର ପାଠ ହେବ । ଦିନେ ସରକାରଙ୍କର ଏକ ପ୍ରସ୍ତାବ ଉପରେ ଭୋଟ ଦାବିକରି ବିରୋଧିଦଳ ନାକଚ କରିଦେଲେ । ଏହି ବିଲ୍‌ଟି ପୌରସଂସ୍ଥା ନିର୍ବାଚନକୁ ବିଧିବଦ୍ଧ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ବିଲ୍‌ଟିକୁ ଆଣିଥିଲେ ମନ୍ତ୍ରୀ ସତ୍ୟପ୍ରିୟ ମହାନ୍ତି । ବିରୋଧିଦଳ ହଠାତ୍ ଏହି ବିଲ୍ ଉପରେ ଭୋଟ ଦାବି କଲେ । କଂଗ୍ରେସ ଦଳ ଏଥିପାଇଁ ସଜାଗ ନ ଥିଲେ । ଫଳରେ ଭୋଟରେ ଶାସକ ଦଳର ଶୋଚନୀୟ ପରାଜୟ ଘଟିଲା । ବିରୋଧିଦଳ ଏକାବନଟି ଓ ଶାସକ ଦଳ ତେୟାଳିଶିଟି ଭୋଟ ପାଇଲେ । ସରକାର ଇସ୍ତଫା ଦେବା ପାଇଁ ବିରୋଧିଦଳ ପକ୍ଷରୁ ଜୋରଦାର ଦାବି ହେଲା । ଅନ୍ୟଦଳର ସଦସ୍ୟ ଯେଉଁମାନେ କି କଂଗ୍ରେସରେ ମିଶିଥିଲେ ସେମାନେ ସରକାରଙ୍କୁ ବଞ୍ଚାଇବା ପାଇଁ ନାନାପ୍ରକାର

ପ୍ରୋତ୍ସାହନ ଦାବି କଲେ । ଏପରି ନୀତିହିନ ଭାବରେ ମନ୍ତ୍ରିମଣ୍ଡଳ ଚଳାଇବା ଠିକ୍ ନୁହେଁ ବୋଲି କଂଗ୍ରେସର ମୁଖିଆ ନେତାମାନେ ପ୍ରସ୍ତାବ ଦେଲେ ।

ଆଉ କେତେକ କଂଗ୍ରେସ ନେତା ମତ ଦେଲେ ଯେ, ରାଜା ମହାରାଜଙ୍କ ଗଣତନ୍ତ୍ର ପରିଷଦ ଦଳକୁ କଂଗ୍ରେସରେ ସାମିଲ କରିଦେଲେ ଭଲ ହୁଅନ୍ତା । ଆଉ କିଏ କିଏ କହିଲେ ଯେ ଏହି ରାଜାମାନଙ୍କୁ ଦଳରେ ଉଚ୍ଚସ୍ଥାନ ପ୍ରଦାନ କଲେ, ସେମାନେ ଗଣତନ୍ତ୍ର ଦଳ ଭାଙ୍ଗି କଂଗ୍ରେସରେ ମିଶିଯାଆନ୍ତେ । ଉପକୂଳ ଅଞ୍ଚଳର କଂଗ୍ରେସ ନେତାମାନେ କହୁଥାଆନ୍ତି ଯେ ରାଜା ମହାରାଜାମାନେ କଂଗ୍ରେସ ଦଳରେ ଯୋଗଦେବାକୁ ଆଗ୍ରହୀ, ହେଲେ ପବିତ୍ର ମୋହନ ପ୍ରଧାନ ଏହି ମିଳନ ପ୍ରକ୍ରିୟାରେ ପ୍ରତିବନ୍ଧକ ହେଉଛନ୍ତି ।

ଶେଷରେ ଠିକ୍ ହେଲା ଯେ ଗଣତନ୍ତ୍ର ପରିଷଦ ସହ ହାତ ମିଳାଇ କଂଗ୍ରେସ ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାହେବ । କେନ୍ଦ୍ରରେ ଓଡ଼ିଶାର ରାଜାମାନଙ୍କ ସପକ୍ଷରେ କୁହାଗଲା ଯେ ''ଓଡ଼ିଶାର ଗଣତନ୍ତ୍ର ଦଳର ରାଜାମାନେ ଲୋକପ୍ରିୟ, ଗଣତନ୍ତ୍ରବାଦୀ ଓ ପ୍ରଗତିଶୀଳ । ସେମାନେ ପଶ୍ଚିମ ଓଡ଼ିଶା ତଥା ଗଡ଼ଜାତମାନଙ୍କର ପ୍ରକୃତ ନେତା । ଯାହାହେଉ, କେନ୍ଦ୍ର ଏଥିରେ ରାଜିହେଲେ ।

ଡକ୍ଟର ମହତାବଙ୍କର ଆଶଙ୍କା ଥିଲା, କାଳେ ପବିତ୍ର ମୋହନ ପ୍ରଧାନ ଏହି ମିଳିତ ମନ୍ତ୍ରିମଣ୍ଡଳ ଗଠନକୁ ବିରୋଧ କରିବେ; ତେଣୁ ସେ ମଝିରେ ମଝିରେ ପବିତ୍ରବାବୁଙ୍କୁ ବୁଝାଉ ଥାଆନ୍ତି । ତା'ପରେ ସେ ପ୍ରସ୍ତାବ ଦେଲେ ଯେ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଆଗତୁରା ଇସ୍ତଫା ପ୍ରଦାନ କଲେ ଖୁବ୍ ଭଲ ହେବ । କିନ୍ତୁ କିଏ ଇସ୍ତଫା ଦେଇ ଆଦର୍ଶ ଦେଖାଇବ ? ମହତାବ ବାବୁ କହିଲେ, ''ଯଦି ପବିତ୍ର ବାବୁ ଇସ୍ତଫା ପ୍ରଥମେ ଦେବେ, ତେବେ ଅନ୍ୟ ମନ୍ତ୍ରୀମାନେ ଇସ୍ତଫା ଦେଇଦେବେ'' ଫଳରେ ପବିତ୍ର ବାବୁ ପ୍ରଥମେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । କାରଣ ପବିତ୍ର ବାବୁ ରାଜାମାନଙ୍କ ସହ ମିଶି ମିଳିତ ମନ୍ତ୍ରିମଣ୍ଡଳ ଗଠନ ସପକ୍ଷରେ ନାହାନ୍ତି ବୋଲି ଖୁବ୍ ଜୋର୍‌ରେ ପ୍ରଚାର ହେଉଥିଲା । ପବିତ୍ରବାବୁ ଇସ୍ତଫା ଦେଇଥିବା କଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ତା'ପରେ ସମସ୍ତେ ଇସ୍ତଫା ପ୍ରଦାନ କଲେ । କଂଗ୍ରେସ ମନ୍ତ୍ରିମଣ୍ଡଳ ଭାଙ୍ଗିଲା ।

## କଂଗ୍ରେସ-ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଃ

ଗଣତନ୍ତ୍ର ପରିଷଦର ସଭାପତି ପ୍ରତାପ କେଶରୀ ଦେଓ ଏହିପରି ମିଳିତ ମନ୍ତ୍ରିମଣ୍ଡଳ ଗଠନରେ ରାଜି ନ ଥିଲେ । କିନ୍ତୁ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହାକୁ ଏକ ସୁଯୋଗ ଭାବି ହାତଛଡ଼ା କରିବାକୁ ଚାହିଁ ନଥିଲେ । ଓଡ଼ିଶାର ଏକ ନୂଆ ମିଳିତ ମନ୍ତ୍ରିମଣ୍ଡଳ ୧୯୫୯ ମସିହା ମଇ ମାସ ୨୨ ତାରିଖ ଦିନ ୧୦ଟା ସମୟରେ କଟକ ରାଜଭବନଠାରେ ଶପଥ ଗ୍ରହଣ କଲେ । ଏହି ମନ୍ତ୍ରିମଣ୍ଡଳ ଡକ୍ଟର ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଗଠିତ ହେଲା । ପ୍ରଥମ ଦିନ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ତିନି ଜଣ ମନ୍ତ୍ରୀ ଶପଥ ଗ୍ରହଣ କଲେ । ଅନ୍ୟ ଦୁଇ ଜଣ ହେଲେ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ରାଧାନାଥ ରଥ । ପରବର୍ତ୍ତୀ ସମୟରେ ଏହି ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରାଯାଇ ଉଭୟପକ୍ଷରୁ ଆଉ ଆଠଜଣଙ୍କୁ

ମନ୍ତ୍ରିମଣ୍ଡଳରେ ଗ୍ରହଣ କରାଯାଇଥିଲା । ଏହି ମନ୍ତ୍ରିମଣ୍ଡଳରେ କଂଗ୍ରେସର ବହୁ ପୂର୍ବତନ ମନ୍ତ୍ରୀ ସ୍ଥାନ ପାଇଲେ ମଧ୍ୟ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କୁ ଗ୍ରହଣ କରାଗଲା ନାହିଁ । ବୋଧେ ରାଜା ମହାରାଜାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଯେଉଁ ତିନିଜଣ ମନ୍ତ୍ରୀ ପ୍ରଥମେ ଶପଥ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ଏହିପରି ହେଲା଼ ଡକ୍ଟର ହରେକୃଷ୍ଣ ମହତାବ- (ମୁଖ୍ୟମନ୍ତ୍ରୀ) ପଲ୍‌ଟିକାଲ ଆଣ୍ଡ ସର୍ଭିସେସ୍ ବିଭାଗର ସାଧାରଣ ଶାସନ ଓ ନୂଆ ରାଜଧାନୀ ପରିଚାଳନା, ସ୍ୱରାଷ୍ଟ୍ର, ରାଜସ୍ୱ, ଅବକାରୀ ଓ ଶିକ୍ଷାବିଭାଗ; ରାଜେନ୍ଦ୍ର ନାରାୟଣ ସିଂହଦେଓ- ଅର୍ଥ, ସାଧାରଣ ଶାସନ ଓ ନୂଆ ରାଜଧାନୀ ପରିଚାଳନା ବ୍ୟତୀତ ଆଦିବାସୀ ଓ ଗ୍ରାମମଙ୍ଗଳ, ଶିଳ୍ପ, ଖଣି ଓ ଭୂତତ୍ତ୍ୱ, ଆଇନ ଓ ପୁନର୍ବସତି ବିଭାଗ; ରାଧାନାଥ ରଥ- ବିକାଶ, ନିର୍ମାଣ, ବାଣିଜ୍ୟ, ଯାନବାହନ ଓ ଯୋଗାଣ ବିଭାଗ ।

ଶପଥ ଗ୍ରହଣ ଉତ୍ସବ ପରେ ଡକ୍ଟର ହରେକୃଷ୍ଣ ମହତାବ ଓ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମିଳିତ ଭାବରେ ନିମ୍ନଲିଖିତ ବିବୃତି ପ୍ରଦାନ କଲେ । ସେମାନେ କହିଲେ-

''ମୋଟାମୋଟି ଭାବରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ, ବିଶେଷତଃ ଷଢ଼େଇକଳା ଓ ଖରସୁଆଁ କଥା ଆମମାନଙ୍କ ମନରେ ସର୍ବଦା ରହିବ ଓ ସେସବୁ ଅଞ୍ଚଳକୁ ଓଡ଼ିଶା ସହିତ ପୁଣି ମିଶାଇବା ଲାଗି ଆମ୍ଭଦ୍ୱାରା ଯାହା କିଛି ହେବା ସମ୍ଭବ ଆମେ ସେ ସମସ୍ତ ଉଦ୍ୟମ କରିବୁ । ଏହି ମିଳନକୁ ରାଜନୈତିକ ସୁବିଧା ବୋଲି କେହି କେହି ଅଭିସନ୍ଧି ଆରୋପ କରିଛନ୍ତି । କିନ୍ତୁ ସେମାନେ ଭୁଲିଯିବା ଉଚିତ ନୁହେଁ ଯେ, ଯେଉଁଠାରେ ବ୍ୟବସ୍ଥାସଭା ଭିତରେ ଅନେକ ଗୁଡ଼ିଏ ରାଜନୈତିକ ଦଳ ରହିଛନ୍ତି ଓ କୌଣସି ଗୋଟିଏ ଦଳର ସୁସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନାହିଁ, ସେଠାରେ ଗଣତନ୍ତ୍ର ବ୍ୟବସ୍ଥାକୁ ସଚଳ ରଖିବାକୁ ହେଲେ ମିଳିତ ସରକାର ଗଠନ ହିଁ ଏକମାତ୍ର ସ୍ୱାଭାବିକ ଅପରିହାର୍ଯ୍ୟ ପନ୍ଥା ।''

ବିବୃତିରେ ସେମାନେ ଆହୁରି କହିଲେ ଯେ ବ୍ୟବସ୍ଥାପକ ସଭା ଭିତରେ ଓ ବାହାରେ ଶକ୍ତିଶାଳୀ ସମର୍ଥନ ଥାଇ ଏକ ସୁଦୃଢ଼ ସରକାର ହେବା ଫଳରେ ଆମେ ଆଶା କରୁଛୁ ଯେ ବର୍ତ୍ତମାନ ଏ ରାଜନୈତିକ ଅଚଳ ଅବସ୍ଥାର ଅବସାନ ଘଟିବ । ରାଜ୍ୟର ବିରାଟ ସମ୍ପଦଗୁଡ଼ିକୁ ଯଥା ସମ୍ଭବ ସ୍ୱଳ୍ପତମ କାଳ ମଧ୍ୟରେ ଅଧିକତମ ପରିମାଣରେ ଉପଯୋଗ କରିବା ଏବଂ ଯୋଜନାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ ।

ଡକ୍ଟର ମହତାବ ଓ ଶ୍ରୀ ସିଂହଦେଓ ତାଙ୍କ ବିବୃତିରେ ଆହୁରି କହିଲେ ଯେ ବୃହତ୍ତର ରାଜନୈତିକ ଦଳ ଭିତରେ ଲକ୍ଷ୍ୟ ସାଧନର ସୁଦୃଢ଼ ସଂହତିର ଅଭାବ ଘଟିବା ଫଳରେ ଗତ କେତେବର୍ଷ ହେଲା ଓଡ଼ିଶା ରାଜନୈତିକ ଅନିଶ୍ଚିତତା ଭିତରେ ଘୋଷାରି ହେଉଥିଲା । ଓଡ଼ିଶା ପରି ଏକ ଅନୁନ୍ନତ ରାଜ୍ୟ ପକ୍ଷରେ ସେଭଳି ପରିସ୍ଥିତି ସହ୍ୟ କରାଯାଇ ନ ପାରେ । ପ୍ରାକୃତିକ ସମ୍ପଦ ଓ ଲୋକଶକ୍ତିରେ ଓଡ଼ିଶା ଗରିବ ନୁହେଁ । ଏହି ସମ୍ପଦ ସମୂହର ଯଥାର୍ଥ ବିନିଯୋଗ କରିବାରେ ଯେଉଁ ଶକ୍ତି ପ୍ରୟୋଗ କରାଯିବା ଉଚିତ୍ ଥିଲା, ତାହା ଦୁର୍ଭାଗ୍ୟ କ୍ରମେ ସୀମାହୀନ ଓ ନିରର୍ଥକ ରାଜନୈତିକ ବାଦବିବାଦ ଭିତରେ ନଷ୍ଟ ହୋଇଯାଇଛି । ସେଭଳି ଅବସ୍ଥାର ଅବସାନ

ଘଟାଇବା ଲାଗି ଆମେ ସ୍ଥିର କରିଛୁ ଯେ ଏ ରାଜ୍ୟର ଦୁଇଟି ଯାକ ବଡ଼ ରାଜନୈତିକ ଦଳ ଯେଉଁମାନେ କି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଫଳ ଭାବରେ ଚଳାଇବା ବିଷୟରେ ପ୍ରକୃତରେ ବିଶ୍ୱାସ କରନ୍ତି  ଏବଂ ଭାରତ ତଥା ଓଡ଼ିଶାର ଉନ୍ନତି ଓ ପ୍ରଗତି କାମନା କରନ୍ତି ସେ ଦୁଇଟିଯାକ ଦଳ-ମିଳିତ ହେବା ଉଚିତ ଏବଂ ଏକ ମିଳିତ ସରକାର ଗଢ଼ି ଏକ ସଙ୍ଗେ କାର୍ଯ୍ୟ କରିବା ଉଚିତ ।''

ପୁଣି ଡକ୍ଟର ମହତାବ ଓ ସିଂହଦେଓ ସରକାରୀ କର୍ମଚାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ କହିଲେ ଯେ ''ରାଜ୍ୟକୁ ପୁନର୍ଗଠିତ କରିବା ଭଳି କ୍ଳେଶକର କାର୍ଯ୍ୟ ସାଧନାରେ ଶାସନ କଳର ଗୁରୁଦାୟିତ୍ୱ ରହିଛି । ଆମର ଆଶା ଓ ବିଶ୍ୱାସ ଯେ ଓଡ଼ିଶାର ସ୍ଥାୟୀ ସରକାରୀ କର୍ମଚାରୀମାନେ ପରିସ୍ଥିତିର ଯୋଗ୍ୟ ହୋଇ ଉଠିବେ ଏବଂ ଶାସନକଳ ଭିତରେ ଦକ୍ଷତା ତଥା ସାଧୁତାର ନୂତନ ଆଦର୍ଶ ଦେଖାଇବେ ।''

ତା୧୪.୭.୧୯୫୯ରିଖରେ କଂଗ୍ରେସ-ଗଣତନ୍ତ୍ର ପରିଷଦର ମିଳିତ ମନ୍ତ୍ରିମଣ୍ଡଳ ସଂପ୍ରସାରିତ ହେଲା । ଏହ ମନ୍ତ୍ରିମଣ୍ଡଳରେ ନୂତନ ସଭ୍ୟ ଗ୍ରହଣ କରାଯିବା ସହ ବିଭାଗର ପୁନଃବଣ୍ଟନ ହେଲାଃ

## କ୍ୟାବିନେଟ ମନ୍ତ୍ରୀ ଃ

| | |
|---|---|
| **ଡକ୍ଟର ହରେକୃଷ୍ଣ ମହତାବ** | ଃ ପଲ୍‌ଟିକାଲ ଆଣ୍ଡ୍ ସର୍ଭିସେସ୍ (ସାଧାରଣ ବିଭାଗ), ଘରୋଇ, ଶିକ୍ଷା, ଯୋଜନା ଓ ସମନ୍ୱୟ |
| **ରାଜେନ୍ଦ୍ର ନାରାୟଣ ସିଂହଦେଓ** | ଃ ଅର୍ଥ, ଶିଳ୍ପ, ଖଣି, ଭୂତତ୍ତ୍ୱ ଓ ଆଇନ |
| **ରାଧାନାଥ ରଥ** | ଃ ବିକାଶ |
| **ସତ୍ୟପ୍ରିୟ ମହାନ୍ତି** | ଃ ରାଜସ୍ୱ, ଅବକାରୀ, ପଲଟିକାଲ ଆଣ୍ଡ ସର୍ଭିସେସ୍, ରାଜଧାନୀ ପ୍ରଶାସନ |
| **ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ** | ଃ ପୂର୍ତ୍ତ (ନିଯୁକ୍ତି, ଜଳସେଚନ, ନଦୀବନ୍ଧ, ଡ୍ରେନେଜ୍ ଓ ବିଜୁଳି) |
| **ନୀଳମଣି ରାଉତରାୟ** | ଃ ଯୋଗାଣ ଓ ବାଣିଜ୍ୟ |
| **ଉଦିତ୍ ପ୍ରତାପ ଶେଖର ଦେଓ** | ଃ ପଲଟିକାଲ ଆଣ୍ଡ ସର୍ଭିସେସ, ରାଜଧାନୀ ପ୍ରଶାସନ, ଆଦିବାସୀ କଲ୍ୟାଣ, ଭିଜିଲାନ୍‌ସ ସଂଗଠନ, ନଦୀ ଉପତ୍ୟକା ଉନ୍ନୟନ, ରାଉରକେଲା ଇସ୍ପାତ କାରଖାନା ବିଷୟ |
| **ବୃନ୍ଦାବନ ନାୟକ** | ଃ ପରିବହନ, ପୂର୍ତ୍ତ (ରାସ୍ତା ଓ ଗୃହନିର୍ମାଣ) |
| **ରାମ ପ୍ରସାଦ ମିଶ୍ର** | ଃ ଯୋଜନା ଓ ସମନ୍ୱୟ (ଗୋଷ୍ଠୀ ଉନ୍ନୟନ, ଜାତୀୟ ସଂପ୍ରସାରଣ ସେବା ଏବଂ ଗ୍ରାମ ପଞ୍ଚାୟତ ସଂଯୋଜନା) |
| **ରାଜବଲ୍ଲଭ ମିଶ୍ର** | ଃ ଆଦିବାସୀ ଗ୍ରାମ ମଙ୍ଗଳ ଏବଂ ଶ୍ରମ |

+++

## ଚତୁର୍ଦ୍ଦଶ ପରିଚ୍ଛେଦ

# ମିଳିତ ସରକାରର ପତନ ଓ ୧୯୬୧ ସାଧାରଣ ନିର୍ବାଚନ

ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଯୁବଗୋଷ୍ଠୀ କ୍ଷମତାକୁ ଆସିବା ପାଇଁ ବ୍ୟାକୁଳ ହୋଇ ପଡ଼ିଲେ । ବିଜୁ ପଟ୍ଟନାୟକ, ବୀରେନ ମିତ୍ର ଓ ନୀଳମଣି ରାଉତରାୟ ଡକ୍ଟର ମହତାବଙ୍କର ବିରୋଧୀ ହୋଇଗଲେ । ଏମାନେ କଂଗ୍ରେସ-ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ପାଇଁ ଅହରହ ଉଦ୍ୟମ କଲେ । ଏମାନେ ହିଁ ଡକ୍ଟର ମହତାବଙ୍କୁ ବମ୍ବେ ରାଜ୍ୟପାଳରୁ ଆଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇଥିଲେ । ପୁଣି ଏମାନଙ୍କ ଉଦ୍ୟମରେ ହିଁ କଂଗ୍ରେସ ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଇଥିଲା । ହେଲେ ଏବେ ଏମାନେ ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ପାଇଁ କାହିଁକି ଉଦ୍ୟମ କଲେ ? ଜଣାଯାଏ, ଡକ୍ଟର ମହତାବଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ନିଜର କିଛି ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିବାକୁ ବିଜୁବାବୁ ମନେ ମନେ ଠିକ୍ କରିଥିଲେ । ବାସ୍ତବରେ ତାହା ହୋଇ ପାରିଲା ନାହିଁ । କେବଳ ଗୋଟିଏ ଦଳ ମନ୍ତ୍ରିମଣ୍ଡଳ ଗଠନ କଲେ, ଦଳୀୟ ଲୋକଙ୍କର ସ୍ୱାର୍ଥ ହାସଲ ହେବା ସହଜ । କିନ୍ତୁ ମିଳିତ ମନ୍ତ୍ରିମଣ୍ଡଳରେ ତାହା ଏତେ ସହଜ ନୁହେଁ ।

ଡକ୍ଟର ମହତାବ ନୀତି ବିରୁଦ୍ଧରେ ଯାଇ ଦଳୀୟ ଲୋକଙ୍କର ସ୍ୱାର୍ଥ ରଖିବାକୁ ଅନିଚ୍ଛୁକ ହେଲେ । ତେଣୁ ଏହି ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ପାଇଁ ପୂରା ଦମ୍‌ରେ ଚେଷ୍ଟା ଅବ୍ୟାହତ ରହିଲା । ଏଥିପାଇଁ ବିଜୁବାବୁ ଓ ବୀରେନ୍‌ବାବୁ ବ୍ୟକ୍ତିଗତ ଭାବରେ ନିଜ ଦଳର ବିଧାନସଭା ସଭ୍ୟମାନଙ୍କୁ ଭେଟି ପ୍ରଭାବିତ କରିବାରେ ଲାଗିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା, କଂଗ୍ରେସ ବିଧାୟକ ଦଳର ସଦସ୍ୟମାନଙ୍କର ବହୁମତ ନେଇ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା । କିନ୍ତୁ ସେଥିରେ ସେମାନେ ସଫଳ ହୋଇ ପାରିଲେ ନାହିଁ । ତା'ପରେ ସଂଗଠନକୁ ଭାଙ୍ଗିବା ପାଇଁ ଚେଷ୍ଟା କଲେ ।

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିର୍ବାଚନରେ ଡକ୍ଟର ମହତାବଙ୍କ ବିରୋଧୀ ତଥାକଥିତ ଯୁବଗୋଷ୍ଠୀ ତରଫରୁ ବିଜୁ ପଟ୍ଟନାୟକଙ୍କୁ ସଭାପତି ପ୍ରାର୍ଥୀ କରାଗଲା । ସଭାପତି ପଦକୁ ନେଇଯିବା ପାଇଁ ଏହି ଗୋଷ୍ଠୀ ପ୍ରବଳ ଉଦ୍ୟମ କଲେ । କିନ୍ତୁ ମାତ୍ର ଚାରିଟି ଭୋଟରେ ବିଜୁ ପଟ୍ଟନାୟକ ହାରିଗଲେ । ବନମାଳୀ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ହେଲେ । ହାରିଯାଇ ମଧ୍ୟ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ ଯେନ ତେନ ପ୍ରକାରେଣ କଂଗ୍ରେସ କମିଟି ସଭାପତି ପଦକୁ ଛଡାଇ ଆଣିବା ପାଇଁ ଚେଷ୍ଟାକଲେ । ସେମାନେ ବନମାଳୀ ବାବୁଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହୋଇଗଲେ । ଏ କଥା ବନମାଳୀ ବାବୁ ଜାଣିପାରି ନିଜ ଆସ୍ଥା ବିଶ୍ୱାସ ପ୍ରସ୍ତାବ ଆଗତ କଲେ । ଦୁଃଖର ବିଷୟ, ବନମାଳୀବାବୁ ୪୬ ଭୋଟରେ ହାରିଗଲେ । ସେହିଦିନ ବିଜୁ ପଟ୍ଟନାୟକ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ ନିର୍ବାଚିତ ହେଲେ ।

ବିଜୁ ପଟ୍ଟନାୟକ କଂଗ୍ରେସ ସଭାପତି ହେବାରୁ ତାଙ୍କ ଅନୁଗାମୀମାନେ କଂଗ୍ରେସ-ଗଣତନ୍ତ୍ର ପରଷିଦ ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ପାଇଁ ପାର୍ଟି ବୈଠକରେ ଏକ ପ୍ରସ୍ତାବ ଗୃହୀତ କରାଇନେଲେ । କଂଗ୍ରେସ ଦଳ ମିଳିତ ମନ୍ତ୍ରିମଣ୍ଡଳରୁ ଓହରି ଆସିବା ପାଇଁ ସ୍ଥିର ହେଲା । ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେବା ନିଶ୍ଚିତ ହୋଇଗଲା । ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟ କଂଗ୍ରେସ ଦଳର ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଓଡ଼ିଶାରେ କଂଗ୍ରେସ ଦଳ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ଶାସନ ଚଳାଇ ପାରିବ ବୋଲି ପ୍ରସ୍ତାବ ଦେଲେ । କେନ୍ଦ୍ର କର୍ତ୍ତୃପକ୍ଷ ମଧ୍ୟ ଏହି ପ୍ରସ୍ତାବକୁ ଗ୍ରହଣ କଲେ । ବିଜୁ ପଟ୍ଟନାୟକ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ଶାସନ ଚଳାଇ ପାରିଲେ ଖୁବ୍ ଭଲ ହେବ ବୋଲି କଂଗ୍ରେସ ହାଇକମାଣ୍ଡ ମତ ଦେଲେ । କଂଗ୍ରେସ ହାଇକମାଣ୍ଡଙ୍କ ଆଶୀର୍ବାଦ ବିଜୁ ପଟ୍ଟନାୟକଙ୍କ ଉପରେ ଅଜାଡି ହୋଇ ପଡିଲା । ଅନ୍ୟ ଦଳରୁ ୫-୭ ଜଣ ସଭ୍ୟ ଆଣି କଂଗ୍ରେସରେ ମିଶାଇ ମନ୍ତ୍ରିମଣ୍ଡଳ ଗଠନ କରବାପାଇଁ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ ଉଦ୍ୟମ କଲେ ।

ମିଳିତ ମନ୍ତ୍ରିମଣ୍ଡଳ ନ ଚାଲିଲେ ରାଷ୍ଟ୍ରପତି ଶାସନ ଜାରି ହେଉ, କିନ୍ତୁ ଅନ୍ୟ ଦଳରୁ ସଭ୍ୟ ଆଣି କଂଗ୍ରେସରେ ମିଶାଇ ଆଉ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କରାନଯାଉ ବୋଲି ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ମତ ପୋଷଣ କଲେ । କିନ୍ତୁ ବିଜୁ ପଟ୍ଟନାୟକ ଗୋଷ୍ଠୀର ଏକା ଜିଦ୍ ଯେ, ମିଳିତ ମନ୍ତ୍ରିମଣ୍ଡଳ ଭଙ୍ଗାଯାଇ କଂଗ୍ରେସ ଏକାକୀ ସଂଖ୍ୟାଗରିଷ୍ଠ ଦଳ ଭାବରେ ରାଜ୍ୟ ଶାସନ ନିୟନ୍ତ୍ରଣ କରିବ । ଏହିସବୁ କାରଣରୁ ବିଜୁ ପଟ୍ଟନାୟକଙ୍କ କ୍ୟାମ୍ପ ଓ ଡକ୍ଟର ମହତାବଙ୍କ କ୍ୟାମ୍ପରେ ଘନ ଘନ ଆଲୋଚନା ଚାଲିଥାଏ । ଫଳରେ କଂଗ୍ରେସ ଦଳରେ ପ୍ରକାଶ୍ୟ ଭାବରେ ଫାଟ ସୃଷ୍ଟି ହେଲା ।

ଡକ୍ଟର ମହତାବ ଏପରି ପରିସ୍ଥିତିରେ ଅତିଷ୍ଠ ହୋଇପଡିଲେ । ଆଉ ଅଧିକ କାଳ ମନ୍ତ୍ରିମଣ୍ଡଳକୁ ନ ରଖିବା ପାଇଁ କେନ୍ଦ୍ରର ଅନୁମତି ଲୋଡିଲେ । କଂଗ୍ରେସ କର୍ତ୍ତୃପକ୍ଷ ଏହି ମିଳିତ

ମନ୍ତ୍ରିମଣ୍ଡଳ ଆଉ କିଛିଦିନ ରହିବା ସପକ୍ଷରେ ଥିଲେ । ସେଥିରେ ଡକ୍ଟର ମହତାବ ସନ୍ତୁଷ୍ଟ ହେଲେ ନାହିଁ । ଦଳ ଭିତରେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ଧାରଣ କଲା । ଦିନକୁ ଦିନ ଦଳରେ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଲା । ଏ ସବୁକୁ ହୃଦୟଙ୍ଗମ କରି ଡକ୍ଟର ମହତାବ ୧୯୬୧ ମସିହା ଜାନୁଆରି ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକ୍ତଙ୍କରଙ୍କୁ ଭେଟି ମିଳିତ ମନ୍ତ୍ରିମଣ୍ଡଳର ଇସ୍ତଫା ପ୍ରଦାନ କଲେ । ରାଜ୍ୟପାଳ ମିଳିତ ମନ୍ତ୍ରିମଣ୍ଡଳର ଇସ୍ତଫା ଗ୍ରହଣ କରିନେଲେ । ବିକଳ୍ପ ମନ୍ତ୍ରିମଣ୍ଡଳ ଗଠନ ପାଇଁ ସେ ଦ୍ୱିତୀୟ ବୃହତ୍ତମ ଦଳ ଗଣତନ୍ତ୍ର ପରିଷଦର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ଆମନ୍ତ୍ରଣ କଲେ । ହେଲେ ଗଣତନ୍ତ୍ର ପରିଷଦର ନେତା ଏଥିରେ ଅସାମର୍ଥ୍ୟ ପ୍ରକାଶ କଲେ । ଫଳରେ ରାଜ୍ୟରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଶାସନ ଜାରି ହେଲା ।

## ସାଧାରଣ ନିର୍ବାଚନ :

ଏହି ସମୟରେ ବିଜୁ ପଟ୍ଟନାୟକଙ୍କର ଦିଲ୍ଲୀ ମହଲରେ ବେଶ୍ ପ୍ରଭାବ ରହିଥାଏ । ବିଶେଷ କରି ସେ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଅଧିକ ପ୍ରିୟ ହୋଇଥାଆନ୍ତି । ଏଣୁ ସେ ତାଙ୍କର କାମଗୁଡ଼ିକ ସହଜରେ କେନ୍ଦ୍ରର ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ କରାଇ ଆଣୁଥିଲେ । ଓଡ଼ିଶାରେ ରାଷ୍ଟ୍ରପତି ଶାସନ ୧୯୬୨ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯାଏ ବଳବତ୍ତର ରହିବ ନା ୧୯୬୧ ମସିହାରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେବ, ରାଜନୈତିକ ମହଲରେ ଏହା ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ଥାଏ । ସବୁ ରାଜନୈତିକ ଦଳ ଭାବୁଥାଆନ୍ତି ଯେ, ୧୯୬୨ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାର ନିର୍ବାଚନ ହେବ । ଏଣୁ ନିର୍ବାଚନ ପାଇଁ କେହି ପ୍ରସ୍ତୁତ ନଥାନ୍ତି । କିନ୍ତୁ ବିଜୁ ପଟ୍ଟନାୟକ ଭିତରେ ଭିତରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ସାରିଥାନ୍ତି । ସେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ପ୍ରଭାବିତ କରି ଓଡ଼ିଶା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଘୋଷଣା କରାଇନେଲେ । ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ୧୯୬୧ ମସିହା ଜୁନ ମାସ ୨ ତାରିଖରୁ ୮ ତାରିଖ ଯାଏ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କଲେ ।

## ବିଧାନ-ସୌଧ ଉଦ୍‌ଘାଟିତ :

ବର୍ତ୍ତମାନ ବିଧାନସଭା ବୈଠକ ବସୁଥିବା ଗୃହକୁ କୁହାଯାଉଛି 'ବିଧାନ ସୌଧ' । ଏହାର ନିର୍ମାଣ କାର୍ଯ୍ୟ ୧୯୬୧ ଜାନୁଆରି ମାସରେ ସଂପୂର୍ଣ୍ଣ ହେଲା । ୪୭,୦୦୦ ବର୍ଗଫୁଟ ପରିମିତ ଜାଗାରେ ଏହା ନିର୍ମାଣ କରାଯାଇଛି । ୧୯୬୧ ମସିହା ଫେବୃଆରି ୧୨ ତାରିଖ ଦିନ ଭାରତର ତତ୍‌କାଳୀନ ଉପରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଆନୁଷ୍ଠାନିକ ଭାବରେ ଏହାକୁ ଉଦ୍‌ଘାଟନ କଲେ । ଏହି 'ବିଧାନ ସୌଧ'ର ନିର୍ମାଣ ପାଇଁ ସେହି ସମୟରେ ୨୫,୦୦୦,୦୦ ଟଙ୍କା ଖର୍ଚ୍ଚ ହୋଇଥିଲା ।



ଓଡ଼ିଶା ବିଧାନସଭା

## ତୃତୀୟ ବିଧାନସଭା ନିର୍ବାଚନ :

ଓଡ଼ିଶାର ତୃତୀୟ ବିଧାନସଭା ନିମନ୍ତେ ୧୯୬୧ ମସିହା ଜୁନ ୨ ତାରିଖଠାରୁ ୮ ତାରିଖ ଯାଏ ନିର୍ବାଚନ ଅନୁଷ୍ଠିତ ହେଲା । ପୂର୍ବ ଦୁଇଟି ନିର୍ବାଚନରେ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରହିଥିଲା । ତହିଁରେ ପରିବର୍ତ୍ତନ କରାଯାଇ ସବୁଗୁଡ଼ିକୁ ଜଣିକିଆ ବିଧାନସଭା ଆସନ ଭାବରେ ମାନ୍ୟତା ପ୍ରଦାନ କରାଗଲା । ୧୪୦ଟି ବିଧାନସଭା ଆସନ ମଧ୍ୟରୁ ୨୨ଟି ହରିଜନଙ୍କ ପାଇଁ ଓ ୩୪ଟି ଆଦିବାସୀଙ୍କ ପାଇଁ, ଏହିପରି ୫୬ଟି ଆସନ ସଂରକ୍ଷିତ କରାଗଲା । ଏହି ନିର୍ବାଚନରେ କଂଗ୍ରେସ ଦଳ ୧୪୦ଟି ଯାକ ଆସନରେ, ଗଣତନ୍ତ୍ର ପରିଷଦ ୧୧୭ଟି ଆସନରେ, ପ୍ରଜା ସମାଜବାଦୀ ଦଳ ୪୨ଟି ଆସନରେ, କମ୍ୟୁନିଷ୍ଟ ଦଳ ୩୨ଟି ଆସନରେ, ଜନତା ଦଳ ୯ଟି ଆସନରେ ପ୍ରାର୍ଥୀ ଠିଆ କରାଇଲେ । ୧୬୩ ଜଣ ସ୍ୱାଧୀନ ବା ନିର୍ଦ୍ଦଳୀୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କଲେ ।

କଂଗ୍ରେସଦଳ ୮୨ଟି , ଗଣତନ୍ତ୍ର ପରିଷଦ-୩୭ଟି, ପ୍ରଜା ସମାଜବାଦୀ ଦଳ-୧୦ଟି , ଭାରତୀୟ କମ୍ୟୁନିଷ୍ଟ ପାର୍ଟି-୪ଟି ଓ ନିର୍ଦ୍ଦଳୀୟ ବା ସ୍ୱାଧୀନ ପ୍ରାର୍ଥୀମାନେ ମାତ୍ର ୭ଟି ଆସନ ଲାଭ କଲେ । ଏହି ନିର୍ବାଚନରେ ନୂତନ ଭାବେ ବାଲଟ ପେପରରେ ମୋହର ମାରିବାର ପଦ୍ଧତି ଅନୁସରଣ କରାଗଲା । ଏହି ନବନିର୍ବାଚିତ ବିଧାନସଭା ସଦସ୍ୟମାନେ ଜୁନ ୨୬ ଓ ୨୮ ତାରିଖରେ ଶପଥ ଗ୍ରହଣ କଲେ । ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଲିଙ୍ଗରାଜ

ପାଣିଗ୍ରାହୀ ବାଚସ୍ପତି ଭାବରେ ଓ ଲୋକନାଥ ମିଶ୍ର ଉପବାଚସ୍ପତି ଭାବରେ ନିର୍ବାଚିତ ହେଲେ । ବିଧାନସଭାର ସଂଖ୍ୟା ଗରିଷ୍ଠଦଳ (କଂଗ୍ରେସ ଦଳ)ର ନେତା ଭାବରେ ବିଜୁ ପଟ୍ଟନାୟକ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଓ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଜୁନ୍ ୨୩ ତାରିଖରେ ଶପଥ ଗ୍ରହଣ କଲେ । ଗଣତନ୍ତ୍ର ପରିଷଦର ବିଧାୟକ ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହ ଦେଓ ହେଲେ ବିରୋଧୀ ଦଳର ନେତା ।



ଲିଙ୍ଗରାଜ ପାଣିଗ୍ରାହୀ

ଏହି ନିର୍ବାଚନରେ ବିଭିନ୍ନ ଦଳର ସମୁଦାୟ ୧୦ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ଚାରିଜଣ ନିର୍ବାଚିତ ହୋଇ ଆସିଲେ । ଏମାନେ ହେଲେ- ରତ୍ନମାଳୀ ଜେମା (କଂଗ୍ରେସ) ଏରସମାରୁ; ଶ୍ରୀମତୀ ସରସ୍ୱତୀ ପ୍ରଧାନ (କଂଗ୍ରେସ) ଭଟ୍‌ଲିରୁ; ରାଜମାତା ରତ୍ନପ୍ରଭା ଦେବୀ (ଗଣତନ୍ତ୍ର ପରିଷଦ) ଢେଙ୍କାନାଳରୁ ଓ ନବ କୁମାରୀ ଦେବୀ (ଗଣତନ୍ତ୍ର ପରିଷଦ) କାଶୀପୁରରୁ । କଂଗ୍ରେସ ଦଳର ପ୍ରାର୍ଥୀ ବିଜୁ ପଟ୍ଟନାୟକ ଢେଙ୍କାନାଳ ଓ ଚୌଦ୍ୱାର ଦୁଇଟି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ଚୌଦ୍ୱାରରୁ ନିର୍ବାଚିତ ହୋଇ ଆସିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ପବିତ୍ର ମୋହନ ପ୍ରଧାନ ତାଳଚେର ଓ ପାଲଲହଡ଼ା ଦୁଇଟି ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ଦୁଇଟି ଯାକରେ ବିଜୟ ଲାଭ କରି 'ନିର୍ବାଚନ ବୀର' ଭାବରେ ଆଖ୍ୟାୟିତ ହେଲେ । ତାଙ୍କ ବିଜୟର ବିଶେଷତ୍ୱ ହେଲା ଯେ, ସେ ନିର୍ବାଚନ ରଣାଙ୍ଗନରେ ଦୁଇ ଦୁଇ ଜଣ ପୂର୍ବତନ ଗଡ଼ଜାତ ଶାସକ ରାଜାଙ୍କୁ ପରାଜିତ କରି ବିପୁଳ ଭୋଟରେ ବିଜୟୀ ହୋଇ ଆସିଥିଲେ । ସେମାନେ ହେଲେ ତାଳଚେର ନିର୍ବାଚନ ମଣ୍ଡଳୀରୁ ଗଣତନ୍ତ୍ର ପରିଷଦ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତାଳଚେର ରାଜା



ନବକୁମାରୀ ଦେବୀ

ଆହ୍ଲାଦ ଚନ୍ଦ୍ର ଦେବରାଉତରାୟ ଓ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରୁ ଗଣତନ୍ତ୍ର ପରିଷଦ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଢ଼େଙ୍କାନାଳ ରାଜା ମହୀନ୍ଦ୍ର ବାହାଦୂର ଶଙ୍କର ପ୍ରତାପ ସିଂହ ଦେଓ ।

ପୂର୍ବ ନିର୍ବାଚନରେ ଗଣତନ୍ତ୍ର ପରିଷଦ କୋରାପୁଟ ଓ ସମ୍ବଲପୁର ଜିଲ୍ଲାରେ ଯେଉଁଭଳି ଲୋକପ୍ରିୟତା ହାସଲ କରିଥିଲେ, ଏହି ନିର୍ବାଚନରେ ତାହା ଦେଖାଗଲା ନାହିଁ । ଗଣତନ୍ତ୍ର ପରିଷଦ କୋରାପୁଟ ଜିଲ୍ଲାରେ ସମୂଳେ ଲୋପ ପାଇବା ସ୍ଥଳେ ସମ୍ବଲପୁର ଜିଲ୍ଲାରେ ୧୨ଟି ଆସନରୁ ମାତ୍ର ତିନି ଗୋଟି ଆସନ ଲାଭ କଲା । ଗତ ନିର୍ବାଚନ (୧୯୫୭)ରେ ଏହି ଦଳ ଏହି ଜିଲ୍ଲାରେ ନ'ଟି ଆସନ ପାଇଥିଲା । ଗଣତନ୍ତ୍ର ପରିଷଦ କେବଳ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ନିଜର ପୂର୍ବସ୍ଥିତି ବଜାୟ ରଖିପାରିଲା ।

ଏହି ତୃତୀୟ ସାଧାରଣ ନିର୍ବାଚନ (ମଧ୍ୟବର୍ତ୍ତୀ କାଳୀନ)ରେ ବିଭିନ୍ନ ନିର୍ବାଚନମଣ୍ଡଳୀ ଓ ବିଭିନ୍ନ ଦଳର ନିର୍ବାଚିତ ସଭ୍ୟମାନେ ହେଲେଃ

## ତୃତୀୟ ବିଧାନସଭାର ସଦସ୍ୟ (୧୯୬୧)ଃ

| | | |
|---|---|---|
| ବାଙ୍କି | ଗୋକୁଳାନନ୍ଦ ପ୍ରହରାଜ | ପ୍ରଜା ସମାଜବାଦୀ |
| କଟକ ନଗର | ବୀରେନ୍ ମିତ୍ର | କଂଗ୍ରେସ |
| ଜଗତସିଂହପୁର | ପ୍ରିୟନାଥ ଦେ | କଂଗ୍ରେସ |
| ଗୋବିନ୍ଦପୁର | କସ୍ତୁରୀ ଚରଣ ମଳିକ | ପ୍ରଜା ସମାଜବାଦୀ |
| ବାଲିକୁଦା | ବିପିନ ବିହାରୀ ଦାସ | କଂଗ୍ରେସ |
| ଏରସମା | ଶ୍ରୀମତୀ ରତ୍ନମାଳୀ ଜେମା | କଂଗ୍ରେସ |
| ପଟ୍ଟାମୁଣ୍ଡାଇ | ପ୍ରହ୍ଲାଦ ମଳିକ | କଂଗ୍ରେସ |
| ବଡ଼ଚଣା | ଧନଞ୍ଜୟ ଲେଙ୍କା | କଂଗ୍ରେସ |
| ଧର୍ମଶାଳା | ଗଦାଧର ଦତ୍ତ | କଂଗ୍ରେସ |
| ସୁକିନ୍ଦା | ବାଇଧର ସିଂହ | କଂଗ୍ରେସ |
| ପଶ୍ଚିମ ଯାଜପୁର | ମଦନ ମୋହନ ପଟ୍ଟନାୟକ | କଂଗ୍ରେସ |
| ଆଠଗଡ | ଅଚ୍ୟୁତାନନ୍ଦ ଦାସ | ସ୍ୱାଧୀନ |
| ବଡ଼ମ୍ବା | ବିଦ୍ୟାଧର ନାୟକ | କଂଗ୍ରେସ |
| ଚଉଦ୍ୱାର | ବିଜୟାନନ୍ଦ ପଟ୍ଟନାୟକ | କଂଗ୍ରେସ |
| କଟକ ସଦର | ଲକ୍ଷ୍ମଣ ମଳିକ | କଂଗ୍ରେସ |
| ମାହାଙ୍ଗା | ସୁରେନ୍ଦ୍ର ନାଥ ପଟ୍ଟନାୟକ | କଂଗ୍ରେସ |
| ସାଲେପୁର | ବାଇଧର ବେହେରା | ପି.ଏସ୍.ପି. |

| | | |
|---|---|---|
| ତିର୍ତ୍ତୋଲ | ପ୍ରତାପ ଚନ୍ଦ୍ର ମହାନ୍ତି | କଂଗ୍ରେସ |
| ପାଟକୁରା | ଲୋକନାଥ ମିଶ୍ର | କଂଗ୍ରେସ |
| ରାଜନଗର | ପଦ୍ମଚରଣ ନାୟକ | ସ୍ୱାଧୀନ |
| ଆଳି | ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ | କଂଗ୍ରେସ |
| କେନ୍ଦ୍ରାପଡ଼ା | ଧ୍ରୁବଚରଣ ସାହୁ | ପି.ଏସ୍.ପି |
| ବିଞ୍ଝାରପୁର | ଚିତ୍ତରଞ୍ଜନ ନାୟକ | କଂଗ୍ରେସ |
| ପୂର୍ବ ଯାଜପୁର | ଶାନ୍ତନୁ କୁମାର ଦାସ | କଂଗ୍ରେସ |
| ଦଶପଲ୍ଲା | ସାହେବ ନାୟକ | କଂଗ୍ରେସ |
| ବେଗୁନିଆ | ଗଙ୍ଗାଧର ପାଇକରାୟ | କମ୍ୟୁନିଷ୍ଟ |
| ଭୁବନେଶ୍ୱର | ସତ୍ୟପ୍ରିୟ ମହାନ୍ତି | କଂଗ୍ରେସ |
| ପୁରୀ | ଭଗବାନ ପ୍ରତିହାରୀ | କଂଗ୍ରେସ |
| ପିପିଲି | ରାମଚନ୍ଦ୍ର ପଟ୍ଟନାୟକ | କଂଗ୍ରେସ |
| ବାଣପୁର | ରଘୁନାଥ ମିଶ୍ର | ଗଣତନ୍ତ୍ର ପରିଷଦ |
| ଖଣ୍ଡପଡ଼ା | ହରିହର ମର୍ଦ୍ଦରାଜ ଭ୍ରମରବର ରାୟ | କଂଗ୍ରେସ |
| ନୟାଗଡ଼ | ବୃନ୍ଦାବନ ଚନ୍ଦ୍ର ସିଂହ | କଂଗ୍ରେସ |
| ରଣପୁର | ରାମଚନ୍ଦ୍ର ରାମ | କମ୍ୟୁନିଷ୍ଟ |
| ଖୋର୍ଦ୍ଧା | ବନମାଳୀ ପଟ୍ଟନାୟକ | କଂଗ୍ରେସ |
| ବାଲିପାଟଣା | ଗୋପୀନାଥ ଭୋଇ | କଂଗ୍ରେସ |
| ବ୍ରହ୍ମଗିରି | ଗୋପବନ୍ଧୁ ପାତ୍ର | ସ୍ୱାଧୀନ |
| ସତ୍ୟବାଦୀ | ରାଜରାଜ ଦେବ | ଗଣତନ୍ତ୍ର ପରିଷଦ |
| କାକଟପୁର | ଉପେନ୍ଦ୍ର ମହାନ୍ତି | କଂଗ୍ରେସ |
| ନିମାପଡ଼ା | ଗୋବିନ୍ଦ ଚନ୍ଦ୍ର ସେଠୀ | କଂଗ୍ରେସ |
| ବାସୁଦେବପୁର | ନୀଳମଣି ରାଉତରାୟ | କଂଗ୍ରେସ |
| ଭଦ୍ରକ | ନିତ୍ୟାନନ୍ଦ ମହାପାତ୍ର | ସ୍ୱାଧୀନ |
| ସୋରୋ | କରୁଣାକର ପାଣିଗ୍ରାହୀ | କଂଗ୍ରେସ |
| ସିମୂଳିଆ | ଭାଗୀରଥି ଦାସ | କଂଗ୍ରେସ |
| ନୀଳଗିରି | ରାଜେନ୍ଦ୍ର ଚନ୍ଦ୍ର ହରିଚନ୍ଦନ ମର୍ଦ୍ଦରାଜ | ଗଣତନ୍ତ୍ର ପରିଷଦ |
| ଜଳେଶ୍ୱର | ପ୍ରସନ୍ନ କୁମାର ପାଳ | ପି.ଏସ୍.ପି |

| | | |
|---|---|---|
| ଧାମନଗର | ମୁରଲୀଧର ଜେନା | କଂଗ୍ରେସ |
| ଚାନ୍ଦବାଲି | ବୈରାଗୀ ଜେନା | କଂଗ୍ରେସ |
| ବସ୍ତା | ମହେଶ୍ୱର ବାଗ | ପି.ଏସ୍.ପି |
| ଭୋଗରାଇ | ପ୍ୟାରୀମୋହନ ଦାସ | ପି.ଏସ୍.ପି. |
| ବାଲେଶ୍ୱର | ବିଜୟକୃଷ୍ଣ ଦେ | କଂଗ୍ରେସ |
| ପାରଳାଖେମୁଣ୍ଡି | ଏନ୍. କୁର୍ମାନାଇକୁଲୁ | କଂଗ୍ରେସ |
| ଆର୍.ଉଦୟଗିରି | ରାମ ଭୋୟା | କଂଗ୍ରେସ |
| ବ୍ରହ୍ମପୁର | ଶିଶିର କୁମାର ନରେନ୍ଦ୍ର ଦେବ | ସ୍ୱାଧୀନ |
| ଡୁରା | ପି.ଭି.ଜଗନ୍ନାଥ ରାଓ | କଂଗ୍ରେସ |
| ଛତ୍ରପୁର | ଲକ୍ଷ୍ମଣ ମହାପାତ୍ର | କମ୍ୟୁନିଷ୍ଟ |
| ଖଲିକୋଟ | ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ | କଂଗ୍ରେସ |
| ପଶ୍ଚିମ କୋଦଳା | ବିଶ୍ୱନାଥ ଦାସ | କଂଗ୍ରେସ |
| ପୂର୍ବ କୋଦଳା | ଲିଙ୍ଗରାଜ ପାଣିଗ୍ରାହୀ | କଂଗ୍ରେସ |
| ଭଂଜନଗର | ମାଗୁଣି ଚରଣ ପ୍ରଧାନ | କଂଗ୍ରେସ |
| ଆସ୍କା | ଜଗନ୍ନାଥ ମିଶ୍ର | କଂଗ୍ରେସ |
| ହିଞ୍ଜିଳିକାଟୁ | ବୃନ୍ଦାବନ ନାୟକ | କଂଗ୍ରେସ |
| ସୋରଡ଼ା | ଅର୍ଜୁନ ନାୟକ | କଂଗ୍ରେସ |
| ଦିଗପହଣ୍ଡି | ରଘୁନାଥ ମହାପାତ୍ର | କଂଗ୍ରେସ |
| ମୋହନ | ବିଶ୍ୱନାଥ ନାୟକ | କଂଗ୍ରେସ |
| ଜଗନ୍ନାଥପ୍ରସାଦ | ମାଗୁଣି ଚରଣ ପ୍ରଧାନ | କଂଗ୍ରେସ |
| ପାତ୍ରପୁର | ତ୍ରିଲୋଚନ ଜାନି | କଂଗ୍ରେସ |
| ରେଢ଼ାଖୋଲ | ଭାନୁଗଙ୍ଗ ତ୍ରିଭୁବନ ଦେବ | ଗଣତନ୍ତ୍ର ପରିଷଦ |
| ଝାରସୁଗୁଡ଼ା | ବିନୋଦ ବିହାରୀ ବରିହା | କଂଗ୍ରେସ |
| ବରଗଡ | ଗଣନାଥ ପ୍ରଧାନ | ସ୍ୱାଧୀନ |
| କଡରବଗା | ବିଷ୍ଣୁ ପ୍ରସାଦ ମିଶ୍ର | ଗଣତନ୍ତ୍ର ପରିଷଦ |
| ଦେବଗଡ଼ | ଜୟଦେବ ଠାକୁର | ଗଣତନ୍ତ୍ର ପରିଷଦ |
| ବ୍ରଜରାଜନଗର | ପ୍ରସନ୍ନ କୁମାର ପଣ୍ଡା | କମ୍ୟୁନିଷ୍ଟ |
| ପଦ୍ମପୁର | ବୀରବିକ୍ରମାଦିତ୍ୟ ସିଂହ ବରିହା | କଂଗ୍ରେସ |
| ଭଟଲି | ସରସ୍ୱତୀ ପ୍ରଧାନ | କଂଗ୍ରେସ |
| ମେଳଛାମୁଣ୍ଡା | ସଚ୍ଚିଦାନନ୍ଦ ପାଢ଼ୀ | କଂଗ୍ରେସ |
| ବିଜେପୁର | ମୋହନ ନାଗ | କଂଗ୍ରେସ |

| | | |
|---|---|---|
| ଅତାବିରା | ଦଳଗଞ୍ଜନ ଛୁରିଆ | କଂଗ୍ରେସ |
| ସମ୍ବଲପୁର | ବନମାଳୀ ବାବୁ | କଂଗ୍ରେସ |
| ଉମରକୋଟ | ସଦାଶିବ ତ୍ରିପାଠୀ | କଂଗ୍ରେସ |
| ଡାବୁଗାଁ | ଜଗନ୍ନାଥ ତ୍ରିପାଠୀ | କଂଗ୍ରେସ |
| ନବରଙ୍ଗପୁର | ମିରୁ ହରିଜନ | କଂଗ୍ରେସ |
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ |
| କୋଟପାଡ଼ | ମହାଦେବ ବାକିରିଆ | କଂଗ୍ରେସ |
| ପାଡୱା | ଗଣେଶ୍ୱର ମହାପାତ୍ର | କଂଗ୍ରେସ |
| କୋରାପୁଟ | ଟି.ସାଙ୍ଗନ୍ନା | କଂଗ୍ରେସ |
| ପଟାଙ୍ଗୀ | ମୁସୁରୀ ସାନ୍ତାଙ୍ଗୀ | କଂଗ୍ରେସ |
| ରାୟଗଡ଼ା | କାମାୟା ମଡାଙ୍ଗୀ | କଂଗ୍ରେସ |
| ଗୁଣପୁର | ନରସିଂହ ପାତ୍ର | କଂଗ୍ରେସ |
| ବିଷମକଟକ | ବିଶ୍ୱନାଥ ଚୌଧୁରୀ | ଗଣତନ୍ତ୍ର ପରିଷଦ |
| ମାଲକାନାଗିରି | ଗୁରୁ ନାୟକ | ଗଣତନ୍ତ୍ର ପରିଷଦ |
| ଖୁଣ୍ଟା | ପ୍ରସନ୍ନ କୁମାର ଦାସ | (ପି.ଏସ୍.ପି) |
| ଉଦଳା | ମନମୋହନ ଟୁଡୁ | କଂଗ୍ରେସ |
| ବୈସିଙ୍ଗା | ଅର୍ଜୁନ ପାତ୍ର | (ପି.ଏସ୍.ପି.) |
| କରଞ୍ଜିଆ | ପ୍ରଭାକର ବେହେରା | କଂଗ୍ରେସ |
| ଯଶୀପୁର | ମୋଚିରାମ ତିରିଆ | କଂଗ୍ରେସ |
| ରାଇରଙ୍ଗପୁର | ଚନ୍ଦ୍ରମୋହନ ସିଂ | କଂଗ୍ରେସ |
| ବାରିପଦା | ସନ୍ତୋଷ କୁମାର ସାହୁ | କଂଗ୍ରେସ |
| ବାହଲଦା | ସୋନାରାମ ସୋରେନ | କଂଗ୍ରେସ |
| ବାଙ୍ଗିରିପୋଷି | ଈଶ୍ୱର ଚନ୍ଦ୍ର ନାୟକ | କଂଗ୍ରେସ |
| ମୁରୁଡା | ସାକିଲା ସୋରେନ | ପି.ଏସ୍.ପି.) |
| ଚମ୍ପୁଆ | ଗୁରୁଚରଣ ନାୟକ | ଗଣତନ୍ତ୍ର ପରିଷଦ |
| କେନ୍ଦୁଝର | ଜନାର୍ଦ୍ଦନ ଭଞ୍ଜଦେଓ | ଗଣତନ୍ତ୍ର ପରିଷଦ |
| ତେଲକୋଇ | ଗୋବିନ୍ଦ ମୁଣ୍ଡା | ଗଣତନ୍ତ୍ର ପରିଷଦ |
| ରାମଚନ୍ଦ୍ରପୁର | ମୁରଲୀଧର କୁଅଁର | କଂଗ୍ରେସ |

| | | |
|---|---|---|
| ଆନନ୍ଦପୁର | ମକର ସେଠି | କଂଗ୍ରେସ |
| ପାଟଣା | ରାଜବଲ୍ଲଭ ମିଶ୍ର | ଗଣତନ୍ତ୍ର ପରିଷଦ |
| ଢେଙ୍କାନାଳ | ଶ୍ରୀମତୀ ରତ୍ନପ୍ରଭା ଦେବୀ | ଗଣତନ୍ତ୍ର ପରିଷଦ |
| କାମାକ୍ଷାନଗର | ବୃନ୍ଦାବନ ତ୍ରିପାଠୀ | ଗଣତନ୍ତ୍ର ପରିଷଦ |
| ପାଲଲହଡ଼ା | ପବିତ୍ର ମୋହନ ପ୍ରଧାନ (ଇସ୍ତଫା) | କଂଗ୍ରେସ |
| | ମଦନ ମୋହନ ପ୍ରଧାନ (ଉପ ନିର୍ବାଚନ) | କଂଗ୍ରେସ |
| ତାଳଚେର | ପବିତ୍ର ମୋହନ ପ୍ରଧାନ | କଂଗ୍ରେସ |
| ଛେଣ୍ଡିପଦା | ପଦ ନାୟକ | କଂଗ୍ରେସ |
| ଗଁଦିଆ | କାଳିଆ ଦେହୁରୀ | ଗଣତନ୍ତ୍ର ପରିଷଦ |
| ଅନୁଗୁଳ | କୁମୁଦ ଚନ୍ଦ୍ର ସିଂହ | କଂଗ୍ରେସ |
| ଆଠମଲ୍ଲିକ | କ୍ଷେତ୍ରମୋହନ ପାଣଗ୍ରାହୀ | ଗଣ ପରିଷଦ |
| ବାଲିଗୁଡ଼ା | ଦୁବରା ପାତ୍ର | ଗଣତନ୍ତ୍ର ପରିଷଦ |
| ଜି.ଉଦୟଗିରି | ସାରଙ୍ଗଧର ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ହିମାଂଶୁ ଶେଖର ପାଢ଼ୀ | କଂଗ୍ରେସ |
| ବଉଦ | ଅନିରୁଦ୍ଧ ଦୀପ | ଗଣତନ୍ତ୍ର ପରିଷଦ |
| ମଦନପୁରରାମପୁର | ବୀର କେଶରୀ ଦେଓ | ଗଣତନ୍ତ୍ର ପରିଷଦ |
| ଭବାନୀପାଟଣା | ଅଞ୍ଚଳ ମାଝୀ | ଗଣତନ୍ତ୍ର ପରିଷଦ |
| ଜୁନାଗଡ଼ | ମହେଶ୍ୱର ନାୟକ | ଗଣତନ୍ତ୍ର ପରିଷଦ |
| ଖଡ଼ିଆଳ | ଅନୁପ ସିଂହଦେଓ | କଂଗ୍ରେସ |
| କୋକସରା | ଦୟାନିଧି ନାୟକ | ଗଣତନ୍ତ୍ର ପରିଷଦ |
| କାଶୀପୁର | ଶ୍ରୀମତୀ ନବ କୁମାରୀ ଦେବୀ | ଗଣତନ୍ତ୍ର ପରିଷଦ |
| ଧରମଗଡ଼ | ମୁକୁନ୍ଦ ନାୟକ | ଗଣତନ୍ତ୍ର ପରିଷଦ |
| ନୂଆପଡ଼ା | ଘାସିରାମ ମାଝି | ସ୍ୱାଧୀନ |
| ସଇଁତଳା | ଅଇଁଠୁ ସାହୁ | ଗଣତନ୍ତ୍ର ପରିଷଦ |
| ପାଟଣାଗଡ଼ | ଶୋଭାକର ବରିହା | ସ୍ୱାଧୀନ |
| ଲୋଇସିଙ୍ଗା | ରାମ ପ୍ରସାଦ ମିଶ୍ର | ଗଣତନ୍ତ୍ର ପରିଷଦ |
| ବଲାଙ୍ଗୀର | ଚନ୍ଦ୍ର ଶେଖର ସିଂହ | ଗଣତନ୍ତ୍ର ପରିଷଦ |
| ତୁସରା | ନନ୍ଦ କିଶୋର ମିଶ୍ର | ଗଣତନ୍ତ୍ର ପରିଷଦ |
| ସୋନପୁର | ଦୌଲତ ଗଣ୍ଡ | ଗଣତନ୍ତ୍ର ପରିଷଦ |
| କଣ୍ଟାବାଞ୍ଜି | ରାଜେନ୍ଦ୍ର ନାରାୟଣ ସିଂହଦେଓ | ଗଣତନ୍ତ୍ର ପରିଷଦ |
| ବିନ୍‌କା | ଅନନ୍ତ ରାମ ନନ୍ଦ | ଗଣତନ୍ତ୍ର ପରିଷଦ |

| | | |
|---|---|---|
| ଟିଟିଲାଗଡ଼ | ଅଚ୍ୟୁତାନନ୍ଦ ମହାନନ୍ଦ | ଗଣତନ୍ତ୍ର ପରିଷଦ |
| ସୁନ୍ଦରଗଡ଼ | ହରିହର ପଟେଲ | ଗଣତନ୍ତ୍ର ପରିଷଦ |
| ରାଜଗାଙ୍ଗପୁର | ରଙ୍ଗବଲ୍ଲଭ ଅମାତ୍ | କଂଗ୍ରେସ |
| ବଣେଇ | ହେମେନ୍ଦ୍ର ପ୍ରସାଦ ମହାପାତ୍ର | ଗଣତନ୍ତ୍ର ପରିଷଦ |
| ବିଶ୍ରା | ପ୍ରେମଚାନ୍ଦ ଭଗତ | ଗଣତନ୍ତ୍ର ପରିଷଦ |
| ତଳସରା | ଗଙ୍ଗାଧର ପ୍ରଧାନ | ଗଣତନ୍ତ୍ର ପରିଷଦ |

ଗତ ଦୁଇଟି ସାଧାରଣ ନିର୍ବାଚନ ପରେ କଂଗ୍ରେସ ଏଥର ଉତ୍ତମ ଭାବରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ଓଡ଼ିଶା ଓ ଦିଲ୍ଲୀ ମହଲରେ କଂଗ୍ରେସ କର୍ତ୍ତୃପକ୍ଷ ଓ ନେତାମାନଙ୍କ ମହଲରେ ଆନନ୍ଦ ଖେଳିଗଲା । କିନ୍ତୁ ଏହି ଆନନ୍ଦ ଭିତରେ ଆଶଙ୍କା ଦେଖାଗଲା । ଡକ୍ଟର ମହତାବ ଅଲଗା ହୋଇଥିବାରୁ ଯେ କୌଣସି ସମୟରେ ଦଳ ଭିତରେ ଅଧିକ ବିଭେଦ ଦେଖାଦେଇପାରେ ! ତେଣୁ ଓଡ଼ିଶା ମନ୍ତ୍ରିମଣ୍ଡଳ ଗଠନ ପ୍ରତି ଦିଲ୍ଲୀ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିଥାଆନ୍ତି । ଦିଲ୍ଲୀ ମହଲର ଇଚ୍ଛାଥାଏ ଯେ- ମହତାବ ଗୋଷ୍ଠୀରୁ କେହି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଆନ୍ତୁ । କିନ୍ତୁ ବିଜୁବାବୁ ଏହା କରାଇ ଦେବାକୁ ନାରାଜ । (ମୁକ୍ତି ପଥର ସୈନିକ- ପବିତ୍ର ମୋହନ ପ୍ରଧାନ) ।

ଏହି ନିର୍ବାଚନରେ କଂଗ୍ରେସ ଦଳ ୮୨ଟି ଆସନ ଲାଭ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ବିବେଚିତ ହେବା ଗୌରବର ଅଧିକାରୀ ହେଲେ ବିଜୁ ପଟ୍ଟନାୟକ । ତାଙ୍କର କଟକ ବାସଭବନ ''ଆନନ୍ଦ ଭବନ'' ଠାରେ କଂଗ୍ରେସ ବିଧାୟକ ଦଳର ବୈଠକ ବସିଲା । ଏହି ବୈଠକରେ ବିଜୁ ପଟ୍ଟନାୟକ ସର୍ବସମ୍ମତିକ୍ରମେ ଦଳର ନେତା ଓ ବୀରେନ୍ ମିତ୍ର ଦଳର ଉପନେତା ଭାବରେ ନିର୍ବାଚିତ ହେଲେ । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକ୍ତଙ୍କର ବିଜୁ ପଟ୍ଟନାୟକଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ଆମନ୍ତ୍ରଣ କଲେ ।



**ଯଶୋବନ୍ତ ନାରାୟଣ ସୁକ୍ତଙ୍କର**

ଏଠାରେ ନିର୍ବାଚନବୀର **ପବିତ୍ର ମୋହନ ପ୍ରଧାନ**ଙ୍କ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିବା ଉଚିତ୍ ମନେ କରୁଛି । ପବିତ୍ର ବାବୁ ଓଡ଼ିଶାର ଜଣେ ଖ୍ୟାତନାମା ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତା । ୧୯୧୦ ମସିହାରେ ପୂର୍ବତନ ଗଡ଼ଜାତ ରାଜ୍ୟ ତାଳଚେରରେ

ତାଙ୍କର ଜନ୍ମ । ବାଲ୍ୟକାଳରେ ପିତା ମାତାଙ୍କୁ ହରାଇ ବହୁ କଷ୍ଟ ସ୍ୱୀକାର କରି ସେ କଟକ ରେଭେନ୍‌ସା କଲେଜରୁ ବି.ଏ ପାସ୍ କଲେ । ତା'ପରେ କଟକ ଟ୍ରେନିଂ କଲେଜରୁ ଡି.ଏଡ୍ ପାସ୍‌କରି ତାଳଚେର ହାଇସ୍କୁଲରେ ଶିକ୍ଷକତା କଲେ । ସ୍କଲାରସିପ୍ ଓ ଷ୍ଟାଇପେଣ୍ଡ୍ ପାଇ ପାଇ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ । ୧୯୩୯ ମସିହାରେ ଶିକ୍ଷକତାରୁ ଇସ୍ତଫା ଦେଇ ଗଡ଼ଜାତ ଆନ୍ଦୋଳନରେ ଝାସ ଦେଲେ । ଏଥିପାଇଁ ସେ ତାଳଚେର ଦରବାର ପ୍ରଶାସନ ଦ୍ୱାରା ବହୁବାର ଜେଲଦଣ୍ଡରେ ଦଣ୍ଡିତ ହେଲେ । ସେ ହେଲେ ତାଳଚେର ପ୍ରଜାମଣ୍ଡଳର ସଭାପତି । ରାଜାର କୁଶାସନ ବିରୁଦ୍ଧରେ ଦୃଢ଼ ଭାବରେ ସ୍ୱର ଉତ୍ତୋଳନ କରି ୬୦,୦୦୦ ଲୋକଙ୍କୁ ଧରି ସେ ପଡୋଶୀ ବ୍ରିଟିଶ ଶାସିତ ଅଞ୍ଚଳ ଅନୁଗୁଳ ଇଲାକାକୁ ପଳାଇ ଆସିଲେ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାବରେ ଯୋଗଦାନ କରି ତାଳଚେର ଜେଲରେ ରହିଲେ । ୧୯୪୨ ମସିହା ଅଗଷ୍ଟ ୧୨ତାରିଖ ଦିନ ଜେଲ ପାଚେରି ଡେଇଁ ପଳାଇ ଆସିଲେ ବାହାରକୁ । ବିରାଟ ଜନ ଆନ୍ଦୋଳନ ଓ ଲୋକ ସଂଗଠନ ଜରିଆରେ ଏକ ସମାନ୍ତରାଳ ସରକାର ଗଠନ କଲେ । ତା'ପରେ ସେ ଓଡ଼ିଶା ତ୍ୟାଗ କରି ଛଦ୍ମବେଶରେ କଲିକତା ଚାଲିଗଲେ । ସେଠାରେ ଜଣେ ବଙ୍ଗାଳୀ ଭଦ୍ରଲୋକଙ୍କ ଘରେ ମାସିକ ଛ'ଟଙ୍କା ଦରମାରେ ପୂଜାରୀ କାମ କଲେ । ଏହି ସମୟରେ ସେ ସୁଭାଷ ଚନ୍ଦ୍ର ବୋଷଙ୍କ ଯୁଗାନ୍ତର ଦଳ ସହିତ ସମ୍ପର୍କ ସ୍ଥାପନ କଲେ । ଯୁଗାନ୍ତର ଦଳର ଆତ୍ମଘାତୀ ଦୂତ ଭାବରେ (as a suicide squad) ମିଲିଟାରୀ ଲାଇନ ଅତିକ୍ରମ କରି ରାତ୍ରିର ଘୋର ଅନ୍ଧକାର ମଧ୍ୟରେ ବ୍ରହ୍ମପୁତ୍ର ନଦୀ ପହଁରି ସୁଭାଷଙ୍କ କ୍ୟାମ୍ପରେ ଖବର ପ୍ରଦାନ କରିବାରେ ଲାଗିଲେ । ଏହି ସମୟରେ ବ୍ରିଟିଶ ସରକାର ଓ ତାଳଚେର ରାଜା ତାଙ୍କୁ ପଳାତକ ଘୋଷଣା କରି ତାଙ୍କ ମୁଣ୍ଡ ଉପରେ ଦଶହଜାର ଟଙ୍କାର ପୁରସ୍କାର ଘୋଷଣା କଲେ । କିନ୍ତୁ ତାଙ୍କୁ କେହି ଧରି ପାରିଲେ ନାହିଁ । ଏହି ସମୟରେ ମଧ୍ୟ ସେ ଜୟ ପ୍ରକାଶ ନାରାୟଣଙ୍କ ସହ ସମ୍ପର୍କ ସ୍ଥାପନ କଲେ । ଦେଶ ସ୍ୱାଧୀନ ହେଲା । ସେ ମୁକ୍ତି ପାଇଲେ । ଛଦ୍ମବେଶ ତ୍ୟାଗ କଲେ । ସ୍ୱାଧୀନତା ପରେ ଗଡ଼ଜାତ ସମୂହର ପୂର୍ଣ୍ଣ ମୁକ୍ତି ଆନ୍ଦୋଳନ ନିମନ୍ତେ ମୁକ୍ତି ବାହିନୀ ଗଠନ କରି ଗଡ଼ଜାତ ମିଶ୍ରଣକୁ ସୁଗମ କଲେ । ଗଡ଼ଜାତ ମିଶଣ୍ର ପରେ ଏଗୁଡିକର ଶାସନ ପରିଚାଳନା ନିମନ୍ତେ ତାଙ୍କୁ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର କରାଗଲା । ତିନିଜଣ ସଭ୍ୟଙ୍କୁ ନେଇ ଏହି କାଉନ୍‌ସିଲ ଗଠନ କରାଯାଇଥିଲା । ପବିତ୍ର ବାବୁ ସେମାନଙ୍କ ଭିତରୁ ଜଣେ । ୧୯୫୨ ଓ ୧୯୫୭ ନିର୍ବାଚନରେ ତାଳଚେର ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ସଭ୍ୟ ଭାବରେ ନିର୍ବାଚିତ ହୋଇ ଆସିଲେ । ୧୯୫୭ରେ ସେ ମନ୍ତ୍ରୀ ହେଲେ । କିନ୍ତୁ ମିଳିତ ମନ୍ତ୍ରିମଣ୍ଡଳରେ ତାଙ୍କୁ ମନ୍ତ୍ରୀ ଭାବରେ ଗ୍ରହଣ କରାଗଲା ନାହିଁ । ୧୯୬୧ (ମଧ୍ୟବର୍ତ୍ତୀ) ସାଧାରଣ ନିର୍ବାଚନରେ ତାଳଚେର ଓ ପାଲ୍‌ଲହଡ଼ା ଦୁଇଟି ଆସନରୁ ବିଜୟ ଲାଭ କଲେ । ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷା, କୃଷି, ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗରେ ମନ୍ତ୍ରୀପଦ ଲାଭ କଲେ । ଏହିପରି ଜଣେ ସଂଗ୍ରାମୀ ଯୋଦ୍ଧା ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ଗର୍ବ ଓ ଗୌରବର କଥା ।

+++

### ପଞ୍ଚଦଶ ପରିଚ୍ଛେଦ

# ଯୁବ ନେତୃତ୍ୱରେ ୧୯୬୧ ମସିହା କଂଗ୍ରେସ ମନ୍ତ୍ରିମଣ୍ଡଳ

୧୯୬୧ ମସିହା ଜୁନ୍ ମାସ ୨୩ ତାରିଖ ଦିନ ବିଜୟାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ୧୫ ଜଣିଆ ମନ୍ତ୍ରିମଣ୍ଡଳ ଗଠନ କରାଗଲା । ମୁଖ୍ୟମନ୍ତ୍ରୀଙ୍କ ସମେତ ୭ଜଣ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ଓ ୮ ଜଣ ଉପମନ୍ତ୍ରୀ ଏହି ମନ୍ତ୍ରିମଣ୍ଡଳରେ ସାମିଲ ହେଲେ । ଡକ୍ଟର ହରେକୃଷ୍ଣ ମହତାବ ଏଥର କୌଣସି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ । ବୀରେନ ମିତ୍ର ପୂର୍ବରୁ ବହୁଚେଷ୍ଟା କରି ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ନଥିଲେ । ଏଥର ସେ ଏହି ମନ୍ତ୍ରିମଣ୍ଡଳରେ ହେଲେ ଉପମୁଖ୍ୟମନ୍ତ୍ରୀ । ସେତେବେଳେ ଓଡ଼ିଶା କଂଗ୍ରେସ ମହତାବ ଗୋଷ୍ଠୀ ଓ ବିଜୁ ପଟ୍ଟନାୟକ ଗୋଷ୍ଠୀରେ ଦୁଇଭାଗ ହୋଇଯାଇଥାଏ । ଏକଥା ଦିଲ୍ଲୀ ଦରବାରରେ ସମସ୍ତେ ଜାଣିଥାଆନ୍ତି । ଏଣୁ ଦୁଇ ଗୋଷ୍ଠୀ ଭିତରେ ସନ୍ତୁଳନ ରକ୍ଷା କରିବା ପାଇଁ ଦିଲ୍ଲୀ ଦରବାର ଥାଏ ସଦା ଆଗ୍ରହୀ । ଉଭୟ ଗୋଷ୍ଠୀର ନେତାମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଆନ୍ତୁ- ଏଥିପାଇଁ ଦିଲ୍ଲୀ କର୍ତ୍ତୃପକ୍ଷ କଡ଼ା ନଜର ରଖିଥାଆନ୍ତି ।

ପବିତ୍ର ମୋହନ ପ୍ରଧାନ ପ୍ରକୃତରେ ମହତାବ ଗୋଷ୍ଠୀର । ସେ ହେଲେ ଏହି ମନ୍ତ୍ରିମଣ୍ଡଳରେ ଶିକ୍ଷା, କୃଷି, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ମନ୍ତ୍ରୀ । ସେ କହନ୍ତି- ''ମୋତେ କେହି କେହି ମହତାବଙ୍କ ଲୋକ ବୋଲି ଭାବନ୍ତି । ମୁଁ କିନ୍ତୁ କାହାରି ଲୋକ ନୁହେଁ- କଂଗ୍ରେସ ଲୋକ । ମୁଁ କାହାରି ପକ୍ଷ ନୁହେଁ, ନ୍ୟାୟ ଓ ଧର୍ମର ପକ୍ଷ । ମୁଁ ଏକ ସଙ୍ଗେ ଦୁଇଜଣ ଦୁର୍ଦ୍ଦାନ୍ତ ରାଜାଙ୍କୁ ପରାଜିତ କରି ଆସିଥିବାରୁ ମନ୍ତ୍ରିମଣ୍ଡଳରେ ମୋତେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଗଲା ।'' (ମୁକ୍ତି ପଥରେ ସୈନିକ) ।

ବୃନ୍ଦାବନ ନାୟକ ପୂର୍ବରୁ ମହତାବଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ଥିଲେ । କିନ୍ତୁ ଏଥର ସେ ଏହି ମନ୍ତ୍ରିମଣ୍ଡଳରେ ଉପମନ୍ତ୍ରୀ ଭାବରେ ଯୋଗଦେଲେ । ସେଥିପାଇଁ ତାଙ୍କ ମନଦୁଃଖ ନଥାଏ । ଏହି ମନ୍ତ୍ରିମଣ୍ଡଳରେ ଜଣେ ମହିଳାଙ୍କୁ ଗ୍ରହଣ କରାଗଲା, ସେ ହେଲେ ସରସ୍ୱତୀ ପ୍ରଧାନ । ଶିକ୍ଷା ବିଭାଗର ଉପମନ୍ତ୍ରୀ ପଦବୀରେ ସେ ରହିଲେ । ସେ ତତ୍କାଳୀନ ସମ୍ବଲପୁର ଜିଲ୍ଲା ଓ ବର୍ତ୍ତମାନର ବରଗଡ଼ ଜିଲ୍ଲାର ଭଟ୍‌ଲି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ଆସିଥିଲେ । ତାଙ୍କ ସମ୍ପର୍କରେ ଏଠାରେ ସଂକ୍ଷିପ୍ତ ସୂଚନା ଦେବାପାଇଁ ଉଚିତ ମନେ କରୁଛି । ୧୯୨୫ ମସିହାରେ ସେ ଜନ୍ମ ହୋଇଥିଲେ ସମ୍ବଲପୁରର କମାଗାଁରେ । ତାଙ୍କର ପିତା ରାଏ ସାହେବ ମଦନ ମୋହନ ପ୍ରଧାନ । ତାଙ୍କର ସ୍ୱାମୀଙ୍କ ନାମ ଦୁର୍ଯ୍ୟୋଧନ ପ୍ରଧାନ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ବି.ଏଡ୍. । ଦୁଇ ପୁତ୍ର ଓ ଦୁଇ କନ୍ୟାଙ୍କର ସେ ଜନନୀ । ଛାତ୍ରୀ ଅବସ୍ଥାରୁ ସେ ସମାଜ ସେବା କରି ଗ୍ରାମର ବିକାଶ ନିମନ୍ତେ ମନବଳାଇ ଥିଲେ । ସେ ଥିଲେ ଜଣେ ଶିକ୍ଷୟିତ୍ରୀ । ଅନେକ ପ୍ରାଥମିକ ବିଦ୍ୟାଳୟ ତାଙ୍କରି ତତ୍ତ୍ୱାବଧାନରେ ସମ୍ବଲପୁର ଜିଲ୍ଲାରେ ଖୋଲା ଯାଇଥିଲା । ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍-ଫେଲୋ । ୧୯୬୧ ମସିହାରେ କଂଗ୍ରେସ ଦଳରେ ଯୋଗଦାନ କରି ସେହି ବର୍ଷ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହୋଇ ଶିକ୍ଷା ବିଭାଗର ଉପମନ୍ତ୍ରୀ ହେଲେ । ସମାଜ ସେବା ଥିଲା ତାଙ୍କର ପ୍ରଧାନ ବ୍ରତ ।



ସରସ୍ୱତୀ ପ୍ରଧାନ

ବିଜୁ ବାବୁ, ବୀରେନ ବାବୁ ଓ ନୀଳମଣି ବାବୁ ଏହି ତିନିଜଣ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥାଇ କଂଗ୍ରେସକୁ ଆୟତ୍ତ କରିବାରେ ମହତାବ ବାବୁଙ୍କୁ ସର୍ବବିଧ ସାହାଯ୍ୟ କରୁଥିଲେ । ଏମାନଙ୍କୁ ଓଡ଼ିଶା କଂଗ୍ରେସର ତିନି ବନ୍ଧୁକଧାରୀ (The three musketeers) ସୈନିକ ବୋଲି କେହି କେହି ଡାକନ୍ତି (ମୁକ୍ତିପଥେ ସୈନିକ) । ଘଟଣା କ୍ରମେ ଏହି ତିନିହେଁ ମହତାବଙ୍କର ବିରୋଧୀ ହୋଇଗଲେ ଓ ତିନିଜଣଯାକ ଏହି ମନ୍ତ୍ରିମଣ୍ଡଳରେ ସମ୍ମାନଜନକ ବିଭାଗ ଅକ୍ତିଆର କରିନେଲେ । ପ୍ରଥମ ଜଣକ ହେଲେ ମୁଖ୍ୟମନ୍ତ୍ରୀ; ଦ୍ୱିତୀୟ ଜଣକ ହେଲେ ଉପ-ମୁଖ୍ୟମନ୍ତ୍ରୀ ଓ ତୃତୀୟ ଜଣକ ହେଲେ ଘରୋଇ ବିଭାଗ ମନ୍ତ୍ରୀ । ଏମାନେ ସମସ୍ତେ ସେତେବେଳେ ଯୁବକ ।

ବିଜୟାନନ୍ଦ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର କ୍ୟାବିନେଟ ମନ୍ତ୍ରୀ ଓ ସେମାନଙ୍କ ବିଭାଗମାନ ହେଲାଃ

## କ୍ୟାବିନେଟ ମନ୍ତ୍ରୀ :

| | |
|---|---|
| **ବିଜୟାନନ୍ଦ ପଟ୍ଟନାୟକ** | : ମୁଖ୍ୟମନ୍ତ୍ରୀ ତଥା ଅର୍ଥ, ଉନ୍ନୟନ (ମତ୍ସ୍ୟ ସମବାୟ ଏବଂ ବାଣିଜ୍ୟିକ ସଂଗଠକ), ଶିଳ୍ପ, ଖଣି ଓ ଭୂତତ୍ତ୍ୱ, ପୂର୍ତ୍ତ (ନିଯୁକ୍ତି, ଜଳସେଚନ, ନଦୀବନ୍ଧ, ନର୍ଦ୍ଦମା ଓ ବିଦ୍ୟୁତ), ଯୋଜନା ଓ ସମନ୍ୱୟ (ଯୋଜନା) ଏବଂ ବାଣିଜ୍ୟ (ବନ୍ଦର) ବିଭାଗ ମନ୍ତ୍ରୀ । |
| **ବୀରେନ୍ ମିତ୍ର** | : ଉପମୁଖ୍ୟମନ୍ତ୍ରୀ ତଥା ପଲଟିକାଲ ଆଣ୍ଡ ସର୍ଭିସେସ, ସ୍ୱାସ୍ଥ୍ୟ (ସ୍ୱାୟତ୍ତ ଶାସନ), ଯୋଜନା ଓ ସମନ୍ୱୟ (ଗୋଷ୍ଠୀ ଉନ୍ନୟନ ଓ ଜାତୀୟ ସଂପ୍ରସାରଣ ସେବା ଓ ଗ୍ରାମ ପଞ୍ଚାୟତ, ସମନ୍ୱୟ) ଏବଂ ଆଇନ୍ |
| **ସଦାଶିବ ତ୍ରିପାଠୀ** | : ରାଜସ୍ୱ ଓ ଅବକାରୀ, ଉନ୍ନୟନ (ଜଙ୍ଗଲ) |
| **ପବିତ୍ର ମୋହନ ପ୍ରଧାନ** | : ଶିକ୍ଷା, ଉନ୍ନୟନ (କୃଷି), ଆଦିବାସୀ ଓ ଗ୍ରାମ ମଙ୍ଗଳ |
| **ନୀଳମଣି ରାଉତରାୟ** | : ସ୍ୱରାଷ୍ଟ୍ର, ବାଣିଜ୍ୟ (ବନ୍ଦର ବ୍ୟତୀତ) ଶ୍ରମ ଓ ଯୋଗାଣ |
| **ଡାକ୍ତର ପି.ଭି. ଜଗନ୍ନାଥ ରାଓ** | : ସ୍ୱାସ୍ଥ୍ୟ (ସ୍ୱାୟତ୍ତ ଶାସନ ବ୍ୟତୀତ) ଏବଂ ଉନ୍ନୟନ (ପଶୁପାଳନ) |
| **ହରିହର ସିଂହ ମର୍ଦ୍ଦରାଜ** | : ପୂର୍ତ୍ତ (ରାସ୍ତାଘାଟ ଓ କୋଠା), ପରିବହନ |

## ଉପ ମନ୍ତ୍ରୀ :

| | |
|---|---|
| **ବୃନ୍ଦାବନ ନାୟକ** | : ଗୋଷ୍ଠୀ ଉନ୍ନୟନ ଓ ଗ୍ରାମପଞ୍ଚାୟତ |
| **ସରସ୍ୱତୀ ପ୍ରଧାନ** | : ଶିକ୍ଷା |
| **ପ୍ରହ୍ଲାଦ ମଲ୍ଲିକ** | : ବିଦ୍ୟୁତ ଓ ଜଳସେଚନ |
| **ସନ୍ତୋଷ କୁମାର ସାହୁ** | : ସ୍ୱାସ୍ଥ୍ୟ (ସ୍ୱାୟତ୍ତଶାସନ), ସାଂସ୍କୃତିକ ବ୍ୟାପାର, ସମବାୟ ଓ ଜଙ୍ଗଲ |
| **ଟୋୟାକ ସାଙ୍ଗନ୍ନା** | : ଆଦିବାସୀ ଓ ଗ୍ରାମ ମଙ୍ଗଳ |
| **ବୀର ବିକ୍ରମାଦିତ୍ୟ ସିଂହ ବରିହା** | : ପୂର୍ତ୍ତ ଓ ପରିବହନ (ପରିବହନ), କୃଷି ଓ ପଶୁପାଳନ |
| **ଚନ୍ଦ୍ର ମୋହନ ସିଂହ** | : ଶ୍ରମ ଓ ଘରୋଇ (ଜେଲ) |
| **ବନମାଳୀ ବାବୁ** | : ଆଇନ |

ସେତେବେଳେ ବିଜୁବାବୁଙ୍କର ଦିଲ୍ଲୀରେ ଥାଏ ଭାରି ଖ୍ୟାତି ଓ ଖାତିରି । ସେ ଓଡ଼ିଶାର ବିଶିଷ୍ଟ ତଥା ପୁରୁଖା କଂଗ୍ରେସ ନେତା ବିଶ୍ୱନାଥ ଦାସଙ୍କୁ ଭାରତର ସର୍ବବୃହତ୍ ରାଜ୍ୟ ଉତ୍ତର ପ୍ରଦେଶର ରାଜ୍ୟପାଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ସଫଳ ହେଲେ ।



ବିଜୁ ପଟ୍ଟନାୟକଙ୍କୁ ଶପଥପାଠ କରାଉଛନ୍ତି ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକ୍ଥଙ୍କର

୧୯୬୧ ମସିହାରେ ଓଡ଼ିଶା ରାଜ୍ୟ ବିଧାନସଭା ନିର୍ବାଚନ ହେବାର ଠିକ୍ ବର୍ଷକ ପରେ ୧୯୬୨ ମସିହାରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ କଂଗ୍ରେସ ଉଲ୍ଲେଖନୀୟ ସଫଳତା ପାଇ ମୋଟ ୨୦ଟି ଲୋକସଭା ଆସନରୁ ୧୪ଟି ଆସନ ଲାଭକଲା । ଅନୁଗୁଳ ଲୋକସଭା ଆସନରୁ କଂଗ୍ରେସ ଦଳ ତରଫରୁ ଡକ୍ଟର ହରେକୃଷ୍ଣ ମହତାବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ।

## ତୃତୀୟ ଲୋକସଭା ସଦସ୍ୟ (୧୯୬୨) :

| | | |
|---|---|---|
| ମୟୂରଭଂଜ | ମହେଶ୍ୱର ନାୟକ | କଂଗ୍ରେସ |
| ବାଲେଶ୍ୱର | ଗୋକୁଳାନନ୍ଦ ମହାନ୍ତି | କଂଗ୍ରେସ |
| ଭଦ୍ରକ | କାହ୍ନୁଚରଣ ଜେନା | କଂଗ୍ରେସ |
| ଯାଜପୁର | ରାମଚନ୍ଦ୍ର ମଲ୍ଲିକ | କଂଗ୍ରେସ |
| କେନ୍ଦ୍ରାପଡ଼ା | ସୁରେନ୍ଦ୍ରନାଥ ଦ୍ୱିବେଦୀ | ସୋସାଲିଷ୍ଟ |
| କଟକ | ନିତ୍ୟାନନ୍ଦ କାନୁନ୍‌ଗୋ | କଂଗ୍ରେସ |

| | | |
|---|---|---|
| ପୁରୀ | ବିବୁଧେନ୍ଦ୍ର ମିଶ୍ର | କଂଗ୍ରେସ |
| ଭୁବନେଶ୍ୱର | ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ | କଂଗ୍ରେସ |
| ଭଂଜନଗର | ମୋହନ ନାୟକ | କଂଗ୍ରେସ |
| ଛତ୍ରପୁର | ଅନନ୍ତ ତ୍ରିପାଠୀ ଶର୍ମା | କଂଗ୍ରେସ |
| କୋରାପୁଟ | ରାମଚନ୍ଦ୍ର ଉଲାକା | କଂଗ୍ରେସ |
| ନବରଙ୍ଗପୁର | ଆର୍. ଜଗନ୍ନାଥ ରାଓ | କଂଗ୍ରେସ |
| କଳାହାଣ୍ଡି | ପ୍ରତାପ କେଶରୀ ଦେଓ | ଗ.ପ. |
| ଫୁଲବାଣୀ | ରାଜେନ୍ଦ୍ର କହଁର | ଗ.ପ. |
| ବଲାଙ୍ଗୀର | ହୃଷୀକେଶ ମହାନନ୍ଦ | ଗ.ପ. |
| ସମ୍ବଲପୁର | କିଶାନ ପଟ୍ଟନାୟକ | ସୋସାଲିଷ୍ଟ |
| ଅନୁଗୁଳ | ଡକ୍ଟର ହରେକୃଷ୍ଣ ମହତାବ | କଂଗ୍ରେସ |
| ଢେଙ୍କାନାଳ | ବୈଷ୍ଣବ ଚରଣ ପଟ୍ଟନାୟକ | କଂଗ୍ରେସ |
| ସୁନ୍ଦରଗଡ଼ | ଯଜ୍ଞ ନାରାୟଣ ସିଂହ | ଗ.ପ. |
| କେନ୍ଦୁଝର | ଲକ୍ଷ୍ମୀନାରାୟଣ ଭଞ୍ଜ | କଂଗ୍ରେସ |

## ଭାରତ ଚୀନ୍ ଯୁଦ୍ଧ :

୧୯୬୨ ମସିହା ସେପ୍ଟେମ୍ବର-ଅକ୍ଟୋବର ମାସରେ ଭାରତ-ଚୀନ ଯୁଦ୍ଧ ହେଲା । ଯୁଦ୍ଧର କାରଣ ହେଲା, ଭାରତ ଉପରେ ଚୀନ୍‌ର ଲୋଲୁପ ଦୃଷ୍ଟି । ସାମ୍ରାଜ୍ୟ ବିସ୍ତାରର ମନୋଭାବ । ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲଙ୍କର ଚୀନ୍ ପ୍ରତି ଅତିଶୟ ବନ୍ଧୁତା ଓ ବିଶ୍ୱାସ । ଭାରତଦ୍ୱାରା ଉଦ୍‌ଘୋଷିତ ପଞ୍ଚଶୀଳ ନୀତିର ଅବମାନନା ଇତ୍ୟାଦି । ସେତେବେଳେ ଦେଶରକ୍ଷା ବିଭାଗର ମନ୍ତ୍ରୀ ଥାଆନ୍ତି ଭି.କେ. କ୍ରିଷ୍ଣମେନନ୍ । ଯୁଦ୍ଧ ସମୟରେ ସାରା ଦେଶରେ ଦେଶାତ୍ମଭାବ ଜାଗ୍ରତ ହେଲା । ମାତୃଭୂମିକୁ ରକ୍ଷା କରିବା ନିମନ୍ତେ ଦେଶର ନାଗରିକମାନେ ଦୃଢ଼ ପ୍ରତିଜ୍ଞ ହେଲେ । ଓଡ଼ିଶା ସରକାରଙ୍କର ମନ୍ତ୍ରୀ ଓ କର୍ମଚାରୀମାନେ ସାଧାରଣ ଲୋକଙ୍କଠାରୁ ସ୍ୱର୍ଣ୍ଣ ଓ ଅର୍ଥ ସଂଗ୍ରହରେ ଲାଗିପଡ଼ିଲେ । ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନର ଛାତ୍ର, ଛାତ୍ରୀମାନେ ଗାଁ ଗହଳିରେ ବୁଲି ଏ ସମ୍ପର୍କରେ ଲୋକଙ୍କୁ ସଚେତନ କଲେ । ଲୋକେ ଅକାତରରେ ସ୍ୱର୍ଣ୍ଣ ଓ ଅର୍ଥ ଦେଶରକ୍ଷା ପାଣ୍ଠି ପାଇଁ ଦାନ କଲେ । ଦେଶରକ୍ଷା ମନ୍ତ୍ରୀଙ୍କୁ ହଟାଇବା ପାଇଁ ଓଡ଼ିଶାରେ ପ୍ରତିକୂଳ ହାୱା ସୃଷ୍ଟି ହେଲା । ଏଥିପାଇଁ ରାଜ୍ୟର ଲୋକସଭା ସଦସ୍ୟମାନଙ୍କୁ ମଧ୍ୟ ରାଜ୍ୟର ନେତାମାନେ ପ୍ରଭାବିତ କଲେ । ଭାରତ ଏହି ଯୁଦ୍ଧରେ ପରାଜୟ ଲାଭକଲେ ବି ଚୀନ୍ ନିଜ ସୀମାନ୍ତ ନିକଟବର୍ତ୍ତୀ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିବାରୁ ଯୁଦ୍ଧର ଅବସାନ ଘଟିଲା ।




**ପାରାଦ୍ୱୀପ ବନ୍ଦର ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ପ୍ରଧାନମନ୍ତ୍ରୀ ନେହରୁଙ୍କ ସହ ବିଜୁବାବୁ**

## ବିକାଶ ପଥେ ଓଡ଼ିଶା :

କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ମିଗ୍-୨୧ ବିମାନର ଇଂଜିନ୍ କାରଖାନା, ରାଉରକେଲାଠାରେ ଆଞ୍ଚଳିକ ଇଂଜିନିଅରିଂ କଲେଜ, ଭୁବନେଶ୍ୱରଠାରେ ଆଞ୍ଚଳିକ ଗବେଷଣାକେନ୍ଦ୍ର, ସୈନିକସ୍କୁଲ, କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ଏହା ବ୍ୟତୀତ ଭୁବନେଶ୍ୱରଠାରେ ଆଞ୍ଚଳିକ ଶିକ୍ଷା କଲେଜ ପ୍ରତିଷ୍ଠା ନିମନ୍ତେ ଭିତ୍ତି ସ୍ଥାପନ କରାଗଲା । ସମଗ୍ର ଭାରତରେ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦଦ୍ୱାରା (NCERT) ଯେଉଁ ଚାରିଗୋଟି ପ୍ରାନ୍ତୀୟ ଶିକ୍ଷା କଲେଜ ସ୍ଥାପିତ ହୋଇଛି, ସେଥିରୁ ଭୁବନେଶ୍ୱର ହେଉଛି ଗୋଟିଏ । ଏହାଦ୍ୱାରା ସମଗ୍ର ପୂର୍ବାଞ୍ଚଳ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ମଣିପୁର ଓ ତ୍ରିପୁରା ରାଜ୍ୟର କଲ୍ୟାଣ ସାଧିତ ହେବାର ଲକ୍ଷ୍ୟ ରଖାଯାଇଥିଲା । ୧୯୬୩ ମସିହା ମଇ ମାସ ଏକୋଇଶି ତାରିଖ ଦିନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର କେ.ଏଲ୍. ଶ୍ରୀମାଳି ଏହି ଅନୁଷ୍ଠାନର ଭିତ୍ତି ସ୍ଥାପନ କରିଥିଲେ । ଏହି ଉତ୍ସବରେ ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓ ଶିକ୍ଷା ଉପମନ୍ତ୍ରୀ ସରସ୍ୱତୀ ପ୍ରଧାନ ଆଦି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା ଏହି ସମୟର ଏକ ଉଲ୍ଲେଖଯୋଗ୍ୟ ଘଟଣା । ଏହି ସମୟରେ ପାରାଦ୍ୱୀପ ଥିଲା ଏକ ଅଗମ୍ୟ ତଥା ଦୁର୍ଗମ ଅଞ୍ଚଳ । ବିଜୁବାବୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଆଣି ପାରାଦ୍ୱୀପଠାରେ ବନ୍ଦର ସ୍ଥାପନ ନିମନ୍ତେ ତାଙ୍କ ହାତରେ ଶୁଭ ପ୍ରଦାନ

କଲେ । ସେଠାରେ ପଣ୍ଡିତ ନେହେରୁଙ୍କ ରହିବା ପାଇଁ ସମୁଦ୍ର କୂଳରେ ସ୍ୱତନ୍ତ୍ର ବଙ୍ଗଳାଟିଏ ସ୍ଥାପନ ହେଲା । ନେହେରୁ ସେଇଠି ଅବସ୍ଥାନ କଲେ । ସେହି ବଙ୍ଗଳାର ନାମ 'ନେହେରୁ ବଙ୍ଗଳା' । ଏବେ ବି ତାହା ପାରାଦ୍ୱୀପର ଉଚ୍ଚଶ୍ରେଣୀୟ ବଙ୍ଗଳା ଭାବରେ ଖ୍ୟାତ ।

ବନ୍ଦର ହୋଇଗଲେ ତାହା କିପରି ପରିଚାଳିତ ହେବ ? ଏଇ ଚିନ୍ତା ବିଜୁବାବୁଙ୍କ ମୁଣ୍ଡକୁ ଘାରିଲା । ଖଣି ଖାଦାନରେ ଭରପୂର ଦୈତାରି ଅଞ୍ଚଳରୁ ଖଣିଜ ପଦାର୍ଥ ବାହାରକୁ ଯିବା ନିମନ୍ତେ ନିର୍ମାଣ ହେଲା ଦୈତାରିରୁ ପାରାଦ୍ୱୀପ ଯାଏ ସବୁଦିନିଆ ଏକ୍ସପ୍ରେସ୍ ହାଇଓ୍ୱେ । ଖଣିଜ ପଦାର୍ଥ ପାରାଦ୍ୱୀପରୁ ବିଦେଶକୁ ରପ୍ତାନି ହେବା ନିମନ୍ତେ ଏହି ରାସ୍ତା ଦେଇ ଟ୍ରକରେ ବୁହାହୋଇ ଆସିଲା ।

ପାଠ୍ୟପୁସ୍ତକ ଜାତୀୟ କରଣ ଏହି ସମୟର ଏକ ଉଲ୍ଲେଖନୀୟ ଘଟଣା । ସମଗ୍ର ରାଜ୍ୟରେ ପ୍ରାଥମିକ ସ୍ତରରେ ଏକ ପ୍ରକାର ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରଚଳନ ନିମନ୍ତେ ସରକାର ଚିନ୍ତାକଲେ । ଏଥିପାଇଁ ''ପାଠ୍ୟ ପୁସ୍ତକ ରଚନା ବୋର୍ଡ଼'' ଗଠିତ ହେଲା । ଏହାର ସଭାପତି ରହିଲେ ନିଜେ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ, ଉପସଭାପତି ରହିଲେ ଶିକ୍ଷାମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ । ଏହି କମିଟି ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାଥମିକ ଶ୍ରେଣୀର ପାଠ୍ୟପୁସ୍ତକ ଗୁଡ଼ିକ ତିଆରି ହେଲା । ସରକାର କମ୍ ମୂଲ୍ୟରେ ପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ କରି ଛାତ୍ର ଛାତ୍ରୀମାନଙ୍କୁ ଯୋଗାଇ ଦେଲେ । ଏଥିପାଇଁ ସରକାରଙ୍କ ତରଫରୁ ଏକ ପ୍ରେସ୍ ଭୁବନେଶ୍ୱରଠାରେ ସ୍ଥାପିତ ହେଲା । ସରକାରଙ୍କର ଏହି ଉଦ୍ୟମ ସଫଳ ହେଲା । ପୂର୍ବରୁ ଘରୋଇ ପ୍ରକାଶକମାନେ ଏହି ସବୁ ପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ କରି ରାଜ୍ୟର ବିଭିନ୍ନ ଜିଲ୍ଲାର ବିଦ୍ୟାଳୟମାନଙ୍କୁ ଯୋଗାଉଥିଲେ । ଗୋଟିଏ ଗୋଟିଏ ଜିଲ୍ଲା ପାଇଁ ଚାରି ପାଞ୍ଚଟି ପୁସ୍ତକକୁ ମଞ୍ଜୁର କରାଯାଇଥିଲା । ଫଳରେ ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟରମାନେ ଦୂଷିତ ଓ ଦୁର୍ନୀତି ପରାୟଣ ହେଉଥିଲେ । ପୁଣି ଏହି ବହି ଗୁଡ଼ିକ ଦୁଇ-ତିନି ବର୍ଷରେ ଥରେ ବଦଳି ଯାଉଥିଲା । ଅଭିଭାବକମାନେ ବହି କିଣି କିଣି ଖର୍ଚ୍ଚାନ୍ତ ହେଉଥିଲେ ।

ଜାତୀୟକରଣ ପୁସ୍ତକ ପ୍ରକାଶନ ହେବା ପରେ ତାହା ବର୍ଷ ବର୍ଷ ଧରି ଚାଲିଲା । ଫଳରେ ଅଭିଭାବକମାନେ ପ୍ରଥମ ପିଲାପାଇଁ ବହି କ୍ରୟ କରି ତାକୁ ଦ୍ୱିତୀୟ, ତୃତୀୟ ସନ୍ତାନ ପାଇଁ ମଧ୍ୟ ସାଇତି ରଖିଲେ । ଏହି ଜାତୀୟକରଣ ପୁସ୍ତକ ବ୍ଲକ୍ ସ୍ତରରେ ବିକ୍ରୀ ଆରମ୍ଭ ହେଲା । ଏହା ସରକାରଙ୍କର ଏକ ସଫଳ ଯୋଜନା । ଅଦ୍ୟାବଧି ସେହି ଢାଞ୍ଚାରେ ପୁସ୍ତକ ପ୍ରସ୍ତୁତି, ପ୍ରକାଶନ ଓ ଯୋଗାଣ ଅବ୍ୟାହତ ରହିଛି । ପଞ୍ଚାୟତ ସ୍ତରରେ ଶିଳ୍ପ ପ୍ରତିଷ୍ଠା ମଧ୍ୟ ଏହି ସମୟରେ ଏକ ନୂତନ ଯୋଜନା ।

## ରାଜ୍ୟପାଳ ପରିବର୍ତ୍ତନ :

ମାନ୍ୟବର ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକ୍ତଙ୍କର ୧୯୬୨ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ଦିନ ଓଡ଼ିଶାରୁ ବିଦାୟ ନେଇ ଚାଲିଗଲେ । ତାଙ୍କ ସ୍ଥାନରେ ରାଜ୍ୟପାଳ ଡକ୍ଟର ଅଯୋଧ୍ୟା ନାଥ ଖୋସଲା ଯୋଗଦେଲେ । ସେ ଓଡ଼ିଶାର ପ୍ରଗତି ପଥରେ ବିଶେଷ

ଭାବରେ ସହଯୋଗ କରିବାରେ ଲାଗିଲେ । ଡକ୍ଟର ଖୋସଲା ଦିଲ୍ଲୀ ମହାନଗରୀର ମଥୁରା ରୋଡ଼ରେ ୧୮୯୨ ମସିହା ଡିସେମ୍ବର ୧୧ ତାରିଖରେ ଜନ୍ମ ନେଇଥିଲେ । ତାଙ୍କ ପିତାଙ୍କ ନାମ ରାଲ୍ଲାରାମ । ସେ ଇଂଜିନିୟରିଂ ଡିଗ୍ରୀଧାରୀ ବ୍ୟକ୍ତି । ୧୯୧୬ ମସିହାରେ ପଞ୍ଜାବ ସରକାରଙ୍କର ଜଳସେଚନ ବିଭାଗରେ ଚାକିରିରେ ଯୋଗଦାନ କରି ଭାକ୍ରା ନଦୀବନ୍ଧ ଯୋଜନାର ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏହା ପରେ ଜଣେ କମିଶନର ଅଧିକାରୀ ଭାବରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ୧୯୧୮-୧୯୨୦ ପର୍ଯ୍ୟନ୍ତ ମେସୋପଟାମିଆ ଏକ୍ସପେଡିସନାରୀ ଫୋର୍ସରେ କାର୍ଯ୍ୟ କରି ଇରାକଠାରେ ଅବସ୍ଥାପିତ ହୋଇଥିଲେ । ସେ ବହୁ



ଅଯୋଧ୍ୟାନାଥ ଖୋସ୍‌ଲା


ନଦୀବନ୍ଧ ଯୋଜନା ଓ ଜଳସେଚନ ପ୍ରକଳ୍ପରେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହେଲେ । ସେ ହେଲେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ । ୧୯୪୩ ମସିହାରେ ସେ ହେଲେ ଭାରତ ସରକାରଙ୍କ ପରାମର୍ଶଦାତା ଯନ୍ତ୍ରୀ । ନିର୍ମାଣ, ଖଣି ଓ ଶକ୍ତିମନ୍ତ୍ରଣାଳୟର ଅତିରିକ୍ତ ସଚିବ । ଭାକ୍ରା, ଚମ୍ବଲ, ଦାମୋଦର ଉପତ୍ୟକା, ହୀରାକୁଦ ଏବଂ ତାପ୍ତି ପ୍ରକଳ୍ପର ଜଳ ଓ ଶକ୍ତିର ଉଚ୍ଚ କ୍ଷମତା ସମ୍ପର୍କରେ ସେ ଅନୁସନ୍ଧାନ ଆରମ୍ଭ କଲେ । ତା'ପରେ ହେଲେ ରୁର୍କି ବିଶ୍ୱବିଦ୍ୟାଳୟର କୁଳପତି ୧୯୫୪ ମସିହାରେ । ୧୯୫୮ ଏପ୍ରିଲ୍‌ରୁ ୧୯୫୯ ଅକ୍ଟୋବର ଯାଏ ହେଲେ ରାଜ୍ୟସଭା ସଦସ୍ୟ । ୧୯୫୯ ଡିସେମ୍ବରରେ ହେଲେ ଯୋଜନା କମିଶନ ସଭ୍ୟ ।

ତା'ପରେ ସେ ଓଡ଼ିଶାର ରାଜ୍ୟପାଳ ଭାବରେ ୧୯୬୨ରେ ଯୋଗଦାନ କଲେ । ସେ ଥିଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ଦୁଇଥର ସଭାପତି (୧୯୪୯-୫୦ ଓ ୧୯୫୦-୫୧) । ଏହିପରି ସେ ବହୁ ଅନୁଷ୍ଠାନ ସହ ଜଡିତ ଥିଲେ । ବହୁତ ସମ୍ମାନ ସେ ପାଇଥିଲେ । ୧୯୫୪ରେ ପଦ୍ମଭୂଷଣ ସମ୍ମାନରେ ଭୂଷିତ ହୋଇଥିଲେ । ଦେଶ ବିଦେଶର ବହୁ ଅନୁଷ୍ଠାନ ତରଫରୁ ସମ୍ମାନସୂଚକ 'ଡକ୍ଟର ଅଫ୍ ଇଂଜିନିୟରିଂ ଡିଗ୍ରୀ' ତାଙ୍କୁ ପ୍ରଦାନ କରାଯାଇଥିଲା । ସେ ଥିଲେ ଆମେରିକାନ୍ ସୋସାଇଟି ଅଫ୍ ସିଭିଲ୍ ଇଂଜିନିଅର୍ସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିଅର୍ସ (ଇଣ୍ଡିଆ)ର ଆଜୀବନ ସଦସ୍ୟ ।

ଡକ୍ଟର ଖୋସଲା ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କୁ ଖୁବ୍ ଭଲ ପାଉଥିଲେ । ଓଡ଼ିଶାର ବିକାଶ ଓ ପ୍ରଗତିରେ ତାଙ୍କର ଦାନ କମ୍ ନହେଁ ।

## କାମରାଜ ଯୋଜନା ଓ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ ଃ

ଧୀରେ ଧୀରେ ଦେଶର ରାଜନୈତିକ ପରିସ୍ଥିତି ଅଡୁଆ ହେବାରେ ଲାଗିଲା । କେତେକ ବ୍ୟକ୍ତି ବରାବର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଉଥିବାରୁ ଅନ୍ୟ ନେତାଙ୍କର ଚକ୍ଷୁଶୂଳ ହେଲେ । ପୁଣି ନେତାମାନେ ମନ୍ତ୍ରୀ ଦାୟିତ୍ୱରେ ରହିବାରୁ ସଂଗଠନ କାର୍ଯ୍ୟ ବାଧାପ୍ରାପ୍ତ ହେଲା । କ୍ଷମତାସୀନ ଓ କ୍ଷମତାହୀନ ଭାବରେ ଦୁଇ ଗୋଷ୍ଠୀ ଦେଖାଦେଲେ । ଏମାନଙ୍କ ଭିତରେ ମଝିରେ ମଝିରେ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟ ଲାଗି ଯାଉଥାଏ । ଏସବୁର ସମାଧାନ ନିମନ୍ତେ ନେହେରୁ ବାଟ ଖୋଜୁ ଥାଆନ୍ତି । ତତ୍କାଳୀନ ମାନ୍ଦ୍ରାଜ ରାଜ୍ୟର ମୁଖ୍ୟମନ୍ତ୍ରୀ କାମରାଜ ନାଦର ଉପଲବ୍ଧି କଲେ ଯେ, ''ସେ ଦିନକୁ ଦିନ ଲୋକଙ୍କ ପାଖରେ ଅପ୍ରିୟ ହୋଇ ଯାଉଛନ୍ତି । ସାଧାରଣ କଂଗ୍ରେସ ଲୋକେ ଗାଁ ଗହଳିକୁ ନଯାଇ ମନ୍ତ୍ରୀ ଓ ମୁଖିଆମାନଙ୍କ ଗହଣରେ ସହରରେ ରହି ନାନା ପ୍ରକାର ଦୁର୍ନୀତିରେ ଲିପ୍ତ ରହୁଛନ୍ତି ।''



କେ. କାମରାଜ

ଫଳରେ କାମରାଜ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ପ୍ରସ୍ତାବ ଦେଲେ ଯେ, ଏଇସବୁ କାରଣରୁ କଂଗ୍ରେସ ବଦନାମ ହେବାକୁ ଯାଉଛି । ଏଥିରେ କଂଗ୍ରେସର ବିପର୍ଯ୍ୟୟ ସୁନିଶ୍ଚିତ । ଏଣୁ କଂଗ୍ରେସକୁ ଶକ୍ତିଶାଳୀ ଏବଂ ଲୋକପ୍ରିୟ କରିବାକୁ ହେଲେ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଯେଉଁମାନେ ବରାବର ରାଜ୍ୟ ବା କେନ୍ଦ୍ରରେ କ୍ଷମତାରେ ରହୁଛନ୍ତି, ସେମାନେ ନିଜ ନିଜ ମନ୍ତ୍ରୀ ପଦରୁ ଓହରି ଆସି ସଂଗଠନରେ ଅଂଶ ଗ୍ରହଣ କରନ୍ତୁ । ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସଂଗଠନ କାର୍ଯ୍ୟରେ ଲିପ୍ତ ହେବା ପାଇଁ ପ୍ରସ୍ତୁତ ଅଛି ।'' ଏହା ହେଉଛି କାମରାଜ ପ୍ଲାନ୍ ।

ପଣ୍ଡିତ ନେହେରୁ କାମରାଜଙ୍କ ପ୍ଲାନ୍ ଶୁଣି ବହୁତ ଖୁସି ହେଲେ । ତାଙ୍କୁ ଉପାୟ ମିଳିଗଲା ବୋଲି ସେ ଭାବିଲେ । ଏହି କାମରାଜ ପ୍ଲାନ୍ ଚାରିଆଡ଼େ ପ୍ରଚାରିତ ହୋଇଗଲା । କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ନେହେରୁଙ୍କର ଅତ୍ୟନ୍ତ ପ୍ରିୟ ବ୍ୟକ୍ତି ଲାଲ ବାହାଦୂର ଶାସ୍ତ୍ରୀ ପ୍ରଥମେ ଇସ୍ତଫା ଦେଲେ । ତା'ପରେ ଗୋଟି ଗୋଟି କରି ଅନେକ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଇସ୍ତଫା ପ୍ରଦାନ କଲେ । ଦେଶାଇ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ । ପଣ୍ଡିତ ନେହେରୁଙ୍କ ଇଚ୍ଛା ମୋରାରଜୀଙ୍କ ଭଳି ଆହୁରି ଅନେକ ନେତା ଇସ୍ତଫା ଦିଅନ୍ତୁ । ଏହି ଅବସରରେ ବିଜୟାନନ୍ଦ ପଟ୍ଟନାୟକ ଓଡ଼ିଶା

ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ । ପଣ୍ଡିତ ନେହେରୁ ବିଜୁବାବୁଙ୍କ ଇସ୍ତଫାକୁ ଗ୍ରହଣ କରିନେଲେ । ପ୍ରକୃତରେ ବିଜୁବାବୁ ଇସ୍ତଫା ଦେବା ଉଚିତ୍ ନଥିଲା । କାରଣ ସେ କାମରାଜ ପ୍ଲାନ୍ ଅନ୍ତର୍ଭୁକ୍ତ ଶ୍ରେଣୀୟ ନେତା ନଥିଲେ । ସେ ତ ବରାବର ରାଜ୍ୟ କି କେନ୍ଦ୍ରରେ ମନ୍ତ୍ରୀ ନଥିଲେ । ମାତ୍ର ୨୭ ମାସ ଜୀବନରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ପଣ୍ଡିତ ନେହେରୁ ବିଜୁବାବୁଙ୍କ ଇସ୍ତଫା ଗ୍ରହଣ କରିନେବାର ଭିତ୍ତିରି କଥା ହେଲା, ବିଜୁବାବୁଙ୍କ ନାମରେ ସେତେବେଳକୁ ଦୁର୍ନୀତି ବିଷୟରେ ନାନା କଥା ଶୁଣାଯାଉଥିଲା । ତାଙ୍କ ନାମରେ ମଧ୍ୟ ବହୁ ଅଭିଯୋଗ ପଣ୍ଡିତ ନେହେରୁଙ୍କ ପାଖରେ ଆସି ପହଞ୍ଚି ସାରିଥିଲା । ଦୈତାରି ଲୁହା ଖଣି ଯୋଜନା ପାଇଁ ଲିଂକ୍ସ କମ୍ପାନୀ ସହ ଏକତରଫା ଚୁକ୍ତି, ପାରାଦ୍ୱୀପ ବନ୍ଦର ନିର୍ମାଣ ଓ ପୋତାଶ୍ରୟ ନିମନ୍ତେ ସମୁଦ୍ର ଭିତରେ ପଥର ବନ୍ଧ ତିଆରିରେ କିଏ କେତେ ଟଙ୍କା ନେଲେ ତାର ଠିକଣା ନଥିବା, ଏହି ପଥର ବନ୍ଧ ପକାଇବାରେ ପ୍ରିୟା-ପ୍ରୀତି ତୋଷଣ ଦ୍ୱାରା ବହୁ ଅପବ୍ୟୟ ଓ ବିଜୁ ପଟ୍ଟନାୟକ ୧୧ଟି କର୍ପୋରେସନ କରାଇଥିଲେ । ସେଥିରୁ କୌଣସି ଗୋଟିକରେ ଲାଭ ନହେବା, ସେଥିରୁ ଦୁଇ ଚାରୋଟି ପୂରା ବନ୍ଦ ହୋଇଯିବା ଆଦି ଅନେକ ଅଭିଯୋଗ ସମ୍ପର୍କରେ ଦିଲ୍ଲୀକୁ ସ୍ମାରକପତ୍ର ମାନ ବରାବର ଦିଆଯାଉଥାଏ । ଏଣୁ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କାଳବିଳମ୍ବ ନକରି ବିଜୁବାବୁଙ୍କ ଇସ୍ତଫା ପତ୍ର ଗ୍ରହଣ କରି ନେଲେ ।

+++

### ଷୋଡ଼ଶ ପରିଚ୍ଛେଦ

# ମୁଖ୍ୟମନ୍ତ୍ରୀ ଆସନରେ ବୀରେନ୍ ମିତ୍ର

କାମରାଜ ପ୍ଲାନ୍‌ରେ ବିଜୁ ପଟ୍ଟନାୟକ ଓଡ଼ିଶା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଓଡ଼ିଶା ଶାସନ କଳକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ତାଙ୍କ ମନଲାଖି ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହୁଅନ୍ତୁ, ଏହା ହେଲା ତାଙ୍କର ବାସନା। ତାଙ୍କର ମନଲାଖି ବ୍ୟକ୍ତି ଜଣକ ହେଲେ କଟକ ନଗର ବିଧାୟକ ବୀରେନ୍ ମିତ୍ର - ଯିଏକି ତାଙ୍କର ପରମ ବଂଧୁ ମଧ୍ୟ। ବିଜୁବାବୁଙ୍କର ଇଚ୍ଛା, ବୀରେନ୍ ବାବୁ ନିର୍ଦ୍ୱନ୍ଦ୍ୱରେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଆସନରେ ବସନ୍ତୁ।

ହେଲେ ମହାତାବ ଗୋଷ୍ଠୀ ଏହାକୁ ଘୋର ବିରୋଧ କଲେ। ସେମାନେ ବିଧାୟକ ଦଳର ନେତା ତଥା ମୁଖ୍ୟମନ୍ତ୍ରୀ ପଦପାଇଁ ବିଶ୍ୱନାଥ ଦାସ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନ୍‌ଗୋ ଏବଂ ରାଧାନାଥ ରଥଙ୍କ ନାମ ପ୍ରସ୍ତାବ ଦେଲେ। ଏମାନଙ୍କ ମଧ୍ୟରୁ କାହାକୁ ଯଦି ବିଜୁ ପଟ୍ଟନାୟକ ଗୋଷ୍ଠୀ ଦଳପତି ପଦ ନିମନ୍ତେ ଗ୍ରହଣ କରିନେବେ, ତେବେ ସମସ୍ୟାର ସମାଧାନ ହୋଇଯିବ ବୋଲି ଏହି ଗୋଷ୍ଠୀ ଖୋଲା ଖୋଲି ଭାବରେ ପ୍ରକାଶ କଲେ।

ବିଜୁ ପଟ୍ଟନାୟକଙ୍କ ଇଚ୍ଛା କିନ୍ତୁ ଅନ୍ୟ ପ୍ରକାରର। ନିଜ ଗୋଷ୍ଠୀରୁ ନିଜର ପରମ ପ୍ରିୟ ବ୍ୟକ୍ତିଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ପଦରେ ବସାଇ ଦିଲ୍ଲୀ ରାଜନୀତି ତଥା ରାଜ୍ୟ ରାଜନୀତିକୁ ସେ ନିୟନ୍ତ୍ରଣ କରିବେ। 'ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେବେ' ସେ ନିଜ ଜିଦ୍‌ରେ ଅଟଳ ରହିଲେ। ଓଡ଼ିଶା ବିଧାୟକ ଦଳର ନେତା ନିର୍ବାଚନ ନିର୍ଦ୍ୱନ୍ଦ୍ୱରେ କରାଇ ପାରିଲେ ଦିଲ୍ଲୀରେ ତାଙ୍କର ସୁନାମ ଯଥେଷ୍ଟ ବଢ଼ିଯିବ - ଏହା ମଧ୍ୟ ତାଙ୍କର ଆଉ ଗୋଟିଏ ଇଛା। ତାଙ୍କର ଆଶା ପୂରଣରେ ବିଡମ୍ବନା ସୃଷ୍ଟି ହେଉଛି - ତାଙ୍କ ମନୋନୀତ ପ୍ରାର୍ଥୀଙ୍କୁ ଦଳର ସମସ୍ତେ ଗ୍ରହଣ କରିବାକୁ ନାରାଜ - ଏହା ଜାଣିପାରି ସେ ବ୍ୟସ୍ତ ଓ ବିବ୍ରତ ହୋଇପଡିଲେ।

ସେତେବେଳେ ଓଡ଼ିଶା ବିଧାନ ସଭାରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୨ । ସେମାନଙ୍କ ଭିତରୁ ୫୨ ଜଣ ମହତାବଙ୍କ ଗୋଷ୍ଠୀର । ହେଲେ କେହି ଚିହ୍ନା ପଡୁ ନଥାନ୍ତି । ଏମାନଙ୍କର ଏକ ତାଲିକା ସୁରେନ୍ଦ୍ର ପଟ୍ଟନାୟକ, ବନମାଳୀ ପଟ୍ଟନାୟକ ଓ ଶାନ୍ତନୁ କୁମାର ଦାସ ତିଆରି କରି ରଖିଥାଆନ୍ତି । ଏହା ଜାଣିପାରି ବିଜୁବାବୁ ହତାଶ ହୋଇ ପଡିଲେ । କଳେବଳେ କଉଶଳେ ସେ କେମିତି ବୀରେନ୍ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବେ, ସେଇ ଯୋଜନାରେ ଲାଗିପଡିଲେ । ନିଜ ଗୋଷ୍ଠୀର କେତେଜଣ ବିଧାୟକଙ୍କୁ ମହତାବ ଗୋଷ୍ଠୀର ବିଧାୟକମାନଙ୍କ ପାଖକୁ ପଠାଇ ସେହି ୫୨ଜଣ ଏମ୍.ଏଲ୍.ଏ କେଉଁମାନେ ତାହା ଜାଣିବାକୁ ଚେଷ୍ଟାକଲେ । ଶେଷରେ ସଫଳ ମଧ୍ୟ ହେଲେ । ଶୁଣାଯାଏ, ଅନେକ ବିଧାୟକଙ୍କୁ ପ୍ରଲୋଭିତ, ଆକର୍ଷିତ, ଆତଙ୍କିତ ତଥା ଭୟଭୀତ କରାଇ ନିଜ ଗୋଷ୍ଠୀକୁ ଟାଣି ନେବାକୁ ସେ ସକ୍ଷମ ହେଲେ ।

ମହତାବ ଗୋଷ୍ଠୀ ତରଫରୁ ଗଡ଼ଜାତ ପ୍ରଜା ଆନ୍ଦୋଳନର ବିଶିଷ୍ଟ ନେତା ପବିତ୍ର ମୋହନ ପ୍ରଧାନ ଦଳର ନେତା ତଥା ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ସ୍ଥିରହେଲା । ପବିତ୍ରବାବୁଙ୍କ ପାଇଁ ଡକ୍ଟର ହରେକୃଷ୍ଣ ମହତାବ, ସୁରେନ୍ଦ୍ର ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁ କୁମାର ଦାସ, ଉପେନ୍ଦ୍ର ମହାନ୍ତି, ମୁରଲୀଧର ଜେନା ଆଦି କଂଗ୍ରେସର ପୂର୍ବତନ ସଭାପତି ଓ ସଂପାଦକମାନେ ଏବଂ ହିମାଂଶୁ ଶେଖର ପାଢ଼ୀ, କୁମୁଦ ଚନ୍ଦ୍ର ସିଂହ, ବୀର ବିକ୍ରମାଦିତ୍ୟ ସିଂହ ବରିହା, ମନମୋହନ ଟୁଡୁ, ସୁନାରାମ ସୋରେନ୍ ଆଦି ବିଧାୟକମାନେ ଖୋଲାଖୋଲି ଭାବରେ ପ୍ରଚାର କଲେ । (ମୁକ୍ତିପଥେ ସୈନିକ)

୧୯୬୩ ମସିହା ଅକ୍ଟୋବର ୧ ତାରିଖରେ ବିଧାୟକ ଦଳର ନେତା ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହେଲା । ସେ ବେଳର କେନ୍ଦ୍ରମନ୍ତ୍ରୀ ରଫି ଅହମ୍ମଦ କିଦ୍‌ୱାଇ ଦିଲ୍ଲୀରୁ ପର୍ଯ୍ୟବେକ୍ଷକ ଭାବରେ ଆସିଲେ । ବିଧାନସଭାର ୫୪ ନମ୍ବର କୋଠରିରେ କଂଗ୍ରେସ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେଲା । ବୀରେନ୍ ମିତ୍ର କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହେଲେ । ପବିତ୍ର ମୋହନ ପ୍ରଧାନ ପରାଜିତ ହେଲେ । ତହିଁ ପରଦିନ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ବୀରନ୍‌ବାବୁ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ୧୪ ଜଣିଆ ମନ୍ତ୍ରିମଣ୍ଡଳ ସଭ୍ୟମାନଙ୍କ ସହ ଶପଥ ଗ୍ରହଣ କଲେ । ସେହି ମନ୍ତ୍ରୀମାନେ ଓ ସେମାନଙ୍କର ବିଭାଗମାନ ହେଲା :



ବୀରେନ୍ ମିତ୍ର

## କ୍ୟାବିନେଟ ମନ୍ତ୍ରୀ :

**ବୀରେନ୍ ମିତ୍ର** : ମୁଖ୍ୟମନ୍ତ୍ରୀ, ଅର୍ଥ, ଶିଳ୍ପ, ଯୋଜନା ଓ ସମନ୍ୱୟ, ଖଣି ଓ ଭୂତତ୍ତ୍ୱ, ଜଳସେଚନ ଓ ବିଦ୍ୟୁତ୍, ସାଂସ୍କୃତିକ ବ୍ୟାପାର, ସ୍ୱାସ୍ଥ୍ୟ (ସ୍ୱାୟତ୍ତ ଶାସନ) ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ

**ନୀଳମଣି ରାଉତରାୟ** : ପଲିଟିକାଲ ଆଣ୍ଡ ସର୍ଭିସେସ୍, ସ୍ୱରାଷ୍ଟ୍ର, ଯୋଗାଣ ଓ ଶ୍ରମ

**ସଦାଶିବ ତ୍ରିପାଠୀ** : ରାଜସ୍ୱ ଓ ଅବକାରୀ, ସମବାୟ ଓ ଜଙ୍ଗଲ

**ସତ୍ୟପ୍ରିୟ ମହାନ୍ତି** : ଶିକ୍ଷା, କୃଷି ଓ ପଶୁଚିକିତ୍ସା, ସମବାୟ ଓ ଜଙ୍ଗଲ (ଜଙ୍ଗଲ ବ୍ୟତୀତ ଅନ୍ୟ ସମସ୍ତ ଶାଖା)

**ପି.ଭି.ଜଗନ୍ନାଥ ରାଓ** : ସ୍ୱାସ୍ଥ୍ୟ

**ହରିହର ସିଂହ ମର୍ଦ୍ଦରାଜ** : ପୂର୍ତ୍ତ ଓ ପରିବହନ

**ବୃନ୍ଦାବନ ନାୟକ** : ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତ ରାଜ

**ଟି.ସାଙ୍ଗନ୍ନା** : ଆଦିବାସୀ ଓ ଗ୍ରାମମଙ୍ଗଳ

**ବନମାଳୀ ବାବୁ** : ଆଇନ

**ପ୍ରହ୍ଲାଦ ମଲ୍ଲିକ** : ଉପମନ୍ତ୍ରୀ, ଜଳସେଚନ ଓ ବିଦ୍ୟୁତ

**ବୀର ବିକ୍ରମାଦିତ୍ୟ ସିଂହ ବରିହା** : ଉପମନ୍ତ୍ରୀ ପୂର୍ତ୍ତବିଭାଗର ପରିବହନ ଶାଖା, କୃଷି ବିଭାଗର ପଶୁପାଳନ ଶାଖା ଓ ପଶୁ ଚିକିତ୍ସା

**ସରସ୍ୱତୀ ପ୍ରଧାନ** : ଉପମନ୍ତ୍ରୀ, ଶିକ୍ଷା

**ସନ୍ତୋଷ କୁମାର ସାହୁ** : ଉପମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ସ୍ୱାୟତ୍ତ ଶାସନ ଶାଖା, ସାଂସ୍କୃତିକ ବ୍ୟାପାର, ସମବାୟ ବିଭାଗର ସମବାୟ ଶାଖା ଏବଂ ଜଙ୍ଗଲ ବିଭାଗ

**ଚନ୍ଦ୍ରମୋହନ ସିଂହ** : ଉପମନ୍ତ୍ରୀ, ଶ୍ରମ ବିଭାଗ ଓ ଘରୋଇ ବିଭାଗ (ଜେଲ ଶାଖା)
ବିଜୁ ପଟ୍ଟନାୟକ ହେଲେ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ।

ମହତାବ ଗୋଷ୍ଠୀରୁ କାହାରିକୁ ଏହି ମନ୍ତ୍ରିମଣ୍ଡଳରେ ନିଆଗଲା ନାହିଁ। ପବିତ୍ର ବାବୁ ତ ମୁଖ୍ୟମନ୍ତ୍ରୀ ପଦପାଇଁ ବୀରେନ୍ ମିତ୍ରଙ୍କ ସହ ଲଢୁଥିଲେ, ଏଣୁ ତାଙ୍କ ପ୍ରଶ୍ନ ବି ଉଠିଲା ନାହିଁ। ମହତାବ ଗୋଷ୍ଠୀରେ ଥାଆନ୍ତି ସାତଜଣ ଟାଣୁଆ ବିଧାୟକ। ସେମାନେ ସର୍ବଦା କଂଗ୍ରେସର ସୁନାମ ଓ ଦେଶର ମର୍ଯ୍ୟାଦା ଓ ସମ୍ମାନ ରଖିବାପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ। ସେମାନେ ହେଲେ ପବିତ୍ରମୋହନ ପ୍ରଧାନ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁ କୁମାର ଦାସ, ଉପେନ୍ଦ୍ର ନାଥ ମହାନ୍ତି, ମୁରଲୀଧର ଜେନା ଓ ମନମୋହନ ଟୁଡୁ। ଏମାନଙ୍କୁ କୁହାଯାଉଥିଲା ସପ୍ତରଥୀ।

ବିଜୁ ପଟ୍ଟନାୟକ ଏହି ସାତଜଣଙ୍କୁ ବ୍ୟଙ୍ଗରେ କହୁଥିଲେ, ''ଏମାନଙ୍କ ଭିତରୁ ଜଣେ ହେଉଛି 'ଡଙ୍କି' ବା ଗଧ, ୫ଜଣ ଜେନେରାଲ (ସେନାପତି) ଏବଂ ଜଣେ ଷ୍ଟାଣ୍ଡାର୍ଡ ବିଅରର୍ (ଧ୍ୱଜିନୀ)।

ଭାର ବୋହିବାରେ 'ଗଧ ଯେପରି ଧୁରନ୍ଧର, ବିନା ଆପତ୍ତିରେ ଗୁରୁଦାୟିତ୍ୱ ତୁଲାଇବାରେ ପବିତ୍ର ବାବୁ ସେହିପରି ଯୋଗ୍ୟ ଏବଂ ଦକ୍ଷ । ତେଣୁ ତାଙ୍କୁ ଗଧ ବୋଲି କୁହାଯାଉଛି ।' ଗୋଷ୍ଠୀ ତରଫରୁ ସବୁବେଳେ ପ୍ରଥମରୁ ଟୁଡୁ ବାବୁ ଗୋଷ୍ଠୀର ମନୋଭାବ ଓ ମତର ସୂଚନା ଦେଉଥିବାରୁ, ସେ ଅଗ୍ରଣୀ ଭାବରେ କାର୍ଯ୍ୟ କରୁଛନ୍ତି ତେଣୁ ସେ ଧ୍ୱଜିନୀ । ବାକି ପାଞ୍ଚଜଣ ଯାକ ହେଲେ ଜେନେରାଲ ।

(ମୁକ୍ତିପଥେ ସୈନିକ : ପବିତ୍ର ପ୍ରଧାନ)

ପରବର୍ତ୍ତୀ ସମୟରେ ଏହି ସପ୍ତରଥୀଙ୍କଯୋଗୁଁ କଂଗ୍ରେସ ବିଭାଜନ ହେଲା । ସେମାନେ 'ଜନ କଂଗ୍ରେସ' ଦଳ ପ୍ରତିଷ୍ଠା କଲେ ।

ବୀରେନବାବୁ ମୁଖ୍ୟମନ୍ତ୍ରୀ ହେବାର ଦୁଇ ମାସ ଭିତରେ, ନଭେମ୍ବର ୨୨ ତାରିଖରେ (୧୯୬୩) ମାର୍କିନ ଯୁକ୍ତରାଷ୍ଟ୍ରର ପ୍ରେସିଡେଣ୍ଟ ଜନ୍ କେନେଡି ଅସଓ୍ୱାଲଡ ନାମକ ଜଣେ ଆତତାୟୀର ଗୁଳିରେ ପ୍ରାଣ ହରାଇ ଶହୀଦ ହେଲେ । ଏଥିପାଇଁ ଆମ ଦେଶରେ ତଥା ଆମ ରାଜ୍ୟରେ ଗଭୀର ଶୋକପାଳନ କରାଗଲା । ନଭେମ୍ବର ୨୫ ତାରିଖ ଦିନ ଯୁକ୍ତରାଷ୍ଟ୍ର ଦୂତାବାସରେ ସ୍ୱର୍ଗତ କେନେଡିଙ୍କର ସ୍ମୃତି ତର୍ପଣରେ ଯୋଗଦେଇଥିଲେ ଆମ ଦେଶର ପ୍ରଧାନ ମନ୍ତ୍ରୀ ଓ ରାଷ୍ଟ୍ରପତି । ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତା ପଠାଇଥିଲେ ।

ଏହା ପୂର୍ବରୁ ୧୯୬୩ ନଭେମ୍ବର ୧୭ ତାରିଖ ଦିନ ରୁଷର ତିନିଜଣ ମହାକାଶଚାରୀ ଓଡ଼ିଶା ଭ୍ରମଣରେ ଆସଥିଲେ । ସେମାନଙ୍କୁ କଟକଠାରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ସେହି ମହାକାଶଚାରୀ ତିନିଜଣ ଯାକ ହେଲେ ; ବିଶ୍ୱର ପ୍ରଥ ମହିଳା ମହାକାଶଚାରୀ କ୍ୟାପ୍‌ଟେନ ଭାଲେନ୍ତିନା ନିକୋଲାଏଭା ତେରେସ୍କୋଭା, ମେଜର ଆଣ୍ଡିଆନ୍ ନିକୋଲା ଏଭ ଓ ମେଜର ଭାଲେରୀ ବାଇକୋଭସ୍କି । ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଉପହାର ଓ ନାରୀସଂଘ ସଦନ ତରଫରୁ ଉପହାର ଭାଲେଣ୍ଟିନାଙ୍କୁ ପ୍ରଦାନ କରାଗଲା । ରୁଷ ରାଷ୍ଟ୍ରଦୂତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଶୋକ ଚକ୍ର ଉପହାର ପ୍ରଦାନ କରାଗଲା । କଟକ ମ୍ୟୁନିସିପାଲଟି ଚେୟାରମ୍ୟାନଙ୍କ ପ୍ରଦତ୍ତ ଉପହାର ମେଜର ନିକୋଲାଏଭଙ୍କୁ ପ୍ରଦାନ କରାଗଲା । ମେଜର ଭାଲେରୀ ବାଇକୋଭସ୍କିଙ୍କୁ ମଧ୍ୟ ନାନା ଭାବରେ ଉପହାର ପ୍ରଦାନ କରାଗଲା ।

## ଭୁବନେଶ୍ୱରରେ ଜାତୀୟ କଂଗ୍ରେସ ଅଧିବେଶନ :

ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଶାରେ ଜାତୀୟ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହେବାପାଇଁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇସାରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୨ ମସିହା ଏପ୍ରିଲ ମାସରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେବା ନିମନ୍ତେ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା । ବ୍ରିଟିଶ ସରକାର ସେତେବେଳେ କଂଗ୍ରେସ ଅନୁଷ୍ଠାନକୁ ବେଆଇନ ଘୋଷଣା କରିଦେବାରୁ ଅଧିବେଶନ ବସିବା ବାତିଲ ହୋଇଯାଇଥିଲା । ଯାହାହେଉ, ବିଜୁ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଏହି କଂଗ୍ରେସ ଅଧିବେଶନ ୧୯୬୪ ମସିହା




**ଭୁବନେଶ୍ୱରରେ ଜାତୀୟ କଂଗ୍ରେସ ଅଧିବେଶନ ଉଦ୍‌ଘାଟନ ଅବସରରେ ପଣ୍ଡିତ ନେହରୁ**

ଜାନୁଆରି ମାସରେ ଅନୁଷ୍ଠିତ ହେଲା । ଏହି ଅଧିବେଶନ ଭୁବନେଶ୍ୱରଠାରେ ବସୁଥିବାରୁ ଜନସାଧାରଣ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥିଲା । ଏହି ଅଧିବେଶନ ଉପଲକ୍ଷେ ଭୁବନେଶ୍ୱର ରେଳଷ୍ଟେସନର ସୌନ୍ଦର୍ଯ୍ୟକରଣ ହେଲା । ଏହି ଅଧିବେଶନଟି ଭୁବନେଶ୍ୱରର ଆଠ ନମ୍ବର ୟୁନିଟ୍‌ରେ ଅନୁଷ୍ଠିତ ହୋଇଥିଲା ।

ଏହି ଅଞ୍ଚଳରେ ଅନେକ ସରକାରୀ ଗୃହ ନିର୍ମାଣ କରାଯାଇ ଓଡ଼ିଶାରେ କଂଗ୍ରେସର ପ୍ରତିଷ୍ଠାତା ତଥା ବିଶିଷ୍ଟ ଜାତୀୟବାଦୀ ନେତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ଏହାକୁ ଗୋପବନ୍ଧୁ ନଗର ନାମରେ ନାମିତ କରାଗଲା । ଏହିସବୁ ସରକାରୀ ଘରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମୀ ତଥା ପ୍ରତିନିଧିମାନେ ଅବସ୍ଥାପିତ ହେଲେ । ପରେ ପରେ ସେହି ସରକାରୀ ବାସଗୃହଗୁଡ଼ିକ ସରକାରଙ୍କୁ ଆବଣ୍ଟନ କରାଗଲା । ଏବେ ବି ସେହି ଘର ଗୁଡ଼ିକରେ ସରକାରୀ କର୍ମଚାରୀମାନେ ରହୁଛନ୍ତି ଓ ଏହି ଅଞ୍ଚଳଟି ଗୋପବନ୍ଧୁ ନଗର ଭାବରେ ସୁପରିଚିତ । ଏହି ଅଧିବେଶନ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବାହାରି ସଭାସ୍ଥଳକୁ ଯାଇଥିଲା । ଏପରି ବିରାଟ ଶୋଭାଯାତ୍ରା କେବେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇ ନଥିବା ଜଣାଯାଏ ।

ଏହି କଂଗ୍ରେସ ଅଧିବେଶନ ପୂର୍ବରୁ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କଦ୍ୱାରା ଟିକରପଡା ନଦୀ ବନ୍ଧ ଯୋଜନାର ଶୁଭ ପ୍ରଦାନ ଓ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।

ଏହି କଂଗ୍ରେସ ଅଧିବେଶନ ଥିଲା ଏକ ଐତିହାସିକ ଅଧିବେଶନ । ଭାରତର କୋଣ ଅନୁକୋଣରୁ ବହୁ କଂଗ୍ରେସ କର୍ମୀ ତଥା କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଏଥିରେ ଯୋଗଦାନ କରିଥିଲେ । ଏହା ଥିଲା ପଣ୍ଡିତ ଜବାହାରଲାଲ ନେହେରୁଙ୍କପାଇଁ ଶେଷ ଓଡ଼ିଶା ଗସ୍ତ । କାରଣ ଜାନୁଆରି ମାସ ୬ ତାରିଖ ସକାଳ ଅଧିବେଶନ ବେଳେ ସେ ଖୁବ୍ ପ୍ରଫୁଲ୍ଲ ଥିଲେ । ହଠାତ୍ କ'ଣ

ହେଲା କେଜାଣି ସେ ଅସୁସ୍ଥ ଅନୁଭବ କଲେ । ଯାହା ଫଳରେ କି ତାଙ୍କୁ ଅଧିବେଶନ ସ୍ଥାନରୁ ବିଶ୍ରାମପାଇଁ ରାଜଭବନକୁ ନିଆଗଲା । ପରେ ସେ ଭୀଷଣ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଦିଲ୍ଲୀ ନିଆଗଲା । ଚାରିବାଟିଆଠାରୁ ଏକ ସ୍ୱତନ୍ତ୍ର ବିମାନରେ ସେ ଦିଲ୍ଲୀ ଚାଲି ଯାଇଥିଲେ । ତାଙ୍କ ଅନୁପସ୍ଥିତରେ କଂଗ୍ରେସ ଅଧିବେଶନ ସମାପ୍ତ ହେଲା ।

୧୯୬୪ ମସିହା ମଇମାସ ୨୭ ତାରିଖ ବୁଧବାର ଦିନ ଦିଲ୍ଲୀଠାରେ ତାଙ୍କର ପରଲୋକ ଘଟିଲା । ଗୋଟିଏ ଯୁଗର ଅବସାନ ଘଟିଲା ।

+++

### ସପ୍ତଦଶ ପରିଚ୍ଛେଦ

# ମୁଖ୍ୟମନ୍ତ୍ରୀ ଆସନରେ ସଦାଶିବ ତ୍ରିପାଠୀ

ବୀରେନ୍ ମିତ୍ରଙ୍କ ମେରୀ ରାୟ ଶାସନ ତଥା ତାଙ୍କୁ ସବୁକଥାରେ ବିଜୁବାବୁଙ୍କ ସମର୍ଥନ ଯୋଗୁଁ ଶାସନ କ୍ଷେତ୍ରରେ ଅନେକ ବିଶୃଙ୍ଖଳା ଦେଖାଦେଲା । ଓଡ଼ିଶାର ଜଣେ ଖଣି ମାଲିକ ମହମ୍ମଦ ସିରାଜ ଉଦ୍ଦିନ୍‌ଙ୍କଠାରୁ ବୀରେନ୍ ମିତ୍ର ଦେଢ଼ଲକ୍ଷ ଟଙ୍କା ଚାନ୍ଦା ଉଠାଇ ଥିବା ଘଟଣାକୁ ନେଇ କଂଗ୍ରେସ ଦଳରେ ତୁମ୍ବିତୋଫାନ ଦେଖାଦେଲା । ଆଗରୁ ମହତାବ ଗୋଷ୍ଠୀର ପବିତ୍ର ପ୍ରଧାନ ଆଦି ବିଜୁ ଓ ବୀରେନଙ୍କର ବିରୋଧୀ ହୋଇସାରିଥିଲେ । ସେମାନେ ବିଜୁ ଓ ବୀରେନଙ୍କ ନାମରେ ଏପରି ଅନେକ ଘଟଣା କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ବରାବର ଆଣିବାରେ ଲାଗିଲେ । ସେତେବେଳେ କଂଗ୍ରେସ ସଭାପତି ଥାଆନ୍ତି କେ.କାମରାଜ ନାଦର । ଉତ୍କଳ ପ୍ରଦେଶ କମିଟିର ସଭାପତି ବିଜୟ କୁମାର ପାଣି । କାମରାଜ ନାଦର ଓଡ଼ିଶା ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଓ ଅନ୍ୟମାନଙ୍କ ନାମରେ ପାଇଥିବା ଅଭିଯୋଗ ପତ୍ରଗୁଡ଼ିକୁ ପ୍ରଦେଶ କମିଟି ସଭାପତିଙ୍କ ପାଖକୁ ପଠାଇଦେଲେ । ତଦନ୍ତକରି ଶୀଘ୍ର ଏକ ରିପୋର୍ଟ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଲେ ।

## ପବିତ୍ରବାବୁଙ୍କୁ ଆକ୍ରମଣ :

ପ୍ରଦେଶ କଂଗ୍ରେସ ସଭାପତି ବିଜୟାନନ୍ଦ ପାଣି ତଦନ୍ତ ଉଦ୍ଦେଶ୍ୟରେ ୧୯୬୪ ମସିହା ଅଗଷ୍ଟ ମାସ ୨୩ ତାରିଖ ସନ୍ଧ୍ୟା ୭ଟା ସମୟରେ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଏକ ବୈଠକ ଡକାଇଲେ । ସଭାରେ ମହତାବ ଗୋଷ୍ଠୀରୁ ବନମାଳୀ ପଟ୍ଟନାୟକ ଓ ପବିତ୍ର ମୋହନ ପ୍ରଧାନ କେବଳ ଦୁଇଜଣ ଆସି ଯୋଗଦେଲେ । ସଂଧ୍ୟା ୭ଟା ବେଳକୁ ଅନ୍ୟ ସଭ୍ୟମାନେ ଆସି ଉପସ୍ଥିତ ହୋଇଗଲେ । ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ସଭାରେ ଉପସ୍ଥିତ ହୋଇ ସଭା ଆରମ୍ଭ ହେବା ଆଗରୁ ବାହାନା ଦେଖାଇ ଚାଲିଗଲେ ।

ସଭା ଆରମ୍ଭ ହେଲା । ଅଭିଯୋଗ ପତ୍ରଟିକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ବିଜୟ କୁମାର ପାଣି ସଭାରେ ଉପସ୍ଥାପନ କଲେ । ବିଜୁ ପଟ୍ଟନାୟକ ସେହି ଅଭିଯୋଗ ପତ୍ରଟିକୁ ଧରି ବନମାଳୀ ପଟ୍ଟନାୟକ ଓ ପବିତ୍ର ମୋହନ ପ୍ରଧାନଙ୍କ ଉପରେ ଭୀଷଣ ରାଗିଯାଇ କହିଲେ, ''ଆମ ଗୋଷ୍ଠୀର ଅମୂଳକ କୁତ୍ସା ପ୍ରଚାରଯୋଗୁଁ ନାନା ବିଭ୍ରାଟ ଉପୁଜୁଛି । ସେ ଦାବି କଲେ ଯେ, ଦରଖାସ୍ତରେ ଥିବା ସମସ୍ତ ଆପତ୍ତି ଅଭିଯୋଗ ଭିତ୍ତିହୀନ ଓ ମନଗଢ଼ା । ତେଣୁ ଅଭିଯୋଗକାରୀ ପବିତ୍ର ମୋହନ ପ୍ରଧାନ ଏହିସବୁ ଅଭିଯୋଗ ମିଥ୍ୟାରେ କରିଛନ୍ତି ବୋଲି ସ୍ୱୀକାର କରନ୍ତୁ । ଏହି ଅଭିଯୋଗକୁ ଏହି କ୍ଷଣି ଉଠାଇ ନିଅନ୍ତୁ ।'' ବିଜୁବାବୁଙ୍କ କଥା ଶୁଣି ତାଙ୍କର ସମର୍ଥକମାନେ ରାଗରେ ପ୍ରଜ୍ୱଳିତ ହୋଇ ଚିତ୍କାର କଲେ ଯେ ଏହାକୁ ପବିତ୍ର ବାବୁ ଶୀଘ୍ର ଉଠାଇ ନିଅନ୍ତୁ । କେହି କେହି ପବିତ୍ରବାବୁଙ୍କୁ ମାଡ ମାରିବାକୁ ଆଗେଇ ଆସିଲେ । ଭୟରେ ପବିତ୍ରବାବୁ ଓ ବନମାଳୀବାବୁ ଧୀରସ୍ଥିର ହୋଇ କେବଳ ଯୁକ୍ତି କରୁଥା'ନ୍ତି । ସେ ଦୁହେଁ କହୁଥାଆନ୍ତି ଯେ, ଏହି ଅଭିଯୋଗଗୁଡ଼ିକ ବିଜୁ ଏବଂ ବୀରେନ୍‌ଙ୍କ ବିରୁଦ୍ଧରେ ଅଣାଯାଇଛି । ଏଠାରେ ଆମ ଦୁଇଜଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ହେଉଛନ୍ତି ବିଜୁବାବୁଙ୍କ ଲୋକ । ଆମକୁ ଏଠାରେ ନ୍ୟାୟ ମିଳିବ ନାହିଁ । ସେଥିପାଇଁ ଆମେ ଉଚିତ୍ ପ୍ରମାଣ ଦିଲ୍ଲୀର ନିଖିଳ ଭାରତ କଂଗ୍ରେସ କମିଟି ପାଖରେ ପ୍ରକାଶ କରିବୁ ।''

ଏହା ପରେ ବିଜୁ ପଟ୍ଟନାୟକ ଗୋଟିଏ ଟେଲିଗ୍ରାମର ଡ୍ରାଫ୍‌ଟ ପବିତ୍ରବାବୁଙ୍କୁ ଦେଖାଇ କହିଲେ, ଏହାକୁ କେନ୍ଦ୍ର କମିଟିକୁ ପଠାଯିବ । ଆପଣ ଏଥିରେ ଦସ୍ତଖତ କରନ୍ତୁ । ସେହି ଟେଲିଗ୍ରାମରେ ଲେଖାଥିଲା, ''ମୁଁ ଯେଉଁ ଆପତ୍ତି ଅଭିଯୋଗ କରିଥିଲି ତାହା ଡକ୍ଟର ମହତାବ ଆଦିଙ୍କ ପ୍ରରୋଚନାରେ କରିଥିଲି । ଅଭିଯୋଗଗୁଡ଼ିକ ମିଥ୍ୟା । ତେଣୁ ମୁଁ କ୍ଷମା ମାଗିବା ସଙ୍ଗେ ସଙ୍ଗେ ଉକ୍ତ ଦରଖାସ୍ତକୁ ପ୍ରତ୍ୟାହାର କରି ନେଉଛି ।'' ପବିତ୍ରବାବୁ ଏହାର ପ୍ରତିବାଦ କରିବାରୁ ବିଜୁବାବୁ ତାଙ୍କ ଆସନରୁ ଉଠିଆସି ପବିତ୍ରବାବୁଙ୍କ ଉପରକୁ ଝାଂ ମାରି ଏକ ନିର୍ଘାତ ଚାପୁଡ଼ା ମାରିଲେ ଏବଂ ତାଙ୍କୁ ଖୁବ୍ ଜୋର୍‌ରେ ଟାଣି ପୁଣି ମାରିବାରେ ଲାଗିଲେ । ପବିତ୍ରବାବୁଙ୍କ କାମିଜ୍ ଚିରି ପକାଇଲେ । ଏହି ଘଟଣାରେ ବନମାଳୀବାବୁ ଓ ପବିତ୍ରବାବୁ ନିର୍ବାକ - କାଠଭୂତ ପାଲଟିଗଲେ । ବନମାଳୀବାବୁ ପବିତ୍ରବାବୁଙ୍କୁ ସେଠାରୁ ନେଇ ଚାଲିଆସିଲେ । ସେତେବେଳକୁ ସମୟ ରାତ୍ରି ପ୍ରାୟ ସାଢ଼େଦଶଟା କି ଏଗାରଟା ହେବ । ବାହାରେ ଥିବା ଡ୍ରାଇଭର ଓ ଅନ୍ୟାନ୍ୟ କେତେକ ବ୍ୟକ୍ତି ଏପରି ଆକ୍ରମଣାତ୍ମକ ଚିତ୍କାର ଶୁଣି ଅବାକ୍ । ପ୍ରଥମେ ବନମାଳୀବାବୁ ଓ ପବିତ୍ରବାବୁ ଏହି ଘଟଣା ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ କହିଲେ । ସଙ୍ଗେ ସଙ୍ଗେ ଏହି ଘଟଣା ଦିଲ୍ଲୀ କର୍ତ୍ତୃପକ୍ଷ ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଗଲା ।

ପରଦିନ ସକାଳେ ଏହି ଘଟଣା ବିଜୁଳି ବେଗରେ ରାଜ୍ୟର ଚତୁର୍ଦ୍ଦିଗକୁ ବ୍ୟାପିଗଲା । ଓଡ଼ିଶାବାସୀ ଏପରି ଘଟଣାକୁ ତୀବ୍ର ଭାବରେ ନିନ୍ଦା ଓ ଘୃଣାକଲେ । ବିଜୁବାବୁଙ୍କର ଶତ ସଫେଇକୁ କେହି ବିଶ୍ୱାସ କଲେନାହିଁ । ଏହି ଖବର ଭାରତର ପ୍ରତ୍ୟେକ ଅଞ୍ଚଳର ଖବରକାଗଜମାନଙ୍କରେ ପ୍ରକାଶପାଇଲା । (ମୁକ୍ତିପଥେ ସୈନିକ - ପୃ ୨୦୧-୨୦୫)

ଏହି ଘଟଣା ପରେ ପରେ ଓଡ଼ିଶା କଂଗ୍ରେସର ବିଭାଜନ ପ୍ରକ୍ରିୟା ଆରମ୍ଭ ହୋଇଗଲା । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଦୁର୍ନୀତି ସ-ର୍କରେ ପାର୍ଲାମେଣ୍ଟରେ ମଧ୍ୟ ଆଲୋଚନା ହେଲା । ଅନୁସନ୍ଧାନ କରିବାପାଇଁ କେନ୍ଦ୍ର ଛ'ଜଣ ବରିଷ୍ଠମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଠନ କରାଗଲା । ଏଥିରେ ରହିଲେ : ଏମ୍.ସି.ଚଗଲା - ଶିକ୍ଷାମନ୍ତ୍ରୀ, ଅଶୋକ ସେନ - ଆଇନ ମନ୍ତ୍ରୀ, ଟି.ଟି କୃଷ୍ଣମାଚାରୀ - ଅର୍ଥମନ୍ତ୍ରୀ, ଚୌହାନ - ଦେଶରକ୍ଷା ମନ୍ତ୍ରୀ, ସର୍ଦ୍ଦାର ସ୍ୱରଣ ସିଂହ - ବୈଦେଶିକ ବିଭାଗ ମନ୍ତ୍ରୀ ଓ ଗୁଲଜାରୀ ଲାଲ ନନ୍ଦା - ସ୍ୱରାଷ୍ଟ୍ର ମନ୍ତ୍ରୀ ।

ବୀରେନ୍ ମିତ୍ରଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଦୁଇ ଦୁଇଟି ଛାତ୍ର ଆନ୍ଦୋଳନ ଘଟିଥିଲା । ସେହି ଛାତ୍ର ଆନ୍ଦୋଳନ ଦୁଇଟି ଭୟାବହ ରୂପ ନେଇଥିଲା ଏବଂ ଏହା ତାଙ୍କ ପତନର କାରଣ ହୋଇଥିଲା ।

୧୯୬୪ ମସିହା ସେପ୍ଟେମ୍ବର ଦୁଇ ତାରିଖ । କଟକରୁ ଭୁବନେଶ୍ୱର ଆସୁଥିଲେ ଜଣେ କୃଷି ମହାବିଦ୍ୟାଳୟର ଛାତ୍ର ଓ.ଆର.ଟି ବସ୍‌ରେ । ପଇସା ଦିଆନିଆକୁ କେନ୍ଦ୍ର କରି ଛାତ୍ର ଓ ବସ୍ କଣ୍ଡକ୍ଟରଙ୍କ ଭିତରେ ବଚସା ପରେ ଧସ୍ତାଧସ୍ତି ହେଲା । ଛାତ୍ର ଜଣକ ଆଘାତ ପାଇଲେ । ଫଳରେ ସେ କ୍ୟାପିଟାଲ ଥାନାରେ ଏକ ଏତଲା ଦେଲେ କଣ୍ଡକ୍ଟରଙ୍କ ନାଁରେ । କଣ୍ଡକ୍ଟର ଗିରଫ ହୋଇ ହାଜତରେ ରହିଲେ । କଥାଟି ଏଇଠି ସରିଗଲା ନାହିଁ । ଖରାବେଳେ କୃଷି ମହାବିଦ୍ୟାଳୟ ଓ ବିଜେବି କଲେଜର ଛାତ୍ରମାନେ ଶୋଭାଯାତ୍ରାରେ ଆସି ଥାନା ପାଖରେ ପହଞ୍ଚିଲେ । ଗିରଫ କଣ୍ଡକ୍ଟରଙ୍କୁ ସେମାନଙ୍କୁ ହସ୍ତାନ୍ତର କରିବା ପାଇଁ ପାଟିକଲେ । ହେଲେ କଣ୍ଡକ୍ଟରଙ୍କୁ ପିଲାଙ୍କ ହାତରେ ଛାଡି ଦେଲେ କଣ୍ଡକ୍ଟରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ଭାବି ପୋଲିସ୍ ନାରାଜ ହେଲେ । ଫଳରେ ପିଲାମାନେ ସେଠାରୁ ଓଡ଼ିଶା ବିଧାନସଭା ଆଡକୁ ମାଡିଚାଲିଲେ । ସେମାନେ ଗେଟ୍ ଭାଙ୍ଗି ବିଧାନସଭା ହତା ଭିତରେ ପଶିଲେ । କାରଣ ସେଠାରେ ସ୍ୱଳ୍ପ ସଂଖ୍ୟକ ପୋଲିସ୍ କର୍ମଚାରୀ ଥିଲେ । ପୁରୀ ଜିଲ୍ଲା ପୋଲିସ୍ ଅଧୀକ୍ଷକ ଗୋବିନ୍ଦ ସେନାପତି ଓ ଆଇ.ଜି ଶ୍ରୀକାନ୍ତ ଘୋଷ ଘଟଣା ସ୍ଥଳରେ ଆସି ପହଞ୍ଚିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଛାତ୍ରମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୋଲିସ୍‌କୁ ନିବେଦନ କଲେ । ପୋଲିସ୍ ନିଷ୍କ୍ରିୟ ହୋଇ ଯିବାରୁ ଛାତ୍ରମାନେ ବିଧାନସଭା ଗୃହରେ ପ୍ରବେଶ କରିଗଲେ । ବିଧାନସଭା ଚାଲିଥାଏ । ଛାତ୍ରମାନେ ବିଧାନସଭାରେ ନାନା ଉପଦ୍ରବ କରି ଭଙ୍ଗାରୁଜା କଲେ । ଟେକା ମାରି ବିଧାନସଭାର ଝରକା ଆଦି ଭାଙ୍ଗିଦେଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲିସ୍ ନିଷ୍କ୍ରିୟ ରହିଲା । ଅନୁତପ୍ତ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପାଖକୁ ନିଜର ଇସ୍ତଫା ପତ୍ର ପଠାଇଦେଲେ ।

ନିଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ଅତୁଲ୍ୟ ଘୋଷ ପର୍ଯ୍ୟବେକ୍ଷକ ଭାବରେ ଆସି ବୀରେନ୍ ମିତ୍ରଙ୍କୁ ବୁଝାସୁଝା କଲେ । ପରିସ୍ଥିତି ସ-ର୍କରେ ଅନୁଧ୍ୟାନ କଲେ । ଫଳରେ ବୀରେନ୍ ମିତ୍ର ନିଜର ଇସ୍ତଫା ପ୍ରତ୍ୟାହାର କରିନେଲେ ।

ଭୁବନେଶ୍ୱର ଛାତ୍ର ଆନ୍ଦୋଳନ ପରେ କଟକ ସହରରୁ ଆଉ ଗୋଟିଏ ଛାତ୍ର ଆନ୍ଦୋଳନ ମୁଣ୍ଡଟେକିଲା । ଏହା ଐତିହାସିକ ଛାତ୍ରଆନ୍ଦୋଳନ ଭାବରେ ଖୁବ୍ ଜଣାଶୁଣା । କାରଣ ଏହି ଛାତ୍ର ଆନ୍ଦୋଳନ କଟକରୁ ଆରମ୍ଭ ହୋଇ ସାରା ଓଡ଼ିଶାକୁ ବ୍ୟାପି ଯାଇଥିଲା । ଗୋଟିଏ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଏହି ଆନ୍ଦୋଳନ ବିରାଟ ରୂପ ନେଇଥିଲା ।

୧୯୬୪ ମସିହା ସେପ୍ଟେମ୍ବର ୨୬ ତାରିଖ ସଂଧ୍ୟା । କଟକ ଇଞ୍ଜିନିୟରିଂ ସ୍କୁଲର ଜଣେ ଛାତ୍ର ଗୋଟିଏ ପୁରୁଣା ଟ୍ରାଞ୍ଜିଷ୍ଟର ଷ୍ଟେସନବଜାରର ଗୋଟିଏ ରେଡିଓ ଦୋକାନରେ ମରାମତି କରାଇଥିଲେ । ମାତ୍ର ତାକୁ ତା'ର ପ୍ରାପ୍ୟ ଦେଇ ନଥିଲେ । ଦିନେ ସେହି ଛାତ୍ର ଷ୍ଟେସନବଜାରର ଗୋଟିଏ ସେଲୁନ୍‌ରେ ବାଳ କାଟୁଥିବା ସମୟରେ ରେଡିଓ ଦୋକାନୀ ଛାତ୍ରଙ୍କୁ ନିଜ ଦେକାନକୁ ଟାଣି ଟାଣି ଆଣିଥିଲେ । ଫଳରେ ଦୁଇଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହେଲା । ସେହି ଛାତ୍ରଙ୍କ ନାମ ଶଶଧର ଦାସ । ସେ ରହୁଥିଲେ ରେଳବାଇ ହଷ୍ଟେଲରେ । ଶଶଧର ଆସି ସାଙ୍ଗମାନଙ୍କୁ ଏକଥା କହିଲେ ।

ସନ୍ଧ୍ୟାବେଳେ କିଛି ଛାତ୍ର ସେହି ରେଡିଓ ଦୋକାନରେ ପହଞ୍ଚି ଲୁଟପାଟ ଆରମ୍ଭ କରିଦେଲେ । ସେମାନଙ୍କ ସହ ରେଭେନ୍‌ସା କଲେଜର କିଛି ଛାତ୍ର ମଧ୍ୟ ଯୋଗଦେଲେ । ଏହି ଗଣ୍ଡଗୋଳର ମଉକା ଦେଖି କେତେକ ଅସାମାଜିକ ଲୋକ ମଧ୍ୟ ଏଥିରୁ ଫାଇଦା ଉଠାଇଥିଲେ । ଗଣ୍ଡଗୋଳ ଭୀଷଣ ରୂପନେଲା । ଖବର ପାଇ ପୋଲିସ ଓ ମାଜିଷ୍ଟ୍ରେଟ ସେଠାରେ ପହଞ୍ଚିଥିଲେ । ପିଲାମାନେ ପୋଲିସକୁ ଟେକା ମାରିଲେ । ପୋଲିସ ଓ ଛାତ୍ରମାନଙ୍କ ଭିତରେ ଘମାଘୋଟ ଲଢ଼େଇ ହେଲା । ପାଖରେ ଥିବା ମଧୁସୂଦନ ଲ' କଲେଜର ଛାତ୍ରମାନେ ମଧ୍ୟ ଏଥିରେ ସହଯୋଗ କଲେ । କେତେକ ଛାତ୍ର ଗିରଫ ହେଲେ ।

କ୍ରମେ ଏହି ଆନ୍ଦୋଳନ ସାରା ଓଡ଼ିଶାକୁ ବ୍ୟାପିଲା । କଟକ ମେଡିକାଲ କଲେଜର ଛାତ୍ରମାନେ ଏଥିରେ ପୂର୍ଣ୍ଣ ସହଯୋଗ କଲେ । ପ୍ରତିଦିନ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଯାଇ କଟକ କଲେକ୍ଟରେଟରେ ପହଞ୍ଚି ସଭା କରୁଥିଲେ । ଛାତ୍ରଛାତ୍ରୀମାନେ ରାସ୍ତାରେ ଶୋଭାଯାତ୍ରାରେ ଗଲାବେଳେ ବିଜୁ-ବୀରେନ୍ କେଉଁଠି ? ମଦବୋତଲ ଯେଉଁଠି  ବୋଲି ଧ୍ୱନି ଦେଉଥିଲେ । କଟକ ଜିଲ୍ଲାପାଳଙ୍କ ଅଫିସ୍ ଉପରକୁ ଉଠିଯାଇ ଛାତ୍ରମାନେ ଜାତୀୟ ପତାକାକୁ କାଢ଼ି ସେଠାରେ କଳା ପତାକା ଉଡାଇଲେ । ପଦ୍ମନାଭ ମିଶ୍ର କଲେକ୍ଟର ଥାଆନ୍ତି । ପିଲାମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନକରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ଛାତ୍ରଆନ୍ଦୋଳନ ଥମିଲା ନାହିଁ, ବରଂ ଦିନକୁ ଦିନ ବିଭିନ୍ନ ସ୍ଥାନକୁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଲା । ପ୍ରତ୍ୟେକ ଜିଲ୍ଲାରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଯାଇ ସରକାରୀ ଅଫିସମାନଙ୍କରେ କଳାପତାକା ଉଡାଇଲେ । ବିଭିନ୍ନ ଦାବି ନେଇ ଛାତ୍ରମାନେ ଆନ୍ଦୋଳନକୁ ଜୋରଦାର କଲେ । ଜଗତସିଂହପୁର, ଯାଜପୁର, ବ୍ରହ୍ମପୁରରେ ପୋଲିସ ଗୁଳିମାଡରେ ଜଣେ ଲେଖାଏଁ ଆନ୍ଦୋଳନକାରୀଙ୍କର ମୃତ୍ୟୁ ହେଲା । ବାଙ୍କୀ, ଭବାନୀପାଟଣା ଓ ଭୁବନେଶ୍ୱର ଆଦି ସହରରେ ପୁଲିସଗୁଳିରେ ଆନ୍ଦୋଳନକାରୀମାନେ ଆହତ ହେଲେ ।

ଅନେକ ଛାତ୍ର ଓ ଛାତ୍ରନେତାଙ୍କୁ ଜେଲ୍‌ରେ  ରଖାଗଲା । ଆନ୍ଦୋଳନ ନଭେମ୍ବର ମାସ ପ୍ରଥମ ସପ୍ତାହ ଯାଏ ଚାଲିଥିଲା ।

ଏହାର ତଦନ୍ତ କରିବାପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଲଜାରୀଲାଲ ନନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଓଡ଼ିଶା ପଠାଇଲେ ।


## କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବେକରେ ମଦବେପାରୀଙ୍କ ଫୁଲମାଳ :

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଗୁଲଜାରୀଲାଲ୍ ନନ୍ଦାଙ୍କୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ସ୍ୱାଗତ ଜଣାଇବାପାଇଁ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଗଲେ । ତାଙ୍କ ସହିତ ଗଲେ କଟକ ସାହି ବସ୍ତିର କେତେଜଣ ମୁରବୀ ବ୍ୟକ୍ତି । ସେମାନଙ୍କ ଭିତରେ ଥିଲେ ମଙ୍ଗଳାବାଗର ପ୍ରସିଦ୍ଧ ମଦ ବ୍ୟବସାୟୀ ହାଡିବଂଧୁ ଦାସ ଓଗେର ଅନ୍ୟ କେତେଜଣ ବ୍ୟକ୍ତି । ସେମାନେ ନନ୍ଦାଜୀଙ୍କ ବେକରେ ଫୁଲମାଳ ପିନ୍ଧାଇ ଦେଲେ । ତହିଁ ପରଦିନ ଖବର କାଗଜରେ ପ୍ରକାଶ ପାଇଲା **''ସଦାଚାରୀ ନନ୍ଦାଙ୍କୁ ମଦବେପାରୀଙ୍କ ଫୁଲମାଳ''** ଏଥିରେ ନନ୍ଦାଜୀ କ୍ରୋଧ ପ୍ରକାଶ କଲେ ।

କଟକ ସହରରେ ନନ୍ଦାଜୀ ପହଞ୍ଚିଲେ । ରେଭେନ୍‌ସା କଲେଜକୁ ଗଲେ ଛାତ୍ର ଆନ୍ଦୋଳନ ସ-ର୍କରେ ଅନୁଧ୍ୟାନ କରିବା ପାଇଁ । ସେହି ସମୟରେ ଅନେକ ଛାତ୍ର ଓ ଛାତ୍ରନେତା ଥାଆନ୍ତି ଜେଲ୍‌ରେ । ରେଭେନ୍‌ସା କଲେଜରେ ନନ୍ଦାଜୀଙ୍କୁ ଛାତ୍ରମାନଙ୍କ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ନନ୍ଦାଜୀ ଛାତ୍ରମାନଙ୍କ ସହ ଆଲୋଚନା କରିବାପାଇଁ ଚାହିଁବାରୁ, ଛାତ୍ରମାନେ ଦାବିକଲେ ଯେ, ଗିରଫ ଛାତ୍ରମାନଙ୍କୁ ଖଲାସ ନ କଲାଯାଏ କୌଣସି ଆଲୋଚନା ସମ୍ଭବ ନୁହେଁ । ଫଳରେ ଛାତ୍ର ନେତାମାନଙ୍କୁ ଖଲାସ କରି ଦେବାପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଲେ । ଛାତ୍ରମାନେ ଖଲାସ ହୋଇ ଆସି ଆଲୋଚନାରେ ଭାଗ ନେଲେ ।

ଛାତ୍ର ଆନ୍ଦୋଳନର ବିଚାର ବିଭାଗୀୟ ତଦନ୍ତ ଆଦେଶ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଦାନ କରିବାରୁ ଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ ହେଲା । ଏହା ପରେ ରମା ଦେବୀ ଓ ଆଡଭୋକେଟ ଜେନେରାଲ ଦୀନବଂଧୁ ସାହୁଙ୍କ ମଧ୍ୟସ୍ଥତାରେ ସରକାର ଓ ଛାତ୍ର ପ୍ରତିନିଧିମାନଙ୍କର ବୈଠକ ବସିଲା । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଛାତ୍ରମାନଙ୍କର ସମସ୍ତ ଦାବି ମାନିନେଲେ । ଚୁକ୍ତିପତ୍ରରେ ନିଜେ ଦସ୍ତଖତ କଲେ । ମାନ୍ୟବର ବିଚାରପତି ସତ୍ୟଭୂଷଣ ବର୍ମନଙ୍କ ଅଧ୍ୟକ୍ଷତାରେ ଏକ ଜଣିକିଆ କମିଶନ ଗଠିତ ହେଲା । କମିଶନରଙ୍କ ରିପୋର୍ଟ ଛାତ୍ରମାନଙ୍କ ସପକ୍ଷରେ ଯାଇଥିଲା ।

ବିଜୁ ପଟ୍ଟନାୟକ ଓ ବୀରେନ୍ ମିତ୍ରଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିକଟକୁ ଅନବରତ ପ୍ରେରଣ ହେଲା । ଏହାକୁ କେବଳ କଂଗ୍ରେସର ଅସନ୍ତୁଷ୍ଟ ଗୋଷ୍ଠୀର ଲୋକେ ପଠାଇ ନଥିଲେ । ରାଜ୍ୟର ସୋସାଲିଷ୍ଟ ନେତା ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ବିରୋଧିଦଳ ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଦଳ ତରଫରୁ ମଧ୍ୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏପରି ଅଭିଯୋଗମାନ ପଠାଯାଇଥିଲା । ଏହିସବୁ ଅଭିଯୋଗର ସତ୍ୟତା



ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ



ରାଜ୍ୟପାଳ ସୌକତଲ୍ଲା ସାହା ଆନ୍‌ସାରୀ

ପରୀକ୍ଷା କରିବାପାଇଁ ସି.ବି.ଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଛ'ଜଣିଆ କ୍ୟାବିନେଟ ସବ୍‌କମିଟି ମଧ୍ୟ ଗଠନ କରାଯାଇଥିଲା । ତଦନ୍ତ ରିପୋର୍ଟ ବିଜୁବାବୁ ଓ ବୀରେନ୍ ମିତ୍ରଙ୍କ ବିରୁଦ୍ଧରେ ଯାଇଥିଲା । ପ୍ରଧାନମନ୍ତ୍ରୀ ଏହି ରିପୋର୍ଟ ଅନୁସାରେ ବିଜୁ ପଟ୍ଟନାୟକଙ୍କୁ ଯୋଜନାବୋର୍ଡ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ହେଲା ୧୯୬୫ ମସିହା ଜାନୁଆରି ୨୯ ତାରିଖର ଘଟଣା । ଫେବ୍ରୁଆରି ୨୦ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ବିଜୁ-ବୀରେନ୍‌ଙ୍କ ଶାସନର ଅବସାନ ଘଟିଲା । ସେତେବେଳେ ଓଡ଼ିଶାର ରାଜ୍ୟପାଳ ଥିଲେ ଡଃ ସୌକତଲା ସାହା ଆନ୍‌ସାରୀ ।

## ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ :

ସେତେବେଳେ ବିଜୁ ପଟ୍ଟନାୟକଙ୍କର କଂଗ୍ରେସ ଦଳ ଉପରେ ଅଖଣ୍ଡ କର୍ତ୍ତୃତ୍ୱ । ସେ ଥାଆନ୍ତି କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ । ସେ ପୁଣି ଚାହିଁଲେ ଓଡ଼ିଶାରେ ଦୁର୍ବଳ ନେତୃତ୍ୱ । ଯଦିଓ ତାଙ୍କର ନୀଳମଣି ରାଉତରାୟଙ୍କ ସହ ସଂପର୍କ ଖୁବ୍ ମଧୁର ତଥାପି ସେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇ ଦେବାକୁ ଚାହିଁଲେ ନାହିଁ । ସେ ଚାହିଁଲେ ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ।

ଫେବ୍ରୁଆରି ୨୧ ତାରିଖ ଦିନ ବିଧାନସଭା ଗୃହ କମିଟି ରୁମରେ କଂଗ୍ରେସ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେଲା । ସଦାଶିବ ତ୍ରିପାଠୀ ନିର୍ଦ୍ୱନ୍ଦ୍ୱରେ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହେଲେ । ସେ ମନ୍ତ୍ରିମଣ୍ଡଳ ଗଠନ କଲେ । ତାଙ୍କ ମନ୍ତ୍ରିମଣ୍ଡଳରେ ରହିଲେ ତାଙ୍କୁ ମିଶାଇ ୭ଜଣ କ୍ୟାବିନେଟ ମନ୍ତ୍ରୀ । ସେମାନେ ଓ ସେମାନଙ୍କର ବିଭାଗ ସବୁ ହେଲା :

## କ୍ୟାବିନେଟ ମନ୍ତ୍ରୀ :

**ସଦାଶିବ ତ୍ରିପାଠୀ** : ମୁଖ୍ୟମନ୍ତ୍ରୀ ସହିତ ଅର୍ଥ, ଶିଳ୍ପ, ଯୋଜନା ଓ ସମନ୍ୱୟ, ଖଣି-ଭୂତତ୍ତ୍ୱ ଜଳସେଚନ ଓ ଶକ୍ତି, ବାଣିଜ୍ୟ, ରାଜସ୍ୱ, ସମବାୟ ଓ ଜଙ୍ଗଲ, ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ

**ନୀଳମଣି ରାଉତରାୟ** : ପଲଟିକାଲ ଓ ସର୍ଭିସେସ୍, ଘରୋଇ, ଯୋଗାଣ, ଶ୍ରମ ଓ ନିୟୋଜନ ଏବଂ ହାଉସିଂ

**ସତ୍ୟପ୍ରିୟ ମହାନ୍ତି** : ଶିକ୍ଷା, ସାଂସ୍କୃତିକ ବ୍ୟାପାର, ପୂର୍ତ୍ତ ଓ ପରିବହନ

**ପି.ଭି.ଜଗନ୍ନାଥ ରାଓ** : ସ୍ୱାସ୍ଥ୍ୟ ବିଭାଗ (ସ୍ୱାୟତ୍ତ ଶାସନ ସଂସ୍ଥା ବ୍ୟତୀତ)

**ଟି. ସାଙ୍ଗନ୍ନା** : ଆଦିବାସୀ ଓ ଗ୍ରାମ ଉନ୍ନୟନ, ଅବକାରୀ, ରାଜସ୍ୱ

**ବନମାଳୀବାବୁ** : ଆଇନ, ସ୍ୱାସ୍ଥ୍ୟ (ସ୍ୱାୟତ୍ତ ଶାସନ ବିଭାଗ)

**ରାମ ପ୍ରସାଦ ମିଶ୍ର** : କୃଷି, ପଶୁପାଳନ ସମବାୟ, ଜଙ୍ଗଲ (ଜଙ୍ଗଲ ବ୍ୟତୀତ)

## ଉପମନ୍ତ୍ରୀ :

**ପ୍ରହ୍ଲାଦ ମଲ୍ଲିକ** : ଜଳସେଚନ ଓ ଶକ୍ତି, ରାଜସ୍ୱ (ବିଭାଗର କିଛିଅଂଶ) ଓ ଅର୍ଥ

**ସରସ୍ୱତୀ ପ୍ରଧାନ** : ଶିକ୍ଷା

**ସନ୍ତୋଷ କୁମାର ସାହୁ** : ସାଂସ୍କୃତିକ ବ୍ୟାପାର, ସମବାୟ ଓ ଜଙ୍ଗଲ (ସମବାୟ ଓଜଙ୍ଗଲ ବିଭାଗର ବିଭିନ୍ନ ଶାଖା) ଖଣି ଓ ଭୂତତ୍ତ୍ୱ

**ଚନ୍ଦ୍ରମୋହନ ସିଂହ** : ଶ୍ରମ, ନିୟୋଜନ, ହାଉସିଂ, ଘରୋଇ (ଜେଲ), ଅବକାରୀ, ରାଜସ୍ୱ (ବେଟରମେଣ୍ଟ ଲେଭି ଏବଂ ଜଳକର ଓ ସେସ୍‌ବ୍ୟତୀତ)

**ଚିତ୍ତ ରଂଜନ ନାୟକ** : ଶିଳ୍ପ, ବାଣିଜ୍ୟ ଓ ପରିବହନ (ପୂର୍ତ୍ତ ଓ ପରିବହନ ବିଭାଗର ଶାଖା)

**ଅନୁପ ସିଂହଦେଓ** : ଗୋଷ୍ଠୀ ଉନ୍ନୟନ, ପଞ୍ଚାୟତିରାଜ, ଲୋକ ସ-ର୍କ (ଘରୋଇ ବିଭାଗର ଶାଖା)

**ମଦନମୋହନ ପ୍ରଧାନ** : କୃଷି ଓ ପଶୁ ପାଳନ

ମୁଖ୍ୟମନ୍ତ୍ରୀ ହେବାର କିଛି ଦିନ ପରେ ସଦାଶିବବାବୁ ପୀଡ଼ିତ ହୋଇଗଲେ । ଏହି ସମୟରେ ସେ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ବିଭାଗରେ ଅଦଳ ବଦଳ କଲେ । ଏଥିରେ ସାଧାରଣରେ ବିସ୍ମୟ ସୃଷ୍ଟି ହେଲା । ସେ ଏହି ବିଭାଗ ଅଦଳ ବଦଳ ବିଜୁ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ କରିନଥିବାରୁ ବିଜୁବାବୁ ତାଙ୍କ ଉପରେ କ୍ଷୁବ୍ଧ ହେଲେ । ଫଳରେ ଚଉଦ ଜଣ ମନ୍ତ୍ରୀ, ଉପମନ୍ତ୍ରୀଙ୍କ ଭିତରୁ ୧୨ ଜଣ ଇସ୍ତଫା ପ୍ରଦାନ କଲେ । ଏହା ଥିଲା ବିଜୁ ପଟ୍ଟନାୟକଙ୍କ ଇଙ୍ଗିତ । ଏକଥା କଂଗ୍ରେସ ସଭାପତି କାମରାଜଙ୍କ ଦୃଷ୍ଟିକୁ ଗଲା । କାମରାଜ ମନ୍ତ୍ରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ଦେଇ, ସେହି ତାରିଖ ମଧ୍ୟରେ ନିଜ ନିଜର ଇସ୍ତଫା ପତ୍ର ପ୍ରତ୍ୟାହାର ନକଲେ ତାହା ଗୃହୀତ

ହୋଇଗଲା ବୋଲି ଧରିନିଆଯିବ ବୋଲି କହିଲେ । ଫଳରେ ମନ୍ତ୍ରୀମାନେ ସେମାନଙ୍କର ଇସ୍ତଫା ପତ୍ର ପ୍ରତ୍ୟାହାର କରି ନେଇଥିଲେ ।

ଶେଷରେ ସଦାଶିବ ତ୍ରିପାଠୀ ପରବର୍ତ୍ତୀ ନିର୍ବାଚନ ହେବାଯାଏ ନିଜ ପଦବୀରେ ରହି ଉତ୍ତମ ରୂପେ ଶାସନ ତୁଲାଇଥିଲେ । ସଦାଶିବବାବୁଙ୍କ ଶାସନକାଳରେ ୧୯୬୬ ମସିହାରେ ଓଡ଼ିଶାରେ ଦେଖାଦେଇଥିବା ମରୁଡ଼ି ବିଶେଷ ଭାବରେ ଲୋକଙ୍କ ଆର୍ଥିକମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା ।

+++

### ଅଷ୍ଟାଦଶ ପରିଚ୍ଛେଦ

# ଚତୁର୍ଥ ସାଧାରଣ ନିର୍ବାଚନ ଓ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ

ଡକ୍ଟର ହରେକୃଷ୍ଣ ମହତାବ, ପବିତ୍ର ମୋହନ ପ୍ରଧାନ, ବନମାଳୀ ପଟ୍ଟନାୟକ, ମନମୋହନ ଟୁଡୁ, ସୁରେନ୍ଦ୍ରନାଥ ପଟ୍ଟନାୟକ, ଶାନ୍ତନୁ କୁମାର ଦାସ ଓ ସୁନାରାମ ସୋରେନ ଆଦି କଂଗ୍ରେସର ଅସନ୍ତୁଷ୍ଟ ନେତାମାନେ କଂଗ୍ରେସ ଦଳ ତ୍ୟାଗ କରି ୧୯୬୫ ମସିହା ମଇ ମାସ ୫ ତାରିଖରେ ଓଡ଼ିଶା ଜନକଂଗ୍ରେସ ନାମରେ ଏକ ନୂତନ ଆଞ୍ଚଳିକ ରାଜନୈତିକ ଦଳ ପ୍ରତିଷ୍ଠା କଲେ। ପବିତ୍ର ମୋହନ ପ୍ରଧାନ ହେଲେ ଏହି ଦଳର ସଭାପତି। ସେହି ବର୍ଷ ନଭେମ୍ବର ୨୬ ତାରିଖ ଦିନ ଭୁବନେଶ୍ୱରର କେଦାରଗୌରୀଠାରେ ଦଳର ଏକ ସମ୍ମିଳନୀ ଅନୁଷ୍ଠିତ ହେଲା। ଏହି ସମ୍ମିଳନୀରେ ଦଳର ଲକ୍ଷ୍ୟ, ଉଦ୍ଦେଶ୍ୟ, ନୀତି ଓ କାର୍ଯ୍ୟକ୍ରମମାନ ସ୍ଥିର କରାହେଲା। କାରଣ ଆଗକୁ ଥାଏ ସାଧାରଣ ନିର୍ବାଚନ। ଦଳ କିପରି ସଫଳତା ଲାଭ କରିବ ସେଥିପାଇଁ ମଧ୍ୟ ନୀତିନିର୍ଦ୍ଧାରଣ କରାଗଲା। ଦଳର ଦର୍ଶନ ହେଲା, ଗାନ୍ଧୀ-ଦର୍ଶନ, ନୀତି ହେଲା ଗାନ୍ଧୀ-ନୀତି, ଓ ଲକ୍ଷ୍ୟ ହେଲା ଗାନ୍ଧୀ ଦର୍ଶନର ଲକ୍ଷ୍ୟ। *(ମୁକ୍ତିପଥେ ସୈନିକ- ପବିତ୍ର ମୋହନ ପ୍ରଧାନ)*


ଓଡ଼ିଶା ବିଧାନ ସଭା ଓ ଲୋକସଭାପାଇଁ ସାଧାରଣ ନିର୍ବାଚନ ୧୯୬୭ ମସିହା ଫେବ୍ରୁଆରି ୨୧ ତାରିଖରେ ଗୋଟିଏ ଦିନରେ ସମାପ୍ତ ହେବାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। କ୍ଷମତା ହାସଲ ପାଇଁ ଏହି ନବଗଠିତ 'ଜନକଂଗ୍ରେସ ଦଳ' ସ୍ୱତନ୍ତ୍ର ଦଳ ସହ ମେଣ୍ଟ କଲା। ଓଡ଼ିଶାର 'ଗଣତନ୍ତ୍ର ପରିଷଦ' ସେତେବେଳକୁ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ପ୍ରତିଷ୍ଠିତ ଜାତୀୟ ଦଳ, ସ୍ୱତନ୍ତ୍ରପାର୍ଟି ସହ ମିଶି ଯାଇଥାଏ। ଏହି ନିର୍ବାଚନରେ ସମୁଦାୟ ୬୦୩ଜଣ ପ୍ରାର୍ଥୀ ଅଂଶ ଗ୍ରହଣ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସ ସମସ୍ତ ୧୪୦ଟି ବିଧାନସଭା ଆସନ ଓ ୨୦ଟି ଲୋକସଭା ଆସନରେ ପ୍ରାର୍ଥୀ ଠିଆ କରାଇଲା। ସ୍ୱତନ୍ତ୍ର ଓ ଜନକଂଗ୍ରେସ ଦଳ ବୁଝାମଣା ଭିତ୍ତିରେ ଯଥାକ୍ରମେ ୧୦୧ ଓ ୪୯

ଜଣ ପ୍ରାର୍ଥୀ ଠିଆ କରାଇଲେ । ଏହା ବ୍ୟତୀତ ପ୍ରଜା ସମାଜବାଦୀ, ସଂଯୁକ୍ତ ସମାଜବାଦୀ ଦଳ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ବିଭିନ୍ନ ଆସନରେ ପ୍ରାର୍ଥୀ ଠିଆ କରାଇଲେ । ଉଲ୍ଲେଖନୀୟ କଥା ହେଲା, ୨୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କଲେ । ସେଥିରୁ ମାତ୍ର ୩ଜଣ ଜୟଯୁକ୍ତ ହେଲେ । ସେହିପରି ଜନସଂଘ ଦଳ ପ୍ରଥମ କରି ୧୨ଜଣ ପ୍ରାର୍ଥୀ ଠିଆ କରାଇ ଗୋଟିଏ ହେଲେ ଆସନ ପାଇଲା ନାହିଁ ।

## ନିର୍ବାଚନ ପ୍ରଚାର ସଭାରେ ଇନ୍ଦିରାଙ୍କ ନାକ ଫାଟିଲା :

ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ନିର୍ବାଚନ ପ୍ରଚାରପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓଡ଼ିଶା ଆସିଲେ । କାରଣ ସେତେବେଳକୁ ଓଡ଼ିଶାରେ କଂଗ୍ରେସ ବିରୋଧୀ ହାୱା ପ୍ରବଳ ବେଗରେ ବୋହୁଥାଏ । ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନୀ ପ୍ରଚାର ସଭା ଭୁବନେଶ୍ୱର ପ୍ୟାରେଡ ପଡିଆରେ ଆୟୋଜନ କରାଗଲା । ଏହି ପ୍ୟାରେଡ ପଡିଆଟି ବର୍ତ୍ତମାନ ଇନ୍ଦିରାଗାନ୍ଧୀ ପାର୍କ ନାମରେ ଜଣାଶୁଣା । ସେଦିନଟି ଥିଲା ୧୯୬୭ ମସିହା ଫେବ୍ରୁଆରି ମାସ ୮ ତାରିଖ । ଇନ୍ଦିରା ଗାନ୍ଧୀଙ୍କ ସମେତ ସଭାମଞ୍ଚରେ ବସିଥାଆନ୍ତି କଂଗ୍ରେସ ନେତା ବିଜୁ ପଟ୍ଟନାୟକ, ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ଚିନ୍ତାମଣି ପାଣିଗ୍ରାହୀ ଓ ବିଧାନସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରିୟ ମହାନ୍ତି । ସଭା ଆରମ୍ଭରେ ହଠାତ୍ କେତେଜଣ ଯୁବକ କଂଗ୍ରେସ ବିରୋଧୀ ସ୍ଲୋଗାନ ଦେଲେ- ଯେତେବେଳେ କି ଇନ୍ଦିରା ଗାନ୍ଧୀ ଭାଷଣ ଦେବାକୁ ଆରମ୍ଭ କଲେ । ତା'ପରେ ମଞ୍ଚ ଉପରକୁ ଚାଲିଲା ଢ଼େଲାମାଡ । ତଥାପି ବି ଇନ୍ଦିରା ଗାନ୍ଧୀ ଭାଷଣ ଦେଉଥାଆନ୍ତି । 'ମୋତେ କହିବାରୁ ନିବୃତ୍ତ କରିପାରିବେ ନାହିଁ ବୋଲି ଇନ୍ଦିରା ଗାନ୍ଧୀ ସ୍ପଷ୍ଟ ଭାବରେ କହୁଥାଆନ୍ତି । ଶେଷରେ ଢ଼େଲାମାଡରେ ତାଙ୍କର ନାକ ଫାଟିଲା । ତାଙ୍କୁ ସଙ୍ଗେ ସଙ୍ଗେ ରାଜଭବନକୁ ନିଆଗଲା । ସେଠାରେ ତାଙ୍କର ଚିକିତ୍ସା କରାଗଲା । ଏହି ଢ଼େଲାମାଡ଼ରେ ମଞ୍ଚରେ ଥିବା ଅନ୍ୟ ସମସ୍ତେ ମଧ୍ୟ ଆହତ ହୋଇଥିଲେ ।

ଏହି ନିର୍ବାଚନରେ ପ୍ରଚାର ପାଇଁ ସ୍ୱତନ୍ତ୍ର ଦଳର ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ମିନୁ ମସାନୀ ଓ ପ୍ରଫେସର ରଙ୍ଗା ଆଦି ବିଶିଷ୍ଟ ବ୍ୟକ୍ତିମାନେ ଓଡ଼ିଶା ଆସିଥିଲେ । ନିର୍ବାଚନ ସରିଲା । କଂଗ୍ରେସ ଦଳର ଶୋଚନୀୟ ପରାଜୟ ଘଟିଲା । କଂଗ୍ରେସ ପାଇଲା ମାତ୍ର ୩୧ଟି ଆସନ । ପୂର୍ବରୁ ଥିଲା କଂଗ୍ରେସର ୮୨ଟି




ନନ୍ଦକିଶୋର ମିଶ୍ର

ଆସନ । ଅନ୍ୟ ଦଳମାନେ ହାସଲ କରିଥିବା ଆସନ ସଂଖ୍ୟାଗୁଡ଼ିକ ହେଲା; ସ୍ୱତନ୍ତ୍ର ପାର୍ଟି - ୪୯, ଜନକଂଗ୍ରେସ- ୨୬, ପ୍ରଜା ସମାଜବାଦୀ ଦଳ- ୨୧; ସଂଯୁକ୍ତ ସମାଜବାଦୀ ଦଳ-୨; ଭାରତୀୟ କମ୍ୟୁନିଷ୍ଟ ପାର୍ଟି- ୭; ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି- ୧ ଓ ସ୍ୱାଧୀନ ପ୍ରାର୍ଥୀ- ୩। ସ୍ୱତନ୍ତ୍ର ଦଳର ସଦସ୍ୟ ନନ୍ଦ କିଶୋର ମିଶ୍ର ବାଚ୍‌ସ୍ପତି ଓ ପ୍ରଜାସମାଜବାଦୀ ଦଳ ସଦସ୍ୟ ହରିହର ବାହିନୀପତି ଉପବାଚ୍‌ସ୍ପତି ଭାବରେ ନିର୍ବାଚିତ ହେଲେ । ବିଧାନସଭାର ନବନିର୍ବାଚିତ ସଦସ୍ୟମାନେ ୧୯୬୭ ମସିହା ମାର୍ଚ୍ଚମାସ ୧୭ ତାରିଖରେ ଶପଥ ଗ୍ରହଣ କଲେ । ସ୍ୱତନ୍ତ୍ର ଓ ଜନକଂଗ୍ରେସ ଦଳର ନେତା ଭାବରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେଲେ । କଂଗ୍ରେସ ବିଧାୟକ ଦଳର ନେତା ଭାବରେ ସଦାଶିବ ତ୍ରିପାଠୀ ନିର୍ବାଚିତ ହୋଇ ବିରୋଧୀ ଦଳ ନେତା ଆସନରେ ବସିଲେ ।



ସୁଭଦ୍ରା ମହତାବ

ଏହି ନିର୍ବାଚନରେ ୧୧ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ୪ଜଣ ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ । ସେମାନେ ହେଲେ, ରାଜମାତା ରତ୍ନପ୍ରଭା ଦେବୀ- ଢେଙ୍କାନାଳ ସ୍ୱତନ୍ତ୍ର ପାର୍ଟି, ସତ୍ୟଭାମା ଦେଈ- ରାଜନଗର, ଜନକଂଗ୍ରେସ ଦଳର, ସରସ୍ୱତୀ ପ୍ରଧାନ- ଭଟଲି କଂଗ୍ରେସ ଦଳର ଓ ଆନନ୍ଦ ମଂଜରୀ ଦେବୀ- ସୁକିନ୍ଦା ଜନକଂଗ୍ରେସ ଦଳର । ସୁଭଦ୍ରା ମହତାବ ଉପନିର୍ବାଚନରେ ଭୁବନେଶ୍ୱର ବିଧାନସଭା ଆସନରୁ ନିର୍ବାଚିତ ହୋଇ ଆସିଲେ । କାରଣ ମହତାବ ଏହି ନିର୍ବାଚନରେ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଓ ପୁରୀ ଜିଲ୍ଲାର ଭୁବନେଶ୍ୱର ଆସନରୁ ଜନକଂଗ୍ରେସ ପ୍ରାର୍ଥୀ ଭାବରେ ବିଜୟଲାଭ କରିଥିଲେ । ମହତାବ ବାସୁଦେବପୁର ବିଧାନସଭା ଆସନକୁ



ସତ୍ୟଭାମା ଦେଈ

ହାତରେ ରଖି ଭୁବନେଶ୍ୱର ଆସନକୁ ଛାଡି ଦେଇଥିଲେ । ସେହିପରି ପବିତ୍ର ମୋହନ ପ୍ରଧାନ ଜନକଂଗ୍ରେସ ଟିକେଟରେ ଢ଼େଙ୍କାନାଳର ପାଲଲହଡା ଆସନ ଓ କଟକ ଜିଲ୍ଲାର ଆଠଗଡ଼ ଆସନରୁ ନିର୍ବାଚିତ ହୋଇ ଆସିଥିଲେ । ସେ ପାଲଲହଡା ଆସନକୁ ରଖି ଆଠଗଡ଼ ଆସନଟିକୁ ଛାଡିଦେବାରୁ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏଠାରୁ ଉପନିର୍ବାଚନରେ ଡକ୍ଟର ରାଧାନାଥ ରଥ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ବିଧାନସଭାକୁ ନିର୍ବାଚିତ ହେଲେ । ଫଳରେ ବିଧାନସଭାରେ ମହିଳା ସଭ୍ୟମାନଙ୍କ ସଂଖ୍ୟା ହେଲା ୫ ଓ ସ୍ୱାଧୀନ ସଭ୍ୟଙ୍କ ସଂଖ୍ୟା ୪ ।



**ଆନନ୍ଦମଂଜରୀ ଦେବୀ**

ବିଜୁ ପଟ୍ଟନାୟକ କଟକ ଜିଲ୍ଲା ପାଟକୁରା ଆସନରୁ ଓ ନୀଳମଣି ରାଉତରାୟ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହେଲେ ।

## ଚତୁର୍ଥ ବିଧାନସଭା ସଦସ୍ୟ (୧୯୬୭) :

| | | |
|---|---|---|
| କରଞ୍ଜିଆ | ପ୍ରଫୁଲ୍ଲ କୁମାର ଦାସ | ସ୍ୱତନ୍ତ୍ର |
| ଯଶୀପୁର | ଦୁର୍ଗାଚରଣ ନାୟକ | ସ୍ୱତନ୍ତ୍ର |
| ରାଇରଙ୍ଗପୁର | କାର୍ତ୍ତିକ ଚନ୍ଦ୍ର ମାଝି | ସ୍ୱତନ୍ତ୍ର |
| ବାହଲଦା | ସୁନାରାମ ସୋରେନ୍ | ଜନ କଂଗ୍ରେସ |
| ବାଙ୍ଗିରିପୋଷି | ରାଧାମୋହନ ନାୟକ | ସ୍ୱତନ୍ତ୍ର |
| ବାରିପଦା | ସନ୍ତୋଷ କୁମାର ସାହୁ | କଂଗ୍ରେସ |
| ସୋରଡା | ସାକିଲା ସୋରେନ୍ | ପ୍ରଜା ସମାଜବାଦୀ |
| ବଇସିଙ୍ଗା | ପ୍ରସନ୍ନ କୁମାର ଦାସ | ପ୍ରଜା ସମାଜବାଦୀ |
| ଖୁଣ୍ଟା | ହାରାଚାନ୍ଦ ହଂସଦା | ପ୍ରଜା ସମାଜବାଦୀ |
| ଉଦଳା | ମନମୋହନ ଟୁଡୁ | ଜନ କଂଗ୍ରେସ |
| ଭୋଗରାଇ | ପ୍ୟାରୀମୋହନ ଦାସ | ପ୍ରଜା ସମାଜବାଦୀ |
| ଜଳେଶ୍ୱର | ପ୍ରସନ୍ନ କୁମାର ପାଳ | ପ୍ରଜା ସମାଜବାଦୀ |

| | | |
|---|---|---|
| ବସ୍ତା | ଚିନ୍ତାମଣି ଜେନା | କଂଗ୍ରେସ |
| ବାଲେଶ୍ୱର | ରବୀନ୍ଦ୍ରମୋହନ ଦାସ | ପ୍ରଜା ସମାଜବାଦୀ |
| ନୀଳଗିରି | ବନମାଳୀ ଦାସ | ସି.ପି.ଏମ୍. |
| ସୋରୋ | ହରପ୍ରସାଦ ମହାପାତ୍ର | ସ୍ୱତନ୍ତ୍ର |
| ସିମୁଳିଆ | ଉତ୍ସବ ଚରଣ ଜେନା | ପ୍ରଜା ସମାଜବାଦୀ |
| ଭଦ୍ରକ | ନିତ୍ୟାନନ୍ଦ ମହାପାତ୍ର | ଜନ କଂଗ୍ରେସ |
| ଧାମନଗର | ସତ୍ୟଭାମା ଦେଈ | ଜନ କଂଗ୍ରେସ |
| ଚାନ୍ଦବାଲି | ମନମୋହନ ଦାସ | ଜନ କଂଗ୍ରେସ |
| ବାସୁଦେବପୁର | ହରେକୃଷ୍ଣ ମହତାବ | ଜନ କଂଗ୍ରେସ |
| ସୁକିନ୍ଦା | ଆନନ୍ଦ ମଞ୍ଜରୀ ଦେବୀ | ଜନ କଂଗ୍ରେସ |
| ଧର୍ମଶାଳା | ପରମାନନ୍ଦ ମହାନ୍ତି | ପ୍ରଜା ସମାଜବାଦୀ |
| ବଡଚଣା | ଜଗନ୍ନାଥ ଦାସ | ପ୍ରଜା ସମାଜବାଦୀ |
| ବିଞ୍ଝାରପୁର | ବୈଷ୍ଣବ ଚରଣ ମଲ୍ଲିକ | ପ୍ରଜା ସମାଜବାଦୀ |
| ପଶ୍ଚିମ ଯାଜପୁର | ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ | ଜନ କଂଗ୍ରେସ |
| ପୂର୍ବ ଯାଜପୁର | ଶାନ୍ତନୁ କୁମାର ଦାସ | ଜନ କଂଗ୍ରେସ |
| ଆଳି | ଦିବାକର ନାଥ ଶର୍ମା | କଂଗ୍ରେସ |
| ପଟ୍ଟାମୁଣ୍ଡାଇ | ବିଶ୍ୱନାଥ ମଲ୍ଲିକ୍ | ପ୍ରଜା ସମାଜବାଦୀ |
| ରାଜନଗର | ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ | ସ୍ୱାଧୀନ |
| କେନ୍ଦ୍ରାପଡା | ସରୋଜ କାନ୍ତ କାନୁନ୍‌ଗୋ | ପ୍ରଜା ସମାଜବାଦୀ |
| ପାଟକୁରା | ଚକ୍ରଧର ଶତ୍‌ପଥୀ | ପ୍ରଜା ସମାଜବାଦୀ |
| ତିର୍ତ୍ତୋଲ | ନିଶାମଣି ଖୁଣ୍ଟିଆ | ପ୍ରଜା ସମାଜବାଦୀ |
| ଏରସମା | ଲୋକନାଥ ଚୌଧୁରୀ | କମ୍ୟୁନିଷ୍ଟ |
| ବାଲିକୁଦା | ବୈକୁଣ୍ଠ ନାଥ ମହାନ୍ତି | ପ୍ରଜା ସମାଜବାଦୀ |
| ଜଗତ୍‌ସିଂହପୁର | କସ୍ତୁରୀ ଚରଣ ମଳିକ | ପ୍ରଜା ସମାଜବାଦୀ |
| ଗୋବିନ୍ଦପୁର | ମୁରଲୀଧର କାନୁନ୍‌ଗୋ | ଜନ କଂଗ୍ରେସ |
| ସାଲେପୁର | ସୁରେନ୍ଦ୍ର ନାଥ ପଟ୍ଟନାୟକ | ଜନ କଂଗ୍ରେସ |
| ମାହାଙ୍ଗା | ବିରଜା ପ୍ରସାଦ ରାୟ | ପ୍ରଜା ସମାଜବାଦୀ |
| ଚୌଦ୍ୱାର | ଆକୁଳା ନନ୍ଦ ବେହେରା | ପ୍ରଜା ସମାଜବାଦୀ |
| କଟକ ସହର | ବୀରେନ୍ ମିତ୍ର | କଂଗ୍ରେସ |
| କଟକ ସଦର | ଶୁକଦେବ ଜେନା | ଜନ କଂଗ୍ରେସ |
| ବାଙ୍କୀ | ଯୋଗେଶ ଚନ୍ଦ୍ର ରାଉତ | ସ୍ୱାଧୀନ |

| | | |
|---|---|---|
| ଆଠଗଡ଼ | ପବିତ୍ର ମୋହନ ପ୍ରଧାନ (ଇସ୍ତଫା) | ଜନ କଂଗ୍ରେସ |
| | ପରେ ଡ. ରାଧାନାଥ ରଥ | ସ୍ୱାଧୀନ |
| ବଡ଼ମ୍ବା | ପ୍ରତାପ ଚନ୍ଦ୍ର ପଟ୍ଟନାୟକ | ଜନ କଂଗ୍ରେସ |
| ଭୁବନେଶ୍ୱର | ହରେକୃଷ୍ଣ ମହତାବ | ଜନ କଂଗ୍ରେସ |
| | ପରେ ଶ୍ରୀମତୀ ସୁଭଦ୍ରା ମହତାବ | ଜନ କଂଗ୍ରେସ |
| ବାଲିପାଟଣା | ହରିହର ଭୋଇ | ଜନ କଂଗ୍ରେସ |
| ପିପିଲି | ବନମାଳୀ ପଟ୍ଟନାୟକ | ଜନ କଂଗ୍ରେସ |
| ନିମାପଡ଼ା | ନୀଳମଣି ସିଂହ | ଜନ କଂଗ୍ରେସ |
| କାକଟପୁର | ଗତିକୃଷ୍ଣ ସ୍ୱାଇଁ | କମ୍ୟୁନିଷ୍ଟ |
| ସତ୍ୟବାଦୀ | ଗଙ୍ଗାଧର ମହାପାତ୍ର | କଂଗ୍ରେସ |
| ପୁରୀ | ହରିହର ବାହିନୀପତି | ପ୍ରଜା ସମାଜବାଦୀ |
| ବ୍ରହ୍ମଗିରି | ବ୍ରଜ ମୋହନ ମହାନ୍ତି | କଂଗ୍ରେସ |
| ବାଣପୁର | ରଘୁନାଥ ମିଶ୍ର | କଂଗ୍ରେସ |
| ଖୋର୍ଦ୍ଧା | ରାଜା ବୀରକିଶୋର ଦେବ | ଜନ କଂଗ୍ରେସ |
| ବେଗୁନିଆ | ଗଙ୍ଗାଧର ପାଇକରାୟ | କମ୍ୟୁନିଷ୍ଟ |
| ଖଣ୍ଡପଡ଼ା | ହରିହର ସିଂହ ବି.ଏମ୍.ରାୟ | କଂଗ୍ରେସ |
| ଦଶପଲ୍ଲା | ଅରକ୍ଷିତ ନାୟକ | କମ୍ୟୁନିଷ୍ଟ |
| ନୟାଗଡ଼ | ଅଚ୍ୟୁତାନନ୍ଦ ମହାନ୍ତି | ସ୍ୱାଧୀନ |
| ରଣପୁର | ବି.ଏସ୍.ବି ନରେନ୍ଦ୍ର ମହାପାତ୍ର | କଂଗ୍ରେସ |
| ଜଗନ୍ନାଥପ୍ରସାଦ | ଉଦୟ ନାଥ ନାୟକ | କଂଗ୍ରେସ |
| ଭଞ୍ଜନଗର | ଦୀନବନ୍ଧୁ ବେହେରା | କଂଗ୍ରେସ |
| ସୋରଡା | ଅନନ୍ତ ନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| ଆସ୍କା | ହରିହର ଦାସ | କମ୍ୟୁନିଷ୍ଟ |
| କବିସୂର୍ଯ୍ୟନଗର | ଦଣ୍ଡପାଣି ସ୍ୱାଇଁ | କମ୍ୟୁନିଷ୍ଟ |
| କୋଦଳା | ବନମାଳୀ ମହାରଣା | ପ୍ରଜା ସମାଜବାଦୀ |
| ଖଲ୍ଲିକୋଟ | ନାରାୟଣ ସାହୁ | ପ୍ରଜା ସମାଜବାଦୀ |
| ଛତ୍ରପୁର | ରଘୁନାଥ ରାମାନୁଜ | ସ୍ୱତନ୍ତ୍ର |
| | ଲକ୍ଷ୍ମଣ ମହାପାତ୍ର | କମ୍ୟୁନିଷ୍ଟ |
| ହିଞ୍ଜିଳି | ଉଦୟନାଥ ପାଳ | ଜନ କଂଗ୍ରେସ |
| | ବୃନ୍ଦାବନ ନାୟକ | କଂଗ୍ରେସ |
| ଦୁରା | ମୋହନ ନାୟକ | କଂଗ୍ରେସ |

| | | |
|---|---|---|
| ବ୍ରହ୍ମପୁର | ବିନାୟକ ଆଚାର୍ଯ୍ୟ | କଂଗ୍ରେସ |
| ଚିକିଟି | ଦିବାକର ପଟ୍ଟନାୟକ | କଂଗ୍ରେସ |
| ମୋହନା | ତାରିଣୀ ସର୍ଦ୍ଦାର | କଂଗ୍ରେସ |
| ରାମଗିରି | ଅର୍ଜୁନ ସିଂହ | କଂଗ୍ରେସ |
| ପାରଳାଖେମୁଣ୍ଡି | ନାଲକୁରମା ନାଇକୁଲା | କଂଗ୍ରେସ |
| ଗୁଣପୁର | ଭାଗୀରଥି ଗମାଙ୍ଗୋ | କଂଗ୍ରେସ |
| ବିଷମକଟକ | ବିଶ୍ୱନାଥ ଚୌଧୁରୀ | ସ୍ୱତନ୍ତ୍ର |
| ରାୟଗଡ଼ା | ଅନନ୍ତରାମ ମାଝି | କଂଗ୍ରେସ |
| ନାରାୟଣପାଟଣା | ବିଡିକା ମାଲନା | ସ୍ୱାଧୀନ |
| ନନ୍ଦପୁର | ମାଲୁ ସାନ୍ତା | କଂଗ୍ରେସ |
| ମାଲକାନଗିରି | ଗଙ୍ଗାଧର ମାଡ଼ି | କଂଗ୍ରେସ |
| ଜୟପୁର | ଏନ୍.ରାମସାସେୟା | ସ୍ୱତନ୍ତ୍ର |
| କୋଟପାଡ | ସୂର୍ଯ୍ୟନାରାୟଣ ମାଝି | କଂଗ୍ରେସ |
| ନବରଙ୍ଗପୁର | ସଦାଶିବ ତ୍ରିପାଠୀ | କଂଗ୍ରେସ |
| କୋଡିଙ୍ଗା | ଝିଡ୍ରୁ ନାୟକ | ସ୍ୱତନ୍ତ୍ର |
| ଡାବୁଗାଁ | ଡମ୍ବରୁ ମାଝି | ସ୍ୱତନ୍ତ୍ର |
| ଉମରକୋଟ | ରବି ସିଂହ ମାଝି | କଂଗ୍ରେସ |
| ନୂଆପଡ଼ା | ଓଁକାର ସିଂହ ମାଝି | କଂଗ୍ରେସ |
| ଖଡିଆଳ | ଅନୁପ ସିଂହଦେଓ | କଂଗ୍ରେସ |
| ଧରମଗଡ | ଲୋଚନ ଧାଙ୍ଗଡ଼ା ମାଝି | ସ୍ୱତନ୍ତ୍ର |
| କୋକସରା | ରଘୁନାଥ ପ୍ରହରାଜ | ସ୍ୱତନ୍ତ୍ର |
| ଜୁନାଗଡ଼ | ମହେଶ୍ୱର ନାୟକ | ସ୍ୱତନ୍ତ୍ର |
| ଭବାନୀପାଟଣା | ଦୟାନିଧି ନାୟକ | ସ୍ୱତନ୍ତ୍ର |
| ନରଲା | ଅଞ୍ଚଳ ମାଝି | ସ୍ୱତନ୍ତ୍ର |
| କେସିଙ୍ଗା | ଭଗବାନ ଭୋଇ | ସ୍ୱତନ୍ତ୍ର |
| ଉଦୟଗିରି | ଗୋପାଳ ପ୍ରଧାନ | ସ୍ୱତନ୍ତ୍ର |
| ବାଲିଗୁଡ଼ା | ନରେଶ ପ୍ରଧାନ | ସ୍ୱତନ୍ତ୍ର |
| ଫୁଲବାଣୀ | ବରଦା ପ୍ରସନ୍ନ କହଁର | ସ୍ୱତନ୍ତ୍ର |
| ବଉଦ | ହିମାଂଶୁ ଶେଖର ପାଢ଼ୀ | ଜନ କଂଗ୍ରେସ |
| ସୋନପୁର | ନୀଳାମ୍ବର ରାୟଗୁରୁ | ସ୍ୱତନ୍ତ୍ର |

| | | |
|---|---|---|
| ବିନିକା | ନରସିଂହ ଚରଣ ମିଶ୍ର | ସ୍ୱତନ୍ତ୍ର |
| ତୁଷରା | ରାଧା ମୋହନ ମିଶ୍ର | ସ୍ୱତନ୍ତ୍ର |
| ବଲାଙ୍ଗୀର | ରାଜେନ୍ଦ୍ର ନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| ଲୋଇସିଂହା | ନନ୍ଦ କିଶୋର ମିଶ୍ର | ସ୍ୱତନ୍ତ୍ର |
| ପାଟଣାଗଡ | ଅଇଁଠୁ ସାହୁ | ସ୍ୱତନ୍ତ୍ର |
| ସଇଁତଳା | ରମେଶ ଚନ୍ଦ୍ର ସିଂହଭୋଇ | ସ୍ୱତନ୍ତ୍ର |
| ଟିଟିଲାଗଡ | ଅଚ୍ୟୁତାନନ୍ଦ ମହାନନ୍ଦ | ସ୍ୱତନ୍ତ୍ର |
| କଣ୍ଟାବାଞ୍ଜି | ଲୋକନାଥ ରାୟ | ସ୍ୱତନ୍ତ୍ର |
| ପଦ୍ମପୁର | ବୀର ବିକ୍ରମାଦିତ୍ୟ ସିଂହ ବରିହା | ଜନ କଂଗ୍ରେସ |
| ମେଳଛାମୁଣ୍ଡା | ବୀରେନ୍ଦ୍ର କୁମାର ସାହୁ | ସ୍ୱତନ୍ତ୍ର |
| ବିଜେପୁର | ମୋହନ ନାଗ | କଂଗ୍ରେସ |
| ଭଟ୍‌ଲି | ସରସ୍ୱତୀ ପ୍ରଧାନ | କଂଗ୍ରେସ |
| ବରଗଡ଼ | ଭରତ ଚନ୍ଦ୍ର ହୋତା | କଂଗ୍ରେସ |
| ସମ୍ବଲପୁର | ବନମାଳୀ ବାବୁ | କଂଗ୍ରେସ |
| ବ୍ରଜରାଜ ନଗର | ପ୍ରସନ୍ନ କୁମାର ପଣ୍ଡା | କମ୍ୟୁନିଷ୍ଟ |
| ଝାରସୁଗୁଡ଼ା | ମୁରାରି ପ୍ରସାଦ ମିଶ୍ର | ସ୍ୱତନ୍ତ୍ର |
| ଲଇକେରା | ଲାଲା ଗଜେନ୍ଦ୍ର ସିଂହ | ସ୍ୱତନ୍ତ୍ର |
| କୁଚିଣ୍ଡା | କହ୍ନେଇ ସିଂହ | ସ୍ୱତନ୍ତ୍ର |
| ରେଢ଼ାଖୋଲ | ଭିକାରି ସୁନା | ସ୍ୱତନ୍ତ୍ର |
| ଦେବଗଡ | ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ | ସ୍ୱତନ୍ତ୍ର |
| ସୁନ୍ଦରଗଡ଼ | ହରିହର ପଟେଲ | ସ୍ୱତନ୍ତ୍ର |
| ତଳସରା | ଗଙ୍ଗାଧର ପ୍ରଧାନ | ସ୍ୱତନ୍ତ୍ର |
| ରାଜଗାଙ୍ଗପୁର | ପ୍ରେମଚାନ୍ଦ ଭଗତ | ସ୍ୱତନ୍ତ୍ର |
| ବିଶ୍ରା | କୃଷ୍ଣଚନ୍ଦ୍ର ନାୟକ | ସ୍ୱତନ୍ତ୍ର |
| ରାଉରକେଲା | ରାଜକିଶୋର ସାମନ୍ତରାୟ | ପ୍ରଜା ସମାଜବାଦୀ |
| ବଣେଇ | ହେମନ୍ତ ପ୍ରସାଦ ମହାପାତ୍ର | ସ୍ୱତନ୍ତ୍ର |
| ଚ ଂଆ | କ୍ଷେତ୍ରମୋହନ ନାୟକ | ସ୍ୱତନ୍ତ୍ର |
| ପାଟଣା | ରାମରାୟ ମୁଣ୍ଡା | ସ୍ୱତନ୍ତ୍ର |
| କେଉଁଝର | ଗୋବିନ୍ଦ ମୁଣ୍ଡା | ସ୍ୱତନ୍ତ୍ର |
| ତେଲକୋଇ | ଭାଗୀରଥି ମହାପାତ୍ର | ସ୍ୱତନ୍ତ୍ର |

| | | |
|---|---|---|
| ରାମଚନ୍ଦ୍ରପୁର | ରାଜ ବଲ୍ଲଭ ମିଶ୍ର | ସ୍ୱତନ୍ତ୍ର |
| ଆନନ୍ଦପୁର | ଭୁବନାନନ୍ଦ ଜେନା | ଜନ କଂଗ୍ରେସ |
| ପାଲଲହଡା | ପବିତ୍ର ମୋହନ ପ୍ରଧାନ | ଜନ କଂଗ୍ରେସ |
| କାମାକ୍ଷାନଗର | ବୃନ୍ଦାବନ ତ୍ରିପାଠୀ | ସ୍ୱତନ୍ତ୍ର |
| ଗଁଦିଆ | ହଳଧର ମିଶ୍ର | ସ୍ୱତନ୍ତ୍ର |
| ଢେଙ୍କାନାଳ | ରାଜମାତା ରତ୍ନପ୍ରଭା ଦେବୀ | ସ୍ୱତନ୍ତ୍ର |
| ତାଳଚେର | କୁମର ଚନ୍ଦ୍ର ବେହେରା | ଜନ କଂଗ୍ରେସ |
| ଛେଣ୍ଡିପଦା | ନବଘନ ନାଏକ | ଜନ କଂଗ୍ରେସ |
| ଅନୁଗୋଳ | କୁମୁଦ ଚନ୍ଦ୍ର ସିଂହ | ଜନ କଂଗ୍ରେସ |
| ଆଠମଲ୍ଲିକ | ସୁରେନ୍ଦ୍ର ପ୍ରଧାନ | ସଂଯୁକ୍ତ ସମାଜବାଦୀ |

## ଚତୁର୍ଥ ଲୋକସଭା ସଦସ୍ୟ (୧୯୬୭) :

| | | |
|---|---|---|
| ମୟୂରଭଂଜ | ମହେନ୍ଦ୍ର ମାଝି | ସ୍ୱତନ୍ତ୍ର |
| ବାଲେଶ୍ୱର | ସମରେନ୍ଦ୍ର କୁଣ୍ଡୁ | ପ୍ରଜା ସମାଜବାଦୀ |
| ଭଦ୍ରକ | ଧରଣୀଧର ଜେନା | ସ୍ୱାଧୀନ |
| ଯାଜପୁର | ବାଇଧର ବେହେରା | ପ୍ରଜା ସମାଜବାଦୀ |
| କେନ୍ଦ୍ରାପଡ଼ା | ସୁରେନ୍ଦ୍ର ନାଥ ଦ୍ୱିବେଦୀ | ପ୍ରଜା ସମାଜବାଦୀ |
| କଟକ | ଶ୍ରୀନିବାସ ମିଶ୍ର | ପ୍ରଜା ସମାଜବାଦୀ |
| ପୁରୀ | ରବି ରାୟ | ସଂଯୁକ୍ତ ସମାଜବାଦୀ |
| ଭୁବନେଶ୍ୱର | ଚିନ୍ତାମଣି ପାଣିଗ୍ରାହୀ | କଂଗ୍ରେସ |
| ଭଂଜନଗର | ଅନନ୍ତ ତ୍ରିପାଠୀ ଶର୍ମା | କଂଗ୍ରେସ |
| ଗୁଣପୁର | ଆର୍. ଜଗନ୍ନାଥ ରାଓ | କଂଗ୍ରେସ |
| କୋରାପୁଟ | ରାମଚନ୍ଦ୍ର ଉଲ୍ଲାକା | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ପ୍ରତାପ କେଶରୀ ଦେଓ | ସ୍ୱତନ୍ତ୍ର |
| ଫୁଲବାଣୀ | ଅନିରୁଦ୍ଧ ଦୀପ | ସ୍ୱତନ୍ତ୍ର |
| ବଲାଙ୍ଗୀର | ରାଜ ରାଜ ସିଂହଦେଓ | ସ୍ୱତନ୍ତ୍ର |
| ସମ୍ବଲପୁର | ଶ୍ରଦ୍ଧାକର ସୂପକାର | କଂଗ୍ରେସ |
| ଅନୁଗୁଳ | ଧୀରେନ୍ଦ୍ର ନାଥ ଦେବଲାଲ | ସ୍ୱତନ୍ତ୍ର |

| | | |
|---|---|---|
| ଢେଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | |
| | ମହୀନ୍ଦ୍ର ବାହାଦୂର | ସ୍ୱତନ୍ତ୍ର |
| ସୁନ୍ଦରଗଡ଼ | ଦେବାନନ୍ଦ ଅମାତ | ସ୍ୱତନ୍ତ୍ର |
| କେନ୍ଦୁଝର | ଗୁରୁ ଚରଣ ନାୟକ | ସ୍ୱତନ୍ତ୍ର |

## ସ୍ୱତନ୍ତ୍ର ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ଗଠନ :

ନିର୍ବାଚନରେ ବିଜୁ ପଟ୍ଟନାୟକଙ୍କ ପରିଚାଳିତ ମୂଳ କଂଗ୍ରେସକୁ ହରାଇବାପାଇଁ ଜନକଂଗ୍ରେସର ସ୍ୱତନ୍ତ୍ର ମେଣ୍ଟ ଗଠନ କରାଯାଇଥିଲା । ତାହା ସଫଳ ହେଲା । ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଦଳର ସର୍ବଭାରତୀୟ ନେତା ଏବଂ ସଭାପତି ମିନୁ ମାସାନୀ ଓ ସ-ାଦକ ଦାଣ୍ଡେକରଙ୍କ ସ୍ୱୀକୃତିରେ ସ୍ଥିର ହୋଇଥିଲା ଯେ, ଜନକଂଗ୍ରେସ- ସ୍ୱତନ୍ତ୍ର ମେଣ୍ଟ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ହାସଲ କଲେ ଜନକଂଗ୍ରେସର ସଭ୍ୟ ସଂଖ୍ୟା ଯାହା ଥାଉ ପଛକେ ଡକ୍ଟର ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହେବେ । କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସ୍ୱତନ୍ତ୍ର ଦଳ ଏହି ବୁଝାମଣାକୁ ଆଦୌ ମାନିଲା ନାହିଁ । ସ୍ୱତନ୍ତ୍ର ଦଳର ତୁଙ୍ଗ ନେତା ଚକ୍ରବର୍ତ୍ତୀ ରାଜ ଗୋପାଳାଚାରୀଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ ଯାଏଁ ଦାବି କଲେ କି ଯେହେତୁ ସ୍ୱତନ୍ତ୍ର ଦଳର ସଭ୍ୟସଂଖ୍ୟା



**ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଶପଥଗ୍ରହଣ**

ଜନକଂଗ୍ରେସ ଦଳର ସଭ୍ୟସଂଖ୍ୟାଠାରୁ ଅଧିକ, ସ୍ୱତନ୍ତ୍ର ଦଳ ତରଫରୁ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବେ। ଏଥିରେ ଜନକଂଗ୍ରେସ ଦଳର ସଭ୍ୟମାନେ ମର୍ମାହତ ହୋଇପଡ଼ିଲେ। *(ମୁକ୍ତିପଥେ ସୈନିକ- ପବିତ୍ର ମୋହନ ପ୍ରଧାନ)*

ଯାହାହେଉ ଶେଷରେ ଉଭୟ ଦଳ ତରଫରୁ ଠିକ୍ ହେଲା ଯେ, ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମୁଖ୍ୟମନ୍ତ୍ରୀ ହେବେ ଓ ଜନକଂଗ୍ରେସ ଦଳ ତରଫରୁ ପବିତ୍ର ମୋହନ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ହେବେ। ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର-ଜନକଂଗ୍ରେସ ମନ୍ତ୍ରିମଣ୍ଡଳ ୦୮.୩.୧୯୬୭ ତାରିଖରେ ଦାୟିତ୍ୱ ଗ୍ରହଣ କଲା। ଏଥିରେ ଉଭୟ ଦଳରୁ ରହିଲେ ୧୪ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ଜଣ ଉପମନ୍ତ୍ରୀ। ସେମାନେ ହେଲେଃ

## କ୍ୟାବିନେଟ୍ ମନ୍ତ୍ରୀ :

| | |
|---|---|
| **ରାଜେନ୍ଦ୍ର ନାରାୟଣ ସିଂହଦେଓ** | : ମୁଖ୍ୟମନ୍ତ୍ରୀ, ଅର୍ଥ, ଘରୋଇ (ଜେଲ ଓ ସଂସ୍କାର ଏବଂ ଲୋକସଂପର୍କ ବିଭାଗ ବ୍ୟତୀତ), ପର୍ଯ୍ୟଟନ, ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ |
| **ପବିତ୍ର ମୋହନ ପ୍ରଧାନ** | : ଉପମୁଖ୍ୟମନ୍ତ୍ରୀ, ପଲ୍‌ଟିକାଲ ଆଣ୍ଡ ସର୍ଭିସେସ୍ (ରାଜଧାନୀ ପ୍ରଶାସନ ଓ ନଦୀ ଉପତ୍ୟାକା ଉନ୍ନୟନ ବ୍ୟତୀତ), ଖଣି ଓ ଭୂତତ୍ତ୍ୱ |
| **ରାଜ ବଲ୍ଲଭ ମିଶ୍ର** | : କୃଷି (ପଶୁପାଳନ ଓ ମତ୍ସ୍ୟ ବିଭାଗ ବ୍ୟତୀତ), ଶ୍ରମ, ନିୟୋଜନ ଓ ଗୃହ ନିର୍ମାଣ |
| **ସୁରେନ୍ଦ୍ର ନାଥ ପଟ୍ଟନାୟକ** | : ରାଜସ୍ୱ (ନିବନ୍ଧନ ବ୍ୟତୀତ) ଜଳସେଚେନ ଓ ବିଦ୍ୟୁତ୍ |
| **ହରିହର ପଟେଲ** | : ଶିଳ୍ପ, ବାଣିଜ୍ୟ, ଘରୋଇ (ଲୋକସଂପର୍କ ଓ ପର୍ଯ୍ୟଟନ), ଶିକ୍ଷା (ଭୁବନେଶ୍ୱର ପାଠ୍ୟ ପୁସ୍ତକ ପ୍ରେସ୍) |
| **ଶାନ୍ତନୁ କୁମାର ଦାସ** | : ଅବକାରୀ, ରାଜସ୍ୱ (ନିବନ୍ଧନ), ପଲଟିକାଲ ଆଣ୍ଡ ସର୍ଭିସେସ (ନୂଆରାଜଧାନୀ ପ୍ରଶାସନ ଓ ନଦୀବନ୍ଧ ଉପତ୍ୟକା ଉନ୍ନୟନ) |
| **ନିତ୍ୟାନନ୍ଦ ମହାପାତ୍ର** | : ଯୋଗାଣ ଓ ସାଂସ୍କୃତିକ ବ୍ୟାପାର |
| **ହର ପ୍ରସାଦ ମହାପାତ୍ର** | : ଆଇନ, ସମବାୟ ଓ ଜଙ୍ଗଲ (ସମବାୟ ଓ ମାର୍କେଟିଙ୍ଗ ସଂଗଠନ) ଗୋଷ୍ଠୀଉନ୍ନୟନ ଓ ପଞ୍ଚାୟତରାଜ |
| **ଦୟାନିଧି ନାଏକ** | : ପୂର୍ତ୍ତ ପରିବହନ, (ଜନସ୍ୱାସ୍ଥ୍ୟ ବିଭାଗ ବ୍ୟତୀତ) |
| **ମୁରାରି ପ୍ରସାଦ ମିଶ୍ର** | : ସ୍ୱାସ୍ଥ୍ୟ, ସମବାୟ ଓ ଜଙ୍ଗଲ (ସମବାୟ) |
| **ବନମାଳୀ ପଟ୍ଟନାୟକ** | : ଶିକ୍ଷା (ଭୁବନେଶ୍ୱର ପାଠ୍ୟ ପୁସ୍ତକ ପ୍ରେସ୍ ବ୍ୟତୀତ) |
| **ମନ ମୋହନ ଟୁଡୁ** | : ଆଦିବାସୀ ଓ ଗ୍ରାମମଙ୍ଗଳ |

| | | |
|---|---|---|
| **କାର୍ତ୍ତିକ ଚନ୍ଦ୍ର ମାଝି** | : | ନଗର ଉନ୍ନୟନ ପୂର୍ତ୍ତ ଓ ପରିବହନ (ଜନ ସ୍ୱାସ୍ଥ୍ୟ ବିଭାଗ) |
| **ଗଙ୍ଗାଧର ପ୍ରଧାନ** | : | ଘରୋଇ (ଜେଲ ଓ ସଂସ୍କାର) କୃଷି, (ପଶୁ ପାଳନ ଓ ମତ୍ସ୍ୟ) |

## ଉପମନ୍ତ୍ରୀ :

| | | |
|---|---|---|
| **ହିମାଂଶୁ ଶେଖର ପାଢ଼ୀ** | : | ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ୍ |
| **ଅନନ୍ତ ନାରାୟଣ ସିଂହଦେଓ** | : | ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତରାଜ ଏବଂ ଶିଳ୍ପ ଓ ବାଣିଜ୍ୟ |
| **ବୃନ୍ଦାବନ ତ୍ରିପାଠୀ** | : | ଯୋଜନା ସମନ୍ୱୟ, କୃଷି, ସମବାୟ ଓ ଜଙ୍ଗଲ |
| **ଗୋବିନ୍ଦ ମୁଣ୍ଡା** | : | ସ୍ୱାସ୍ଥ୍ୟ, ଶ୍ରମ ଓ ନିୟୋଜନ, ଗୃହ ନିର୍ମାଣ |
| **ଡମ୍ବରୁ ମାଝି** | : | ପୂର୍ତ୍ତ ଓ ପରିବହନ (ଜନସ୍ୱାସ୍ଥ୍ୟ ବିଭାଗ ବ୍ୟତୀତ) |

ଏହି ସରକାର ବିଭିନ୍ନ ୨୧ ଦଫା କାର୍ଯ୍ୟକ୍ରମ ନେଇ ଶାସନ କରିବାରେ ଆଗେଇ ଚାଲିଲା । ଏହି କାର୍ଯ୍ୟକ୍ରମ ମଧ୍ୟରେ ଉତ୍ତମ ଓ ନିର୍ମଳ ଶାସନ ପ୍ରତିଷ୍ଠା, ପୂରାପୂରି ଦୁର୍ନୀତି ନିବାରଣ, ଖଜଣା ଉଠାଇ ଦେବା, ଶାସନ କ୍ଷେତ୍ରରେ ସବୁ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ କରିବା, ପଞ୍ଚାୟତ ସମିତି ଅଧୀନରୁ ପ୍ରାଥମିକ ଶିକ୍ଷାକୁ ମୁକ୍ତ କରିବା, କେନ୍ଦୁପତ୍ର ବ୍ୟବସାୟରେ ଏକଚାଟିଆ ବ୍ୟବସାୟର ପରିବର୍ତ୍ତନ କରିବା ଇତ୍ୟାଦି ଥିଲା ପ୍ରମୁଖ କାର୍ଯ୍ୟକ୍ରମ । ସେହି ସମୟରେ ୧୯୬୯ରେ ଜାତୀୟ ସ୍ତରରେ କଂଗ୍ରେସ ଦଳ ଦୁଇ ଭାଗରେ ବିଭକ୍ତ ହୋଇଯିବାରୁ ଜନକଂଗ୍ରେସର କେତେକ ସଦସ୍ୟ ଇନ୍ଦିରା କଂଗ୍ରେସରେ ମିଶିବାକୁ ଆଗ୍ରହୀ ହେଲେ । ଏଣେ ମୁଖ୍ୟମନ୍ତ୍ରୀ ସିଂହଦେଓ ନିଜେ ନିଜର ଟେକ ଓ ଦମ୍ଭ ରଖି ନପାରି କେନ୍ଦୁପତ୍ର ଠିକାଦାରଙ୍କୁ ରିହାତି ଦେବା ବାହାନାରେ ଏକ ବେଆଇନ ଆଦେଶ ଦେଲେ, ଯାହାକି ଥିଲା ଦୁର୍ନୀତିମୂଳକ । ଫଳରେ ଏହି ମିଳିତ ସରକାର ୩ ବର୍ଷ ୧୦ମାସ ରହିବା ପରେ ଜନ କଂଗ୍ରେସ ଦଳ ମିଳିତ ମନ୍ତ୍ରିମଣ୍ଡଳରୁ ଓହରି ଆସିଲା । ତା'ର ପାଞ୍ଚଦିନ ପରେ ସ୍ୱତନ୍ତ୍ର ଦଳ ଇସ୍ତଫା ପ୍ରଦାନ କଲା । ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା ୧୯୭୧ ମସିହା ଜାନୁଆରି ୯ ତାରିଖ ଦିନ । ସେଦିନ ସଂଧ୍ୟା ଘ.୮.୩୦ମିନିଟ୍‌ରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ପତ୍ର ଗ୍ରହଣ କରିନେଲେ । ୧୧ ତାରିଖଠାରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

ଏହି ଚତୁର୍ଥ ବିଧାନ ସଭାର ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେଥିରେ ୧୯୭ଟି ବୈଠକ ବସିଥିଲା । ୧୯୬୯ ମସିହାରେ କଂଗ୍ରେସ ଦଳ ଶାସକ (ଆର) ଓ ସଂଗଠନ (ଓ) ନାମରେ ଦୁଇଭାଗରେ ବିଭକ୍ତ ହୋଇଗଲା । ଓଡ଼ିଶାରେ 'ଉତ୍କଳ କଂଗ୍ରେସ' ନାମରେ ଆଉ ଗୋଟିଏ ନୂଆ ଆଞ୍ଚଳିକ ଦଳ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହେଲା, ଏହି ଚତୁର୍ଥ ବିଧାନସଭାର ଶେଷ ସମୟରେ ।

+++

ଊନବିଂଶ ପରିଚ୍ଛେଦ

# ପଞ୍ଚମ ବିଧାନସଭା ଓ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ

ପୂର୍ବର ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ୧୯୭୧ ମସିହା ଜାନୁଆରି ୫ତାରିଖରେ ଭାଙ୍ଗିଗଲା । ଜାନୁଆରି ୯ତାରିଖଠାରୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହେଲା । ଭାରତୀୟ ଜାତୀୟ କଂଗ୍ରେସ- ଶାସକ କଂଗ୍ରେସ ଓ ସଂଗଠନ କଂଗ୍ରେସ ଭାବରେ ଦୁଇଦଳରେ ବିଭକ୍ତ ହୋଇଗଲା । ଓଡିଶାର ପ୍ରଥମ ଆଞ୍ଚଳିକ ଦଳ ଜନକଂଗ୍ରେସ ମଧ୍ୟ ଭାଙ୍ଗିଗଲା । ଡକ୍ଟର ମହତାବ ୧୦ଜଣ ବିଧାୟକଙ୍କୁ ସାଙ୍ଗରେ ଧରି ଶାସକ କଂଗ୍ରେସ ଦଳରେ ଯୋଗଦେଲେ । ସେହିପରି ବିଜୁ ପଟ୍ଟନାୟକ ତାଙ୍କ ସମର୍ଥକମାନଙ୍କ ମଧ୍ୟରୁ କେତେକଙ୍କୁ ଧରି କଂଗ୍ରେସରୁ ବାହାରି ଆସି 'ଉତ୍କଳ କଂଗ୍ରେସ' ନାମରେ ଏକ ନୂଆ ଦଳ ଗଢ଼ିଲେ ।

ନିୟମ ଅନୁସାରେ ପଞ୍ଚମ ସାଧାରଣ ନିର୍ବାଚନ ୧୯୭୨ ମସିହାରେ ହେବା କଥା- ଯେହେତୁ ଚତୁର୍ଥ ସାଧାରଣ ନିର୍ବାଚନ ୧୯୬୭ରେ ହୋଇଥିଲା । କିନ୍ତୁ କଂଗ୍ରେସ ବିଭାଜନ ପରେ ଲୋକସଭାରେ ଜାତୀୟ କଂଗ୍ରେସ ସଂଖ୍ୟା ନ୍ୟୁନ ହୋଇଥିବାରୁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ୧୯୭୧ ମସିହାରେ ଲୋକସଭାପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କଲେ । ସେହିପରି ପାଞ୍ଚବର୍ଷ ନପୂରୁଣୁ ଓଡ଼ିଶାରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିବାରୁ ଓଡ଼ିଶା ବିଧାନସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା । ସେହି ଅନୁସାରେ ଓଡ଼ିଶା ବିଧାନସଭାର ୧୪୦ଟି ଆସନ ଓ ୨୦ଟି ଲୋକସଭା ଆସନ ନିମନ୍ତେ ୧୯୭୧ ମସିହା ମାର୍ଚ୍ଚ ୫ତାରିଖରେ ଭୋଟ ଗ୍ରହଣ କରାଗଲା ।

ଏହି ନିର୍ବାଚନରେ ଓଡ଼ିଶା ବିଧାନସଭା ପାଇଁ ମୋଟ ୮୩୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରେ ଭାରତୀୟ ଜାତୀୟକଂଗ୍ରେସ (ଜଗଜ୍ଜୀବନ ରାମ) ୧୩୯, କଂଗ୍ରେସ (ନିଜ ଲିଙ୍ଗପା)-୫୦, ଉତ୍କଳ କଂଗ୍ରେସ-୧୩୭, ସ୍ୱତନ୍ତ୍ରଦଳ-୧୧୫, ପ୍ରଜା ସମାଜବାଦୀ ଦଳ- ୪୯, ଭାରତୀୟ କମ୍ୟୁନିଷ୍ଟ ପାର୍ଟି- ୨୯, ମାର୍କ୍ସବାଦୀ କମ୍ୟୁନିଷ୍ଟ- ୧୧, ସଂଯୁକ୍ତ ସମାଜବାଦୀ ଦଳ- ୧୫, ଭାରତୀୟ ଜନସଂଘ- ୨୧, ଝାଡଖଣ୍ଡ ଦଳ- ୨୬, ଫରୱାର୍ଡ ବ୍ଲକ- ୪, ଜନକଂଗ୍ରେସ- ୬୬ ଓ ସ୍ୱାଧୀନ - ୧୮୭।

ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ କଂଗ୍ରେସ (ଜଗଜ୍ଜୀବନ)- ୫୧, କଂଗ୍ରେସ (ନିଜଲିଙ୍ଗପା)-୧, ସ୍ୱତନ୍ତ୍ର ପାର୍ଟି- ୩୬, ଉତ୍କଳ କଂଗ୍ରେସ-୩୩, ପ୍ରଜା ସମାଜବାଦୀ ଦଳ- ୪, ଭାରତୀୟ କମ୍ୟୁନିଷ୍ଟ ଦଳ- ୪, ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳ- ୨, ଜନକଂଗ୍ରେସ- ୧, ଝାଡ଼ଖଣ୍ଡ-୪, ଓ ସ୍ୱାଧୀନ ପ୍ରାର୍ଥୀମାନେ- ୪ଗୋଟି ଆସନ ଲାଭ କରିଥିଲେ। ଏହି ନିର୍ବାଚିତ ସଦସ୍ୟମାନେ ୧୯୭୧ ମସିହା ଏପ୍ରିଲ- ୯ ଓ ୧୦ ତାରିଖରେ ଶପଥ ଗ୍ରହଣ କରିଥିଲେ।

## ବିଶେଷ ଘଟଣାଃ

ଏହି ନିର୍ବାଚନରେ ୯ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଜଣେ ହେଲେ ନିର୍ବାଚିତ ହୋଇପାରିଲେ ନାହିଁ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍କଳ-କଂଗ୍ରେସର ପ୍ରାଣପ୍ରତିଷ୍ଠାତା ବିଜୁ ପଟ୍ଟନାୟକ ଭଂଜନଗର, ଖୋର୍ଦ୍ଧା, ଭୁବନେଶ୍ୱର, ଚୌଦ୍ୱାର ଓ ଭଂଜନଗର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି କୌଣସି ଗୋଟିଏ ସ୍ଥାନରୁ ବି ବିଜୟୀ ହୋଇପାରିଲେ ନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ର କଟକ ବିଧାନସଭା ଓ କଟକ ଲୋକସଭା ଆସନରୁ ଉତ୍କଳକଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଦୁଇଟି ଯାକ ଆସନରୁ ପରାଜିତ ହେଲେ। ପୂର୍ବ ନିର୍ବାଚନରେ 'ନିର୍ବାଚନ ବୀର' ଆଖ୍ୟା ଲାଭ କରିଥିବା ତଥା ଜନକଂଗ୍ରେସ ଦଳର ପ୍ରାଣପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନ ନିର୍ବାଚନରେ ହାରିଗଲେ। ତାଙ୍କ ଦଳ ୬୬ ଆସନରେ ପ୍ରାର୍ଥୀ ଠିଆ କରାଇଥିଲେ ମଧ୍ୟ ମାତ୍ର ଗୋଟିଏ ଆସନରେ ଜୟଯୁକ୍ତ ହେଲେ। ଭାରତୀୟ ଜାତୀୟ କଂଗ୍ରେସ (ଜଗଜ୍ଜୀବନ ରାମ) ଦଳ ତରଫରୁ ଡକ୍ଟର ହରେକୃଷ୍ଣ ମହତାବ ଭଦ୍ରକ ଓ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ଜୟଲାଭ କରି ଭଦ୍ରକ ଆସନଟି ଛାଡ଼ି ଦେଲେ। ଉତ୍କଳ କଂଗ୍ରେସ ପ୍ରାର୍ଥୀ ପ୍ରହ୍ଲାଦ ମଲ୍ଲିକ ରାଜନଗର ଓ ପଟ୍ଟାମୁଣ୍ଡାଇ ଆସନରୁ ନିର୍ବାଚନ ଜିଣି ରାଜନଗର ଆସନଟିକୁ ଛାଡ଼ିଦେଲେ। କଂଗ୍ରେସ (ଜ) ପ୍ରାର୍ଥୀ ଶ୍ୟାମସୁନ୍ଦର ମହାପାତ୍ର ବାଲେଶ୍ୱର ଲୋକସଭା ଆସନ ଓ ରାଉରକେଲା ବିଧାନସଭା ଅସନରୁ ନିର୍ବାଚନ ଜିଣି ରାଉରକେଲା ବିଧାନସଭା ଆସନଟିକୁ ଛାଡ଼ିଦେଲେ। ସେହିପରି ସ୍ୱତନ୍ତ୍ରଦଳର ବୀର କିଶୋର ଦେଓ ରାଜ୍ୟସଭା ସଦସ୍ୟ ଥାଇ କଳାହାଣ୍ଡି ଜିଲ୍ଲାର କୋକସରା ବିଧାନସଭା ଆସନରୁ ନିର୍ବାଚନ ଜିତି ଥିଲେ। ସେ ରାଜ୍ୟସଭା ସଭ୍ୟ ପଦକୁ ରଖି ଲୋକସଭା ଓ ବିଧାନସଭା ଆସନକୁ ଛାଡ଼ିଦେଲେ। ଭଦ୍ରକ, ରାଜନଗର, ରାଉରକେଲା ଓ

କୋକସରା ବିଧାନସଭା ଆସନ ଖାଲିପଡ଼ିଲା । ଏ ସବୁର ଉପନିର୍ବାଚନ ବିଷୟରେ ପରେ ଆଲୋଚନା ହେବ । ୧୯୫୨ ମସିହାରୁ କଟକ ସହର ବିଧାନସଭା ଆସନରୁ ନିର୍ବାଚିତ ହୋଇ ଆସୁଥିବା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଉତ୍କଳ-କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ସହର ବିଧାନସଭା ଓ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଭାରତୀୟ ଜାତୀୟ କଂଗ୍ରେସ(ଜ) ଦଳର କଟକ ବିଧାନସଭା ଆସନର ପ୍ରାର୍ଥୀ ଭୈରବ ଚନ୍ଦ୍ର ମହାନ୍ତି ଓ ସେହି ଦଳର ନବାଗତ ଲୋକସଭା ପ୍ରାର୍ଥୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ବିପୁଳ ଭୋଟରେ ପରାଜିତ ହେଲେ ।

## ଜାନକୀଙ୍କ ସଫଳତା, କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ :

ପ୍ରଥମ କରି ୧୯୭୧ ମସିହା ଲୋକସଭା ନିର୍ବାଚନରେ କଟକ ଲୋକସଭା ଆସନରୁ ଭାରତୀୟ ଜାତୀୟ କଂଗ୍ରେସ (ଜଗଜ୍ଜୀବନ) ଦଳର ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଭୋଟରେ ଜାନକୀ ବଲ୍ଲଭ ପଟ୍ଟନାୟକ ବିଜୟ ଲାଭ କଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କଂଗ୍ରେସ ପ୍ରାର୍ଥୀ ବୀରେନ୍ ମିତ୍ର ୬୪, ୬୧୫ ଭୋଟ ପାଇଥିବା ସ୍ଥଳେ ଜାନକୀ ବାବୁ ୧,୫୪,୭୦୭ ଭୋଟ ପାଇଥିଲେ । ଓଡ଼ିଶାରେ ଲୋକସଭା ଆସନ ଗୁଡ଼ିକରେ ବିଜୟ ଲାଭ କରିଥିବା ପ୍ରାର୍ଥୀମାନଙ୍କ ଭିତରେ ସେ ସର୍ବାଧିକ ଭୋଟ ପାଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଦେଶରକ୍ଷା ବିଭାଗର ଉପମନ୍ତ୍ରୀ ଭାବରେ ୧୯୭୩ ମସିହାରୁ ୧୯୭୫ଯାଏ ଅଧିଷ୍ଠିତ ହେଲେ ।

## ପଞ୍ଚମ ଲୋକସଭାକୁ ନିର୍ବାଚିତ ସଦସ୍ୟ (୧୯୭୧):

| | | |
|---|---|---|
| ମୟୂରଭଞ୍ଜ | ମନମୋହନ ଟୁଡୁ | କଂଗ୍ରେସ |
| ବାଲେଶ୍ୱର | ଶ୍ୟାମସୁନ୍ଦର ମହାପାତ୍ର | କଂଗ୍ରେସ |
| ଭଦ୍ରକ | ଅର୍ଜୁନ ଚରଣ ସେଠି | କଂଗ୍ରେସ |
| ଯାଜପୁର | ଅନାଦି ଚରଣ ଦାସ | କଂଗ୍ରେସ |
| କେନ୍ଦ୍ରାପଡ଼ା | ସୁରେନ୍ଦ୍ର ମହାନ୍ତି | ଉତ୍କଳ କଂଗ୍ରେସ |
| କଟକ | ଜନକୀ ବଲ୍ଲଭ ପଟ୍ଟନାୟକ | କଂଗ୍ରେସ |
| ପୁରୀ | ବନମାଳୀ ପଟ୍ଟନାୟକ | କଂଗ୍ରେସ |
| ଭୁବନେଶ୍ୱର | ଚିନ୍ତାମଣି ପାଣିଗ୍ରାହୀ | କଂଗ୍ରେସ |
| ଭଞ୍ଜନଗର | ଦ୍ୟୁତିକୃଷ୍ଣ ପଣ୍ଡା | କମ୍ୟୁନିଷ୍ଟ |
| ଛତ୍ରପୁର | ଆର୍. ଜଗନ୍ନାଥ ରାଓ | କଂଗ୍ରେସ |
| କୋରାପୁଟ | ଭାଗୀରଥି ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |

| | | |
|---|---|---|
| କଳାହାଣ୍ଡି | ପ୍ରତାପ କେଶରୀ ଦେଓ | ସ୍ୱତନ୍ତ୍ର |
| ଫୁଲବାଣୀ | ବଙ୍କି ନାଏକ | ସ୍ୱତନ୍ତ୍ର |
| ବଲାଙ୍ଗୀର | ରାଜରାଜ ସିଂହଦେଓ | ସ୍ୱତନ୍ତ୍ର |
| ସମ୍ବଲପୁର | ବନମାଳୀ ବାବୁ | କଂଗ୍ରେସ |
| ଅନୁଗୁଳ | ପ୍ରତାପଗଙ୍ଗ ବଡ଼ କୁମାର | କଂଗ୍ରେସ |
| ଢେଙ୍କାନାଳ | ଦେବେନ୍ଦ୍ର ଶତପଥୀ | କଂଗ୍ରେସ |
| ସୁନ୍ଦରଗଡ଼ | ଗଦାଧର ମାଝୀ | କଂଗ୍ରେସ |
| କେନ୍ଦୁଝର | କୁମାର ମାଝି | କଂଗ୍ରେସ |

## ପଞ୍ଚମ ବିଧାନସଭାକୁ ନିର୍ବାଚିତ ସଦସ୍ୟ (୧୯୭୧) :

| | | |
|---|---|---|
| କରଂଜିଆ | ପ୍ରଫୁଲ୍ଲ କୁମାର ଦାସ | ସ୍ୱତନ୍ତ୍ର |
| ଯଶୀପୁର | ଲାଲ ମୋହନ ନାଏକ | କଂଗ୍ରେସ |
| ରାଇରଙ୍ଗପୁର | ସିଦ୍ଧିଲାଲ ମୁର୍ମୁ | ଝାଡ଼ଖଣ୍ଡ |
| ବାହଲଦା | ଶଶିଭୂଷଣ ମାରାଣ୍ଡି | ସ୍ୱାଧୀନ |
| ବାଙ୍ଗିରିପୋଷି | ରାଧାମୋହନ ନାଏକ | ସ୍ୱତନ୍ତ୍ର |
| ବାରିପଦା | ପ୍ରମୋଦ କୁମାର ଭଂଜଦେଓ | ସ୍ୱାଧୀନ |
| ମୋରଡ଼ା | କୁଆଁରିଆ ମାଝି | ସ୍ୱତନ୍ତ୍ର |
| ବୈସିଙ୍ଗା | ପ୍ରସନ୍ନ କୁମାର ଦାସ | ପ୍ରଜା ସମାଜବାଦୀ |
| ଖୁଣ୍ଟା | ବୀରଭଦ୍ର ସିଂହ | ଉତ୍କଳ କଂଗ୍ରେସ |
| ଉଦଳା | ମନମୋହନ ଟୁଡୁ | କଂଗ୍ରେସ |
| ଭୋଗରାଇ | କାର୍ତ୍ତିକେଶ୍ୱର ପାତ୍ର | କଂଗ୍ରେସ |
| ଜଳେଶ୍ୱର | ପ୍ରସନ୍ନ କୁମାର ପାଳ | ପ୍ରଜା ସମାଜବାଦୀ |
| ବସ୍ତା | ଚିନ୍ତାମଣି ଜେନା | ଉତ୍କଳ କଂଗ୍ରେସ |
| ବାଲେଶ୍ୱର | ପ୍ରିୟନାଥ ନନ୍ଦୀ | କଂଗ୍ରେସ |
| ନୀଳଗିରି | ବନମାଳୀ ଦାସ | କମ୍ୟୁନିଷ୍ଟ |
| ସୋରୋ | ଯଦୁନାଥ ଦାସମହାପାତ୍ର | ଉତ୍କଳ କଂଗ୍ରେସ |
| ସିମୁଳିଆ | ଚିନ୍ତାମଣି ଜେନା | କମ୍ୟୁନିଷ୍ଟ |
| ଭଦ୍ରକ | ହରେକୃଷ୍ଣ ମହତାବ | କଂଗ୍ରେସ |
| | ପରେ ବଳରାମ ସାହୁ | ଉତ୍କଳ କଂଗ୍ରେସ |
| ଧାମନଗର | ବୃନ୍ଦାବନ ମଲ୍ଲିକ | ଉତ୍କଳ କଂଗ୍ରେସ |
| ଚାନ୍ଦବାଲି | ଗଙ୍ଗାଧର ଦାସ | କଂଗ୍ରେସ |

| | | |
|---|---|---|
| ବାସୁଦେବପୁର | ନୀଳମଣି ରାଉତରାୟ | ଉତ୍କଳ କଂଗ୍ରେସ |
| ସୁକିନ୍ଦା | ସନାତନ ଦେଓ | ଉତ୍କଳ କଂଗ୍ରେସ |
| ଧର୍ମଶାଳା | ବାଙ୍କବିହାରୀ ଦାସ | ପ୍ରଜା ସମାଜବାଦୀ |
| ବଡ଼ଚଣା | ମାନଗୋବିନ୍ଦ ସାମଲ | ଉତ୍କଳ କଂଗ୍ରେସ |
| ବିଞ୍ଝାରପୁର | ପବିତ୍ର ମୋହନ ଜେନା | ଉତ୍କଳ କଂଗ୍ରେସ |
| ପଶ୍ଚିମ ଯାଜପୁର | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ | କଂଗ୍ରେସ |
| ପୂର୍ବ ଯାଜପୁର | ଜଗନ୍ନାଥ ମଲ୍ଲିକ | ଉତ୍କଳ କଂଗ୍ରେସ |
| ଆଳି | ଶରତ କୁମାର ଦେବ | ସ୍ୱତନ୍ତ୍ର |
| ପଟ୍ଟାମୁଣ୍ଡାଇ | ପ୍ରହ୍ଲାଦ ମଲ୍ଲିକ | ଉତ୍କଳ କଂଗ୍ରେସ |
| ରାଜନଗର | ପ୍ରହ୍ଲାଦ ମଲ୍ଲିକ | ଉତ୍କଳ କଂଗ୍ରେସ |
| | ପରେ ବିଜୁ ପଟ୍ଟନାୟକ | ଉତ୍କଳ କଂଗ୍ରେସ |
| କେନ୍ଦ୍ରାପଡ଼ା | ଭାଗବତ ପ୍ରସାଦ ମହାନ୍ତି | ପ୍ରଜା ସମାଜବାଦୀ |
| ପାଟକୁରା | ରାଜକିଶୋର ନାୟକ | ଉତ୍କଳ କଂଗ୍ରେସ |
| ତିର୍ତ୍ତୋଲ | ପ୍ରତାପଚନ୍ଦ୍ର ମହାନ୍ତି | ଉତ୍କଳ କଂଗ୍ରେସ |
| ଏରସମା | ନାରାୟଣ ବୀରବର ସାମନ୍ତ | ଉତ୍କଳ କଂଗ୍ରେସ |
| ବାଲିକୁଦା | ବାସୁଦେବ ମହାପାତ୍ର | କଂଗ୍ରେସ |
| ଜଗତସିଂହପୁର | ଲକ୍ଷ୍ମଣ ମଲ୍ଲିକ | କଂଗ୍ରେସ |
| ଗୋବିନ୍ଦପୁର | ତ୍ରିଲୋଚନ କାନୁନ୍‌ଗୋ | କଂଗ୍ରେସ |
| ସାଲେପୁର | ବଟକୃଷ୍ଣ ଜେନା | ଉତ୍କଳ କଂଗ୍ରେସ |
| ମାହାଙ୍ଗା | ଶରତ କୁମାର କର | ଉତ୍କଳ କଂଗ୍ରେସ |
| ଚୌଦ୍ୱାର | କାହ୍ନୁ ଚରଣ ଲେଙ୍କା | କଂଗ୍ରେସ |
| କଟକ ନଗର | ଭୈରବ ଚନ୍ଦ୍ର ମହାନ୍ତି | କଂଗ୍ରେସ |
| କଟକ ସଦର | ସୁର ସେଠି | କଂଗ୍ରେସ |
| ବାଙ୍କୀ | ଗୋକୁଳାନନ୍ଦ ପ୍ରହରାଜ | ଉତ୍କଳ କଂଗ୍ରେସ |
| ଆଠଗଡ଼ | ରାଧାନାଥ ରଥ | ସ୍ୱାଧୀନ |
| ବଡ଼ମ୍ବା | ତ୍ରିଲୋଚନ ମାନସିଂହ ହରିଚନ୍ଦନ | ସ୍ୱତନ୍ତ୍ର |
| ଭୁବନେଶ୍ୱର | ହରେକୃଷ୍ଣ ମହତାବ | କଂଗ୍ରେସ |
| ବାଲିପାଟଣା | ବସନ୍ତ ବେହେରା | କଂଗ୍ରେସ |
| ପିପିଲି | ଅଭିମନ୍ୟୁ ରଣସିଂହ | କଂଗ୍ରେସ |
| ନିମାପଡ଼ା | ଗୋବିନ୍ଦ ଚନ୍ଦ୍ର ସେଠି | ଉତ୍କଳ କଂଗ୍ରେସ |
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ଉତ୍କଳ କଂଗ୍ରେସ |

| | | |
|---|---|---|
| ସତ୍ୟବାଦୀ | ଚନ୍ଦ୍ର ମାଧବ ମିଶ୍ର | ସ୍ୱାଧୀନ |
| ପୁରୀ | ବ୍ରଜମୋହନ ମହାନ୍ତି | କଂଗ୍ରେସ |
| ବ୍ରହ୍ମଗିରି | ଗୋପବନ୍ଧୁ ପାତ୍ର | କଂଗ୍ରେସ |
| ବାଣପୁର | ରାମଚନ୍ଦ୍ର ପ୍ରହରାଜ | ସ୍ୱତନ୍ତ୍ର |
| ଖୋର୍ଦ୍ଧା | ବେଣୁଧର ବଳିୟାର ସିଂହ | କଂଗ୍ରେସ |
| ବେଗୁନିଆ | ଗଙ୍ଗାଧର ପାଇକରାୟ | କମ୍ୟୁନିଷ୍ଟ |
| ଖଣ୍ଡପଡ଼ା | ବଂଶୀଧର ପଟ୍ଟନାୟକ | ସ୍ୱାଧୀନ |
| ଦଶପଲ୍ଲା | ସାହେବ ନାଏକ | କଂଗ୍ରେସ |
| ନୟାଗଡ଼ | ଅଚ୍ୟୁତାନନ୍ଦ ମହାନ୍ତି | ଉତ୍କଳ କଂଗ୍ରେସ |
| ରଣପୁର | ରମେଶ ଚନ୍ଦ୍ର ପଣ୍ଡା | କମ୍ୟୁନିଷ୍ଟ |
| ଜଗନ୍ନାଥପ୍ରସାଦ | ଶ୍ରୀବତ୍ସ ନାଏକ | କଂଗ୍ରେସ |
| ଭଂଜନଗର | ସୋମନାଥ ରଥ | କଂଗ୍ରେସ |
| ସୋରଡ଼ା | ଅନନ୍ତ ନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| ଆସ୍କା | କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ | ଉତ୍କଳ କଂଗ୍ରେସ |
| କବିସୂର୍ଯ୍ୟନଗର | ସଦାନନ୍ଦ ମହାନ୍ତି | କମ୍ୟୁନିଷ୍ଟ |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ଉତ୍କଳ କଂଗ୍ରେସ |
| ଖଲ୍ଲିକୋଟ | ତ୍ରିନାଥ ସାମନ୍ତରାୟ | ଉତ୍କଳ କଂଗ୍ରେସ |
| ଛତ୍ରପୁର | ଲକ୍ଷ୍ମଣ ମହାପାତ୍ର | କମ୍ୟୁନିଷ୍ଟ |
| ହିଞ୍ଜିଳି | ବୃନ୍ଦାବନ ନାୟକ | ଉତ୍କଳ କଂଗ୍ରେସ |
| ଡୁରା | ମୋହନ ନାୟକ | କଂଗ୍ରେସ |
| ବ୍ରହ୍ମପୁର | ବିନାୟକ ଆଚାର୍ଯ୍ୟ | କଂଗ୍ରେସ |
| ଚିକିଟି | ସଚ୍ଚିଦାନନ୍ଦ ଦେଓ | କଂଗ୍ରେସ |
| ମୋହନା | ଭୀମସେନ ମଣ୍ଡଳ | କଂଗ୍ରେସ |
| ରାମଗିରି | ଗୋର୍ସାଙ୍ଗ ଶବର | କଂଗ୍ରେସ |
| ପାରଳାଖେମୁଣ୍ଡି | ଲଚ୍ଛନ ନାଇଡୁ ଡରାମୁ | ସ୍ୱତନ୍ତ୍ର |
| ଗୁଣପୁର | ଭାଗୀରଥି ଗମାଙ୍ଗ | କଂଗ୍ରେସ |
| ବିଷମ କଟକ | ପ୍ରସକା ଶ୍ରୀପତି | ସ୍ୱତନ୍ତ୍ର |
| ରାୟଗଡ଼ା | ହିମ୍ରିକା ରୁକୁନା | ସ୍ୱତନ୍ତ୍ର |
| ନାରାୟଣ ପାଟଣା | ତାଡିଙ୍ଗ ଯୋଗୀ | କଂଗ୍ରେସ |
| ନନ୍ଦପୁର | ଦିସାରୀ ସାନୁ | ଉତ୍କଳ କଂଗ୍ରେସ |
| ମାଲକାନାଗିରି | ଗଙ୍ଗାଧର ମାଢ଼ୀ | କଂଗ୍ରେସ |

| | | |
|---|---|---|
| ଜୟପୁର | ପ୍ରତାପନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| କୋଟପାଡ଼ | ଧନସାୟୀ ରଣଧୀର | ସ୍ୱତନ୍ତ୍ର |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | ସ୍ୱତନ୍ତ୍ର |
| କୋଡ଼ିଙ୍ଗା | ପୂର୍ଣ୍ଣଚନ୍ଦ୍ର ମିରଗାନ୍ | ଉତ୍କଳ କଂଗ୍ରେସ |
| ଡାବୁଗାଁ | ଡମ୍ବରୁ ମାଝି | ସ୍ୱତନ୍ତ୍ର |
| ଉମରକୋଟ | ରବି ସିଂହ ମାଝି | ଉତ୍କଳ କଂଗ୍ରେସ |
| ନୂଆପଡ଼ା | ଘାସିରାମ ମାଝି | ସ୍ୱତନ୍ତ୍ର |
| ଖଡ଼ିଆଳ | ଅନୁପ ସିଂହଦେଓ | (କଂ.ସଂ) |
| ଧର୍ମଗଡ଼ | ଲୋଚନ ଧାଙ୍ଗଡ଼ା ମାଝି | ସ୍ୱତନ୍ତ୍ର |
| କୋକସରା | ବୀରକିଶୋର ଦେବ | ସ୍ୱତନ୍ତ୍ର |
| | ପରେ ରଘୁନାଥ ପ୍ରହରାଜ | ସ୍ୱତନ୍ତ୍ର |
| ଜୁନାଗଡ଼ | ତ୍ରିନାଥ ସରାବ | ସ୍ୱତନ୍ତ୍ର |
| ଭବାନୀପାଟଣା | ଦୟାନିଧି ନାଏକ | ସ୍ୱତନ୍ତ୍ର |
| ନର୍ଲ୍ଲା | ଧନେଶ୍ୱର ମାଝି | ସ୍ୱତନ୍ତ୍ର |
| କେଶିଙ୍ଗା | ଭଗବାନ ଭୋଇ | ସ୍ୱତନ୍ତ୍ର |
| ଉଦୟଗିରି | ଗୋପାଳ ପ୍ରଧାନ | ସ୍ୱତନ୍ତ୍ର |
| ବାଲିଗୁଡ଼ା | ନରେଶ ପ୍ରଧାନ | ସ୍ୱତନ୍ତ୍ର |
| ଫୁଲବାଣୀ | ଜଗନ୍ନାଥ ଜାନୀ | କଂଗ୍ରେସ |
| ବୌଦ୍ଧ | ନଟବର ପ୍ରଧାନ | ସ୍ୱତନ୍ତ୍ର |
| ସୋନପୁର | ନୀଳାମ୍ବର ରାୟଗୁରୁ | ସ୍ୱତନ୍ତ୍ର |
| ବିନ୍‌କା | ନୃସିଂହ ଚରଣ ମିଶ୍ର | ସ୍ୱତନ୍ତ୍ର |
| ତୁଷରା | ରାଧାମୋହନ ମିଶ୍ର | ସ୍ୱତନ୍ତ୍ର |
| ବଲାଙ୍ଗୀର | ରାଜେନ୍ଦ୍ର ନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| ଲୁଇସିଂହା | ନନ୍ଦକିଶୋର ମିଶ୍ର | ସ୍ୱତନ୍ତ୍ର |
| ପାଟଣାଗଡ | ଅଇଁଠୁ ସାହୁ | ସ୍ୱତନ୍ତ୍ର |
| ସଇଁତଳା | ରମେଶ ଚନ୍ଦ୍ର ସିଂହ ଭୋଇ | ସ୍ୱତନ୍ତ୍ର |
| ଟିଟଲାଗଡ଼ | ତପି ଜାଲ | ସ୍ୱତନ୍ତ୍ର |
| କଣ୍ଟାବାଞ୍ଜି | ଅଚ୍ୟୁତାନନ୍ଦ ମହାନନ୍ଦ | ସ୍ୱତନ୍ତ୍ର |
| ପଦ୍ମପୁର | କୃପାସିନ୍ଧୁ ଭୋଇ | କଂଗ୍ରେସ |
| ମେଳଛାମୁଣ୍ଡା | ବୀରେନ୍ଦ୍ର କୁମାର ସାହୁ | ସ୍ୱତନ୍ତ୍ର |

| | | |
|---|---|---|
| ବିଜେପୁର | ତ୍ରିବିକ୍ରମ ମଲ୍ଲିକ | କଂଗ୍ରେସ |
| ଭଟ୍‌ଲି | ନଟବର ବନ୍‌ଛୋଡ଼ | କମ୍ୟୁନିଷ୍ଟ |
| ବରଗଡ଼ | ଚିତ୍ତରଂଜନ କର | କଂଗ୍ରେସ |
| ସମ୍ବଲପୁର | ଶ୍ରୀ ବଲ୍ଲଭ ପାଣିଗ୍ରାହୀ | କଂଗ୍ରେସ |
| ବ୍ରଜରାଜନଗର | ଉପେନ୍ଦ୍ର ଦୀକ୍ଷିତ୍‌ | କଂଗ୍ରେସ |
| ଝାରସୁଗୁଡ଼ା | ଝସକେତନ ସାହୁ | କଂଗ୍ରେସ |
| ଲାଇକେରା | ରାମେଶ୍ୱର ନାୟକ | କଂଗ୍ରେସ |
| କୁଚିଣ୍ଡା | ଜଗତେଶ୍ୱର ମିର୍ଦ୍ଧା | କଂଗ୍ରେସ |
| ରେଢ଼ାଖୋଲ | ଅଭିମନ୍ୟୁ କୁମ୍ଭାର | କଂଗ୍ରେସ |
| ଦେବଗଡ଼ | ଭାନୁଗଙ୍ଗ ତ୍ରିଭୁବନ ଦେବ | ସ୍ୱତନ୍ତ୍ର |
| ସୁନ୍ଦରଗଡ଼ | ଦିବ୍ୟଲୋଚନ ଶେଖର ଦେଓ | କଂଗ୍ରେସ |
| ତଲସରା | ଗଙ୍ଗାଧର ପ୍ରଧାନ | ସ୍ୱତନ୍ତ୍ର |
| ରାଜଗାଙ୍ଗପୁର | ଇଗ୍ନେଶ ମାଝି | ଝାଡ଼ଖଣ୍ଡ |
| ବିଶ୍ରା | କୁଲନ ବାଗେ | ଝାଡ଼ଖଣ୍ଡ |
| ରାଉରକେଲା | ଶ୍ୟାମସୁନ୍ଦର ମହାପାତ୍ର | କଂଗ୍ରେସ |
| | ପରେ ବିଶ୍ୱନାଥ ଦାସ | ସ୍ୱାଧୀନ |
| ବଣେଇ | ହେମେନ୍ଦ୍ର ପ୍ରସାଦ ମହାପାତ୍ର | ସ୍ୱତନ୍ତ୍ର |
| ଚ-ୂଆ | ସହରାଇ ଓରାମ | ଉତ୍କଳ କଂଗ୍ରେସ |
| ପାଟଣା | ମହେଶ୍ୱର ମାଝି | ଉତ୍କଳ କଂଗ୍ରେସ |
| କେନ୍ଦୁଝର | ଛୋଟରାୟ ମାଝି | ଉତ୍କଳ କଂଗ୍ରେସ |
| ତେଲକୋଇ | ନୀଳାଦ୍ରି ନାୟକ | ଉତ୍କଳ କଂଗ୍ରେସ |
| ରାମଚନ୍ଦ୍ରପୁର | ମୁରଲୀଧର କୁଅଁର | କଂଗ୍ରେସ |
| ଆନନ୍ଦପୁର | ମକର ସେଠି | କଂଗ୍ରେସ |
| ପାଲଲହଡ଼ା | ନାରାୟଣ ସାହୁ | କଂଗ୍ରେସ |
| କାମାକ୍ଷାନଗର | ବ୍ରହ୍ମାନନ୍ଦ ବିଶ୍ୱାଳ | କଂଗ୍ରେସ |
| ଗଁଦିଆ | ବୃନ୍ଦାବନ ତ୍ରିପାଠୀ | କଂଗ୍ରେସ |
| ଢେଙ୍କାନାଳ | ସୁରେନ୍ଦ୍ର ମୋହନ ପଟ୍ଟନାୟକ | କଂଗ୍ରେସ |
| ତାଳଚେର | ବୃନ୍ଦାବନ ବେହେରା | ଜନ କଂଗ୍ରେସ |
| ଛେଣ୍ଡିପଦା | ଭଜମନ ବେହେରା | ଉତ୍କଳ କଂଗ୍ରେସ |
| ଅନୁଗୁଳ | ଦେବରାଜ ସାହୁ | ଉତ୍କଳ କଂଗ୍ରେସ |
| ଆଠମଲ୍ଲିକ | ରାଜକିଶୋର ପ୍ରଧାନ | ଉତ୍କଳ କଂଗ୍ରେସ |

## ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ ଗଠନ :

ଏହି ମଧ୍ୟବର୍ତ୍ତୀ କାଳୀନ ବିଧାନସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିପାରିଲେ ନାହିଁ । ଡକ୍ଟର ହରେକୃଷ୍ଣ ମହତାବ ହେଲେ କଂଗ୍ରେସ ବିଧାୟକ ଦଳର ନେତା । ନୀଳମଣି ରାଉତରାୟ ହେଲେ ଉତ୍କଳ କଂଗ୍ରେସ ବିଧାୟକ ଦଳର ନେତା । ରାଜେନ୍ଦ୍ର ନାରାୟଣ ସିଂହଦେଓ ହେଲେ ସ୍ୱତନ୍ତ୍ର ଦଳ ବିଧାୟକ ଦଳର ନେତା । ପ୍ରଥମେ କଂଗ୍ରେସ ଓ ଉତ୍କଳ-କଂଗ୍ରେସ ଦଳ ମିଶି ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବା ନିମନ୍ତେ ପ୍ରୟାସ ଆରମ୍ଭ ହେଲା । କିନ୍ତୁ ବହୁ ଆଲୋଚନା ସମାଲୋଚନା ପରେ ତାହା ବିଫଳ ହେବାରୁ ସ୍ୱତନ୍ତ୍ର- ଉତ୍କଳ କଂଗ୍ରେସ ଦଳ ମିଶି ଏକ ବିକଳ୍ପ ମିଳିତ ସରକାର ଗଠନ କରିବା ନିମନ୍ତେ ଆଲୋଚନା ଆରମ୍ଭ ହେଲା । କିନ୍ତୁ ମୁଖ୍ୟମନ୍ତ୍ରୀ ପଦ କେଉଁଦଳ ପାଇବ ସେଥିନିମନ୍ତେ ସମସ୍ୟା ଦେଖାଦେବାରୁ ଶେଷରେ ଠିକ୍ ହେଲା ଯେ ଜଣେ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କ ମୁଖ୍ୟମନ୍ତ୍ରିତ୍ୱରେ ସ୍ୱତନ୍ତ୍ର, ଉତ୍କଳ-କଂଗ୍ରେସ ଓ ଝାଡ଼ଖଣ୍ଡ ଦଳକୁ ନେଇ ମନ୍ତ୍ରିମଣ୍ଡଳ ଗଠନ କରାଯିବ । ଏହି ପ୍ରସ୍ତାବରେ ତିନୋଟିଯାକ ଦଳର ନେତା ଏକମତ ହେଲେ । ଏଥିପାଇଁ ନିରପେକ୍ଷ ନେତାଙ୍କୁ ଖୋଜା ଚାଲିଲା । ସମାଜ ସଂପାଦକ ରାଧାନାଥ ରଥ ଓ ବିହାରର ପୂର୍ବତନ ରାଜ୍ୟପାଳ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସହ ଏଥିପାଇଁ ଆଲୋଚନା କରାଗଲା । ହେଲେ ଏମାନେ କେହି ରାଜି ହେଲେନାହିଁ । ଶେଷରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ କଂଗ୍ରେସ ନେତା ବିଶ୍ୱନାଥ ଦାସଙ୍କୁ ଅନୁରୋଧ କରାଗଲା । ସେତେବେଳକୁ ତାଙ୍କର ବୟସ ୮୦ ବର୍ଷରୁ ଅଧିକ । ବହୁ ଆଲୋଚନା ପରେ ସେ ରାଜି ହେଲେ ମିଳିତ ସାମ୍ମୁଖ୍ୟର ନେତୃତ୍ୱ ନେବାପାଇଁ । ୧୪୦ ଆସନ ବିଶିଷ୍ଟ ଓଡ଼ିଶା



**ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ଶପଥପାଠ କରାଉଛନ୍ତି ରାଜ୍ୟପାଳ ଏସ୍ ଏସ୍ ଆନ୍‌ସାରୀ**

ବିଧାନସଭାର ମିଳିତ ସାମ୍ମୁଖ୍ୟର ସଭ୍ୟମାନଙ୍କ ସଂଖ୍ୟା ହେଲା ୭୩, ସ୍ୱତନ୍ତ୍ର-୩୬, ଉତ୍କଳ କଂଗ୍ରେସ-୩୩ ଓ ଝାଡ଼ଖଣ୍ଡ-୪ ।

ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ମିଳିତ ସାମ୍ମୁଖ୍ୟର ୧୪ଜଣିଆ ମନ୍ତ୍ରିମଣ୍ଡଳ ୧୯୭୧ ମସିହା ଏପ୍ରିଲ ୩ତାରିଖ ଦିନ ଶପଥ ଗ୍ରହଣ କଲେ । ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଡକ୍ଟର ଏସ.ଏସ ଆନସାରୀ ସେମାନଙ୍କୁ ଶପଥ ପାଠ କରାଇଲେ । ୫ତାରିଖ ଦିନ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଗଲା । ଏହି ମନ୍ତ୍ରୀମାନେ ଥିଲେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ । ପରେ ଆଉ ୧୨ଜଣ ଉପମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ବିଶ୍ୱନାଥ ଦାସଙ୍କ ସହ ଶପଥ ଗ୍ରହଣ କରିଥିବା ମନ୍ତ୍ରୀମାନେ ହେଲେ-

## କ୍ୟାବିନେଟ୍ ମନ୍ତ୍ରୀ :

| | | |
|---|---|---|
| **ବିଶ୍ୱନାଥ ଦାସ** | : | ମୁଖ୍ୟମନ୍ତ୍ରୀ, ଅର୍ଥ, ଯୋଜନା ଓ ସମନ୍ୱୟ, (ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ବ୍ୟତୀତ) |
| **ରାଜେନ୍ଦ୍ର ନାରାୟଣ ସିଂହଦେଓ** | : | ରାଜନୈତିକ ଓ ଶାସନ ସଂସ୍ଥା (ନଦୀ ଉପତ୍ୟକା ଓ ଉନ୍ନୟନ ବ୍ୟତୀତ), ଶିଳ୍ପ, ସ୍ୱରାଷ୍ଟ୍ର (ଲୋକ ସଂପର୍କ ଓ ପର୍ଯ୍ୟଟନ) |
| **ନୀଳମଣି ରାଉତରାୟ** | : | ସ୍ୱରାଷ୍ଟ୍ର (ଲୋକ ସ-ର୍କ ଓ ପର୍ଯ୍ୟଟନ ବିଭାଗ ବ୍ୟତୀତ) ଖଣି ଓ ଭୂତତ୍ତ୍ୱ, ଯୋଗାଣ ଓ କୃଷି (ସମବାୟ) |
| **ସିଦ୍ଧିଲାଲ ମୁର୍ମୁ** | : | ଶ୍ରମ, କର୍ମନିଯୁକ୍ତ ଓ ଗୃହ ନିର୍ମାଣ |
| **ଦୟାନିଧି ନାୟକ** | : | ଅବକାରୀ ଓ ବାଣିଜ୍ୟ |
| **ବୃନ୍ଦାବନ ନାୟକ** | : | ଯୋଜନା ଓ ସମନ୍ୱୟ ବିଭାଗ (ଗ୍ରାମ୍ୟ ଇଂଜିନିୟରିଂ ସଂଗଠନ) ଓ ପୌର ଉନ୍ନୟନ |
| **ଗଙ୍ଗାଧର ପ୍ରଧାନ** | : | ଜଙ୍ଗଲ ଓ ପଶୁପାଳନ (ମତ୍ସ୍ୟ) |
| **ପ୍ରହ୍ଲାଦ ମଲିକ** | : | ଜଳସେଚନ ଓ ବିଦ୍ୟୁତ (ଉଠା ଜଳସେଚନ ବ୍ୟତୀତ) ଓ ରାଜନୈତିକ ଶାସନ ସଂସ୍ଥା (ନଦୀ ଉପତ୍ୟକା ଉନ୍ନୟନ) |
| **ଅନନ୍ତ ନାରାୟଣ ସିଂହଦେଓ** | : | କୃଷି, ପଶୁପାଳନ, (ସମବାୟ ଓ ମତ୍ସ୍ୟ ବିଭାଗ ବ୍ୟତୀତ) ଗୋଷ୍ଠୀ ଉନ୍ନୟନ, ପଞ୍ଚାୟତିରାଜ |
| **ପ୍ରତାପ ଚନ୍ଦ୍ର ମହାନ୍ତି** | : | ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ (ଉଠା ଜଳସେଚନ) |
| **ଅଇଁଠୁ ସାହୁ** | : | ପୂର୍ତ୍ତ, ପରିବହନ ଓ ଜଙ୍ଗଲ |
| **ଶରତ କୁମାର କର** | : | ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର |
| **ନଟବର ପ୍ରଧାନ** | : | ଆଇନ ଆଦିବାସୀ ଓ ଗ୍ରାମମଙ୍ଗଳ |
| **ରାମକୃଷ୍ଣ ପଟ୍ଟନାୟକ** | : | ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ |

**ଉପମନ୍ତ୍ରୀ :**

| | | |
|---|---|---|
| **ଡମ୍ବରୁ ମାଝି** | : | କୃଷି, ସମବାୟ, ପୂର୍ତ୍ତ ଓ ପରିବହନ (ପରିବହନ) |
| **ଯଦୁନାଥ ଦାଶମହାପାତ୍ର** | : | ଅର୍ଥ ଓ ସାଂସ୍କୃତିକ ବ୍ୟାପାର |
| **ଘାସିରାମ ମାଝି** | : | ଆଦିବାସୀ, ଗ୍ରାମମଙ୍ଗଳ, ସ୍ୱରାଷ୍ଟ୍ର (ଲୋକସ-ର୍କ ଓ ପର୍ଯ୍ୟଟନ) |
| **ବୀରଭଦ୍ର ସିଂହ** | : | ଜଳସେଚନ ବିଦ୍ୟୁତ (ଉଠା ଜଳସେଚନ ବ୍ୟତୀତ) |
| **ଭାନୁଗଙ୍ଗ ତ୍ରିଭୁବନ ଦେବ** | : | ଶିଳ୍ପ, ଯୋଜନା ଓ ସମନ୍ୱୟ |
| **ସହରାଇ ଓରାମ** | : | ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଖଣି ଓ ଭୂତତ୍ତ୍ୱ |
| **ପ୍ରଫୁଲ୍ଲ କୁମାର ଦାସ** | : | ବାଣିଜ୍ୟ, ଜଙ୍ଗଲ ଓ ପଶୁପାଳନ (ପଶୁପାଳନ) |
| **ଦେବରାଜ ସାହୁ** | : | ସ୍ୱରାଷ୍ଟ୍ର (ଲୋକସଂପର୍କ ଓ ପର୍ଯ୍ୟଟନ ବ୍ୟତୀତ), ଯୋଗାଣ, ରାଜ୍ୟ ନିଗମ ଏବଂ କୃଷି ଓ ସମବାୟ |
| **ଶରତ କୁମାର ଦେବ** | : | ପୂର୍ତ୍ତ ଓ ପରିବହନ, (ପୂର୍ତ୍ତ) ଓ ଅବକାରୀ |
| **ଗୋବିନ୍ଦ ଚନ୍ଦ୍ର ସେଠ** | : | ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ୍ (ଉଠା ଜଳସେଚନ) |
| **ରାମଚନ୍ଦ୍ର ପ୍ରହରାଜ** | : | ଗୋଷ୍ଠୀଉନ୍ନୟନ ଓ ପଞ୍ଚାୟତିରାଜ |
| **ରବି ସିଂହ ମାଝି** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |

ଏହି ୧୨ଜଣ ଉପମନ୍ତ୍ରୀ ପ୍ରଥମ ୧୪ଜଣ କ୍ୟାବିନେଟ ମନ୍ତ୍ରୀଙ୍କ ପରେ ଶପଥ ଗ୍ରହଣ କରିଥିଲେ । ପଞ୍ଚମ ବିଧାନସଭାର ପ୍ରଥମ ଅଧିବେଶନ ୧୯୭୧ ମସିହା ମଇ ମାସ ୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ନନ୍ଦକିଶୋର ମିଶ୍ର ଓ ନାରାୟଣ ବୀରବର ସାମନ୍ତ ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ଭାବରେ ନିର୍ବାଚିତ ହୋଇଥିଲେ ।

## ଉପନିର୍ବାଚନ ଫଳାଫଳ:

ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ କୌଣସି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇନଥିଲେ । ନିୟମ ଅନୁସାରେ ସେ ୬ମାସ ଭିତରେ ନିର୍ବାଚିତ ହେବା ଦରକାର । ଏଣୁ ଖାଲି ପଡ଼ିଥିବା ରାଉରକେଲା ଆସନରୁ ଉପନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କଲେ । ତାଙ୍କ ସହ କଂଗ୍ରେସ ନେତା ବିନାୟକ ଆଚାର୍ଯ୍ୟ ଲଢ଼ି ହାରିଗଲେ । ଏହି ଆସନଟି କଂଗ୍ରେସ ଦଳର ଶ୍ୟାମସୁନ୍ଦର ମହାପାତ୍ର ଛାଡି ଦେଇଥିଲେ । କାରଣ ସେ ବାଲେଶ୍ୱର ଲୋକସଭା ଆସନଟିକୁ ରଖିଲେ । ସେ ରାଉରକେଲା ବିଧାନସଭା ଓ ବାଲେଶ୍ୱର ଲୋକସଭା ଦୁଇଟି ଆସନରୁ ବିଜୟ ଲାଭ କରିଥିଲେ । ଡକ୍ଟର ମହତାବ ଛାଡିଦେଇଥିବା ଭଦ୍ରକ ଆସନରୁ ଉତ୍କଳ କଂଗ୍ରେସ ପ୍ରାର୍ଥୀ ବଳରାମ ସାହୁ ଉପନିର୍ବାଚନରେ ବିଜୟୀ ହେଲେ । ବୀରକିଶୋର ଦେବ ଛାଡିଦେଇଥିବା କୋକସରା ନିର୍ବାଚନମଣ୍ଡଳୀରୁ ଉପନିର୍ବାଚନରେ ସ୍ୱତନ୍ତ୍ର ଦଳର ପ୍ରାର୍ଥୀ ରଘୁନାଥ ପ୍ରହରାଜ

ନିର୍ବାଚିତ ହେଲେ । ଚାରୋଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିବା ତଥା ଉତ୍କଳ କଂଗ୍ରେସର ପ୍ରାଣପ୍ରତିଷ୍ଠାତା ବିଜୁ ପଟ୍ଟନାୟକ- ପ୍ରହ୍ଲାଦ ମଳିକ ଛାଡ଼ି ଦେଇଥିବା ରାଜନଗର ନିର୍ବାଚନ ମଣ୍ଡଳୀରୁ ଉପନିର୍ବାଚନରେ ବିଜୟୀ ହେଲେ । ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ଧ୍ରୁବ ଚରଣ ରାଉତରାୟ କଂଗ୍ରେସ ପ୍ରାର୍ଥୀ ଭାବରେ । ଏହି ପଞ୍ଚମ ବିଧାନସଭାରେ ବିନାୟକ ଆଚାର୍ଯ୍ୟ (କଂଗ୍ରେସ) ଥିଲେ ବିରୋଧୀଦଳର ନେତା । ପ୍ରଥମେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିଲେ ଡକ୍ଟର ହରେକୃଷ୍ଣ ମହତାବ । ସେ ଏହି ପଦରୁ ଇସ୍ତଫା ପ୍ରଦାନ କରିବାରୁ ବିନାୟକ ଆଚାର୍ଯ୍ୟ ବିରୋଧୀ ଦଳର ନେତା ଭାବରେ ନିର୍ବାଚିତ ହୋଇଥିଲେ ।

ଶାସକ ଦଳର ଅର୍ଥାତ୍; ମିଳିତ ସାମ୍ମୁଖ୍ୟର ବହୁ ସଂଖ୍ୟକ ସଭ୍ୟ ଦଳ ବଦଳ କରିବା ଫଳରେ ସରକାର ଭାଙ୍ଗିଗଲା । ଫଳରେ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଇସ୍ତଫା ପ୍ରଦାନ କଲେ ୧୪-୬-୧୯୭୨ ତାରିଖରେ । ସେହିଦିନ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ଥିବା ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ବିଶ୍ୱନାଥ ଦାସଙ୍କ ମିଳିତ ସାମ୍ମୁଖ୍ୟ ସରକାର ମାତ୍ର ୧ବର୍ଷ ୨ମାସ ୫ଦିନ ତିଷ୍ଠି ରହିଥିଲା ।

+++

ବିଂଶ ପରିଚ୍ଛେଦ


# ମୁଖ୍ୟମନ୍ତ୍ରୀ ଆସନରେ ନନ୍ଦିନୀ ଦେବୀ ଓ ୧୯୭୪ର ମଧ୍ୟବର୍ତ୍ତୀ ନିର୍ବାଚନ

ବିଶ୍ୱନାଥ ଦାସଙ୍କ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ କାଳରେ ୧୯୭୨ ମସିହା ନଭେମ୍ବର ମାସରେ (ବଡଓଷା ଦିନ) ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଭୟାବହ ବାତ୍ୟା ହେଲା । ଏହା ଫଳରେ ବହୁ ଧନ, ଜୀବନ ନଷ୍ଟ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡ଼ିଲା । ପ୍ରାୟ ଦଶ ହଜାର ଲୋକ ଏହି ବାତ୍ୟାରେ ପ୍ରାଣ ହରାଇଲେ । ହଜାର ହଜାର ଲୋକ ଗୃହଶୂନ୍ୟ ହେଲେ । ସମୁଦ୍ରଠାରୁ ପ୍ରାୟ ପଚିଶ କି.ମି. ଦୂରଯାଏ ସମୁଦ୍ରପାଣି ମାଡ଼ି ଆସିଲା । କେତେ ଯେ ଗୃହପାଳିତ ପଶୁଙ୍କର ମୃତ୍ୟୁ ହେଲା ତା'ର ହିସାବ ମିଳିଲା ନାହିଁ । ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଅର୍ଥମନ୍ତ୍ରୀ ଓ୍ୱାଇ. ଭି. ଚଭନ ଓଡ଼ିଶାର ବାତ୍ୟାଞ୍ଚଳ ଭ୍ରମଣରେ ଆସି ଲୋକମାନଙ୍କର ଦୁର୍ଦ୍ଦଶା ଦେଖିକରି ଗଲେ । କେନ୍ଦ୍ରରୁ ମଧ୍ୟ ସାହାଯ୍ୟ ମିଳିଲା ।

ଓଡ଼ିଶାରେ ଏଭଳି ପ୍ରାକୃତିକ ବିପଦ ଓ ଆର୍ଥିକ ବିପର୍ଯ୍ୟୟ ସହିତ ରାଜନୈତିକ ଓ ଶାସନଗତ ବିପଦ ମଧ୍ୟ ଦେଖାଗଲା । କୌଣସି କାରଣରୁ ମିଳିତ ସାମ୍ମୁଖ୍ୟ ସରକାରର ଅନ୍ୟତମ ମୁଖ୍ୟ ଅଂଶୀଦାର 'ଉତ୍କଳ କଂଗ୍ରେସ'ରେ ଆଭ୍ୟନ୍ତରୀଣ କନ୍ଦଳ ଦେଖାଗଲା । ଜାତୀୟ ସ୍ତରରେ ପ୍ରଜା ସମାଜବାଦୀ ଦଳ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଅନ୍ୟ ଦଳଟି ସଂଯୁକ୍ତ ସମାଜବାଦୀ ଦଳ ଭାବରେ ନାମିତ ହେଲା । ରବି ରାୟ ଏହି ସଂଯୁକ୍ତ ସମାଜବାଦୀ ଦଳରେ ଯୋଗ ଦେଲେ । କିନ୍ତୁ ଓଡ଼ିଶାର କେତେଜଣ ନାମୀଦାମୀ ପି.ଏସ୍.ପି ନେତା ଯଥା ସୁରେନ୍ଦ୍ର ଦ୍ୱିବେଦୀ ଓ ବାଙ୍କ ବିହାରୀ ଦାସଙ୍କ ସମେତ ପ୍ରଜା ସମାଜବାଦୀ ଦଳର ପୂର୍ବତନ ବିଧାୟକ ରବୀନ୍ଦ୍ର ମୋହନ ଦାସ, କଣ୍ଡୁରୀ ଚରଣ ମଲିକ ଓ ଆକୁଳାନନ୍ଦ ବେହେରା ଆଦି ଜାତୀୟ କଂଗ୍ରେସରେ ଯୋଗ ଦେଲେ । ୧୯୭୧ ନିର୍ବାଚନରେ ପି.ଏସ୍.ପି ଦଳର କୌଣସି ସଭ୍ୟ ଲୋକସଭାକୁ ନିର୍ବାଚିତ ହୋଇନଥିବା ବେଳେ

ମାତ୍ର ଚାରିଜଣ ସଭ୍ୟ ଯଥା- ପ୍ରସନ୍ନ କୁମାର ଦାସ, ପ୍ରସନ୍ନ କୁମାର ପାଳ, ଭାଗବତ ପ୍ରସାଦ ମହାନ୍ତି ଓ ବାଙ୍କ ବିହାରୀ ଦାସ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ପୁଣି ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳର ଦୁଇଜଣ ମନ୍ତ୍ରୀଙ୍କ ସମେତ ଛ'ଜଣ ବିଧାୟକ କଂଗ୍ରେସ ଦଳରେ ଆସି ଯୋଗ ଦେଲେ । ଏମାନଙ୍କର ନେତୃତ୍ୱ ନେଇଥିଲେ ଗଙ୍ଗାଧର ପ୍ରଧାନ । ସେ ଥିଲେ କୃଷି (ପଶୁପାଳନ ଓ ମତ୍ସ୍ୟ) ବିଭାଗର ମନ୍ତ୍ରୀ । ସୁନ୍ଦରଗଡ଼ ଜିଲ୍ଲାର ତଳସରା ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ଦଳର ସଭ୍ୟ । ଏପରି ସ୍ଥଳେ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ ଆଉ ବେଶୀଦିନ ତିଷ୍ଠି ରହିବା ଦେଖାଗଲା ନାହିଁ ।



ଗଙ୍ଗାଧର ପ୍ରଧାନ

୧୯୭୨ ମସିହା ଜୁନ୍ ମାସ ୯ତାରିଖ ଦିନ ଉତ୍କଳ କଂଗ୍ରେସ ଦଳର ଏକ ବୈଠକ ଅନୁଷ୍ଠିତ ହେଲା । ଏହି ବୈଠକରେ ସ୍ଥିର ହେଲା ଯେ, ଦଳ ଇନ୍ଦିରା ଗାନ୍ଧୀଙ୍କ ସମାଜବାଦୀ କାର୍ଯ୍ୟକ୍ରମରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରି ପୂରାପୂରି ଭାରତୀୟ ଜାତୀୟ କଂଗ୍ରେସରେ ମିଶିଯିବା ସହିତ ଓଡ଼ିଶାର ମଳିତ ସାମ୍ମୁଖ୍ୟ ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରି ନେବ । ସେହିଦିନ ସେହି ମୁହୂର୍ତ୍ତରେ ଉତ୍କଳ କଂଗ୍ରେସ ଦଳ ଭାଙ୍ଗିଗଲା ବୋଲି ବିଜୁ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କଲେ । ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଏହି ପ୍ରସ୍ତାବ ପାଇବା ପରେ ସାଙ୍ଗେ ସାଙ୍ଗେ ରାଜଭବନକୁ ଯାଇ ରାଜ୍ୟପାଳ ସର୍ଦ୍ଦାର ଯୋଗୀନ୍ଦ୍ର ସିଂହଙ୍କୁ ମନ୍ତ୍ରିମଣ୍ଡଳର ଇସ୍ତଫା ପ୍ରଦାନ କଲେ । ଉତ୍କଳ କଂଗ୍ରେସ ପୂରାପୂରି ଭାରତୀୟ ଜାତୀୟ କଂଗ୍ରେସରେ ମିଶିଗଲା । ସ୍ୱତନ୍ତ୍ର ଦଳର ବିଶିଷ୍ଟ ଆଦିବାସୀ ନେତା ତଥା ମିଳିତ ସାମ୍ମୁଖ୍ୟ ସରକାରର ଅନ୍ୟତମ ବରିଷ୍ଠ ଓ ଦକ୍ଷ ମନ୍ତ୍ରୀ ଗଙ୍ଗାଧର ପ୍ରଧାନ କଂଗ୍ରେସ ଦଳର ସମାଜବାଦ ନୀତି ଉପରେ ଦୃଢ଼ ଆସ୍ଥା ଜ୍ଞାପନ କରି ମନ୍ତ୍ରିତ୍ୱକୁ ଜଳାଞ୍ଜଳି ଦେଇ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କଲେ । ସେହିପରି ସ୍ୱତନ୍ତ୍ର ଦଳର ଅନ୍ୟତମ ବରିଷ୍ଠ ହରିଜନ ନେତା ତଥା ଅଗ୍ରଣୀ ସଦସ୍ୟ ତଥା ସ୍ୱତନ୍ତ୍ର ଦଳର କାରପଟଦାର (Chief Wheep) ଅଚ୍ୟୁତାନନ୍ଦ ମହାନନ୍ଦ ମଧ୍ୟ ସ୍ୱତନ୍ତ୍ର ଦଳ ସହ ଆଦର୍ଶଗତ ମତଭେଦଯୋଗୁଁ ସମାଜବାଦ ନୀତିରେ ଦୃଢ଼ ବିଶ୍ୱାସ ଜ୍ଞାପନ କରି ୧୯୭୨ ମେ ମାସରେ ଭାରତୀୟ ଜାତୀୟ କଂଗ୍ରେସ ଦଳରେ ଯୋଗ ଦେଲେ । ଫଳରେ ଓଡ଼ିଶା ବିଧାନସଭାରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଲା । ଓଡ଼ିଶାରେ ମିଳିତ ସାମ୍ମୁଖ୍ୟ ସରକାରର ଅବସାନ ଘଟିଲା ।

ହାଇକମାଣ୍ଡଙ୍କ ନିର୍ଦ୍ଦେଶ ବଳରେ ୧୯୭୨ ଜୁନ୍ ମାସ ୧୩ ତାରିଖ ଦିନ ନନ୍ଦିନୀ ଶତପଥୀ ଓଡ଼ିଶା ବିଧାନସଭାର କଂଗ୍ରେସ ବିଧାୟକ ଦଳର ନେତ୍ରୀ ନିର୍ବାଚିତ ହେଲେ । ସେହି ସମୟରେ ସେ ଥିଲେ କେନ୍ଦ୍ର କ୍ୟାବିନେଟ୍‌ରେ ରାଷ୍ଟ୍ରମନ୍ତ୍ରୀ । ଜୁନ ୧୪ତାରିଖରେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳର ଇସ୍ତଫା ଗୃହୀତ ହେଲା ଓ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୭ଜଣ କ୍ୟାବିନେଟ ମନ୍ତ୍ରୀ ଶପଥ ଗ୍ରହଣ କଲେ । ସେହି ମନ୍ତ୍ରୀମାନେ ଓ ସେମାନଙ୍କର ବିଭାଗଗୁଡ଼ିକ ହେଲା:


## କ୍ୟାବିନେଟ ମନ୍ତ୍ରୀ :

| | |
|---|---|
| **ନନ୍ଦିନୀ ଶତପଥୀ** | : ମୁଖ୍ୟମନ୍ତ୍ରୀ, ରାଜନୈତିକ ଓ ଶାସନ ସଂସ୍ଥା, ସ୍ୱରାଷ୍ଟ୍ର, ଶିକ୍ଷା, ସାଂସ୍କୃତିକ ବ୍ୟାପାର, ଗ୍ରାମାଞ୍ଚଳ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ |
| **ନୀଳମଣି ରାଉତରାୟ** | : ଶିଳ୍ପ, ଯୋଗାଣ, ଆଇନ ଏବଂ ରାଜ୍ୟ ସରକାରୀ କର୍ପୋରେସନ ଓ ଉଦ୍ୟୋଗ |
| **ବ୍ରଜ ମୋହନ ମହାନ୍ତି** | : ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ ଏବଂ ଖଣି ଓ ଭୂତତ୍ତ୍ୱ |
| **ବିନାୟକ ଆଚାର୍ଯ୍ୟ** | : କୃଷି ଓ ସମବାୟ, ଶ୍ରମ, କର୍ମସଂସ୍ଥାନ ଓ ଗୃହ ନିର୍ମାଣ ଏବଂ ନଗରଉନ୍ନୟନ |
| **ବାଙ୍କ ବିହାରୀ ଦାସ** | : ଅର୍ଥ, ଯୋଜନା ଓ ସମନ୍ୱୟ ଏବଂ ବାଣିଜ୍ୟ |
| **ଗଙ୍ଗାଧର ପ୍ରଧାନ** | : ଆଦିବାସୀ ଓ ଗ୍ରାମମଙ୍ଗଳ ଏବଂ ଜଙ୍ଗଲ ଓ ପଶୁପାଳନ |
| **ଲକ୍ଷ୍ମଣ ମଲ୍ଲିକ** | : ନିର୍ମାଣ ଓ ପରିବହନ, ଅବକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ |

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ପାର୍ଟିର ବିଧାୟକ ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓ ହେଲେ ବିରୋଧୀ ଦଳର ନେତା ।

## କଟକ ନଗର ଉପନିର୍ବାଚନ :

ନନ୍ଦିନୀ ଶତପଥୀ ଓଡ଼ିଶା ବିଧାନସଭାର ସଦସ୍ୟ ନଥାଇ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିବାରୁ ଛ'ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହୋଇ ଆସିବାର ଆବଶ୍ୟକତା ଥିଲା । ତାଙ୍କ ପାଇଁ ନିରାପଦ ବିଧାନସଭା ନିର୍ବାଚନ ମଣ୍ଡଳୀଟିଏ ଖୋଜା ପଡ଼ିଲା । ଶେଷରେ ଠିକ୍ ହେଲା ସେ କଟକ ନଗର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ । କଟକ ନଗର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା କଂଗ୍ରେସ ସଦସ୍ୟ ଭୈରବ ଚନ୍ଦ୍ର ମହାନ୍ତି ତାଙ୍କ ପଦବୀରୁ ଇସ୍ତଫା ଦେଲେ । ନନ୍ଦିନୀ ଦେବୀ ଏହି ନିର୍ବାଚନ ମଣ୍ଡଳୀରୁ ଉପନିର୍ବାଚନ ଲଢ଼ିଲେ । ତାଙ୍କ ବିରୁଦ୍ଧରେ ମିଳିତ ବିରୋଧୀ ଦଳ ତରଫରୁ ବୀରେନ୍ ମିତ୍ର ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଲେ । ବହୁ ବିରୋଧ ସତ୍ତ୍ୱେ ନନ୍ଦିନୀ ଶତପଥୀ ବହୁ ଭୋଟ ବ୍ୟବଧାନରେ ନିର୍ବାଚନ



ରାଜ୍ୟପାଳ ବି.ଡି. ଜତ୍ତି



ନନ୍ଦିନୀ ଶତପଥୀ

ଜିତିଲେ । ଏହି ଉପନିର୍ବାଚନ ୧୯୭୨ ମସିହା ନଭେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ବି.ଡି. ଜତ୍ତି ୧୯୭୨ ମସିହା ନଭେମ୍ବର ୮ ତାରିଖରେ ଓଡ଼ିଶାର ରାଜ୍ୟପାଳ ହୋଇ ଆସିଲେ ।

## ମନ୍ତ୍ରିମଣ୍ଡଳ ସଂପ୍ରସାରଣ :

ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳ ୧୯୭୩ ମସିହା ଜାନୁଆରି ୨୯ ତାରିଖରେ ସଂପ୍ରସାରିତ ହେଲା । ଏହି ସଂପ୍ରସାରଣରେ ୨ଜଣ ନୂଆ କ୍ୟାବିନେଟ୍ ମନ୍ତ୍ରୀ, ୫ଜଣ ରାଷ୍ଟ୍ରମନ୍ତ୍ରୀ ଓ ଜଣେ ଉପମନ୍ତ୍ରୀ ସ୍ଥାନ ପାଇଲେ । ସେମାନେ ଓ ସେମାନଙ୍କ ବିଭାଗଗୁଡ଼ିକ ହେଲା

## କ୍ୟାବିନେଟ ମନ୍ତ୍ରୀ :

**ଶ୍ରୀବଲ୍ଲଭ ପାଣିଗ୍ରାହୀ** : ଶିକ୍ଷା, ସାଂସ୍କୃତିକ ବ୍ୟାପାର ଓ ସଂସଦୀୟ ବ୍ୟାପାର
**ଅଚ୍ୟୁତାନନ୍ଦ ମହାନନ୍ଦ** : ଜଙ୍ଗଲ ଓ ପଶୁପାଳନ

## ରାଷ୍ଟ୍ର ମନ୍ତ୍ରୀ :

**ଡମ୍ବରୁ ମାଝି** : ଜଳସେଚନ ଓ ବିଦ୍ୟୁତ
**ଭାଗୀରଥି ଗମାଙ୍ଗୋ** : ଯୋଗାଣ

| | | |
|---|---|---|
| **ସୋମନାଥ ରଥ** | : | ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ |
| **ଗୋବିନ୍ଦ ଚନ୍ଦ୍ର ସେଠ୍** | : | କୃଷି ଓ ସମବାୟ |
| **ଡାକ୍ତର କୃପାସିନ୍ଧୁ ଭୋଇ** | : | ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ |

## ଉପ ମନ୍ତ୍ରୀ :

| | | |
|---|---|---|
| **ଭଜମନ ବେହେରା** | : | ଗ୍ରାମାଞ୍ଚଳ ଉନ୍ନୟନ |

ସେତେବେଳେ ଉତ୍କଳ ପ୍ରଦେଶ କମିଟିର ସଭାପତି ଥିଲେ ବ୍ରଜମୋହନ ମହାନ୍ତି । ସେ ସବୁଥିରେ ନନ୍ଦିନୀ ଶତପଥୀଙ୍କୁ ପରାମର୍ଶ ଦେଉ ଥାଆନ୍ତି । ବାଙ୍କ ବିହାରୀ ଦାସଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀଙ୍କ ସହ ଥାଏ ଖୁବ୍ ଭଲ ସର୍ମ୍ପକ । ପ୍ରଦେଶ କଂଗ୍ରେସ ସଭାପତି ବ୍ରଜମୋହନ ମହାନ୍ତି ଦିଲ୍ଲୀ ଓଡ଼ିଶା ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଡକ୍ଟର ହରେକୃଷ୍ଣ ମହତାବ କଂଗ୍ରେସ ଦଳରୁ ଦଳବିରୋଧୀ କାର୍ଯ୍ୟ ପାଇଁ ସସ୍‌ପେଣ୍ଡ ହେଲେ ବୋଲି ଘୋଷଣା କଲେ । ସେହିଦିନଟି ଥିଲା ୧୯୭୨ ମସିହା ଡିସେମ୍ବର ୩ତାରିଖ ।

ଏହାପରେ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରେ ବିପଦ ସୃଷ୍ଟି ହେଲା । ଉତ୍କଳ କଂଗ୍ରେସର ୨୧ଜଣ ବିଧାୟକ ଯେଉଁମାନେ କି କଂଗ୍ରେସ ଦଳସହ ମିଶିଯାଇଥିଲେ, ସେମାନେ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରୁ ସମର୍ଥନ ପ୍ରତ୍ୟାହାର କରିନେବା ପାଇଁ ସ୍ଥିର କଲେ । ଏ ସର୍ମ୍ପକରେ ମଧ୍ୟ ବାଚସ୍ପତିଙ୍କ ପାଖକୁ ଚିଠି ଲେଖି ଜଣାଇ ଦେଲେ । ଗୋଟିଏ ନୂଆ ଦଳ ଆଉ ଥରେ ଗଠିତ ହେଲା । ତାର ନାମ ପ୍ରଗତି ବିଧାୟକ ଦଳ । ଏହି ପ୍ରଗତି ବିଧାୟକ ଦଳରେ ଉତ୍କଳ କଂଗ୍ରେସ, ସ୍ୱତନ୍ତ୍ର ଓ ଅନ୍ୟ କିଛି ଦଳର ବିଧାୟକମାନେ ସାମିଲ ହେଲେ । ବିଜୁ ପଟ୍ଟନାୟକ ହେଲେ ପ୍ରଗତି ବିଧାୟକ ଦଳର ନେତା । ପ୍ରଗତି ବିଧାୟକ ଦଳ ୧୯୭୩ ଫେବ୍ରୁଆରି ୯ତାରିଖରେ ଗଠିତ ହେଲା । ଏହି ଦିନ ବିଜୁ ପଟ୍ଟନାୟକ ହେଲେ ବିରୋଧୀ ଦଳର ନେତା, ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ବଦଳରେ । ୧୯୭୩ ମାର୍ଚ୍ଚ ୧ ତାରିଖ ଦିନ ନନ୍ଦିନୀ ଦେବୀଙ୍କ ମନ୍ତ୍ରିମଣ୍ଡଳରୁ ନୀଳମଣି ରାଉତରାୟ ଓ ଗଙ୍ଗାଧର ପ୍ରଧାନ ଇସ୍ତଫା ପ୍ରଦାନ କଲେ । ଫଳରେ ବାଧ୍ୟ ହୋଇ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ । ମାର୍ଚ୍ଚ ୩ତାରିଖ ଦିନ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହେଲା, ରାଜ୍ୟପାଳଙ୍କ ସୁପାରିଶ କ୍ରମେ ।ଏହା ଥିଲା ଓଡ଼ିଶାର ତୃତୀୟ ଥରପାଇଁ ରାଷ୍ଟ୍ରପତି ଶାସନ । ସେହିଦିନ ଓଡ଼ିଶା ବିଧାନସଭାକୁ ମଧ ଭାଙ୍ଗି ଦିଆଗଲା । ଏହି ବିଧାନସଭାର ପାଞ୍ଚଟି ଅଧିବେଶନ ଓ ୯୭ଟି ବୈଠକ ଅନୁଷ୍ଠିତ ହୋଇଥିଲା ।

## ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଓ କଂଗ୍ରେସର ବିଜୟ :

୧୯୭୧ ମସିହା ଜନଗଣନାକୁ ଆଧାର କରି ଓଡ଼ିଶାରେ ୭ଟି ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନ ବୃଦ୍ଧି ଘଟିଲା । ଫଳରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ



ସୈରିନ୍ଦ୍ରୀ ନାୟକ



ସୁଧାଂଶୁ ମାଳିନୀ ରାୟ

୧୪୭କୁ ଓ ଲୋକସଭା ଆସନ ୨୦ରୁ ୨୧କୁ ବୃଦ୍ଧି ପାଇଲା । ଏହି ସମୟରେ ଇନ୍ଦିରା ଗାନ୍ଧୀଙ୍କର ଲୋକପ୍ରିୟତା ଖୁବ୍ ବୃଦ୍ଧି ପାଇଥାଏ । କାରଣ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ବିଜୟଲାଭ ଘଟିଥାଏ ଓ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ଦଳ ହିଁ ପ୍ରକୃତ କଂଗ୍ରେସ ଦଳ ବୋଲି ଗ୍ରହଣୀୟ ହୋଇସାରି ଥାଏ ।

୧୯୭୪ ଫେବୃଆରି ୨୨, ୨୪ ଓ ୨୬ ତାରିଖରେ ତିନୋଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ଦଳ- ୧୩୫, ସଂଗଠନ କଂଗ୍ରେସ-୧୭, ଉତ୍କଳ କଂଗ୍ରେସ- ୯୫, ସ୍ୱତନ୍ତ୍ର ଦଳ - ୫୬, କମ୍ୟୁନିଷ୍ଟ ଦଳ -୧୪, ସୋସାଲିଷ୍ଟ ଦଳ-୧୭, ଜନସଂଘ ଦଳ-୧୨ ଓ ଜନ କଂଗ୍ରେସ ଦଳ-୯ ଓ ସ୍ୱାଧୀନ ଭାବରେ ୨୮୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଭାରତୀୟ ଜାତୀୟ କଂଗ୍ରେସର- ୬୯, ସ୍ୱତନ୍ତ୍ର ଦଳର-୨୧, ଉତ୍କଳ କଂଗ୍ରେସର- ୩୫, ଝାଡ଼ଖଣ୍ଡର ଜଣେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୭ଜଣ, ମାର୍କସବାଦୀ କମ୍ୟୁନିଷ୍ଟ ଦଳର ୩ଜଣ, ଜନକଂଗ୍ରେସର ଜଣେ, ପ୍ରଜାସମାଜବାଦୀ ଦଳର ୨ଜଣ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ମଧ୍ୟରୁ ୭ଜଣ ପ୍ରାର୍ଥୀ ଜୟଯୁକ୍ତ ହେଲେ । ଚିଲିକା ବିଧାନସଭା ଆସନପାଇଁ ନିର୍ବାଚନ ଅନୁଷ୍ଠିତ ହୋଇନଥିଲା । କାରଣ ଏହି ଆସନ ପାଇଁ କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରି ନଥିଲେ ।

ଏହି ନିର୍ବାଚନରେ ସଂଗଠନ କଂଗ୍ରେସ ଓ ଜନସଂଘ ଦଳ ଗୋଟିଏ ହେଲେ ସ୍ଥାନ ହାସଲ କରିପାରିଲେ ନାହିଁ । ୧୫ଜଣ ମହିଳା ପ୍ରାର୍ଥୀ ବିଭିନ୍ନ ଦଳରୁ ନିର୍ବାଚନ ଲଢୁଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୪ଜଣ ନିର୍ବାଚିତ ହୋଇଆସିଲେ । ସେମାନେ ହେଲେ : ନନ୍ଦିନୀ ଶତପଥୀ

(କଂଗ୍ରେସ)- ଢେଙ୍କାନାଳ, ସୈରିନ୍ଦ୍ରୀ ନାୟକ (କଂଗ୍ରେସ)- ଝାରସୁଗୁଡା, ସୁଧାଂଶୁମାଳିନୀ ରାୟ (କଂଗ୍ରେସ)- ଗୋବିନ୍ଦପୁର ଓ ଶ୍ରୀମତୀ ଭି. ସୁଜ୍ଞାନ କୁମାରୀ ଦେଓ (ଉତ୍କଳ କଂଗ୍ରେସ)- ଖଲିକୋଟ।

## ୧୯୭୪ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବିଧାନସଭାର ସଦସ୍ୟଃ

| | | |
|---|---|---|
| କରଞ୍ଜିଆ | କରୁଣାକର ନାୟକ | କଂଗ୍ରେସ |
| ଯଶୀପୁର | ଘନଶ୍ୟାମ ହେମ୍ବ୍ରମ | ସ୍ୱାଧୀନ |
| ବାହଲଦା | ଶଶିଭୂଷଣ ମାରାଣ୍ଡି | ସ୍ୱାଧୀନ |
| ରାଇରଙ୍ଗପୁର | ଅର୍ଜୁନ ମାଝି | ଉତ୍କଳ କଂଗ୍ରେସ |
| ବାଙ୍ଗିରିପୋଷି | ରୁଦ୍ରମୋହନ ଦାସ | କମ୍ୟୁନିଷ୍ଟ |
| କୁଳିଅଣା | ଶରତ ଚନ୍ଦ୍ର ସିଂହ | କଂଗ୍ରେସ |
| ବାରିପଦା | ପ୍ରମୋଦ ଚନ୍ଦ୍ର ଭଞ୍ଜଦେଓ | ସ୍ୱାଧୀନ |
| ବଇଶିଙ୍ଗା | କୁଆଁରିଆ ମାଝି | କଂଗ୍ରେସ |
| ଖୁଣ୍ଟା | ରମେଶ ସୋରେନ୍ | କଂଗ୍ରେସ |
| ଉଦଳା | ରାବଣେଶ୍ୱର ମଢ଼େଇ | କଂଗ୍ରେସ |
| ଭୋଗରାଇ | କାର୍ତ୍ତିକେଶ୍ୱର ପାତ୍ର | କଂଗ୍ରେସ |
| ଜଳେଶ୍ୱର | ଗଦାଧର ଗିରି | ସମାଜବାଦୀ |
| ବସ୍ତା | ଚିନ୍ତାମଣି ଜେନା | କଂଗ୍ରେସ |
| ବାଲେଶ୍ୱର | ଅରୁଣ ଦେ | ମାର୍କ୍ସବାଦୀ କମ୍ୟୁ. |
| ସୋରୋ | ଯଦୁନାଥ ଦାଶମହାପାତ୍ର | କଂଗ୍ରେସ |
| ସିମୁଳିଆ | ଶୈଳେନ୍ ମହାପାତ୍ର | କଂଗ୍ରେସ |
| ନୀଳଗିରି | ବନମାଳୀ ଦାସ | ମାର୍କ୍ସବାଦୀ କମ୍ୟୁ. |
| ଭଣ୍ଡାରିପୋଖରୀ | ବୈରାଗୀ ଜେନା | ଉତ୍କଳ କଂଗ୍ରେସ |
| ଭଦ୍ରକ | ଯୁଗଳ କିଶୋର ପଟ୍ଟନାୟକ | କଂଗ୍ରେସ |
| ଧାମନଗର | ହୃଦାନନ୍ଦ ମଲ୍ଲିକ | ଉତ୍କଳ କଂଗ୍ରେସ |
| ଚାନ୍ଦବାଲି | ମନମୋହନ ଦାସ | କଂଗ୍ରେସ |
| ବାସୁଦେବପୁର | ଜଗବନ୍ଧୁ ଦାସ | କଂଗ୍ରେସ |
| ସୁକିନ୍ଦା | ସନାତନ ଦେଓ | କଂଗ୍ରେସ |
| କୋରେଇ | ଅଶୋକ କୁମାର ଦାସ | ଉତ୍କଳ କଂଗ୍ରେସ |
| ଯାଜପୁର | ଜଗନ୍ନାଥ ମଲ୍ଲିକ | କଂଗ୍ରେସ |
| ଧର୍ମଶାଳା | ବାଙ୍କବିହାରୀ ଦାସ | କଂଗ୍ରେସ |

| | | |
|---|---|---|
| ବଡଚଣା | ଦୁଃଶାସନ ଜେନା | ଭାରତୀୟ କମ୍ୟୁ. |
| ବରୀ-ଡେରାବିଶି | ପ୍ରହ୍ଲାଦ ମଲ୍ଲିକ | କଂଗ୍ରେସ |
| ବିଂଝାରପୁର | ବୈଷ୍ଣବ ଚରଣ ମଲ୍ଲିକ | କଂଗ୍ରେସ |
| ଆଳି | ଶରତ କୁମାର ଦେବ | ସ୍ୱତନ୍ତ୍ର |
| ପଟ୍ଟାମୁଣ୍ଡାଇ | ବିଶ୍ୱନାଥ ମଲ୍ଲିକ | କଂଗ୍ରେସ |
| ରାଜନଗର | ବିଜୟାନନ୍ଦ ପଟ୍ଟନାୟକ | ଉତ୍କଳ କଂଗ୍ରେସ |
| କେନ୍ଦ୍ରାପଡ଼ା | ବେଦପ୍ରକାଶ ଅଗରୱାଲ | ଉତ୍କଳ କଂଗ୍ରେସ |
| ପାଟକୁରା | ରାଜକିଶୋର ନାୟକ | ଉତ୍କଳ କଂଗ୍ରେସ |
| ତିର୍ତ୍ତୋଲ | ପ୍ରତାପ ଚନ୍ଦ୍ର ମହାନ୍ତି | ଉତ୍କଳ କଂଗ୍ରେସ |
| ଏରସମା | ଲୋକନାଥ ଚୌଧୁରୀ | ଭାରତୀୟ କମ୍ୟୁ. |
| ବାଲିକୁଦା | ବାସୁଦେବ ମହାପାତ୍ର | କଂଗ୍ରେସ |
| ଜଗତସିଂହପୁର | ଲକ୍ଷ୍ମଣ ମଲ୍ଲିକ | କଂଗ୍ରେସ |
| କିଶନନଗର | ବଟକୃଷ୍ଣ ଜେନା | ଉତ୍କଳ କଂଗ୍ରେସ |
| ମାହାଙ୍ଗା | ସେକ୍ ମତଲୁବ ଅଲ୍ଲି | କଂଗ୍ରେସ |
| ସାଲେପୁର | ବାଇଧର ବେହେରା | କଂଗ୍ରେସ |
| ଗୋବିନ୍ଦପୁର | ଶ୍ରୀମତୀ ସୁଧାଂଶୁ ମାଳିନୀ ରାୟ | କଂଗ୍ରେସ |
| କଟକସଦର | ତ୍ରିଲୋଚନ କାନୁନ୍‌ଗୋ | କଂଗ୍ରେସ |
| କଟକ ନଗର | ଶ୍ରୀକାନ୍ତ ପଣ୍ଡା | ଉତ୍କଳ କଂଗ୍ରେସ |
| ଚୌଦ୍ୱାର | କାହ୍ନୁଚରଣ ଲେଙ୍କା | କଂଗ୍ରେସ |
| ବାଙ୍କୀ | ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ | ସ୍ୱାଧୀନ |
| ଆଠଗଡ଼ | ରାଧାନାଥ ରଥ | ସ୍ୱାଧୀନ |
| ବଡମ୍ବା | ରାଜା ସାହେବ ତ୍ରିଲୋଚନ ସିଂହଦେଓ | ସ୍ୱତନ୍ତ୍ର |
| ବାଲିପାଟଣା | ଗୋପୀନାଥ ଭୋଇ | ଉତ୍କଳ କଂଗ୍ରେସ |
| ଭୁବନେଶ୍ୱର | ହରେକୃଷ୍ଣ ମହତାବ | ଉତ୍କଳ କଂଗ୍ରେସ |
| ଜଟଣୀ | ସତ୍ୟପ୍ରିୟ ମହାନ୍ତି | ଉତ୍କଳ କଂଗ୍ରେସ |
| ପିପିଲି | ବିପିନ ବିହାରୀ ଦାସ | କଂଗ୍ରେସ |
| ନିମାପଡ଼ା | ନୀଳମଣି ସିଂ | କଂଗ୍ରେସ |
| କାକଟପୁର | ବୃନ୍ଦାବନ ଚନ୍ଦ୍ର ପାତ୍ର | କଂଗ୍ରେସ |
| ସତ୍ୟବାଦୀ | ଗଙ୍ଗାଧର ମହାପାତ୍ର | କଂଗ୍ରେସ |
| ପୁରୀ | ବ୍ରଜମୋହନ ମହାନ୍ତି | କଂଗ୍ରେସ |
| ବ୍ରହ୍ମଗିରି | ସିଦ୍ଧେଶ୍ୱର ପାଣିଗ୍ରାହୀ | ଭାରତୀୟ କମ୍ୟୁ. |

| | | |
|---|---|---|
| ଚିଲିକା- (ଖାଲି) | | |
| ଖୋର୍ଦ୍ଧା | ବେଣୁଧର ବଳୀୟାର ସିଂହ | କଂଗ୍ରେସ |
| ବେଗୁନିଆ | ସତ୍ୟାନନ୍ଦ ଚ-ଡିରାୟ | ଉତ୍କଳ କଂଗ୍ରେସ |
| ରଣପୁର | ରମେଶ ଚନ୍ଦ୍ର ପଣ୍ଡା | ମାର୍କ୍ସବାଦୀ କମ୍ୟୁ. |
| ନୟାଗଡ଼ | ଭଗବତ ବେହେରା | ସୋସାଲିଷ୍ଟ |
| ଖଣ୍ଡପଡ଼ା | ସତ୍ୟସୁନ୍ଦର ମିଶ୍ର | ସ୍ୱାଧୀନ |
| ଦଶପଲ୍ଲା | ହରିହର କରଣ | ସ୍ୱାଧୀନ |
| ଜଗନ୍ନାଥପ୍ରସାଦ | ଶ୍ରୀବସ୍ସ ନାୟକ | ସ୍ୱାଧୀନ |
| ଭଞ୍ଜନଗର | ସୋମନାଥ ରଥ | କଂଗ୍ରେସ |
| ସୋରଡ଼ା | ଶରତ ଚନ୍ଦ୍ର ପଣ୍ଡା | କଂଗ୍ରେସ |
| ଆସ୍କା | ହରିହର ଦାସ | ଭାରତୀୟ କମ୍ୟୁ. |
| କବିସୂର୍ଯ୍ୟନଗର | ସଦାନନ୍ଦ ମହାନ୍ତି | ଭରତୀୟ କମ୍ୟୁ. |
| କୋଦଳା | କାହ୍ନୁଚରଣ ନାୟକ | କଂଗ୍ରେସ |
| ଖଲ୍ଲିକୋଟ | ଭି.ସୁଜ୍ଞାନ କୁମାରୀ ଦେଓ | ଉତ୍କଳ କଂଗ୍ରେସ |
| ଛତ୍ରପୁର | ଦୈତ୍ୟାରି ବେହେରା | ଉତ୍କଳ କଂଗ୍ରେସ |
| ହିଞ୍ଜିଳି | ବୃନ୍ଦାବନ ନାୟକ | ଉତ୍କଳ କଂଗ୍ରେସ |
| ଗୋପାଳପୁର | ମୋହନ ନାୟକ | କଂଗ୍ରେସ |
| ବ୍ରହ୍ମପୁର | ବିନାୟକ ଆଚାର୍ଯ୍ୟ | କଂଗ୍ରେସ |
| ଚିକିଟି | ସଚ୍ଚିଦାନନ୍ଦ ଦେଓ | ଉତ୍କଳ କଂଗ୍ରେସ |
| ମୋହନା | ଉଦୟ ନାରାୟଣ ଦେଓ | ଉତ୍କଳ କଂଗ୍ରେସ |
| ରାମଗିରି | ଚକ୍ରଧର ପାଇକ | ଉତ୍କଳ କଂଗ୍ରେସ |
| ପାରଳାଖେମୁଣ୍ଡି | ନାଇକୁଲ କୁର୍ମା | ଉତ୍କଳ କଂଗ୍ରେସ |
| ଗୁଣପୁର | ଭାଗୀରଥି ଗମାଙ୍ଗୋ | କଂଗ୍ରେସ |
| ବିଷମକଟକ | ଡମ୍ବରୁଧର ଉଲାକା | କଂଗ୍ରେସ |
| ରାୟଗଡ଼ା | ରାମଚନ୍ଦ୍ର ଉଲାକା | କଂଗ୍ରେସ |
| ଲକ୍ଷ୍ମୀପୁର | ଅନନ୍ତରାମ ମାଝି | କଂଗ୍ରେସ |
| ପଟ୍ଟାଙ୍ଗୀ | ଦିସାରି ସାନୁ | ଉତ୍କଳ କଂଗ୍ରେସ |
| କୋରାପୁଟ | ହରିଶ୍ଚନ୍ଦ୍ର ବକ୍ସିପାତ୍ର | ଉତ୍କଳ କଂଗ୍ରେସ |
| ମାଲକାନଗିରି | ନାକା କାନାୟା | ଉତ୍କଳ କଂଗ୍ରେସ |
| ଚିତ୍ରକୋଣ୍ଡା | ଗଙ୍ଗାଧର ମାଡ଼ୀ | କଂଗ୍ରେସ |
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ |

| | | |
|---|---|---|
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | ସ୍ୱତନ୍ତ୍ର |
| କୋଡ଼ିଙ୍ଗା | ସୋମ୍ବାରୁ ମାଝି | ଉତ୍କଳ କଂଗ୍ରେସ |
| ଡାବୁଗାଁ | ଶ୍ୟାମଘନ ମାଝି | ସ୍ୱତନ୍ତ୍ର |
| ଉମରକୋଟ | ରବି ସିଂହ ମାଝି | ଉତ୍କଳ କଂଗ୍ରେସ |
| ନୂଆପଡ଼ା | ଜଗନ୍ନାଥ ପଟ୍ଟନାୟକ | କଂଗ୍ରେସ |
| ଖଡ଼ିଆଳ | ଅନୁପ ସିଂହଦେଓ | ଉତ୍କଳ କଂଗ୍ରେସ |
| ଧରମଗଡ଼ | ଦୟାନିଧି ନାୟକ | ସ୍ୱତନ୍ତ୍ର |
| କୋକସରା | ଚନ୍ଦ୍ରଭାନୁ ସିଂହଦେଓ | ସ୍ୱତନ୍ତ୍ର |
| ଜୁନାଗଡ଼ | ଉଦିତ ପ୍ରତାପ ଦେଓ | ସ୍ୱତନ୍ତ୍ର |
| ଭବାନୀପାଟଣା | ଜଗମୋହନ ନାୟକ | ସ୍ୱତନ୍ତ୍ର |
| ନରଲା | ଧନେଶ୍ୱର ମାଝି | ସ୍ୱତନ୍ତ୍ର |
| କେସିଙ୍ଗା | ଶରତ ଚନ୍ଦ୍ର ସିଂହଦେଓ | ସ୍ୱତନ୍ତ୍ର |
| ବାଲିଗୁଡ଼ା | ସାହୁରା ମଲିକ | କଂଗ୍ରେସ |
| ଜି. ଉଦୟଗିରି | ଗୋପାଳ ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ଚନ୍ଦ୍ରଶେଖର ବେହେରା | କଂଗ୍ରେସ |
| ବଉଦ | ନଟବର ପ୍ରଧାନ | ସ୍ୱତନ୍ତ୍ର |
| ଟିଟିଲାଗଡ଼ | ତାପି ଜାଲ | ସ୍ୱତନ୍ତ୍ର |
| କଣ୍ଟାବାଂଜି | ରାମପ୍ରସାଦ ମିଶ୍ର | ସ୍ୱତନ୍ତ୍ର |
| ପାଟଣାଗଡ଼ | ଅଇଁଠୁ ସାହୁ | ସ୍ୱତନ୍ତ୍ର |
| ସଇଁତଳା | କୃଷ୍ଣଚନ୍ଦ୍ର ପଣ୍ଡା | ସ୍ୱତନ୍ତ୍ର |
| ଲୋଇସିଂହା | ଅନଙ୍ଗ ଉଦୟ ସିଂହଦେଓ | ସ୍ୱତନ୍ତ୍ର |
| ବଲାଙ୍ଗୀର | ରାଜେନ୍ଦ୍ର ନାରାୟଣ ସିଂହଦେଓ | ସ୍ୱତନ୍ତ୍ର |
| ସୋନପୁର | ଦୌଲତ ବାଗ | ସ୍ୱତନ୍ତ୍ର |
| ବିନ୍‌କା | ରାଧାମୋହନ ମିଶ୍ର | ସ୍ୱତନ୍ତ୍ର |
| ବୀରମହାରାଜପୁର | ହୃଷୀକେଶ ହୋତା | କଂଗ୍ରେସ |
| ଆଠମଲ୍ଲିକ | ଭଜମନ ବେହେରା | କଂଗ୍ରେସ |
| ଅନୁଗୁଳ | ଅଦ୍ୱୈତ ପ୍ରସାଦ ସିଂହ | ଉତ୍କଳ କଂଗ୍ରେସ |
| ହିନ୍ଦୋଳ | ଭାଗୀରଥି ନାୟକ | କଂଗ୍ରେସ |
| ଢେଙ୍କାନାଳ | ନନ୍ଦିନୀ ଶତପଥୀ | କଂଗ୍ରେସ |
| ଗଁଦିଆ | ଶ୍ରୀବତ୍ସ ନାୟକ | କଂଗ୍ରେସ |

| | | |
|---|---|---|
| କାମାକ୍ଷାନଗର | ବ୍ରହ୍ମାନନ୍ଦ ବିଶ୍ୱାଳ | କଂଗ୍ରେସ |
| ପାଲଲହଡା | ନାରାୟଣ ସାହୁ | କଂଗ୍ରେସ |
| ତାଳଚେର | ବୃନ୍ଦାବନ ବେହେରା | ଜନ କଂଗ୍ରେସ |
| ପଦ୍ମପୁର | ଡାଃ. କୃପାସିନ୍ଧୁ ଭୋଇ | କଂଗ୍ରେସ |
| ମେଳଛାମୁଣ୍ଡା | ପ୍ରକାଶ ଚନ୍ଦ୍ର ଦେବତା | କଂଗ୍ରେସ |
| ବିଜେପୁର | ଗଣନାଥ ପ୍ରଧାନ | ଉତ୍କଳ କଂଗ୍ରେସ |
| ଭଟ୍ଲି | ମୋହନ ନାଗ | କଂଗ୍ରେସ |
| ବରଗଡ଼ | ନବୀନ କୁମାର ପ୍ରଧାନ | ଉତ୍କଳ କଂଗ୍ରେସ |
| ସମ୍ବଲପୁର | ଶ୍ରୀ ବଲ୍ଲଭ ପାଣିଗ୍ରାହୀ | କଂଗ୍ରେସ |
| ବ୍ରଜରାଜନଗର | ପ୍ରସନ୍ନ କୁମାର ପଣ୍ଡା | ଭାରତୀୟ କମ୍ୟୁ. |
| ଝାରସୁଗୁଡ଼ା | ସୌରିନ୍ଦ୍ରୀ ନାୟକ | କଂଗ୍ରେସ |
| ଲାଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| କୁଚିଣ୍ଡା | ଜଗତେଶ୍ୱର ମିର୍ଦ୍ଧା | କଂଗ୍ରେସ |
| ରେଢ଼ାଖୋଲ | ବସନ୍ତ କୁମାର ମହାନନ୍ଦ | ଉତ୍କଳ କଂଗ୍ରେସ |
| ଦେଓଗଡ଼ | ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ | ସ୍ୱତନ୍ତ୍ର |
| ସୁନ୍ଦରଗଡ଼ | ଦିବ୍ୟଲୋଚନ ଶେଖର ଦେଓ | କଂଗ୍ରେସ |
| ତଲସରା | ପ୍ରେମାନନ୍ଦ କାଲୋ | କଂଗ୍ରେସ |
| ରାଜଗଙ୍ଗପୁର | ଖ୍ରୀଷ୍ଟୋଫରଏକ୍କା | କଂଗ୍ରେସ |
| ବୀରମିତ୍ରପୁର | ଖ୍ରୀଷ୍ଟ ଦାସ ଲୁଗୁନ୍ | ସ୍ୱାଧୀନ |
| ରାଉରକେଲା | ଧନଞ୍ଜୟ ମହାନ୍ତି | କଂଗ୍ରେସ |
| ରଘୁନାଥପଲ୍ଲୀ | ଅଗାପିତ ଲାକ୍ରା | କଂଗ୍ରେସ |
| ବଣେଇ | ବେଣୁଧର ନାୟକ | କଂଗ୍ରେସ |
| ଚ-ୂଆ | ଗୁରୁ ଚରଣ ନାଏକ | କଂଗ୍ରେସ |
| ପାଟଣା | ମହେଶ୍ୱର ମାଝି | ଉତ୍କଳ କଂଗ୍ରେସ |
| କେନ୍ଦୁଝର | ଗୋବିନ୍ଦ ମୁଣ୍ଡା | ସ୍ୱତନ୍ତ୍ର |
| ତେଲକୋଇ | ନୀଳାଦ୍ରି ନାୟକ | ଉତ୍କଳ କଂଗ୍ରେସ |
| ରାମଚନ୍ଦ୍ରପୁର | ମୁରଲୀଧର କୁଅଁର | ଉତ୍କଳ କଂଗ୍ରେସ |
| ଆନନ୍ଦପୁର | ଭୁବନାନନ୍ଦ ଜେନା | କଂଗ୍ରେସ |

ଚିଲିକା ବିଧାନସଭା ପାଇଁ ୭.୭.୧୯୭୪ରେ ଉପନିର୍ବାଚନ ହେଲା । ଏହି ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ରଘୁନାଥ ରାୟ ବିଜୟୀ ହେଲେ ।

ଓଡ଼ିଶାର ଷଷ୍ଠ ବିଧାନସଭାର ମାନ୍ୟବର ସଦସ୍ୟମାନେ ୧୯୭୪ ମସିହା ମାର୍ଚ୍ଚ ୧୧ ତାରିଖ ଦିନ ଶପଥ ଗ୍ରହଣ କଲେ । ନନ୍ଦିନୀ ଶତପଥୀ କଂଗ୍ରେସ ବିଧାୟକ ଦଳର ନେତ୍ରୀ ନିର୍ବାଚିତ ହୋଇ କମ୍ୟୁନିଷ୍ଟ ସଦସ୍ୟମାନଙ୍କ ସମର୍ଥନରେ ମାର୍ଚ୍ଚ ୬ତାରିଖରେ ମନ୍ତ୍ରିମଣ୍ଡଳ ଗଠନ କଲେ । ବ୍ରଜ ମୋହନ ମହାନ୍ତି ବାଚସ୍ପତି ଭାବରେ ନିର୍ବାଚିତ ହେଲେ । ପ୍ରଗତି ବିଧାୟକ ଦଳର ନେତା ବିଜୁ ପଟ୍ଟନାୟକ ମାର୍ଚ୍ଚ ୧୯ ତାରିଖରେ ବିରୋଧୀ ଦଳର ନେତା ଘୋଷିତ ହେଲେ । ସେ ଏହି ପଦବୀରେ ଡିସେମ୍ବର ୧୦ ତାରିଖ ଯାଏ ରହିଲେ । ତା'ପରେ ସେ ଭାରତୀୟ ଲୋକ ଦଳର ନେତା ଭାବରେ ୧୯୭୭ ମସିହା ମାର୍ଚ୍ଚ ୨୪ତାରିଖ ଯାଏ ବିରୋଧୀ ଦଳର ନେତା ପଦବୀରେ ରହିଲେ ।

## ନନ୍ଦିନୀ ଦେବୀଙ୍କ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ :

ନନ୍ଦିନୀ ଶତପଥୀଙ୍କ ଏଥର ମନ୍ତ୍ରିମଣ୍ଡଳରେ ତାଙ୍କୁ ମିଶାଇ ୬ଜଣ କ୍ୟାବିନେଟ ମନ୍ତ୍ରୀ, ୯ଜଣ ରାଷ୍ଟ୍ରମନ୍ତ୍ରୀ ଓ ୩ଜଣ ଉପମନ୍ତ୍ରୀ ଶପଥ ଗ୍ରହଣ କଲେ । ସେମାନଙ୍କ ବିଭାଗଗୁଡ଼ିକ ହେଲା-

### କ୍ୟାବିନେଟ ମନ୍ତ୍ରୀ :

**ନନ୍ଦିନୀ ଶତପଥୀ** : ମୁଖ୍ୟମନ୍ତ୍ରୀ; ସ୍ୱରାଷ୍ଟ୍ର, ରାଜନୀତିକ ଓ ପ୍ରଶାସନ, ଶିଳ୍ପ, ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ

**ବିନାୟକ ଆଚାର୍ଯ୍ୟ** : ଅର୍ଥ ଓ ଅବକାରୀ

**ବାଙ୍କ ବିହାରୀ ଦାସ** : ରାଜସ୍ୱ ଓ ଗ୍ରାମ ଉନ୍ନୟନ

**ଯଦୁନାଥ ଦାଶ ମହାପାତ୍ର** : ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର

**ଶ୍ରୀବଲ୍ଲଭ ପାଣିଗ୍ରାହୀ** : କୃଷି ଓ ସମବାୟ, ଏବଂ ପୂର୍ତ୍ତ ଓ ପରିବହନ

### ରାଷ୍ଟ୍ର ମନ୍ତ୍ରୀ :

**ମୋହନ ନାୟକ** : ଗ୍ରାମଗୋଷ୍ଠୀ ଓ ପଞ୍ଚାୟତିରାଜ

**ସୋମନାଥ ରଥ** : ସ୍ୱାସ୍ଥ୍ୟ ଓ ନଗର ଉନ୍ନୟନ

**ରାମଚନ୍ଦ୍ର ଉଲାକା** : ଆଦିବାସୀ ଓ ଗ୍ରାମ ମଙ୍ଗଳ

**ବ୍ରହ୍ମାନନ୍ଦ ବିଶ୍ୱାଳ** : ଆଇନ, ଜଙ୍ଗଲ ଓ ପଶୁପାଳନ

**ଦିବ୍ୟଲୋଚନ ଶେଖର ଦେଓ** : ଜଳସେଚନ ଓ ବିଦ୍ୟୁତ

**ଡାକ୍ତର କୃପାସିନ୍ଧୁ ଭୋଇ** : ଖଣି ଓ ଭୂତତ୍ତ୍ୱ

**ଡା. ବେଣୁଧର ବଳୀୟାର ସିଂହ** : ଶ୍ରମ, କର୍ମସଂସ୍ଥାନ ଓ ଗୃହ ନିର୍ମାଣ


| | | |
|---|---|---|
| **କାହ୍ନୁ ଚରଣ ଲେଙ୍କା** | : | ଶିଳ୍ପ ଯୋଜନା ଓ ସମନ୍ୱୟ |
| **ଭାଗୀରଥି ଗମାଙ୍ଗ** | : | କୃଷି ଓ ସମବାୟ |

### ଉପ ମନ୍ତ୍ରୀ :

| | | |
|---|---|---|
| **ଶେଖ୍ ମତଲୁବ୍ ଅଲ୍ଲି** | : | ସାଂସ୍କୃତିକ ବ୍ୟାପାର |
| **କୁଆଁରିଆ ମାଝି** | : | ଜଳସେଚନ ଓ ବିଦ୍ୟୁତ |
| **ଜଗନ୍ନାଥ ପଟ୍ଟନାୟକ** | : | ଯୋଜନା ଓ ସମନ୍ୱୟ, ସ୍ୱରାଷ୍ଟ୍ର ବିଭାଗର ଜେଲ, ରାଜନୀତିକ ଓ ପ୍ରଶାସନ ବିଭାଗର ରାଜଧାନୀ ପ୍ରଶାସନ |

## ମୁଖ୍ୟମନ୍ତ୍ରୀ ଆସନରେ ବିନାୟକ ଆଚାର୍ଯ୍ୟ :

୨୪.୫.୧୯୭୫ ତାରିଖରେ ବାଙ୍କବିହାରୀ ଦାସ ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ୨୦.୧୦.୧୯୭୫ରେ ନନ୍ଦିନୀ ଦେବୀ ତାଙ୍କ ମନ୍ତ୍ରିମଣ୍ଡଳକୁ ସାମାନ୍ୟ ସଂପ୍ରସାରଣ କରି ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ଅଦଳ ବଦଳ କଲେ । ଗଙ୍ଗାଧର ମହାପାତ୍ରଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ଗ୍ରହଣ କଲେ । ରାମଚନ୍ଦ୍ର ଉଲାକାଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦବୀରୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦକୁ ଉନ୍ନୀତ କଲେ ଇତ୍ୟାଦି । ମନ୍ତ୍ରିମଣ୍ଡଳରେ ଆଭ୍ୟନ୍ତରୀଣ କନ୍ଦଳ ଦେଖାଦେବାରୁ ନନ୍ଦିନୀ ଶତପଥୀ ହାଇକମାଣ୍ଡଙ୍କ ଆସ୍ଥା ହରାଇଲେ । ଫଳରେ ଅଚାନକ ତାଙ୍କୁ ଇସ୍ତଫା ପ୍ରଦାନ କରିବାକୁ ପଡିଲା । ୧୬.୧୨.୧୯୭୬ରେ ନନ୍ଦିନୀ ଶତପଥୀ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କଲେ । ଫଳରେ ସେହିଦିନ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ୨୯.୧୨.୧୯୭୬ ତାରିଖ ଯାଏ ପ୍ରଚଳିତ ହେଲା । ବିନାୟକ ଆଚାର୍ଯ୍ୟ ନନ୍ଦିନୀ ଶତପଥୀଙ୍କ ସ୍ଥାନରେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇ ୨୯.୧୨.୧୯୭୬ରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ତାଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ମିଶାଇ ରହିଲେ ୯ଜଣ କ୍ୟାବିନେଟ, ୪ଜଣ ରାଷ୍ଟ୍ରପାହ୍ୟା ଓ ଜଣେ ଉପମନ୍ତ୍ରୀ । ସେମାନେ ଓ ସେମାନଙ୍କ ବିଭାଗ ଗୁଡିକ ହେଲା:



ବିନାୟକ ଆଚାର୍ଯ୍ୟ

## କ୍ୟାବିନେଟ ମନ୍ତ୍ରୀ :

| | | |
|---|---|---|
| **ବିନାୟକ ଆଚାର୍ଯ୍ୟ** | : | ମୁଖ୍ୟମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର, ରାଜନୈତିକ ଓ ପ୍ରଶାସନ, ଅର୍ଥ, ଯୋଜନା ଓ ସମନ୍ୱୟ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ |
| **ଶ୍ରୀବଲ୍ଲଭ ପାଣିଗ୍ରାହୀ** | : | ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ, ଶିକ୍ଷା ଓ ଯୁବସେବା ଏବଂ ଆଇନ |
| **ଲକ୍ଷ୍ମଣ ମଲ୍ଲିକ** | : | ପୂର୍ତ୍ତ ଓ ପରିବହନ |
| **ରାମଚନ୍ଦ୍ର ଉଲାକା** | : | ଖାଦ୍ୟ ଓ ଯୋଗାଣ |
| **ମୋହନ ନାୟକ** | : | ଗୋଷ୍ଠୀ ଉନ୍ନୟନ, ସମାଜମଙ୍ଗଳ, ନଗର ଉନ୍ନୟନ |
| **କାହ୍ନୁ ଚରଣ ଲେଙ୍କା** | : | ଶିଳ୍ପ ଓ ବାଣିଜ୍ୟ |
| **ବେଣୁଧର ବଳୀୟାର ସିଂହ** | : | ଶ୍ରମ, ନିଯୁକ୍ତି ଓ ଗୃହଯୋଗାଣ ଏବଂ ଅବକାରୀ |
| **ଭାଗୀରଥି ଗମାଙ୍ଗ** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| **ଡା. ଯୋଗେଶ ଚନ୍ଦ୍ର ରାଉତ** | : | କୃଷି ଓ ସମବାୟ |

## ରାଷ୍ଟ୍ର ମନ୍ତ୍ରୀ :

| | | |
|---|---|---|
| **ଜଗନ୍ନାଥ ପଟ୍ଟନାୟକ** | : | ରାଷ୍ଟ୍ରମନ୍ତ୍ରୀ; ଅର୍ଥ, ଯୋଜନା ଓ ସମନ୍ୱୟ, ଖଣି ଓ ଭୂତତ୍ତ୍ୱ |
| **ଶେଖ୍ ମତଲୁବ ଅଲ୍ଲି** | : | ରାଷ୍ଟ୍ରମନ୍ତ୍ରୀ; ରାଜସ୍ୱ, ଶିକ୍ଷା ଓ ଯୁବ ସେବା, ସାଂସ୍କୃତିକ ବ୍ୟାପାର ଓ ପର୍ଯ୍ୟଟନ |
| **ଅନଙ୍ଗ ଉଦୟ ସିଂହଦେଓ** | : | ରାଷ୍ଟ୍ର ମନ୍ତ୍ରୀ, ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ |
| **ଭଜମନ ବେହେରା** | : | ରାଷ୍ଟ୍ରମନ୍ତ୍ରୀ ଗ୍ରାମ ଉନ୍ନୟନ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ |
| **ମୋହନ ନାଗ** | : | ଉପମନ୍ତ୍ରୀ; ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |

ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ କନିଷ୍ଠ ପୁତ୍ର ଅନଙ୍ଗ ଉଦୟ ସିଂହଦେଓ ସ୍ୱତନ୍ତ୍ର ପାର୍ଟି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ କଂଗ୍ରେସରେ ଯୋଗ ଦେବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରେ ଗ୍ରହଣ କରାଯାଇଥିଲା। ସେ ଡାକ୍ତରଖାନାରେ ଶପଥ ଗ୍ରହଣ କରିଥିଲେ। କାରଣ ସେହି ସମୟରେ କାର୍ଯ୍ୟନିର୍ବାହୀ ରାଜ୍ୟପାଳ ଶିବନାରାୟଣ ହୃଦରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏହିଠାରେ ଅନଙ୍ଗ ଉଦୟଙ୍କୁ ମନ୍ତ୍ରୀ ହିସାବରେ ରାଜ୍ୟପାଳ ଶପଥ ଗ୍ରହଣ କରାଇଥିଲେ। ଡାଃ ଯୋଗେଶ ଚନ୍ଦ୍ର ରାଉତ ସ୍ୱାଧୀନ ପ୍ରାର୍ଥୀ ଭାବରେ ବାଙ୍କୀ ନିର୍ବାଚନ

ମଣ୍ଡଳୀର ନିର୍ବାଚିତ ହୋଇ କଂଗ୍ରେସରେ ଯୋଗଦେବାରୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ଗ୍ରହଣ କରାଯାଇଥିଲା ।

କାର୍ଯ୍ୟନିର୍ବାହୀ ରାଜ୍ୟପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାରୁ ୧୯୭୭ ଜାନୁଆରି ୨୬ ଜନରାଜ୍ୟ ଦିବସ ପ୍ୟାରେଡରେ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟ ରାଜ୍ୟସ୍ତରୀୟ ଅଭିବାଦନ ଗ୍ରହଣ କରିଥିଲେ । ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ଭାବରେ ବେଶୀଦିନ ରହି ପାରିଲେ ନାହିଁ । ୧୯୭୭ ମସିହା ଏପ୍ରିଲ ୩୦ ତାରିଖରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । ରାଜ୍ୟ ପୁଣି ରାଷ୍ଟ୍ରପତି ଶାସନାଧୀନ ହେଲା । ଏହି ରାଷ୍ଟ୍ରପତି ଶାସନ ଜାରି ରହିଲା ୧୯୭୭ ମସିହା ଜୁନ୍ ୨୬ ତାରିଖ ଯାଏ- ନୂତନ ସରକାର ଓ ୭ମ ବିଧାନସଭା ଗଠିତ ହେବାଯାଏ ।

## ନୂଆ ରାଜନୈତିକ ଦଳ- ଜନତାପାର୍ଟି :

୧୯୭୪ ମସିହା ଶେଷ ସମୟରେ 'ଭାରତୀୟ ଲୋକଦଳ' ନାମରେ ଏକ ନୂତନ ଜାତୀୟ ରାଜନୈତିକ ଦଳର ଆବିର୍ଭାବ ଘଟିଲା । ଏହି ନୂତନ ରାଜନୈତିକ ଦଳରେ ଉତ୍କଳ କଂଗ୍ରେସ, ସ୍ୱତନ୍ତ୍ର, ସଂଯୁକ୍ତ ସମାଜବାଦୀ ପାର୍ଟି ସମେତ ସାତଟି ରାଜନୈତିକ ଦଳର ମିଶ୍ରଣ ଘଟିଲା । ଓଡ଼ିଶାର ପ୍ରଗତି ବିଧାୟକ ଦଳ ୧୯୭୪ ମସିହା ଡିସେମ୍ବର ୧୦ତାରିଖ ଦିନ ' ଭାରତୀୟ ଲୋକଦଳ' ଭାବରେ ନାମିତ ହେଲା । ବିଜୁ ପଟ୍ଟନାୟକ  ହେଲେ ଓଡ଼ିଶାରେ ଏହି ଭାରତୀୟ ଲୋକଦଳର ନେତା ଏବଂ ବିଧାନସଭାରେ ବିରୋଧୀ ଦଳର ନେତା । ସେ ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ୨୪.୩.୧୯୭୭ ଯାଏ ରହିଲେ ।

ଏହାପରେ 'ଜନତା ପାର୍ଟି' ନାମରେ ସର୍ବଭାରତୀୟ ସ୍ତରରେ ଏକ ନୂତନ ରାଜନୈତିକ ଦଳ, ଭାରତୀୟ ଲୋକଦଳ,  ସଂଗଠନ କଂଗ୍ରେସ, ସମାଜବାଦୀ ପାର୍ଟି ଆଦି ରାଜନୈତିକ ଦଳମାନଙ୍କୁ ନେଇ ୧୯୭୭ ମସିହା ପ୍ରାକ୍‌କାଳରେ ଗଠିତ ହେଲା । ୧୯୭୭ ମସିହାରେ ଓଡ଼ିଶାରେ ଜନତା ବିଧାୟକ ଦଳ ଗଠନ କରାଗଲା ଓ ରାମପ୍ରସାଦ ମିଶ୍ର ଜନତା ବିଧାୟକ ସଭାର ନେତା ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ଘୋଷିତ ହେଲେ । ସେ ବିରୋଧିଦଳ ନେତା ଭାବରେ ୧୯୭୭ ମସିହା ଏପ୍ରିଲ ୩୦ ତାରିଖ ଯାଏ ରହିଲେ (ବିଧାନସଭା ଭାଙ୍ଗିବା ଯାଏ) ।

ଏହି ଷଷ୍ଠ ବିଧାନସଭାର ୯ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫୦ଟି ବୈଠକ ବସିଥିଲା । ଏହି ବିଧାନସଭାକୁ ୧୯୭୭ରେ ଭଙ୍ଗ କରାଯାଇଥିଲା ।

+++

## ଏକବିଂଶ ପରିଚ୍ଛେଦ

# ସପ୍ତମ ରାଜ୍ୟ ବିଧାନସଭା ନିର୍ବାଚନ ଓ ମୁଖ୍ୟମନ୍ତ୍ରୀ ଆସନରେ ନୀଳମଣି ରାଉତରାୟ


ସାରା ଦେଶରେ ୧୯୭୧ ମସିହାରେ ଲୋକସଭାପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ଲୋକସଭା ୧୯୭୬ରେ ହେବା କଥା। କିନ୍ତୁ ୧୯୭୫ରେ ଦେଶରେ ଜରୁରିକାଳୀନ ଅବସ୍ଥା ଜାରୀ ହେବାରୁ ଏହି ନିର୍ବାଚନକୁ ଦୁଇ ଦୁଇ ଥର ଗଡାଇ ଦିଆଗଲା। ଏହାଦ୍ୱାରା ବି ୧୯୭୮ ମସିହାରେ ଲୋକସଭାପାଇଁ ସାଧାରଣ ନିର୍ବାଚନ ହେବା କଥା। କିନ୍ତୁ ରାଷ୍ଟ୍ରପତି ଏହି ଲୋକସଭା ଭାଙ୍ଗି ଦେଇ ଦୁଇ ମାସ ଭିତରେ ନିର୍ବାଚନ କରିବାପାଇଁ ୧୯୭୭ ମସିହା ଜାନୁଆରି ମାସରେ ଆଦେଶ ପ୍ରଦାନ କଲେ। ଫଳରେ ମାର୍ଚ୍ଚ ୧୬-୨୦ ତାରିଖ ମଧ୍ୟରେ ଲୋକସଭାପାଇଁ ଦେଶରେ ନିର୍ବାଚନ ଅନୁଷ୍ଠିତ ହେଲା। ଓଡ଼ିଶାରେ ମାର୍ଚ୍ଚ ୧୬ ତାରିଖରେ ନିର୍ବାଚନ ହେଲା। ଏହି ନିର୍ବାଚନରେ ସମସ୍ତ ଅଣ-କମ୍ୟୁନିଷ୍ଟ ଦଳଙ୍କୁ ନେଇ ଗଠିତ 'ଜନତା ଦଳ' ନାମରେ ଏକ ନୂତନ ରାଜନୈତିକ ଦଳ ଗଠିତ ହୋଇଥିବା କଥା ପୂର୍ବରୁ ଆଲୋଚନା ହୋଇସାରିଛି।

ଏହି ଲୋକସଭା ନିର୍ବାଚନରେ ଓଡ଼ିଶାରୁ ଜନତା ଦଳର ୧୬ଜଣ, କଂଗ୍ରେସ ଦଳର ୪ଜଣ ଓ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ଜଣେ ସଭ୍ୟ ନିର୍ବାଚିତ ହେଲେ।

### ଷଷ୍ଠ ଲୋକସଭା ସଦସ୍ୟ (୧୯୭୭) :

| | | |
|---|---|---|
| ମୟୂରଭଞ୍ଜ | ଚନ୍ଦ୍ରମୋହନ ସିଂହ | ଜନତା |
| ବାଲେଶ୍ୱର | ସମରେନ୍ଦ୍ର କୁଣ୍ଡୁ | ଜନତା |
| ଭଦ୍ରକ | ବୈରାଗୀ ଜେନା | ଜନତା |
| ଯାଜପୁର | ରାମଚନ୍ଦ୍ର ମଲ୍ଲିକ | ଜନତା |

| | | |
|---|---|---|
| କେନ୍ଦ୍ରାପଡ଼ା | ବିଜୁ ପଟ୍ଟନାୟକ | ଜନତା |
| କଟକ | ଶରତ କୁମାର କର | ଜନତା |
| ଜଗତସିଂହପୁର | ପ୍ରଦ୍ୟୁମ୍ନ କିଶୋର ବଳ | ଜନତା |
| ପୁରୀ | ପଦ୍ମଚରଣ ସାମନ୍ତସିଂହାର | ଜନତା |
| ଭୁବନେଶ୍ୱର | ଶିବାଜୀ ପଟ୍ଟନାୟକ | ମାର୍କସବାଦୀ କମ୍ୟୁନିଷ୍ଟ |
| ଆସ୍କା | ରାମଚନ୍ଦ୍ର ରଥ | କଂଗ୍ରେସ |
| ବ୍ରହ୍ମପୁର | ଆର.ଜଗନ୍ନାଥ ରାଓ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ପ୍ରତାପ କେଶରୀ ଦେଓ | ସ୍ୱାଧୀନ |
| ଫୁଲବାଣୀ | ଶ୍ରୀବତ୍ସ ଦିଗାଲ | ଜନତା |
| ବଲାଙ୍ଗୀର | ଅଇଁଠୁ ସାହୁ | ଜନତା |
| ସମ୍ବଲପୁର | ଗଣନାଥ ପ୍ରଧାନ | ଜନତା |
| ଦେବଗଡ଼ | ପବିତ୍ର ମୋହନ ପ୍ରଧାନ | ଜନତା |
| ଢେଙ୍କାନାଳ | ଦେବେନ୍ଦ୍ର ନାଥ ଶତପଥୀ | ଜନତା |
| ସୁନ୍ଦରଗଡ଼ | ଦେବାନନ୍ଦ ଅମାତ | ଜନତା |
| କେନ୍ଦୁଝର | ଗୋବିନ୍ଦ ମୁଣ୍ଡା | ଜନତା |



**ମୋରାଜୀ ଦେଶାଇ**

ଲୋକସଭା ନିର୍ବାଚନରେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ପରାଜିତ ହେଲା । ଜନତାଦଳ ସଂଖ୍ୟା ଗରିଷ୍ଠତା ହାସଲ କରି କେନ୍ଦ୍ରରେ ମୋରାଜୀ ଭାଇ ଦେଶାଇଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କଲେ । ଏପରିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ମଧ୍ୟ ରାଏବରେଲି ନିର୍ବାଚନ ମଣ୍ଡଳୀରୁ ସୋସାଲିଷ୍ଟ ନେତା ରାଜନାରାୟଣଙ୍କଦ୍ୱାରା ପରାସ୍ତ ହେଲେ । ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଦେଶରୁ ଜରୁରୀ ପରିସ୍ଥିତି ଉଠାଇ ଦେଇ ମାର୍ଚ୍ଚ-୨୨ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା




**ରତ୍ନମଂଜରୀ ଦେବୀ**

ପ୍ରଦାନ କଲେ । ମାର୍ଚ୍ଚ ୨୪ ତାରିଖରେ କେନ୍ଦ୍ରରେ ପ୍ରଥମ ଅଣ-କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ହେଲା । ମୋରାଜୀ ଦେଶାଇ ହେଲେ ଭାରତର ପ୍ରଧାନମନ୍ତ୍ରୀ ।

କେନ୍ଦ୍ରରେ ନୂତନ ମନ୍ତ୍ରିମଣ୍ଡଳରେ ସ୍ୱରାଷ୍ଟ୍ର ବିଭାଗ ଦାୟିତ୍ୱରେ ରହିଲେ ଚୌଧୁରୀ ଚରଣ ସିଂହ । ସେ ଘୋଷଣା କଲେ ଯେ, ଯେଉଁ ରାଜ୍ୟମାନଙ୍କରେ କଂଗ୍ରେସ ଦଳ ଲୋକସଭା ନିର୍ବାଚନରେ ପରାଜୟ ବରଣ କରିଛି ସେସବୁ ରାଜ୍ୟରେ କଂଗ୍ରେସ ଦଳର ଶାସନ କରିବାର ଅଧିକାର ନାହିଁ । ''ଏହି ପରିପ୍ରେକ୍ଷୀରେ ସେ ସେହିସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଲେ, ସେମାନେ ଶୀଘ୍ର ଇସ୍ତଫା ଦେଇ ବିଧାନସଭା ଭାଙ୍ଗିଦେବା ନିମନ୍ତେ ସୁପାରିଶ କରନ୍ତୁ ।'' ଏହି ସବୁ ରାଜ୍ୟ ହେଲା : ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ହିମାଚଳ ପ୍ରଦେଶ, ରାଜସ୍ଥାନ, ହରିଆଣା, ପଞ୍ଜାବ ଓ ଉତ୍ତରପ୍ରଦେଶ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଏତାଦୃଶ ପତ୍ରରେ ଅସନ୍ତୋଷ ପ୍ରକାଶ କରି ଏହି ରାଜ୍ୟ ସରକାରମାନେ ସୁପ୍ରିମକୋର୍ଟରେ ଅପିଲ କଲେ । ଓଡ଼ିଶା ସରକାର ହାଇକୋର୍ଟରେ ଅନୁରୂପ ପିଟିସନ ଦାଖଲ କଲେ । ଏପ୍ରିଲ ୨୯ ତାରିଖରେ ସୁପ୍ରିମକୋର୍ଟ ଏହିସବୁ ରାଜ୍ୟସରକାରମାନଙ୍କ ପିଟିସନକୁ ଖାରଜ କରିଦେଲେ । ଫଳରେ ଏହିସବୁ ନଅଟି ରାଜ୍ୟର ସରକାରଙ୍କୁ କେନ୍ଦ୍ରସରକାର ବରଖାସ୍ତ କରିଦେଲେ ।

ଓଡ଼ିଶାରେ ଅନୁଷ୍ଠିତ ଏହି ଲୋକସଭା ନିର୍ବାଚନରେ କଂଗ୍ରେସ ୪ଗୋଟି ଆସନ ପାଇଥିଲା ଓ କଳାହାଣ୍ଡି ଆସନରୁ କଳାହାଣ୍ଡି ରାଜା ପ୍ରତାପକେଶରୀ ଦେଓ କଂଗ୍ରେସ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ଜନତାଦଳର ୧୬ଜଣ ସଭ୍ୟଙ୍କ ମଧ୍ୟରୁ ପାଞ୍ଚଜଣ



**ରାସମଂଜରୀ ଦେବୀ**



କିରଣଲେଖା ମହାନ୍ତି

ଏମ୍.ଏଲ.ଏ ଥାଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସେମାନେ ହେଲେ ଭଣ୍ଡାରୀ ପୋଖରୀ ବିଧାୟକ ବୈରାଗୀ ଜେନା, ରାଜନଗର ବିଧାୟକ ବିଜୁ ପଟ୍ଟନାୟକ; ପାଟଣାଗଡ଼ ବିଧାୟକ ଅଇଁଠୁ ସାହୁ; ବିଜେପୁର ବିଧାୟକ ଗଣନାଥ ପ୍ରଧାନ ଓ କେନ୍ଦୁଝର ବିଧାୟକ ଗୋବିନ୍ଦ ମୁଣ୍ଡା ଏହି ବିଧାୟକମାନେ କେଉଁ ଲୋକସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ତାହା ଏହା ପୂର୍ବରୁ ଉଲ୍ଲେଖ କରାଯାଇଛି ।

କେନ୍ଦ୍ରସରକାରଙ୍କ ନିଷ୍ପତ୍ତି କ୍ରମେ ଓଡ଼ିଶାର କଂଗ୍ରେସ ମନ୍ତ୍ରିମଣ୍ଡଳକୁ ଭାଙ୍ଗି ଦିଆଯାଇ ରାଷ୍ଟ୍ରପତି ଶାସନ ଜାରି ହେଲା । ୧୯୭୭ ମସିହା ଜୁନ୍‌ମାସ ୧୦ତାରିଖରେ ଗୋଟିଏ ଦିନରେ ଓଡ଼ିଶାର ୧୪୭ଟି ଯାକ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ କେବଳ ୨୫ଟି ଆସନରେ କମ୍ୟୁନିଷ୍ଟ ଦଳର ପ୍ରାର୍ଥୀ ଓ ୪ଟି ଆସନରେ ମାର୍କସବାଦୀ କମ୍ୟୁନିଷ୍ଟ ପ୍ରାର୍ଥୀ ବ୍ୟତୀତ କଂଗ୍ରେସ ଓ ଜନତାଦଳ ପ୍ରାର୍ଥୀଙ୍କ ଭିତରେ କୌଣସି ଅନ୍ୟ ଦଳୀୟ ପ୍ରାର୍ଥୀ ନଥିଲେ । ୨୮୨ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ । ଏହି ନିର୍ବାଚନରେ ବିଭିନ୍ନ ଦଳରୁ ୧୭ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ସେମାନଙ୍କ ଭିତରୁ ମାତ୍ର ସାତଜଣ ନିର୍ବାଚିତ ହୋଇଥିଲେ । ସେମାନେ ହେଲେଃ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ଆନନ୍ଦ ମଞ୍ଜରୀ ଦେବୀ (ଜନତା); ଆଠଗଡ଼ରୁ ରାସ ମଞ୍ଜରୀ ଦେବୀ (ଜନତା); ଖଲ୍ଲିକୋଟରୁ ସୁଜ୍ଞାନ କୁମାରୀ ଦେଓ (ଜନତା); ବ୍ରହ୍ମପୁରରୁ ରତ୍ନମଞ୍ଜରୀ ଦେବୀ (ସ୍ୱାଧୀନ), ଢେଙ୍କାନାଳରୁ ନନ୍ଦିନୀ ଶତପଥୀ (ଜନତା); ଝାରସୁଗୁଡାରୁ ସୈରୀନ୍ଦ୍ରୀ ନାୟକ (କଂଗ୍ରେସ), ଓ ପିପିଲିରୁ କିରଣ ଲେଖା ମହାନ୍ତି (ଜନତା) ।

ଏହି ବିଧାନସଭା ନିର୍ବାଚନରେ ଜନତାଦଳ ବିପୁଳ ସଂଖ୍ୟାଗରିଷ୍ଠତା ଲାଭ କରି ୧୪୭ରୁ ୧୧୦ଟି ଆସନ ଲାଭ କଲା । ଭାରତୀୟ ଜାତୀୟ କଂଗ୍ରେସ-୨୬, କମ୍ୟୁନିଷ୍ଟ ପାର୍ଟି ଗୋଟିଏ, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଗୋଟିଏ ଓ ନିର୍ଦ୍ଦଳୀୟ ବା ସ୍ୱାଧୀନ ସଦସ୍ୟମାନେ ନଅଗୋଟି ଆସନ ଲାଭ କଲେ । ଏ ବିଧାୟକମାନେ ଓ ସେମାନେ ନିର୍ବାଚିତ ହୋଇଥିବା ନିର୍ବାଚନ ମଣ୍ଡଳୀ ଗୁଡ଼ିକ ହେଲାଃ

## ସପ୍ତମ ବିଧାନସଭା ସଦସ୍ୟ (୧୯୭୭) :

| | | |
|---|---|---|
| କରଞ୍ଜିଆ | ରଘୁନାଥ ହେମ୍ବ୍ରମ୍ | ଜନତା |
| ଯଶୀପୁର | କାହ୍ନୁ ରାମ ହେମ୍ବ୍ରମ | ଜନତା |

| | | |
|---|---|---|
| ବାହଲଦା | ସୁନାରାମ ସୋରେନ | ଜନତା |
| ରାଇରଙ୍ଗପୁର | ଅର୍ଜୁନ ମାଝି | ଜନତା |
| ବାଙ୍ଗିରିପୋଷି | ପୁରୁଷୋତ୍ତମ ନାଏକ | ଜନତା |
| କୁଳିଅଣା | ନିରଞ୍ଜନ ହେମ୍ବ୍ରମ | ଜନତା |
| ବାରିପଦା | ପ୍ରସନ୍ନ କୁମାର ଦାସ | କଂଗ୍ରେସ |
| ବୈସିଙ୍ଗା | ରାମଚନ୍ଦ୍ର କିସ୍କୁ | ଜନତା |
| ଖୁଣ୍ଟା | ରମେଶ ସୋରେନ | କଂଗ୍ରେସ |
| ଉଦଳା | ବୀରଭଦ୍ର ସିଂହ | ଜନତା |
| ଭୋଗରାଇ | ସୁଶାନ୍ତ ଚାନ୍ଦ | ଜନତା |
| ଜଳେଶ୍ୱର | ଗଦାଧର ଗିରି | ଜନତା |
| ବସ୍ତା | ମହେଶ୍ୱର ବାଗ୍ | ଜନତା |
| ବାଲେଶ୍ୱର | କାର୍ତ୍ତିକ ଚନ୍ଦ୍ର ରାଉତ | ଜନତା |
| ସୋରୋ | ହରପ୍ରସାଦ ମହାପାତ୍ର | ଜନତା |
| ସିମୁଳିଆ | ଗୋପୀନାଥ ଦାସ | ଜନତା |
| ନୀଳଗିରି | ରାଜେନ୍ଦ୍ର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ | ଜନତା |
| ଭଣ୍ଡାରିପୋଖରୀ | କପିଳ ଚରଣ ସେଠି | ଜନତା |
| ଭଦ୍ରକ | ରତ୍ନାକର ମହାନ୍ତି | ଜନତା |
| ଧାମନଗର | ହୃଦାନନ୍ଦ ମଲ୍ଲିକ | ଜନତା |
| ଚାନ୍ଦବାଲି | ଗଙ୍ଗାଧର ଦାସ | ଜନତା |
| ବାସୁଦେବପୁର | ନୀଳମଣି ରାଉତରାୟ | ଜନତା |
| ସୁକିନ୍ଦା | ଆନନ୍ଦ ମଞ୍ଜରୀ ଦେବୀ | ଜନତା |
| କୋରେଇ | ଅଶୋକ କୁମାର ଦାସ | ଜନତା |
| ଯାଜପୁର | ଜଗନ୍ନାଥ ମଲ୍ଲିକ | ଜନତା |
| ଧର୍ମଶାଳା | ରବି ଦାସ | ଜନତା |
| ବଡଚଣା | ମାନଗୋବିନ୍ଦ ସାମଲ | ଜନତା |
| ବରି-ଡେରାବିଶି | ଶ୍ରୀକାନ୍ତ କୁମାର ଜେନା | ଜନତା |
| ବିଂଝାରପୁର | ଶାନ୍ତନୁ କୁମାର ଦାସ | ଜନତା |
| ଆଳି | ଶରତ କୁମାର ଦେବ | ଜନତା |
| ପଟ୍ଟାମୁଣ୍ଡାଇ | ତାପସ କୁମାର ଦାସ | ଜନତା |
| ରାଜନଗର | ନଳୀନିକାନ୍ତ ମହାନ୍ତି | ଜନତା |
| କେନ୍ଦ୍ରାପଡା | ବେଦପ୍ରକାଶ ଅଗ୍ରୱାଲ | ଜନତା |

| | | |
|---|---|---|
| ପାଟକୁରା | ପ୍ରହ୍ଲାଦ ମଲ୍ଲିକ | ଜନତା |
| ତିର୍ତ୍ତୋଲ | ପ୍ରତାପ ଚନ୍ଦ୍ର ମହାନ୍ତି | ଜନତା |
| ଏରସମା | ଦାମୋଦର ରାଉତ | ଜନତା |
| ବାଲିକୁଦା | ଉମେଶ ସ୍ୱାଇଁ | ଜନତା |
| ଜଗତସିଂହପୁର | କସ୍ତୁରୀ ଚରଣ ମଲ୍ଲିକ | ଜନତା |
| କିଶନନଗର | ବଟକୃଷ୍ଣ ଜେନା | ଜନତା |
| ମାହାଙ୍ଗା | ପ୍ରଦୀପ୍ତ କିଶୋର ଦାସ | ଜନତା |
| ସାଲେପୁର | କାଳିନ୍ଦୀ ବେହେରା | ଜନତା |
| ଗୋବିନ୍ଦପୁର | ପଞ୍ଚାନନ କାନୁନ୍‌ଗୋ | ଜନତା |
| କଟକସଦର | ସଂଗ୍ରାମ କେଶରୀ ମହାପାତ୍ର | ଜନତା |
| କଟକ ସହର | ବିଶ୍ୱନାଥ ପଣ୍ଡିତ | ଜନତା |
| ଚୌଦ୍ୱାର | ରାଜକିଶୋର ରାମ | ଜନତା |
| ବାଙ୍କୀ | ଯୋଗେଶ ଚନ୍ଦ୍ର ରାଉତ | ଜନତା |
| ଆଠଗଡ | ରାମମଞ୍ଜରୀ ଦେବୀ | ଜନତା |
| ବଡ଼ମ୍ବା | ରାଜା ସାହେବ ତ୍ରିଲୋଚନ ସିଂହଦେଓ | ସ୍ୱାଧୀନ |
| ବାଲିପାଟଣା | ଗୋପୀନାଥ ଭୋଇ | ଜନତା |
| ଭୁବନେଶ୍ୱର | ସତ୍ୟପ୍ରିୟ ମହାନ୍ତି | ଜନତା |
| ଜଟଣୀ | ସୁରେଶ କୁମାର ରାଉତରାୟ | ଜନତା |
| ପିପିଲି | କିରଣ ଲେଖା ମହାନ୍ତି | ଜନତା |
| ନିମାପଡ଼ା | ଗୋବିନ୍ଦ ସେଠି | ଜନତା |
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ଜନତା |
| ସତ୍ୟବାଦୀ | ଚନ୍ଦ୍ରମାଧବ ମିଶ୍ର | ଜନତା |
| ପୁରୀ | ବ୍ରଜକିଶୋର ତ୍ରିପାଠୀ | ଜନତା |
| ବହ୍ମଗିରି | ଅଜୟ କୁମାର ଜେନା | ଜନତା |
| ଚିଲିକା | ବିଶ୍ୱଭୂଷଣ ହରିଚନ୍ଦନ | ଜନତା |
| ଖୋର୍ଦ୍ଧା | ସୁଦର୍ଶନ ମହାନ୍ତି | ଜନତା |
| ବେଗୁନିଆ | ଚିନ୍ତାମଣି ପାଣିଗ୍ରାହୀ | କଂଗ୍ରେସ |
| ରଣପୁର | ରମେଶଚନ୍ଦ୍ର ପଣ୍ଡା | ମାର୍କସ୍‌ବାଦୀ କମ୍ୟୁ. |
| ନୟାଗଡ଼ | ଭାଗବତ ବେହେରା | ଜନତା |
| ଖଣ୍ଡପଡ଼ା | ସତ୍ୟସୁନ୍ଦର ମିଶ୍ର | ସ୍ୱାଧୀନ |
| ଦଶପଲ୍ଲା | ହରିହର କରଣ | କଂଗ୍ରେସ |

| | | |
|---|---|---|
| ଜଗନ୍ନାଥ ପ୍ରସାଦ | ଉଦୟ ନାଥ ନାୟକ | ଜନତା |
| ଭଞ୍ଜନଗର | କାମି ସୁବାରାଓ ପୃଷ୍ଟି | ଜନତା |
| ସୋରୋଡା | ଅନନ୍ତ ନାରାୟଣ ସିଂହଦେଓ | ଜନତା |
| ଆସ୍କା | ହରିହର ସ୍ୱାଇଁ | ଜନତା |
| କବିସୂର୍ଯ୍ୟନଗର | ତାରିଣୀ ପଟ୍ଟନାୟକ | ଜନତା |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ଜନତା |
| ଖଲିକୋଟ | ଭି. ସୁଜ୍ଞାନ କୁମାରୀ ଦେଓ | ଜନତା |
| ଛତ୍ରପୁର | ବିଶ୍ୱନାଥ ସାହୁ | କମ୍ୟୁନିଷ୍ଟ |
| ହିଞ୍ଜିଳି | ବୃନ୍ଦାବନ ନାୟକ | କଂଗ୍ରେସ |
| ଗୋପାଳପୁର | ଘନଶ୍ୟାମ ବେହେରା | କଂଗ୍ରେସ |
| ବ୍ରହ୍ମପୁର | ରତ୍ନମଞ୍ଜରୀ ଦେବୀ | ସ୍ୱାଧୀନ |
| ଚିକିଟି | ଜଗନ୍ନାଥ ପତି | ଜନତା |
| ମୋହନା | ଉଦୟ ନାରାୟଣ ଦେବ | ସ୍ୱାଧୀନ |
| ରାମଗିରି | ଗୋରାସାଙ୍ଗ ଶବର | କଂଗ୍ରେସ |
| ପାରଳାଖେମୁଣ୍ଡି | ବିଜୟ କୁମାର ଜେନା | ସ୍ୱାଧୀନ |
| ଗୁଣୁପୁର | ଭାଗୀରଥି ଗମାଙ୍ଗ | କଂଗ୍ରେସ |
| ବିଷମକଟକ | ଡମ୍ବରୁଧର ଉଲାକା | କଂଗ୍ରେସ |
| ରାୟଗଡ଼ା | ଉଲାକା ରାମଚନ୍ଦ୍ର | କଂଗ୍ରେସ |
| ଲକ୍ଷ୍ମୀପୁର | ଅଖିଳ ସାଉଣ୍ଟା | ଜନତା |
| ପଟାଙ୍ଗୀ | ଜୟରାମ ପାଙ୍ଗୀ | ଜନତା |
| କୋରାପୁଟ | ହରିଶ୍ଚନ୍ଦ୍ର ବକ୍ସି ପାତ୍ର | ଜନତା |
| ମାଲକାନାଗିରି | ନାକା କାନାୟା | ଜନତା |
| ଚିତ୍ରକୋଣ୍ଡା | ପ୍ରହ୍ଲାଦ ଦୋରା | ଜନତା |
| କୋରାପୁଟ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ |
| ନବରଙ୍ଗପୁର | ହବିବୁଲା ଖାଁ | କଂଗ୍ରେସ |
| କୋଡ଼ିଙ୍ଗା | ସମ୍ବାରୁ ମାଝି | କଂଗ୍ରେସ |
| ଡାବୁଗାଁ | ଶ୍ୟାମଘନ ମାଝି | ଜନତା |
| ଉମରକୋଟ | ରବି ସିଂହ ମାଝି | ଜନତା |
| ନୂଆପଡ଼ା | ଘାସିରାମ ମାଝି | ଜନତା |
| ଖଡିଆଳ | କପିଳ ନାରାୟଣ ତିୱାରୀ | ସ୍ୱାଧୀନ |

| | | |
|---|---|---|
| ଧରମଗଡ | ଗଜାନନ ନାୟକ | କଂଗ୍ରେସ |
| କୋକସରା | ରାସବିହାରୀ ବେହେରା | କଂଗ୍ରେସ |
| ଜୁନାଗଡ | ମହେଶ୍ୱର ବରାଡ଼ | କଂଗ୍ରେସ |
| ଭବାନିପାଟଣା | ଦୟାନିଧି ନାୟକ | କଂଗ୍ରେସ |
| ନରଲା | ତେଜରାଜ ମାଝି | କଂଗ୍ରେସ |
| କେସିଙ୍ଗା | ନଗେନ୍ଦ୍ର ନାଥ ଚୌଧୁରୀ | ଜନତା ଦଳ |
| ବାଲିଗୁଡା | ସଦାନନ୍ଦ କଅଁର | ସ୍ୱାଧୀନ |
| ଜି. ଉଦୟଗିରି | ରଞ୍ଜିତ କୁମାର ପ୍ରଧାନ | ଜନତା ଦଳ |
| ଫୁଲବାଣୀ | ପ୍ରହ୍ଲାଦ ବେହେରା | ଜନତା ଦଳ |
| ବୌଦ୍ଧ | ନଟବର ପ୍ରଧାନ | ଜନତା ଦଳ |
| ଟିଟିଲାଗଡ | ଲଳିତ ମୋହନ ଗାନ୍ଧୀ | କଂଗ୍ରେସ |
| କଣ୍ଟାବାଞ୍ଜି | ପ୍ରସନ୍ନ କୁମାର ପାଲ | କଂଗ୍ରେସ |
| ପାଟନାଗଡ | ବିବେକାନନ୍ଦ ମେହେର | ଜନତା ଦଳ |
| ସଇଁତଲା | ସୁବାସ ଚନ୍ଦ୍ର ବାଗ | ଜନତା ଦଳ |
| ଲୁଇସିଙ୍ଗା | ରାମପ୍ରସାଦ ମିଶ୍ର | ଜନତା ଦଳ |
| ବଲାଙ୍ଗୀର | ମୁରଲୀଧର ଗୁରୁ | ଜନତା ଦଳ |
| ସୋନପୁର | ଦେବରାଜ ସେଠ | ଜନତା ଦଳ |
| ବିନିକା | ପରୀକ୍ଷିତ କରଣ | ସ୍ୱାଧୀନ |
| ବୀର ମହାରାଜପୁର | ସୁରେନ୍ଦ୍ର ପ୍ରଧାନ | ଜନତା ଦଳ |
| ଆଠମଲ୍ଲିକ | ବାଳକୃଷ୍ଣ ପଟ୍ଟନାୟକ | ଜନତା ଦଳ |
| ଅନୁଗୁଳ | ଅଦ୍ୱୈତ ପ୍ରସାଦ ସିଂହ | ଜନତା ଦଳ |
| ହିନ୍ଦୋଳ | ତ୍ରିନାଥ ନାୟକ | ଜନତା ଦଳ |
| ଢେଙ୍କାନାଳ | ନନ୍ଦିନୀ ଶତପଥୀ | ଜନତା ଦଳ |
| ଗଁଦିଆ | ହଳଧର ମିଶ୍ର | ଜନତା ଦଳ |
| କାମାକ୍ଷାନଗର | ପ୍ରସନ୍ନ କୁମାର ପଟ୍ଟନାୟକ | ଜନତା ଦଳ |
| ପାଲଲହଡା | ଧରଣୀଧର ପ୍ରଧାନ | ସ୍ୱାଧୀନ |
| ତାଳଚେର | ବୃନ୍ଦାବନ ବେହେରା | ଜନତା ଦଳ |
| ପଦ୍ମପୁର | ବୀର ବିକ୍ରମାଦିତ୍ୟ ସିଂହ ବରିହା | ଜନତା ଦଳ |
| ମେଲଛାମୁଣ୍ଡା | ବୀରେନ୍ଦ୍ର କୁମାର ସାହୁ | ଜନତା ଦଳ |
| ବିଜିପୁର | ନିତ୍ୟାନନ୍ଦ ଗଡତିଆ | ଜନତା ଦଳ |
| ଭଟ୍‌ଲି | ବିମ୍ବାଧର କୁଅଁର | ଜନତା ଦଳ |
| ବରଗଡ | ନବୀନ କୁମାର ପ୍ରଧାନ | ଜନତା ଦଳ |

| | | |
|---|---|---|
| ସମ୍ବଲପୁର | ହଂସ କେତନ ସାହୁ | ଜନତା ଦଳ |
| ବ୍ରଜରାଜନଗର | ଉପେନ୍ଦ୍ର ଦୀକ୍ଷିତ | କଂଗ୍ରେସ |
| ଝାରସୁଗୁଡା | ସୈରିନ୍ଦ୍ରୀ ନାୟକ | କଂଗ୍ରେସ |
| ଲାଇକେରା | ରାମେଶ୍ୱର ସିଂହନାୟକ | ଜନତା ଦଳ |
| କୁଚିଣ୍ଡା | ଜଗତେଶ୍ୱର ମିର୍ଦ୍ଧା | କଂଗ୍ରେସ |
| ରେଢ଼ାଖୋଲ | ବସନ୍ତ କୁମାର ମହାନନ୍ଦ | ଜନତା ଦଳ |
| ଦେବଗଡ | ଭାନୁଗଙ୍ଗ ତ୍ରିଭୁବନ ଦେଓ | ଜନତା ଦଳ |
| ସୁନ୍ଦରଗଡ | କିଶୋର ଚନ୍ଦ୍ର ପଟେଲ | କଂଗ୍ରେସ |
| ତଲସରା | ଇଗ୍ନେସ ମାଝି | ଜନତା ଦଳ |
| ରାଜଗାଙ୍ଗପୁର | ବ୍ରଜମୋହନ କିଶାନ | ଜନତା ଦଳ |
| ବୀରମିତ୍ରପୁର | ପ୍ରେମଚାନ୍ଦ ଭଗତ୍ | ଜନତା ଦଳ |
| ରାଉଲକେଲା | ବ୍ରଜକିଶୋର ମହାନ୍ତି | ଜନତା ଦଳ |
| ରଘୁନାଥ ପାଲି | ରବି ଦେହୁରି | ଜନତା ଦଳ |
| ବଣାଇ | ହେମନ୍ତ କୁମାର ସିଂହଦଣ୍ଡପାଟ | ଜନତା ଦଳ |
| ଚ-ୁଆ | ସହରାଇ ଓରାମ | ଜନତା ଦଳ |
| ପାଟନା | ମହେଶ୍ୱର ମାଝି | ଜନତା ଦଳ |
| କେନ୍ଦୁଝର | କୁମର ମାଝି | ଜନତା ଦଳ |
| ତେଲକୋଇ | ନୀଳାଦ୍ରି ନାଏକ | ଜନତା ଦଳ |
| ରାମଚନ୍ଦ୍ରପୁର | କ୍ଷୀରୋଦ ପ୍ରସାଦ ସ୍ୱାଇଁ | ଜନତା ଦଳ |
| ଆନନ୍ଦପୁର | ମକର ସେଠି | ଜନତା ଦଳ |

ଜନତା ବିଧାୟକ ଦଳର ନେତା ଭାବରେ ନୀଳମଣି ରାଉତରାୟ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ୧୯୭୭ ଜୁନ ୨୬ ତାରିଖ ଦିନ ଶପଥ ଗ୍ରହଣ କଲେ। ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏକ ପନ୍ଦର ଜଣିଆ ମନ୍ତ୍ରିମଣ୍ଡଳ ମଧ୍ୟ ସେହି ଦିନ ଶପଥ ଗ୍ରହଣ କଲେ। ଏହି ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ନ'ଜଣ କ୍ୟାବିନେଟ ଓ ଅନ୍ୟ ଛ'ଜଣ ରାଷ୍ଟ୍ରମନ୍ତ୍ରୀ ରହିଲେ। ଓଡ଼ିଶାର ରାଜ୍ୟପାଳ ହର ଚରଣ ସିଂହବ୍ରାର ଏହି ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଲେ। ସେହି ମନ୍ତ୍ରୀ ଓ ସେମାନଙ୍କର ବିଭାଗ ଗୁଡିକ ହେଲା:

## କ୍ୟାବିନେଟ ମନ୍ତ୍ରୀ :

**ନୀଳମଣି ରାଉତରାୟ** : ମୁଖ୍ୟମନ୍ତ୍ରୀ ଓ ପଲଟିକାଲ ଆଣ୍ଡ ସର୍ଭିସେସ୍, ଯୋଜନା ଓ ସମନ୍ୱୟ ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ



ହରଚରଣ ସିଂହ ବ୍ରାର




ନୀଳମଣି ରାଉତରାୟ

| | | |
|---|---|---|
| ପ୍ରତାପ ଚନ୍ଦ୍ର ମହାନ୍ତି | : | ରାଜସ୍ୱ, ଶକ୍ତି ଗୋଷ୍ଠୀ ଉନ୍ନୟନ ଓ ସମାଜ ସେବା, ଉଠାଜଳସେଚନ, ବାଣିଜ୍ୟ |
| ପ୍ରହ୍ଲାଦ ମଲ୍ଲିକ | : | କୃଷି ଓ ସମବାୟ, ଆଦିବାସୀ ଓ ଗ୍ରାମମଙ୍ଗଳ |
| ପ୍ରଦୀପ୍ତ କିଶୋର ଦାସ | : | ଶିକ୍ଷା ଓ ଯୁବମଙ୍ଗଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ଡକ୍ଟର ରାମପ୍ରସାଦ ମିଶ୍ର | : | ଅର୍ଥ, ପଶୁପାଳନ |
| ନଟବର ପ୍ରଧାନ | : | ପୂର୍ତ୍ତ, ଜଙ୍ଗଲ ଓ ମତ୍ସ୍ୟ ଏବଂ ପରିବହନ |
| ବିଶ୍ୱଭୂଷଣ ହରିଚନ୍ଦନ | : | ଖାଦ୍ୟ, ଯୋଗାଣ, ଆଇନ, ଶ୍ରମ, ନିଯୁକ୍ତି ଓ ସାଂସ୍କୃତିକ ବ୍ୟାପାର |
| ହରିଶ୍ଚନ୍ଦ୍ର ବକ୍ସିପାତ୍ର | : | ଶିଳ୍ପ, ଖଣି ଓ ଭୂତତ୍ତ୍ୱ, ଗ୍ରାମଉନ୍ନୟନ, ପର୍ଯ୍ୟଟନ |
| ଝସ କେତନ ସାହୁ | : | ସହରାଞ୍ଚଳ ଉନ୍ନୟନ, ଅବକାରୀ |

## ରାଷ୍ଟ୍ରମନ୍ତ୍ରୀ :

| | | |
|---|---|---|
| ବୀରଭଦ୍ର ସିଂହ | : | ଆଦିବାସୀ ଓ ଗ୍ରାମମଙ୍ଗଳ |
| ଘାସିରାମ ମାଝି | : | ସ୍ୱାସ୍ଥ୍ୟ ଓ ପଶୁପାଳନ |
| ଅଦ୍ୱୈତ ପ୍ରସାଦ ସିଂହ | : | ଗୋଷ୍ଠୀ ଉନ୍ନୟନ ଓ ସମାଜମଙ୍ଗଳ, ସମବାୟ, ଲୋକସଂପର୍କ |
| ସହରାଇ ଓରାମ | : | ଗ୍ରାମ ଉନ୍ନୟନ, ମତ୍ସ୍ୟ |
| ଇଗ୍ନେସ ମାଝି | : | ଆଇନ, ଶ୍ରମ, ନିଯୁକ୍ତି ଓ ଗୃହ ନିର୍ମାଣ |
| ହରିହର ସ୍ୱାଇଁ | : | ବାଣିଜ୍ୟ ଓ ପରିବହନ, ଜେଲ |

କଂଗ୍ରେସ ବିଧାୟକ ଦଳ ନେତା ଭାବରେ ଚିନ୍ତାମଣି ପାଣିଗ୍ରାହୀ ନିର୍ବାଚିତ ହୋଇ ବିରୋଧିଦଳର ନେତା ପଦ ଗ୍ରହଣ କଲେ। ସପ୍ତମ ବିଧାନସଭାର ଏହି ନବନିର୍ବାଚିତ ସଦସ୍ୟମାନେ ୧୯୭୭ ମସିହା ଜୁନ୍ ୨୯ ତାରିଖ ଦିନ ଶପଥ ଗ୍ରହଣ କଲେ। ସତ୍ୟପ୍ରିୟ ମହାନ୍ତି ଓ ସୁରେନ୍ଦ୍ର ନାଥ ନାୟକ ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ଭାବରେ ନିର୍ବାଚିତ ହେଲେ।



**ବାଚସ୍ପତି ସତ୍ୟପ୍ରିୟ ମହାନ୍ତି**

## ଜାତୀୟ କଂଗ୍ରେସର ବିଭାଜନଃ

୧୯୭୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱିତୀୟ ଥରପାଇଁ ବିଭାଜିତ ହେଲା। ଇନ୍ଦିରାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ଦଳ କଂଗ୍ରେସ (ଆଇ) ଭାବରେ ପରିଚିତ ହୋଇ 'ହାତ' ଚିହ୍ନ ନିର୍ବାଚନ ସଂକେତ ଲାଭ କଲା। ସଂଜୀବ ରେଡିଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ 'ଗାଈ-ବାଛୁରୀ' ଚିହ୍ନକୁ ନିର୍ବାଚନ ସଂକେତ ଭାବରେ ବଜାୟ ରଖିଲା। ଓଡ଼ିଶା ବିଧାନ ସଭାରେ ଥିବା ୨୬ଜଣ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୫ଜଣ କଂଗ୍ରେସ (ଆଇ) ଦଳକୁ ସମର୍ଥନ କରି କଂଗ୍ରେସ (ଆଇ)ର ବିଧାୟକ ଭାବରେ ପରିଚିତ ହେଲେ। ୨୦.୨.୧୯୭୮ ତାରିଖରେ ଏହି ଦଳର ନେତା ବୃନ୍ଦାବନ ନାୟକ ବିରୋଧୀ ଦଳର ନେତା ଭାବରେ ମାନ୍ୟତା ଲାଭ କଲେ। ଅନ୍ୟ ୧୧ଜଣ କଂଗ୍ରେସ ବିଧାୟକ କଂଗ୍ରେସ (ୟୁ)ର ବିଧାୟକ ଭାବରେ ପରିଚିତ ହେଲେ। କାରଣ ଦେବରାଜ ଅର୍ସ ଥିଲେ ଏହି କଂଗ୍ରେସ ଗୋଷ୍ଠୀର ସଭାପତି। ପରେ ଜାତୀୟ ସ୍ତରରେ କଂଗ୍ରେସ (ୟୁ) ଦଳ ପୂରାପୂରି ଜନତା ଦଳରେ ମିଶି ଯାଇଥିଲା, ଫଳରେ ଇନ୍ଦିରାଗାନ୍ଧୀଙ୍କ ପରିଚାଳିତ କଂଗ୍ରେସ (ଆଇ) ପ୍ରକୃତ ଜାତୀୟ କଂଗ୍ରେସ ଭାବରେ ସ୍ୱୀକୃତି ଲାଭ କଲା। ଏହି ଦଳକୁ ଗାଈ-ବାଛୁରୀ ନିର୍ବାଚନ ସଙ୍କେତ ମିଳିଲା। କିନ୍ତୁ ଦଳ ତାହାକୁ ଗ୍ରହଣ ନକରି ପୂର୍ବରୁ ପାଇଥିବା ସେହି 'ହାତ' ଚିହ୍ନକୁ ଦଳର ନିର୍ବାଚନ ସଙ୍କେତ ଭାବରେ ଗ୍ରହଣ କରିନେଲା। ଆଜିଯାଏଁ ବି 'ହାତ' ଚିହ୍ନ ଦଳର ନିର୍ବାଚନ ସଂକେତ ହୋଇ ରହିଛି।

## ଜନତା ଦଳର ବିଭାଜନ, ଦେଶାଇଙ୍କ ଇସ୍ତଫା :


ଚାରୋଟି ଅଣ-କଂଗ୍ରେସ ଓ ଅଣ କମ୍ୟୁନିଷ୍ଟ ଦଳର ସଭ୍ୟମାନଙ୍କୁ ନେଇ ଗଠିତ ଜନତା ଦଳରେ ବିଭିନ୍ନ ସମୟରେ ଆଭ୍ୟନ୍ତରୀଣ କନ୍ଦଳ ପରିଲକ୍ଷିତ ହେଲା। ତା'ଭିତରେ ଚରଣ ସିଂହଙ୍କର ଇଚ୍ଛା, କେମିତି ପ୍ରଧାନମନ୍ତ୍ରୀ ହେବେ! ଫଳରେ ସେ ଜନତା ଦଳର କେତେଜଣ

ସଦସ୍ୟଙ୍କ ସହାୟତାରେ ନିଜର ଆଶାକୁ ଚରିତାର୍ଥ କରିବାପାଇଁ ଲାଗିପଡିଲେ । ତାଙ୍କୁ ସହଯୋଗ କଲେ ରାଜନାରାୟଣ । ପ୍ରାୟତଃ ଚରଣ ସିଂହ ଓ ରାଜନାରାୟଣଙ୍କ ସରକାର ବିରୋଧୀ ବିବୃତିରେ ମୋରାରଜୀ ଦେଶାଇ ଅତିଷ୍ଠ ହୋଇ ପଡିଲେ । ଫଳରେ ସେ ଚରଣ ସିଂହ ଓ ରାଜନାରାୟଣଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରିଦେଲେ । ପୁଣି ଛ'ମାସ ପରେ ୧୯୭୯ ଜାନୁଆରି ମାସରେ ଚରଣ ସିଂହଙ୍କୁ କ୍ୟାବିନେଟକୁ ଫେରାଇ ଆଣି ସ୍ୱରାଷ୍ଟ୍ର ବିଭାଗ ବଦଳରେ ଅର୍ଥ ବିଭାଗ ଦାୟିତ୍ୱରେ ରଖିଲେ । କିନ୍ତୁ ରାଜନାରାୟଣଙ୍କୁ କ୍ୟାବିନେଟରେ ଆଉ ଗ୍ରହଣ କଲେ ନାହିଁ । ଫଳରେ ରାଜନାରାୟଣ ଜନତା (ଏସ୍) ନାମରେ ଏକ ନୂଆ ଦଳ ଗଠନ କଲେ । ଏହି ଦଳରେ ଓଡ଼ିଶାର ରବି ରାୟ ଓ ବିଜୁ ପଟ୍ଟନାୟକଙ୍କ ସମେତ ଚରଣ ସିଂହ ଓ ବହୁ ଗୁଣା ଆଦି ନେତାମାନେ ଯୋଗଦାନ କଲେ । ମନ୍ତ୍ରିମଣ୍ଡଳର ପତନ ନିଶ୍ଚିତ ଜାଣି ମୋରାରଜୀ ଦେଶାଇ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ଇସ୍ତଫା ଗ୍ରହଣ କରିନେଲେ । ବିକଳ୍ପ ସରକାର ଗଠନ କରିବାପାଇଁ ରାଷ୍ଟ୍ରପତି ବିରୋଧୀ ଦଳର ନେତା ଓ୍ୱାଇ.ଭି.ଚୌହାନଙ୍କୁ ନିମନ୍ତ୍ରଣ କଲେ । କିନ୍ତୁ ଚୌହାନ ଅକ୍ଷମତା ପ୍ରକାଶ କରିବାରୁ ରାଷ୍ଟ୍ରପତି ଚୌଧୁରୀ ଚରଣ ସିଂହଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବା ନିମନ୍ତେ ସୁଯୋଗ ପ୍ରଦାନ କଲେ । ଚୌଧୁରୀ ଚରଣ ସିଂହ କଂଗ୍ରେସ ଦଳର ସମର୍ଥନରେ ୧୯୭୯ ମସିହା ଜୁଲାଇ ୨୮ ତାରିଖରେ କେନ୍ଦ୍ରରେ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ଏହି ମନ୍ତ୍ରିମଣ୍ଡଳରେ ଓଡ଼ିଶାର ବିଜୁ ପଟ୍ଟନାୟକ ଓ ରବି ରାୟ ମଧ୍ୟ ମନ୍ତ୍ରୀ ଭାବରେ ସ୍ଥାନ ପାଇଲେ ।

ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ଚରଣ ସିଂହ ଏକମାସ ଭିତରେ ଲୋକସଭାରେ ଆସ୍ଥା ପ୍ରକଟ କରିବା ପୂର୍ବରୁ କଂଗ୍ରେସ ଦଳ ତାଙ୍କ ମନ୍ତ୍ରିମଣ୍ଡଳରୁ ସମର୍ଥନ ପ୍ରତ୍ୟାହାର କରି ନେଲେ । ଫଳରେ ଚରଣ ସିଂହ ପ୍ରଧାନମନ୍ତ୍ରୀ ଭାବରେ ପାର୍ଲିଆମେଣ୍ଟରେ ବସିପାରିଲେ ନାହିଁ । ତାଙ୍କ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା । ମାତ୍ର ୨୨ଦିନ ପ୍ରଧାନମନ୍ତ୍ରୀ ପଦବୀରେ ସେ ରହିଥିଲେ । ଏହା ପରେ ୧୯୭୯ ମସିହା ଅଗଷ୍ଟ ୨୦ ତାରିଖ ଦିନ ଦେଶରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

## ଓଡ଼ିଶା ଜନତା ଦଳରେ ବିଭାଜନ :

ଓଡ଼ିଶାରେ ଜନତା ଦଳ ଦୁଇ ଭାଗରେ ବିଭାଜିତ ହୋଇଗଲା । ଜନତା ବିଧାୟକ ଦଳର ୧୧୦ଜଣ ସଭ୍ୟଙ୍କ ମଧ୍ୟରୁ ୨୮ଜଣ ସଦସ୍ୟ ପ୍ରହ୍ଲାଦ ମଲ୍ଲିକଙ୍କ ନେତୃତ୍ୱରେ ବାହାରି ଆସି ଜନତା ଦଳ (ଓ) ନାମରେ ପରିଚିତ ହେଲେ । ଅନ୍ୟ ବିଧାୟକ ଦଳର ସଭ୍ୟମାନେ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ପରିଚାଳିତ ହୋଇ ଜନତା ଦଳର ବିଧାୟକ ଭାବରେ ବିବେଚିତ ହେଲେ । ସେମାନଙ୍କ ସଂଖ୍ୟା ହୋଇଗଲା ୮୨ । ଜନତା ଦଳ ବିଭାଜନ ପରେ ମନ୍ତ୍ରିମଣ୍ଡଳପାଇଁ କୌଣସି ବିପଦ ଦେଖାଗଲା ନାହିଁ । ଏହି ବିଭାଜନ ପରେ ୨୮ଜଣିଆ ଜନତା (ଓ) ବିଧାୟକ ଦଳର ନେତା ପ୍ରହ୍ଲାଦ ମଲ୍ଲିକ ୧୯୭୯ ମସିହା ସେପ୍ଟେମ୍ବର ତିନି ତାରିଖ ଦିନ ବିରୋଧୀ ଦଳ ନେତା ଭାବରେ ସ୍ୱୀକୃତି ଲାଭ କଲେ ।



ବାଚସ୍ପତି ରବି ରାୟ



ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ

## ରାଉତରାୟ ମନ୍ତ୍ରିମଣ୍ଡଳ ସଂପ୍ରସାରିତ :

କୌଣସି କାରଣରୁ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମନ୍ତ୍ରିମଣ୍ଡଳରୁ ନିଲମ୍ବିତ କରାଗଲା । ସେହିପରି ପ୍ରହ୍ଲାଦ ମଲ୍ଲିକ ଦଳରୁ ବାହାରି ଯାଇ ନୂତନ ଜନତା ଦଳ (ଓ)ର ନେତୃତ୍ୱ ନେବାରୁ ସେ ମଧ୍ୟ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ ହେଲେ । ମନ୍ତ୍ରୀ ପ୍ରଦୀପ୍ତ କିଶୋର ଦାସ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । ଫଳରେ ତିନୋଟି କ୍ୟାବିନେଟ ମନ୍ତ୍ରୀ ପଦ ଖାଲି ପଡିଲା । ଏଣୁ ମୁଖ୍ୟମନ୍ତ୍ରୀ ୧୯୭୯ ମସିହା ଅକ୍ଟୋବର ୨୫ତାରିଖ ଦିନ ତାଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କଲେ । ଏହି ମନ୍ତ୍ରିମଣ୍ଡଳରେ ସେ ଚାରିଜଣ ନୂଆ କ୍ୟାବିନେଟ ମନ୍ତ୍ରୀ ନେଲେ । ସେମାନେ ହେଲେ ବୃନ୍ଦାବନ ନାୟକ, ଶରତ କୁମାର ଦେବ, ବେଦ ପ୍ରକାଶ ଅଗ୍ରୱାଲା ଓ ଜଗନ୍ନାଥ ମଲ୍ଲିକ । ଏହା ବ୍ୟତୀତ ଦୁଇ ଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ କ୍ୟାବିନେଟ ପାହ୍ୟାକୁ ଉନ୍ନୀତ କଲେ । ସେମାନେ ହେଲେ ଅଦ୍ୱୈତ ପ୍ରସାଦ ସିଂହ ଓ ଘାସିରାମ ମାଝି । ଫଳରେ କ୍ୟାବିନେଟ ମନ୍ତ୍ରୀମାନଙ୍କ ସଂଖ୍ୟା ହେଲା ବାର ।

ଏହି ସଂପ୍ରସାରଣରେ ମନ୍ତ୍ରିମଣ୍ଡଳରେ ନୂଆକରି ନ'ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତ ରାୟ ଗ୍ରହଣ କଲେ । ସେମାନେ ହେଲେ, ରବି ସିଂହ ମାଝି, ଡାକ୍ତର ଦାମୋଦର ରାଉତ, କାଳିନ୍ଦୀ ଚରଣ ବେହେରା, ମହେଶ୍ୱର ବାଗ, ପ୍ରେମଚାନ୍ଦ ଭଗତ, ମୁରଲୀଧର ଗୁରୁ, ନବୀନ କୁମାର ପ୍ରଧାନ, ଶ୍ରୀକାନ୍ତ କୁମାର ଜେନା ଓ ରଘୁନାଥ ହେମ୍ବ୍ରମ । ଫଳରେ ରାଷ୍ଟ୍ରମନ୍ତ୍ରୀମାନଙ୍କର ସଂଖ୍ୟା ହେଲା ତେର । ସମୁଦାୟ କ୍ୟାବିନେଟରେ ରହିଲେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ପଚିଶଜଣ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ ।

## ୧୯୮୦ ସପ୍ତମ ଲୋକସଭା ନିର୍ବାଚନଃ

ଜାତୀୟ ସ୍ତରରେ ଜନତାଦଳ ବିଭାଜିତ ଥିବା ଅବସ୍ଥାରେ ଜାନୁଆରି ପ୍ରଥମ ସପ୍ତାହରେ ଦେଶରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବାପାଇଁ ଘୋଷଣା ହେଲା । ଫଳରେ ଜନତା ପାର୍ଟିରେ ଥିବା ପୂର୍ବତନ ଜନସଂଘ ଦଳର ସଭ୍ୟମାନେ ଅଲଗା ହୋଇଯାଇ ଭାରତୀୟ ଜନତା ପାର୍ଟି (ବିଜେପି) ନାମରେ ନୂତନ ରାଜନୈତିକ ଦଳ ଗଠନ କଲେ । ଅନ୍ୟମାନେ ଏକାଠି ହୋଇ (ଅଣ କଂଗ୍ରେସ ଓ ଅଣ କମ୍ୟୁନିଷ୍ଟଙ୍କ ବ୍ୟତୀତ) 'ଲୋକଦଳ' ନାମରେ ଅନ୍ୟ ଏକ ରାଜନୈତିକ ଦଳ ଗଠନ କଲେ । ଭାରତୀୟ ଜନତା ପାର୍ଟିର ନିର୍ବାଚନ ସଂକେତ ହେଲା ପଦ୍ମଫୁଲ ଓ ଲୋକଦଳର ନିର୍ବାଚନ ସଂକେତ ହେଲା 'ମହିଳା' । ଚରଣ ସିଂହଙ୍କ ନେତୃତ୍ୱରେ ଗଠିତ ଜନତା ଦଳକୁ ଜନତା (ଏସ) ବୋଲି କୁହାଯାଉଥିଲା । ଏହି ଜନତା ଦଳକୁ ଲୋକଦଳ ନାମରେ ନାମିତ କରିବାପାଇଁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରାଯାଇଥିଲା ।  ହେଲେ ଏଥିରେ କମିଶନର ରାଜି ହୋଇନଥିଲେ । ଫଳରେ ଲୋକଦଳ ପ୍ରାର୍ଥୀମାନେ ଜନତା (ଏସ)ର ନିର୍ବାଚନ ସଂକେତ 'ମହିଳା' ଚିହ୍ନରେ ନିର୍ବାଚନ ଲଢ଼ିଥିଲେ ।

ଓଡ଼ିଶାର ସପ୍ତମ ଲୋକସଭା ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ (ଇ) ୨୧ଟି ଆସନରୁ ୨୦ଟି ଆସନ ଲାଭ କଲା । କେବଳ କେନ୍ଦ୍ରାପଡା ଲୋକସଭା ଆସନରୁ ଲୋକଦଳ ପ୍ରାର୍ଥୀ ବିଜୁ ପଟ୍ଟନାୟକ ନିର୍ବାଚିତ ହୋଇ ଆସିଲେ । ଓଡ଼ିଶାରୁ ନିର୍ବାଚିତ ହୋଇଥିବା ଲୋକସଭା ସଦସ୍ୟମାନେ ହେଲେ

## ସପ୍ତମ ଲୋକସଭା ସଦସ୍ୟ (୧୯୮୦) :

| | | |
|---|---|---|
| ମୟୂରଭଞ୍ଜ | ମନମୋହନ ଟୁଡୁ | କଂଗ୍ରେସ(ଇ) |
| ବାଲେଶ୍ୱର | ଚିନ୍ତାମଣି ଜେନା | କଂଗ୍ରେସ(ଇ) |
| ଭଦ୍ରକ | ଅର୍ଜୁନ ସେଠି | କଂଗ୍ରେସ(ଇ) |
| ଯାଜପୁର | ଅନାଦି ଚରଣ ଦାସ | କଂଗ୍ରେସ(ଇ) |
| କେନ୍ଦ୍ରାପଡା | ବିଜୟାନନ୍ଦ ପଟ୍ଟନାୟକ | ଲୋକଦଳ |
| କଟକ | ଜାନକୀ ବଲ୍ଲଭ ପଟ୍ଟନାୟକ | କଂଗ୍ରେସ(ଇ) |
| ଜଗତସିଂହପୁର | ଲକ୍ଷ୍ମଣ ମଳିକ | କଂଗ୍ରେସ(ଇ) |
| ପୁରୀ | ବ୍ରଜମୋହନ ମହାନ୍ତି | କଂଗ୍ରେସ(ଇ) |
| ଭୁବନେଶ୍ୱର | ଚିନ୍ତାମଣି ପାଣିଗ୍ରାହୀ | କଂଗ୍ରେସ(ଇ) |
| ଆସ୍କା | ରାମଚନ୍ଦ୍ର ରଥ | କଂଗ୍ରେସ(ଇ) |
| ବ୍ରହ୍ମପୁର | ଆର ଜଗନ୍ନାଥ ରାଓ | କଂଗ୍ରେସ(ଇ) |
| କୋରାପୁଟ | ଗିରିଧାରୀ ଗମାଙ୍ଗ | କଂଗ୍ରେସ(ଇ) |

| | | |
|---|---|---|
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ(ଇ) |
| କଳାହାଣ୍ଡି | ରାସବିହାରୀ ବେହେରା | କଂଗ୍ରେସ(ଇ) |
| ଫୁଲବାଣୀ | ମୃତ୍ୟୁଞ୍ଜୟ ନାୟକ | କଂଗ୍ରେସ(ଇ) |
| ବଲାଙ୍ଗୀର | ନିତ୍ୟାନନ୍ଦ ମିଶ୍ର | କଂଗ୍ରେସ(ଇ) |
| ସମ୍ବଲପୁର | ଡାକ୍ତର କୃପାସିନ୍ଧୁ ଭୋଇ | କଂଗ୍ରେସ(ଇ) |
| ଦେବଗଡ | ନାରାୟଣ ସାହୁ | କଂଗ୍ରେସ(ଇ) |
| ଢେଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ(ଇ) |
| ସୁନ୍ଦରଗଡ଼ | ଖ୍ରୀଷ୍ଟଫୋର ଏକ୍କା | କଂଗ୍ରେସ(ଇ) |
| କେନ୍ଦୁଝର | ହରିହର ସୋରେନ | କଂଗ୍ରେସ(ଇ) |

ଜାନକୀ ବାବୁ କଟକ ଆସନରୁ ଇସ୍ତଫା ଦେବା ପରେ ଉପନିର୍ବାଚନରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ କଂଗ୍ରେସ (ଇ) ପ୍ରାର୍ଥୀ ଭାବରେ ଜୟଯୁକ୍ତ ହୋଇଥିଲେ। ଜାନକୀ ବାବୁ କାହିଁକି ଏହି ଲୋକସଭା ଆସନରୁ ଇସ୍ତଫା ଦେଇଥିଲେ, ସେ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯିବ।

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଜାନକୀବଲ୍ଲଭ ପଟ୍ଟନାୟକ :

ଜାନକୀବାବୁ ୧୯୮୦ ମସିହା ସପ୍ତମ ଲୋକସଭା ନିର୍ବାଚନରେ କଟକ ଲୋକସଭା ଆସନରୁ କଂଗ୍ରେସ (ଇ) ପ୍ରାର୍ଥୀ ଭାବରେ ବିପୁଳ ଭୋଟରେ ବିଜୟ ଲାଭ କରି ଇନ୍ଦିରାଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ପର୍ଯ୍ୟଟନ, ବେସାମରିକ ବିମାନଚଳ ଓ ଶ୍ରମ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ପଦଲାଭ କଲେ। ଏହିସବୁ ମନ୍ତ୍ରଣାଳୟରେ ଅଳ୍ପ ଦିନ ସେ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରି ଉଚ୍ଚ ପ୍ରଶଂସିତ ହୋଇ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟତର ହୋଇଗଲେ।

## ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳ ବରଖାସ୍ତ :

ପୂର୍ବରୁ ୧୯୭୭ ମସିହା ଲୋକସଭା ନିର୍ବାଚନରେ ଜନତାଦଳର ବିପୁଳ ବିଜୟ ଘଟିଥିଲା। ଫଳରେ କେନ୍ଦ୍ରରେ ଜନତା ଦଳ ସରକାର ଗଠିତ ହୋଇଥିଲା। ଏହି କେନ୍ଦ୍ର ସରକାର ସେହି ସମୟରେ ଓଡ଼ିଶା ସମେତ ନ'ଟି ରାଜ୍ୟର କଂଗ୍ରେସ ସରକାରକୁ ବରଖାସ୍ତ କରିଦେଇଥିଲେ। ଯାହା ଫଳରେ କି ଓଡ଼ିଶାର ତତ୍କାଳୀନ ବିନାୟକ ଆଚାର୍ଯ୍ୟଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳର ପତନ ଘଟିଥିଲା। ଓଡ଼ିଶା ସମେତ ଏହି ନ'ଟି ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୮୦ ମସିହା ଲୋକସଭା ନିର୍ବାଚନରେ କଂଗ୍ରେସ (ଇ) ଦଳର ବିପୁଳ ବିଜୟ ଘଟିଲା। କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ନୂତନ ସରକାର ଗଠନ କରାଗଲା। ଫଳରେ ସେହି ନଜିର ଦେଖାଇ ଏହି ସରକାର ବିଭିନ୍ନ ରାଜ୍ୟରେ ଥିବା ଅଣକଂଗ୍ରେସ ସରକାରଗୁଡ଼ିକୁ ଭାଙ୍ଗିଦେବା ପାଇଁ ନିଷ୍ପତ୍ତି ଗ୍ରହଣ

କଲେ । ଫଳରେ ୧୯୮୦ ମସିହା ଫେବ୍ରୁଆରି ୧୭ତାରିଖରେ ଓଡ଼ିଶାର ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରାଯାଇ ବିଧାନସଭାକୁ ଭାଙ୍ଗି ଦିଆଗଲା । ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

ଏହାର ମାତ୍ର ଅଳ୍ପଦିନ ପୂର୍ବରୁ ଓଡ଼ିଶାର ଶାସନ କ୍ଷମତାରେ ଥିବା ଜନତାଦଳ ୧୯୮୦ ମସିହା ଫେବ୍ରୁଆରି ମାସ ୧୩ ତାରିଖରେ ଲୋକଦଳ ଭାବରେ ନାମିତ ହୋଇଯାଇଥିଲା । ଫଳରେ ଜନତା (ଓ) ଦଳର ବିଧାୟକମାନେ ସେହିଦିନ ଅନନ୍ତ ନାରାୟଣ ସିଂହଦେଓଙ୍କୁ ଦଳର ନେତା ଭାବରେ ଘୋଷଣା କଲେ ଓ ସିଂହଦେଓ ହେଲେ ପ୍ରହ୍ଲାଦ ମଲ୍ଲିକଙ୍କ ସ୍ଥାନରେ ବିରୋଧୀ ଦଳର ନେତା ।

ଏହି ସପ୍ତମ ବିଧାନ ସଭାର ମୋଟ ସାତଗୋଟି ଅଧିବେଶନ ବସି ୧୨୧ଟି ବୈଠକ ଅନୁଷ୍ଠିତ ହୋଇଥିଲା ।

## ଏହି ବିଧାନସଭା କାଳରେ କେତେକ ଉଲ୍ଲେଖନୀୟ ଘଟଣା :

ଭାରତୀୟ ଜାତୀୟ କଂଗ୍ରେସ ଓ ଜନତା ଦଳର ଦୁଇ ଦୁଇଥର ବିଭାଜନ ପରେ ଓଡ଼ିଶା ବିଧାନସଭାରେ ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ବିରୋଧୀ ଦଳ ନେତା ପଦବୀରେ ବିଭିନ୍ନ ସମୟରେ ଦେଖିବାକୁ ମିଳିଥିଲା । ସେମାନେ ହେଲେ ଚିନ୍ତାମଣି ପାଣିଗ୍ରାହୀ, ବୃନ୍ଦାବନ ନାୟକ, ପ୍ରହ୍ଲାଦ ମଲ୍ଲିକ ଓ ଅନନ୍ତ ନାରାୟଣ ସିଂହଦେଓ ।

ନୀଳମଣି ରାଉତରାୟଙ୍କର ମନ୍ତ୍ରିମଣ୍ଡଳ ୧୯୭୭ ମସିହାରେ ଶପଥ ଗ୍ରହଣ କରିବା ପରେ ଜଗନ୍ନାଥଙ୍କ ରଥଯାତ୍ରାରେ ବିଭ୍ରାଟ ଦେଖା ଦେଇଥିଲା । ୧୯୭୭ ମସିହାରେ ଜଗନ୍ନାଥଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହେଲା । ହେଲେ ନିର୍ଦ୍ଦିଷ୍ଟ ସମୟରେ ଠାକୁରମାନଙ୍କ ନୀତିକାନ୍ତି ସଂପନ୍ନ ହୋଇପାରିଲା ନାହିଁ । ଫଳରେ ଶ୍ରୀଗୁଣ୍ଡିଚା ତିଥିରେ ରଥ ଟଣା ସମ୍ଭବ ହୋଇପାରିଲା ନାହିଁ । କେବଳ ବିଧି ରକ୍ଷା ନିମନ୍ତେ ବଡଠାକୁରଙ୍କ ରଥକୁ ମାତ୍ର କେତେ ହାତ ଟାଣି ନିଆଗଲା । ତହିଁ ପରଦିନ ରଥଟଣା ମଧ୍ୟ ଠିକ୍ ଭାବରେ ସଂପନ୍ନ ହୋଇ ପାରିଲା ନାହିଁ । ରଥ ଟଣା ସମୟରେ ବଡ ଠାକୁରଙ୍କ ରଥ ବିଜୁଳି ଖୁଣ୍ଟରେ ମାଡ ହୋଇଗଲା । ଫଳରେ ବଡ ଠାକୁରଙ୍କ ରଥର ଗୋଟିଏ ଚକ ଭାଙ୍ଗିଗଲା । ଏହିପରି ଏକ ଅଶୋଭନୀୟ ଘଟଣା ଯୋଗୁ ରାଜ୍ୟବାସୀ ଗଭୀର ଅନୁତାପ କଲେ । ଫଳରେ ସରକାର ଏହି ଘଟଣାର ତଦନ୍ତ ନିମନ୍ତେ ଅବସର ପ୍ରାପ୍ତ ବିଚାରପତି ବାଳକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ବସାଇଲେ ।

+++

## ଦ୍ୱାବିଂଶ ପରିଚ୍ଛେଦ

# ଓଡ଼ିଶାରେ ସ୍ଥାୟୀ ସରକାର ଓ ମୁଖ୍ୟମନ୍ତ୍ରୀ ଆସନରେ ଜାନକୀବଲ୍ଲଭ ପଟ୍ଟନାୟକ

ଓଡ଼ିଶାର ଅଷ୍ଟମ ବିଧାନସଭା ନିମନ୍ତେ ୧୯୮୦ ମସିହା ମେ ମାସ ୩୧ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ୧୪୭ଟି ଆସନପାଇଁ କଂଗ୍ରେସ ଦଳର ୧୪୭ଜଣ, ଜନତା (ଏସ୍)ର ୧୧୧ଜଣ, କଂଗ୍ରେସ (ଅର୍ସ)ର ୯୭ଜଣ, ଜନତା(ଜେପି)ଦଳର ୨୯ଜଣ, ଭାରତୀୟ ଜନତା ପାର୍ଟିର ୨୯ଜଣ, କମ୍ୟୁନିଷ୍ଟ ଦଳର ୨୭ଜଣ, ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳର ୧୪ଜଣ, ଫରଓ୍ୱାର୍ଡ଼ ବ୍ଲକର ୫ଜଣ, ଝାଡ଼ଖଣ୍ଡ ଦଳର ୧୯ଜଣ, ସୋସାଲିଷ୍ଟ ୟୁନିଟ୍ ସେଣ୍ଟରର ୮ଜଣ, ରାଜନାରାୟଣ ଜନତା ଦଳର ୨ଜଣ ଓ ୨୪୧ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ।

ନିର୍ବାଚନ ଚାଲିଥିବା ସମୟରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନୀଳମଣି ସେଠିଙ୍କର ପରଲୋକ ଘଟିବାରୁ ସେଠାରେ ନିର୍ବାଚନ ସ୍ଥଗିତ ରହିଲା । ନିର୍ବାଚନ ଅନୁଷ୍ଠିତ ହୋଇଥିବା ୧୪୬ଟି ଆସନରୁ କଂଗ୍ରେସ ୧୧୭, ଜନତା (ଏସ୍) (ଚରଣ ସିଂହ)-୧୩, ଜନତା (ଜେପି)-୩, କମ୍ୟୁନିଷ୍ଟ -୪, ଭାରତୀୟ ଜାତୀୟ କଂଗ୍ରେସ (ୟୁ)-୨ ଓ ସ୍ୱାଧୀନ ପ୍ରାର୍ଥୀମାନେ ୭ଟି ଆସନ ହାସଲ କଲେ । ଏହି ବିଧାନ ସଭାକୁ ପାଞ୍ଚଜଣ ମହିଳା ପ୍ରତିନିଧି ନିର୍ବାଚିତ ହୋଇ ଆସିଲେ । ସେମାନେ ହେଲେ ପଟ୍ଟାଙ୍ଗୀରୁ ଶ୍ରୀମତୀ ଚନ୍ଦ୍ରମା ସାନ୍ତା (କଂ.ଇ), ଡାବୁଗାଁରୁ ଶ୍ରୀମତୀ ଫୁଲମଣି ସାନ୍ତା (କଂ.ଇ), ଉମରକୋଟରୁ ଶ୍ରୀମତୀ ପରମା ପୂଜାରୀ (କଂ.ଇ), କୁଳିଅଣାରୁ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍ (କଂ.ଇ) ଓ ଢ଼େଙ୍କାନାଳରୁ ଶ୍ରୀମତୀ ନନ୍ଦିନୀ ଶତପଥୀ (କଂ.ଅ) ।



ଚନ୍ଦ୍ରମା ସାନ୍ତା



ଫୁଲମଣି ସାନ୍ତା



ପରମା ପୂଜାରୀ



ସରସ୍ୱତୀ ହେମ୍ବ୍ରମ୍

ଅଷ୍ଟମ ବିଧାନସଭା ୧୯୮୦ ଜୁନ୍ ୯ ତାରିଖ ଦିନ ଗଠିତ ହେଲା। ବିଧାନସଭାର ନବନିର୍ବାଚିତ ସଦସ୍ୟମାନେ ଜୁନ୍ ୧୧ ଓ ୧୨ ତାରିଖରେ ଶପଥ ଗ୍ରହଣ କଲେ। ବରିଷ୍ଠ ବିଧାୟକ ପ୍ରସନ୍ନ କୁମାର ଦାସ ଅସ୍ଥାୟୀ ବାଚସ୍ପତି ଭାବରେ ବିଧାୟକମାନଙ୍କୁ ଶପଥ ପାଠ କରାଇଲେ।

## ଅଷ୍ଟମ ବିଧାନସଭା ସଦସ୍ୟ (୧୯୮୦) :

| | | |
|---|---|---|
| କରଂଜିଆ | ରଘୁନାଥ ହେମ୍ବ୍ରମ୍ | ଜନତା (ଏସ୍) |
| ଯଶୀପୁର | ସୁନ୍ଦର ମୋହନ ମାଝି | କଂଗ୍ରେସ(ଇ) |
| ବାହଲଦା | ରାମଚନ୍ଦ୍ର ହାଂସଦା | କଂଗ୍ରେସ(ଇ) |
| ରାଇରଙ୍ଗପୁର | ସିଦ୍ଧଲାଲ ମୁର୍ମୁ | କଂଗ୍ରେସ(ଇ) |
| ବାଙ୍ଗିରିପୋଷି | କାନଗୋଇ ସିଂହ | କଂଗ୍ରେସ(ଇ) |
| କୁଳିଅଣା | ସରସ୍ୱତୀ ହେମ୍ବ୍ରମ୍ | କଂଗ୍ରେସ(ଇ) |
| ବାରିପଦା | ପ୍ରସନ୍ନ କୁମାର ଦାସ | କଂଗ୍ରେସ(ଇ) |
| ବଇସିଙ୍ଗା | କୁଆଁରିଆ ମାଝି | କଂଗ୍ରେସ(ଇ) |
| ଖୁଣ୍ଟା | ରମେଶ ସୋରେନ୍ | କଂଗ୍ରେସ(ଇ) |
| ଉଦଳା | ରାବଣେଶ୍ୱର ମଢ଼େଇ | କଂଗ୍ରେସ(ଇ) |
| ଭୋଗରାଇ | କାର୍ତ୍ତିକେଶ୍ୱର ପାତ୍ର | କଂଗ୍ରେସ(ଇ) |
| ଜଳେଶ୍ୱର | ଗଦାଧର ଗିରି | (ଜନତା.ଜେପି) |
| ବସ୍ତା | ଭୂପାଳ ଚନ୍ଦ୍ର ମହାପାତ୍ର | କଂଗ୍ରେସ(ଇ) |
| ବାଲେଶ୍ୱର | ଅରୁଣ ଦେ | କମ୍ୟୁନିଷ୍ଟ |
| ସୋରୋ | ପୀତାମ୍ବର ପଣ୍ଡା | କମ୍ୟୁନିଷ୍ଟ |
| ସିମୁଳିଆ | ପର୍ଶୁରାମ ପାଣିଗ୍ରାହୀ | (ଜନତା ଜେ.ପି) |
| ନୀଳଗିରି | ଅକ୍ଷୟ କୁମାର ଆଚାର୍ଯ୍ୟ | କଂଗ୍ରେସ(ଇ) |
| ଭଣ୍ଡାରିପୋଖରୀ | ପୁରୁଷୋତ୍ତମ ସେଠି | କଂଗ୍ରେସ(ଇ) |
| ଭଦ୍ରକ | ଯୁଗଳ କିଶୋର ପଟ୍ଟନାୟକ | କଂଗ୍ରେସ(ଇ) |
| ଧାମନଗର | ଜଗନ୍ନାଥ ରାଉତ | କଂଗ୍ରେସ(ଇ) |
| ଚାନ୍ଦବାଲି | ନେତ୍ରାନନ୍ଦ ମଲ୍ଲିକ | କଂଗ୍ରେସ(ଇ) |
| ବାସୁଦେବପୁର | ଜଗବଂଧୁ ଦାସ | କଂଗ୍ରେସ(ଇ) |
| ସୁକିନ୍ଦା | ଶରତ ରାଉତ | କଂଗ୍ରେସ(ଇ) |
| କୋରେଇ | ଅଶୋକ କୁମାର ଦାସ | ଜନତା (ଏସ୍) |
| ଯାଜପୁର | ନିରଞ୍ଜନ ଜେନା | କଂଗ୍ରେସ(ଇ) |
| ଧର୍ମଶାଳା | କାଙ୍ଗାଳୀ ଚରଣ ପଣ୍ଡା | ସ୍ୱାଧୀନ |
| ବଡ଼ଚଣା | ସୀତାକାନ୍ତ ମହାପାତ୍ର | କଂଗ୍ରେସ(ଇ) |
| ବରି ଡେରାବିଶି | ଶ୍ରୀକାନ୍ତ କୁମାର ଜେନା | (ଜନତା-ଏସ) |

| | | |
|---|---|---|
| ବିଂଝାରପୁର | ନବକିଶୋର ମଲ୍ଲିକ | କଂଗ୍ରେସ(ଇ) |
| ଆଳି | ଶରତ କୁମାର ଦେବ | ଜନତା (ଏସ୍) |
| ପଟ୍ଟାମୁଣ୍ଡାଇ | ବିଶ୍ୱନାଥ ମଲ୍ଲିକ | କଂଗ୍ରେସ(ଇ) |
| ରାଜନଗର | ନଳିନୀକାନ୍ତ ମହାନ୍ତି | ଜନତା (ଏସ୍) |
| କେନ୍ଦ୍ରାପଡ଼ା | ଇନ୍ଦ୍ରମଣି ରାଉତ | କଂଗ୍ରେସ(ଇ) |
| ପାଟକୁରା | ବିଜୁ ପଟ୍ଟନାୟକ | ଜନତା (ଏସ୍) |
| ତିର୍ତ୍ତୋଲ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ(ଇ) |
| ଏରସମା | ଦାମୋଦର ରାଉତ | ଜନତା (ଏସ୍) |
| ବାଲିକୁଦା | ବାସୁଦେବ ମହାପାତ୍ର | କଂଗ୍ରେସ(ଇ) |
| ଜଗତସିଂହପୁର | କୃଷ୍ଣଚନ୍ଦ୍ର ମଲ୍ଲିକ | କଂଗ୍ରେସ(ଇ) |
| କିଶନନଗର | ସୁରେନ୍ଦ୍ରନାଥ ପଟ୍ଟନାୟକ | ସ୍ୱାଧୀନ |
| ମାହାଙ୍ଗା | ସେଖ୍ ମତଲୁବ ଅଲ୍ଲି | କଂଗ୍ରେସ(ଇ) |
| ସାଲେପୁର | ମାୟାଧର ସେଠି | କଂଗ୍ରେସ(ଇ) |
| ଗୋବିନ୍ଦପୁର | ଅନ୍ତର୍ଯ୍ୟାମୀ ପ୍ରଧାନ | ଜନତା (ଏସ୍) |
| କଟକ ସଦର | ଦୋଳଗୋବିନ୍ଦ ପ୍ରଧାନ | କଂଗ୍ରେସ(ଇ) |
| କଟକ ନଗର | ଶ୍ରୀକାନ୍ତ ପଣ୍ଡା | କଂଗ୍ରେସ(ଇ) |
| ଚୌଦ୍ୱାର | କାହ୍ନୁଚରଣ ଲେଙ୍କା | କଂଗ୍ରେସ(ଇ) |
| ବାଙ୍କୀ | ଅକ୍ଷୟ ପଟ୍ଟନାୟକ | କଂଗ୍ରେସ(ଇ) |
| ଆଠଗଡ | ରସାନନ୍ଦ ସାହୁ | କଂଗ୍ରେସ(ଇ) |
| | ପରେ ଜାନକୀ ବଲ୍ଲଭ ପଟ୍ଟନାୟକ | କଂଗ୍ରେସ(ଇ) |
| ବଡ଼ମ୍ବା | ସମୀର କୁମାର ରାଉତରାୟ | କଂଗ୍ରେସ(ଇ) |
| ବାଲିପାଟଣା | ବସନ୍ତ କୁମାର ବେହେରା | କଂଗ୍ରେସ(ଇ) |
| ଭୁବନେଶ୍ୱର | ରାମକୃଷ୍ଣ ପତି | କମ୍ୟୁନିଷ୍ଟ |
| ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ(ଇ) |
| ପିପିଲି | ବିପିନ ଦାଶ | କଂଗ୍ରେସ(ଇ) |
| ନିମାପଡ଼ା | ରବୀନ୍ଦ୍ର କୁମାର ସେଠି (କଂ.ଇ) (ଉପ ନିର୍ବାଚନରେ ନିର୍ବାଚିତ) | |
| କାକଟପୁର | ବୈକୁଣ୍ଠନାଥ ସ୍ୱାଇଁ | କଂଗ୍ରେସ(ଇ) |
| ସତ୍ୟବାଦୀ | ରବୀନ୍ଦ୍ର କୁମାର ଦାସ | କଂଗ୍ରେସ(ଇ) |
| ପୁରୀ | ଗଦାଧର ମିଶ୍ର | କଂଗ୍ରେସ(ଇ) |
| ବ୍ରହ୍ମଗିରି | ଗଙ୍ଗାଧର ମହାପାତ୍ର | କଂଗ୍ରେସ(ଇ) |

| | | |
|---|---|---|
| ଚିଲିକା | ଡାକ୍ତର ଦେବେନ୍ଦ୍ର ମାନସିଂହ | କଂଗ୍ରେସ(ଇ) |
| ଖୋର୍ଦ୍ଧା | ପ୍ରସନ୍ନ କୁମାର ପାଟ୍ଟଶାଣୀ | କଂଗ୍ରେସ(ଇ) |
| ବେଗୁନିଆ | କୈଳାସ ଚନ୍ଦ୍ର ମହାପାତ୍ର | କଂଗ୍ରେସ(ଇ) |
| ରଣପୁର | ରମାକାନ୍ତ ମିଶ୍ର | କଂଗ୍ରେସ(ଇ) |
| ନୟାଗଡ଼ | ବଂଶୀଧର ସାହୁ | କଂଗ୍ରେସ(ଇ) |
| ଖଣ୍ଡପଡ଼ା | ବିଭୂତିଭୂଷଣ ସିଂହ ମର୍ଦ୍ଦରାଜ | ସ୍ୱାଧୀନ |
| ଦଶପଲା | ହରିହର କରଣ | କଂଗ୍ରେସ(ଇ) |
| ଜଗନ୍ନାଥ ପ୍ରସାଦ | ଶ୍ରୀବତ୍ସ ନାୟକ | କଂଗ୍ରେସ(ଇ) |
| ଭଞ୍ଜନଗର | ସୋମନାଥ ରଥ | କଂଗ୍ରେସ(ଇ) |
| ସୋରଡା | ଗନ୍ତାୟତ ସ୍ୱାଇଁ | କଂଗ୍ରେସ(ଇ) |
| ଆସ୍କା | ରାଘବ ପରିଡ଼ା | କଂଗ୍ରେସ(ଇ) |
| କବିସୂର୍ଯ୍ୟନଗର | ରାଧାଗୋବିନ୍ଦ ସାହୁ | କଂଗ୍ରେସ(ଇ) |
| କୋଦଳା | କାହ୍ନୁ ଚରଣ ନାୟକ | କଂଗ୍ରେସ(ଇ) |
| ଖଲିକୋଟ | ତ୍ରିନାଥ ସାମନ୍ତରାୟ | କଂଗ୍ରେସ(ଇ) |
| ଛତ୍ରପୁର | ବିଶ୍ୱନାଥ ସାହୁ | କମ୍ୟୁନିଷ୍ଟ |
| ହିଞ୍ଜିଳି | ବୃନ୍ଦାବନ ନାୟକ | ଜନତା (ଏସ୍) |
| ଗୋପାଳପୁର | ଘନଶ୍ୟାମ ବେହେରା | କଂଗ୍ରେସ(ଇ) |
| ବ୍ରହ୍ମପୁର | କୃଷ୍ଣ ଚରଣ ପଟ୍ଟନାୟକ | କଂଗ୍ରେସ(ଇ) |
| ଚିକିଟି | ଚିନ୍ତାମଣି ଦ୍ୟାନ ସାମନ୍ତରାୟ | ସ୍ୱାଧୀନ |
| ମୋହନା | ଉଦୟ ନାରାୟଣ ଦେବ | ଜନତା (ଏସ୍) |
| ରାମଗିରି | ଗୋର୍ସାଙ୍ଗ ଶବର | କଂଗ୍ରେସ(ଇ) |
| ପାରଳାଖେମୁଣ୍ଡି | ବିଜୟ କୁମାର ଜେନା | ସ୍ୱାଧୀନ |
| ଗୁଣପୁର | ଭାଗୀରଥି ଗମାଙ୍ଗୋ | କଂଗ୍ରେସ(ଇ) |
| ବିଷମକଟକ | ଡମ୍ବୁରୁଧର ଉଲାକା | କଂଗ୍ରେସ(ଇ) |
| ରାୟଗଡ଼ା | ରାମଚନ୍ଦ୍ର ଉଲାକା | କଂଗ୍ରେସ(ଇ) |
| ଲକ୍ଷ୍ମୀପୁର | ଅନନ୍ତରାମ ମାଝି | କଂଗ୍ରେସ(ଇ) |
| ପଟ୍ଟାଙ୍ଗୀ | ଚନ୍ଦ୍ରମା ସାନ୍ତା | କଂଗ୍ରେସ(ଇ) |
| କୋରାପୁଟ | ନୃସିଂହାନନ୍ଦ ବ୍ରହ୍ମା | କଂଗ୍ରେସ(ଇ) |
| ମାଲକାନଗିରି | ନାକା ଲାଖମାୟା | କଂଗ୍ରେସ(ଇ) |
| ଚିତ୍ରାକୋଣ୍ଡା | ଗଙ୍ଗାଧର ମାଡ଼ି | କଂଗ୍ରେସ |

| | | |
|---|---|---|
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ(ଇ) |
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ(ଇ) |
| ନବରଙ୍ଗପୁର | ହବିବୁଲା ଖାଁ | କଂଗ୍ରେସ(ଇ) |
| କୋଡ଼ିଙ୍ଗା | ଡମ୍ବରୁ ମାଝି | କଂଗ୍ରେସ(ଇ) |
| ଡାବୁଗାଁ | ଫୁଲମଣି ସାନ୍ତା | କଂଗ୍ରେସ(ଇ) |
| ଉମରକୋଟ | ପରମା ପୂଜାରୀ | କଂଗ୍ରେସ(ଇ) |
| ନୂଆପଡ଼ା | ଭାନୁ ପ୍ରକାଶ ଯୋଶୀ | କଂଗ୍ରେସ(ଇ) |
| ଖଡ଼ିଆଳ | ଅନୁପ ସିଂହଦେଓ | ସ୍ୱାଧୀନ |
| ଧରମଗଡ଼ | ଗଜାନନ ନାୟକ | କଂଗ୍ରେସ(ଇ) |
| କୋକସରା | ମନମୋହନ ମାଥୁର | କଂଗ୍ରେସ(ଇ) |
| ଜୁନାଗଡ଼ | ମହେଶ୍ୱର ବରାଡ | କଂଗ୍ରେସ(ଇ) |
| ଭବାନୀପାଟଣା | ଦୟାନିଧି ନାୟକ | କଂଗ୍ରେସ(ଇ) |
| ନର୍ଲା | ତେଜରାଜ ମାଝି | କଂଗ୍ରେସ(ଇ) |
| କେସିଙ୍ଗା | ଭୂପିନ୍ଦର ସିଂହ | କଂଗ୍ରେସ(ଇ) |
| ବାଲିଗୁଡ଼ା | ସହୁରା ମଲ୍ଲିକ | କଂଗ୍ରେସ(ଇ) |
| ଉଦୟଗିରି | ନାଗାର୍ଜୁନ ପ୍ରଧାନ | କଂଗ୍ରେସ(ଇ) |
| ଫୁଲବାଣୀ | ଚନ୍ଦ୍ରଶେଖର ବେହେରା | କଂଗ୍ରେସ(ଇ) |
| ବୌଦ | ହିମାଂଶୁ ଶେଖର ପାଢ଼ୀ | କଂଗ୍ରେସ(ଇ) |
| ଟିଟିଲାଗଡ଼ | ଲଳିତ ମୋହନ ଗାନ୍ଧୀ | କଂଗ୍ରେସ(ଇ) |
| କଣ୍ଟାବାଞ୍ଜି | ପ୍ରସନ୍ନ କୁମାର ପାଲ | କଂଗ୍ରେସ(ଇ) |
| ପାଟଣାଗଡ | ବ୍ରଜମୋହନ ଠାକୁର | କଂଗ୍ରେସ(ଇ) |
| ସଇଁତଳା | ରମେଶ ଚନ୍ଦ୍ର ସିଂହ ଭୋଇ | କଂଗ୍ରେସ(ଇ) |
| ଲୋଇସିଙ୍ଗା | ବାଳଗୋପାଳ ମିଶ୍ର | ସ୍ୱାଧୀନ |
| ବଲାଙ୍ଗୀର | ମହମ୍ମଦ ମୁଜାଫର ହୁସେନ ଖାଁ | କଂଗ୍ରେସ(ଇ) |
| ସୋନପୁର | ଧନେଶ୍ୱର କୁମ୍ଭାର | କଂଗ୍ରେସ(ଇ) |
| ବିନିକା | ପ୍ରଦୀପ ହୋତା | କଂଗ୍ରେସ(ଇ) |
| ବୀରମହାରାଜପୁର | ହୃଷୀକେଶ ହୋତା | କଂଗ୍ରେସ(ଇ) |
| ଆଠମଲ୍ଲିକ | ଭଜମନ ବେହେରା | କଂଗ୍ରେସ(ଇ) |
| ଅନୁଗୁଳ | ସନ୍ତୋଷ କୁମାର ପ୍ରଧାନ | କଂଗ୍ରେସ(ଇ) |
| ହିନ୍ଦୋଳ | ତ୍ରିନାଥ ନାୟକ | ଜନତା(ଏସ) |

| | | |
|---|---|---|
| ଢେଙ୍କାନାଳ | ନନ୍ଦିନୀ ଶତପଥୀ | କଂଗ୍ରେସ(ଅ) |
| ଗଁଦିଆ | ହଳଧର ମିଶ୍ର | କଂଗ୍ରେସ(ଅ) |
| କାମାକ୍ଷାନଗର | କୈଳାସ ଚନ୍ଦ୍ର ମହାପାତ୍ର | କଂଗ୍ରେସ(ଇ) |
| ପାଲଲହଡ଼ା | ବିଭୁଦେନ୍ଦ୍ର ପ୍ରସାଦ ଦାସ | କଂଗ୍ରେସ(ଇ) |
| ତାଳଚେର | ବୃନ୍ଦାବନ ବେହେରା | ଜନତା (ଜେପି) |
| ପଦ୍ମପୁର | ସତ୍ୟଭୂଷଣ ସାହୁ | କଂଗ୍ରେସ(ଇ) |
| ମେଳଛାମୁଣ୍ଡା | ପ୍ରକାଶ ଚନ୍ଦ୍ର ଦେବତା | କଂଗ୍ରେସ(ଇ) |
| ବିଜେପୁର | ରାଜୀବ ଲୋଚନ ହୋତା | କଂଗ୍ରେସ(ଇ) |
| ଭଟ୍ଲି | ମୋହନ ନାଗ | କଂଗ୍ରେସ(ଇ) |
| ବରଗଡ଼ | ଯଦୁମଣି ପ୍ରଧାନ | କଂଗ୍ରେସ(ଇ) |
| ସମ୍ବଲପୁର | ଅଶ୍ୱିନୀ କୁମାର ଗୁରୁ | କଂଗ୍ରେସ(ଇ) |
| ବ୍ରଜରାଜନଗର | ଉପେନ୍ଦ୍ର ଦୀକ୍ଷିତ | କଂଗ୍ରେସ(ଇ) |
| ଝାରସୁଗୁଡ଼ା | ବୀରେନ୍ଦ୍ର ପାଣ୍ଡେ | କଂଗ୍ରେସ(ଇ) |
| ଲାଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ(ଇ) |
| କୁଚିଣ୍ଡା | ଜଗତେଶ୍ୱର ମିର୍ଦ୍ଧା | କଂଗ୍ରେସ(ଇ) |
| ରେଢ଼ାଖୋଲ | ଅଭିମନ୍ୟୁ କୁମ୍ଭାର | କଂଗ୍ରେସ(ଇ) |
| ଦେଓଗଡ଼ | ଅଶ୍ୱିନୀ କୁମାର ବେହେରା | କଂଗ୍ରେସ(ଇ) |
| ସୁନ୍ଦରଗଡ | କିଶୋର ଚନ୍ଦ୍ର ପଟେଲ | କଂଗ୍ରେସ(ଇ) |
| ତଳସରା | ଗଦାଧର ମାଝି | କଂଗ୍ରେସ(ଇ) |
| ରାଜଗାଙ୍ଗପୁର | ମୁଖରାମ ନାୟକ | କଂଗ୍ରେସ(ଇ) |
| ବୀରମିତ୍ରପୁର | ଜୁନସ ବିଲୁଙ୍ଗ | କଂଗ୍ରେସ(ଇ) |
| ରାଉରକେଲା | ଗୁରୁପଦ ନନ୍ଦ | କଂଗ୍ରେସ(ଇ) |
| ରଘୁନାଥପଲ୍ଲୀ | ନେଲସନ ସୋରେଙ୍ଗି | କଂଗ୍ରେସ(ଇ) |
| ବଣେଇ | ବସନ୍ତ କୁମାର ସିଂହ ଦଣ୍ଡପାଟ | କଂଗ୍ରେସ(ଇ) |
| ଚ-ୂଆ | ସହରାଇ ଓରାମ | ଜନତା (ଏସ) |
| ପାଟଣା | ହୃଷୀକେଶ ନାୟକ | ଜନତା (ଏସ୍) |
| କେନ୍ଦୁଝର | ଯୋଗେନ୍ଦ୍ର ନାୟକ | କଂଗ୍ରେସ(ଇ) |
| ତେଲକୋଇ | ଚନ୍ଦ୍ରସେନ ନାୟକ | କଂଗ୍ରେସ(ଇ) |
| ଆନନ୍ଦପୁର | ଜୟଦେବ ଜେନା | କଂଗ୍ରେସ(ଇ) |
| ରାମଚନ୍ଦ୍ରପୁର | ନିରଞ୍ଜନ ପଟ୍ଟନାୟକ | କଂଗ୍ରେସ(ଇ) |

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ :

ଏହି ନିର୍ବାଚନରେ କଂଗ୍ରେସର ଐତିହାସିକ ବିଜୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଲା । କାରଣ କଂଗ୍ରେସ ଦଳ ୧୪୭ଟି ଆସନରୁ ୧୧୭ଟି ଆସନରେ ବିଜୟୀ ହେଲା । ଏହା ପୂର୍ବରୁ ରାଜ୍ୟ ବିଧାନସଭା ନିର୍ବାଚନରେ କୌଣସି ଦଳ ଏପରି ସଫଳତା ହାସଲ କରି ନ ଥିଲା । କଂଗ୍ରେସ ଦୁଇ ତୃତୀୟାଂଶରୁ ଅଧିକ ଆସନ ଲାଭ କଲା । ଏହି ସମୟରେ ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ପ୍ରଦେଶ କଂଗ୍ରେସ କମିଟିର ସଭାପତି । ଜାନକୀବାବୁ ଏହି ସମୟରେ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ଥିଲେ ଶ୍ରମ, ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ବିଭାଗର କ୍ୟାବିନେଟ ମନ୍ତ୍ରୀ । ତାଙ୍କ ନେତୃତ୍ୱରେ ଖୁସିହୋଇ ଇନ୍ଦିରା ଗାନ୍ଧୀ ଜାନକୀବାବୁଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାପାଇଁ ଅନୁମୋଦନ କଲେ । ଫଳରେ ଜାନକୀବାବୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ଓଡ଼ିଶା ବିଧାନସଭାର କଂଗ୍ରେସ (ଇ) ବିଧାୟକ ଦଳର ନେତା ଭାବରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ । ୧୯୮୦ ମସିହା ଜୁନ୍ ୯ ତାରିଖ ଦିନ ଜାନକୀବାବୁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଓଡ଼ିଶାର ତତ୍କାଳୀନ ମାନ୍ୟବର ରାଜ୍ୟପାଳ ଚେପ୍ପଦିରା ମୁଥାନା ପୁନାଚା (ସି.ଏମ.ପୁନାଚା) ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ଶପଥ ଗ୍ରହଣ କରାଇଲେ । ଜାନକୀ ବାବୁଙ୍କ ମନ୍ତ୍ରିମଣ୍ଡଳରେ ରହିଲେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୮ ଜଣ କ୍ୟାବିନେଟ ମନ୍ତ୍ରୀ, ଦଶଜଣ ରାଷ୍ଟ୍ରମନ୍ତ୍ରୀ ଓ ଜଣେ ଉପମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ନାମ ଓ ବିଭାଗମାନ ହେଲା



**ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

## କ୍ୟାବିନେଟ ମନ୍ତ୍ରୀ :

| | | |
|---|---|---|
| ଜାନକୀ ବଲ୍ଲଭ ପଟ୍ଟନାୟକ | : | ମୁଖ୍ୟମନ୍ତ୍ରୀଃ ସାଧାରଣ ପ୍ରଶାସନ, ସ୍ୱରାଷ୍ଟ୍ର, ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସମନ୍ୱୟ, ଶିଳ୍ପ, ଜଳସେଚନ ଓ ବିଦ୍ୟୁତ (କ୍ଷୁଦ୍ର ଜଳସେଚନ ସମେତ) ବିଭାଗର ମନ୍ତ୍ରୀ; |
| ଉପେନ୍ଦ୍ର ଦୀକ୍ଷିତ | : | ଖାଦ୍ୟ ଓ ଯୋଗାଣ |
| କାହ୍ନୁ ଚରଣ ଲେଙ୍କା | : | ରାଜସ୍ୱ ଓ ଅବକାରୀ |
| ବାସୁଦେବ ମହାପାତ୍ର | : | କୃଷି ଓ ସମବାୟ |
| ଗଙ୍ଗାଧର ମହାପାତ୍ର | : | ଶିକ୍ଷା ଓ ଯୁବସେବା |
| ଦୟାନିଧି ନାୟକ | : | ପୂର୍ତ୍ତ (ଗ୍ରାମ୍ୟ ରାସ୍ତା ଓ କୋଠାବାଡ଼ି ସମେତ) |
| ରଘୁନାଥ ପଟ୍ଟନାୟକ | : | ଅର୍ଥ |
| ରାମଚନ୍ଦ୍ର ଉଲାକା | : | ହରିଜନ ଓ ଆଦିବାସୀ କଲ୍ୟାଣ |

## ରାଷ୍ଟ୍ର ମନ୍ତ୍ରୀ :

| | | |
|---|---|---|
| ହରିହର କରଣ | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| କୁଆଁରିଆ ମାଝି | : | ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ |
| ଯୁଗଳ କିଶୋର ପଟ୍ଟନାୟକ | : | ଶ୍ରମ, କର୍ମସଂସ୍ଥାନ, ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି |
| ଭଜମନ ବେହେରା | : | ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ |
| ନିରଞ୍ଜନ ପଟ୍ଟନାୟକ | : | ଜଳସେଚନ ଓ ବିଦ୍ୟୁତ (କ୍ଷୁଦ୍ର ଜଳସେଚନ ସମେତ) |
| ବସନ୍ତ କୁମାର ବିଶ୍ୱାଳ | : | ଗୃହ ନିର୍ମାଣ, ପୌର ଉନ୍ନୟନ, ଖଣି ଓ ଭୂତତ୍ତ୍ୱ |
| ହବିବୁଲ୍ଲା ଖାଁ | : | କୃଷି ଓ ସମବାୟ |
| କୃଷ୍ଣ ଚରଣ ପଟ୍ଟନାୟକ | : | ଆଇନ ବାଣିଜ୍ୟ ଓ ପରିବହନ |
| କିଶୋର ଚନ୍ଦ୍ର ପଟେଲ | : | ଶିଳ୍ପ ବିଭାଗ ଓ ଲଳିତ ମୋହନ ଗାନ୍ଧୀ- ସୂଚନା, ଲୋକସମ୍ପର୍କ, ଯୋଜନା ଓ ସମନ୍ୱୟ |

## ଉପମନ୍ତ୍ରୀ :

| | | |
|---|---|---|
| ସରସ୍ୱତୀ ହେମ୍ବ୍ରମ୍ | : | ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ |

## ମୁଖ୍ୟମନ୍ତ୍ରୀ ହେବା ପରେ ଜାନକୀଙ୍କ ବେତାର ବାର୍ତ୍ତା :

ଗତ ଛ'ମାସ ମଧ୍ୟରେ ଦେଶରେ ତଥା ଓଡ଼ିଶାର ରାଜନୈତିକ ଜୀବନରେ ଏକ ବୈପ୍ଲବିକ ପରିବର୍ତ୍ତନ ଘଟିଯାଇଛି । ଲୋକେ ତାଙ୍କର ସେବାର ମାଧ୍ୟମ ଓ ପରିବର୍ତ୍ତନର ଅସ୍ତ୍ର ରୂପେ ଶ୍ରୀମତୀ

ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ବିପୁଳ ଆସ୍ଥା ଓ ସମର୍ଥନ ଜଣାଇଛନ୍ତି । ଆଜି ମୋ ପକ୍ଷରୁ ଓ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ମୋର ସହଯୋଗୀ ଓ ସାଥୀମାନଙ୍କ ପକ୍ଷରୁ ଓଡ଼ିଶାର ଜନସାଧାରଣଙ୍କୁ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛି ।

ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନପାଇଁ ସରକାରୀ କ୍ଷମତାକୁ ସବୁବେଳେ ମୁଁ ଅସ୍ତ୍ର ରୂପେ ବିଚାର କରି ଆସିଛି । ଏହି କ୍ଷମତାରେ ଅଭିଭୂତ ହେବା ବା ଆନନ୍ଦ ଉତ୍‌ଫୁଲ୍ଲ ହେବାର କିଛି ନାହିଁ । ଏହା ଏକ ଗୁରୁଭାର ଓ କଣ୍ଟାର ମୁକୁଟ । ଓଡ଼ିଶା ନାନା ଐତିହାସିକ କାରଣରୁ ବହୁ ପଛରେ ପଡ଼ିଛି । ଇଂରେଜମାନଙ୍କ ଅମଳରେ ଏହା ଏକ ଅବହେଳିତ ଓ ଅବଜ୍ଞାତ ଅଞ୍ଚଳ ରୂପେ ରହିଥିଲା । ବହୁକାଳ ଧରି ବିକଳାଙ୍ଗ ଓ ବିଖଣ୍ଡିତ ହୋଇ ରହିବା ଫଳରେ ଏହାର ଉନ୍ନତି ହୋଇ ପାରିଲା ନାହିଁ । ସ୍ୱାଧୀନତା ପରେ ଓଡ଼ିଶାର ଉନ୍ନୟନପାଇଁ ଯେ ଉଦ୍ୟମ ନହୋଇଛି ତାହା ନୁହେ, ମାତ୍ର ଓଡ଼ିଶା ଯାହା ଉନ୍ନତି କରିଛି, ଅନ୍ୟ ରାଜ୍ୟମାନେ ତାହା ଅପେକ୍ଷା ଅଧିକ ମାତ୍ରାରେ ଉନ୍ନତି କରି ଚାଲିଛନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଓ ଓଡ଼ିଶା ମଧ୍ୟରେ ବ୍ୟବଧାନ ତଥା ଦୂରତ୍ୱ ବଢ଼ି ବଢ଼ି ଚାଲିଛି । ଏହି ଧାରାକୁ ରୋକି ଓଡ଼ିଶାକୁ ଏପରି ବେଗରେ ଆଗେଇ ନେବା ଆବଶ୍ୟକ, ଯେପରିକି ଭାରତର ଅଗ୍ରଗାମୀ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ତାର ଉଚିତ ସ୍ଥାନ ଲାଭ କରିପାରିବ । ତାହାହିଁ ହେଉଛି ବର୍ତ୍ତମାନର ଦାବି, ଭାଗ୍ୟ ଓ ଭବିତବ୍ୟର ଆହ୍ୱାନ ।

ଓଡ଼ିଶା ପ୍ରାକୃତିକ ସଂପଦରେ ଯେ କୌଣସି ରାଜ୍ୟ ଅପେକ୍ଷା ଅଧିକ ଧନଶାଳୀ । ''ଧନେ ଧାନ୍ୟେ ପୁଷ୍ପେ ଭରା, ଆମାଦେର୍ ଏଇ ବସୁନ୍ଧରା'' ବୋଲି ବଙ୍ଗଳାର କବି ଲେଖିଥିଲେ । ଓଡ଼ିଶା ତା'ଠାରୁ ବେଶୀ । ଓଡ଼ିଶାର ମୃତ୍ତିକା ଉର୍ବର, ଭୂଗର୍ଭ ଖଣିଜ ସଂପଦରେ ପରିପୂର୍ଣ୍ଣ । ଅରଣ୍ୟ ସମୃଦ୍ଧ, ଉପକୂଳ ଓ ନଦୀମାନେ ଜଳସ-ଦରେ ଭରି ରହିଛନ୍ତି । ସର୍ବୋପରି ଓଡ଼ିଶାର ଲୋକଶକ୍ତି, ପରିଶ୍ରମ ଓ ବୁଦ୍ଧିରେ ଭାରତର କୌଣସି ରାଜ୍ୟଠାରୁ ନ୍ୟୂନ ନୁହେଁ । ଏହି ସବୁ ସ-ଦର ସଦୁପଯୋଗ କରିବାକୁ ହେବ ଓ ତାହା ଶୀଘ୍ର କରିବାକୁ ହେବ ।

ସୁଖର ବିଷୟ, ଶ୍ରୀମତୀ ଗାନ୍ଧୀଙ୍କର ନେତୃତ୍ୱ ଆଜି ଦେଶରେ ପ୍ରତିଷ୍ଠିତ ଏବଂ ଏହାକୁ ପ୍ରତିଷ୍ଠିତ କରିବାରେ ଓଡ଼ିଶାର ଜନସାଧାରଣ ମୁଖ୍ୟଭାଗ ନେଇଛନ୍ତି । ଯେଉଁ ସମାଜବାଦ ଆଦର୍ଶରେ ଶ୍ରୀମତୀ ଗାନ୍ଧୀ ଓ ଜାତୀୟ କଂଗ୍ରେସ ବିଶ୍ୱାସ କରନ୍ତି, ତାର ଅର୍ଥ ହେଉଛି ବ୍ୟକ୍ତି ବ୍ୟକ୍ତି ଏବଂ ଅଞ୍ଚଳ ଅଞ୍ଚଳ ମଧ୍ୟରେ ବ୍ୟବଧାନ ଦୂର କରିବା । ଓଡ଼ିଶା ସେହି ଦୃଷ୍ଟିରୁ ହେଉଛି ଭାରତରେ ଆଜି ଏକ ପରୀକ୍ଷାର କ୍ଷେତ୍ର ଏବଂ ଆନନ୍ଦର କଥା ଯେ ଶ୍ରୀମତୀ ଗାନ୍ଧୀ ଓଡ଼ିଶାର ଅର୍ଥନୈତିକ ଅଭ୍ୟୁତ୍‌ଥାନ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ।

ସେହି ଦୃଷ୍ଟିରୁ ଏହି ନୂତନ ସରକାରଙ୍କ ଦାୟିତ୍ୱର ଗୁରୁତ୍ୱ ମୁଁ ଅନୁଭବ କରୁଛି । କେତେକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବା ପାଇଁ ଏହି ସରକାର ସ୍ଥିର କରିଛି । ସେଗୁଡ଼ିକ ହେଲା ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ, ଶିଳ୍ପର ବିସ୍ତାର ଏବଂ ସମାଜର ସବୁଠାରୁ ତଳେ ଥିବା ଗରିବ ଲୋକଙ୍କର ପୂର୍ଣ୍ଣ ଥଇଥାନ ବ୍ୟବସ୍ଥା । ଓଡ଼ିଶାର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ବ୍ଲକ, ପ୍ରତ୍ୟେକ ଜିଲ୍ଲା ଯେପରି

ଅଳ୍ପକାଳ ମଧ୍ୟରେ ବିପୁଳ ବେଗରେ ଅଗ୍ରଗତି କରିପାରିବ ତାହାହିଁ ହେଉଛି ଆମର ଲକ୍ଷ୍ୟ। ଓଡ଼ିଶାର ଯୁବଶକ୍ତି ମଧ୍ୟରୁ ନିରାଶା ଦୂରକରି ଜାତିର ଅଗ୍ରଗତି ଓ କଲ୍ୟାଣପାଇଁ ସେମାନଙ୍କୁ ଯେପରି ନିୟୋଜିତ କରାଯାଇ ପାରିବ, ତାହାହିଁ ହେଉଛି ଆମର ଲକ୍ଷ୍ୟ।

ଏହି ସରକାର ଦୁର୍ବଳ ଶ୍ରେଣୀର ରକ୍ଷକ ଭାବରେ ଆଇନ ଶୃଙ୍ଖଳା ରକ୍ଷାଲାଗି ଶାସନରେ ଗରିବ ଲୋକଙ୍କୁ ନ୍ୟାୟ ମିଳିବାପାଇଁ ସର୍ବାଧିକ ଦୃଷ୍ଟି ଦେବ। ଶାସନ କଳକୁ ଅଧିକ ଦକ୍ଷ, ଜନକଲ୍ୟାଣ ଯୁକ୍ତ ଓ ଦୁର୍ନୀତିମୁକ୍ତ କରିବାର ଉଦ୍ୟମ କରିବ।

ଓଡ଼ଶାର ଜନସାଧାରଣ ଏହି ସରକାରକୁ ସମସ୍ତ ଶକ୍ତି ଦେଇଛନ୍ତି। ଏଣୁ ଏ ସରକାର ସଦା ସର୍ବଦା ନିଜକୁ ସେମାନଙ୍କର ସେବକ ରୂପେ, ଟ୍ରଷ୍ଟି ମନେକରି କାର୍ଯ୍ୟ କରିବ ବୋଲି ମୁଁ ପ୍ରତିଶ୍ରୁତି ଦେଉଛି ଏବଂ ପୁଣି ଥରେ ସେମାନଙ୍କୁ ମୋର କୃତଜ୍ଞତା ଜଣାଉଛି। ମୁଁ ଆଶା କରୁଛି, ବିରୋଧୀ ଦଳର ବନ୍ଧୁଗଣ ଓଡ଼ିଶାର ନବ ନିର୍ମାଣରେ ଏହି ନୂତନ ସରକାର ସହିତ ସହଯୋଗ କରିବେ। କାରଣ ଆମର ଲକ୍ଷ୍ୟ ସାର୍ବଜନୀନ। 'ଜୟ ହିନ୍ଦ୍'।

## ବାଚସ୍ପତି ଓ ଉପ-ବାଚସ୍ପତି ନିର୍ବାଚନ :

୧୯୮୦ ମସିହା ଜୁନ୍ ୧୨ ତାରିଖରେ ସୋମନାଥ ରଥ ଓଡ଼ିଶା ବିଧାନ ସଭାର ବାଚସ୍ପତି ଭାବରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ। ୧୯୮୦ ଜୁଲାଇ ୨ ତାରିଖରେ ହିମାଂଶୁ ଶେଖର ପାଢ଼ୀ ଉପ-ବାଚସ୍ପତି ଭାବରେ ନିର୍ବାଚିତ ହେଲେ। ୧୯୮୪ ମସିହା ଫେବୃଆରି ୧୧ ତାରିଖ ଦିନ ସୋମନାଥ ରଥ ଓଡିଶା ବିଧାନସଭା ବାଚସ୍ପତି ପଦରୁ ଇସ୍ତଫା ପ୍ରଦାନ କରି ମନ୍ତ୍ରିମଣ୍ଡଳରେ ଯୋଗଦାନ କଲେ। ଫଳରେ ତାଙ୍କ ସ୍ଥାନରେ ୧୯୮୪ ମସିହା ଫେବୃଆରି ୨୨ ତାରିଖରେ ପ୍ରସନ୍ନ କୁମାର ଦାସ ବାଚସ୍ପତି ଭାବରେ ନିର୍ବାଚିତ ହେଲେ।

## ବିରୋଧୀ ଦଳର ନେତା :

କୌଣସି ରାଜନୈତିକ ଦଳ ଆବଶ୍ୟକୀୟ ଆସନ ସଂଖ୍ୟା ବିଧାନସଭାରେ ହାସଲ କରି ନ ଥିବାରୁ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ଗଠନ ସମ୍ଭବ ହୋଇ ପାରିଲା ନାହିଁ। ଲୋକଦଳ ବା ଜନତା (ଏସ୍) ଦଳରୁ ଦୁଇଜଣ ସଦସ୍ୟ ଇସ୍ତଫା ଦେବା ଫଳରେ ବିଧାନସଭାରେ ସେହି ଦଳର ସଭ୍ୟ ସଂଖ୍ୟା ୧୧କୁ ଖସି ଆସିଲା। ୧୯୮୩ ମସିହା ଫେବୃଆରି ୨୩ ତାରିଖ ଦିନ ଜନତା ଦଳ (ଏସ୍) ଓ ଜନତା (ଜେପି) ଦଳର ମିଶ୍ରଣ ଘଟିବା ପରେ ଜନତା ଦଳ ଭାବରେ ନୂତନ ଏକ ରାଜନୈତିକ ଦଳ ସୃଷ୍ଟି ହେଲା। ଏହି ଦଳର ସଭ୍ୟ ସଂଖ୍ୟା ହେଲା ୧୪। ଶରତ ଦେବ ହେଲେ ଏହି ଜନତା ବିଧାୟକ ଦଳର ନେତା। ଏହା ପରେ ୧୯୮୪ ଏପ୍ରିଲ ୨ ତାରିଖ ଦିନ ଜନତା ଦଳର ସଭ୍ୟ ଓ କମ୍ୟୁନିଷ୍ଟ ପାର୍ଟିର କେତେଜଣ ସଭ୍ୟଙ୍କୁ ନେଇ ଇଉନାଇଟେଡ୍ ବିଧାୟକ ଦଳ ଗଠନ କରାଗଲା। ଶରତ ଦେବ ମଧ୍ୟ ଏହି ମିଳିତ ସାମ୍ମୁଖ୍ୟ

ବିଧାୟକ ଦଳରେ ଆବଶ୍ୟକୀୟ ସଂଖ୍ୟକ ସଭ୍ୟ ରହିବାରୁ ବିରୋଧୀ ଦଳ ନେତାର ମାନ୍ୟତା ଲାଭ କଲେ । ପରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟମାନେ ସେମାନଙ୍କର ସମର୍ଥନ ପ୍ରତ୍ୟାହାର କରିନେଲେ । ଗାଣତନ୍ତ୍ରିକ ସମାଜବାଦୀ ଦଳର କିଛି ସଭ୍ୟ ଏହି ମିଳିତ ସାମ୍ଯୁଖ୍ୟ ବିଧାୟକ ଦଳକୁ ସମର୍ଥନ କରିବାରୁ ବିରୋଧୀ ଦଳ ନେତାଙ୍କ ସ୍ଥିତିରେ କୌଣସି ଆଞ୍ଚ ଆସିଲା ନାହିଁ । ୧୯୮୪ ମସିହା ସେପ୍ଟେମ୍ବର ୫ତାରିଖରେ କଂଗ୍ରେସ (ଆଇ) ଦଳର ଦୁଇଜଣ ସଦସ୍ୟ ଇସ୍ତଫା ପ୍ରଦାନ କରି ଗାଣତନ୍ତ୍ରିକ ସମାଜବାଦୀ ପାର୍ଟି ଗଠନ କଲେ ।

## ଉପନିର୍ବାଚନ :

ନିମାପଡା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ନୀଳମଣି ସେଠିଙ୍କର ନିର୍ବାଚନ ସମୟରେ ପରଲୋକ ଘଟିବାରୁ ନିମାପଡା ବିଧାନସଭା ଆସନଟିରେ ନିର୍ବାଚନ ନ ହୋଇ ଖାଲି ରହିଲା । ବିଜୁ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ଆସନର ସଭ୍ୟ ଥାଇ ବିଧାନସଭା ନିର୍ବାଚନରେ ପାଟକୁରା ବିଧାନସଭା ଆସନରୁ  ବିଜୟ ଲାଭ କରିଥିଲେ । ଏଣୁ ସେ କେନ୍ଦ୍ରାପଡ଼ା ଲୋକସଭା ଆସନକୁ ରଖି ପାଟକୁରା ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ । ଫଳରେ ପାଟକୁରା ବିଧାନସଭା ଆସନଟି ଖାଲି ହୋଇଗଲା । ଜାନକୀବଲ୍ଲଭ ପଟ୍ଟନାୟକ ବିଧାନସଭାର ସଦସ୍ୟ ନ ଥାଇ ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କୁ ଛ'ମାସ ମଧ୍ୟରେ କୌଣସି ଏକ ବିଧାନସଭା ଆସନରୁ ନିର୍ବାଚିତ ହୋଇ ଆସିବାକୁ ପଡ଼ିବ । ଏଣୁ ଆଠଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା କଂଗ୍ରେସ (ଆଇ) ସଦସ୍ୟ ରସାନନ୍ଦ ସାହୁ ବିଧାୟକ ପଦରୁ ଇସ୍ତଫା ଦେଲେ- ଏହି ଆସନରୁ ଜାନକୀବାବୁ  ନିର୍ବାଚିତ ହୋଇ ଆସିବା ପାଇଁ । ଫଳରେ ଆଠଗଡ଼ ବିଧାନସଭା ଆସନଟି ଖାଲି ପଡ଼ିଲା । କାକଟପୁର, ପାଟକୁରା ଓ ଆଠଗଡ଼ ବିଧାନସଭା ନିମନ୍ତେ ୧୯୮୦ ମସିହା ନଭେମ୍ବର ୨୩ ତାରିଖ ଦିନ ଉପନିର୍ବାଚନ ଅନୁଷ୍ଠିତ ହେଲା ।

ନିମାପଡ଼ା ବିଧାନସଭା ଆସନରୁ କଂଗ୍ରେସ (ଆଇ) ପ୍ରାର୍ଥୀ ରବୀନ୍ଦ୍ର କୁମାର ସେଠି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ୟୁନିଷ୍ଟ ପ୍ରାର୍ଥୀ ବ୍ରହ୍ମାନନ୍ଦ ମଲ୍ଲିକଙ୍କୁ ହରାଇ ନିର୍ବାଚିତ ହେଲେ । ପାଟକୁରା ବିଧାନସଭା ଆସନରୁ ଲୋକଦଳର ପ୍ରାର୍ଥୀ (ଜନତା ଏସ୍) ବିଜୟ ମହାପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ (ଆଇ) ପ୍ରାର୍ଥୀ ଗୟାଚାନ୍ଦ ଭୂୟାଁଙ୍କୁ ହରାଇ ନିର୍ବାଚିତ ହେଲେ । ଆଠଗଡ ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କଂଗ୍ରେସ (ଆଇ) ପ୍ରାର୍ଥୀ ଭାବରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲୋକଦଳ (ଜନତା ଏସ) ପ୍ରାର୍ଥୀ  ଶରତ କରଙ୍କୁ ହରାଇ ନିର୍ବାଚିତ ହେଲେ । ଜାନକୀବଲ୍ଲଭ ପଟ୍ଟନାୟକ ୪୮,୪୮୯ ଭୋଟ ପାଇଥିବା ବେଳେ ଶ୍ରୀ କର ମାତ୍ର ୯,୨୦୭ଟି ଭୋଟ ପାଇଥିଲେ ।

ଜାନକୀବଲ୍ଲଭ ପଟ୍ଟନାୟକ ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟଲାଭ କରିବାରୁ କଟକ ଲୋକସଭା ଆସନରୁ ଇସ୍ତଫା ପ୍ରଦାନ କଲେ । ଫଳରେ କଟକ ଲୋକସଭା ଆସନ ନିମନ୍ତେ ୧୯୮୧ ମସିହା ଜୁନ୍‌ମାସରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏଥିରେ କଂଗ୍ରେସ

(ଆଇ) ପ୍ରାର୍ଥିନୀ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲୋକଦଳ (ଜନତା ଏସ୍) ପ୍ରାର୍ଥୀ ରବି ରାୟଙ୍କୁ ହରାଇ ନିର୍ବାଚିତା ହେଲେ । ଶ୍ରୀମତୀ ପଟ୍ଟନାୟକ ୧,୫୬,୯୦୬ ଭୋଟ ପାଇଥିଲେ ।


ସାଂସଦ ଜୟନ୍ତୀ ପଟ୍ଟନାୟକ

## ରାଜ୍ୟର ସାମୂହିକ ବିକାଶ :

ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରୁ ହିଁ ଓଡ଼ିଶା ଶାସନରେ ସ୍ଥିରତା ପରିଲକ୍ଷିତ ହେଲା । ତାଙ୍କ ପୂର୍ବରୁ ୧୯୬୧-୧୯୮୦ ମସିହା ମଧ୍ୟରେ ରାଜ୍ୟରେ ୯ଥର ମନ୍ତ୍ରିମଣ୍ଡଳ ବଦଳିବା ସହିତ ଦୁଇଥର ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା । ସ୍ଥିର ଶାସନ ଯୋଗୁଁ ରାଜ୍ୟରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା । କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ ଜିଲ୍ଲାର ଉନ୍ନୟନ ପାଇଁ କେବିକେ ଯୋଜନାର ଶୁଭାରମ୍ଭ ସହିତ ନାଲକୋ ନିର୍ମାଣ କାର୍ଯ୍ୟର ଆରମ୍ଭ ହେଲା । ରାଜ୍ୟରେ ପ୍ରଥମ ଥର ପାଇଁ ଲୋକପାଳ ନିଯୁକ୍ତ ହେଲେ । ଜଷ୍ଟିସ୍ ବାଳକୃଷ୍ଣ ପାତ୍ର ଓଡ଼ିଶାର ପ୍ରଥମ ଲୋକପାଳ ଭାବରେ ୧୯୮୩ ମସିହା ନଭେମ୍ବର ୧୭ ତାରିଖରେ କାର୍ଯ୍ୟଭାର ଗ୍ରହଣ କଲେ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କଦ୍ୱାରା ୧୯୮୪ ମସିହାରେ ବଲାଙ୍ଗୀର ଜିଲ୍ଲାର ସଇଁତଳାଠାରେ ଗୋଳାବାରୁଦ କାରଖାନାର ଭିତ୍ତି ସ୍ଥାପନ ହେଲା । ତାଳଚେର - ସମ୍ବଲପୁର ରେଳପଥର ମଧ୍ୟ ଭିତ୍ତିପ୍ରଦାନ କରାଗଲା । ବିଜ୍ଞାନକୁ ଲୋକପ୍ରିୟ କରିବାପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଓରେଡ଼ା (OREDA), ଓଡ଼ିଶା କ୍ମ୍ୟୁଟର ଆପ୍ଲିକେସନ ସେଣ୍ଟର (OCAC), ଓଡ଼ିଶା ସୁଦୂର ପର୍ଯ୍ୟବେକ୍ଷଣ ଉପଯୋଗ କେନ୍ଦ୍ର (ORSAC) ଏବଂ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପ୍ରତିଷ୍ଠା ହେଲା । ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ଗମନାଗମନର ସୁବିଧା ନିମନ୍ତେ ପ୍ରଥମଥର ପାଇଁ ନୂଆଦିଲ୍ଲୀ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଚଳାଚଳର ବ୍ୟବସ୍ଥା ହେଲା । ପୁରୀ ନୂଆଦିଲ୍ଲୀ ମଧ୍ୟରେ ନୀଳାଚଳ ଏକ୍ସପ୍ରେସ ନାମରେ ଏକ ସୁପରଫାଷ୍ଟ ଟ୍ରେନର ଚଳାଚଳ ମଧ୍ୟ ଆରମ୍ଭ ହେଲା ।

ରାଜ୍ୟରେ ଶିଳ୍ପର ବିକାଶ ପାଇଁ ନୂତନ ଶିଳ୍ପନୀତି ପ୍ରସ୍ତୁତ ହେଲା । ହଜାରେ ଦିନରେ ହଜାରେ କୋଟି ଟଙ୍କା ବ୍ୟୟରେ ହଜାରେ ଶିଳ୍ପ ପ୍ରତିଷ୍ଠା କଥା ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କଲେ । କଟକ ସହର ଉପକଣ୍ଠ ଜଗତପୁରଠାରେ ଓ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ନୂତନ ଶିଳ୍ପାଞ୍ଚଳମାନ ଗଢ଼ି ଉଠିଲା ।

## ମନ୍ତ୍ରିମଣ୍ଡଳରେ ଅଦଳବଦଳ :

ରାଜସ୍ୱ ଓ ଅବକାରୀ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା ୧୯୮୧ ମସିହା ଜୁଲାଇ ୧୪ତାରିଖରେ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ । ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ କୃଷ୍ଣଚରଣ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ୧୯୮୨ ମସିହା ଏପ୍ରିଲ ୧୪ତାରିଖରେ ବରଖାସ୍ତ କଲେ । ବାଣିଜ୍ୟ ବିଭାଗ କ୍ୟାବିନେଟ ମନ୍ତ୍ରୀ ଦୟାନିଧି ନାୟକ ଓ ଯୋଜନା ସମନ୍ୱୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଲଳିତ ମୋହନ ଗାନ୍ଧୀ ୧୯୮୪ ମସିହା ଫେବୃଆରି ୧୦ ତାରିଖରେ ନିଜ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ । ଫଳରେ ଫେବୃଆରି ୧୧ ତାରିଖରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରାଯାଇ ସେଥିରେ ବାଚସ୍ପତି ସୋମନାଥ ରଥଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ଗ୍ରହଣ କରାଯାଇ ତାଙ୍କୁ କୃଷି ବିଭାଗ ଦାୟିତ୍ୱ ପ୍ରଦାନ କରାଗଲା । ହେଲେ ଶ୍ରୀ ରଥ ମନ୍ତ୍ରୀ ପଦରୁ ଡିସେମ୍ବର ୩୧ ତାରିଖରେ ଇସ୍ତଫା ପ୍ରଦାନ କଲେ ।

୧୯୮୫ ମସିହା ଫେବୃଆରି ୧୨ ତାରିଖରେ ଅର୍ଥ ଓ ଆଇନ ବିଭାଗର କ୍ୟାବିନେଟ ମନ୍ତ୍ରୀ ରଘୁନାଥ ପଟ୍ଟନାୟକ ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ କୁଆଁରିଆ ମାଝି ନିଜ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ । ଏହା ପରେ ମାର୍ଚ୍ଚ ମାସ ୮ ତାରିଖରେ ଶିଳ୍ପ, ଖାଦ୍ୟ ଓ ଯୋଗାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ, ଯଦିଓ ମନ୍ତ୍ରିମଣ୍ଡଳ ୧୯୮୫ ମସିହା ମାର୍ଚ୍ଚ ମାସ ୯ତାରିଖରେ ଭଙ୍ଗ ହୋଇଥିଲା । ବିଭିନ୍ନ ସମୟରେ ମନ୍ତ୍ରୀମାନଙ୍କ ଇସ୍ତଫା ପ୍ରଦାନଯୋଗୁଁ ମନ୍ତ୍ରୀମାନଙ୍କ ବିଭାଗରେ କିଛିକିଛି ଅଦଳବଦଳ ଘଟୁଥିଲା ।



ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଭଳି ଏକ ଦୁଃଖଦ ଘଟଣା ଏହି ସମୟରେ ଘଟିଥିଲା । ୧୯୮୪ ମସିହା ଅକ୍ଟୋବର ୨୯ ତାରିଖରେ ଶ୍ରୀମତୀ ଗାନ୍ଧୀ ଓଡ଼ିଶାରୁ ବିଦାୟ ନେବା ସମୟରେ

ଭୁବନେଶ୍ୱର ପ୍ୟାରେଡ ପଡ଼ିଆଠାରେ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମୟରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉପସ୍ଥିତ ରହି ବକ୍ତୃତା ପ୍ରଦାନ କରିଥିଲେ । ଶ୍ରୀମତୀ ଗାନ୍ଧୀ ଏହି ସଭାରେ କହିଥିଲେ, ''ମୁଁ କ୍ଷମତାରେ ରହେ କି ନ ରହେ, ମୋ ଜୀବନର ଶେଷ ରକ୍ତବିନ୍ଦୁ ଦେଶ ସେବାରେ ନିୟୋଜିତ ହେବ ।''

ତା'ପରଦିନ ସେ ତାଙ୍କର ନିରାପତ୍ତା ରକ୍ଷୀଙ୍କ ଗୁଳିମାଡରେ ଦିଲ୍ଲୀଠାରେ ପ୍ରାଣତ୍ୟାଗ କଲେ । ଦେଶବାସୀ ସ୍ତମ୍ଭୀଭୂତ ହୋଇଗଲେ ।

ଅଷ୍ଟମ ବିଧାନସଭାର ମୋଟ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ୧୭୬ଟି ବୈଠକ ବସିଥିଲା । ଅଷ୍ଟମ ବିଧାନସଭା ୧୯୮୫ ମସିହା ମାର୍ଚ୍ଚ ୯ତାରିଖରେ ଭଙ୍ଗ ହେଲା ଓ ସେହିଦିନ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ କଲା ।

+++

ତ୍ରୟୋବିଂଶ ପରିଚ୍ଛେଦ

# ନବମ ଓଡ଼ିଶା ବିଧାନସଭାଃ ଜାନକୀବାବୁ ପୁନଶ୍ଚ ମୁଖ୍ୟମନ୍ତ୍ରୀ

ଅଷ୍ଟମ ଲୋକସଭା ନିମନ୍ତେ ଓଡ଼ିଶାର ୨୧ଟି ଯାକ ଆସନ ପାଇଁ ୧୯୮୪ ମସିହା ଡିସେମ୍ବର ୧୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେଲା। ୨୧ଟି ଆସନରୁ ଭାରତୀୟ ଜାତୀୟ କଂଗ୍ରେସ ୨୦ଟି ଆସନ ଲାଭକରି ବିପୁଳ ବିଜୟର ଅଧିକାରୀ ହେଲା। ଗୋଟିଏ ମାତ୍ର ଆସନରେ ଜନତାଦଳର ପ୍ରାର୍ଥୀ ବିଜୟାନନ୍ଦ ପଟ୍ଟନାୟକ ବିଜୟଲାଭ କଲେ। ସେହି ଆସନଟି ହେଲା କେନ୍ଦ୍ରାପଡ଼ା ଲୋକସଭା ଆସନ। ୨୧ଟି ଆସନପାଇଁ ଦଳୀୟ ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀ ମିଶି ୧୧୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ କଂଗ୍ରେସ ଦଳର ୨୧ ଜଣ, ଜନତା ଦଳର ୧୯ଜଣ, ଲୋକଦଳର ୫ଜଣ, ଭାରତୀୟ ଜନତା ଦଳର ୪ଜଣ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜଣେ ଲେଖାଏଁ ଓ ୬୩ଜଣ ସ୍ୱାଧୀନ ପ୍ରାର୍ଥୀ।

**ନବମ ଲୋକସଭା ସଦସ୍ୟ (୧୯୮୪) :**

| | | |
|---|---|---|
| ମୟୂରଭଞ୍ଜ | ସିଦ୍ଧଲାଲ ମୁର୍ମୁ | କଂଗ୍ରେସ |
| ବାଲେଶ୍ୱର | ଚିନ୍ତାମଣି ଜେନା | କଂଗ୍ରେସ |
| ଭଦ୍ରକ | ଅନନ୍ତ ପ୍ରସାଦ ସେଠି | କଂଗ୍ରେସ |
| ଯାଜପୁର | ଅନାଦି ଚରଣ ଦାସ | କଂଗ୍ରେସ |
| କେନ୍ଦ୍ରାପଡ଼ା | ବିଜୟାନନ୍ଦ ପଟ୍ଟନାୟକ | ଜନତା |
| କଟକ | ଜୟନ୍ତୀ ପଟ୍ଟନାୟକ | କଂଗ୍ରେସ |
| ଜଗତସିଂହପୁର | ଲକ୍ଷ୍ମଣ ମଲ୍ଲିକ | କଂଗ୍ରେସ |
| ପୁରୀ | ବ୍ରଜମୋହନ ମହାନ୍ତି | କଂଗ୍ରେସ |

| | | |
|---|---|---|
| ଭୁବନେଶ୍ୱର | ଚିନ୍ତାମଣି ପାଣିଗ୍ରାହୀ | କଂଗ୍ରେସ |
| ଆସ୍କା | ସୋମନାଥ ରଥ | କଂଗ୍ରେସ |
| ବ୍ରହ୍ମପୁର | ଆର. ଜଗନ୍ନାଥ ରାଓ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ଜଗନ୍ନାଥ ପଟ୍ଟନାୟକ | କଂଗ୍ରେସ |
| ଫୁଲବାଣୀ | ରାଧାକାନ୍ତ ଡିଗଲ | କଂଗ୍ରେସ |
| ବଲାଙ୍ଗୀର | ନିତ୍ୟାନନ୍ଦ ମିଶ୍ର | କଂଗ୍ରେସ |
| ସମ୍ବଲପୁର | ଡଃ କୃପାସିନ୍ଧୁ ଭୋଇ | କଂଗ୍ରେସ |
| ଦେବଗଡ଼ | ଶ୍ରୀବଲ୍ଲଭ ପାଣିଗ୍ରାହୀ | କଂଗ୍ରେସ |
| ଢେଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ |
| ସୁନ୍ଦରଗଡ଼ | ମରିସ କୁଜୁର | କଂଗ୍ରେସ |
| କେନ୍ଦୁଝର | ହରିହର ସୋରେନ୍ | କଂଗ୍ରେସ |

ଏହି ଲୋକସଭା ନିର୍ବାଚନରେ ସମରେନ୍ଦ୍ର କୁଣ୍ଡୁ (ଜ), ଭାଗବତ ପ୍ରସାଦ ମହାନ୍ତି (କଂ), ଯୋଗେଶ ଚନ୍ଦ୍ର ରାଉତ (ଜନତା), ରବି ରାୟ (ଜ), ବାରିଷ୍ଟର ରଣଜିତ ମହାନ୍ତି (ଜ), ଶିବାଜୀ ପଟ୍ଟନାୟକ (ମା.କମ୍ୟୁ), ପ୍ରତାପ କେଶରୀ ଦେଓ (ଜ), ସୈରୀନ୍ଦ୍ରୀ ନାୟକ (ଜ), ପ୍ରସନ୍ନ କୁମାର ପଣ୍ଡା (କମ୍ୟୁ) ଓ ଅଦ୍ୱୈତ ପ୍ରସାଦ ସିଂହ (ଜନତା) ଆଦି ଜଣାଶୁଣା ବଡ଼ ବଡ଼ ନେତାମାନେ ପରାଜିତ ହୋଇଥିଲେ। ବିଶେଷ ଉଲ୍ଲେଖନୀୟ ଘଟଣା ହେଲା; ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଜନତା ପ୍ରାର୍ଥୀ ରବି ରାୟ ତାଙ୍କ ନିକଟତମ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମଣ ମଲ୍ଲିକଙ୍କ ଠାରୁ ପ୍ରାୟ ଦେଢ଼ହଜାର ଭୋଟ ବ୍ୟବଧାନରେ ହାରି ଯାଇଥିଲେ। ଶ୍ରୀ ମଲ୍ଲିକ ୨,୬୩,୯୬୦ଟି ଭୋଟ ପାଇଥିବା ସ୍ଥଳେ ଶ୍ରୀ ରାୟ ପାଇଥିଲେ ୨,୬୨,୩୯୪ଟି ଭୋଟ।

ପ୍ରାୟ ଅଢ଼େଇ ମାସ ବ୍ୟବଧାନରେ ଓଡ଼ିଶାର ନବମ ବିଧାନସଭା ନିମନ୍ତେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା ୧୯୮୫ ମସିହା ମାର୍ଚ୍ଚମାସ ୫ ତାରିଖରେ। ୧୪୭ଟି ବିଧାନସଭା ଆସନରୁ ୧୪୫ଟିରେ ନିର୍ବାଚନ ଅନୁଷ୍ଠିତ ହେଲା। କେତେକ ଅନିବାର୍ଯ୍ୟ କାରଣ ବଶତଃ ପୁରୀ ଜିଲ୍ଲା କାକଟପୁର ଓ କେନ୍ଦୁଝର ନିର୍ବାଚନ ମଣ୍ଡଳୀର ନିର୍ବାଚନ ସ୍ଥଗିତ ରଖାଗଲା। ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଆଠଗଡ଼ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କଲେ। କଂଗ୍ରେସ ଦଳ ୧୪୫, ଜନତାଦଳ- ୧୩୮, ଭାରତୀୟ ଜନତା ପାର୍ଟି- ୬୭, କମ୍ୟୁନିଷ୍ଟ ଦଳ- ୨୬, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି- ୧୦, ଫରୱାର୍ଡ ବ୍ଲକ-୧, ସୋସାଲିଷ୍ଟ ଇଉନିଟ ସେଣ୍ଟର-୩, ଲୋକଦଳ-୧୮, ଝାଡ଼ଖଣ୍ଡ-୧୧, ଶରଦ ପାୱାରଙ୍କ ପରିଚାଳିତ କଂଗ୍ରେସ-୧, ଜଗଜ୍ଜୀବନରାମଙ୍କ କଂଗ୍ରେସ-୧ ପ୍ରାର୍ଥୀ ଏହି ନିର୍ବାଚନରେ ଠିଆ କରାଇ ଥିଲେ। ଏହା ବ୍ୟତୀତ ୩୭୨ଜଣ ସ୍ୱାଧୀନ ପ୍ରାର୍ଥୀ ଏହି ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ।

୧୯୮୦ ମସିହା ନିର୍ବାଚନରେ କଂଗ୍ରେସ ଦଳ ବିଧାନସଭାରେ ଅଧିକାର କରିଥିବା ୧୧୭ଟି ଆସନକୁ ଏହି ନିର୍ବାଚନରେ ବଜାୟ ରଖିଲା । ଅନ୍ୟ ଦଳମାନଙ୍କ ମଧ୍ୟରେ ଜନତା ପାର୍ଟି-୧୯, ଭାରତୀୟ କମ୍ୟୁନିଷ୍ଟ ପାର୍ଟି-୧, ଭାରତୀୟ ଜନତା ପାର୍ଟି-୧ ଓ ସ୍ୱାଧୀନ ସଭ୍ୟମାନେ ୭ଟି ଆସନ ଲାଭ କଲେ । ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଠଗଡ଼ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ଦୁଇଟି ଯାକରେ ବିଜୟୀ ହୋଇ ଆଠଗଡ଼ ନିର୍ବାଚନ ମଣ୍ଡଳୀକୁ ରଖି ଖୋର୍ଦ୍ଧା ଆସନରୁ ଇସ୍ତଫା ପ୍ରଦାନ କଲେ । ବିଭିନ୍ନ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ହେଲେ :

## ନବମ ବିଧାନସଭା ସଦସ୍ୟ (୧୯୮୫) :

| | | |
|---|---|---|
| କରଞ୍ଜିଆ | କରୁଣାକର ନାୟକ | କଂଗ୍ରେସ |
| ଯଶୀପୁର | ଶମ୍ଭୁନାଥ ନାୟକ | ସ୍ୱାଧୀନ |
| ବାହଲଦା | ଭାଗେ ଗୋବର୍ଦ୍ଧନ | ଜନତା ଦଳ |
| ରାଇରଙ୍ଗପୁର | ଭବେନ୍ଦ୍ରନାଥ ମାଝି | କଂଗ୍ରେସ |
| ବାଙ୍ଗୀରପୋଷି | କାନ୍‌ଗୋଇ ସିଂହ | କଂଗ୍ରେସ |
| କୁଳିଅଣା | ସରସ୍ୱତୀ ହେମ୍ବ୍ରମ | କଂଗ୍ରେସ |
| ବାରିପଦା | ପ୍ରସନ୍ନ କୁମାର ଦାସ | କଂଗ୍ରେସ |
| ବଇସିଙ୍ଗା | ପୃଥ୍ୱୀନାଥ କିସ୍‌କୁ | କଂଗ୍ରେସ |
| ଖୁଣ୍ଟା | ବୀରାମ ମୁର୍ମୁ | କଂଗ୍ରେସ |
| ଉଦଳା | ରାବଣେଶ୍ୱର ମଢ଼େଇ | କଂଗ୍ରେସ |
| ଭୋଗରାଇ | ଉମାରାଣୀ ପାତ୍ର | କଂଗ୍ରେସ |
| ଜଳେଶ୍ୱର | ଯୁଧିଷ୍ଠିର ଜେନା | କଂଗ୍ରେସ |
| ବସ୍ତା | ଭୂପାଳ ମହାପାତ୍ର | କଂଗ୍ରେସ |
| ବାଲେଶ୍ୱର | ଗୋପନାରାୟଣ ଦାସ | କଂଗ୍ରେସ |
| ସୋରୋ | ଯଦୁନାଥ ଦାଶ ମହାପାତ୍ର | କଂଗ୍ରେସ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | କଂଗ୍ରେସ |
| ନୀଳଗିରି | ସୁକୁମାର ନାୟକ | କଂଗ୍ରେସ |
| ଭଣ୍ଡାରିପୋଖରୀ | ପଞ୍ଚାନନ ମଣ୍ଡଳ | କଂଗ୍ରେସ |
| ଭଦ୍ରକ | ଯୁଗଳ କିଶୋର ପଟ୍ଟନାୟକ | କଂଗ୍ରେସ |
| ଧାମନଗର | ଜଗନ୍ନାଥ ରାଉତ | କଂଗ୍ରେସ |
| ଚାନ୍ଦବାଲି | ନେତ୍ରାନନ୍ଦ ମଲ୍ଲିକ | କଂଗ୍ରେସ |
| ବାସୁଦେବପୁର | ମଧୁସୂଦନ ପାଣିଗ୍ରାହୀ | କଂଗ୍ରେସ |

| | | |
|---|---|---|
| ସୁକିନ୍ଦା | ଶରତ ରାଉତ | କଂଗ୍ରେସ |
| କୋରେଇ | ରାମଚନ୍ଦ୍ର ଖୁଣ୍ଟିଆ | କଂଗ୍ରେସ |
| ଯାଜପୁର | ଜଗନ୍ନାଥ ମଲ୍ଲିକ | ଜନତାଦଳ |
| ଧର୍ମଶାଳା | କାଙ୍ଗାଳି ଚରଣ ପଣ୍ଡା | କଂଗ୍ରେସ |
| ବଡ଼ଚଣା | ସୀତାକାନ୍ତ ମହାପାତ୍ର | କଂଗ୍ରେସ |
| ବରିଡେରାବିସ | ଶ୍ରୀକାନ୍ତ କୁମାର ଜେନା | ଜନତାଦଳ |
| ବିଂଝାରପୁର | ନବକିଶୋର ମଲ୍ଲିକ | କଂଗ୍ରେସ |
| ଆଳି | ଦୋଳଗୋବିନ୍ଦ ନାୟକ | କଂଗ୍ରେସ |
| ପଟ୍ଟାମୁଣ୍ଡାଇ | ଗଣେଶ୍ୱର ବେହେରା | କଂଗ୍ରେସ |
| ରାଜନଗର | ନଳିନୀକାନ୍ତ ମହାନ୍ତି | ଜନତାଦଳ |
| କେନ୍ଦ୍ରାପଡ଼ା | ଭାଗବତ ପ୍ରସାଦ ମହାନ୍ତି | କଂଗ୍ରେସ |
| ପାଟକୁରା | ବିଜୟ ମହାପାତ୍ର | ଜନତାଦଳ |
| ତିର୍ତ୍ତୋଲ | ନିତ୍ୟାନନ୍ଦ ସାମନ୍ତରାୟ | କଂଗ୍ରେସ |
| ଏରସମା | କୃଷ୍ଣଚନ୍ଦ୍ର ସ୍ୱାଇଁ | କଂଗ୍ରେସ |
| ବାଲିକୁଦା | ଜ୍ୟୋତିଷ ଚନ୍ଦ୍ର ଦାସ | କଂଗ୍ରେସ |
| ଜଗତସିଂହପୁର | କୈଳାସ ଚନ୍ଦ୍ର ମଲ୍ଲିକ | କଂଗ୍ରେସ |
| କିଶନନଗର | ବଟକୃଷ୍ଣ ଜେନା | କଂଗ୍ରେସ |
| ମାହାଙ୍ଗା | ସେକ୍ ମତଲୁବ୍ ଅଲ୍ଲି | କଂଗ୍ରେସ |
| ସାଲେପୁର | ମାୟାଧର ସେଠୀ | କଂଗ୍ରେସ |
| ଗୋବିନ୍ଦପୁର | ତ୍ରିଲୋଚନ କାନୁନ୍‌ଗୋ | ସ୍ୱାଧୀନ |
| କଟକ ସଦର | ଦୋଳ ଗୋବିନ୍ଦ ପ୍ରଧାନ | କଂଗ୍ରେସ |
| କଟକ ସହର | ସୟଦ ମୁସ୍ତାଫିଜ୍ ଅହମଦ | ଜନତାଦଳ |
| ଚୌଦ୍ୱାର | ରସାନନ୍ଦ ସାହୁ | କଂଗ୍ରେସ |
| ବାଙ୍କୀ | ଅକ୍ଷୟ କୁମାର ପଟ୍ଟନାୟକ | କଂଗ୍ରେସ |
| ଆଠଗଡ଼ | ଜାନକୀ ବଲ୍ଲଭ ପଟ୍ଟନାୟକ | କଂଗ୍ରେସ |
| ବଡ଼ମ୍ବା | ଡା. ଲଳିତ ମୋହନ ମହାନ୍ତି | କଂଗ୍ରେସ |
| ବାଲିପାଟଣା | ରାଘବ ଚନ୍ଦ୍ର ସେଠି | କଂଗ୍ରେସ |
| ଭୁବନେଶ୍ୱର | ବିଜୁ ପଟ୍ଟନାୟକ | ଜନତା |
| ଜଟଣି | ସୁରେଶ କୁମାର ରାଉତରାୟ | କଂଗ୍ରେସ |
| ପିପିଲି | ପ୍ରଦୀପ କୁମାର ମହାରଥୀ | ଜନତାଦଳ |
| ନିମାପଡ଼ା | ରବୀନ୍ଦ୍ର କୁମାର ସେଠୀ | କଂଗ୍ରେସ |

| | | |
|---|---|---|
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ଜନତାଦଳ |
| ସତ୍ୟବାଦୀ | ରବୀନ୍ଦ୍ର କୁମାର ଦାସ | କଂଗ୍ରେସ |
| ପୁରୀ | ବ୍ରଜକିଶୋର ତ୍ରିପାଠୀ | ଜନତାଦଳ |
| ବ୍ରହ୍ମଗିରି | ଗଙ୍ଗାଧର ମହାପାତ୍ର | କଂଗ୍ରେସ |
| ଚିଲିକା | ଡାଃ ଦେବେନ୍ଦ୍ର ନାଥ ମାନସିଂହ | କଂଗ୍ରେସ |
| ଖୋର୍ଦ୍ଧା | ଜାନକୀ ବଲ୍ଲଭ ପଟ୍ଟନାୟକ | କଂଗ୍ରେସ |
| | ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ | ସ୍ୱାଧୀନ |
| ବେଗୁନିଆ | କୈଳାସ ଚନ୍ଦ୍ର ମହାପାତ୍ର | କଂଗ୍ରେସ |
| ରଣପୁର | ରମାକାନ୍ତ ମିଶ୍ର | କଂଗ୍ରେସ |
| ନୟାଗଡ଼ | ଭାଗବତ ବେହେରା | ଜନତାଦଳ |
| ଖଣ୍ଡପଡ଼ା | ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ | କଂଗ୍ରେସ |
| ଦଶପଲ୍ଲା | ହରିହର କରଣ | କଂଗ୍ରେସ |
| ଜଗନ୍ନାଥପ୍ରସାଦ | ଡମ୍ବରୁଧର ସେଠି | କଂଗ୍ରେସ |
| ଭଞ୍ଜନଗର | ଉମାକାନ୍ତ ମିଶ୍ର | କଂଗ୍ରେସ |
| ସୋରଡ଼ା | ଶରତ ଚନ୍ଦ୍ର ପଣ୍ଡା | କଂଗ୍ରେସ |
| ଆସ୍କା | ରାଘବ ପରିଡ଼ା | କଂଗ୍ରେସ |
| କବିସୂର୍ଯ୍ୟନଗର | ରାଧାଗୋବିନ୍ଦ ସାହୁ | କଂଗ୍ରେସ |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ଜନତାଦଳ |
| ଖଲ୍ଲିକୋଟ | ଭି. ସୁଜ୍ଞାନ କୁମାରୀ ଦେଓ | ଜନତାଦଳ |
| ଛତ୍ରପୁର | ଅଶୋକ କୁମାର ଚୌଧୁରୀ | କଂଗ୍ରେସ |
| ହିଞ୍ଜିଳି | ଉଦୟ ନାୟକ | କଂଗ୍ରେସ |
| ଗୋପାଳପୁର | ଘନଶ୍ୟାମ ବେହେରା | କଂଗ୍ରେସ |
| ବ୍ରହ୍ମପୁର | ଶିବଶଙ୍କର ସାହାଣୀ | କଂଗ୍ରେସ |
| ଚିକିଟି | ଚିନ୍ତାମଣିଦ୍ୟାନ ସାମନ୍ତରାୟ | କଂଗ୍ରେସ |
| ମୋହନା | ଶରତ କୁମାର ଜେନା | କଂଗ୍ରେସ |
| ରାମଗିରି | ହଳଧର କାର୍ଜି | ସ୍ୱାଧୀନ |
| ପାରଳାଖେମୁଣ୍ଡି | ତ୍ରିନାଥ ସାହୁ | କଂଗ୍ରେସ |
| ଗୁଣପୁର | ଭାଗୀରଥି ଗମାଙ୍ଗ | କଂଗ୍ରେସ |
| ବିଷମକଟକ | ଡମ୍ବରୁଧର ଉଲାକା | କଂଗ୍ରେସ |
| ରାୟଗଡ଼ା | ରାମଚନ୍ଦ୍ର ଉଲାକା | କଂଗ୍ରେସ |
| ଲକ୍ଷ୍ମୀପୁର | ଅନନ୍ତରାମ ମାଝି | କଂଗ୍ରେସ |

| | | |
|---|---|---|
| ପଟ୍ଟାଙ୍ଗୀ | ଚନ୍ଦ୍ରମା ସାନ୍ତା | କଂଗ୍ରେସ |
| କୋରାପୁଟ | ନୃସିଂହାନନ୍ଦ ବ୍ରହ୍ମା | କଂଗ୍ରେସ |
| ମାଲକାନାଗିରି | ନଦିୟାବାସୀ ବିଶ୍ୱାସ | ସ୍ୱାଧୀନ |
| ଚିତ୍ରକୋଣ୍ଡା | ଗଙ୍ଗାଧର ମାଡ଼ୀ | କଂଗ୍ରେସ |
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ଗୁପ୍ତ ପ୍ରସାଦ ପୂଜାରୀ | କଂଗ୍ରେସ |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | କଂଗ୍ରେସ |
| ଡାବୁଗାଁ | ଡମ୍ବରୁ ମାଝି | କଂଗ୍ରେସ |
| ଉମରକୋଟ | ପରମା ପୂଜାରୀ | କଂଗ୍ରେସ |
| କୋଚିଗାଁ | ଭଗବତୀ ପୂଜାରୀ | କଂଗ୍ରେସ |
| ନୂଆପଡ଼ା | ଘାସିରାମ ମାଝି | ଜନତାଦଳ |
| ଖଡ଼ିଆଳ | ଅନୁପ ସିଂହଦେଓ | କଂଗ୍ରେସ |
| ଧର୍ମଗଡ଼ | ଯୁଗରାମ ବେହେରା | କଂଗ୍ରେସ |
| କୋକସରା | ରାସବିହାରୀ ବେହେରା | କଂଗ୍ରେସ |
| ଜୁନାଗଡ଼ | ବିକ୍ରମ କେଶରୀ ଦେବ | ଜନତାଦଳ |
| ଭବାନୀପାଟଣା | ଭକ୍ତଚରଣ ଦାସ | ଜନତାଦଳ |
| ନର୍ଲା | କୁମରମଣି ଶବର | କଂଗ୍ରେସ |
| କେସିଙ୍ଗା | ଭୁପିନ୍ଦର ସିଂହ | କଂଗ୍ରେସ |
| ବାଲିଗୁଡ଼ା | ଲକ୍ଷ୍ମୀକାନ୍ତ ମଲ୍ଲିକ | କଂଗ୍ରେସ |
| ଉଦୟଗିରି | ନାଗାର୍ଜୁନ ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ଅଭିମନ୍ୟୁ ବେହେରା | କଂଗ୍ରେସ |
| ବୌଦ | ସୁଜିତ କୁମାର ପାଢ଼ୀ | କଂଗ୍ରେସ |
| ଟିଟିଲାଗଡ଼ | ପୂର୍ଣ୍ଣଚନ୍ଦ୍ର ମହାନନ୍ଦ | କଂଗ୍ରେସ |
| କଣ୍ଟାବାଂଜି | ଚୈତନ୍ୟ ପ୍ରଧାନ | ସ୍ୱାଧୀନ |
| ପାଟଣାଗଡ଼ | ଡା. ସୁଶୀଲ କୁମାର ପୃଷ୍ଟି | କଂଗ୍ରେସ |
| ସଇଁତଳା | ରାଧାକାନ୍ତ ପଣ୍ଡା | ସ୍ୱାଧୀନ |
| ଲୋଇସିଙ୍ଗା | ବାଲଗୋପାଲ ମିଶ୍ର | ସ୍ୱାଧୀନ |
| ବଲାଙ୍ଗୀର | ମୁଜାଫର ହୁସେନ ଖାଁ | କଂଗ୍ରେସ |
| ସୋନପୁର | ଅଚ୍ୟୁତ ବିଶ୍ୱାଳ | କଂଗ୍ରେସ |
| ବିନିକା | ଚିତ୍ତରଂଜନ ମିଶ୍ର | କଂଗ୍ରେସ |
| ବୀରମହାରାଜପୁର | କାର୍ତ୍ତିକ ପ୍ରସାଦ ତରିଆ | କଂଗ୍ରେସ |

| | | |
|---|---|---|
| ଆଠମଲ୍ଲିକ | ଅମରନାଥ ପ୍ରଧାନ | କଂଗ୍ରେସ |
| ଅନୁଗୁଳ | ପ୍ରଫୁଲ ମିଶ୍ର | କଂଗ୍ରେସ |
| ହିନ୍ଦୋଳ | ରବି ନାରାୟଣ ନାୟକ | କଂଗ୍ରେସ |
| ଢେଙ୍କାନାଳ | ନନ୍ଦିନୀ ଶତପଥୀ | ସ୍ୱାଧୀନ |
| ଗଁଦିଆ | ପ୍ରଫୁଲ୍ଲ କୁମାର ଭଞ୍ଜ | କଂଗ୍ରେସ |
| କାମାଖ୍ୟାନଗର | ପ୍ରସନ୍ନ କୁମାର ପଟ୍ଟନାୟକ | ଭାଜପା |
| ପାଲଲହଡ଼ା | ବିଭୁଦେନ୍ଦ୍ର ପ୍ରତାପ ଦାସ | କଂଗ୍ରେସ |
| ତାଳଚେର | ଭଜମନ ବେହେରା | କଂଗ୍ରେସ |
| ପଦ୍ମପୁର | ସତ୍ୟଭୂଷଣ ସାହୁ | କଂଗ୍ରେସ |
| ମେଳଛାମୁଣ୍ଡା | ପ୍ରକାଶଚନ୍ଦ୍ର ଦେବତା | କଂଗ୍ରେସ |
| ବିଜେପୁର | ନିକୁଞ୍ଜ ବିହାରୀ ସିଂହ | ଜନତାଦଳ |
| ଭଟଲି | ମୋହନ ନାଗ | କଂଗ୍ରେସ |
| ବରଗଡ଼ | ଯଦୁମଣି ପ୍ରଧାନ | କଂଗ୍ରେସ |
| ସମ୍ବଲପୁର | ଶ୍ରଦ୍ଧାକର ସୂପକାର | କଂଗ୍ରେସ |
| ବ୍ରଜରାଜନଗର | ପ୍ରସନ୍ନ କୁମାର ପଣ୍ଡା | କମ୍ୟୁନିଷ୍ଟ |
| ଝାରସୁଗୁଡ଼ା | ବୀରେନ୍ଦ୍ର ପାଣ୍ଡେ | କଂଗ୍ରେସ |
| ଲଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| କୁଚିଣ୍ଡା | ଜଗତେଶ୍ୱର ମିର୍ଦ୍ଧା | କଂଗ୍ରେସ |
| ରେଢ଼ାଖୋଲ | ଅଭିମନ୍ୟୁ କୁମ୍ବାର | କଂଗ୍ରେସ |
| ଦେଓଗଡ଼ | ରାଜକିଶୋର ପ୍ରଧାନ | କଂଗ୍ରେସ |
| ସୁନ୍ଦରଗଡ଼ | ଭରତେନ୍ଦ୍ର ଶେଖର ଦେଓ | ଜନତାଦଳ |
| ତଳସରା | ଗଦାଧର ମାଝି | କଂଗ୍ରେସ |
| ରାଜଗାଙ୍ଗପୁର | ମଙ୍ଗଳା କିଷାନ୍ | ଜନତାଦଳ |
| ବୀରମିତ୍ରପୁର | ରେମିସ୍ କେର୍କେଟା | କଂଗ୍ରେସ |
| ରାଉରକେଲା | ଦିଲ୍ଲୀପ କୁମାର ରାୟ | ଜନତା |
| ରଘୁନାଥପଲ୍ଲୀ | ଫ୍ରିଡା ଟପ୍ନୋ | କଂଗ୍ରେସ |
| ବଣାଇ | ବସନ୍ତ କୁମାର ସିଂ ଦଣ୍ଡପାଟ | କଂଗ୍ରେସ |
| ପାଟଣା | ହୃଷୀକେଶ ନାୟକ | କଂଗ୍ରେସ |
| କେନ୍ଦୁଝର | ଛୋଟରାୟ ମାଝି | ଜନତା |
| ତେଲକୋଇ | ପ୍ରାଣବଲ୍ଲଭ ନାୟକ | କଂଗ୍ରେସ |
| ରାମଚନ୍ଦ୍ରପୁର | ନିରଞ୍ଜନ ପଟ୍ଟନାୟକ | କଂଗ୍ରେସ |

| | | |
|---|---|---|
| ଆନନ୍ଦପୁର | ଜୟଦେବ ଜେନା | କଂଗ୍ରେସ |
| ଚମ୍ପୁଆ | ଧନୁର୍ଜ୍ଜୟ ଲାଗୁଡ଼ି | କଂଗ୍ରେସ |

ଏହି ନିର୍ବାଚନରେ ବିଭିନ୍ନ ଦଳରୁ ସାତଜଣ ମହିଳାପ୍ରାର୍ଥୀ ନିର୍ବାଚିତ ହୋଇ ଆସିଥିଲେ। ସେମାନେ ଓ ସେମାନଙ୍କ ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା:

| | | |
|---|---|---|
| କୁଳିଅଣା | ସରସ୍ୱତୀ ହେମ୍ବ୍ରମ୍ | କଂଗ୍ରେସ |
| ଭୋଗରାଇ | ଉମାରାଣୀ ପାତ୍ର | କଂଗ୍ରେସ |
| ଖଲ୍ଲିକୋଟ | ଭି.ସୁଜ୍ଞାନ କୁମାରୀ ଦେଓ | ଜନତାଦଳ |
| ପଟାଙ୍ଗୀ | ଚନ୍ଦ୍ରମା ସାନ୍ତା | କଂଗ୍ରେସ |
| ଉମରକୋଟ | ପରମା ପୂଜାରୀ | କଂଗ୍ରେସ |
| ଢେଙ୍କାନାଳ | ନନ୍ଦିନୀ ଶତପଥୀ | ସ୍ୱାଧୀନ |
| ରଘୁନାଥ ପାଲ୍ଲୀ | ଫ୍ରିଡା ଟପ୍ନୋ | କଂଗ୍ରେସ |

ସର୍ବସମ୍ମତି କ୍ରମେ ଜାନକୀ ବଲ୍ଲଭ ପଟ୍ଟନାୟକ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହେଲେ ଓ ଦ୍ୱିତୀୟଥରପାଇଁ ମୁଖ୍ୟମନ୍ତ୍ରୀ ଭାବରେ ୧୯୮୫ ମସିହା ମାର୍ଚ୍ଚ ୧୦ ତାରିଖ ଦିନ ଶପଥ ଗ୍ରହଣ କଲେ। ମାନ୍ୟବର ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେ ତାଙ୍କୁ ଶପଥ ଗ୍ରହଣ କରାଇଲେ। ମାର୍ଚ୍ଚ ୧୨ ତାରିଖରେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଶପଥ ଗ୍ରହଣ କଲେ। ସେମାନଙ୍କ ଭିତରେ ରହିଲେ ୫ଜଣ କ୍ୟାବିନେଟ ମନ୍ତ୍ରୀ ଓ ୧୦ଜଣ ରାଷ୍ଟ୍ରପାହ୍ୟା ମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମନ୍ତ୍ରିମଣ୍ଡଳଟି ଏହିପରି ଭାବରେ ଗଢ଼ାଯାଇ ବିଭାଗ ବଣ୍ଟନ କରାଗଲା ।



ଉମାରାଣୀ ପାତ୍ର



ଫ୍ରିଡ଼ା ଟପ୍ନୋ

### କ୍ୟାବିନେଟ ମନ୍ତ୍ରୀ :


| | |
|---|---|
| **ଜାନକୀ ବଲ୍ଲଭ ପଟ୍ଟନାୟକ** | : ମୁଖ୍ୟମନ୍ତ୍ରୀ, ଘରୋଇ, ସାଧାରଣ ପ୍ରଶାସନ, ଅର୍ଥ, ଯୋଜନା, ସମନ୍ୱୟ, ବିଜ୍ଞାନ, କାରିଗରୀ କୌଶଳ ଓ ପରିବେଶ, ଶିଳ୍ପ, ସୂଚନା ଓ ଲୋକସ-ର୍କ, କ୍ରୀଡ଼ା, ପୂର୍ତ୍ତ, ଖଣି ଓ ଭୂତତ୍ତ୍ୱ, ଗୃହ ଓ ନଗର ଉନ୍ନୟନ, ଜଳସେଚନ ଓ ବିଦ୍ୟୁତ (୩୦.୪.୧୯୮୫ରେ ରାଜସ୍ୱ ବିଭାଗ ଦାୟିତ୍ୱ ଗ୍ରହଣ) |
| **ଅନୁପ ସିଂହଦେଓ** | : ବାଣିଜ୍ୟ ଓ ପରିବହନ |
| **ଭଜମନ ବେହେରା** | : ହରିଜନ ଓ ଆଦିବାସୀ କଲ୍ୟାଣ |
| **ଗଙ୍ଗାଧର ମହାପାତ୍ର** | : ଆଇନ, ପର୍ଯ୍ୟଟନ ଓ ସଂସ୍କୃତି |
| **ଯୁଗଳ କିଶୋର ପଟ୍ଟନାୟକ** | : ଶିକ୍ଷା ଓ ଯୁବସେବା |
| **ନିରଞ୍ଜନ ପଟ୍ଟନାୟକ** | : ରାଜସ୍ୱ (୩୦.୪.୧୯୮୫ରେ ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ) |
| **ବଟକୃଷ୍ଣ ଜେନା** | : ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ବିଭାଗ ରାଷ୍ଟ୍ରମନ୍ତ୍ରୀ |
| **ଭୁପାଳ ମହାପାତ୍ର** | : (୧୩.୩.୧୯୮୫ରେ ଶପଥ ଗ୍ରହଣ)- ଜଙ୍ଗଲ ବିଭାଗ |

### ରାଷ୍ଟ୍ର ମନ୍ତ୍ରୀ :

| | |
|---|---|
| **ଡମ୍ବରୁଧର ଉଲାକା** | : ଅବକାରୀ |
| **କୁମାରୀ ଫ୍ରିଡ଼ା ଟପ୍ନୋ** | : ମତ୍ସ୍ୟ ଓ ପଶୁପାଳନ |
| **ହବିବୁଲ୍ଲା ଖାଁ** | : ଖାଦ୍ୟ ଓ ଯୋଗାଣ |
| **ହେମାନନ୍ଦ ବିଶ୍ୱାଳ** | : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| **ମହମ୍ମଦ ମୁଜାଫର ହୁସେନ ଖାଁ** | : ଶ୍ରମ ଓ କର୍ମ ଯୋଗାଣ |
| **ମୋହନ ନାଗ** | : ଜଳସେଚନ |
| **ନାଗାର୍ଜୁନ ପ୍ରଧାନ** | : ସମବାୟ |
| **ଶରତଚନ୍ଦ୍ର ପଣ୍ଡା** | : କୃଷି ବିଭାଗ |

## ଶପଥ ଗ୍ରହଣ ଓ ବାଚସ୍ପତି, ଉପବାଚସ୍ପତି ନିର୍ବାଚନ :

ଶ୍ରଦ୍ଧାକର ସୂପକାର ଅସ୍ଥାୟୀ ବାଚସ୍ପତି ଭାବରେ ନବନିର୍ବାଚିତ ବିଧାୟକମାନଙ୍କୁ ୧୩.୩.୧୯୮୫ରେ ଶପଥ ପାଠ କରାଇଲେ । ଏହାପରେ ୧୪ ତାରିଖ ଦିନ ପୂର୍ବ ବିଧାନସଭାର ବାଚସ୍ପତି ଥିବା ପ୍ରସନ୍ନ କୁମାର ଦାସ ସର୍ବସମ୍ମତି କ୍ରମେ ନବମ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହେଲେ । ଚିନ୍ତାମଣି ଦ୍ୟାନ ସାମନ୍ତରାୟ ମଧ୍ୟ ଉପବାଚସ୍ପତି



ଶ୍ରଦ୍ଧାକର ସୂପକାର




ପ୍ରସନ୍ନ କୁମାର ଦାସ

ଭାବରେ ସେହିଦିନ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ । ବିଜୁ ପଟ୍ଟନାୟକ ଜନତା ବିଧାୟକ ଦଳର ନେତା ନିର୍ବାଚିତ ହେଲେ । ସେ ବିରୋଧୀ ଦଳ ନେତା ହେଲେ ବୋଲି ୨୨ ତାରିଖ ଦିନ ଘୋଷଣା କରାଗଲା । ବିଜୁ ପଟ୍ଟନାୟକ ପୂର୍ବରୁ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ପରେ ଭୁବନେଶ୍ୱର ବିଧାନସଭା ଆସନରୁ ନିର୍ବାଚିତ ହେବାରୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଇସ୍ତଫା ପ୍ରଦାନ କଲେ । ଭୁବନେଶ୍ୱରର ବିଧାୟକ ହୋଇ ରହିଲେ ।

## ଉପନିର୍ବାଚନ ଫଳାଫଳ :

ପୂର୍ବରୁ ନିର୍ବାଚନ ହୋଇ ନଥିବା କାକଟପୁର ଓ କେନ୍ଦୁଝର ବିଧାନସଭା ନିର୍ବାଚନମଣ୍ଡଳୀ ସହ, ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ଛାଡ଼ି ଦେଇଥିବା ଖୋର୍ଦ୍ଧା ବିଧାନସଭା ଆସନ ଓ ବିଜୁପଟ୍ଟନାୟକ ଛାଡ଼ିଥିବା କେନ୍ଦ୍ରାପଡ଼ା ଲୋକସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେଲା । କାକଟପୁରରୁ ଜନତା ପାର୍ଟି ପ୍ରାର୍ଥୀ ସୁରେନ୍ଦ୍ରନାଥ ନାୟକ, କେନ୍ଦୁଝରରୁ ଜନତା ପାର୍ଟି ପ୍ରାର୍ଥୀ ଛୋଟରାୟ ମାଝି ଓ ଖୋର୍ଦ୍ଧାରୁ ଜନତା ପାର୍ଟି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପ୍ରସନ୍ନ ପାଟ୍ଟଶାଣୀ ନିର୍ବାଚନ ଜିତି ବିଧାନସଭାକୁ ନିର୍ବାଚିତ ହେଲେ । କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଉପନିର୍ବାଚନରେ ଜନତା ପ୍ରାର୍ଥୀ ଶରତ କୁମାର ଦେବ ବିଜୟ ଲାଭ କଲେ । ପରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଭବେନ୍ଦ୍ର ନାଥ ମାଝିଙ୍କର ୧୯୮୬ ମସିହା ମାର୍ଚ୍ଚ ମାସ ୩ ତାରିଖରେ ପରଲୋକ ଘଟିଲା । ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହେଲା ନଭେମ୍ବର ୨୩ ତାରିଖରେ । ଏଠାରୁ ମଧ୍ୟ ଜନତାପାର୍ଟିର ପ୍ରାର୍ଥୀ ଚୈତନ୍ୟ ପ୍ରସାଦ ମାଝି ଉପନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇ ଆସିଲେ ।



**ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କୁ ଶପଥପାଠ କରାଉଛନ୍ତି ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେ**

## ବିଭିନ୍ନ ସମୟରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ :

ଘଟଣାଚକ୍ରରେ ରାଜସ୍ୱ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ୧୯୮୫ ମସିହା ଏପ୍ରିଲ ୩୦ ତାରିଖରେ ନୈତିକତା ଦୃଷ୍ଟିରୁ ମନ୍ତ୍ରୀପଦରୁ ଇସ୍ତଫା ଦେଲେ । ନିଜର ସମ୍ମାନ ବଜାୟ ରଖିବା ନିମନ୍ତେ ସେ ସୁପ୍ରିମ କୋର୍ଟରେ ଅପିଲ୍ କଲେ । ମେ ମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଯଦୁନାଥ ଦାଶ ମହାପାତ୍ରଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ଗ୍ରହଣ କଲେ । ସେ ରହିଲେ ଶିକ୍ଷା ଓ ଯୁବ ସେବା ବିଭାଗ ଦାୟିତ୍ୱରେ । ଯୁଗଳ କିଶୋର ପଟ୍ଟନାୟକଙ୍କ ହାତରୁ ଏହି ବିଭାଗ କାଢ଼ି ନିଆଯାଇ ତାଙ୍କୁ ରାଜସ୍ୱ ବିଭାଗ ପ୍ରଦାନ କରାଗଲା । ଏହି ସଂପ୍ରସାରଣରେ ଶରତ ରାଉତ ରାଷ୍ଟ୍ରମନ୍ତ୍ରୀ ଭାବରେ ନିଯୁକ୍ତି ପାଇଲେ । ସେ ରହିଲେ 'ଯୋଜନା ସମନ୍ୱୟ' ଏବଂ 'ସୂଚନା ଓ ଲୋକସମ୍ପର୍କ' ବିଭାଗ ଦାୟିତ୍ୱରେ ।

୧୯୮୬ ମସିହା ଜୁଲାଇ ୨୨ ତାରିଖ ଦିନ ମନ୍ତ୍ରିମଣ୍ଡଳରେ ବ୍ୟାପକ ଅଦଳ ବଦଳ ହେବା ସହ ବିରାଟ ସଂପ୍ରସାରଣ ଘଟିଲା । ଅନୁପ ସିଂହଦେଓ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଲେ । ହରିହର କରଣ, ସେକ୍ ମତଲୁବ୍ ଅଲ୍ଲି, ରାସ ବିହାରୀ ବେହେରାଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳରେ ଗ୍ରହଣ କରାଗଲା । ନିରଞ୍ଜନ ପଟ୍ଟନାୟକ ନିର୍ଦ୍ଦୋଷ ବୋଲି ସେତେବେଳକୁ ମାନ୍ୟବର ସୁପ୍ରିମ କୋର୍ଟ ରାୟ ଦେଇଥିଲେ । ତେଣୁ ମୁଖ୍ୟମନ୍ତ୍ରୀ ନିରଞ୍ଜନ ବାବୁଙ୍କୁ ଏହି ସଂପ୍ରସାରଣରେ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଗ୍ରହଣ କଲେ । ତାଙ୍କୁ ଶିଳ୍ପ, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ଦାୟିତ୍ୱ ଦିଆଗଲା । ପରେ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟ

ପାଇଲେ । ଏହି ସଂପ୍ରସାରଣରେ ଭୂପିନ୍ଦର ସିଂହଙ୍କୁ ରାଷ୍ଟ୍ର ପାହ୍ୟାମନ୍ତ୍ରୀ ଭାବରେ ନିଆଯାଇ ତାଙ୍କୁ ସୂଚନା, ଲୋକସଂପର୍କ ବିଭାଗ ସହ ଜଳସେଚନ ଓ ବିଦ୍ୟୁତ ବିଭାଗର ଦାୟିତ୍ୱ ପ୍ରଦାନ କରାଗଲା । ଦୁଇଜଣ ମହିଳାଙ୍କୁ ଉପମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳରେ ଗ୍ରହଣ କରାଗଲା । ସେମାନେ ହେଲେ ପରମା ପୂଜାରୀ ଓ ସରସ୍ୱତୀ ହେମ୍ବ୍ରମ ।

## ମନ୍ତ୍ରିମଣ୍ଡଳରୁ ବହିଷ୍କାର :

କ୍ୟାବିନେଟ ମନ୍ତ୍ରୀ ଭଜମନ ବେହେରାଙ୍କର ବିଧାନସଭା ସଦସ୍ୟ ପଦ ଆଣ୍ଟି ଡିଫେକ୍ସନ ଆକ୍ଟ ବଳରେ ରଦ୍ଦ ହୋଇଯିବାରୁ ତାଙ୍କୁ ଓ ଅନ୍ୟାନ୍ୟ ଦଳୀୟ ଶୃଙ୍ଖଳାଗତ କାରଣ ଯୋଗୁଁ କ୍ୟାବିନେଟ ମନ୍ତ୍ରୀ ଗଙ୍ଗାଧର ମହାପାତ୍ର ଓ ରାଷ୍ଟ୍ରମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ୧୯୮୬ ମସିହା ଡିସେମ୍ବର ୧୯ ତାରିଖ ଦିନ ମନ୍ତ୍ରିମଣ୍ଡଳରୁ ବହିଷ୍କାର କଲେ । ରାଷ୍ଟ୍ରମନ୍ତ୍ରୀ ଶରତଚନ୍ଦ୍ର ପଣ୍ଡାଙ୍କର ୧୯୮୯ ମସିହା ଡିସେମ୍ବର ୧୯ ତାରିଖରେ ପରଲୋକ ଘଟିଲା । ଏହିପରି ଭାବରେ ମନ୍ତ୍ରିମଣ୍ଡଳରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ସେଗୁଡ଼ିକୁ ଆଉ ପୂରଣ କରାଯାଇ ନଥିଲା ।

## ବିଧାନସଭା ସଦସ୍ୟ ପଦ ଖାଲି :

୧୯୮୯ ମସିହା ମେ ମାସ ୧୮ ତାରିଖରେ କଂଗ୍ରେସ (ଆଇ) ଦଳର ସଦସ୍ୟ ତଥା ଟିଟିଲାଗଡ଼ ବିଧାୟକ ପୂର୍ଣ୍ଣଚନ୍ଦ୍ର ମହାନନ୍ଦଙ୍କର ମୃତ୍ୟୁ ଘଟିଲା । ବିଧାସଭାର ସ୍ୱାଧୀନ ସଦସ୍ୟ ତ୍ରିଲୋଚନ କାନୁନ୍‌ଗୋ ୧୯୮୯ ମସିହା ସେପ୍ଟେମ୍ବର ୧୫ ତାରିଖରେ ଇସ୍ତଫା ପ୍ରଦାନ କଲେ । ୧୯୮୯ ମସିହା ଡିସେମ୍ବର ମାସରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଜନତା ଦଳର ବିଧାୟକ ଥିବା ଭାଗେ ଗୋବର୍ଦ୍ଧନ, ଶ୍ରୀକାନ୍ତ ଜେନା, ଭକ୍ତ ଚରଣ ଦାସ ଓ ସ୍ୱାଧୀନ ବିଧାୟକ ବାଳଗୋପାଳ ମିଶ୍ର ଲୋକସଭାକୁ ନିର୍ବାଚିତ ହେବାରୁ ବିଧାନସଭାର ଚାରିଗୋଟି ଆସନ ଖାଲି ପଡ଼ିଲା । ୧୯୮୯ ଡିସେମ୍ବର ୩୦ ତାରିଖରେ ଦେବଗଡ଼ ବିଧାୟକ ରାଜକିଶୋର ପ୍ରଧାନ ଓ ପାଲଲହଡ଼ା ବିଧାୟକ ବିଭୁଦେନ୍ଦ୍ର ପ୍ରତାପ ଦାସ ବିଧାନ ସଭା ସଭ୍ୟପଦରୁ ଇସ୍ତଫା ପ୍ରଦାନ କଲେ । ପୂର୍ବରୁ ଭଜମନ ବେହେରାଙ୍କ ସଭ୍ୟପଦ ରଦ୍ଦ ହୋଇଯାଇଥିଲା । ବିଧାନସଭାର ଏହି ସବୁ ଶୂନ୍ୟ ଆସନପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇନଥିବା ଜଣାଯାଏ ।

## ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ :

ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏହି ଦ୍ୱିତୀୟ ମୁଖ୍ୟମନ୍ତ୍ରିତ୍ୱ କାଳରେ ବହୁ ପ୍ରଗତିମୂଳକ କାର୍ଯ୍ୟ ହୋଇଥିଲା । କେନ୍ଦ୍ର ସରକାରଙ୍କଦ୍ୱାରା ଅନୁସୃତ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଶେଷ ଦୃଷ୍ଟି ଦିଆଯାଇଥିଲା । କୃଷି, ଶିଳ୍ପ, ଯୋଗାଯୋଗ, ଗମନାଗମନ, ରାସ୍ତାଘାଟ, ଶିକ୍ଷା, ସଂସ୍କୃତି, ସାହିତ୍ୟର ବିକାଶ କ୍ଷେତ୍ରରେ ପ୍ରଭୂତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ବହୁ ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରେ : କଟକଠାରେ ପ୍ରଥମ ରାଜ୍ୟସ୍ତରୀୟ

ଲୋକ ଅଦାଲତ ଅନୁଷ୍ଠିତ, ପଠାଣି ସାମନ୍ତ ପ୍ଲାନେଟୋରିଅମ ପ୍ରତିଷ୍ଠା, (ଏହି ପ୍ଲାନେଟୋରିଅମର ନାମ କରଣ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କରିଥିଲେ) ଏହା ଏସିଆ ମହାଦେଶର ସର୍ବଶ୍ରେଷ୍ଠ ତଥା ଆଧୁନିକ ଜ୍ଞାନ କୌଶଳରେ ପରିଚାଳିତ । ଦୁଇକୋଟି ଏଗାର ଲକ୍ଷ ଏକଚାଳିଶ ହଜାର ଟଙ୍କା ବ୍ୟୟରେ କଟକଠାରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ଓ ଉଦ୍‌ଘାଟନ, ହରେକୃଷ୍ଣ ମହତାବ ଷ୍ଟେଟ୍ ଲାଇବ୍ରେରୀ ଉଦ୍‌ଘାଟନ ଓ ହଜାରେ ବର୍ଷର କଟକ ନଗର ଉତ୍ସବ ଉଦ୍‌ଘାଟନ ହୋଇଥିଲା । ଇବ୍ ଥର୍ମାଲର ଭିତ୍ତି ପ୍ରସ୍ତର ସ୍ଥାପନ ଓ ପାରାଦ୍ୱୀପ ପରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବନ୍ଦର ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ୧୯୮୭ ମସିହା ଫେବ୍ରୁଆରି ୨୭ ତାରିଖ ଦିନ ଉଦ୍‌ଘାଟିତ ହେଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଗୃହଯୋଗାଣ କରାଗଲା । ସେଥି ମଧ୍ୟରୁ ଭୁବନେଶ୍ୱର ଉପକଣ୍ଠରେ ଥିବା ଡୁମୁଡୁମା ହାଉସିଂବୋର୍ଡ ପ୍ରକଳ୍ପଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୪୫୨ଟି ଗୃହ ନିର୍ମାଣ କରାଯାଇ ୧୫,୧୫୬ ଟଙ୍କାରେ ପ୍ରତ୍ୟେକ ଘରକୁ ହିତାଧିକାରୀଙ୍କ ମଧ୍ୟରେ ଆବଣ୍ଟନ ଓ ବ୍ରହ୍ମପୁର ସହରରେ ଏହିପରି ଗୃହ ନିର୍ମାଣ ଓ ଆବଣ୍ଟନ ଆଦି ଉଲ୍ଲେଖ ଯୋଗ୍ୟ କାର୍ଯ୍ୟକ୍ରମ । ପଶ୍ଚିମ ଓଡ଼ିଶାର ଉନ୍ନତି ପାଇଁ କେବିକେ ଯୋଜନା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । କଟକ-ଭୁବନେଶ୍ୱର ରାସ୍ତାକୁ ଖଣ୍ଡଗିରିରୁ କଟକ ଯାଏ ଚାରିଟିକିଆ କରିବା ପାଇଁ ପ୍ରକଳ୍ପ ମଞ୍ଜୁରୀ ଓ କାର୍ଯ୍ୟ ଆରମ୍ଭ ହୋଇଥିଲା ।

## ଓଡ଼ିଶାରେ ନବମ ଲୋକସଭା ନିର୍ବାଚନ ଃ

୧୯୮୯ ମସିହା ନଭେମ୍ବର ୨୪ ତାରିଖରେ ଓଡ଼ିଶାରେ ନବମ ଲୋକସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନ ପୂର୍ବରୁ ରାଜୀବ ଗାନ୍ଧୀଙ୍କ ପ୍ରାଧନମନ୍ତ୍ରିତ୍ୱ କାଳରେ ସଂବିଧାନ ତଥା ଲୋକପ୍ରତିନିଧି ଆଇନ ସଂଶୋଧନ କରାଯାଇ ଭୋଟ ଦେବାର ସର୍ବନିମ୍ନ ବୟସ ୨୧ରୁ ୧୮ ବର୍ଷକୁ କମାଇ ଦିଆଗଲା । କାରଣ ରାଜୀବ ଗାନ୍ଧୀ ଚିନ୍ତାକଲେ ଦେଶରେ ଯୁବକମାନେ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣପୂର୍ବକ ଶାସନରେ ଅଂଶ ଗ୍ରହଣ ନକଲେ ଦେଶର ଉନ୍ନତି ହୋଇପାରିବ ନାହିଁ । ପୁଣି ନିର୍ବାଚନ ବୁଥ୍ ଗୁଡିକୁ ଯେପରି ଜୋରଜବରଦସ୍ତ ଅକ୍ତିଆର କରାନଯାଏ ସେଥିପାଇଁ କଠୋର ଆଇନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଏହି ଲୋକସଭା ନିର୍ବାଚନରେ ଓଡ଼ିଶାରେ ୧୩୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କଂଗ୍ରେସ ଦଳର ୨୧, ଜନତା ଦଳର ୧୯, ଜନତା ପାର୍ଟିର ୧୩, ବିଜେପିର ୬, ଦୂରଦର୍ଶୀ ପାର୍ଟିର ୪, ବହୁଜନ ସମାଜ ପାର୍ଟିର ୩ ଓ ୬୪ଜଣ ସ୍ୱାଧୀନ ପ୍ରାର୍ଥୀ ଏହି ନିର୍ବାଚନରେ ଥିଲେ । ଏହି ନିର୍ବାଚନରେ କଂଗ୍ରେସ ଦଳର ପରାଜୟ ଘଟିଲା । ନିର୍ବାଚିତ ପ୍ରତିନିଧିମାନେ ହେଲେଃ


| | | |
|---|---|---|
| ମୟୂରଭଞ୍ଜ | ଭାଗେ ଗୋବର୍ଦ୍ଧନ | ଜନତା ଦଳ |
| ବାଲେଶ୍ୱର | ସମରେନ୍ଦ୍ର କୁଣ୍ଡୁ | ଜନତା ଦଳ |
| ଭଦ୍ରକ | ମଙ୍ଗରାଜ ମଲ୍ଲିକ | ଜନତା ଦଳ |

| | | |
|---|---|---|
| ଯାଜପୁର | ଅନାଦି ଚରଣ ଦାସ | ଜନତା ଦଳ |
| କେନ୍ଦ୍ରାପଡ଼ା | ରବି ରାୟ | ଜନତା ଦଳ |
| କଟକ | ଶ୍ରୀକାନ୍ତ ଜେନା | ଜନତା ଦଳ |
| ଜଗତସିଂହପୁର | ଲୋକନାଥ ଚୌଧୁରୀ | କମ୍ୟୁନିଷ୍ଟ |
| ପୁରୀ | ନୀଳମଣି ରାଉତରାୟ | ଜନତା ଦଳ |
| ଭୁବନେଶ୍ୱର | ଶିବାଜୀ ପଟ୍ଟନାୟକ | ମାର୍କ୍ସବାଦୀ କମ୍ୟୁ. |
| ଆସ୍କା | ଅନନ୍ତ ନାରାୟଣ ସିଂହଦେଓ | ଜନତା ଦଳ |
| ବ୍ରହ୍ମପୁର | ଗୋପୀନାଥ ଗଜପତି ନାରାୟଣ ଦେବ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ଭକ୍ତଚରଣ ଦାସ | ଜନତା ଦଳ |
| ଫୁଲବାଣୀ | ନକୁଳ ନାୟକ | ଜନତା ଦଳ |
| ବଲାଙ୍ଗୀର | ବାଳଗୋପାଳ ମିଶ୍ର | ଜନତା ଦଳ |
| ସମ୍ବଲପୁର | ଭବାନୀ ଶଙ୍କର ହୋତା | ଜନତା ଦଳ |
| ଦେବଗଡ଼ | ରବି ନାରାୟଣ ପାଣି | ଜନତା ଦଳ |
| ଢେଙ୍କାନାଳ | ଭଜମନ ବେହେରା | ଜନତା ଦଳ |
| ସୁନ୍ଦରଗଡ଼ | ଦେବାନନ୍ଦ ଅମାତ | ଜନତା ଦଳ |
| କେନ୍ଦୁଝର | ଗୋବିନ୍ଦ ଚନ୍ଦ୍ର ମୁଣ୍ଡା | ଜନତା ଦଳ |

ସପ୍ତମ ଲୋକସଭା (୧୯୮୦) ଓ ଅଷ୍ଟମ ଲୋକସଭା (୧୯୮୪)ରେ ଯାଜପୁର ଲୋକସଭା ଆସନରୁ ଅନାଦି ଚରଣ ଦାସ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇ ଆସିଥିଲେ। କିନ୍ତୁ ସେ ୧୯୮୯ ନବମ ଲୋକସଭା ନିର୍ବାଚନରେ କଂଗ୍ରେସ ପାର୍ଟି ତ୍ୟାଗ କରି ଜନତା ଦଳ ଟିକଟରେ ନିର୍ବାଚନ ଲଢ଼ି ଲୋକସଭାକୁ ନିର୍ବାଚିତ ହେଲେ। ସେହିପରି ଭଜମନ ବେହେରା ଭାରତୀୟ ଜାତୀୟ କଂଗ୍ରେସ ତ୍ୟାଗ କରି ଜନତା ଦଳରେ ଯୋଗଦାନ କରି ସେହି ଦଳର ପାର୍ଥୀ ଭାବେ ଢ଼େଙ୍କାନାଳ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେଲେ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା :

ଲୋକସଭା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଦଳର ବିପର୍ଯ୍ୟୟ ଘଟିଲା। ଏହି ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ କରି ନୈତିକତା ଦୃଷ୍ଟିରୁ ୧୯୮୯ ମସିହା ଡିସେମ୍ବର ୭ ତାରିଖ ଦିନ ଜାନକୀ ବାବୁ ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦରୁ ଇସ୍ତଫା ପ୍ରଦାନ କଲେ। ସେ ସାମ୍ବାଦିକ ସମ୍ମିଳନୀ ଡକାଇ ଇସ୍ତଫା ଦେଇଥିବା କଥା ଦୃଢ଼ ଭାବରେ ଘୋଷଣା କରିଥିଲେ।



ସୟଦ ନରୁଲ୍ ହାସନ



ହେମାନନ୍ଦ ବିଶ୍ୱାଳ

## ମୁଖ୍ୟମନ୍ତ୍ରୀ ଆସନରେ ହେମାନନ୍ଦ ବିଶ୍ୱାଳ :

'ହାତୀ ସୁନା କଳସ ଢ଼ାଳିଲା' ପରି ଅଚାନକ ହାଇକମାଣ୍ଡ ଓଡ଼ିଶାର ଅନ୍ୟତମ ଆଦିବାସୀ ନେତା ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କଲେ। ସେହିଦିନ ଶ୍ରୀ ବିଶ୍ୱାଳ ତାଙ୍କର ପଚିଶ ଜଣିଆ ମନ୍ତ୍ରିମଣ୍ଡଳ ସହ ରାଜଭବନରେ ଏକ ନିରାଡମ୍ବର ଉତ୍ସବରେ ଶପଥ ଗ୍ରହଣ କଲେ। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ସୟଦ ନୁରୁଲ ହାସନ ଏହି ମଣ୍ଡଳର ସଦସ୍ୟମାନଙ୍କୁ ଶପଥ ପାଠ କରାଇଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଏବଂ ସେମାନଙ୍କ ବିଭାଗଗୁଡ଼ିକ ହେଲା:

## କ୍ୟାବିନେଟ ମନ୍ତ୍ରୀ :

| | |
|---|---|
| **ହେମାନନ୍ଦ ବିଶ୍ୱାଳ** | : ମୁଖ୍ୟମନ୍ତ୍ରୀ : ସାଧାରଣ ପ୍ରଶାସନ, ଘରୋଇ, ଯୋଜନା ଓ ସମନ୍ୱୟ, ଶିଳ୍ପ, ବିଜ୍ଞାନ ଓ କାରିଗରୀ କୌଶଳ, ଗୋଷ୍ଠୀ ଉନ୍ନୟନ, ଗ୍ରାମ୍ୟ ପୁନର୍ଗଠନ, ଗୃହ ଯୋଗାଣ (ଏବଂ ଅନ୍ୟାନ୍ୟ ବିଭାଗ ଯାହାକି ସ୍ୱତନ୍ତ୍ର ଭାବରେ ଉଲ୍ଲେଖ ନାହିଁ) ମନ୍ତ୍ରୀ |
| **ଅନୁପ ସିଂହଦେଓ** | : ବାଣିଜ୍ୟ ଓ ପରିବହନ |
| **ଭାଗବତ ପ୍ରସାଦ ମହାନ୍ତି** | : ରାଜସ୍ୱ ଓ ଅବକାରୀ |
| **ଡମ୍ବରୁଧର ମାଝି** | : ଆଦିବାସୀ ଓ ହରିଜନ କଲ୍ୟାଣ |

| | | |
|---|---|---|
| **ଗଙ୍ଗାଧର ମହାପାତ୍ର** | : | ଅର୍ଥ ଓ ଆଇନ |
| **ରାମଚନ୍ଦ୍ର ଉଲାକା** | : | ଜଳସେଚନ ଓ ବିଦ୍ୟୁତ |
| **ରାସ ବିହାରୀ ବେହେରା** | : | କୃଷି ଓ ସମବାୟ |
| **ସେକ୍ ମତଲୁବ ଅଲ୍ଲି** | : | ଶିକ୍ଷା ଓ ଯୁବସେବା |

## ରାଷ୍ଟ୍ରମନ୍ତ୍ରୀ :

| | | |
|---|---|---|
| **ଅମର ପ୍ରଧାନ** | : | ସୂଚନା ଓ ଲୋକସମ୍ପର୍କ (ସ୍ୱାଧୀନ ଦାୟିତ୍ୱ) ଏବଂ ଉଠା ଜଳସେଚନ |
| **ବିଭୂତିଭୂଷଣ ସିଂହ ମର୍ଦ୍ଦରାଜ** | : | ପର୍ଯ୍ୟଟନ ଓ ସଂସ୍କୃତି (ସ୍ୱାଧୀନ ଦାୟିତ୍ୱ) |
| **ଦୋଳଗୋବିନ୍ଦ ପ୍ରଧାନ** | : | ନଗର ଉନ୍ନୟନ ବିଭାଗ (ସ୍ୱାଧୀନ ଦାୟିତ୍ୱ) |
| **ଫ୍ରିଡା ଟପ୍ନୋ** | : | ଶିକ୍ଷା ଓ ଯୁବ ସେବା |
| **ଗଦାଧର ମାଝି** | : | ଗୃହ ଯୋଗାଣ, ଏବଂ ଶ୍ରମ ଓ କର୍ମଯୋଗାଣ (ସ୍ୱାଧୀନ ଦାୟିତ୍ୱ) |
| **ଜଗନ୍ନାଥ ରାଉତ** | : | ଶିଳ୍ପ |
| **ଜୟଦେବ ଜେନା** | : | ଖଣି ଓ ଭୂତତ୍ତ୍ୱ (ସ୍ୱାଧୀନ ଦାୟିତ୍ୱ) ଏବଂ ବିଜ୍ଞାନ ଓ କାରିଗରୀ |
| **କାର୍ତ୍ତିକ ପ୍ରସାଦ ତରିଆ** | : | କୃଷି ଓ ସମବାୟ |
| **ମୋହନ ନାଗ** | : | ମତ୍ସ୍ୟ ଓ ପଶୁପାଳନ ବିଭାଗ (ସ୍ୱାଧୀନ ଦାୟିତ୍ୱ) |
| **ନେତ୍ରାନନ୍ଦ ମଲ୍ଲିକ** | : | ଜଙ୍ଗଲ ଓ ପରିବେଶ ବିଭାଗ (ସ୍ୱାଧୀନ ଦାୟିତ୍ୱ) |
| **ପ୍ରକାଶ ଚନ୍ଦ୍ର ଦେବତା** | : | ନିର୍ମାଣ |
| **ରାଘବ ପରିଡ଼ା** | : | ଖାଦ୍ୟ ଓ ଯୋଗାଣ |
| **ସରସ୍ୱତୀ ହେମ୍ବ୍ରମ** | : | ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁର୍ନଗଠନ |
| **ସୀତାକାନ୍ତ ମହାପାତ୍ର** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (ସ୍ୱାଧୀନ ଦାୟିତ୍ୱ) । |

## ଉପମନ୍ତ୍ରୀ :

| | | |
|---|---|---|
| **ପରମା ପୂଜାରୀ** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| **ଯୁଧିଷ୍ଠିର ଜେନା** | : | ହରିଜନ ଓ ଆଦିବାସୀ କଲ୍ୟାଣ ଏବଂ ଶ୍ରମ ଓ କର୍ମ ଯୋଗାଣ |

ନନ୍ଦିନୀ ଶତପଥୀ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷା ହେବା ସହ ରାଜ୍ୟ ଯୋଜନାବୋର୍ଡ଼ର ଅଧ୍ୟକ୍ଷା ମଧ୍ୟ ହେଲେ । ଏହି ନବମ ବିଧାନସଭାର ୧୧ଟି ଅଧିବେଶନ ଓ ୧୮୮ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବିଧାନସଭା ୧୯୯୦ ମସିହା ମାର୍ଚ୍ଚମାସ ୩ ତାରିଖ ଦିନ ଭଙ୍ଗ ହୋଇଥିଲା ।

+++

## ଚତୁର୍ବିଂଶ ପରିଚ୍ଛେଦ

# ଦଶମ ଓଡ଼ିଶା ବିଧାନସଭା : ୨୭ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଆସନରେ ବିଜୁବାବୁ

ସଂସାରର ପ୍ରତ୍ୟେକ କ୍ଷେତ୍ରରେ ଉତ୍‌ଥାନ ପତନ ଲାଗି ରହିଛି। ଏହି ଦଶମ ବିଧାନସଭା ନିର୍ବାଚନରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତାଦଳ ଭାରତୀୟ ଜାତୀୟ କଂଗ୍ରେସକୁ ପଛରେ ପକାଇ ୧୪୭ଟି ରୁ ୧୨୩ଟି ଆସନ ଲାଭ କରି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କଲା। ଏହା ପୂର୍ବର ଦୁଇଟି ବିଧାନସଭା ନିର୍ବାଚନରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ୮ମ ଓ ୯ମ ବିଧାନସଭା ନିର୍ବାଚନରେ ସମାନ ସଂଖ୍ୟକ ୧୧୭ଟି କରି ଆସନ ଲାଭ କରିଥିଲା। ହେଲେ ୧୦ମ ବିଧାନସଭା ନିର୍ବାଚନରେ ପାଇଲା ମାତ୍ର ୧୦ଟି ଆସନ।

ଏହି ନିର୍ବାଚନରେ ଥିଲେ ସମୁଦାୟ ୯୧୩ଜଣ ପ୍ରାର୍ଥୀ। ସେମାନଙ୍କ ମଧ୍ୟରେ କଂଗ୍ରେସର ୧୪୫, ଜନତାଦଳର ୧୩୯, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ୩, ଭାରତୀୟ ଜନତାପାର୍ଟିର ୬୨, ଜନତା ପାର୍ଟିର ୬୧, ସ୍ୱାଧୀନ ଓ ଅନ୍ୟାନ୍ୟ ଦଳର ଥିଲେ ୪୯୪ଜଣ ପ୍ରାର୍ଥୀ। ଏହି ନିର୍ବାଚନରେ ଜନତା ଦଳ, ଦୁଇ କମ୍ୟୁନିଷ୍ଟ ଦଳ ସହ ମେଣ୍ଟ କରି ସେମାନଙ୍କୁ ୧୨ଟି ଆସନ ଛାଡି ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ଥିଲା। ହେଲେ ଶେଷ ସମୟରେ , ସେମାନଙ୍କୁ ମାତ୍ର ୮ଟି ଆସନ ଛାଡି ଅନ୍ୟ ୪ଟି ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା।

୧୦ମ ବିଧାନସଭା ପାଇଁ ସାଧାରଣ ନିର୍ବାଚନ ୧୯୯୦ ଫେବୃଆରି ୨୭ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନତାଦଳ ୧୨୩, ଜାତୀୟ କଂଗ୍ରେସ ୧୦, ବିଜେପି ୨, ସି.ପି.ଆଇ ୫, ସି.ପି.ଏମ୍. ୧ ଓ ସ୍ୱାଧୀନ ସଭ୍ୟମାନେ ୬ଟି ଆସନ ଲାଭ କରିଥିଲେ। ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରେ ଥିଲେ ୭ଜଣ ମହିଳା ସଦସ୍ୟ । ସେମାନେ ହେଲେ- ନନ୍ଦିନୀ ଶତପଥୀ (କଂ)- ଗନ୍ଦିଆ (ଢ଼େଙ୍କାନାଳ), ଡାକ୍ତର କମଳା ଦାସ- (ଜନତାଦଳ)- ଭୋଗରାଇ (ବାଲେଶ୍ୱର),



ଶାନ୍ତି ଦେବୀ



ଡାକ୍ତର କମଳା ଦାସ

ଶ୍ରୀମତୀ ସୁଜ୍ଞାନ କୁମାରୀ ଦେଓ- (ଜନତାଦଳ)- ଖଲ୍ଲିକୋଟ (ଗଂଜାମ), ଶ୍ରୀମତୀ ପ୍ରମିଳା ମଲ୍ଲିକ- (ଜନତାଦଳ)- ଆଳି (କେନ୍ଦ୍ରାପଡା), ଶ୍ରୀମତୀ ଶାନ୍ତି ଦେବୀ- (ଜନତା ଦଳ)- ସୋରଡା (ଗଂଜାମ) ଓ ଶ୍ରୀମତୀ ଉଷା ଦେବୀ (ଜନତା ଦଳ)- ଚିକିଟି (ଗଂଜାମ) ।

## ଦଶମ ବିଧାନସଭା ସଦସ୍ୟ (୧୯୯୦) :

| | | |
|---|---|---|
| କରଞ୍ଜିଆ | ରଘୁନାଥ ହେମ୍ବ୍ରମ୍ | ଜନତା ଦଳ |
| ଯଶୀପୁର | ମଙ୍ଗଳସିଂହ ମୁଦି | ଜନତା ଦଳ |
| ବହଳଦା | ଖେଲାରାମ ମହାଲି | ସ୍ୱାଧୀନ |
| ରାଇରଙ୍ଗପୁର | ଚୈତନ୍ୟ ପ୍ରସାଦ ମାଝି | ଜନତା ଦଳ |
| ବାଙ୍ଗିରିପୋଷି | ସୁଦାମ ଚରଣ ମାରାଣ୍ଡି | ସ୍ୱାଧୀନ |
| କୁଳିଅଣା | କାହ୍ନୁ ସୋରେନ | ଜନତା ଦଳ |
| ବାରିପଦା | ଛତିଶ ଚନ୍ଦ୍ର ଧଳ | ଜନତା ଦଳ |
| ବୈସିଙ୍ଗା | ଅନନ୍ତ ଚରଣ ମାଝି | ଜନତା ଦଳ |
| ଖୁଣ୍ଟା | ବୀରଭଦ୍ର ସିଂହ | ଜନତା ଦଳ |
| ଉଦଳା | ରୋହିଦାସ ସୋରେନ | ଜନତା ଦଳ |
| ଭୋଗରାଇ | ଡାଃ. କମଳା ଦାସ | ଜନତା ଦଳ |
| ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ଜନତା ଦଳ |

| | | |
|---|---|---|
| ବସ୍ତା | ରଘୁନାଥ ମହାନ୍ତି | ଜନତା ଦଳ |
| ବାଲେଶ୍ୱର | ଅରୁଣ ଦେ | କମ୍ୟୁନିଷ୍ଟ |
| ସୋରୋ | କାର୍ତ୍ତିକ ମହାପାତ୍ର | କଂଗ୍ରେସ |
| ସିମୂଳିଆ | ପର୍ଶୁରାମ ପାଣିଗ୍ରାହୀ | ଜନତା ଦଳ |
| ନୀଳଗିରି- | ଚିତ୍ତ ରଂଜନ ଷଡଙ୍ଗୀ | ସ୍ୱାଧୀନ |
| ଭଣ୍ଡାରୀ ପୋଖରୀ | ଅର୍ଜୁନ ଚରଣ ସେଠି | ଜନତା ଦଳ |
| ଭଦ୍ରକ | ପ୍ରଫୁଲ୍ଲ ସାମଲ | ଜନତା ଦଳ |
| ଧାମନଗର | ହୃଦାନନ୍ଦ ମଲ୍ଲିକ (ମୃତ୍ୟୁ ୩.୧.୯୦) | ଜନତା ଦଳ |
| ଚାନ୍ଦବାଲି | ବୈରାଗୀ ଜେନା | ଜନତା ଦଳ |
| ବାସୁଦେବପୁର | ବିଜୟଶ୍ରୀ ରାଉତରାୟ | ଜନତା ଦଳ |
| ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ | ଜନତା ଦଳ |
| କୋରେଇ | ଅଶୋକ କୁମାର ଦାସ | ଜନତା ଦଳ |
| ଯାଜପୁର | ଜଗନ୍ନାଥ ମଲ୍ଲିକ | ଜନତା ଦଳ |
| ଧର୍ମଶାଳା | ଗୁରୁଚରଣ ଟିକାୟତ | ଜନତା ଦଳ |
| ବଡ଼ଚଣା | ଅମର ପ୍ରସାଦ ଶତପଥୀ | ଜନତା ଦଳ |
| ବରି-ଡେରାବିଶି | କୁଳମଣି ରାଉତ | ଜନତା ଦଳ |
| ବିଂଝାରପୁର | ପ୍ରମିଳା ମଲ୍ଲିକ | ଜନତା ଦଳ |
| ଆଳି | ସୁଶ୍ରୀ ଦେବୀ | ଜନତା ଦଳ |
| ପଟ୍ଟାମୁଣ୍ଡାଇ | ରାଧାକାନ୍ତ ସେଠି | ମାର୍କ୍ସବାଦୀ କମ୍ୟୁନିଷ୍ଟ |
| ରାଜନଗର | ନଳିନୀକାନ୍ତ ମହାନ୍ତି | ଜନତା ଦଳ |
| କେନ୍ଦ୍ରାପଡ଼ା | ବେଦ ପ୍ରକାଶ ଅଗ୍ରୱାଲ | ଜନତା ଦଳ |
| ପାଟକୁରା | ବିଜୟ ମହାପାତ୍ର | ଜନତା ଦଳ |
| ତିର୍ତ୍ତୋଲ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ |
| ଏରସମା | ଦାମୋଦର ରାଉତ | ଜନତା ଦଳ |
| ବାଲିକୁଦା | ଉମେଶ ଚନ୍ଦ୍ର ସ୍ୱାଇଁ | ଜନତା ଦଳ |
| ଜଗତସିଂହପୁର | ବିଷ୍ଣୁ ଦାସ | ଜନତା ଦଳ |
| କିଶନ ନଗର | ଯୁଧିଷ୍ଠିର ଦାସ | ଜନତା ଦଳ |
| ମାହାଙ୍ଗା | ଶରତ କୁମାର କର | ଜନତା ଦଳ |
| ସାଲେପୁର | କାଳିନ୍ଦୀ ଚରଣ ବେହେରା | ଜନତା ଦଳ |
| ଗୋବିନ୍ଦପୁର | ରବୀନ୍ଦ୍ର କୁମାର ମଲ୍ଲିକ | ସ୍ୱାଧୀନ |
| କଟକସଦର | ରାଜେନ୍ଦ୍ର ସିଂହ | ଜନତା ଦଳ |

| | | |
|---|---|---|
| କଟକସହର | ସୟଦ ମୁସ୍ତାଫିଜ ଅହମ୍ମଦ | ଜନତା ଦଳ |
| ଚୌଦ୍ୱାର | ରାଜକିଶୋର ରାମ | ଜନତା ଦଳ |
| ବାଙ୍କୀ | ଘନଶ୍ୟାମ ସାହୁ | ଜନତା ଦଳ |
| ଆଠଗଡ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ଜନତା ଦଳ |
| ବଡ଼ମ୍ବା | ରାଜା ସାହେବ ତ୍ରିଲୋଚନ ସିଂହଦେଓ | ଜନତା ଦଳ |
| ବାଲିପାଟଣା | ହୃଷୀକେଶ ନାୟକ | ଜନତା ଦଳ |
| ଭୁବନେଶ୍ୱର | ବିଜୁ ପଟ୍ଟନାୟକ | ଜନତା ଦଳ |
| ଜଟଣୀ | ଶରତ ଚନ୍ଦ୍ର ପାଇକରାୟ | ଜନତା ଦଳ |
| ପିପିଲି | ପ୍ରଦୀପ କୁମାର ମହାରଥୀ | ଜନତା ଦଳ |
| ନିମାପଡ଼ା | ବେଣୁଧର ସେଠି | ଜନତା ଦଳ |
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ଜନତା ଦଳ |
| ସତ୍ୟବାଦୀ | ଚନ୍ଦ୍ର ମାଧବ ମିଶ୍ର | ଜନତା ଦଳ |
| ପୁରୀ | ବ୍ରଜକିଶୋର ତ୍ରିପାଠୀ | ଜନତା ଦଳ |
| ବ୍ରହ୍ମଗିରି | ଅଜୟ କୁମାର ଜେନା | ଜନତା ଦଳ |
| ଚିଲିକା | ବିଶ୍ୱଭୂଷଣ ହରିଚନ୍ଦନ | ଜନତା ଦଳ |
| ଖୋର୍ଦ୍ଧା | ପ୍ରସନ୍ନ କୁମାର ପାଟ୍ଟଶାଣୀ | ଜନତା ଦଳ |
| ବେଗୁନିଆ | ସୁରେନ୍ଦ୍ର ନାଥ ମିଶ୍ର | ଜନତା ଦଳ |
| ରଣପୁର | ଶରତ ଚନ୍ଦ୍ର ମିଶ୍ର | ଜନତା ଦଳ |
| ନୟାଗଡ଼ | ଭାଗବତ ବେହେରା | ଜନତା ଦଳ |
| ଖଣ୍ଡପଡ଼ା | ଅରୁଣ କୁମାର ପଟ୍ଟନାୟକ | ଜନତା ଦଳ |
| ଦଶପଲ୍ଲା | ରୁଦ୍ର ମାଧବ ରାୟ | ଜନତା ଦଳ |
| ଜଗନ୍ନାଥ ପ୍ରସାଦ | ମାଧବ ଚନ୍ଦ୍ର ବେହେରା | ଜନତା ଦଳ |
| ଭଞ୍ଜନଗର | ରାମକୃଷ୍ଣ ଗୌଡ଼ | ଜନତା ଦଳ |
| ସୋରଡା | ଶାନ୍ତିଦେବୀ | ଜନତା ଦଳ |
| ଆସ୍କା | ଦ୍ୟୁତିକୃଷ୍ଣ ପଣ୍ଡା | ଭାରତୀୟ କମ୍ୟୁନିଷ୍ଟ |
| କବିସୂର୍ଯ୍ୟନଗର | ନିତ୍ୟାନନ୍ଦ ପ୍ରଧାନ | ଭାରତୀୟ କମ୍ୟୁନିଷ୍ଟ |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ଜନତା ଦଳ |
| ଖଲ୍ଲିକୋଟ | ଭି.ସୁଜ୍ଞାନ କୁମାରୀ ଦେଓ | ଜନତା ଦଳ |
| ଛତ୍ରପୁର | ପର୍ଶୁରାମ ପଣ୍ଡା | ଭାରତୀୟ କମ୍ୟୁନିଷ୍ଟ |
| ହିଂଜିଳି | ହରିହର ସାହୁ | ଜନତା ଦଳ |
| ଗୋପାଳପୁର | ରାମଚନ୍ଦ୍ର ସେଠି | ଜନତା ଦଳ |

| | | |
|---|---|---|
| ବ୍ରହ୍ମପୁର | ବିନୟ କୁମାର ମହାପାତ୍ର | ଜନତା ଦଳ |
| ଚିକିଟି | ଉଷାଦେବୀ | ଜନତା ଦଳ |
| ମୋହନା | ସୂର୍ଯ୍ୟନାରାୟଣ ପାତ୍ର | ଜନତା ଦଳ |
| ରାମଗିରି | ହଳଧର କାର୍ଜୀ | କଂଗ୍ରେସ |
| ପାରଳାଖେମୁଣ୍ଡି | ଦରପୁ ଲଛନ୍ନା ନାଇଡୁ | ଜନତା ଦଳ |
| ଗୁଣୁପୁର | ରାମମୂର୍ତ୍ତି ଗମାଙ୍ଗ | ଜନତା ଦଳ |
| ବିଷମ କଟକ | ସାରଙ୍ଗ ଧର କାଦ୍ରକା | ଜନତା ଦଳ |
| ରାୟଗଡା | ଉଲାକା ରାମଚନ୍ଦ୍ର | କଂଗ୍ରେସ |
| ଲକ୍ଷ୍ମୀପୁର | ଅଖିଳ ସାଉଁଟା | ଜନତା ଦଳ |
| ପଟ୍ଟାଙ୍ଗୀ | ଜୟରାମ ପାଙ୍ଗୀ | ଜନତା ଦଳ |
| କୋରାପୁଟ | ହରିଶ୍ଚନ୍ଦ୍ର ବକ୍ସିପାତ୍ର | ଜନତା ଦଳ |
| ମାଲକାନାଗିରି | ନାକା କାନାୟା | ଜନତା ଦଳ |
| | ମୃତ୍ୟୁ ପରେ ଅରବିନ୍ଦ ଢ଼ାଲି | ଭାଜପା |
| ଚିତ୍ରକୋଣ୍ଡା | ପ୍ରହ୍ଲାଦ ଦୋରା | ଜନତା ଦଳ |
| କୋଟପାଡ | ସଦନ ନାୟକ | ଜନତା ଦଳ |
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | କଂଗ୍ରେସ |
| କୋଡିଙ୍ଗା | ଶ୍ୟାମଘନ ମାଝି | ଜନତା ଦଳ |
| ଡାବୁଗାଁ | ଜୟଦେବ ମାଝି | ଜନତା ଦଳ |
| ଉମରକୋଟ | ଗୁରୁବାରୀ ମାଝି | ଜନତା ଦଳ |
| ନୂଆପଡ଼ା | ଘାସିରାମ ମାଝି | ଜନତା ଦଳ |
| ଖଡିଆଳ | ଦୁର୍ଯ୍ୟୋଧନ ମାଝି | ଜନତା ଦଳ |
| ଧରମଗଡ | ଭାରତ ଭୂଷଣ ବେମାଲ | ଜନତା ଦଳ |
| କୋକସରା | ସୁରେନ୍ଦ୍ର ପଟ୍ଟଯୋଶୀ | ଜନତା ଦଳ |
| ଜୁନାଗଡ | ବିକ୍ରମ କେଶରୀ ଦେଓ | ଭାଜପା |
| ଭବାନୀପାଟଣା | ଅଜିତ୍ ଦାସ | ଜନତା ଦଳ |
| ନର୍ଲା | ବଳଭଦ୍ର ମାଝି | ଜନତା ଦଳ |
| କେସିଙ୍ଗା | କିରଣ ଚନ୍ଦ୍ର ସିଂହଦେଓ | ଜନତା ଦଳ |
| ବାଲିଗୁଡା | ଭଗବାନ କହଁର | ଜନତା ଦଳ |
| ଉଦୟଗିରି | ନାଗାର୍ଜୁନ ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ପଦ୍ମନାଭ ବେହେରା | ଜନତା ଦଳ |


| | | |
|---|---|---|
| ବୌଦ୍ଧ | ସଚ୍ଚିଦାନନ୍ଦ ଦଲାଲ | ଜନତା ଦଳ |
| ଟିଟିଲାଗଡ଼ | ଯୋଗେନ୍ଦ୍ର ବେହେରା | ଜନତା ଦଳ |
| କଣ୍ଟାବାଂଜି | ପ୍ରସନ୍ନ କୁମାର ପାଲ | ଜନତା ଦଳ |
| ପାଟଣାଗଡ | ବିବେକାନନ୍ଦ ମେହେର | ଜନତା ଦଳ |
| ସଇଁତଳା | ଯଜ୍ଞେଶ୍ୱର ବାବୁ | ଜନତା ଦଳ |
| ଲୋଇସିଙ୍ଘା | ନରସିଂହ ମିଶ୍ର | ଜନତା ଦଳ |
| ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ | ଜନତା ଦଳ |
| ସୋନପୁର | କୁନ୍ଦୁରୁ କୁଶଲ | ଜନତା ଦଳ |
| ବିନିକା | ପଞ୍ଚାନନ ମିଶ୍ର | ସ୍ୱାଧୀନ |
| ବୀରମହାରାଜପୁର | ରବିନାରାୟଣ ପାଣିଗ୍ରାହୀ | ଜନତା ଦଳ |
| ଆଠମଲ୍ଲିକ | ନଗେନ୍ଦ୍ର କୁମାର ପ୍ରଧାନ | ଜନତା ଦଳ |
| ଅନୁଗୁଳ | ଅଦ୍ୱୈତ ପ୍ରସାଦ ସିଂହ | ଜନତା ଦଳ |
| ହିନ୍ଦୋଳ | ତ୍ରିନାଥ ନାୟକ | ଜନତା ଦଳ |
| | ମୃତ୍ୟୁପରେ ପାଞ୍ଚ ନାୟକ | ଜନତା ଦଳ |
| ଢେଙ୍କାନାଳ | ତଥାଗତ ଶତପଥୀ | ଜନତା ଦଳ |
| ଗଁଦିଆ | ନନ୍ଦିନୀ ଶତପଥୀ | କଂଗ୍ରେସ |
| କାମାଖ୍ୟାନଗର | ପ୍ରସନ୍ନ କୁମାର ପଟ୍ଟନାୟକ | ଜନତା ଦଳ |
| ପାଲଲହଡା | ଡାଃ. ନୃସିଂହ ଚରଣ ସାହୁ | ଜନତା ଦଳ |
| ତାଳଚେର | ବୃନ୍ଦାବନ ବେହେରା | ସ୍ୱାଧୀନ |
| ପଦ୍ମପୁର | ବିଜୟ ରଂଜନ ସିଂହ ବରିହା | ଜନତା ଦଳ |
| ମେଲଛାମୁଣ୍ଡା | ମୁରାରୀ ପ୍ରସାଦ ମିଶ୍ର | ଜନତା ଦଳ |
| ବିଜେପୁର | ନିକୁଞ୍ଜ ବିହାରୀ ସିଂହ | ଜନତା ଦଳ |

୧୯୯୧ ଅଗଷ୍ଟ ୨୪ରେ ପରଲୋକ ଗମନ କଲେ । ଉପନିର୍ବାଚନରେ ଏହି ଆସନଟି ଜନତାଦଳ ପାଇଥିଲା ।

| | | |
|---|---|---|
| ଭଟ୍‌ଲି | କୁମର ବେହେରା | ଜନତା ଦଳ |
| ବରଗଡ | ପ୍ରସନ୍ନ ଆଚାର୍ଯ୍ୟ | ଜନତା ଦଳ |
| ସମ୍ବଲପୁର | ଦୁର୍ଗାଶଙ୍କର ପଟ୍ଟନାୟକ | କଂଗ୍ରେସ |
| ବ୍ରଜରାଜନଗର | ପ୍ରସନ୍ନ କୁମାର ପଣ୍ଡା | ଭାରତୀୟ କମ୍ୟୁନିଷ୍ଟ |
| ଝାରସୁଗୁଡା | କିଶୋର କୁମାର ମହାନ୍ତି | ଜନତା ଦଳ |
| ଲାଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| କୁଚିଣ୍ଡା | ବୃନ୍ଦାବନ ମାଝି | ଜନତା ଦଳ |

| | | |
|---|---|---|
| ରେଢ଼ାଖୋଲ | ବସନ୍ତ କୁମାର ମହାନନ୍ଦ | ଜନତା ଦଳ |
| ଦେବଗଡ | ପ୍ରଦୀପ୍ତ ଗଙ୍ଗଦେବ | ଜନତା ଦଳ |
| ସୁନ୍ଦରଗଡ | ଭରତେନ୍ଦ୍ର ଶେଖର ଦେଓ | ଜନତା ଦଳ |
| ତଳସରା | ରଣଜିତ୍ ଭିତ୍ରିୟା | ଜନତା ଦଳ |
| ରାଜଗାଙ୍ଗପୁର | ମଙ୍ଗଳା କିଷାନ | ଜନତା ଦଳ |
| ବୀରମିତ୍ରପୁର | ସତ୍ୟ ନାରାୟଣ ପ୍ରଧାନ | ଜନତା ଦଳ |
| ରାଉରକେଲା | ଦିଲ୍ଲୀପ କୁମାର ରାୟ | ଜନତା ଦଳ |
| ରଘୁନାଥପଲ୍ଲୀ | ରବି ଦେହୁରୀ | ଜନତା ଦଳ |
| ବଣାଇ | ଜୁଏଲ ଓରାମ | ଭାଜପା |
| ଚ-ୁଆ | ସହରାଇ ଓରାମ | ଜନତା ଦଳ |
| ପାଟଣା | କାହ୍ନୁଚରଣ ନାୟକ | ଜନତା ଦଳ |
| କେନ୍ଦୁଝର | ଛୋଟରାୟ ମାଝି | ଜନତା ଦଳ |
| ତେଲକୋଇ | ନୀଳାଦ୍ରି ନାୟକ | ଜନତା ଦଳ |
| ରାମଚନ୍ଦ୍ରପୁର | ବଦ୍ରି ନାରାୟଣ ପାତ୍ର | ଜନତା ଦଳ |
| ଆନନ୍ଦପୁର | ଦାଶରଥି ଜେନା | ଜନତା ଦଳ |

## ଶପଥ ଗ୍ରହଣ ଃ ବାଚସ୍ପତି, ଉପବାଚସ୍ପତି ନିର୍ବାଚନଃ



ଯୁଧିଷ୍ଠିର ଦାସ

ଦଶମ ବିଧାନସଭା ୩ ମାର୍ଚ୍ଚ ୧୯୯୦ରେ ଗଠିତ ହେଲା । ବିଜୁ ପଟ୍ଟନାୟକ ଜନତା ବିଧାୟକ ଦଳ ନେତା ଭାବରେ ନିର୍ବାଚିତ ହୋଇ ନିଜର ଜନ୍ମଦିନ ୫.୩.୧୯୯୦ରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ତାଙ୍କ ସହ ଅନ୍ୟ କୌଣସି ମନ୍ତ୍ରୀ ସେଦିନ ଶପଥ ଗ୍ରହଣ କରିନଥିଲେ । ପରେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ । ନବନିର୍ବାଚିତ ସଦସ୍ୟମାନେ ମାର୍ଚ୍ଚ ୭ତାରିଖରେ ଶପଥ ଗ୍ରହଣ କଲେ । ବୟୋଜ୍ୟେଷ୍ଠ ସଦସ୍ୟ ଘାସିରାମ ମାଝି ଅସ୍ଥାୟୀ ବାଚସ୍ପତି ଭାବରେ ସଦସ୍ୟମାନଙ୍କୁ ଶପଥ ଗ୍ରହଣ

କରାଇଥିଲେ । ମାର୍ଚ୍ଚ ୯ ତାରିଖ ଦିନ ଯୁଧିଷ୍ଠିର ଦାସ ସର୍ବସମ୍ମତି କ୍ରମେ ବାଚସ୍ପତି ଓ ମାର୍ଚ୍ଚ ୨୨ ତାରିଖରେ ପ୍ରହ୍ଲାଦ ଦୋରା ଉପବାଚସ୍ପତି ନିର୍ବାଚିତ ହେଲେ । ବହଳଦା ଓ ବାଙ୍ଗିରପୋଷି ନିର୍ବାଚନମଣ୍ଡଳୀର ବିଧାୟକମାନେ ମାର୍ଚ୍ଚ ୨୮ ତାରିଖରେ ଶପଥ ଗ୍ରହଣ କଲେ । ଆବଶ୍ୟକ ସଂଖ୍ୟକ ସଭ୍ୟ ନଥିବାରୁ କୌଣସି ରାଜନୈତିକ ଦଳ ବିଧାନସଭାରେ ବିରୋଧିଦଳ ଭାବରେ ସ୍ୱୀକୃତି ଲାଭ କରିପାରିଲେ ନାହିଁ । ଯାହାହେଉ କଂଗ୍ରେସଦଳ ମୁଖ୍ୟ ବିରୋଧୀଦଳ ଭାବରେ ବିବେଚିତ ହେଲା ।

## ବିଜୁପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳ ଓ ଏହାର ସଂପ୍ରସାରଣ :

ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ତା ୧୪.୩.୧୯୯୦ରିଖରେ ମନ୍ତ୍ରିମଣ୍ଡଳର ୯ଜଣ କ୍ୟାବିନେଟ ମନ୍ତ୍ରୀ, ୫ଜଣ ରାଷ୍ଟ୍ରମନ୍ତ୍ରୀ ଓ ଜଣେ ଉପମନ୍ତ୍ରୀଙ୍କୁ ଶପଥ ଗ୍ରହଣ କରାଇଲେ। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କର ବିଭାଗ ବଣ୍ଟନ ଏହିପରି ଭାବରେ ହେଲା:

## କ୍ୟାବିନେଟ ମନ୍ତ୍ରୀ :

**ବିଜୁ ପଟ୍ଟନାୟକ** : ମୁଖ୍ୟମନ୍ତ୍ରୀ: ସାଧାରଣ ପ୍ରଶାସନ, ସ୍ୱରାଷ୍ଟ୍ର, ଯୋଜନା ଓ ସମନ୍ୱୟ, ଶିଳ୍ପ, ସେଚ ଓ ଶକ୍ତି (ଶକ୍ତି), ବିଜ୍ଞାନ, କାରିଗରୀ କୌଶଳ ଓ ପରିବେଶ, ବାଣିଜ୍ୟ ଓ ପରିବହନ, ଖଣି ଓ ଭୂତତ୍ତ୍ୱ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ, ହରିଜନ ଓ ଆଦିବାସୀମଙ୍ଗଳ, ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି, ଖାଦ୍ୟ ଓ ଯୋଗାଣ; ଶ୍ରମ ଓ ନିଯୁକ୍ତି; ସୂଚନା ଓ ଲୋକ ସ-ର୍କ; ଶିକ୍ଷା ଓ ଯୁବ କଲ୍ୟାଣ (ଯୁବ କଲ୍ୟାଣ), ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ଏବଂ ନିର୍ଦ୍ଦିଷ୍ଟ ଭାବରେ ବଣ୍ଟନ କରାଯାଇନଥିବା ବିଭାଗର ମନ୍ତ୍ରୀ

**ରାମକୃଷ୍ଣ ପଟ୍ଟନାୟକ** : ଅର୍ଥ

**ବିଜୟ ମହାପାତ୍ର** : ଜଳସେଚନ, ଶକ୍ତି ଓ ସାଧାରଣ ପ୍ରଶାସନ (ସଂସଦୀୟ ବ୍ୟାପାର)

**ଅଦ୍ୱୈତ ପ୍ରସାଦ ସିଂହ** : ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ଏବଂ ବିଜ୍ଞାନ କାରିଗରୀ କୌଶଳ ଓ ପରିବେଶ (ପରିବେଶ)

**ଚୈତନ୍ୟ ପ୍ରସାଦ ମାଝି** : ଶିକ୍ଷା ଓ ଯୁବକଲ୍ୟାଣ (ଶିକ୍ଷା)

**ଘାସିରାମ ମାଝି** : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

**ନଳିନୀକାନ୍ତ ମହାନ୍ତି** : ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ

**ଜଗନ୍ନାଥ ମଲ୍ଲିକ** : କୃଷି ଓ ସମବାୟ

**ନରସିଂହ ମିଶ୍ର** : ଆଇନ

**ସୁରେନ୍ଦ୍ର ନାଥ ନାୟକ** : ରାଜସ୍ୱ ଓ ଅବକାରୀ

**ରାଷ୍ଟ୍ରମନ୍ତ୍ରୀ :**

| | |
|---|---|
| **ଛୋଟରାୟ ମାଝି** | : ହରିଜନ ଓ ଆଦିବାସୀ କଲ୍ୟାଣ |
| **ଦିଲ୍ଲୀପ ରାୟ** | : ଶିଳ୍ପ |
| **ଯାଦବ ମାଝି** | : ଯୋଜନା ଓ ସମନ୍ୱୟ |
| **ପ୍ରଫୁଲ୍ଲ ସାମଲ** | : ଶ୍ରମ ଓ ନିଯୁକ୍ତି |
| **ପ୍ରସନ୍ନ ଆଚାର୍ଯ୍ୟ** | : ଖାଦ୍ୟ ଓ ଯୋଗାଣ |
| **ପଦ୍ମନାଭ ବେହେରା** | : କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ (ଉପମନ୍ତ୍ରୀ) |



**ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବରେ ବିଜୁ ବାବୁଙ୍କୁ ଶପଥପାଠ କରାଉଛନ୍ତି ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା**

ବିଜୁପଟ୍ଟନାୟକ ୨୪.୭.୧୯୯୦ ରିଖରେ ତାଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କଲେ। ଭାଗବତ ବେହେରା, ବିଶ୍ୱଭୂଷଣ ହରିଚନ୍ଦନ, ଡାଃ. ଦାମୋଦର ରାଉତ ଓ ଶରତ କୁମାର କରଙ୍କୁ ନୂତନ ଭାବେ କ୍ୟାବିନେଟ ମନ୍ତ୍ରୀ ଭାବରେ ଗ୍ରହଣ କଲେ। ସେହିପରି ଡା. କମଳା ଦାସ, ମଙ୍ଗଳା କିଷାନ, ସୟଦ ମୁସ୍ତାଫିଜ ଅହମ୍ମଦ, ସହରାଇ ଓରାମ ଓ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ନୂତନ ରାଷ୍ଟ୍ରମନ୍ତ୍ରୀ ଭାବରେ ଗ୍ରହଣ କଲେ। ଉଲ୍ଲେଖନୀୟ ଘଟଣା ହେଲା, ମୁଖ୍ୟମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ହାତରୁ ଅର୍ଥ ବିଭାଗ କାଢ଼ି ନେଇ ନିଜ ହାତରେ ରଖିଲେ ଓ ରାମକୃଷ୍ଣଙ୍କୁ ଗ୍ରାମ ଉନ୍ନୟନ ବିଭାଗ ପ୍ରଦାନ କଲେ। ଏହି ପରିବର୍ତ୍ତନରେ ରାମକୃଷ୍ଣ ପଟ୍ଟନାୟକ ଅସୁଖୀ ହେଲେ। ଏହି ସଂପ୍ରସାରଣ ଫଳରେ ରାଜ୍ୟରେ ଥିବା ୧୬ ଜଣିଆ ମନ୍ତ୍ରିମଣ୍ଡଳର ସଂଖ୍ୟା ୨୬କୁ ବୃଦ୍ଧି ପାଇଲା।

୧୯୯୧ ମସିହା ଜାନୁଆରି ପହିଲାରେ ପୁନର୍ବାର ବିଜୁପଟ୍ଟନାୟକ ତାଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କଲେ । ଏହି ସଂପ୍ରସାରଣରେ ସେ ୫ଜଣ କ୍ୟାବିନେଟ ମନ୍ତ୍ରୀ ଓ ୬ଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ସାମିଲ କଲେ । କ୍ୟାବିନେଟ ମନ୍ତ୍ରୀମାନେ ହେଲେ ଡ. ପ୍ରସନ୍ନ ପାଟ୍ଟଶାଣୀ, ଅନଙ୍ଗ ଉଦୟ ସିଂହଦେଓ, ବେଦପ୍ରକାଶ ଅଗ୍ରୱାଲ ଏବଂ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରୁ ପଦୋନ୍ନତି ପ୍ରଦାନ କରି ଯେଉଁମାନଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଗଲା; ସେମାନେ ହେଲେ ଦିଲ୍ଲୀପ ରାୟ, ସୟଦ ମୁସ୍ତାଫିଜ ଅହମଦ୍ ଓ ପ୍ରସନ୍ନ ଆଚାର୍ଯ୍ୟ । ସେହିପରି ରାଷ୍ଟ୍ରମନ୍ତ୍ରୀ ପଦବୀରେ ପଦ୍ମନାଭ ବେହେରାଙ୍କୁ ଉପମନ୍ତ୍ରୀରୁ ଉନ୍ନୀତ କରାଗଲା । ଏତଦ୍‌ବ୍ୟତୀତ ଯେଉଁମାନେ ନୂତନ ଭାବରେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଲାଭ କଲେ ସେମାନେ ହେଲେ ବସନ୍ତ କୁମାର ମହାନନ୍ଦ, କାଳିନ୍ଦୀ ଚରଣ ବେହେରା (୭.୧.୧୯୯୧ରେ) କିରଣ ଚନ୍ଦ୍ର ସିଂହଦେଓ, ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ୧୭.୧.୧୯୯୧) ରଘୁନାଥ ହେମ୍ବ୍ରମ ଓ ତ୍ରିନାଥ ନାୟକ । ଏହି ସଂପ୍ରସାରଣ ଫଳରେ ମନ୍ତ୍ରିପରିଷଦର ସଭ୍ୟସଂଖ୍ୟା ୨୬ରୁ ୩୭କୁ ବୃଦ୍ଧି ପାଇଲା ।



ନରସିଂହ ରାଓ

୧୯୯୩ ମସିହା ଜାନୁଆରି ୪ ତାରିଖରେ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳର ସଭ୍ୟମାନଙ୍କ ବିଭାଗରେ ସାମାନ୍ୟ ଅଦଳବଦଳ କଲେ । ଏହି ଅଦଳବଦଳରେ ରାମକୃଷ୍ଣ ପଟ୍ଟନାୟକଙ୍କ ହାତରୁ ଗ୍ରାମ ଉନ୍ନୟନ ବିଭାଗ କାଢି ନେଇ କୃଷି ବିଭାଗ ପ୍ରଦାନ କଲେ । ଏହି ସମୟରେ ବିଶ୍ୱଭୂଷଣ ହରିଚନ୍ଦନ, ଶରତ କୁମାର କର ଓ ଜଗନ୍ନାଥ ମଲ୍ଲିକଙ୍କ ବିଭାଗରେ ମଧ୍ୟ ଅଦଳବଦଳ କରାଗଲା । ଫଳରେ ଏହି ୪ଜଣ ଯାକ ମନ୍ତ୍ରୀ ନିଜ ନିଜ ପଦବୀରୁ ଇସ୍ତଫା ପ୍ରଦାନ କଲେ । ସେମାନେ ଭାବିଥିଲେ ଯେ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡାକି ଆଲୋଚନା କରିବେ । ହେଲେ ମୁଖ୍ୟମନ୍ତ୍ରୀ ତାହା ନକରି ସେମାନଙ୍କ ଇସ୍ତଫା ପତ୍ରଗୁଡିକୁ ଗ୍ରହଣ କରିନେବାକୁ ରାଜ୍ୟପାଳଙ୍କୁ ସୁପାରିଶ କରିଦେଲେ । ଫଳରେ ଏହି ଚାରିଜଣ ଯାକ ମନ୍ତ୍ରୀ ଜାନୁଆରି ୨୨ ତାରିଖରୁ ମନ୍ତ୍ରିମଣ୍ଡଳରୁ ଅନ୍ତର ହୋଇଗଲେ । ଏହିଠାରୁ ହିଁ ଜନତା ଦଳରେ ଗୋଷ୍ଠୀ ବିବାଦର ସୂତ୍ରପାତ ହୋଇଥିଲା । ସେହି ବିବାଦ ଶେଷଯାଏ ରହିଥିଲା ଓ ତାକୁ ବିଜୁବାବୁ ସମାଧାନ କରିପାରି ନଥିଲେ ।

## ଦଶମ ଲୋକସଭା ନିର୍ବାଚନ (୧୯୯୧) :

୧୯୯୧ ମସିହାରେ ହେବାକୁ ଥିବା ଦଶମ ଲୋକସଭା ନିର୍ବାଚନରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ତାମିଲନାଡୁରେ ଦଳୀୟ ନିର୍ବାଚନ ପ୍ରଚାର ସଭାରେ ଯୋଗଦେବା ସମୟରେ ଏକ 'ମାନବ ବୋମା' ବିସ୍ଫୋରଣରେ ପ୍ରାଣ ହରାଇଲେ । ସେହି ଦିବସଟି ଥିଲା ୧୯୯୧

ମସିହା ମଇ ମାସ ୨୧ ତାରିଖ। ରାଜୀବଗାନ୍ଧୀଙ୍କ ଏହି ମର୍ମନ୍ତୁଦ ମୃତ୍ୟୁରେ ସମଗ୍ର ବିଶ୍ୱ ବିସ୍ମିତ ହୋଇଯାଇଥିଲା। ଲୋକସଭା ନିର୍ବାଚନ ସାରା ଦେଶରେ ଅନୁଷ୍ଠିତ ହେଲା। ଓଡ଼ିଶାରେ ୨୧ ଆସନରୁ କଂଗ୍ରେସଦଳ ୧୨ଟି, ଜନତାଦଳ ୬ଟି, ସି.ପି.ଆଇ ଓ ସିପିଏମ୍- ଗୋଟିଏ ଲେଖାଏଁ ଏବଂ ସ୍ୱାଧୀନ ସଭ୍ୟ ଗୋଟିଏ ଆସନ ଲାଭ କଲେ।

## ଦଶମ ଲୋକସଭା ସଦସ୍ୟ (୧୯୯୧) :

| | | |
|---|---|---|
| ମୟୂରଭଞ୍ଜ | ଭାଗେ ଗୋବର୍ଦ୍ଧନ | ସ୍ୱାଧୀନ |
| ବାଲେଶ୍ୱର | କାର୍ତ୍ତିକେଶ୍ୱର ପାତ୍ର | କଂଗ୍ରେସ |
| ଭଦ୍ରକ | ଅର୍ଜୁନ ଚରଣ ସେଠି | ଜନତା ଦଳ |
| ଯାଜପୁର | ଅନାଦି ଚରଣ ଦାସ | ଜନତା ଦଳ |
| କେନ୍ଦ୍ରାପଡା | ରବି ରାୟ | ଜନତା ଦଳ |
| କଟକ | ଶ୍ରୀକାନ୍ତ ଜେନା | ଜନତା ଦଳ |
| ଜଗତସିଂହପୁର | ଲୋକନାଥ ଚୌଧୁରୀ | ସିପିଆଇ |
| ପୁରୀ | ବ୍ରଜ କିଶୋର ତ୍ରିପାଠୀ | ଜନତା ଦଳ |
| ଭୁବନେଶ୍ୱର | ଶିବାଜୀ ପଟ୍ଟନାୟକ | ସିପିଏମ୍ |
| ଆସ୍କା | ରାମଚନ୍ଦ୍ର ରଥ | କଂଗ୍ରେସ |
| ବ୍ରହ୍ମପୁର | ଗୋପୀନାଥ ଗଜପତି ନାରାୟଣଦେବ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ସୁବାସ ଚନ୍ଦ୍ର ନାୟକ | କଂଗ୍ରେସ |
| ଫୁଲବାଣୀ | ମୃତ୍ୟୁଞ୍ଜୟ ନାୟକ | କଂଗ୍ରେସ |
| ବଲାଙ୍ଗୀର | ଶରତ ଚନ୍ଦ୍ର ପଟ୍ଟନାୟକ | କଂଗ୍ରେସ |
| ସମ୍ବଲପୁର | ଡା. କୃପାସିନ୍ଧୁ ଭୋଇ | କଂଗ୍ରେସ |
| ଦେବଗଡ | ଶ୍ରୀବଲ୍ଲଭ ପାଣିଗ୍ରାହୀ | କଂଗ୍ରେସ |
| ଢେଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ |
| ସୁନ୍ଦରଗଡ | ଫ୍ରିଡା ଟପ୍ନୋ | କଂଗ୍ରେସ |
| କେନ୍ଦୁଝର | ଗୋବିନ୍ଦ ଚନ୍ଦ୍ର ମୁଣ୍ଡା | ଜନତା ଦଳ |

## ପ୍ରଧାନମନ୍ତ୍ରୀ ନରସିଂହ ରାଓ ଓଡ଼ିଶାରୁ ନିର୍ବାଚିତ :

ଦଶମ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିବାରୁ ନରସିଂହ ରାଓ ହେଲେ କଂଗ୍ରେସ ପାର୍ଲିଆମେଣ୍ଟାରୀ ଦଳର ଦଳପତି। ସେ ପ୍ରଧାନମନ୍ତ୍ରୀ ଭାବରେ

ଶପଥ ଗ୍ରହଣ କଲେ । ନରସିଂହ ରାଓ ପ୍ରଧାନମନ୍ତ୍ରୀ ହେବା ସମୟରେ ଲୋକସଭା ସଦସ୍ୟ ନଥିଲେ । ଛ'ମାସ ମଧ୍ୟରେ ଲୋକସଭାକୁ ନିର୍ବାଚିତ ହେବାର ନିୟମ ଥିବାରୁ ତାଙ୍କ ପାଇଁ ଗୋଟିଏ ନିରାପଦ ସ୍ଥାନର ଆବଶ୍ୟକ ହେଲା । ଫଳରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ରାଓଙ୍କୁ ଓଡ଼ିଶାର ବ୍ରହ୍ମପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ପ୍ରସ୍ତାବ ଦେଲେ । ଜାନକୀ ବାବୁ ଓ ନରସିଂହ ରାଓ ଉଭୟ ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିଲେ । ଦୁହିଁଙ୍କ ମଧ୍ୟ ଉତ୍ତମ ସଂପର୍କ ଥିଲା । ଅନ୍ୟ ପକ୍ଷରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ମଧ୍ୟ ରାଓଙ୍କର ଉତ୍ତମ ସଂପର୍କ ଥିଲା ।

ବ୍ରହ୍ମପୁର ଆସନରୁ ଲୋକସଭା ସଦସ୍ୟ ଥିବା ଗୋପୀନାଥ ଗଜପତି ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ନିଜ ସଭ୍ୟପଦରୁ ଇସ୍ତଫା ପ୍ରଦାନ କଲେ । ନରସିଂହ ରାଓଙ୍କ ବିରୁଦ୍ଧରେ ଜନତା ଦଳ ତରଫରୁ ଖଲ୍ଲିକୋଟ ରାଣୀ ଭି.ସୁଜ୍ଞାନ କୁମାରୀ ଦେଓ ପ୍ରତିଦ୍ୱନ୍ଦ୍ୱିତା କଲେ । ହେଲେ ତାଙ୍କର ବିଜୟ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ ଉଦ୍ୟମ କରିନଥିବା ଜଣାଯାଏ । ଫଳରେ ନିର୍ବିଘ୍ନରେ ନରସିଂହ ରାଓ ନିର୍ବାଚନ ଜିତି ତାଙ୍କର ପ୍ରଧାନମନ୍ତ୍ରୀ ପଦ ବଜାୟ ରଖିପାରିଲେ । ଏହା ପରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ହେଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ।

## ବିଧାନସଭା ଉପନିର୍ବାଚନ :

ଧାମନଗର ବିଧାନସଭା ଆସନର ନବନିର୍ବାଚିତ ପ୍ରତିନିଧି ହୃଦାନନ୍ଦ ରାୟଙ୍କର ୧୯୯୦ ମାର୍ଚ୍ଚ ୧ ତାରିଖରେ ପରଲୋକ ଘଟିଲା । ଫଳରେ ଏହି ଆସନଟି ଖାଲି ହେଲା । ଭଣ୍ଡାରି ପୋଖରୀ ବିଧାନସଭା ସଦସ୍ୟ ଅର୍ଜୁନ ଚରଣ ସେଠି ଓ ପୁରୀ ବିଧାନସଭା ସଦସ୍ୟ ବ୍ରଜକିଶୋର ତ୍ରିପାଠୀ ଯଥାକ୍ରମେ ଭଦ୍ରକ ଓ ପୁରୀ ଲୋକସଭା ଆସନରୁ ଜନତା ଦଳ ପ୍ରାର୍ଥୀ ଭାବରେ ନିର୍ବାଚିତ ହେବାରୁ ଏହି ଦୁଇଟି ଆସନ ଖାଲି ପଡିଲା । ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାନସଭା ସଦସ୍ୟ ନିକୁଞ୍ଜ ବିହାରୀ ସିଂହଙ୍କର ୧୯୯୧ ମସିହା ଅଗଷ୍ଟ ୨୪ ତାରିଖରେ ପରଲୋକ ଘଟିବାରୁ ତାଙ୍କର ଆସନଟି ଖାଲି ପଡିଲା । ଫଳରେ ଏହି ସବୁ ଆସନ ପାଇଁ ୧୯୯୧ ମସିହା ନଭେମ୍ବର ୧୬ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏହି ସମସ୍ତ ଆସନ ଜନତା ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ଗଲା । ମାଲକାନାଗିରି ନିର୍ବାଚନ ମଣ୍ଡଳୀ ବିଧାନସଭା ସଦସ୍ୟ ନାକା କନାୟାଙ୍କର ୧୯୯୨ ମସିହା ଏପ୍ରିଲ ୨ ତାରିଖରେ ପରଲୋକ ଘଟିଲା । ଏହି ଆସନ ପାଇଁ ୧୯୯୨ ମସିହା ଜୁନ-୮ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏହି ଉପନିର୍ବାଚନରେ ଜନତା ଦଳ ହାତରୁ ଆସନଟି ଖସିଗଲା । ଏଠାରୁ ଭାରତୀୟ ଜନତା ଦଳର ପ୍ରାର୍ଥୀ ଅରବିନ୍ଦ ଢ଼ାଲି ନିର୍ବାଚିତ ହେଲେ ।

୧୯୯୨ ମସିହା ଅକ୍ଟୋବର ୧୭ ତାରିଖରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଜନତାଦଳ ବିଧାୟକ ତ୍ରିନାଥ ନାୟକଙ୍କର ପରଲୋକ ଘଟିଲା । ୧୯୯୩ ମେ'ମାସ ୧୯ ତାରିଖରେ ଉପନିର୍ବାଚନ ହେଲା । ଉପନିର୍ବାଚନରେ ସ୍ୱର୍ଗତ ନାୟକଙ୍କ ଧର୍ମପତ୍ନୀ ପାଟ୍ଟ ନାୟକ ଜନତାଦଳ ଟିକେଟରେ ନିର୍ବାଚନ ଲଢ଼ି ଜୟଯୁକ୍ତା ହେଲେ ।

## ଦଳ ପରିବର୍ତ୍ତନ, ସଦସ୍ୟତା ରଦ୍ଦ ଓ ଇସ୍ତଫା :

ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀର ସିପିଏମ୍ ଦଳର ବିଧାନସଭା ସଦସ୍ୟ ରାଧାକାନ୍ତ ସେଠି ୧୯୯୧ ମସିହା ସେପ୍ଟେମ୍ବର ୧୯ ତାରିଖରେ ଜଣାଇଲେ ଯେ, ସେ ବିଧାନସଭାରେ ସ୍ୱାଧୀନ ସଦସ୍ୟ ଭାବରେ ରହିବେ । ତା'ପରେ ସେ ଜଣାଇଲେ ଯେ, ସେ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଭାବରେ ରହିବେ । ଜନତା ଦଳରୁ ବହିଷ୍କୃତ ହେବା ଫଳରେ ଜଟଣୀ ବିଧାୟକ ଶରତ ଚନ୍ଦ୍ର ପାଇକରାୟ, ସତ୍ୟବାଦୀ ବିଧାୟକ ଚନ୍ଦ୍ରମାଧବ ମିଶ୍ର ଓ ପୁରୀ ବିଧାୟକ ଉମାବଲ୍ଲଭ ରଥ ୧୯୯୫ ମସିହା ଜାନୁଆରି ୧୫ ତାରିଖରେ ସ୍ୱାଧୀନ ସଦସ୍ୟ ଭାବରେ ମାନ୍ୟତା ଲାଭ କଲେ । ଜନତାଦଳରୁ ଚିଲିକା ନିର୍ବାଚନ ମଣ୍ଡଳୀର ବିଧାୟକ ବିଶ୍ୱଭୂଷଣ ହରିଚନ୍ଦନ ଓ ଯାଜପୁର ବିଧାୟକ ଜଗନ୍ନାଥ ମଲ୍ଲିକ ଯଥାକ୍ରମେ ବିଧାୟକ ପଦରୁ ଇସ୍ତଫା ପ୍ରଦାନ କଲେ । ଏମାନଙ୍କର ଇସ୍ତଫା ଯଥାକ୍ରମେ ୧୯୯୪ ମସିହା ନଭେମ୍ବର ୬ ତାରିଖ ଓ ନଭେମ୍ବର ୧୬ ତାରିଖରେ ବାଚସ୍ପତି ଗ୍ରହଣ କରିନେଲେ ।

ବାଙ୍ଗିରିପୋଷୀ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ସ୍ୱାଧୀନ ସଦସ୍ୟ ସୁଦାମ ଚରଣ ମାରାଣ୍ଡିଙ୍କର ସଦସ୍ୟପଦ ସମ୍ବିଧାନର ଧାରା ୧୯୦(୩) ଅନୁଯାୟୀ ୧୯୯୨ ଜାନୁଆରି ୭ ତାରିଖ ଠାରୁ ୩ ବର୍ଷପାଇଁ ରଦ୍ଦ ହେଲା । ସେହିପରି ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଜନତାଦଳ ବିଧାୟକ କୁମର ବେହେରା ସମ୍ବିଧାନରେ ପରିଚ୍ଛେଦ-୧୦ ଅନୁଯାୟୀ ବିଧାନସଭା ପଦପାଇଁ ଅଯୋଗ୍ୟ ବିବେଚିତ ହେଲେ । ଫଳରେ ତାଙ୍କ ସଭ୍ୟପଦ ୧.୧୨.୧୯୯୪ଠାରୁ ରଦ୍ଦ ହୋଇଗଲା ।

ଏହି ଦଶମ ବିଧାନସଭାରେ ମୋଟ ୧୭ଟି ଅଧିବେଶନ ଅନୁଷ୍ଠିତ ହେବା ସହିତ ୨୩୯ଟି ବୈଠକ ବସିଥିଲା । ଏହି ବିଧାନସଭା ୧୯୯୫ ମସିହା ମାର୍ଚ୍ଚ ୧୫ ତାରିଖରେ ଭଙ୍ଗ ହୋଇଥିଲା ।

## ସରକାରଙ୍କର ସଫଳତା ଓ ବିଫଳତା :

ସରକାର ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ନିମନ୍ତେ ଏକତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କଲେ । ମୁଖ୍ୟମନ୍ତ୍ରୀଙ୍କ ଧ୍ୱନି ହେଲା ''ଗାଁକୁ କାମ ଓ ମା'କୁ ସମ୍ମାନ'' । ୧୯୯୨ ମସିହାଠାରୁ ବିଜୁବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ତାରିଖକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ଆରମ୍ଭ ହେଲା । ଏହି ଦିବସକୁ ମଧ୍ୟ ଛୁଟି ଦିବସ ଭାବରେ ସରକାର ଘୋଷଣା କଲେ । ୧୯୯୨ ମାର୍ଚ୍ଚ ୫ତାରିଖରେ ଭୁବନେଶ୍ୱରଠାରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହେଲା । ପଞ୍ଚାୟତିରାଜ ଅନୁଷ୍ଠାନପାଇଁ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଏକ ଉଲ୍ଲେଖନୀୟ ପଦକ୍ଷେପ । ଆଦିବାସୀ ମହିଳାମାନଙ୍କୁ ମଧ୍ୟ ପୋଲିସ କ୍ଷମତା ପ୍ରଦାନ କରାଗଲା । ସର୍ବନିମ୍ନ ମଜୁରିହାର ବୃଦ୍ଧି କରାଗଲା । ଫଳରେ ଗରିବ ଲୋକମାନେ ଉପକୃତ ହେଲେ ।

## ତିରିଶଟି ଜିଲ୍ଲା ସୃଷ୍ଟି :

ଓଡ଼ିଶାରେ ଥିଲା ୧୩ଟି ଜିଲ୍ଲା । ଏହି ସରକାର ସମୁଦାୟ ଜିଲ୍ଲା ସଂଖ୍ୟା ୩୦କୁ ବୃଦ୍ଧି କଲେ । ଏହା ଥିଲା ଏକ ରାଜନୈତିକ ନିଷ୍ପତ୍ତି । କଟକ, କୋରାପୁଟ, ସମ୍ବଲପୁର ଜିଲ୍ଲାମାନଙ୍କୁ

ଚାରିଟି ଲେଖାଏଁ ଜିଲ୍ଲାରେ ପରିଣତ କରାଗଲା । ପୁରୀ ଜିଲ୍ଲାକୁ ତିନି ଭାଗରେ ଏବଂ ବାଲେଶ୍ୱର, ଢ଼େଙ୍କାନାଳ, ଗଞ୍ଜାମ, କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାକୁ ଦୁଇଟି ଲେଖାଏଁ ଜିଲ୍ଲାରେ ପରିଣତ କରାଗଲା । ସୁନ୍ଦରଗଡ, କେଉଁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜିତ କରାଗଲା ନାହିଁ । ଓଡ଼ିଶାକୁ ୩୦ ଜିଲ୍ଲାରେ ପରିଣତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଶାସନକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଜନସାଧାରଣଙ୍କୁ ଉତ୍ତମ ଶାସନ ପ୍ରଦାନ କରିବା । କିନ୍ତୁ ସବ୍‌ଡିଭିଜନ୍,ବ୍ଲକ ଓ ତହସିଲ ପୁନର୍ଗଠନ କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏ ପର୍ଯ୍ୟନ୍ତ ମଧ୍ୟ ଗୋଟିଏ ହେଲେ ନୂତନ ସବ୍‌ଡିଭିଜନ ଓ ବ୍ଲକ୍ ପ୍ରତିଷ୍ଠା ହୋଇପାରି ନାହିଁ ବା ସେଥିନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯେଉଁ କେତୋଟି ନୂତନ ତହସିଲ ପ୍ରତିଷ୍ଠା ହୋଇଛି, ସେଥିରୁ ଅଧିକାଂଶରେ ସ୍ଥାୟୀ ତହସିଲଦାର ନିଯୁକ୍ତି ବି ହୋଇପାରି ନାହାନ୍ତି । ନବ ଗଠିତ ୩୦ଗୋଟି ଜିଲ୍ଲା ହେଲା- କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେଓଗଡ଼, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, ଫୁଲବାଣୀ (କନ୍ଧମାଳ), ଢେଙ୍କାନାଳ, ଅନୁଗୁଳ ।

ସରକାରୀ ବାସଗୃହ ଛାଡିବାପାଇଁ ନିଷ୍ପତ୍ତି ଗ୍ରହଣ କଲେ ଏହି ସରକାର । ନିଷ୍ପତ୍ତି ହେଲା, ଯେଉଁ କର୍ମଚାରୀଙ୍କର ନିଜସ୍ୱ ଗୃହ ଥିବ ସେମାନେ ସରକାରୀ ଘର ରଖିପାରିବେ ନାହିଁ । ହେଲେ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

ଉଚ୍ଚ ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନଙ୍କ ପାଖରେ ମାତ୍ର ଦୁଇଖଣ୍ଡି କରି ଗାଡି ରହିବାର ନିଷ୍ପତ୍ତି ହେଲା । ରବିବାର ଓ ସରକାରୀ ଛୁଟିଦିନମାନଙ୍କରେ ସରକାରୀ ଗାଡି ବ୍ୟବହାର କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ । ଏପରିକି ସେ ନିଜେ ଛୁଟି ଦିନରେ (ଦରକାରବେଳେ) ସେକ୍ରେଟାରିଏଟ୍‌କୁ ରିକ୍ସାରେ ଆସିଲେ । ତାଙ୍କର ଏହି ମିତବ୍ୟୟୀ ପଦକ୍ଷେପ ଯୋଗୁ ପ୍ରଧାନମନ୍ତ୍ରୀ ନରସିଂହ ରାଓ ତାଙ୍କୁ ଜାତୀୟ ମିତବ୍ୟୟ କମିଟିର ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦେଲେ ।

## ସରକାରୀ କର୍ମଚାରୀଙ୍କ ମନରେ ବିଦ୍ରୋହ :

ଓଡ଼ିଶା ରାଜ୍ୟର ସରକାରୀ କର୍ମଚାରୀମାନେ ବହୁ ବର୍ଷ ତଳୁ ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରୁ ଏଲ୍.ଟି.ସି (ରାଜ୍ୟ ଭିତରେ ପରିବାର ସହ ବୁଲିଯିବା ପାଇଁ) ଓ ଅର୍ଜିତ ଛୁଟି ବିକ୍ରୀ (ସରେଣ୍ଡର ଲିଭ ଦୁଇବର୍ଷରେ ଥରେ) କରିବାର ସୁବିଧା ପାଇଥିଲେ । ହେଲେ ଖର୍ଚ୍ଚ କାଟ ବ୍ୟବସ୍ଥାନୁଯାୟୀ ସରକାର ଏହି ଦୁଇଟି ସୁବିଧାକୁ ବାତିଲ କରିଦେଲେ । ଫଳରେ ରାଜ୍ୟ ସାରା କର୍ମଚାରୀମାନଙ୍କ ମନରେ ବିଦ୍ରୋହ ଜାତ ହେବା ସ୍ୱାଭାବିକ ଥିଲା । ଏଥିପାଇଁ ୧୯୯୩ ମସିହା ମେ ମାସ ୫ ତାରିଖରେ ଲଙ୍କାକାଣ୍ଡ ଘଟିଲା ସଚିବାଳୟରେ । ମୁଖ୍ୟ ଶାସନ ସଚିବ ରବିନାରାୟଣ

ଦାସଙ୍କ ଉପରେ ଆକ୍ରମଣ ହେଲା । ମୁଖ୍ୟମନ୍ତ୍ରୀ ବି ଛାଡ ପାଇଲେ ନାହିଁ । ଏଥିପାଇଁ ମୁଖ୍ୟମନ୍ତ୍ରୀ କାହା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ଜଣାଯାଏ ।

ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସୃଷ୍ଟି କରାଯାଇଥିବା 'ଲୋକପାଳ' ପଦବୀକୁ ଏହି ସରକାର ଉଠାଇ ଦେଲେ । ତା' ବଦଳରେ ସ୍ଥାପନା କଲେ ଜଣେ ହାଇକୋର୍ଟ ଜଜଙ୍କ ଅଧ୍ୟକ୍ଷତାରେ 'ସ୍ପେସାଲକୋର୍ଟ' । ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ବିଚାରପାଇଁ ଏହି ସ୍ପେଶାଲ କୋର୍ଟ ସ୍ଥାପନ କରାଗଲା ।

## କଟକ ମଦମୃତ୍ୟୁ ଘଟଣା :

୧୯୯୨ ମସିହା ମେ ମାସ ୭ ତାରିଖର ଘଟଣା । ଏହି ଦିନ କଟକ ସହରରେ ବିଷାକ୍ତ ମଦ ପିଇ ଏକ ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଲା । ବହୁ ଲୋକ ଅସୁସ୍ଥ ଓ ବିକଳାଙ୍ଗ ହୋଇପଡିଲେ । ଏହି ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କଲା । ପ୍ରଥମେ ଏହାର ପ୍ରାଶାସନିକ ତଦନ୍ତ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ କମିଶନରଙ୍କଦ୍ୱାରା ଅନୁଷ୍ଠିତ ହେଲା । ଏହାର ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ପ୍ରବଳ ଦାବି ଉଠିଲା । ଫଳରେ ସରକାର ଓଡ଼ିଶା ହାଇକୋର୍ଟର ବିଚାରପତି ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକଜଣିଆ ତଦନ୍ତ କମିଶନ ବସାଇଲେ ୧୯୯୩ ମସିହା ଜୁଲାଇ ୧୩ ତାରିଖରେ । ବେହେରା କମିଶନ ୧୯୯୫ ଅକ୍ଟୋବର ୩୦ ତାରିଖରେ ତାଙ୍କର ରିପୋର୍ଟ ପ୍ରଦାନ କଲେ ।

କେନ୍ଦ୍ରାଞ୍ଚଳ ଡି.ଆଇ.ଜି ଅନାଦି ସାହୁ କମିଶନ ନିକଟରେ ସାକ୍ଷ୍ୟ ଦେଇ କହିଲେ କି, ''ମଦମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୁମାର ଦାସ ଓରଫ 'ବେଲୁ'ଙ୍କ ସହିତ ରାଜ୍ୟର ଜଳସେଚନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପୂର୍ତ୍ତ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କର ସମ୍ପର୍କ ଥିଲା । ସେ ଦୁଇଜଣ ଏହି ତଦନ୍ତକୁ ଧୀରମନ୍ଥର କରିଦେବାପାଇଁ ତାଙ୍କ ଉପରେ ଚାପ ପକାଇ ଥିଲେ ।'' ତାଙ୍କର ଏହି ବୟାନ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ଫଳରେ ଶାସକଦଳ ତରଫରୁ ଏହି ଦୁଇଜଣ ମନ୍ତ୍ରୀଙ୍କ ଇସ୍ତଫା ଦାବି ହେଲା । ନୈତିକ ଦାୟିତ୍ୱର ଦୁହାଇ ଦେଇ ଅବକାରୀ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ । ହେଲେ ମୁଖ୍ୟମନ୍ତ୍ରୀ କାହାରି ଇସ୍ତଫା ପ୍ରଦାନ ଉପରେ ଗୁରୁତ୍ୱ ଦେଲେ ନାହିଁ ।

ଏହିପରି ବହୁ ଘାତପ୍ରତିଘାତ ମଧ୍ୟରେ ବିଜୁ ପଟ୍ଟନାୟକଙ୍କର ମନ୍ତ୍ରିମଣ୍ଡଳ ପୂରା ପାଞ୍ଚବର୍ଷ ତିଷ୍ଠି ରହିଥିଲା । ଏହାପରେ ଏକାଦଶ ବିଧାନସଭା ନିର୍ବାଚନ ୧୯୯୫ ମସିହା ମାର୍ଚ୍ଚ ୭ ଓ ୯ ତାରିଖରେ ଅନୁଷ୍ଠିତ ହେଲା । କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କଲା ଓ ଜାନକୀ ବଲ୍ଲଭ ପଟ୍ଟନାୟକ ତୃତୀୟ ଥରପାଇଁ ତା.୧୫.୩.୧୯୯୫ରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ ।

+++

## ପଞ୍ଚବିଂଶ ପରିଚ୍ଛେଦ

# ଏକାଦଶ ଓଡ଼ିଶା ବିଧାନସଭା : ଜାନକୀବାବୁ ତୃତୀୟଥର ମୁଖ୍ୟମନ୍ତ୍ରୀ

ଏକାଦଶ ଓଡ଼ିଶା ବିଧାନସଭା ନିମନ୍ତେ ୧୪୭ଟି ଯାକ ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଲା । ପ୍ରଥମ ପର୍ଯ୍ୟାୟରେ ୧୯୯୫ ମସିହା ମାର୍ଚ୍ଚମାସ ୭ ତାରିଖରେ ୭୧ଟି ଆସନପାଇଁ ଓ ମାର୍ଚ୍ଚ ୯ ତାରିଖରେ ୭୬ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇ ମାର୍ଚ୍ଚ ୧୫ ତାରିଖରେ ବିଧାନସଭା ଗଠିତ ହେଲା । ଏହି ନିର୍ବାଚନରେ କଂଗ୍ରେସ-୮୦, ଜନତାଦଳ-୪୬, ବିଜେପି-୯, ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା-୪, ଝାଡଖଣ୍ଡ ପିପୁଲସ୍ ପାର୍ଟି-୧, ଭାରତୀୟ କମ୍ୟୁନିଷ୍ଟ ପାର୍ଟି-୧ ଓ ସ୍ୱାଧୀନ ପ୍ରାର୍ଥୀ-୬ ଟି ଆସନ ଲାଭ କଲେ । କଂଗ୍ରେସ ହେଲା ଏକକ ସଂଖ୍ୟା ଗରିଷ୍ଠ ଦଳ । ବିଭିନ୍ନ ଦଳରୁ ୭ଜଣ ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇ ଆସିଲେ । ସେମାନେ ହେଲେ- ସରସ୍ୱତୀ ହେମ୍ବ୍ରମ୍ (କଂ)- ଖୁଣ୍ଟା, କମଳା ଦାସ (ଜ.ଦ)- ଭୋଗରାଇ, ବିଜୟଲକ୍ଷ୍ମୀ ସାହୁ (କଂ)- କଟକ ସଦର, ଉଷାରାଣୀ ପଣ୍ଡା (କଂ)- ଆସ୍କା, ପରମା



ଉଷାରାଣୀ ପଣ୍ଡା



ରୋସନୀ ସିଂହଦେଓ



ବିଜୟଲକ୍ଷ୍ମୀ ସାହୁ

ପୂଜାରୀ (କଂ) - ଉମରକୋଟ, ରୋସନୀ ସିଂହଦେଓ (ଜ.ଦ)- କୋକସରା ଓ ନନ୍ଦିନୀ ଶତପଥୀ (କଂ)-ଗଁଦିଆ।

## ଏକାଦଶ ବିଧାନସଭା ସଦସ୍ୟ (୧୯୯୫) :

| | | |
|---|---|---|
| କରଞ୍ଜିଆ | ରଘୁନାଥ ହେମ୍ବ୍ରମ୍ | ଜନତା ଦଳ |
| ଯଶୀପୁର | ଶମ୍ଭୁନାଥ ନାୟକ | ସ୍ୱାଧୀନ |
| ବାହଲଦା | ଖେଲାରାମ ମାଝି | ଜେ.ପି.ପି |
| ରାଇରଙ୍ଗପୁର | ଲକ୍ଷ୍ମଣ ମାଝି | କଂଗ୍ରେସ |
| ବାଙ୍ଗିରିପୋଷୀ | ଆଜେନ ମୁର୍ମୁ | ଜେ.ଏମ୍.ଏମ୍ |
| କୁଳିଅଣା | ସୁଦାମ ମାରାଣ୍ଡି | ଜେ.ଏମ୍.ଏମ୍ |
| ବାରିପଦା | ପ୍ରସନ୍ନ କୁମାର ଦାସ | କଂଗ୍ରେସ |
| ବୈସିଙ୍ଗା | ପୃଥୁନାଥ କିସ୍କୁ | କଂଗ୍ରେସ |
| ଖୁଣ୍ଟା | ସରସ୍ୱତୀ ହେମ୍ବ୍ରମ | କଂଗ୍ରେସ |
| ଉଦଳା | ରାବଣେଶ୍ୱର ମଢ଼େଇ | କଂଗ୍ରେସ |
| ଭୋଗରାଇ | କମଳା ଦାସ | ଜନତା ଦଳ |
| ଜଳେଶ୍ୱର | ଜୟ ନାରାୟଣ ମହାନ୍ତି | କଂଗ୍ରେସ |
| ବସ୍ତା | ରଘୁନାଥ ମହାନ୍ତି | ଜନତା ଦଳ |

| | | |
|---|---|---|
| ବାଲେଶ୍ୱର | ଅରୁଣ ଦେ | ସ୍ୱାଧୀନ |
| ସୋରୋ | କାର୍ତ୍ତିକ ମହାପାତ୍ର | କଂଗ୍ରେସ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | କଂଗ୍ରେସ |
| ନୀଳଗିରି | ଅକ୍ଷୟ କୁମାର ଆଚାର୍ଯ୍ୟ | କଂଗ୍ରେସ |
| ଭଣ୍ଡାରିପୋଖରୀ | ଅର୍ଜୁନ ଚରଣ ସେଠି | ଜନତା ଦଳ |
| ଭଦ୍ରକ | ପ୍ରଫୁଲ୍ଲ ସାମଲ | ଜନତା ଦଳ |
| ଧାମନଗର | ଜଗନ୍ନାଥ ରାଉତ | କଂଗ୍ରେସ |
| ଚାନ୍ଦବାଲି | ନେତ୍ରାନନ୍ଦ ମଲ୍ଲିକ | କଂଗ୍ରେସ |
| ବାସୁଦେବପୁର | ବିଜୟଶ୍ରୀ ରାଉତରାୟ | ଜନତା ଦଳ |
| ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ | ଜନତା ଦଳ |
| କୋରେଇ | ଅଶୋକ କୁମାର ଦାସ | ଜନତା ଦଳ |
| ଯାଜପୁର | ସୂର୍ଯ୍ୟମଣି ଜେନା | ଜନତା ଦଳ |
| ଧର୍ମଶାଳା | କଳ୍ପତରୁ ଦାସ | ଜନତା ଦଳ |
| ବଡଚଣା | ଅମର ପ୍ରସାଦ ଶତପଥୀ | ଜନତା ଦଳ |
| ବରି-ଡେରାବିଶ୍ | ଚିନ୍ମୟ ପ୍ରସାଦ ବେହୁରା | କଂଗ୍ରେସ |
| ବିଂଝାରପୁର | ଅର୍ଜୁନ ଦାସ | କଂଗ୍ରେସ |
| ଆଳି | ଦୋଳ ଗୋବିନ୍ଦ ନାୟକ | କଂଗ୍ରେସ |
| ପଟ୍ଟାମୁଣ୍ଡାଇ | ଗଣେଶ୍ୱର ବେହେରା | କଂଗ୍ରେସ |
| ରାଜନଗର | ନଳିନୀକାନ୍ତ ମହାନ୍ତି | ଜନତା ଦଳ |
| କେନ୍ଦ୍ରାପଡା | ଭଗବତ ପ୍ରସାଦ ମହାନ୍ତି | କଂଗ୍ରେସ |
| ପାଟକୁରା | ବିଜୟ ମହାପାତ୍ର | ଜନତା ଦଳ |
| ତିର୍ତ୍ତୋଲ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ |
| ଏରସମା | ବିଜୟ କୁମାର ନାୟକ | କଂଗ୍ରେସ |
| ବାଲିକୁଦା | ଲଲାଟେନ୍ଦୁ ମହାପାତ୍ର | କଂଗ୍ରେସ |
| ଜଗତସିଂହପୁର | ବିଷ୍ଣୁଚରଣ ଦାସ | ଜନତା ଦଳ |
| କିଶନ୍‌ନଗର | ଯୁଧିଷ୍ଠିର ଦାସ | ଜନତା ଦଳ |
| ମାହାଙ୍ଗା | ସେକ୍ ମତଲୁବ୍ ଅଲ୍ଲୀ | କଂଗ୍ରେସ |
| ସାଲେପୁର | ରବୀନ୍ଦ୍ର କୁମାର ବେହେରା | କଂଗ୍ରେସ |
| ଗୋବିନ୍ଦପୁର | ପଞ୍ଚାନନ କାନୁନ୍‌ଗୋ | ଜନତା ଦଳ |
| କଟକ ସଦର | ବିଜୟଲକ୍ଷ୍ମୀ ସାହୁ | କଂଗ୍ରେସ |
| କଟକ ସହର | ସମୀର ଦେ | ବିଜେପି |

| | | |
|---|---|---|
| ଚୌଦ୍ୱାର | କାହ୍ନୁ ଚରଣ ଲେଙ୍କା | କଂଗ୍ରେସ |
| ବାଙ୍କୀ | ପ୍ରଭାତ ତ୍ରିପାଠୀ | ଜନତା ଦଳ |
| ଆଠଗଡ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ଜନତା ଦଳ |
| ବଡମ୍ବା | ଦେବୀ ମିଶ୍ର | ଜନତା ଦଳ |
| ବାଲିପାଟଣା | ହୃଷୀକେଶ ନାୟକ | ଜନତା ଦଳ |
| ଭୁବନେଶ୍ୱର | ବିଜୁ ପଟ୍ଟନାୟକ | ଜନତା ଦଳ |
| ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ |
| ପିପିଲି | ଯୁଧିଷ୍ଠିର ସାମନ୍ତରାୟ | କଂଗ୍ରେସ |
| ନିମାପଡା | ରବୀନ୍ଦ୍ର କୁମାର ସେଠି | କଂଗ୍ରେସ |
| କାକଟପୁର | ବୈକୁଣ୍ଠ ନାଥ ସ୍ୱାଇଁ | କଂଗ୍ରେସ |
| ସତ୍ୟବାଦୀ | ପ୍ରସାଦ କୁମାର ହରିଚନ୍ଦନ | କଂଗ୍ରେସ |
| ପୁରୀ | ମହେଶ୍ୱର ମହାନ୍ତି | ଜନତା ଦଳ |
| ବ୍ରହ୍ମଗିରି | ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର | କଂଗ୍ରେସ |
| ଚିଲିକା | ଦେବେନ୍ଦ୍ର ନାଥ ମାନସିଂହ | କଂଗ୍ରେସ |
| ଖୋର୍ଦ୍ଧା | ପ୍ରସନ୍ନ କୁମାର ପାଟ୍ଟଶାଣୀ | ଜନତା ଦଳ |
| ବେଗୁନିଆ | ହରିହର ସାହୁ | କଂଗ୍ରେସ |
| ରଣପୁର | ରମାକାନ୍ତ ମିଶ୍ର | କଂଗ୍ରେସ |
| ନୟାଗଡ | ସୀତାକାନ୍ତ ମିଶ୍ର | କଂଗ୍ରେସ |
| ଖଣ୍ଡପଡା | ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ | କଂଗ୍ରେସ |
| ଦଶପଲ୍ଲା | ରୁଦ୍ରମାଧବ ରାୟ | ଜନତା ଦଳ |
| ଜଗନ୍ନାଥ ପ୍ରସାଦ | ମାଧବାନନ୍ଦ ବେହେରା | ଜନତା ଦଳ |
| ଭଞ୍ଜନଗର | ବିକ୍ରମକେଶରୀ ଆରୁଖ | ଜନତା ଦଳ |
| ସୋରଡା | ଅନନ୍ତ ନାରାୟଣ ସିଂହଦେଓ | ବିଜେପି |
| ଆସ୍କା | ଉଷାରାଣୀ ପଣ୍ଡା | କଂଗ୍ରେସ |
| କବିସୂର୍ଯ୍ୟନଗର | ହରିହର ସ୍ୱାଇଁ | କଂଗ୍ରେସ |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ଜନତା ଦଳ |
| ଖଲ୍ଲିକୋଟ | ଭି.ସୁଜ୍ଞାନ କୁମାରୀ ଦେଓ | ଜନତା ଦଳ |
| ଛତ୍ରପୁର | ଦୈତାରି ବେହେରା | କଂଗ୍ରେସ |
| ହିଞ୍ଜିଳି | ଉଦୟନାଥ ନାୟକ | କଂଗ୍ରେସ |
| ଗୋପାଳପୁର | ରାମଚନ୍ଦ୍ର ସେଠି | ଜନତା ଦଳ |
| ବ୍ରହ୍ମପୁର | ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ | ଜନତା ଦଳ |

| | | |
|---|---|---|
| ଚିକିଟି | ଚିନ୍ତାମଣି ଦ୍ୟାନ ସାମନ୍ତରାୟ | ସ୍ୱାଧୀନ |
| ମୋହନା | ସୂର୍ଯ୍ୟ ନାରାୟଣ ପାତ୍ର | ଜନତା ଦଳ |
| ରାମଗିରି | ହଳଧର କାର୍ଜି | କଂଗ୍ରେସ |
| ପାରଳାଖେମୁଣ୍ଡି | ତ୍ରିନାଥ ସାହୁ | ସ୍ୱାଧୀନ |
| ଗୁଣୁପୁର | ଅକ୍ଷୟ କୁମାର ଗମାଙ୍ଗୋ | କଂଗ୍ରେସ |
| ବିଷମ କଟକ | ଡମ୍ବରୁଧର ଉଲାକା | କଂଗ୍ରେସ |
| ରାୟଗଡା | ଉଲାକା ରାମଚନ୍ଦ୍ର | କଂଗ୍ରେସ |
| ଲକ୍ଷ୍ମୀପୁର | ଅନନ୍ତରାମ ମାଝି | କଂଗ୍ରେସ |
| ପଟ୍ଟାଙ୍ଗୀ | ରାମଚନ୍ଦ୍ର କଦମ | କଂଗ୍ରେସ |
| କୋରାପୁଟ | ଗୁପ୍ତପ୍ରସାଦ ଦାସ | କଂଗ୍ରେସ |
| ମାଲକାନାଗିରି | ଅରବିନ୍ଦ ଢ଼ାଲି | ବିଜେପି |
| ଚିତ୍ରକୋଣ୍ଡା | ଗଙ୍ଗାଧର ମାଝି | କଂଗ୍ରେସ |
| କୋଟପାଡ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ରଘୁନାଥ ପଟ୍ଟନାୟକ | କଂଗ୍ରେସ |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | କଂଗ୍ରେସ |
| କୋଡିଙ୍ଗା | ମଦନ ନାୟକ | କଂଗ୍ରେସ |
| ଡାବୁଗାଁ | ଯାଦବ ମାଝି | ଜନତା ଦଳ |
| ଉମରକୋଟ | ପରମାପୂଜାରୀ | କଂଗ୍ରେସ |
| ନୂଆପଡା | ଘାସିରାମ ମାଝି | ଜନତା ଦଳ |
| ଖଡିଆଳ | ଦୁର୍ଯ୍ୟୋଧନ ମାଝି | ଜନତା ଦଳ |
| ଧରମଗଡ | ବୀର ସିପ୍‌କା | ଜନତା ଦଳ |
| କୋକସରା | ରୋସନୀ ସିଂହଦେଓ | ଜନତା ଦଳ |
| ଜୁନାଗଡ | ବିକ୍ରମ କେଶରୀ ଦେଓ | ବିଜେପି |
| ଭବାନୀପାଟଣା | ପ୍ରଦୀପ କୁମାର ନାୟକ | |
| ନର୍ଲା | ବଳଭଦ୍ର ମାଝି | ଜନତା ଦଳ |
| କେସିଙ୍ଗା | ଭୂପିନ୍ଦର ସିଂହ | କଂଗ୍ରେସ |
| ବାଲିଗୁଡା | ସହୁରା ମଲ୍ଲିକ | କଂଗ୍ରେସ |
| ଉଦୟଗିରି | ନାଗାର୍ଜୁନ ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ଦାଶରଥି ବେହେରା | ସ୍ୱାଧୀନ |
| ବୌଦ୍ଧ | ସଚ୍ଚିଦାନନ୍ଦ ଦଲାଲ | ଜନତା ଦଳ |
| ଟିଟିଲାଗଡ | ଯୋଗେନ୍ଦ୍ର ବେହେରା | ଜନତା ଦଳ |

| | | |
|---|---|---|
| କଣ୍ଟାବାଂଝି | ସନ୍ତୋଷ ସିଂହ ସାଲଜା | କଂଗ୍ରେସ |
| ପାଟଣାଗଡ଼ | କନକ ବର୍ଦ୍ଧନ ସିଂହଦେଓ | ବିଜେପି |
| ସଇଁତଳା | ସୁରେନ୍ଦ୍ରସିଂହ ଭୋଇ | କଂଗ୍ରେସ |
| ଲୋଇସିଂହା | ବାଳଗୋପାଳ ମିଶ୍ର | ସ୍ୱାଧୀନ |
| ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ | ଜନତା ଦଳ |
| ସୋନପୁର | କୁନ୍ଦୁର କୁଶଲ | ଜନତା ଦଳ |
| ବିନିକା | ନରସିଂହ ମିଶ୍ର | ଜନତା ଦଳ |
| ବୀର ମହାରାଜପୁର | ରାମଚନ୍ଦ୍ର ପ୍ରଧାନ | କଂଗ୍ରେସ |
| ଆଠମଲ୍ଲିକ | ଅମରନାଥ ପ୍ରଧାନ | କଂଗ୍ରେସ |
| ଅନୁଗୁଳ | ରମେଶ ଜେନା | କଂଗ୍ରେସ |
| ହିନ୍ଦୋଳ | ମହେଶ୍ୱର ନାୟକ | କଂଗ୍ରେସ |
| ଢ଼େଙ୍କାନାଳ | ନବୀନ ଚନ୍ଦ୍ର ନାରାୟଣ ଦାସ | କଂଗ୍ରେସ |
| ଗଁଦିଆ | ନନ୍ଦିନୀ ଶତପଥୀ | କଂଗ୍ରେସ |
| କାମାକ୍ଷା ନଗର | କୈଳାସ ଚନ୍ଦ୍ର ମହାପାତ୍ର | କଂଗ୍ରେସ |
| ପାଲଲହଡା | ବିଭୁଧେନ୍ଦ୍ର ପ୍ରତାପ ଦାସ | କଂଗ୍ରେସ |
| ତାଳଚେର | ମହେଶ୍ୱର ସାହୁ | ବିଜେପି |
| ପଦ୍ମପୁର | ବିଜୟ ରଞ୍ଜନ ସିଂହ ବରିହା | ଜନତା ଦଳ |
| ମେଲଛାମୁଣ୍ଡା | ପ୍ରକାଶ ଚନ୍ଦ୍ର ଦେବତା | କଂଗ୍ରେସ |
| ବିଜେପୁର | ରିପୁନାଥ ସେଠ୍ | କଂଗ୍ରେସ |
| ଭଟ୍ଟଲି | ମୋହନ ନାଗ | କଂଗ୍ରେସ |
| ବରଗଡ | ପ୍ରସନ୍ନ ଆଚାର୍ଯ୍ୟ | ଜନତା ଦଳ |
| ସମ୍ବଲପୁର | ଦୁର୍ଗା ଶଙ୍କର ପଟ୍ଟନାୟକ | କଂଗ୍ରେସ |
| ବ୍ରଜରାଜନଗର | ପ୍ରସନ୍ନ କୁମାର ପଣ୍ଡା | ସିପିଆଇ |
| ଝାରସୁଗୁଡା | ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ | କଂଗ୍ରେସ |
| ଲାଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| କୁଚିଣ୍ଡା | ପାଣୁଚନ୍ଦ୍ର ନାଏକ | କଂଗ୍ରେସ |
| ରେଢ଼ାଖୋଲ | ଅଭିମନ୍ୟୁ କୁମ୍ଭାର | କଂଗ୍ରେସ |
| ଦେବଗଡ | ପ୍ରଦୀପ ଗଙ୍ଗଦେବ | ଜନତା ଦଳ |
| ସୁନ୍ଦରଗଡ | କିଶୋର ଚନ୍ଦ୍ର ପଟେଲ | କଂଗ୍ରେସ |
| ତଳସରା | ଗଦାଧର ମାଝି | କଂଗ୍ରେସ |
| ରାଜଗାଙ୍ଗପୁର | ମଙ୍ଗଳା କିଷାନ୍ | ଜନତା ଦଳ |

| | | |
|---|---|---|
| ବୀରମିତ୍ରପୁର | ଜର୍ଜ ତିର୍କୀ | ଜେ.ଏମ୍.ଏମ୍ |
| ରାଉରକେଲା | ପ୍ରଭାତ ମହାପାତ୍ର | କଂଗ୍ରେସ |
| ରଘୁନାଥ ପାଲ୍ଲୀ | ମନସିଦ୍ ଏକ୍କା | ଜେ.ଏମ୍.ଏମ୍ |
| ବଣେଇ | ଜୁଏଲ ଓରାମ | ବିଜେପି |
| ଚ-ୁଆ | ଧନୁର୍ଜୟ ଲାଗୁଡି | କଂଗ୍ରେସ |
| ପାଟନା | ହୃଷୀକେଶ ନାଏକ | କଂଗ୍ରେସ |
| କେନ୍ଦୁଝର | ଯୋଗେନ୍ଦ୍ର ନାଏକ | ବିଜେପି |
| ତେଲକୋଇ | ଚନ୍ଦ୍ରସେଣୀ ନାଏକ | କଂଗ୍ରେସ |
| ରାମଚନ୍ଦ୍ରପୁର | ନିରଞ୍ଜନ ପଟ୍ଟନାୟକ | କଂଗ୍ରେସ |
| ଆନନ୍ଦପୁର | ଜୟଦେବ ଜେନା | କଂଗ୍ରେସ |

## ମନ୍ତ୍ରିମଣ୍ଡଳ ଗଠନ :

ଜାନକୀବଲ୍ଲଭ ପଟ୍ଟନାୟକ ବିଧାନସଭା ସଦସ୍ୟ ନଥାଇ ମଧ୍ୟ ହାଇକମାଣ୍ଡଙ୍କ ସୁପାରିଶ ମତେ କଂଗ୍ରେସ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହେଲେ। ତୃତୀୟ ଥର ପାଇଁ ସେ ୧୯୯୫ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ତାଙ୍କ ସହିତ ସେହିଦିନ ବସନ୍ତ କୁମାର ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳ ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ମାର୍ଚ୍ଚ ୨୦ ତାରିଖରେ ଆଉ ୯ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଓ ୯ଜଣ ରାଷ୍ଟ୍ର ମନ୍ତ୍ରୀ ଶପଥ ଗ୍ରହଣ କଲେ। ନବନିଯୁକ୍ତ ମନ୍ତ୍ରୀମାନଙ୍କର ବିଭାଗ ଗୁଡିକ ହେଲା :

## କ୍ୟାବିନେଟ ମନ୍ତ୍ରୀ :

| | | |
|---|---|---|
| **ଜାନକୀ ବଲ୍ଲଭ ପଟ୍ଟନାୟକ** | : | ମୁଖ୍ୟମନ୍ତ୍ରୀ, ସାଧାରଣ ପ୍ରଶାସନ, ସ୍ୱରାଷ୍ଟ୍ର, ଶକ୍ତି ଓ ଖଣି, ଅବକାରୀ, କ୍ରୀଡା ଓ ଯୁବ ବ୍ୟାପାର, କୃଷି, ସମବାୟ, ବାଣିଜ୍ୟ, ଶ୍ରମ ଓ ନିୟୋଜନ, କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ସରକାରୀ ଉଦ୍ୟୋଗ ତଥା ବିଭାଗ ଆବଣ୍ଟନ ହୋଇନଥିବା ବିଭାଗର ମନ୍ତ୍ରୀ। |
| **ବସନ୍ତ କୁମାର ବିଶ୍ୱାଳ** | : | ଉପ-ମୁଖ୍ୟମନ୍ତ୍ରୀ : ଅର୍ଥ, ଜଳସଂପଦ ଓ ସଂସଦୀୟ ବ୍ୟାପାର |
| **ହେମାନନ୍ଦ ବିଶ୍ୱାଳ** | : | ଉପ-ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ, ଗୃହନିର୍ମାଣ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ |
| **କାହ୍ନୁ ଚରଣ ଲେଙ୍କା** | : | ରାଜସ୍ୱ ଓ ପରିବହନ |
| **ଉଲାକା ରାମଚନ୍ଦ୍ର** | : | ଜଙ୍ଗଲ, ବିଦ୍ୟାଳୟ ଓ ଗଣଶିକ୍ଷା |

**ନିରଞ୍ଜନ ପଟ୍ଟନାୟକ** : ଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ହସ୍ତ ଓ କୁଟୀର ଶିଳ୍ପ
**ପ୍ରସନ୍ନ କୁମାର ଦାସ** : ପରିବେଶ, ବିଜ୍ଞାନ ଓ କାରିଗରୀ
**ଭାଗବତ ପ୍ରସାଦ ମହାନ୍ତି** : ଯୋଜନା ସମନ୍ୱୟ ଓ ଉଚ୍ଚ ଶିକ୍ଷା
**ଭୂପିନ୍ଦର ସିଂହ** : ପର୍ଯ୍ୟଟନ ଓ ସଂସ୍କୃତି,
**ହବିବୁଲ୍ଲା ଖାଁ** : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ
**ହରିହର ସ୍ୱାଇଁ** : ପୂର୍ତ୍ତ

## ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ :

**ଅମରନାଥ ପ୍ରଧାନ** : ନଗର ଉନ୍ନୟନ
**ଜଗନ୍ନାଥ ରାଉତ** : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
**ନେତ୍ରାନନ୍ଦ ମଲ୍ଲିକ** : ସୂଚନା ଓ ଲୋକସଂପର୍କ
**ପ୍ରକାଶ ଦେବତା** : ମତ୍ସ୍ୟ ଓ ପଶୁସ-ଦ ବିକାଶ

## ରାଷ୍ଟ୍ରମନ୍ତ୍ରୀ

**ଗଦାଧର ମାଝି** : କଲ୍ୟାଣ,
**ନବୀନଚନ୍ଦ୍ର ନାରାୟଣ ଦାସ** : ପଞ୍ଚାୟତିରାଜ,
**ବିଜୟଲକ୍ଷ୍ମୀ ସାହୁ** : ମହିଳା ଓ ଶିଶୁ ବିକାଶ
**ରବୀନ୍ଦ୍ର କୁମାର ସେଠୀ** : ସମବାୟ
**ସୁରେଶ କୁମାର ରାଉତରାୟ** : କ୍ରୀଡ଼ା ଓ ଯୁବସେବା

## ବାଚସ୍ପତି ଓ ଉପବାଚସ୍ପତି :

ନବନିର୍ବାଚିତ ବିଧାନସଭା ସଦସ୍ୟମାନେ ୧୯୯୫ ମାର୍ଚ୍ଚ ମାସ ୨୦, ୨୧ ଓ ୨୨ ତାରିଖ ଦିନ ଶପଥ ଗ୍ରହଣ କଲେ । ବିଧାନସଭାର ବରିଷ୍ଠ ସଭ୍ୟ ଘାସିରାମ ମାଝି ଅସ୍ଥାୟୀ ବାଚସ୍ପତି ଭାବରେ ନିଯୁକ୍ତି ପାଇ ସଦସ୍ୟମାନଙ୍କୁ ଶପଥପାଠ କରାଇଲେ । ମାର୍ଚ୍ଚ ୨୨ ତାରିଖରେ କଂଗ୍ରେସ ଦଳର ବିଧାୟକ କିଶୋର ଚନ୍ଦ୍ର ପଟେଲ ସର୍ବସମ୍ମତି କ୍ରମେ ବାଚସ୍ପତି ଭାବରେ ନିର୍ବାଚିତ ହେଲେ । ମାର୍ଚ୍ଚ ୨୮ ତାରିଖରେ ସେହି କଂଗ୍ରେସ ଦଳର ସଦସ୍ୟ ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଉପବାଚସ୍ପତି ଭାବରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ ।

କିଶୋର ଚନ୍ଦ୍ର ପଟେଲ ୧୯୯୬ ମସିହା ଜାନୁଆରି ୧୪ ତାରିଖରେ ବାଚସ୍ପତି ପଦରୁ ଇସ୍ତଫା ପ୍ରଦାନ କରି ମନ୍ତ୍ରିମଣ୍ଡଳରେ ଯୋଗଦାନ କରିବାରୁ ସେହିଦିନ ଉପ-ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ ବାଚସ୍ପତି ପଦର ଦାୟିତ୍ୱ ଗ୍ରହଣ କଲେ ଏବଂ ଫେବ୍ରୁଆରି ୧୨ ତାରିଖରେ

ଉପ-ବାଚସ୍ପତି ପଦରୁ ଇସ୍ତଫା ପ୍ରଦନ କଲେ । ଫଳରେ ବାଚସ୍ପତି ଓ ଉପବାଚସ୍ପତି ଦୁଇଟିଯାକ ପଦବୀ ଖାଲି ପଡିଲା । ବାଚସ୍ପତି ପଦର ନିର୍ବାଚନ ନିମନ୍ତେ ମାନ୍ୟବର ରାଜ୍ୟପାଳ ବରିଷ୍ଠ ବିଧାନସଭା ସଦସ୍ୟ ଘାସିରାମ ମାଝିଙ୍କୁ ଅସ୍ଥାୟୀ ବାଚସ୍ପତି ଭାବରେ ନିଯୁକ୍ତି ପଦାନ କଲେ । ୧୯୯୬ ମସିହା ଫେବୃଆରି ୧୬ତାରିଖରେ ବାଚସ୍ପତି ପଦପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଶାସକ କଂଗ୍ରେସ ଦଳରୁ ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଓ ବିରୋଧୀ ଦଳର ଭି. ସୁଜ୍ଞାନ କୁମାରୀ ଦେଓ ବାଚସ୍ପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କଲେ । ଏହି ନିର୍ବାଚନରେ ୧୪୨ଜଣ ସଦସ୍ୟ ଭୋଟ ଦେଲେ । ସେଥିରୁ ଗୋଟିଏ ଭୋଟ ନାକଚ ହୋଇଗଲା । ଚିନ୍ତାମଣି ଦ୍ୟାନ ସାମନ୍ତରାୟ ୮୧ଖଣ୍ଡ ଭୋଟ ପାଇ ନିର୍ବାଚିତ ହେଲେ ଓ ଭି.ସଜ୍ଞାନ କୁମାରୀ ଦେଓ ୬୧ଟି ଭୋଟ ପାଇ ପରାଜିତା ହେଲେ । ମାର୍ଚ୍ଚ ୧୫ତାରିଖରେ ଓଡ଼ିଶା ବିଧାନସଭା ବୈଠକରେ ଶାସକଦଳର ସଭ୍ୟ ବିଭୂତି ଭୂଷଣ ମର୍ଦ୍ଦରାଜ ସର୍ବସମ୍ମତି କ୍ରମେ ଉପ-ବାଚସ୍ପତି ଭାବରେ ନିର୍ବାଚିତ ହେଲେ । ୨୩.୩.୧୯୯୫ରେ ଏକାଦଶ ଓଡ଼ିଶା ବିଧାନସଭାର ପ୍ରଥମ ବୈଠକ ବସିଲା ।

## ବିରୋଧୀ ଦଳର ନେତା :

ରାଜନୈତିକ ପରିବର୍ତ୍ତନକୁ ନେଇ ବିଭିନ୍ନ ସମୟରେ ବିରୋଧୀ ଦଳର ନେତୃତ୍ୱ ପଦବୀରେ ମଧ୍ୟ ପରିବର୍ତ୍ତନ ଘଟୁଥାଏ । ପ୍ରଥମେ ଜନତା ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହୋଇ ବିଜୁ ପଟ୍ଟନାୟକ, ବିରୋଧୀ ଦଳ ନେତା ଭାବରେ ମାର୍ଚ୍ଚ ୨୩ତାରିଖରେ ଘୋଷିତ ହେଲେ । ଏକାଦଶ ଲୋକସଭାକୁ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବରେ ନିର୍ବାଚିତ ହେବାରୁ ବିଜୁବାବୁ ଜନତା ଦଳ ଏମ୍.ଏଲ୍.ଏ ପଦବୀରୁ ଇସ୍ତଫା ଦେଲେ । ଫଳରେ ସେ ସଭ୍ୟପଦ ୧୯୯୬ ମଇ ମାସ ୨୦ ତାରିଖରୁ ହରାଇଲେ । ତାଙ୍କ ସ୍ଥାନରେ ଅଶୋକ ଦାସ ବିରୋଧୀ ଦଳର ନେତା ହୋଇ ୧୯୯୭ ମସିହା ଡିସେମ୍ବର ୧୮ ତାରିଖ ଯାଏ କାର୍ଯ୍ୟଭାର ସମ୍ଭାଳିଲେ । କାରଣ, ବିଜୁ ଜନତା ଦଳ ନାମରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ ହେଲା । ଫଳରେ ଜନତା ଦଳ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଜନତାଦଳର ୪୬ଜଣ ସଦସ୍ୟଙ୍କ ମଧ୍ୟରୁ ୨୮ଜଣ ବିଜୁ ଜନତା ଦଳରେ ଯୋଗଦେଲେ । ମାନ୍ୟବର ବାଚସ୍ପତି ଏହି ଦଳକୁ ୧୯୯୭ ମସିହା ୧୮ ଡିସେମ୍ବରରେ ସ୍ୱୀକୃତି ପ୍ରଦାନ କଲେ । ରାମକୃଷ୍ଣ ପଟ୍ଟନାୟକ ବିଜୁ ଜନତା ବିଧାୟକ ଦଳର ନେତା ହୋଇ ବିରୋଧୀ ଦଳର ନେତା ଭାବରେ ସ୍ୱୀକୃତି ଲାଭ କଲେ । ପରେ ୧୯୯୮ ମସିହା ନଭେମ୍ବର ୧୬ ତାରିଖରେ ପ୍ରଫୁଲ୍ଲ ସାମଲ ବିଜୁ ଜନତା ବିଧାୟକ ଦଳ ନେତା ହୋଇ ବିରୋଧୀ ଦଳର ନେତା ଭାବରେ ବାଚସ୍ପତିଙ୍କ ଦ୍ୱାରା ସ୍ୱୀକୃତି ଲାଭ କଲେ । ସେ ଏହି ପଦବୀରେ ୧୯୯୮ ମସିହା ଡିସେମ୍ବର ୧ ତାରିଖ ଯାଏ ରହିଲେ । ଏହା ପରେ ୧୯୯୮ ମସିହା ଡିସେମ୍ବର ୧୧ ତାରିଖରେ ସଚ୍ଚିଦାନନ୍ଦ ଦଲାଲ ବିଜୁ ଜନତା ବିଧାୟକ ଦଳର ନେତା ହୋଇ ବିରୋଧୀ ଦଳ ନେତା ପଦବୀରେ ଅଧିଷ୍ଠିତ ହେଲେ ।

## ସରକାରୀ ମୁଖ୍ୟ ସଚେତକ ଓ ଉପ-ମୁଖ୍ୟ ସଚେତକଃ

ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ଦଳର ଏମ୍.ଏଲ୍.ଏ ଡବ୍ଲର ଦେବେନ୍ଦ୍ର ନାଥ ମାନସିଂହ ଓ ସନ୍ତୋଷ ସିଂହ ସାଲୁଜାଙ୍କୁ ଯଥାକ୍ରମେ ମୁଖ୍ୟ ସଚେତକ ଓ ଉପ-ମୁଖ୍ୟ ସଚେତକ ଭାବରେ ନିଯୁକ୍ତି ପ୍ରଦାନ କଲେ। ୧୯୯୯ ମସିହା ଫେବୃଆରି ୨୨ ତାରିଖରେ ଡବ୍ଲର ମାନସିଂହ ମନ୍ତ୍ରିମଣ୍ଡଳରେ ଯୋଗଦାନ କଲେ। ସେହି ସମୟରେ ଗିରିଧର ଗମାଙ୍ଗୋ ମୁଖ୍ୟମନ୍ତ୍ରୀ ହୋଇଥିବା ଦୃଷ୍ଟିରୁ ସେ ଗୁପ୍ତପ୍ରସାଦ ଦାସ, ଏମ୍.ଏଲ୍.ଏଙ୍କୁ ସରକାରୀ ମୁଖ୍ୟ ସଚେତକ ଭାବରେ ନିଯୁକ୍ତି ପ୍ରଦାନ କଲେ।

## ସଂପ୍ରସାରଣ, ଅଦଳବଦଳ ଓ ଇସ୍ତଫା :

ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କ ମନ୍ତ୍ରିମଣ୍ଡଳରେ ସଂପ୍ରସାରଣ ଘଟାଇ ଏହାର ସଭ୍ୟସଂଖ୍ୟା, ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୯ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ୨୦.୩.୧୯୯୫ ପରେ ଯେଉଁମାନଙ୍କୁ କ୍ୟାବିନେଟ ଓ ରାଷ୍ଟ୍ରମନ୍ତ୍ରୀ ଭାବରେ ଗ୍ରହଣ କରିଥିଲେ ସେମାନେ ହେଲେ, କ୍ୟାବିନେଟ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ (୧୪.୧.୧୯୯୬), ଜଗନ୍ନାଥ ପଟ୍ଟନାୟକ (୧୮.୧.୧୯୯୭), ଦୁର୍ଗା ଶଙ୍କର ପଟ୍ଟନାୟକ ଓ ସେକ୍ ମତଲୁବ୍ ଅଲ୍ଲୀ। ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ହେଲେ ମୋହନ ନାଗ (୨୪.୧.୯୮), ଜୟଦେବ ଜେନା ଓ ନାଗାର୍ଜୁନ ପ୍ରଧାନ ଏବଂ କେବଳ ରାଷ୍ଟ୍ରମନ୍ତ୍ରୀ ହେଲେ- ହଳଧର କାର୍ଜୀ ଓ ରମାକାନ୍ତ ମିଶ୍ର।

ହେମାନନ୍ଦ ବିଶ୍ୱାଳ ଉପ-ମୁଖ୍ୟମନ୍ତ୍ରୀ ପଦରୁ ତା.୯.୫.୧୯୯୮ରେ ଇସ୍ତଫା ଦେଇ କେବଳ ପ୍ରଦେଶ କଂଗ୍ରେସ ସଭାପତି ପଦରେ ରହିଲେ ।

## ଲୋକସଭା ନିର୍ବାଚନ-୧୯୯୬ :

୧୯୯୬ ମସିହା ମେ' ମାସରେ ଲୋକସଭାପାଇଁ ନିର୍ବାଚନ ଅନୁଷ୍ଠିତ ହେଲା। ଏହି ନିର୍ବାଚନରେ ଜାନକୀବାବୁଙ୍କ ନେତୃତ୍ୱରେ ଓଡ଼ିଶାରେ ଜାତୀୟ କଂଗ୍ରେସ ୨୧ଟି ଆସନରୁ ୧୬ଟି,ଜନତା ଦଳ ୪ଟି ଓ ସମତାପାର୍ଟି ମାତ୍ର ଗୋଟିଏ ଆସନ ଲାଭ କଲା। ଜନତା ଦଳର ନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, କଟକ ଓ ଆସିକା ଲୋକସଭା ଆସନରୁ ନିର୍ବାଚିତ ହେଲେ। ଲୋକସଭାକୁ ନିର୍ବାଚିତ ସଦସ୍ୟମାନେ ହେଲେଃ

| | | |
|---|---|---|
| ମୟୂରଭଞ୍ଜ | ସୁଶୀଳା ତିରିଆ | କଂଗ୍ରେସ |
| ବାଲେଶ୍ୱର | କାର୍ତ୍ତିକ ମହାପାତ୍ର | କଂଗ୍ରେସ |
| ଭଦ୍ରକ | ମୁରଲୀଧର ଜେନା | କଂଗ୍ରେସ |
| ଯାଜପୁର | ଅଞ୍ଚଳ ଦାସ | ଜନତା ଦଳ |
| କେନ୍ଦ୍ରାପଡା | ଶ୍ରୀକାନ୍ତ କୁମାର ଜେନା | ଜନତା ଦଳ |
| କଟକ | ବିଜୁ ପଟ୍ଟନାୟକ | ଜନତା ଦଳ |

| | | |
|---|---|---|
| ଜଗତସିଂହପୁର | ରଞ୍ଜୀବ ବିଶ୍ୱାଳ | କଂଗ୍ରେସ |
| ପୁରୀ | ପିନାକୀ ମିଶ୍ର | କଂଗ୍ରେସ |
| ଭୁବନେଶ୍ୱର | ସୌମ୍ୟରଂଜନ ପଟ୍ଟନାୟକ | କଂଗ୍ରେସ |
| ଆସ୍କା | ବିଜୁ ପଟ୍ଟନାୟକ | ଜନତା ଦଳ |
| ବ୍ରହ୍ମପୁର | ପି.ଭି.ନରସିଂହ ରାଓ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ଖଗପତି ପ୍ରଧାନୀ | କଂଗ୍ରେସ |
| କଳାହାଣ୍ଡି | ଭକ୍ତ ଚରଣ ଦାସ | ସମତା |
| ଫୁଲବାଣୀ | ମୃତ୍ୟୁଞ୍ଜୟ ନାୟକ | କଂଗ୍ରେସ |
| ବଲାଙ୍ଗୀର | ଶରତଚନ୍ଦ୍ର ପଟ୍ଟନାୟକ | କଂଗ୍ରେସ |
| ସମ୍ବଲପୁର | କୃପାସିନ୍ଧୁ ଭୋଇ | କଂଗ୍ରେସ |
| ଦେବଗଡ | ଶ୍ରୀବଲ୍ଲଭ ପାଣିଗ୍ରାହୀ | କଂଗେସ |
| ଢ଼େଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ |
| ସୁନ୍ଦରଗଡ | ଫ୍ରିଡା ଟପ୍ନୋ | କଂଗ୍ରେସ |
| କେନ୍ଦୁଝର | ମାଧବ ସର୍ଦ୍ଦାର | କଂଗ୍ରେସ |

## ଇସ୍ତଫା ଓ ପରଲୋକ :

୧୬.୪.୧୯୯୫ ତାରିଖରେ ବେଗୁନିଆ ବିଧାନସଭା ଆସନର ନିର୍ବାଚିତ ସଦସ୍ୟ ହରିହର ସାହୁ ଇସ୍ତଫା ପ୍ରଦାନ କଲେ।

ବିଜୁ ପଟ୍ଟନାୟକ ଭୁବନେଶ୍ୱର ବିଧାନସଭା ଆସନର ସଦସ୍ୟ ଥାଇ କଟକ ଓ ଆସ୍କାର ସାଂସଦ ଭାବରେ ନିର୍ବାଚିତ ହେବାରୁ ୧୯୯୬ ମସିହା ମଇ ମାସ ୨୦ ତାରିଖରେ ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ। କାରଣ ଲୋକପ୍ରତିନିଧି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ବିଧାନସଭା ସଦସ୍ୟ ଥାଇ ଲୋକସଭାକୁ ନିର୍ବାଚିତ ହେଲେ ନିର୍ବାଚିତ ହେବାର ୧୪ଦିନ ଭିତରେ ଗୋଟିକରୁ ଇସ୍ତଫା ଦେବାକୁ ହେବ। ଏହି ନିୟମ ଅନୁଯାୟୀ ବିଜୁବାବୁ ଇସ୍ତଫା ପ୍ରଦାନ କଲେ।

ସେହିପରି କାର୍ତ୍ତିକ ମହାପାତ୍ର ସୋର ବିଧାନସଭା ଆସନର ସଦସ୍ୟ ଥାଇ ବାଲେଶ୍ୱର ଲୋକସଭା ଆସନରୁ ନିର୍ବାଚିତ ହେବାରୁ ସେ ମଇ ମାସ ୨୧ ତାରିଖରେ ସୋର ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ।

ରୁଦ୍ରମାଧବ ରାୟ ଦଶପଲ୍ଲା ବିଧାନସଭା ଆସନର ସଦସ୍ୟ ଥାଇ ନୟାଗଡ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହେବାରୁ ୧୯୯୭ ମସିହା ଫେବୃଆରି ୨୮ ତାରିଖରେ ଦଶପଲ୍ଲା ବିଧାନସଭା ଆସନରୁ ଇସ୍ତଫା ପ୍ରଦାନ କଲେ।

ଅର୍ଜୁନ ଚରଣ ସେଠି ଭଣ୍ଡାରିପୋଖରୀ, ପ୍ରସନ୍ନ କୁମାର ପାଟ୍ଟଶାଣୀ ଖୋର୍ଦ୍ଧା ଓ ବିକ୍ରମ କେଶରୀ ଦେଓ ଜୁନାଗଡ ବିଧାନସଭାର ସଦସ୍ୟ ଥାଇ ୧୯୯୮ରେ ଅନୁଷ୍ଠିତ ଦ୍ୱାଦଶ ଲୋକସଭାକୁ ସାଂସଦ ଭାବେ ଯଥାକ୍ରମେ ଭଦ୍ରକ, ଭୁବନେଶ୍ୱର ଓ କଳାହାଣ୍ଡି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେବାରୁ ୧୯୯୮ ମସିହା ମାର୍ଚ୍ଚ ମାସ ଛଅ ତାରିଖ ଦିନ ବିଧାନସଭା ଆସନମାନଙ୍କରୁ ଇସ୍ତଫା ପ୍ରଦାନ କଲେ ।

ପ୍ରସନ୍ନ ଆଚାର୍ଯ୍ୟ ଓ ଜୁଏଲ ଓରାମ ଯଥାକ୍ରମେ ବରଗଡ ଓ ବଣେଇ ବିଧାନସଭାର ସଦସ୍ୟ ଥାଇ ୧୨ଶ ଲୋକସଭାକୁ ସଦସ୍ୟ ଭାବରେ ଯଥାକ୍ରମେ ସମ୍ବଲପୁର ଓ ସୁନ୍ଦରଗଡ ଆସନରୁ ନିର୍ବାଚିତ ହେବାରୁ ୧୯୯୮ ମାର୍ଚ୍ଚ ୧୧ତାରିଖରେ ବିଧାନସଭାରୁ ଇସ୍ତଫା ପ୍ରଦାନ କଲେ ।

ଧାମନଗର ବିଧାନସଭା ଆସନର ନିର୍ବାଚିତ ବିଧାନସଭା ସଦସ୍ୟ ଜଗନ୍ନାଥ ରାଉତ ବିଧାନସଭା ସଦସ୍ୟ ପଦରୁ ୧୯୯୯ ମସିହା ମାର୍ଚ୍ଚ ମାସ ୧୬ତାରିଖ ଦିନ ଇସ୍ତଫା ପ୍ରଦାନ କଲେ । ଲକ୍ଷ୍ମୀପୁର ବିଧାନସଭା ଆସନର ନିର୍ବାଚିତ ପ୍ରତିନିଧି ଅନନ୍ତରାମ ମାଝି ବିଧାନସଭା ଆସନରୁ ୧୯୯୯ ମାର୍ଚ୍ଚ ୨୩ତାରିଖରେ ଇସ୍ତଫା ପ୍ରଦାନ କଲେ । କାରଣ ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ସମୟରେ ବିଧାନସଭାର ସଦସ୍ୟ ନଥିଲେ । ଡକ୍ଟର ଗମାଙ୍ଗ ଏହି ଆସନରୁ ନିର୍ବାଚନ ଲଢ଼ି ବିଧାନ ସଭାକୁ ନିର୍ବାଚିତ ହୋଇ ଆସିବାପାଇଁ ଅନନ୍ତରାମ ମାଝି ବିଧାନ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ ।

ଗୁଣପୁର ବିଧାୟକ ଅକ୍ଷୟ କୁମାର ଗମାଙ୍ଗଙ୍କର ୨୧.୪.୧୯୯୫ରେ, କାକଟପୁର ବିଧାୟକ ବୈକୁଣ୍ଠ ନାଥ ସ୍ୱାଇଁଙ୍କର ୨.୧୦.୧୯୯୫ରେ, କାମାକ୍ଷାନଗର ବିଧାୟକ କୈଳାସଚନ୍ଦ୍ର ମହାପାତ୍ରଙ୍କର ୧୭.୯.୧୯୯୬ରେ, ନୂଆପଡା ବିଧାୟକ ଘାସିରାମ ମାଝିଙ୍କର ୨୩.୪.୧୯୯୭ରେ, ଦେବଗଡ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କର ୨୦.୧୦.୧୯୯୭ରେ, ବ୍ରଜରାଜନଗର ବିଧାୟକ ପ୍ରସନ୍ନ କୁମାର ପଣ୍ଡାଙ୍କର ୨୬.୧୨.୧୯୯୭ରେ ଓ ଡାବୁଗାଁ ବିଧାୟକ ଯାଦବ ମାଝିଙ୍କର ୩.୪.୧୯୯୯ରେ ପରଲୋକ ଘଟିଲା ।

ଏହିସବୁ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଲା ।

## ଉପନିର୍ବାଚନ ଫଳାଫଳ :

୨୭.୫.୧୯୯୫ରେ ବେଗୁନିଆ ବିଧାନସଭା ଆସନ ନିମନ୍ତେ ଉପ-ନିର୍ବାଚନ ଅନୁଷ୍ଠିତ ହେଲା । ଏଥିରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀ ଭାବରେ ବିଜୟ ଲାଭ କରି ୩.୬.୧୯୯୫ରେ ଶପଥ ଗ୍ରହଣ କଲେ ।

ଗୁଣୁପୁର ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାଗୀରଥି ଗମାଙ୍ଗୋ ନିର୍ବାଚିତ ହେଲେ । ୨.୫.୧୯୯୬ରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଶ୍ରୀ ଗମାଙ୍ଗ ୨୦.୫.୧୯୯୬ରେ ଶପଥ ଗ୍ରହଣ କଲେ ।

୭.୫.୧୯୯୬ରେ କାକଟପୁର ବିଧାନସଭା ଉପନିର୍ବାଚନରେ ଜନତାଦଳର ପ୍ରାର୍ଥୀ ସୁରେନ୍ଦ୍ରନାଥ ନାୟକ ବିଜୟୀ ହୋଇ ସେହି ମାସ ୧୫ତାରିଖରେ ବିଧାୟକ ଭାବରେ ଶପଥ

ଗ୍ରହଣ କଲେ । ୧୧.୧୦.୧୯୯୬ ରେ ସୋରୋ ଓ ଭୁବନେଶ୍ୱର ବିଧାନସଭା ଆସନ ଦୁଇଟିର ଉପନିର୍ବାଚନରେ ଯଥାକ୍ରମେ କଂଗ୍ରେସ ପ୍ରାର୍ଥିନୀ ଇନ୍ଦୁରାଣୀ ମହାପାତ୍ର ଓ ବିଜେପି ପ୍ରାର୍ଥୀ ବିଶ୍ୱଭୂଷଣ ହରିଚନ୍ଦନ ବିଜୟଲାଭ କଲେ । ଶ୍ରୀମତୀ ମହାପାତ୍ର ୨୪ତାରିଖରେ ଓ ଶ୍ରୀ ହରିଚନ୍ଦନ ୨୯ ତାରିଖରେ ଶପଥ ଗ୍ରହଣ କଲେ ।

୮.୨.୧୯୯୬ରେ କାମାକ୍ଷାନଗର ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏହି ଉପନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥିନୀ ଶ୍ରୀମତୀ ପ୍ରେମଲତା ମହାପାତ୍ର ବିଜୟଲାଭ କରି ୨୦ତାରିଖରେ ବିଧାୟିକା ଭାବରେ ଶପଥ ଗ୍ରହଣ କଲେ ।

୯.୫.୧୯୯୭ରେ ଦଶପଲ୍ଲା ଓ ନୂଆପଡା ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏହି ଉପନିର୍ବାଚନରେ ଯଥାକ୍ରମେ ସ୍ୱାଧୀନ ପ୍ରାର୍ଥୀ ହରିହର କରଣ ଓ କଂଗ୍ରେସ ପ୍ରାର୍ଥୀ ଜଗନ୍ନାଥ ପଟ୍ଟନାୟକ ନିର୍ବାଚିତ ହେଲେ । ଶ୍ରୀ କରଣ ଜୁନ୍ ୪ତାରିଖରେ ଓ ଶ୍ରୀ ପଟ୍ଟନାୟକ ଜୁନ୍ ୧୧ତାରିଖରେ ବିଧାୟକ ଭାବରେ ଶପଥ ଗ୍ରହଣ କଲେ ।

୨୨.୨.୧୯୯୮ରେ ବ୍ରଜରାଜ ନଗର ଓ ଦେବଗଡ ବିଧାନସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ଯଥାକ୍ରମେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ କେଶବ ସାହୁ ଓ ବିଜେପି ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ ନିର୍ବାଚିତ ହୋଇ ମାର୍ଚ୍ଚ ୯ ତାରିଖରେ ଶପଥ ଗହଣ କଲେ । ୩.୬.୧୯୯୮ରେ ଭଣ୍ଡାରିପୋଖରୀ, ଖୋର୍ଦ୍ଧା, ଜୁନାଗଡ, ବରଗଡ ଓ ବଣାଇ ବିଧାନସଭା ଆସନପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେଲା । ଏହି ସବୁ ନିର୍ବାଚନ ମଣ୍ଡଳୀରେ ଯଥାକ୍ରମେ କଂଗ୍ରେସ ପ୍ରାର୍ଥୀ କୁମାର ଶ୍ରୀ ଚିରଞ୍ଜୀବ, ଦିଲ୍ଲୀପ ଶ୍ରୀଚନ୍ଦନ, ବିଜେପି ପ୍ରାର୍ଥୀ ହିମାଂଶୁ ଶେଖର ମେହେର, ବିଜେଡି ପ୍ରାର୍ଥୀ ଆନନ୍ଦ ଆଚାର୍ଯ୍ୟ ଓ କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ବିଧାନସଭାକୁ ନିର୍ବାଚିତ ହୋଇ ୮ତାରିଖରେ ଶପଥ ଗ୍ରହଣ କଲେ ।

୨୧.୬.୧୯୯୯ରେ ଲକ୍ଷ୍ମୀପୁର ବିଧାନସଭା ଆସନର ଉପ-ନିର୍ବାଚନ ଅନୁଷ୍ଠିତ ହେଲା । ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇ ବିଧାନସଭା ସଦସ୍ୟ ଭାବରେ ଜୁନ୍ ୨୮ତାରିଖରେ ଶପଥ ଗ୍ରହଣ କଲେ ।

ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଭଞ୍ଜନଗର ବିଧାନସଭା ଆସନର ନିର୍ବାଚିତ ପ୍ରତିନିଧି ବିକ୍ରମ କେଶରୀ ଆରୁଖ୍ ଅଯୋଗ୍ୟ ବିବେଚିତ ହୋଇ ୧୪.୯.୧୯୯୯ ଠାରୁ ସଭ୍ୟପଦ ହରାଇଲେ ।

## ଜାନକୀଙ୍କ କାର୍ଯ୍ୟକ୍ରମ : ଦୁଇଟଙ୍କିଆ ଚାଉଳ-

ରାଜ୍ୟର ୧୧ଟି ଆଦିବାସୀ ଅଧ୍ୟୁଷିତ ଓ ୨୫ଟି ମରୁଡି ପ୍ରବଣ ବ୍ଲକରେ କିଲୋ ୨ଟଙ୍କା ଦରରେ ଚାଉଳ ଯୋଗାଣ କାର୍ଯ୍ୟ ଆରମ୍ଭ ହେଲା । ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଗୁମ୍ଭାଠାରେ ଏକ ବିଶାଳ ଜନସମାବେଶରେ ଏହି ଯୋଜନାର ଶୁଭାରମ୍ଭ କଲେ । ମୁଖ୍ୟମନ୍ତ୍ରୀ ଏହି ସମାବେଶରେ ପ୍ରକାଶ କଲେ ଯେ, ଦଶବର୍ଷ ତଳେ

କଂଗ୍ରେସ ସରକାର ଅମଳରେ ଯେଉଁ କାର୍ଯ୍ୟ ଚାଲିଥିଲା ତାହାର ପୁନରାବୃତ୍ତି କରାଯାଇଛି । ରାଜ୍ୟର ୧୪୩ଟି ବ୍ଲକର ୧କୋଟି ଲୋକ ଏଥିରେ ଉପକୃତ ହେବେ ।

## ବାରଦଫା କାର୍ଯ୍ୟକ୍ରମ :

ରାଜ୍ୟର ଦ୍ରୁତ ବିକାଶ ଓ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ବାରଦଫା କାର୍ଯ୍ୟକ୍ରମ ଘୋଷଣା କଲେ । ସେଗୁଡିକ ହେଲା - ୧. ପ୍ରତି ଗ୍ରାମପଞ୍ଚାୟତରୁ ପଞ୍ଚାୟତ ସମିତି ସଦର ମହକୁମାକୁ ସବୁଦିନିଆ ପିଚୁରାସ୍ତା, ୨. ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ ପୁଷ୍କରିଣୀର ପୁନରୁଦ୍ଧାର ଓ ଉନ୍ନତି ବିଧାନ, ୩. ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆବଶ୍ୟକୀୟ ଗୃହ ନିର୍ମାଣ, ୪. ସରକାରୀ କୃଷି ଫାର୍ମରେ ପ୍ରାମାଣିକ ବିହନ ଉତ୍ପାଦନ ଓ ଉନ୍ନତ ଚାରା ଉତ୍ପାଦନ ବ୍ୟବସ୍ଥା, ୫. କୃଷିର ଉନ୍ନତି ନିମନ୍ତେ ଆବଶ୍ୟକୀୟ ଶୀତଳ ଭଣ୍ଡାର ସ୍ଥାପନ, ୬. ପ୍ରତି ବ୍ଲକରେ ଗୋଟିଏ ଗୃହନିର୍ମାଣ ସରଞ୍ଜାମ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ, ୭. ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନଙ୍କୁ ଜଙ୍ଗଲ ରକ୍ଷଣାବେକ୍ଷଣ ପାଇଁ ଉତ୍ସାହ ପ୍ରଦାନ ଓ ଜଙ୍ଗଲ ରକ୍ଷଣାବେକ୍ଷଣ କରୁଥିବା ଗ୍ରାମବାସୀମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାରର ଅଧିକାର ପ୍ରଦାନ , ୮. ପ୍ରତି ଗ୍ରାମପଞ୍ଚାୟତରେ ଗୋଟିଏ ଉନ୍ନତ ଖେଳପଡିଆ ନିର୍ମାଣ, ୯. ମନ୍ଦିର ଓ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନର ରକ୍ଷଣାବେକ୍ଷଣା ଓ ଉନ୍ନତି ବିଧାନ, ୧୦. ପ୍ରତି ଜିଲ୍ଲାରେ ଅନ୍ୟୂନ ୪,୦୦୦ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ, ୧୧. ପ୍ରତି ବ୍ଲକରେ ଶିଳ୍ପ ପ୍ରତିଷ୍ଠା, ୧୨. ପ୍ରତି ଗ୍ରାମପଞ୍ଚାୟତରେ ଚାରାଗଛ ଉତ୍ପାଦନ (ନର୍ସରୀ) କେନ୍ଦ୍ର ପ୍ରତିଷ୍ଠା ।

ଜାନକୀଙ୍କ ଏହି ତୃତୀୟଥର ମୁଖ୍ୟମନ୍ତ୍ରିତ୍ୱ କାଳରେ ବିଶ୍ୱବ୍ୟାଙ୍କ ସହାୟତାରେ ୧୯୦କୋଟି ଟଙ୍କା ବ୍ୟୟରେ ନରାଜ ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେଲା । ତାଳଚେର-ସମ୍ବଲପୁର ରେଳପଥ ଯାତାୟାତ ନିମନ୍ତେ ଉଦ୍‌ଘାଟିତ ହେଲା । ଭୁବନେଶ୍ୱରଠାରେ କଳିଙ୍ଗ ଷ୍ଟାଡିୟମ ଉଦ୍‌ଘାଟିତ ହେଲା । ତୃତୀୟ ସାର୍କ ଜାମ୍ବୋରୀ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହେଲା । ରାଜ୍ୟର ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନଭୋଜନ ପ୍ରଚଳିତ ହେଲା ।

## 'ଝଡର ଇଗଲ ଓ ମାଟିର ମୂର୍ତ୍ତିକର' :

'ଝଡର ଇଗଲ ଓ ମାଟିର ମୂର୍ତ୍ତିକର' ଏ କଥା କହିଥିଲେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଓଡ଼ିଶାର ଜନନେତା ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ଏକ ଶୋକ ସଭାରେ । ବିଜୁ ପଟ୍ଟନାୟକଙ୍କ ସହ ଜାନକୀବାବୁଙ୍କର ସମସ୍ତ ରାଜନୈତିକ ବିରୋଧ ଥିବା ସତ୍ତ୍ୱେ ସେ ବିଜୁବାବୁଙ୍କୁ ଆବେଗ ହୃଦୟରେ 'ଝଡର ଇଗଲ ଓ ମାଟିର ମୃତ୍ତିକାର' ବୋଲି ଆଖ୍ୟାୟିତ କରିଥିଲେ । ଏ ଥିଲା ଜାନକୀବାବୁଙ୍କର ଉଦାର ହୃଦୟର କଥା । ଏହି ଶୋକସଭାରେ ଲାଲକୃଷ୍ଣ ଆଡଭାନୀ, ଏସ.ଆର.ବୋମାଇ, ଏଚ୍.ଡି.ଦେବଗୌଡା ଓ ସାହେବ ସିଂହ ବର୍ମା ଆଦି ବହୁ ଜାତୀୟ ନେତା ଉପସ୍ଥିତ ଥିଲେ । ବିଜୁ ପଟ୍ଟନାୟକ ୧୯୯୭

ମସିହା ଏପ୍ରିଲ୍ ୧୭ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଦିଲ୍ଲୀ ଠାରେ। ଏହିବର୍ଷ ୧୯୯୭ ମସିହାରେ ମଧ୍ୟ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡଃ ସତ୍ୟନାରାୟଣ ରାଜଗୁରୁ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ସମାଜ ସଂପାଦକ ରାଧାନାଥ ରଥ, ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀ ଓ ବିଶ୍ୱବିଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ଆଦିଙ୍କର ଦେହାବସାନ ଘଟିଥିଲା। ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରି ବାର୍ତ୍ତା ପ୍ରଦାନ କରିଥିଲେ।

## 'ବିଜୁ ଜନତାଦଳ' ଗଠନ :

ବିଜୁପଟ୍ଟନାୟକଙ୍କ ପରଲୋକ ପରେ ୧୯୯୭ ମସିହା ଡିସେମ୍ବର ୨୬ତାରିଖରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ 'ବିଜୁ ଜନତା ଦଳ' (ବିଜେଡି)ନାମରେ ଏକ ନୂତନ ଆଞ୍ଚଳିକ ରାଜନୈତିକ ଦଳ ଜନ୍ମ ନେଲା । ଏହାର ପ୍ରତିଷ୍ଠାତା ସଭାପତି ରହିଲେ ବିଜୁ ପଟ୍ଟନାୟକଙ୍କର କନିଷ୍ଠ ପୁତ୍ର ନବୀନ ପଟ୍ଟନାୟକ। ଜନତା ଦଳର ୨୮ଜଣ ବିଧାୟକ ଏହି ନୂତନ ଆଞ୍ଚଳିକ ଦଳରେ ସାମିଲ ହେଲେ। ଅନ୍ୟ ୧୨ଜଣ ସଦସ୍ୟ ମୂଳ ଜନତା ଦଳରେ ରହିଲେ। ମୂଳ ଜନତା ଦଳରେ ରହିଥିବା ନେତାମାନଙ୍କ ମଧ୍ୟରେ ଅଶୋକ ଦାସ, ନଳିନୀକାନ୍ତ ମହାନ୍ତି, ସୁରେନ୍ଦ୍ର ନାଥ ନାୟକ, ନରସିଂହ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଓ ମଙ୍ଗଳା କିଷାନ ଅନ୍ତର୍ଭୁକ୍ତ। ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଆସ୍କା ଲୋକସଭା ଆସନର ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନବୀନ ପଟ୍ଟନାୟକ ଲୋକସଭା ସଦସ୍ୟ ହେଲେ।

## ବିଜେଡି- ବିଜେପି ମେଣ୍ଟ :

୧୯୯୮ ମସିହାରେ ଦ୍ୱାଦଶ ଲୋକସଭା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେଲା। ଓଡ଼ିଶାର ୨୧ଟି ଆସନପାଇଁ ବିଜେଡି-ବିଜେପି ମେଣ୍ଟ ନିର୍ବାଚନ ଲଢ଼ିଲେ। କଂଗ୍ରେସ ଏକାକୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେଲା। କଂଗ୍ରେସ ଲାଭକଲା ମାତ୍ର ୪ଟି ଆସନ। ବାକି ୧୭ଟି ଆସନରେ ବିଜେଡି ବିଜେପି ମେଣ୍ଟ ବିଜୟୀ ହେଲେ। ବିଜେପି- ୭ଟି ଓ ବିଜେଡି-୧୦ଟି ଆସନ ଲାଭ କଲା। ନିର୍ବାଚିତ ସାଂସଦ ମାନେ ହେଲେ : ମୟୂରଭଞ୍ଜ-ସାଲଖାନ୍ ମୁର୍ମୁ (ବିଜେପି), ବାଲେଶ୍ୱର- ମହାମେଘ ବାହନ ଐର ଖାରବେଳ ସ୍ୱାଇଁ (ବିଜେପି), ଭଦ୍ରକ- ଅର୍ଜୁନ ଚରଣ ସେଠୀ (ବିଜେଡି), ଯାଜପୁର-ରାମଚନ୍ଦ୍ର ମଲ୍ଲିକ (ବିଜେଡି), କେନ୍ଦ୍ରାପଡା- ପ୍ରଭାତ କୁମାର ସାମନ୍ତରାୟ (ବିଜେଡି), କଟକ-ଭର୍ତ୍ତୃହରି ମହତାବ (ବିଜେଡି), ଜଗତସିଂହପୁର- ରଞ୍ଜୀବ ବିଶ୍ୱାଳ (କଂ), ପୁରୀ- ବ୍ରଜକିଶୋର ତ୍ରିପାଠୀ (ବିଜେଡି), ଭୁବନେଶ୍ୱର- ପ୍ରସନ୍ନ କୁମାର ପାଟଶାଣୀ,(ବିଜେଡି) ଆସ୍କା-ନବୀନ ପଟ୍ଟନାୟକ (ବିଜେଡି), ବ୍ରହ୍ମପୁର- ଜୟନ୍ତୀ ପଟ୍ଟନାୟକ (କଂ), କୋରାପୁଟ- ଗିରିଧର ଗମାଙ୍ଗ (କଂ), ନବରଙ୍ଗପୁର- ଖଗପତି ପ୍ରଧାନୀ (କଂ), କଳାହାଣ୍ଡି- ବିକ୍ରମ କେଶରୀ ଦେଓ (ବିଜେପି), ଫୁଲବାଣୀ-ପଦ୍ମନାଭ ବେହେରା (ବିଜେଡି) ବଲାଙ୍ଗୀର- ସଙ୍ଗୀତା କୁମାରୀ ଦେଓ (ବିଜେପି), ସମ୍ବଲପୁର-

ପ୍ରସନ୍ନ କୁମାର ଆଚାର୍ଯ୍ୟ (ବିଜେଡି), ଦେବଗଡ- ଦେବେନ୍ଦ୍ର ପ୍ରଧାନ (ବିଜେପି), ଢ଼େଙ୍କାନାଳ- ତଥାଗତ ଶତପଥୀ (ବିଜେଡି), ସୁନ୍ଦରଗଡ- ଜୁଏଲ ଓରାମ (ବିଜେପି) ଓ କେନ୍ଦୁଝର- ଉପେନ୍ଦ୍ରନାଥ ନାୟକ (ବିଜେପି)। ନବୀନ ପଟ୍ଟନାୟକ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ଭାବରେ ସ୍ଥାନ ପାଇଲେ।

## ମୁଖ୍ୟମନ୍ତ୍ରୀ ପଦରୁ ଜାନକୀବାବୁଙ୍କ ଇସ୍ତଫା :

୧୯୯୮ ମସିହା ଲୋକସଭା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ୧୯୯୯ ମସିହା ଫେବ୍ରୁଆରି ୧୨ ତାରିଖରେ ଇସ୍ତଫା ପ୍ରଦାନ କଲେ। ଏହା ପରେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସାଂସଦ ଡଃ ଗିରିଧର ଗମାଙ୍ଗ ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ଫେବ୍ରୁଆରି ୨୨ ତାରିଖରେ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଶପଥ ଗ୍ରହଣ କଲେ। ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଛାଡି ୧୨ଜଣ କ୍ୟାବିନେଟ ମନ୍ତ୍ରୀ, ସ୍ୱାଧୀନ ଦାୟିତ୍ୱରେ ୫ଜଣ ରାଷ୍ଟ୍ରମନ୍ତ୍ରୀ ଓ ୯ଜଣ ରାଷ୍ଟ୍ରମନ୍ତ୍ରୀ ଶପଥ ଗ୍ରହଣ କଲେ।

ଡକ୍ଟର ଗିରିଧର ଗମାଙ୍ଗଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ବାଲେଶ୍ୱରଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାରିପଦା ଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ଠାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା। ଗମାଙ୍ଗୋଙ୍କ ଶାସନ କାଳରେ ମହାବାତ୍ୟା ଦକ୍ଷିଣ ଉପକୂଳ ଓ ପୂର୍ବ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ବିଶେଷ କ୍ଷୟକ୍ଷତି ଘଟାଇବା ସହ ବହୁ ଧନଜୀବନ ନଷ୍ଟ କଲା। ପ୍ରଥମେ ୧୯୯୯ ମସିହା ଅକ୍ଟୋବର ୧୭ତାରିଖରେ ଲଘୁଚାପଜନିତ ଘୂର୍ଣ୍ଣିବାତ୍ୟା କ୍ଷୟକ୍ଷତି ଘଟାଇବା ପରେ ୨୯ ତାରିଖରେ ଏହା ମହାବାତ୍ୟାର ରୂପ ନେଲା ଓ ପ୍ରଳୟଙ୍କରୀ ରୂପ ଧାରଣକରି ଦୀର୍ଘ ୩୦ଘଣ୍ଟା ଯାଏ ଉପକୂଳବର୍ତ୍ତୀ ଇଲାକାରେ ତାଣ୍ଡବଲୀଳା ସୃଷ୍ଟିକଲା।



ଗିରିଧର ଗମାଙ୍ଗ

ଏପରି ବାତ୍ୟାର ମୁକାବିଲାପାଇଁ ସରକାର ଆଦୌ ପ୍ରସ୍ତୁତ ନଥିଲେ। ବାତ୍ୟା ପରେ ବି ସରକାର ପରିସ୍ଥିତି ସୁଧାରିବାପାଇଁ କୌଣସି ଉଚିତ ପଦକ୍ଷେପ ନେଇପାରିଲେ ନାହିଁ। ବାତ୍ୟାପାଇଁ ପଲିଥିନ୍ କିଣାରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ହେଲା।

ପରିସ୍ଥିତି ଏପରି ହେଲା ଯେ, ଡିସେମ୍ବର ୬ତାରିଖରେ ଡଃ. ଗମାଙ୍ଗ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ ଓ ସେହିଦିନ ହେମାନନ୍ଦ ବିଶ୍ୱାଳ କଂଗ୍ରେସ ବିଧାୟକ ଦଳର ନେତା ଭାବରେ ଶପଥ ଗ୍ରହଣ କଲେ। ତାଙ୍କ ସହ ବସନ୍ତ କୁମାର ବିଶ୍ୱାଳ ଓ ଜଗନ୍ନାଥ ପଟ୍ଟନାୟକ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ଡିସେମ୍ବର ୯ତାରିଖରେ ୧୧ଜଣ କ୍ୟାବିନେଟ ମନ୍ତ୍ରୀ, ୮ଜଣ ରାଷ୍ଟ୍ରମନ୍ତ୍ରୀ ଶପଥ ଗ୍ରହଣ କଲେ। ୧୧ ତାରିଖରେ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ ରାଷ୍ଟ୍ରମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳରେ ଯୋଗଦାନ କଲେ। ୨୦୦୦ ଫେବ୍ରୁଆରି ୭ତାରିଖରେ ରଘୁନାଥ ପଟ୍ଟନାୟକ ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କଲେ।

୧୯୯୮ ମସିହାରେ ଡକ୍ଟର ଗମାଙ୍ଗଙ୍କର କେବଳ ଗୋଟିଏ ମାତ୍ର ଭୋଟରେ କେନ୍ଦ୍ରର ଏନ୍.ଡି.ଏ ସରକାରଙ୍କ ପତନ ଘଟିଲା। ସେତେବେଳେ ସେ ଲୋକସଭା ସାଂସଦ ଥାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଲୋକସଭା ସାଂସଦ ଭାବରେ ଭୋଟ ପ୍ରଦାନ କରିଥିଲେ। ଫଳରେ ବାଜପେୟୀ ସରକାର ଇସ୍ତଫା ପ୍ରଦାନ କଲେ। ମାତ୍ର ୧୩ମାସ ପ୍ରଧାନ ମନ୍ତ୍ରୀ ରହିବା ପରେ ଅଟଳ ବିହାରୀ ବାଜପେୟୀ ପୁନଃ ଲୋକସଭା ନିର୍ବାଚନର ସମ୍ମୁଖୀନ ହେଲେ। ୧୯୯୯ ମସିହାରେ ଲୋକସଭା ପାଇଁ ନିର୍ବାଚନ ହେଲା। ଏହି ନିର୍ବାଚନରେ ଏନ୍.ଡି.ଏ ପୁଣି ଶାସନ କ୍ଷମତାକୁ ଆସିଲା। ଏଥର ଲୋକସଭା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ମାତ୍ର ୨ଟି ଆସନ ଲାଭ କଲା। ୧୩ଶ ଲୋକସଭା (୧୯୯୯)କୁ ଓଡ଼ିଶାର ନିର୍ବାଚିତ ପ୍ରତିନିଧିମାନେ ହେଲେଃ

## ତ୍ରୟୋଦଶ ଲୋକସଭା ସଦସ୍ୟ (୧୯୯୯) :

| | | |
|---|---|---|
| ମୟୂରଭଞ୍ଜ | ସାଲଖାନ୍ ମୁର୍ମୁ | ବିଜେପି |
| ବାଲେଶ୍ୱର | ମହାମେଘ ବାହନ ଐରଖାରବେଳ ସ୍ୱାଇଁ | ବିଜେପି |
| ଭଦ୍ରକ | ଅର୍ଜୁନ ଚରଣ ସେଠି | ବିଜେଡି |
| ଯାଜପୁର | ଜଗନ୍ନାଥ ମଲ୍ଲିକ | ବିଜେଡି |
| କେନ୍ଦ୍ରାପଡା | ପ୍ରଭାତ କୁମାର ସାମନ୍ତରାୟ | ବିଜେଡି |
| କଟକ | ଭର୍ତ୍ତୃହରି ମହତାବ | ବିଜେଡି |
| ଜଗତସିଂହପୁର | ତ୍ରିଲୋଚନ କାନୁନ୍‌ଗୋ | ବିଜେଡି |
| ପୁରୀ | ବ୍ରଜ କିଶୋର ତ୍ରିପାଠୀ | ବିଜେଡି |
| ଭୁବନେଶ୍ୱର | ଡଃ ପ୍ରସନ୍ନ ପାଟ୍ଟଶାଣୀ | ବିଜେଡି |
| ଆସ୍କା | ନବୀନ ପଟ୍ଟନାୟକ | ବିଜେଡି |
| | ପରେ କୁମୁଦିନୀ ପଟ୍ଟନାୟକ | ବିଜେଡି |
| ବ୍ରହ୍ମପୁର | ଅନାଦି ଚରଣ ସାହୁ | ବିଜେପି |
| କୋରାପୁଟ | ହେମା ଗମାଙ୍ଗ | କଂଗ୍ରେସ |
| ନବରଙ୍ଗପୁର | ପର୍ଶୁରାମ ମାଝି | ବିଜେପି |

| | | |
|---|---|---|
| ଫୁଲବାଣୀ | ପଦ୍ମନାଭ ବେହେରା | ବିଜେଡି |
| ବଲାଙ୍ଗୀର | ସଙ୍ଗୀତା କୁମାରୀ ସିଂହଦେଓ | ବିଜେପି |
| ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ | ବିଜେଡି |
| ଦେବଗଡ | ଦେବେନ୍ଦ୍ର ପ୍ରଧାନ | ବିଜେପି |
| ଢେଙ୍କାନାଳ | କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ |
| ସୁନ୍ଦରଗଡ | ଜୁଏଲ ଓରାମ | ବିଜେପି |
| କେନ୍ଦୁଝର | ଅନନ୍ତ ନାୟକ | ବିଜେପି |

ଏହି ଲୋକସଭା ନିର୍ବାଚନରେ ଓଡ଼ିଶାର ବିଜେପି ଓ ବିଜେଡି ମଧ୍ୟରେ ମଧ୍ୟ ମେଣ୍ଟ ହୋଇଥିଲା । ବିଜେପି- ବିଜେଡି ମେଣ୍ଟ ୧୯ଟି ଆସନ ପାଇଲା । ବିଜେପି- ୯ଟି ଓ ବିଜେଡି - ୧୦ଟି ଆସନ ଲାଭ କଲା ।

ଏକାଦଶ ଓଡ଼ିଶା ବିଧାନସଭାର ସମୁଦାୟ ୧୭ଟି ଅଧିବେଶନ ଓ ଗୋଟିଏ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୪୮ ବୈଠକ ଦିବସ ରହିଥିଲା । ସ୍ୱତନ୍ତ୍ର ଅଧିବେଶନଟି ୫୦ତମ ସ୍ୱାଧୀନତା ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା । ବିଧାନସଭାକୁ ୨୯.୨.୨୦୦୦ରେ ଭଗ୍ନ କରାଯାଇଥିଲା ।

## ଜାନକୀ ବଲ୍ଲଭ ପଟ୍ଟନାୟକ : (୧୯୨୭)

ତିନିଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ରଚନା କରିଥିବା ଜାନକୀବଲ୍ଲଭ ପଟ୍ଟନାୟକ ଏକାଧାରାରେ ଜଣେ ସଂଗ୍ରାମୀ, ସାମ୍ବାଦିକ ଓ ଦକ୍ଷ ସଂପାଦକ, ବିଦ୍ୱାନ, ଲେଖକ, ଗବେଷକ, ସାହିତ୍ୟିକ, ସଫଳ ଅନୁବାଦକ, ସମାଲୋଚକ ଓ ସୁବକ୍ତା । ସଂସ୍କୃତ ଭାଷା ବିଶାରଦ ଭାବରେ ତାଙ୍କର କୃତିତ୍ୱ ସର୍ବଜନବିଦିତ । କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ବିଭିନ୍ନ ମନ୍ତ୍ରଣାଳୟର ଦାୟିତ୍ୱ ସେ ସଫଳତାର ସହିତ ନିର୍ବାହ କରିଛନ୍ତି । ଘଟଣାବହୁଳ ତାଙ୍କର ରାଜନୈତିକ ଜୀବନରେ ଜଣେ ଦକ୍ଷ, ଅଭିଜ୍ଞ ଓ କୂଟନୈତିକ ରାଜନେତା ଭାବରେ ସେ ନିଜର ଯେଉଁ ପରିଚୟ ପ୍ରତିଷ୍ଠା କରିଯାଇଛନ୍ତି, ତା'ର ପଟାନ୍ତର ନାହିଁ ।

୧୯୨୭ ଜାନୁଆରି ୩ ତାରିଖରେ ପୁରୀ ଜିଲ୍ଲା ରାମେଶ୍ୱରଠାରେ ଏକ ସାହିତ୍ୟ ଓ ସଂସ୍କୃତିସ-ନ୍ନ ପରିବାରରେ ତାଙ୍କର ଜନ୍ମ । ଖୋର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ପାସ୍ ପରେ ୧୯୪୭ରେ ରେଭେନ୍ସା କଲେଜରୁ ସଂସ୍କୃତ ସମ୍ମାନ ସହ ସେ ବି.ଏ.ପାସ୍ କଲେ । ରେଭେନ୍ସାରେ ପଢ଼ିବା ସମୟରେ କଲେଜରେ ଲାଗିଥିବା ୟୁନିୟନ ଜାକ୍‌କୁ ହଟାଇ ଭାରତୀୟ ଜାତୀୟ ପତାକାକୁ ଉଡାଇବା ଫଳରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ୧୯୫୦ ମସିହାରେ ସେ ରାଜନୀତି ବିଜ୍ଞାନରେ ଏମ୍.ଏ. ପାସ କଲେ । ଚାକିରି ନକରି ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କଲେ । ସେ ହେଲେ 'ଇଷ୍ଟର୍ଣ୍ଣଟାଇମସ୍' ର ସବ୍-ଏଡିଟର । ତା'ପରେ ଯୁଗ୍ମ ସଂପାଦକ ଓ ପରେ ସଂପାଦକ ଦାୟିତ୍ୱ ବହନ କରିବା ସହ ଦୈନିକ ପ୍ରଜାତନ୍ତ୍ରର

ସଂପାଦକ ଦାୟିତ୍ୱ ମଧ୍ୟ ବହନ କଲେ । ଏହା ପରେ 'ପୌରୁଷ' ପତ୍ରିକାର ମଧ୍ୟ ସେ ପ୍ରତିଷ୍ଠାତା ଓ ସଂପାଦକ ହେଲେ ।



ଜାନକୀ ବଲ୍ଲଭ ପଟ୍ଟନାୟକ

୧୯୫୦ ମସିହାରେ ମଧୁପୁର ଚାଷୀ ଆନ୍ଦୋଳନର ସେ ନେତୃତ୍ୱ ଗ୍ରହଣ କଲେ । ରାଜ୍ୟ ଯୁବକଂଗ୍ରେସର ସଭାପତି ହେଲେ ସେହି ବର୍ଷ । ୧୯୫୪ରୁ ୬୦ ଯାଏ ସେ ହେଲେ ପି.ସି.ସି କାର୍ଯ୍ୟକାରୀ କମିଟିର ସଦସ୍ୟ । ୧୯୫୬ରୁ ୬୦ ଯାଏ ସେ ହେଲେ ଅଖିଳ ଭାରତ ସମ୍ବାଦପତ୍ର ସ-ାଦକ ସଂଘର ସଭ୍ୟ । ୧୯୫୬ରୁ ୬୭ଯାଏ ସାହିତ୍ୟ ଏକାଡେମୀର ସଭ୍ୟ ହେବା ସହିତ ୧୯୫୭ରୁ୬୭ ଯାଏ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ ଫେଲୋ ଓ ଓଡ଼ିଶା ମୌଳିକ ଶିକ୍ଷା ଏବଂ ଶିକ୍ଷକ ସଂଘର ସଭାପତି ଦାୟିତ୍ୱ ସଂପାଦନ ।

ଜଣେ ଲେଖକ ଓ ଗବେଷକ ହିସାବରେ ଗୌତମ ବୁଦ୍ଧଙ୍କ ଜୀବନ ଚରିତ, ଅନୁବାଦକ ଭାବରେ ଭର୍ତ୍ତୃହରିଙ୍କ ନୀତିଶତକ, ଶ୍ରୀମଦ୍‌ଭାଗବତର ଗଦ୍ୟରୂପ, ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସରୁ କେତୋଟି ସଫଳତାର ସହ ଅନୁବାଦ କରିଛନ୍ତି । ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ସେ ହେଉଛନ୍ତି ତିରୁପତି ବିଶ୍ୱବିଦ୍ୟାଳୟର ପ୍ରୋ.ଚାନ୍‌ସେଲର । ବହୁ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସେ ଓତପ୍ରୋତ ଭାବରେ ଜଡିତ ।

୧୯୭୧ ମସିହାରେ ସେ ସର୍ବପ୍ରଥମେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ଦେଶରକ୍ଷା ବିଭାଗର ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ବହନ କରିଥିଲେ (୧୯୭୩-୭୫) । ୧୯୮୦ ମସିହାରେ ପୁନର୍ବାର ଲୋକସଭାକୁ ନିର୍ବାଚିତ ହୋଇ କେନ୍ଦ୍ରରେ ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ ଓ ଶ୍ରମ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ଭାବରେ କାର୍ଯ୍ୟ ସଂପାଦନ । । ୧୯୮୦ରେ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ୩ଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ବହନକରି ସେ ବହୁ କାର୍ଯ୍ୟ କରିଛନ୍ତି । ସେସବୁ ପୂର୍ବବର୍ତ୍ତୀ ବିଭିନ୍ନ ଅଧ୍ୟାୟରେ ଆଲୋଚିତ ହୋଇସାରିଛି । ଗତ ବିଧାନସଭାରେ ସେ ବିରୋଧୀ ଦଳର ନେତୃତ୍ୱ ବହନ କରି ବେଶ୍ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ବର୍ତ୍ତମାନ ସେ ଆସାମ ରାଜ୍ୟର ରାଜ୍ୟପାଳ ଅଛନ୍ତି ।

+++

### ଷଡ଼ବିଂଶ ପରିଚ୍ଛେଦ

# ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ବିଧାନସଭା : ମୁଖ୍ୟମନ୍ତ୍ରୀ ଆସନରେ ନବୀନ ପଟ୍ଟନାୟକ

ଦ୍ୱାଦଶ ବିଧାନସଭା ନିମନ୍ତେ ୨୦୦୦ ମସିହା ଫେବୃଆରି ମାସରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଲା । ୧୪୭ ଆସନରୁ ପ୍ରଥମ ପର୍ଯ୍ୟାୟରେ ୧୭ ତାରିଖରେ ୭୦ଟି ଆସନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ ତାରିଖରେ ୭୭ଗୋଟି ଆସନ ନିମନ୍ତେ ନିର୍ବାଚନ ହେଲା । ୧୯୯୯ ଲୋକସଭା ନିର୍ବାଚନର ଆସନ ବୁଝାମଣାକୁ ଭିତ୍ତି କରି ବିଜେଡି ଓ ବିଜେପି ମେଣ୍ଟ ଯଥାକ୍ରମେ ୮୪ଟି ଓ ୬୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କଲେ । ୧୦୬ଟି ଆସନ ଲାଭ କରି ମେଣ୍ଟ ସରକାର ଗଢ଼ିଲେ । ଏହି ନିର୍ବାଚନରେ ବିଭିନ୍ନ ଦଳର ବିଜୟୀ ପ୍ରାର୍ଥୀମାନଙ୍କ ସଂଖ୍ୟା ହେଲାଃ ବିଜେଡି-୬୮, ବିଜେପି -୩୮, ଭାରତୀୟ ଜାତୀୟ କଂଗ୍ରେସ-୨୬, ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା-୦୩, ଜନତାଦଳ (ଧର୍ମ ନିରପେକ୍ଷ)-୦୧, ଅଖିଳଭାରତ ତୃଣମୂଳ କଂଗ୍ରେସ-୦୧, ମାର୍କସ୍‌ବାଦୀ କମ୍ୟୁନିଷ୍ଟ-୧, ଭାରତୀୟ କମ୍ୟୁନିଷ୍ଟ ପାର୍ଟି-୧ ଓ ସ୍ୱାଧୀନ-୦୮ ।

ଏହି ନିର୍ବାଚନରେ ରେକର୍ଡ ସଂଖ୍ୟକ ମହିଳା ପ୍ରାର୍ଥୀ ବିଭିନ୍ନ ଦଳ ତରଫରୁ ନିର୍ବାଚିତ ହୋଇ ଆସିଲେ । ସେମାନଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ୩ ଜଣ ଯଥାଃ ଉଷାରାଣୀ ପଣ୍ଡା (ସୋରଡ଼ା) ମମତା ମାଢ଼ି (ଚିତ୍ରକୋଣ୍ଡା) ଓ ପରମା ପୂଜାରୀ (ଉମରକୋଟ); ଭାରତୀୟ ଜନତା ପାର୍ଟିର ୨ଜଣ ଯଥାଃ ଦ୍ରୌପଦୀ ମୁର୍ମୁ (ରାଇରଙ୍ଗପୁର) ଓ ନିବେଦିତା ପ୍ରଧାନ (କଟକସଦର); ବିଜୁ ଜନତା ଦଳର ୦୯ଜଣ ଯଥାଃ ଡାକ୍ତର କମଳା ଦାସ



ଉଷା ଦେବୀ



ବିଷ୍ଣୁପ୍ରିୟା ବେହେରା



ମମତା ମାଢ଼ୀ



ଦ୍ରୌପଦୀ ମୁର୍ମୁ

(ଭୋଗରାଇ), ପ୍ରମିଳା ମଲ୍ଲିକ (ବିଞ୍ଝାରପୁର), ମନ୍ଦାକିନୀ ବେହେରା (ନୟାଗଡ଼), ବିଜୟ ଲକ୍ଷ୍ମୀ ପଟ୍ଟନାୟକ (ଖଣ୍ଡପଡ଼ା), ଭି. ସୁଜ୍ଞାନ କୁମାରୀ ଦେଓ (ଖଲ୍ଲିକୋଟ), ଉଷା ଦେବୀ (ଚିକ୍ରିଟି), ରୋଷନୀ ସିଂହଦେଓ (କୋକସରା), ବିଷ୍ଣୁପ୍ରିୟା ବେହେରା(ଫୁଲବାଣୀ) ଓ ଅଞ୍ଜଳି ବେହେରା (ହିନ୍ଦୋଳ) ।



ମନ୍ଦାକିନୀ ବେହେରା




ନିବେଦିତା ପ୍ରଧାନ



ବିଜୟଲକ୍ଷ୍ମୀ ପଟ୍ଟନାୟକ

ଏହି ନିର୍ବାଚନ ସମୟର ବିଶେଷ ଉଲ୍ଲେଖନୀୟ ଘଟଣା ହେଲା ବିଜୁ ଜନତା ଦଳର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରମୁଖ ନେତା ବିଜୟ ମହାପାତ୍ରଙ୍କୁ ଦଳରୁ ବହିଷ୍କାର । ଏପରି ଚତୁରତାର ସହ ଏହି ବହିଷ୍କାର କରାଗଲା ଯେ ସେ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବି ପ୍ରତିଦ୍ୱନ୍ଦ୍ୱିତା କରିପାରିଲେ ନାହିଁ । ଏହି ଘଟଣା ଓଡ଼ିଶାବାସୀ ଓ ରାଜନେତାମାନଙ୍କୁ ବିସ୍ମିତ କରିଥିଲା । ତାଙ୍କ ସ୍ଥାନରେ ବିଜେଡ଼ି ତରଫରୁ ଅତନୁ ସବ୍ୟସାଚୀ ନାୟକଙ୍କୁ ପାଟକୁରାରୁ ପ୍ରାର୍ଥୀ କରାଗଲା । ଫଳରେ ଅନନ୍ୟୋପାୟ ହୋଇ ବିଜୟ ମହାପାତ୍ର ପାଟକୁରା ନିର୍ବାଚନ ମଣ୍ଡଳୀରୁ ତୃଣମୂଳ କଂଗ୍ରେସ ତରଫରୁ ନିର୍ବାଚନ ଲଢୁଥିବା ତ୍ରିଲୋଚନ ବେହେରାଙ୍କୁ ସମର୍ଥନ ଜଣାଇଲେ । ଦୁଇଜଣଙ୍କ ମଧ୍ୟରେ ବୁଝାମଣା ରହିଲା କି ତ୍ରିଲୋଚନ ବେହେରା ନିର୍ବାଚିତ ହେଲେ ଇସ୍ତଫା ପ୍ରଦାନ କରି ବିଜୟ ମହାପାତ୍ରଙ୍କପାଇଁ ଆସନଟି ଛାଡ଼ି ଦେବେ । ସେଠାରୁ ବିଜୟ ମହାପାତ୍ର ଅନାୟାସରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ । ଯାହା ହେଉ,

ତ୍ରିଲୋଚନ ବେହେରା ପାଟକୁରା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ । ମାତ୍ର ସେ ବିଧାନସଭା ସଭ୍ୟପଦରୁ ଇସ୍ତଫା ନଦେଇ ବି.ଜେ.ଡ଼ି ସହିତ ସାମିଲ ହୋଇଗଲେ । ବିଜୟବାବୁ ଦିଗହରା ହୋଇପଡିଲେ । ଗଠନ କଲେ ଏକ ନୂତନ ରାଜନୈତିକ ଦଳ 'ଓଡ଼ିଶା ଗଣ ପରିଷଦ' । ମାତ୍ର ଏଥିରେ ସଫଳତା ହାସଲ କରିପାରିଲେ ନାହିଁ । ସେହିଦିନଠାରୁ ଏ ଯାବତ୍ ସେ ଆଉ ନିର୍ବାଚିତ ହୋଇ ବିଧାନସଭାକୁ ଆସିପାରି ନାହାନ୍ତି । ବିଜେପିରେ ରହି ନିଜର ଭବିତବ୍ୟ ଖୋଜୁଛନ୍ତି ।



**ବାଚସ୍ପତି ଶରତ କୁମାର କର**

ଦ୍ୱାଦଶ ବିଧାନସଭା ୨୦୦୦ ମସିହା ଫେବୃୟାରି ୨୯ ତାରିଖରେ ଗଠିତ ହେଲା । ବୟୋଜ୍ୟେଷ୍ଠ ସଦସ୍ୟ କଂଗ୍ରେସର ନବରଙ୍ଗପୁର ବିଧାୟକ ଜନାବ୍ ହବିବୁଲ୍ଲା ଖାଁ ଅସ୍ଥାୟୀ ବାଚସ୍ପତି ଭାବରେ ମାର୍ଚ୍ଚ ୬ତାରିଖରେ ନିଯୁକ୍ତ ହୋଇ ମାର୍ଚ୍ଚ ୭ ଓ ୮ ଦୁଇଦିନ ଧରି ବିଧାୟକମାନଙ୍କୁ ଶପଥ ପାଠ କରାଇଲେ । ଏହାପରେ ବିଧିବଦ୍ଧ ଭାବରେ ସର୍ବସମ୍ମତିକ୍ରମେ ମାର୍ଚ୍ଚ ୧୦ତାରିଖରେ ଶରତ କୁମାର କର ଓ ମାର୍ଚ୍ଚ ୨୭ ତାରିଖରେ ରାମଚନ୍ଦ୍ର ପଣ୍ଡା ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ନିର୍ବାଚିତ ହେଲେ ।

ଭାରତୀୟ ଜାତୀୟ କଂଗ୍ରେସ ଦଳର ରଣପୁର ବିଧାୟକ ରମାକାନ୍ତ ମିଶ୍ର କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇ ମାର୍ଚ୍ଚ ୨୧ ତାରିଖଠାରୁ ବିରୋଧିଦଳର ନେତା ଭାବରେ ସ୍ୱୀକୃତି ଲାଭକଲେ ।

## ଦ୍ୱାଦଶ ବିଧାନସଭାର ସଦସ୍ୟ (୨୦୦୦):

| | | |
|---|---|---|
| କରଂଜିଆ | ପଦ୍ମ ଚରଣ ହାଇବ୍ରୁ | ସ୍ୱାଧୀନ |
| ଯଶୀପୁର | ଭାନୁ ଚରଣ ନାୟକ | ବିଜେପି |
| ବହଲଦା | ଲକ୍ଷ୍ମଣ ସୋରେନ | ବିଜେପି |
| ରାଇରଙ୍ଗପୁର | ଦ୍ରୌପଦୀ ମୁର୍ମୁ | ବିଜେପି |
| ବାଙ୍ଗିରୀପୋଷି | ପୁରୁଷୋତ୍ତମ ନାୟକ | ସ୍ୱାଧୀନ |
| କୁଳିଅଣା | ସୁଦାମ ମାରାଣ୍ଡି | ଜେଏମ୍ଏମ୍ |
| ବାରିପଦା | କିଶୋର ଦାସ | ଜେଏମ୍ଏମ୍ |

| | | |
|---|---|---|
| ବଇସିଙ୍ଗା | କାନ୍ଦରା ସୋରେନ | ବିଜେପି |
| ଖୁଣ୍ଟା | ଗୋଲକ ନାୟକ | ବିଜେପି |
| ଉଦଳା | ଭାସ୍କର ମଢ଼େଇ | ବିଜେପି |
| ଭୋଗରାଇ | ଡାକ୍ତର କମଳା ଦାସ | ବିଜେଡ଼ି |
| ଜଳେଶ୍ୱର | ଜୟନାରାୟଣ ମହାନ୍ତି | କଂଗ୍ରେସ |
| ବସ୍ତା | ରଘୁନାଥ ମହାନ୍ତି | ବିଜେଡ଼ି |
| ବାଲେଶ୍ୱର | ଜୀବନ ପ୍ରଦୀପ ଦାଶ | ବିଜେପି |
| ସୋରୋ | କାର୍ତ୍ତିକ ମହାପାତ୍ର | କଂଗ୍ରେସ |
| ସିମୁଳିଆ | ପର୍ଶୁରାମ ପାଣିଗ୍ରାହୀ | ବିଜେଡ଼ି |
| ନୀଳଗିରି | ପ୍ରଦୀପ୍ତ ପଣ୍ଡା | ସିପିଏମ୍ |
| ଭଣ୍ଡାରୀପୋଖରୀ | ରଥ ଦାସ | ବିଜେଡ଼ି |
| ଭଦ୍ରକ | ପ୍ରଫୁଲ୍ଲ ସାମଲ | ବିଜେଡ଼ି |
| ଧାମନଗର | ମାନସ ରଞ୍ଜନ ମଲ୍ଲିକ | ସ୍ୱାଧୀନ |
| ଚାନ୍ଦବାଲି | ବିଷ୍ଣୁଚରଣ ସେଠି | ବିଜେପି |
| ବାସୁଦେବପୁର | ବିଜୟଶ୍ରୀ ରାଉତରାୟ | ବିଜେଡ଼ି |
| ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ | ବିଜେଡ଼ି |
| କୋରେଇ | ଅଶୋକ ଦାସ | ଜନତା ଧର୍ମ ନିରପେକ୍ଷ |
| ଯାଜପୁର | ସୂର୍ଯ୍ୟମଣି ଜେନା | ବିଜେଡ଼ି |
| ଧର୍ମଶାଳା | କଳ୍ପତରୁ ଦାସ | ବିଜେଡ଼ି |
| ବଡ଼ଚଣା | ଅମର ପ୍ରସାଦ ଶତପଥୀ | ବିଜେଡ଼ି |
| ବରି-ଡେରାବିଶ | ଦେବାଶିଷ ନାୟକ | ବିଜେଡ଼ି |
| ବିଂଝାରପୁର | ପ୍ରମିଳା ମଲ୍ଲିକ | ବିଜେଡ଼ି |
| ଆଳି | ପ୍ରତାପ କେଶରୀ ଦେବ | ବିଜେଡ଼ି |
| ପଟ୍ଟାମୁଣ୍ଡାଇ | ତାପସ ଦାସ | ବିଜେଡ଼ି |
| ରାଜନଗର | ନଳିନୀକାନ୍ତ ମହାନ୍ତି | ବିଜେଡ଼ି |
| କେନ୍ଦ୍ରାପଡ଼ା | ବେଦପ୍ରକାଶ ଅଗ୍ରୱାଲ | ବିଜେଡ଼ି |
| ପାଟକୁରା | ତ୍ରିଲୋଚନ ବେହେରା<br>(ପ୍ରଥମେ ଥିଲେ ତୃଣମୂଳ କଂଗ୍ରେସ) | ବିଜେଡ଼ି |
| ତିର୍ତ୍ତୋଲ | ଦେବାଶିଷ ସାମନ୍ତରାୟ | ବିଜେଡ଼ି |
| ଏରସମା | ଡାକ୍ତର ଦାମୋଦର ରାଉତ | ବିଜେଡ଼ି |

| | | |
|---|---|---|
| ବାଲିକୁଦା | ଉମେଶ ଚନ୍ଦ୍ର ସ୍ୱାଇଁ | କଂଗ୍ରେସ |
| ଜଗତସିଂହପୁର | ବିଷ୍ଣୁ ଚରଣ ଦାସ | ବିଜେଡ଼ି |
| କିଶନନଗର | ପ୍ରତାପ ଜେନା | ବିଜେଡ଼ି |
| ମାହାଙ୍ଗା | ଶରତ କର | ବିଜେଡ଼ି |
| ସାଲେପୁର | କାଳିନ୍ଦୀ ଚରଣ ବେହେରା | ବିଜେଡ଼ି |
| ଗୋବିନ୍ଦପୁର | ପଞ୍ଚାନନ କାନୁନ୍‌ଗୋ | ବିଜେଡ଼ି |
| କଟକ ସଦର | ନିବେଦିତା ପ୍ରଧାନ | ବିଜେପି |
| କଟକ ସହର | ସମୀର ଦେ | ବିଜେପି |
| ଚୌଦ୍ୱାର | ବିଧୁଭୂଷଣ ପ୍ରହରାଜ | ସ୍ୱାଧୀନ |
| ବାଙ୍କୀ | ପ୍ରଭାତ ତ୍ରିପାଠୀ | ବିଜେଡ଼ି |
| ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡ଼ି |
| ବଡ଼ମ୍ବା | ଦେବୀ ପ୍ରସାଦ ମିଶ୍ର | ବିଜେଡ଼ି |
| ବାଲିପାଟଣା | ରାଘବ ଚନ୍ଦ୍ର ସେଠି | ବିଜେଡ଼ି |
| ଭୁବନେଶ୍ୱର | ବିଶ୍ୱଭୂଷଣ ହରିଚନ୍ଦନ | ବିଜେପି |
| ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ |
| ପିପିଲି | ପ୍ରଦୀପ ମହାରଥୀ | ବିଜେଡ଼ି |
| ନିମାପଡ଼ା | ବାଇଧର ମଲ୍ଲିକ | ବିଜେପି |
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ବିଜେଡ଼ି |
| ସତ୍ୟବାଦୀ | ପ୍ରସାଦ କୁମାର ହରିଚନ୍ଦନ | କଂଗ୍ରେସ |
| ପୁରୀ | ମହେଶ୍ୱର ମହାନ୍ତି | ବିଜେଡ଼ି |
| ବ୍ରହ୍ମଗିରି | ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର | କଂଗ୍ରେସ |
| ଚିଲିକା | ବିଭୂତି ଭୂଷଣ ହରିଚନ୍ଦନ | ବିଜେପି |
| ଖୋର୍ଦ୍ଧା | ଯତୀନ୍ଦ୍ର ନାଥ ମିତ୍ର | ସ୍ୱାଧୀନ |
| ବେଗୁନିଆ | ପ୍ରଶାନ୍ତ ନନ୍ଦ | ବିଜେପି |
| ରଣପୁର | ରମାକାନ୍ତ ମିଶ୍ର | କଂଗ୍ରେସ |
| ନୟାଗଡ଼ | ପ୍ରଥମେ ଭାଗବତ ବେହେରା | ବିଜେଡ଼ି |
| ସ୍ୱର୍ଗାରୋହଣ ପରେ ତାଙ୍କର ସ୍ତ୍ରୀ ମନ୍ଦାକିନୀ ବେହେରା | | ବିଜେଡ଼ି |
| ଖଣ୍ଡପଡ଼ା | ବିଜୟ ଲକ୍ଷ୍ମୀ ପଟ୍ଟନାୟକ | ସ୍ୱାଧୀନ |
| ଦଶପଲ୍ଲା | ହରିହର କରଣ | କଂଗ୍ରେସ |
| ଜଗନ୍ନାଥ ପ୍ରସାଦ | ସୀମାଞ୍ଚଳ ବେହେରା | କଂଗ୍ରେସ |
| ଭଂଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡ଼ି |

| | | |
|---|---|---|
| ସୋରଡ଼ା | ଉଷାରାଣୀ ପଣ୍ଡା | କଂଗ୍ରେସ |
| ଆସ୍କା | ଦେବରାଜ ମହାନ୍ତି | ବିଜେଡି |
| କବିସୂର୍ଯ୍ୟ ନଗର | ନିତ୍ୟାନନ୍ଦ ପ୍ରଧାନ | କମ୍ୟୁନିଷ୍ଟ |
| କୋଦଳା | ରାମକୃଷ୍ଣ ପଟ୍ଟନାୟକ | ବିଜେଡ଼ି |
| ଖଲ୍ଲିକୋଟ | ଭି. ସୁଜ୍ଞାନ କୁମାରୀ ଦେଓ | ବିଜେଡ଼ି |
| ଛତ୍ରପୁର | ରାମଚନ୍ଦ୍ର ପଣ୍ଡା | ବିଜେଡ଼ି |
| ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡ଼ି |
| ଗୋପାଳପୁର | ରାମଚନ୍ଦ୍ର ସେଠି | ବିଜେଡ଼ି |
| ବ୍ରହ୍ମପୁର | ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ | ବିଜେଡ଼ି |
| ଚିକିଟି | ଉଷାଦେବୀ | ବିଜେଡ଼ି |
| ମୋହନା | ସୂର୍ଯ୍ୟନାରାୟଣ ପାତ୍ର | ବିଜେଡ଼ି |
| ରାମଗିରି | ହଳଧର କାର୍ଜି | କଂଗ୍ରେସ |
| ପାରଳା ଖେମୁଣ୍ଡି | ତ୍ରିନାଥ ସାହୁ | କଂଗ୍ରେସ |
| ଗୁଣୁପୁର | ରାମମୂର୍ତ୍ତି ଗମାଙ୍ଗୋ | ବିଜେପି |
| ବିଷମକଟକ | ସାରଙ୍ଗଧର କଦ୍ରକା | ବିଜେଡ଼ି |
| ରାୟଗଡ଼ା | ଲାଲ ବିହାରୀ ହିମିରିକା | ବିଜେଡ଼ି |
| ଲକ୍ଷ୍ମୀପୁର | ବିଭୀଷଣ ମାଝି | ବିଜେଡ଼ି |
| ପଟ୍ଟାଙ୍ଗୀ | ଜୟରାମ ପାଙ୍ଗୀ | ବିଜେଡ଼ି |
| କୋରାପୁଟ | ତାରା ପ୍ରସାଦ ବାହିନୀପତି | କଂଗ୍ରେସ |
| ମାଲକାନାଗିରି- | ଅରବିନ୍ଦ ଢ଼ାଲି | ବିଜେପି |
| ଚିତ୍ରକୋଣ୍ଡା | ମମତା ମାଢ଼ି | କଂଗ୍ରେସ |
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ରବି ନାରାୟଣ ନନ୍ଦ | ବିଜେଡ଼ି |
| ନବରଙ୍ଗପୁର | ହବିବୁଲ୍ଲା ଖାଁ | କଂଗ୍ରେସ |
| କୋଡ଼ିଙ୍ଗା | ସଦନ ନାୟକ | କଂଗ୍ରେସ |
| ଡାବୁଗାଁ | ଭୁଜବଳ ମାଝି | କଂଗ୍ରେସ |
| ଉମରକୋଟ | ପରମା ପୂଜାରୀ | କଂଗ୍ରେସ |
| ନୂଆପଡ଼ା | ବସନ୍ତ କୁମାର ପଣ୍ଡା | ବିଜେପି |
| ଖଡ଼ିଆଳ | ଦୁର୍ଯ୍ୟୋଧନ ମାଝି | ବିଜେଡ଼ି |
| ଧରମଗଡ଼ | ବୀର ସିପ୍‌କା | ବିଜେଡ଼ି |

| | | |
|---|---|---|
| କୋକସରା | ରୋଷନୀ ସିଂହଦେଓ | ବିଜେଡ଼ି |
| ଜୁନାଗଡ଼ | ହିମାଂଶୁ ଶେଖର ମେହେର | ବିଜେପି |
| ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ | ବିଜେପି |
| ନର୍ଲା | ବଳଭଦ୍ର ମାଝି | ବିଜେଡ଼ି |
| କେସିଙ୍ଗା | ଧନେଶ୍ୱର ମାଝି | ବିଜେପି |
| ବାଲିଗୁଡ଼ା | ସୁରେନ୍ଦ୍ର କହଁର | ବିଜେପି |
| ଉଦୟଗିରି | ସାଲୁଜା ପ୍ରଧାନ | ବିଜେପି |
| ଫୁଲବାଣୀ | ବିଷ୍ଣୁପ୍ରିୟା ବେହେରା | ବିଜେଡ଼ି |
| ବୌଦ୍ଧ | ପ୍ରଦୀପ କୁମାର ଅମାତ | ସ୍ୱାଧୀନ |
| ଟିଟିଲାଗଡ଼ | ଯୋଗେନ୍ଦ୍ର ବେହେରା | ବିଜେଡ଼ି |
| କଣ୍ଟାବାଞ୍ଜୀ | ସନ୍ତୋଷ ସିଂହ ସାଲୁଜା | କଂଗ୍ରେସ |
| ସଇଁତଳା | ସୁରେନ୍ଦ୍ର ସିଂହଭୋଇ | କଂଗ୍ରେସ |
| ପାଟଣାଗଡ଼ | କନକବର୍ଦ୍ଧନ ସିଂହଦେଓ | ବିଜେପି |
| ଲୋଇସିଙ୍ଗା | ବାଳ ଗୋପାଳ ମିଶ୍ର | ବିଜେପି |
| ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ | ବିଜେଡ଼ି |
| ସୋନପୁର | କୁନ୍ଦୁରୁ କୁସଲ | ବିଜେଡ଼ି |
| ବିନିକା | ନିରଞ୍ଜନ ପୂଜାରୀ | ବିଜେଡ଼ି |
| ବୀରମହାରାଜପୁର | ସଂଜୀବ ସାହୁ | ବିଜେଡ଼ି |
| ଆଠମଲ୍ଲିକ | ନଗେନ୍ଦ୍ର କୁମାର ପ୍ରଧାନ | ବିଜେଡ଼ି |
| ଅନୁଗୁଳ | ଅଦ୍ୱୈତ ପ୍ରସାଦ ସିଂହ | ବିଜେଡ଼ି |
| ହିନ୍ଦୋଳ | ଅଞ୍ଜଳି ବେହେରା | ବିଜେଡ଼ି |
| ଢ଼େଙ୍କାନାଳ | କୃଷ୍ଣଚନ୍ଦ୍ର ପାତ୍ର | ବିଜେପି |
| ଗଁଦିଆ | ନବୀନ ନନ୍ଦ | ବିଜେଡ଼ି |
| କାମାକ୍ଷାନଗର | ବ୍ରହ୍ମାନନ୍ଦ ବିଶ୍ୱାଳ | ବିଜେଡ଼ି |
| ପାଲଲହଡା | ଧର୍ମେନ୍ଦ୍ର ପ୍ରଧାନ | ବିଜେପି |
| ତାଳଚେର | ମହେଶ ସାହୁ | ବିଜେପି |
| ପଦ୍ମପୁର | ବିଜୟ ରଞ୍ଜନ ସିଂହ ବରିହା | ବିଜେଡ଼ି |
| ମେଳଛାମୁଣ୍ଡା | ପ୍ରକାଶ ଚନ୍ଦ୍ର ଦେବତା | କଂଗ୍ରେସ |
| ବିଜେପୁର | ଅଶୋକ କୁମାର ପାଣିଗ୍ରାହୀ | ବିଜେଡ଼ି |
| ଭଟ୍ଲି | ବିମ୍ବାଧର କୁଅଁର | ବିଜେପି |


| | | |
|---|---|---|
| ବରଗଡ | ଆନନ୍ଦ ଆଚାର୍ଯ୍ୟ | ବିଜେଡ଼ି |
| ସମ୍ବଲପୁର | ଜୟନାରାୟଣ ମିଶ୍ର | ବିଜେପି |
| ବ୍ରଜରାଜନଗର | ଅନୁପ କୁମାର ସାଏ | କଂଗ୍ରେସ |
| ଝାରସୁଗୁଡ଼ା | କିଶୋର କୁମାର ମହାନ୍ତି | ବିଜେଡ଼ି |
| ଲାଇକେରା | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| କୁଚିଣ୍ଡା | ରବିନାରାୟଣ ନାୟକ | ବିଜେପି |
| ରେଢ଼ାଖୋଲ | ସନାତନ ବିଶି | ବିଜେଡ଼ି |
| ଦେଓଗଡ଼ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | ବିଜେପି |
| ସୁନ୍ଦରଗଡ଼ | ଶଙ୍କର୍ଷଣ ନାୟକ | ବିଜେପି |
| ତଲସରା | ଗଦାଧର ମାଝି | କଂଗ୍ରେସ |
| ରାଜଗାଙ୍ଗପୁର | ମଙ୍ଗଳା କିଷାନ୍ | ବିଜେଡ଼ି |
| ବୀରମିତ୍ରପୁର | ଜର୍ଜ ତିର୍କୀ | ବିଜେଡ଼ି |
| ରାଉରକେଲା | ଅଜିତ ଦାସ | ବିଜେଡ଼ି |
| ରଘୁନାଥପଲ୍ଲୀ | ଶଙ୍କର ଓରାମ | ବିଜେପି |
| ବଣାଇ | ଦୟାନିଧି କିଷାନ୍ | ବିଜେପି |
| ଚମ୍ପୁଆ | ସହରାଇ ଓରାମ | ସ୍ୱାଧୀନ |
| ପାଟଣା | ଗୌରହରି ନାୟକ | ବିଜେପି |
| କେନ୍ଦୁଝର | ମୋହନ ଚରଣ ମାଝି | ବିଜେପି |
| ତେଲକୋଇ | ନୀଳାଦ୍ରି ନାୟକ | ବିଜେଡ଼ି |
| ରାମଚନ୍ଦ୍ରପୁର | ବଦ୍ରିନାରାୟଣ ପାତ୍ର | ସ୍ୱାଧୀନ |
| ଆନନ୍ଦପୁର | ମାୟାଧର ଜେନା | ବିଜେପି |

## ମିଳିତ ମନ୍ତ୍ରିମଣ୍ଡଳ ଗଠନ :

ନବୀନ ପଟ୍ଟନାୟକ ବିଜୁ ଜନତା ବିଧାୟକ ଦଳର ନେତା ଭାବରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଲେ । ସେହିପରି ଭାରତୀୟ ଜନତାପାର୍ଟି ବିଧାୟକ ଦଳର ନେତା ଭାବରେ ବିଶ୍ୱଭୂଷଣ ହରିଚନ୍ଦନ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଲେ । ଦୁଇ ଦଳର ବିଧାୟକଙ୍କ ମିଳିତ ବୈଠକରେ ବିଜେଡ଼ି-ବିଜେପି ମେଣ୍ଟର ନେତା ଭାବରେ ନବୀନ ପଟ୍ଟନାୟକଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଗଲା । ଏହାପରେ ନବୀନ ପଟ୍ଟନାୟକ ମାନ୍ୟବର ରାଜ୍ୟପାଳ ଶ୍ରୀ ଏମ୍. ଏମ୍. ରାଜେନ୍ଦ୍ରନ୍‌ଙ୍କୁ ସାକ୍ଷାତ କଲେ ସରକାର ଗଠନ ନିମନ୍ତେ । ରାଜ୍ୟପାଳ ନବୀନବାବୁଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କଲେ । ମାର୍ଚ୍ଚ ୫ ତାରିଖ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ । ୨୦୦୦ ମସିହାର ଏହି ତାରିଖରେ ନବୀନ ପଟ୍ଟନୟକ ମିଳିତ ମନ୍ତ୍ରିମଣ୍ଡଳର ମୁଖ୍ୟମନ୍ତ୍ରୀ ଭାବରେ ଶପଥ



ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନ୍



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଗ୍ରହଣ କଲେ । ତାଙ୍କ ସହ ଶପଥ ଗ୍ରହଣ କଲେ ୧୪ଜଣ କ୍ୟାବିନେଟ୍ ମନ୍ତ୍ରୀ, ୬ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଓ ୪ ଜଣ ରାଷ୍ଟ୍ରମନ୍ତ୍ରୀ । ସେମାନେ ଓ ସେମାନଙ୍କ ବିଭାଗ ଗୁଡ଼ିକ ହେଲାଃ

## କ୍ୟାବିନେଟ ମନ୍ତ୍ରୀ ଃ

| | | |
|---|---|---|
| **ନବୀନ ପଟ୍ଟନାୟକ** | ଃ | ମୁଖ୍ୟମନ୍ତ୍ରୀ, ସାଧାରଣ ପ୍ରଶାସନ, ଘରୋଇ କୃଷି, ଜଳସମ୍ପଦ ଓ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା |
| **ଆନନ୍ଦ ଆଚାର୍ଯ୍ୟ** | ଃ | ଅବକାରୀ |
| **ଅଦ୍ୱୈତ ପ୍ରସାଦ ସିଂହ** | ଃ | ଜଙ୍ଗଲ ଓ ପରିବେଶ |
| **ଭାଗବତ ବେହେରା** | ଃ | ବିଦ୍ୟାଳୟ ଓ ଗଣଶିକ୍ଷା |
| **ଡାକ୍ତର କମଳା ଦାସ** | ଃ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ |
| **ନଳିନୀକାନ୍ତ ମହାନ୍ତି** | ଃ | ପୂର୍ତ୍ତ, ଗୃହ ନିର୍ମାଣ ଓ ସଂସଦୀୟ ବ୍ୟାପାର |
| **ସୁରେନ୍ଦ୍ର ନାଥ ନାୟକ** | ଃ | ପଞ୍ଚାୟତିରାଜ |
| **ରାମକୃଷ୍ଣ ପଟ୍ଟନାୟକ** | ଃ | ଅର୍ଥ, ଯୋଜନା ଓ ସମନ୍ୱୟ |
| **ବିଶ୍ୱଭୂଷଣ ହରିଚନ୍ଦନ** | ଃ | ରାଜସ୍ୱ, ଆଇନ୍, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ |
| **ମଙ୍ଗଳା କିଷାନ୍** | ଃ | ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ଅନୁନ୍ନତ ଶ୍ରେଣୀ ମଙ୍ଗଳ |
| **ଅନଙ୍ଗ ଉଦୟ ସିଂହଦେଓ** | ଃ | ଇସ୍ପାତ, ଖଣି ଓ ଶକ୍ତି |

| | | |
|---|---|---|
| **ବେଦପ୍ରକାଶ ଅଗ୍ରୱାଲ** | : | ସାଧାରଣ ଉଦ୍ୟୋଗ, ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ |
| **ସମୀର ଦେ** | : | ନଗର ଉନ୍ନୟନ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ |
| **ଅରବିନ୍ଦ ଢ଼ାଲି** | : | ସମବାୟ, ବୟନ ଓ ହସ୍ତତନ୍ତ |
| **କନକବର୍ଦ୍ଧନ ସିଂହଦେଓ** | : | ଶିଳ୍ପ |

## ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ :

| | | |
|---|---|---|
| **ଦୁର୍ଯ୍ୟୋଧନ ମାଝି** | : | ସୂଚନା ଓ ଲୋକ ସମ୍ପର୍କ |
| **ବିଜୟଶ୍ରୀ ରାଉତରାୟ** | : | ପର୍ଯ୍ୟଟନ ଓ ସଂସ୍କୃତି |
| **ରଣେନ୍ଦ୍ର ପ୍ରତାପ ସ୍ୱାଇଁ** | : | କ୍ରୀଡ଼ା, ଯୁବବ୍ୟାପାର, ବିଜ୍ଞାନ ଓ କାରିଗରୀ |
| **ପ୍ରଶାନ୍ତ ନନ୍ଦ** | : | ଉଚ୍ଚଶିକ୍ଷା ଏବଂ ଗ୍ରାମ ଉନ୍ନୟନ |
| **ଶ୍ରୀମତୀ ଦ୍ରୌପଦୀ ମୁର୍ମୁ** | : | ବାଣିଜ୍ୟ ଓ ପରିବହନ |
| **ବିମ୍ବାଧର କୁଅଁର** | : | ଶ୍ରମ ଓ ନିଯୁକ୍ତି |

## ରାଷ୍ଟ୍ରମନ୍ତ୍ରୀ :

| | | |
|---|---|---|
| **ଦେବୀପ୍ରସାଦ ମିଶ୍ର** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| **ରବିନାରାୟଣ ନନ୍ଦ** | : | ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ |
| **ଅମର ପ୍ରସାଦ ଶତପଥୀ** | : | କୃଷି |
| **ଗୋଲକ ନାୟକ** | : | ଯୋଜନା ଓ ସମନ୍ୱୟ |

## ସରକାରୀ ମୁଖ୍ୟ ସଚେତକ ଓ ଉପ-ମୁଖ୍ୟ ସଚେତକ :

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ ମସିହା ମାର୍ଚ୍ଚ ମାସ ୨୨ ତାରିଖରେ ବିଜୁ ଜନତା ଦଳର ବିଧାୟକ ପ୍ରଦୀପ ମହାରଥୀ ଓ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଯଥାକ୍ରମେ ସରକାରୀ ମୁଖ୍ୟ ସଚେତକ ଓ ଉପ-ମୁଖ୍ୟ ସଚେତକ ଭାବରେ ନିଯୁକ୍ତ କଲେ ।

## ପରଲୋକ, ଉପନିର୍ବାଚନ, ନିଲମ୍ବନ-ଇସ୍ତଫା :

ଭଦ୍ରକ ବିଧାୟକ ବୀରେନ୍ ପଲେଇଙ୍କର ୨୦୦୧ ମାର୍ଚ୍ଚ ୨ ତାରିଖରେ, ରେଢ଼ାଖୋଲ ବିଧାୟକ ଦୁର୍ଯ୍ୟୋଧନ ସୋହେଲାଙ୍କର ୨୦୦୧ ଅଗଷ୍ଟ ୪ ତାରିଖରେ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଥିବା ନୟାଗଡ଼ ବିଧାୟକ ଭାଗବତ ବେହେରାଙ୍କର ୨୦୦୨ ଜୁନ୍ ୩ ତାରିଖରେ ଓ ବୀରମହାରାଜପୁର ବିଧାୟକ ବୈଷ୍ଣବ ପ୍ରଧାନଙ୍କର ୨୦୦୩ ମଇ ମାସ ୨୧ ତାରିଖରେ ପରଲୋକ ଘଟିଲା ।

ଏସବୁ ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେଲା । ୨୦୦୧ ମସିହା ସେପ୍ଟେମ୍ବର ୨୦ ତାରିଖରେ ରେଢ଼ାଖୋଲ ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏଠାର ବିଜୁ ଜନତାଦଳର ପ୍ରାର୍ଥୀ ଶ୍ରୀ ସନାତନ ବିଶି ନିର୍ବାଚିତ ହେଲେ । ସେ ବିଧାୟକ ଭାବରେ ସେପ୍ଟେମ୍ବର ୨୫ ତାରିଖରେ ଶପଥ ଗ୍ରହଣ କଲେ । ଭଦ୍ରକ ବିଧାନସଭା ଆସନ ନିମନ୍ତେ ୨୦୦୨ ମସିହା ମେ ମାସ ୩୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏଠାରୁ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ବିଜୟୀ ହୋଇ ଜୁନ୍ ୫ ତାରିଖରେ ଶପଥ ଗ୍ରହଣ କଲେ । ନୟାଗଡ଼ ବିଧାନସଭା ଆସନ ନିମନ୍ତେ ୨୦୦୨ ଜୁଲାଇ ୨ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏହି ଆସନରୁ ଶ୍ରୀମତୀ ମନ୍ଦାକିନୀ ବେହେରା (ସ୍ୱର୍ଗତ ଭାଗବତ ବେହେରାଙ୍କ ସହଧର୍ମିଣୀ), ବିଜୁଜନତା ଦଳର ପ୍ରାର୍ଥୀ ଭାବରେ ବିଜୟଲାଭ କରି ଜୁଲାଇ ୧୧ ତାରିଖରେ ଶପଥ ଗ୍ରହଣ କଲେ । ବୀରମହାରାଜପୁର ବିଧାନସଭା ଆସନପାଇଁ ୨୦୦୩ ସେପ୍ଟେମ୍ବର ୨୭ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଏଠାରୁ ବିଜୁ ଜନତା ଦଳର ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ ବିଜୟଲାଭ କରି ଅକ୍ଟୋବର ୧ ତାରିଖ ଦିନ ଶପଥ ଗ୍ରହଣ କଲେ ।

ପାଟକୁରା ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ଓଡ଼ିଶା ବିଧାନସଭାର ଏକମାତ୍ର ତୃଣମୂଳ କଂଗ୍ରେସ ପ୍ରାର୍ଥୀ ତ୍ରିଲୋଚନ ବେହେରା ଦଳବଦଳ କରି ବିଜୁ ଜନତା ଦଳରେ ସାମିଲ ହେଲେ ୨୦୦୧ ମସିହା ଏପ୍ରିଲ ୨୫ ତାରିଖରେ । ସେହିପରି ଜର୍ଜ ତିର୍କୀ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ତ୍ୟାଗ କରି ୨୦୦୧ ମସିହା ଅଗଷ୍ଟ ୨୧ ତାରିଖରେ ବିଜୁ ଜନତାଦଳ ସହ ସାମିଲ ହେଲେ ।

ଏମ୍.ଏଲ୍.ଏ. ନଳିନୀକାନ୍ତ ମହାନ୍ତିଙ୍କୁ ୨୦୦୧ ଜୁଲାଇ ୧୯ ତାରିଖରେ ବିଜୁ ଜନତାଦଳରୁ ଛ'ବର୍ଷ ପାଇଁ ନିଲମ୍ବନ କରାଗଲା । ସେ ଜୁଲାଇ ୩୦ ତାରିଖଠାରୁ ବିଧାନସଭାରେ ସ୍ୱାଧୀନ ସଭ୍ୟର ମାନ୍ୟତା ଲାଭ କଲେ । ସେହିପରି ରାମକୃଷ୍ଣ ପଟ୍ଟନାୟକ ଏମ୍.ଏଲ୍.ଏ.ଙ୍କୁ ୨୦୦୨ ମସିହା ସେପ୍ଟେମ୍ବର ୨୧ ତାରିଖରେ ବିଜୁ ଜନତା ଦଳରୁ ୬ ବର୍ଷ ପାଇଁ ନିଲମ୍ବନ କରାଗଲା । ଏହା ମାନ୍ୟବର ବାଚସ୍ପତି ଗୃହରେ ଘୋଷଣା କଲେ ଅକ୍ଟୋବର ୧୦ ତାରିଖରେ ।

ଏହା ପୂର୍ବରୁ କେତେକ ଅଭିଯୋଗ ନିମନ୍ତେ ୯.୦୭.୨୦୦୧ ତାରିଖରେ ବିଜୁ ଜନତାଦଳର କ୍ୟାବିନେଟ୍ ମନ୍ତ୍ରୀ ଥିବା ଡାକ୍ତର କମଳା ଦାସ, ନଳିନୀକାନ୍ତ ମହାନ୍ତି ଓ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପଦବୀରେ ଥିବା ଭାଜପା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କୁ ମନ୍ତ୍ରୀପଦ ତ୍ୟାଗକରିବାକୁ ପଡିଲା । ଏହା ପରେ ୨୦୦୨ ଅଗଷ୍ଟ ଛ' ତାରିଖରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରାଯାଇ ବିଜୁ ଜନତା ଦଳରୁ କ୍ୟାବିନେଟ୍ ମନ୍ତ୍ରୀ ଭାବରେ କାଳିନ୍ଦୀ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଡାକ୍ତର ଦାମୋଦର ରାଉତଙ୍କୁ ନିଆଗଲା । ରାମକୃଷ୍ଣ ପଟ୍ଟନାୟକଙ୍କ ହାତରୁ ଅର୍ଥ, ଯୋଜନା, ସମନ୍ୱୟ ବିଭାଗ କାଢ଼ି ନିଆଯାଇ ତାଙ୍କୁ କୃଷି ବିଭାଗ ପ୍ରଦାନ କରାଗଲା । ଫଳରେ ରାମକୃଷ୍ଣ ପଟ୍ଟନାୟକ ଅସନ୍ତୁଷ୍ଟ ହୋଇ ୭ ତାରିଖରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କଲେ । ଏହି ଅଦଳ ବଦଳରେ ପଞ୍ଚାନନ କାନୁନ୍‌ଗୋଙ୍କୁ ବିଜୁ ଜନତା ଦଳରୁ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବରେ ସାମିଲ କରାଗଲା । ତାଙ୍କ ହାତରେ

ରହିଲା ଅର୍ଥ ବିଭାଗ ସମେତ ସଂସଦୀୟ ବ୍ୟାପାର ବିଭାଗ । ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗକୁ ରାମକୃଷ୍ଣ ପଟ୍ଟନାୟକଙ୍କ ହାତରୁ ଛଡାଇ ନେଇ ନିଜ ହାତରେ ରଖିଲେ । ପଞ୍ଚାନନ କାନୁନ୍‌ଗୋ ହେଲେ ଏହି ବିଭାଗର ରାଷ୍ଟ୍ରମନ୍ତ୍ରୀ । ସେହିପରି ପ୍ରଶାନ୍ତ ନନ୍ଦଙ୍କ ସ୍ଥାନରେ ଭାଜପାରୁ ହିମାଂଶୁ ଶେଖର ମେହେରଙ୍କୁ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଗ୍ରହଣ କରାଗଲା । ବିଜୁ ଜନତାଦଳର ରାଷ୍ଟ୍ରମନ୍ତ୍ରୀ ଥିବା ଦେବୀ ପ୍ରସାଦ ମିଶ୍ରଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଶ୍ରୀମତୀ ବିଷ୍ଣୁପ୍ରିୟା ବେହେରାଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବରେ ଗ୍ରହଣ କରାଗଲା ।

ବିଜୁ ଜନତା ଦଳ ଓ ଭାରତୀୟ ଜନତା ଦଳ ମଧ୍ୟରେ ବୁଝାମଣା ସହକାରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଇଥିଲେ ମଧ୍ୟ ମ୍ୟୁନିସିପାଲିଟି ନିର୍ବାଚନ, ପଞ୍ଚାୟତ ନିର୍ବାଚନ ଓ କଟକ, ଭୁବନେଶ୍ୱର ମହାନଗର ନିଗମର ନିର୍ବାଚନରେ ପୂର୍ଣ୍ଣଭାବରେ ଆସନ ବୁଝାମଣା ନହୋଇ କେତେକ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ ବୋଲି ସ୍ଥିର ହେଲା । ହେଲେ ଏହି ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ବୀଭତ୍ସ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହେଲା, ବିଶେଷକରି କଟକ ମହାନଗର ନିର୍ବାଚନରେ । ମେଣ୍ଟ ଦଳର ଅନ୍ୟତମ ପ୍ରମୁଖ ନେତା କଟକନଗର ଭାଜପା ବିଧାୟକ ତଥା ମନ୍ତ୍ରୀ ସମୀର ଦେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କଲେ । ସମୀର ଦେ ଓ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଏହି ବିବାଦ ଉଗ୍ର ରୂପ ଧାରଣ କଲା । ଯାହାହେଉ ପ୍ରତ୍ୟେକ ସ୍ଥାନରେ ଭାଜପାା ଓ ବିଜେଡ଼ି ମିଳିତ ପରିଷଦ ଗଠନ କଲେ । କଟକରେ ଭାଜପାର ମେୟର ଓ ବିଜେଡ଼ିର ଡେପୁଟି ମେୟର ଏବଂ ଭୁବନେଶ୍ୱରରେ ବିଜେଡ଼ିର ମେୟର ଭାଜପାର ଡେପୁଟି ମେୟର ଆସନ ଅଳଙ୍କୃତ କଲେ ।

ଦ୍ୱାଦଶ ବିଧାନସଭାର ପ୍ରଥମ ବୈଠକ ୨୦୦୦ ମସିହା ୨୨ ମାର୍ଚ୍ଚରେ ଅନୁଷ୍ଠିତ ହୋଇ ୨୦୦୪ ମସିହା ଫେବୃଆରି ୬ ତାରିଖରେ ସମାପ୍ତ ଘୋଷଣା ହୋଇଥିଲା । ଦ୍ୱାଦଶ ବିଧାନସଭାରେ ସର୍ବମୋଟ ୧୩ ଗୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ସମୁଦାୟ ୨୧୪ ଦିନ ବୈଠକ ବସିଥିଲା ।

## ତ୍ରୟୋଦଶ ଓଡ଼ିଶା ବିଧାନସଭା ନିର୍ବାଚନ : ଓଡ଼ିଶାରେ ଦ୍ୱିତୀୟଥର ପାଇଁ ଭାଜପା-ବିଜେଡ଼ି ମେଣ୍ଟ ସରକାର ଓ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱରେ ୟୁ.ପି.ଏ. ସରକାରଃ

ଚତୁର୍ଦ୍ଦଶ ଲୋକସଭା ନିର୍ବାଚନ ନିମନ୍ତେ ଭାରତର ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲା । ଏହି ସମୟରେ ଓଡ଼ିଶା ବିଧାନସଭାର କାର୍ଯ୍ୟକାଳ ପୂରିବାପାଇଁ ବାକିଥାଏ ଆଉ ମାତ୍ର ଏକବର୍ଷ । ମୁଖ୍ୟମନ୍ତ୍ରୀ ଚାହିଁଲେ, ଏକ ବର୍ଷ ପୂର୍ବରୁ ଲୋକସଭା ନିର୍ବାଚନ ସହ ଓଡ଼ିଶା ବିଧାନସଭାର ନିର୍ବାଚନ ହେଉ । ଓଡ଼ିଶା ବିଧାନସଭାକୁ ଭାଙ୍ଗିଦେବାପାଇଁ ସେ ସୁପାରିଶ କଲେ । ତାହା କାର୍ଯ୍ୟକାରୀ ହେଲା । କାରଣଟି ହେଲା ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ

ଭାବମୂର୍ତ୍ତି ସେତେବେଳେ ଖୁବ୍ ଭଲ ଥାଏ । ଲୋକସଭା ସହ ଓଡ଼ିଶା ବିଧାନସଭାର ଏକ ସଙ୍ଗେ ନିର୍ବାଚନ ହେଲେ ଫାଇଦା ମିଳିବ । ବିଜେଡ଼ି-ବିଜେପି ମଧ୍ୟରେ ଆସନ ବୁଝାମଣା ହେଲା । ପୂର୍ବସୂତ୍ର ଅନୁଯାୟୀ ୧୨:୯ ଲୋକସଭା ଆସନ ନିମନ୍ତେ ଏବଂ ୮୪:୬୩ ଓଡ଼ିଶା ବିଧାନସଭା ନିର୍ବାଚନ ନିମନ୍ତେ ଆସନ ବଣ୍ଟନ କରାଯାଇ ପ୍ରାର୍ଥୀ ଠିଆ କରାଗଲା । ନିର୍ବାଚନ ଅନୁଷ୍ଠିତ ହେଲା ଦୁଇଟି ପର୍ଯ୍ୟାୟରେ, ୨୦୦୪ ମସିହା ଏପ୍ରିଲ୍ ୨୦ ଓ ୨୪ ତାରିଖରେ । ଉଲ୍ଲେଖନୀୟ ଘଟଣା ହେଲା ଦ୍ୱାଦଶ ବିଧାନସଭାର ବାଚସ୍ପତି ଥିବା ଶରତ କର ବିଜେଡ଼ିରୁ ଇସ୍ତଫା ଦେଇ କଂଗ୍ରେସ ଦଳରେ ଯୋଗଦାନ କରି ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହେଲେ । ଫଳରେ କଂଗ୍ରେସ ଦଳରୁ ଟିକେଟ ପାଇଁ ଆଶାୟୀ ପ୍ରାର୍ଥୀ ଭାଗୀରଥି ବଡ଼ଜେନା କଂଗ୍ରେସ ଦଳ ତ୍ୟାଗ କରି ସ୍ୱାଧୀନ ଭାବରେ ବିଧାନସଭା ଆସନରୁ ଲଢ଼ି ପରାଜିତ ହେଲେ । ପରେ ସେ ବିଜେଡ଼ିରେ ଯୋଗଦାନ କଲେ ।

୨୦୦୪ ଲୋକସଭା ନିର୍ବାଚନରେ ଓଡ଼ିଶାର ୨୧ଟି ଆସନ ମଧ୍ୟରୁ ଭାରତୀୟ ଜାତୀୟ କଂଗ୍ରେସ ଲାଭ କଲା ମାତ୍ର ୨ଟି ଆସନ । ନିର୍ବାଚିତ ପ୍ରତିନିଧିମାନେ ହେଲେ ବ୍ରହ୍ମପୁର ଆସନରୁ ଚନ୍ଦ୍ରଶେଖର ସାହୁ ଓ କୋରାପୁଟ ଆସନରୁ ଗିରିଧର ଗମାଙ୍ଗ । ବାକି ୧୯ ଆସନରୁ ବିଜୁ ଜନତାଦଳ ୧୧ଟି ଆସନରେ, ଭାରତୀୟ ଜନତା ପାର୍ଟି ୭ଟି ଆସନରେ ଏବଂ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ଗୋଟିଏ ଆସନରେ ପ୍ରାର୍ଥୀ ବିଜୟ ଲାଭ କଲେ । ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଲା କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ପରିଚାଳିତ ଏନ୍.ଡି.ଏ. ସରକାରର ପତନ ଘଟିଲା ଏବଂ ବାମପନ୍ଥୀ ଦଳମାନଙ୍କ ସହାୟତାରେ ଭାରତୀୟ ଜାତୀୟ କଂଗ୍ରେସ ୟୁ.ପି.ଏ.


ସୋନିଆ ଗାନ୍ଧୀ


ମନମୋହନ ସିଂହ

ମେଣ୍ଟ ସରକାର ଗଠନ କଲେ । ବାମଦଳର ପ୍ରମୁଖ ନେତା ସୋମନାଥ ଚାଟାର୍ଜୀ ଲୋକସଭା ବାଚସ୍ପତି ନିର୍ବାଚିତ ହେଲେ ଓ ଡକ୍ଟର ମନମୋହନ ସିଂହ ହେଲେ ପ୍ରଧାନମନ୍ତ୍ରୀ । ଶ୍ରୀମତୀ ସୋନିଆ ଗାନ୍ଧି ହେଲେ ୟୁପିଏର ଅଧ୍ୟକ୍ଷା ।

## ଚତୁର୍ଦ୍ଦଶ ଲୋକସଭା ସଦସ୍ୟ (୨୦୦୪) :


| | | |
|---|---|---|
| ମୟୂରଭଞ୍ଜ | ସୁଦାମ ମାରାଣ୍ଡି | ଜେ.ଏମ୍.ଏମ୍ |
| ବାଲେଶ୍ୱର | ମହାମେଘ ବାହନ ଐର ଖାରବେଳ ସ୍ୱାଇଁ | ବିଜେପି |
| ଭଦ୍ରକ | ଅର୍ଜୁନ ସେଠି | ବିଜେଡ଼ି |
| ଯାଜପୁର | ମୋହନ ଜେନା | ବିଜେଡ଼ି |
| କେନ୍ଦ୍ରାପଡ଼ା | ଅର୍ଚ୍ଚନା ନାୟକ | ବିଜେଡ଼ି |
| କଟକ | ଭର୍ତ୍ତୃହରି ମହତାବ | ବିଜେଡ଼ି |
| ଜଗତସିଂହପୁର | ବ୍ରହ୍ମାନନ୍ଦ ପଣ୍ଡା | ବିଜେଡ଼ି |
| ପୁରୀ | ବ୍ରଜକିଶୋର ତ୍ରିପାଠୀ | ବିଜେଡ଼ି |
| ଭୁବନେଶ୍ୱର | ପ୍ରସନ୍ନ କୁମାର ପାଟ୍ଟଶାଣୀ | ବିଜେଡ଼ି |
| ଆସ୍କା | ହରିହର ସ୍ୱାଇଁ | ବିଜେଡ଼ି |
| ବ୍ରହ୍ମପୁର | ଚନ୍ଦ୍ରଶେଖର ସାହୁ | କଂଗ୍ରେସ |
| କୋରାପୁଟ | ଗିରିଧର ଗମାଙ୍ଗୋ | କଂଗ୍ରେସ |
| ନବରଂଗପୁର | ପର୍ଶୁରାମ ମାଝି | ବିଜେପି |
| କଳାହାଣ୍ଡି | ବିକ୍ରମ କେଶରୀ ଦେଓ | ବିଜେପି |
| ଫୁଲବାଣୀ | ସୁଗ୍ରୀବ ସିଂହ | ବିଜେଡ଼ି |
| ବଲାଙ୍ଗୀର | ସଂଗୀତାକୁମାରୀ ସିଂହଦେଓ | ବିଜେପି |
| ସମ୍ବଲପୁର | ପ୍ରସନ୍ନ ଆଚାର୍ଯ୍ୟ | ବିଜେଡ଼ି |
| ଦେବଗଡ଼ | ଧର୍ମେନ୍ଦ୍ର ପ୍ରଧାନ | ବିଜେପି |
| ଢେଙ୍କାନାଳ | ତଥାଗତ ସତପଥୀ | ବିଜେଡ଼ି |
| ସୁନ୍ଦରଗଡ଼ | ଜୁଏଲ୍ ଓରାମ୍ | ବିଜେପି |
| କେନ୍ଦୁଝର | ଅନନ୍ତ ନାୟକ | ବିଜେପି |

ବ୍ରହ୍ମପୁର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଷ୍ଟ୍ରମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ ।

ଓଡ଼ିଶା ବିଧାନସଭାର ପୂର୍ବ ନିର୍ବାଚନରେ ବିଜେଡ଼ି ହାସଲ କରିଥିବା ୬୮ ଆସନ ଜାଗାରେ ଏଥର ପାଇଲା ୬୧ଟି ଆସନ । ଭାରତୀୟ ଜନତା ପାର୍ଟି ୩୮ ଟି ସ୍ଥାନରେ ହାସଲ କଲା ୩୨ଟି ଆସନ । ମେଣ୍ଟ ଦଳର ଆସନ ସଂଖ୍ୟା ହ୍ରାସ ପାଇଲା ଏବଂ କଂଗ୍ରେସର ଆସନ ସଂଖ୍ୟା ୨୬ରୁ



**ମହେଶ୍ୱର ମହାନ୍ତି**



**ଚନ୍ଦ୍ରଶେଖର ସାହୁ**

୩୮ କୁ ବୃଦ୍ଧି ଘଟିଲା । ଯାହାହେଉ ମେଣ୍ଟ ଦଳର ନେତା ଭାବରେ ନବୀନ ପଟ୍ଟନାୟକ ପୁନର୍ବାର ନିର୍ବାଚିତ ହୋଇ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ । ଓଡ଼ିଶାର ତିନିଥର ମୁଖ୍ୟମନ୍ତ୍ରୀ ହୋଇଥିବା ବିଶିଷ୍ଟ ରାଜନୀତିଜ୍ଞ ଜାନକୀବଲ୍ଲଭ ପଟ୍ଟନାୟକ ହେଲେ ବିରୋଧିଦଳର ନେତା । ମହେଶ୍ୱର ମହାନ୍ତି ଓ ପ୍ରହ୍ଲାଦ ଦୋରା ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ଭାବରେ ନିର୍ବାଚିତ ହେଲେ । ନବୀନ ପଟ୍ଟନାୟକ ନୂଆ ମନ୍ତ୍ରିମଣ୍ଡଳ ଗଠନ କଲେ ୨୦୦୪ ମସିହା ମଇ ମାସ ୧୬ ତାରିଖରେ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବ୍ରହ୍ମପୁର ଲୋକସଭା ସଦସ୍ୟ ଚନ୍ଦ୍ରଶେଖର ସାହୁ ରାଷ୍ଟ୍ରମନ୍ତ୍ରୀ ଭାବରେ ପ୍ରତିନିଧିତ୍ୱ କଲେ । ନବୀନ ପଟ୍ଟନାୟକଙ୍କ ସରକାର ପାଞ୍ଚ ବର୍ଷ ପୂରଣ କଲା ଏବଂ କେନ୍ଦ୍ରରେ ଇଉପିଏ ସରକାର ମଧ୍ୟ ୫ ବର୍ଷ କ୍ଷମତାରେ ରହିଲେ । ନିମ୍ନମତେ ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ ଗଠିତ ହେଲା:

## କ୍ୟାବିନେଟ ମନ୍ତ୍ରୀ :

**ନବୀନ ପଟ୍ଟନାୟକ** : ମୁଖ୍ୟମନ୍ତ୍ରୀ, ସାଧାରଣ ପ୍ରଶାସନ, ଗୃହ, ଯୋଜନା ସମନ୍ୱୟ, ଜଳସଂପଦ, ଜଙ୍ଗଲ ଓ ପରିବେଶ । ଏହା ବ୍ୟତୀତ ଅନ୍ୟ କୌଣସି ମନ୍ତ୍ରୀଙ୍କୁ ଦିଆଯାଇ ନଥିବା ବିଭାଗ

**କାଳିନ୍ଦୀ ବେହେରା** : ଅନୁସୂଚିତ ଜାତି, ଉପଜାତି ବିକାଶ, ସଂଖ୍ୟାଲଘୁ ଓ ଅନୁନ୍ନତ ବର୍ଗର କଲ୍ୟାଣ ଓ ଅବକାରୀ

**ପଦ୍ମନାଭ ବେହେରା** : ଖଣି ଓ ଇସ୍ପାତ, ସଂସଦୀୟ ବ୍ୟାପାର

| | | |
|---|---|---|
| **ସମୀର ଦେ** | : | ଉଚ୍ଚଶିକ୍ଷା, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ |
| **ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ** | : | ଅର୍ଥ |
| **ବିଶ୍ୱଭୂଷଣ ହରିଚନ୍ଦନ** | : | ଗ୍ରାମ୍ୟ ଉନ୍ନୟନ, ଶିଳ୍ପ ଓ ଆଇନ |
| **ପ୍ରମିଳା ମଲ୍ଲିକ** | : | ମହିଳା ଓ ଶିଶୁ କଲ୍ୟାଣ |
| **ଗୋଲୋକବିହାରୀ ନାୟକ** | : | ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ବୟନ ଶିଳ୍ପ ଓ ହସ୍ତତନ୍ତ ଶିଳ୍ପ |
| **ସୁରେନ୍ଦ୍ର ନାଥ ନାୟକ** | : | କୃଷି |
| **ସୂର୍ଯ୍ୟନାରାୟଣ ପାତ୍ର** | : | ଶକ୍ତି, ପର୍ଯ୍ୟଟନ ଓ ସୂଚନା ବିଜ୍ଞାନ |
| **ଡା. ଦାମୋଦର ରାଉତ** | : | ପଞ୍ଚାୟତିରାଜ ଓ ସଂସ୍କୃତି |
| **ବିଜୟଶ୍ରୀ ରାଉତରାୟ** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| **ମନମୋହନ ସାମଲ** | : | ରାଜସ୍ୱ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ |
| **ଅନଙ୍ଗ ଉଦୟ ସିଂହଦେଓ** | : | ପୂର୍ତ୍ତ ଓ ଗୃହ ନିର୍ମାଣ |
| **କନକବର୍ଦ୍ଧନ ସିଂହଦେଓ** | : | ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ |

## ରାଷ୍ଟ୍ର ମନ୍ତ୍ରୀ :

| | | |
|---|---|---|
| **ବଳଭଦ୍ର ମାଝି** | : | ଅନୁସୂଚିତ ଜାତି ଉପଜାତି ବିକାଶ |
| **ଜୟ ନାରାୟଣ ମିଶ୍ର** | : | **ବାଣିଜ୍ୟ ଓ ପରିବହନ** |
| **ପ୍ରଦୀପ୍ତ କୁମାର ନାୟକ** | : | ଶ୍ରମ ଓ ନିଯୋଜନ |
| **ରବି ନାରାୟଣ ନନ୍ଦ** | : | ବିଜ୍ଞାନ ଓ କାରିଗରୀ (ସ୍ୱାଧୀନ) ଜଳସଂପଦ |
| **ଦେବାଶିଷ ନାୟକ** | : | ସୂଚନା ଓ ଲୋକସଂପର୍କ, କ୍ରୀଡ଼ା ଓ ଯୁବବ୍ୟାପାର |
| **ସୁରମା ପାଢ଼ୀ** | : | ସମବାୟ |
| **ନଗେନ୍ଦ୍ର କୁମାର ପ୍ରଧାନ** | : | ବିଦ୍ୟାଳୟ ଓ ଗଣଶିକ୍ଷା |

ପୁନର୍ବାର ନବୀନ ପଟ୍ଟନାୟକଙ୍କର ଏହି ମିଳିତ ମନ୍ତ୍ରିମଣ୍ଡଳ ୧୭.୫.୨୦୦୬ ତାରିଖରେ ବିଭାଗ ଅଦଳ ବଦଳ ସହ ପୁନର୍ଗଠିତ ହେଲା । କେତେଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଗଲା । ସେମାନେ ହେଲେ କ୍ୟାବିନେଟ୍ ମନ୍ତ୍ରୀ କାଳିନ୍ଦୀ ବେହେରା, ଡାକ୍ତର ଦାମୋଦର ରାଉତ ଓ ବିଜୟଶ୍ରୀ ରାଉତରାୟ ଏବଂ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ମାନେ ହେଲେ- ବଳଭଦ୍ର ମାଝି ଓ ରବିନାରାୟଣ ନନ୍ଦ । ପୂର୍ବରୁ ସ୍ୱାଧୀନ ଭାବରେ ରାଷ୍ଟ୍ରମନ୍ତ୍ରୀ ଥିବା ନଗେନ୍ଦ୍ର ପ୍ରଧାନ ୨୩-୩-୨୦୦୬ରେ ନିଜ ପଦରୁ ଇସ୍ତଫା ଦେଇସାରିଥିଲେ ।

ଏହି ମନ୍ତ୍ରୀମାନଙ୍କ ସ୍ଥାନରେ ତିନିଜଣ କ୍ୟାବିନେଟ୍ ଓ ତିନିଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ନିଆଗଲା । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ମାନ୍ୟବର ରାଜ୍ୟପାଳ ଏହି ମନ୍ତ୍ରୀମାନଙ୍କୁ ୧୭.୫.୨୦୦୬ରେ ପଦ ଓ ଗୋପନୀୟତାର ଶପଥପାଠ କରାଇଲେ । ସେହି ନୂତନ ମନ୍ତ୍ରୀ ଓ ସେମାନଙ୍କ ବିଭାଗଗୁଡ଼ିକ

ହେଲାଃ କ୍ୟାବିନେଟ୍ ମନ୍ତ୍ରୀଃ ବିଷ୍ଣୁଚରଣ ଦାସ- ବିଦ୍ୟାଳୟ ଓ ଗଣଶିକ୍ଷା, ରଘୁନାଥ ମହାନ୍ତି- ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର, ଚୈତନ୍ୟ ପ୍ରସାଦ ମାଝି- ଅନୁସୂଚିତ ଜାତି ଓ ଉପଜାତି ବିକାଶ, ସଂଖ୍ୟାଲଘୁ ଓ ଅନୁନ୍ନତବର୍ଗର କଲ୍ୟାଣ; ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)ଃ ଦୁର୍ଯ୍ୟୋଧନ ମାଝି- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; ଦେବୀ ପ୍ରସାଦ ମିଶ୍ର- ଅବକାରୀ ଓ ପର୍ଯ୍ୟଟନ; ସଂଜୀବ କୁମାର ସାହୁ-



ସୁରମା ପାଢ଼ୀ



ସଞ୍ଚିତା ମହାନ୍ତି



ପ୍ରମିଳା ଗିରି



ସୁଷମା ପଟେଲ

ବିଜ୍ଞାନ ଓ କାରିଗରୀ; ରାଷ୍ଟ୍ରମନ୍ତ୍ରୀଃ ସଂଜୀବ କୁମାର ସାହୁ- ପଞ୍ଚାୟତିରାଜ । ଏହା ସହିତ କ୍ୟାବିନେଟ୍ ମନ୍ତ୍ରୀ ପଦ୍ମନାଭ ବେହେରା ଓ ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିଭାଗରେ ସାମନ୍ୟ ଅଦଳ ବଦଳ କରାଗଲା । ୧୯-୬-୨୦୦୬ରେ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କର ବିଭାଗରେ କିଛିଟା ଅଦଳ ବଦଳ କରାଯାଇ ପୁନର୍ଗଠିତ ହେଲା ।

ତୃତୀୟଥରପାଇଁ ୫-୨-୨୦୦୮ରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରିତ ପୁନର୍ଗଠିତ ହେଲା । କ୍ୟାବିନେଟ୍ ମନ୍ତ୍ରୀ ବିଷ୍ଣୁ ଚରଣ ଦାସ ଓ ପଦ୍ମନାଭ ବେହେରାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇ ସେମାନଙ୍କ ସ୍ଥାନରେ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱରେ ଥିବା ଦୁର୍ଯ୍ୟୋଧନ ମାଝି ଓ ଦେବୀପ୍ରସାଦ ମିଶ୍ରଙ୍କୁ କ୍ୟାବିନେଟ୍ ପାହ୍ୟାକୁ ଉନ୍ନୀତ କରାଗଲା । ନୂତନ ଭାବରେ ସନାତନ ବିଶି ଓ ପ୍ରଦୀପ କୁମାର ଅମାତଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବରେ ଗ୍ରହଣ କରାଗଲା । କ୍ୟାବିନେଟ୍ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝିଙ୍କୁ ଯୋଜନା ଓ ସମନ୍ୱୟ ଏବଂ ବିଜ୍ଞାନ ଓ କାରିଗରି, ଦେବୀ ପ୍ରସାଦ ମିଶ୍ରଙ୍କୁ ତାଙ୍କର ପୂର୍ବ ବିଭାଗ ଅବକାରୀ ଓ ପର୍ଯ୍ୟଟନ ଦାୟିତ୍ୱ ଦିଆଗଲା । ରାଷ୍ଟ୍ରମନ୍ତ୍ରୀ ସନାତନ ବିଶିଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱାଧୀନ ଦାୟିତ୍ୱ ଓ ପ୍ରଦୀପ କୁମାର ଅମାତଙ୍କୁ ଇସ୍ପାତ ଓ ଖଣି ବିଭାଗର ସ୍ୱାଧୀନ ଦାୟିତ୍ୱ ଦିଆଗଲା । ପୂର୍ବରୁ ରାଷ୍ଟ୍ରମନ୍ତ୍ରୀ ଥିବା ସଂଜୀବ କୁମାର ସାହୁଙ୍କ ବିଭାଗରେ ପରିବର୍ତ୍ତନ କରାଯାଇ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱାଧୀନ ଦାୟିତ୍ୱରେ ରଖାଗଲା ।

୧୫-୫-୨୦୦୮ରେ ଏହି ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କ ବିଭାଗରେ କିଛି କିଛି ପରିବର୍ତ୍ତନ କରାଯାଇ ମନ୍ତ୍ରିମଣ୍ଡଳକୁ ପୁନର୍ଗଠିତ କରାଗଲା । ଏହି ମନ୍ତ୍ରିମଣ୍ଡଳ ୨୦୦୯ ସାଧାରଣ ନିର୍ବାଚନ ଯାଏ କାର୍ଯ୍ୟ କରିଥିବାର ଜଣାଯାଏ ।

## ତ୍ରୟୋଦଶ ବିଧାନସଭାର ସଦସ୍ୟ (୨୦୦୪):

| | | |
|---|---|---|
| କରଞ୍ଜିଆ | ଅଜିତ୍ ହେମ୍ବ୍ରମ୍ | ବିଜେଡ଼ି |
| ଯଶୀପୁର | ଶମ୍ଭୁନାଥ ନାୟକ | ସ୍ୱାଧୀନ |
| ବାହଲଦା | ପ୍ରହ୍ଲାଦ ପୁର୍ତ୍ତି | ଜେଏମ୍.ଏମ୍ |
| ରାଇରଙ୍ଗପୁର | ଦ୍ରୌପଦୀ ମୁର୍ମୁ | ବିଜେପି |
| ବାଙ୍ଗିରିପୋଷି | ଚୈତନ୍ୟ ପ୍ରସାଦ ମାଝି | ବିଜେଡ଼ି |
| କୁଳିଅଣା | ସାନନ୍ଦ ମାରାଣ୍ଡି | ବିଜେଡ଼ି |
| ବାରିପଦା | ବିମଳ ଲୋଚନ ଦାସ | ଜେଏମ୍.ଏମ୍ |
| ବୈସିଙ୍ଗା | ପ୍ରମିଳା ଗିରି | ବିଜେଡ଼ି |
| ଖୁଣ୍ଟା | ଗୋଲକ ବିହାରୀ ନାୟକ | ବିଜେପି |
| ଉଦଳା | ଭାସ୍କର ମଢ଼େଇ | ବିଜେପି |
| ଭୋଗରାଇ | ଅନନ୍ତ ଦାସ | ବିଜେଡ଼ି |

| | | |
|---|---|---|
| ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ବିଜେପି |
| ବସ୍ତା | ରଘୁନାଥ ମହାନ୍ତି | ବିଜେଡ଼ି |
| ବାଲେଶ୍ୱର | ଅରୁଣ ଦେ | ଓଜିପି |
| ସୋରୋ | କାର୍ତ୍ତିକ ମହାପାତ୍ର | କଂଗ୍ରେସ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | କଂଗ୍ରେସ |
| ନୀଳଗିରି | ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ | ବିଜେପି |
| ଭଣ୍ଡାରୀପୋଖରୀ | ଅନନ୍ତ ସେଠି | କଂଗ୍ରେସ |
| ଭଦ୍ରକ | ନରେନ୍ ପଲେଇ | କଂଗ୍ରେସ |
| ଧାମନଗର | ମନମୋହନ ସାମଲ | ବିଜେପି |
| ଚାନ୍ଦବାଲି | ନେତ୍ରାନନ୍ଦ ମଲ୍ଲିକ | କଂଗ୍ରେସ |
| ବାସୁଦେବପୁର | ବିଜୟଶ୍ରୀ ରାଉତରାୟ | ବିଜେଡ଼ି |
| ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ | ବିଜେଡ଼ି |
| କୋରେଇ | ସଞ୍ଚିତା ମହାନ୍ତି | ବିଜେପି |
| ଯାଜପୁର | ପରମେଶ୍ୱର ସେଠି | ବିଜେଡ଼ି |
| ବଡ଼ଚଣା | ସୀତାକାନ୍ତ ମହାପାତ୍ର | କଂଗ୍ରେସ |
| ବରି-ଡେରାବିସି | ଦେବାଶିଷ ନାୟକ | ବିଜେଡ଼ି |
| ଧର୍ମଶାଳା | କଳ୍ପତରୁ ଦାସ | ବିଜେଡ଼ି |
| ବିଂଝାରପୁର | ପ୍ରମିଳା ମଲ୍ଲିକ | ବିଜେଡ଼ି |
| ଆଳି | ପ୍ରତାପ କେଶରୀ ଦେବ | ବିଜେଡ଼ି |
| ପଟ୍ଟାମୁଣ୍ଡାଇ | କିଶୋର ଚନ୍ଦ୍ର ତରାଇ | ବିଜେଡ଼ି |
| ରାଜନଗର | ନଳିନୀକାନ୍ତ ମହାନ୍ତି | କଂଗ୍ରେସ |
| କେନ୍ଦ୍ରାପଡ଼ା | ଉତ୍କଳ କେଶରୀ ପରିଡ଼ା | ଓଜିପି |
| ପାଟକୁରା | ଅତନୁ ସବ୍ୟସାଚୀ ନାୟକ | ବିଜେଡ଼ି |
| ତିର୍ତ୍ତୋଲ | ଚିରଞ୍ଜିବୀ ବିଶ୍ୱାଳ | କଂଗ୍ରେସ |
| ଏରସମା | ଡାକ୍ତର ଦାମୋଦର ରାଉତ | ବିଜେଡ଼ି |
| ବାଲିକୁଦା | ଉମେଶ ଚନ୍ଦ୍ର ସ୍ୱାଇଁ | କଂଗ୍ରେସ |
| ଜଗତସିଂହପୁର | ବିଷ୍ଣୁ ଦାସ | ବିଜେଡ଼ି |
| କିଶନନଗର | ପ୍ରତାପ ଜେନା | ବିଜେଡ଼ି |
| ମାହାଙ୍ଗା | ବିକ୍ରମ କେଶରୀ ବର୍ମା | ବିଜେଡ଼ି |
| ସାଲେପୁର | କାଳିନ୍ଦୀ ଚରଣ ବେହେରା | ବିଜେଡ଼ି |

| | | |
|---|---|---|
| ଗୋବିନ୍ଦପୁର | ରବୀନ୍ଦ୍ର କୁମାର ମଲ୍ଲିକ | କଂଗ୍ରେସ |
| କଟକ ସଦର | ପ୍ରଭାତ ରଂଜନ ବିଶ୍ୱାଳ | ସ୍ୱାଧୀନ |
| କଟକ ସହର | ସମୀର ଦେ | ବିଜେପି |
| ଚୌଦ୍ୱାର | ଧର୍ମାନନ୍ଦ ବେହେରା | ବିଜେଡ଼ି |
| ବାଙ୍କୀ | ଦେବାଶିଷ ପଟ୍ଟନାୟକ | କଂଗ୍ରେସ |
| ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡ଼ି |
| ବଡ଼ମ୍ବା | ଦେବୀପ୍ରସାଦ ମିଶ୍ର | ବିଜେଡ଼ି |
| ବାଲିପଟଣା | ଶଶିଭୂଷଣ ବେହେରା | ବିଜେଡ଼ି |
| ଭୁବନେଶ୍ୱର | ବିଶ୍ୱଭୂଷଣ ହରିଚନ୍ଦନ | ବିଜେପି |
| ଜଟଣୀ | ଶରତ ପାଇକରାୟ | ବିଜେଡ଼ି |
| ପିପିଲି | ପ୍ରଦୀପ କୁମାର ମହାରଥୀ | ବିଜେଡ଼ି |
| ନିମାପଡ଼ା | ବାଇଧର ମଲ୍ଲିକ | ବିଜେପି |
| କାକଟପୁର | ସୁରେନ୍ଦ୍ର ନାଥ ନାୟକ | ବିଜେଡ଼ି |
| ସତ୍ୟବାଦୀ | ରମାରଞ୍ଜନ ବଳୀୟାର ସିଂହ | ସ୍ୱାଧୀନ |
| ପୁରୀ | ମହେଶ୍ୱର ମହାନ୍ତି | ବିଜେଡ଼ି |
| ବ୍ରହ୍ମଗିରି | ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର | କଂଗ୍ରେସ |
| ଚିଲିକା | ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ | ବିଜେପି |
| ଖୋର୍ଦ୍ଧା | ଜ୍ୟୋତିନ୍ଦ୍ରନାଥ ମିତ୍ର | ବିଜେଡ଼ି |
| ବେଗୁନିଆ | ଜାନକୀବଲ୍ଲଭ ପଟ୍ଟନାୟକ | କଂଗ୍ରେସ |
| ରଣପୁର | ସୁରମା ପାଢ଼ୀ | ବିଜେପି |
| ନୟାଗଡ଼ | ଅରୁଣ କୁମାର ସାହୁ | ବିଜେଡ଼ି |
| ଖଣ୍ଡପଡ଼ା | ବିଜୟଲକ୍ଷ୍ମୀ ପଟ୍ଟନାୟକ | ସ୍ୱାଧୀନ |
| ଦଶପଲ୍ଲା | ରୁଦ୍ରମାଧବ ରାୟ | ବିଜେଡ଼ି |
| ଜଗନ୍ନାଥ ପ୍ରସାଦ | ମାଧବାନନ୍ଦ ବେହେରା | ବିଜେଡ଼ି |
| ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡ଼ି |
| ସୋରଡ଼ା | କିଶୋର ଚନ୍ଦ୍ର ସିଂହଦେଓ | ବିଜେପି |
| ଆସ୍କା | ସରୋଜ କୁମାର ପାଢ଼ୀ | ସ୍ୱାଧୀନ |
| କବିସୂର୍ଯ୍ୟନଗର | ଲଡୁକେଶ୍ୱର ସ୍ୱାଇଁ | ବିଜେଡ଼ି |
| କୋଦଳା | ନିରଞ୍ଜନ ପ୍ରଧାନ | ବିଜେଡ଼ି |
| ଖଲ୍ଲିକୋଟ | ଭି. ସୁଜ୍ଞାନକୁମାରୀ ଦେଓ | ବିଜେଡ଼ି |

| | | |
|---|---|---|
| ଛତ୍ରପୁର | ନାଗିରେଡ୍ଡି ନାରାୟଣ ରେଡ୍ଡି | ଭାରତୀୟ କମ୍ୟୁ. |
| ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡ଼ି |
| ଗୋପାଳପୁର | ଡକ୍ଟର ତ୍ରିନାଥ ବେହେରା | କଂଗ୍ରେସ |
| ବ୍ରହ୍ମପୁର | ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ | ବିଜେଡ଼ି |
| ଚିକିଟି | ଉଷା ଦେବୀ | ବିଜେଡ଼ି |
| ମୋହନା | ସୂର୍ଯ୍ୟ ନାରାୟଣ ପାତ୍ର | ବିଜେଡ଼ି |
| ରାମଗିରି | ଭରତ ପାଇକ | ବିଜେପି |
| ପାରଳାଖେମୁଣ୍ଡି | ତ୍ରିନାଥ ସାହୁ | କଂଗ୍ରେସ |
| ଗୁଣପୁର | ହେମାବତୀ ଗମାଙ୍ଗୋ | କଂଗ୍ରେସ |
| ବିଷମ କଟକ | ଡମ୍ବରୁଧର ଉଲାକା | କଂଗ୍ରେସ |
| ରାୟଗଡ଼ା | ଉଲାକା ରାମଚନ୍ଦ୍ର | କଂଗ୍ରେସ |
| ଲକ୍ଷ୍ମୀପୁର | ପୂର୍ଣ୍ଣଚନ୍ଦ୍ର ମାଝି (ଉପନିର୍ବାଚନରେ) | କଂଗ୍ରେସ |
| ପଟ୍ଟାଙ୍ଗୀ | ଜୟରାମ ପାଙ୍ଗୀ | ବିଜେଡି |
| କୋରାପୁଟ | ତାରାପ୍ରସାଦ ବାହିନୀପତି | କଂଗ୍ରେସ |
| ମାଲକାନଗିରି | ନିମାଇଁ ଚନ୍ଦ୍ର ସରକାର | କଂଗ୍ରେସ |
| ଚିତ୍ରକୋଣ୍ଡା | ପ୍ରହ୍ଲାଦ ଦୋରା | ବିଜେପି |
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ରବି ନାରାୟଣ ନନ୍ଦ | ବିଜେଡି |
| ନବରଂଗପୁର | ଜନାବ୍ ହବିବୁଲ୍ଲା ଖାଁ | କଂଗ୍ରେସ |
| କୋଡ଼ିଙ୍ଗା | ସଦନ ନାୟକ | କଂଗ୍ରେସ |
| ଡାବୁଗାଁ | ରମେଶ ଚନ୍ଦ୍ର ମାଝି | ବିଜେଡ଼ି |
| ଉମରକୋଟ | ଧରମୁ ଗଣ୍ଡ | ବିଜେପି |
| ନୂଆପଡ଼ା | ରାଜେନ୍ଦ୍ର ଢ଼ୋଲକିଆ | ସ୍ୱାଧୀନ |
| ଖଡ଼ିଆଳ | ଦୁର୍ଯ୍ୟୋଧନ ମାଝି | ବିଜେଡି |
| ଧର୍ମଗଡ଼ | ବୀର ସିପ୍‌କା | ବିଜେଡ଼ି |
| କୋକସରା | ପୁଷ୍ପେନ୍ଦ୍ର ସିଂହଦେଓ | ବିଜେଡି |
| ଜୁନାଗଡ଼ | ହିମାଂଶୁ ଶେଖର ମେହେର | ବିଜେପି |
| ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ | ବିଜେପି |
| ନର୍ଲା | ବଳଭଦ୍ର ମାଝି | ବିଜେଡ଼ି |
| କେସିଙ୍ଗା | ଧନେଶ୍ୱର ମାଝି | ବିଜେପି |

| | | |
|---|---|---|
| ବାଲିଗୁଡ଼ା | ନରେନ୍ଦ୍ର ମାଝି | ବିଜେପି |
| ଉଦୟଗିରି | ଅଜୟନ୍ତୀ ପ୍ରଧାନ | କଂଗ୍ରେସ |
| ଫୁଲବାଣୀ | ପଦ୍ମନାଭ ବେହେରା | ବିଜେଡ଼ି |
| ବୌଦ୍ଧ | ପ୍ରଦୀପ କୁମାର ଅମାତ | ବିଜେଡ଼ି |
| ଟିଟିଲାଗଡ଼ | ଯୋଗେନ୍ଦ୍ର ବେହେରା | ବିଜେଡି |
| କଣ୍ଟାବାଂଜି | ହାଜି ମହମ୍ମଦ ଆୟୁବ ଖାଁ | ସ୍ୱାଧୀନ |
| ପାଟଣାଗଡ | କନକବର୍ଦ୍ଧନ ସିଂହଦେଓ | ବିଜେପି |
| ସଇଁତଳା | କଳିକେଶ ନାରାୟଣ ସିଂହଦେଓ | ବିଜେଡ଼ି |
| ଲୋଇସିଂହା | ନରସିଂହ ମିଶ୍ର | କଂଗ୍ରେସ |
| ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ | ବିଜେଡ଼ି |
| ସୋନପୁର | ବିନୋଦ ପାତ୍ର | କଂଗ୍ରେସ |
| ବିନ୍‌କା | ନିରଞ୍ଜନ ପୂଜାରୀ | ବିଜେଡ଼ି |
| ବୀର ମହାରାଜପୁର | ସଂଜୀବ ସାହୁ | ବିଜେଡ଼ି |
| ଆଠମଲ୍ଲିକ | ନଗେନ୍ଦ୍ର ନାଥ ପ୍ରଧାନ | ବିଜେଡ଼ି |
| ଅନୁଗୁଳ | ରଜନୀକାନ୍ତ ସିଂହ | ବିଜେଡ଼ି |
| ହିନ୍ଦୋଳ | ଅଂଜଳି ବେହେରା | ବିଜେଡ଼ି |
| ଢେଙ୍କାନାଳ | ସୁଧୀକୁମାର ସାମଲ | କଂଗ୍ରେସ |
| ଗଁଦିଆ | ସରୋଜ କୁମାର ସାମଲ | ବିଜେଡି |
| କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ | ବିଜେଡ଼ି |
| ତାଳଚେର | ମହେଶ ସାହୁ | ବିଜେପି |
| ପଦ୍ମପୁର | ସତ୍ୟଭୂଷଣ ସାହୁ | କଂଗ୍ରେସ |
| ପାଲଲହଡ଼ା | ଡାକ୍ତର ନୃସିଂହ ସାହୁ | କଂଗ୍ରେସ |
| ମେଳଛାମୁଣ୍ଡା | ମହମ୍ମଦ ରଫିକ୍ | ବିଜେପି |
| ବିଜେପୁର | ସୁବଳ ସାହୁ | କଂଗ୍ରେସ |
| ଭଟଲି | ବିମ୍ବାଧର କୁଅଁର | ବିଜେପି |
| ବରଗଡ଼ | ଆନନ୍ଦ ଆଚାର୍ଯ୍ୟ | ବିଜେଡି |
| ସମ୍ବଲପୁର | ଜୟ ନାରାୟଣ ମିଶ୍ର | ବିଜେପି |
| ବ୍ରଜରାଜ ନଗର | ଅନୁପ କୁମାର ସାଏ | କଂଗ୍ରେସ |
| ଝାରସୁଗୁଡ଼ା | କିଶୋର କୁମାର ମହାନ୍ତି | ବିଜେଡି |
| ଲାଇକେରା | ବୃନ୍ଦାବନ ମାଝି | ବିଜେପି |
| କୁଚିଣ୍ଡା | ରବିନାରାୟଣ ନାୟକ | ବିଜେପି |

| | | |
|---|---|---|
| ରେଢ଼ାଖୋଲ | ସନାତନ ବିଶି | ବିଜେଡ଼ି |
| ଦେବଗଡ଼ | ନିତେଶ ଗଙ୍ଗଦେବ | କଂଗ୍ରେସ |
| ସୁନ୍ଦରଗଡ଼ | ସୁଷମା ପଟେଲ୍ (ଉପନିର୍ବାଚନ) | ବିଜେପି |
| ତଳସରା | ଡାକ୍ତର ପ୍ରଫୁଲ୍ଲ ମାଝି (ଉପନିର୍ବାଚନ) | କଂଗ୍ରେସ |
| ରାଜଗାଙ୍ଗପୁର | ଗ୍ରିଗୋରୀ ମିଞ୍ଜ | କଂଗ୍ରେସ |
| ବୀରମିତ୍ରପୁର | ନୀହାର ସୁରିନ୍ | ଜେ.ଏମ୍.ଏମ୍. |
| ରାଉରକେଲା | ସାରଦା ପ୍ରସାଦ ନାୟକ | ବିଜେଡ଼ି |
| ରଘୁନାଥ ପାଲ୍ଲୀ | ହଲୁମୁଣ୍ଡାରି | ଜେଏମ୍ଏମ୍ |
| ବଣେଇ | ଲକ୍ଷ୍ମଣ ମୁଣ୍ଡା | ମାର୍କ୍ସବାଦୀ କମ୍ୟୁ. |
| ଚମ୍ପୁଆ | ଧନୁର୍ଜୟ ସିଦୁ | କଂଗ୍ରେସ |
| ପାଟଣା | ଗୌରହରି ନାୟକ | ବିଜେପି |
| କେନ୍ଦୁଝର | ମୋହନ ଚରଣ ମାଝି | ବିଜେପି |
| ତେଲକୋଇ | ନୀଳାଦ୍ରି ନାୟକ | କଂଗ୍ରେସ |
| ରାମଚନ୍ଦ୍ରପୁର | ନିରଞ୍ଜନ ପଟ୍ଟନାୟକ | କଂଗ୍ରେସ |
| ଆନନ୍ଦପୁର | ଜୟଦେବ ଜେନା | କଂଗ୍ରେସ |

ଉଲ୍ଲେଖନୀୟ ଘଟଣା ହେଲା, ଓଡ଼ିଶା ବିଧାନସଭାର ବାଚସ୍ପତି ମହେଶ୍ୱର ମହାନ୍ତି ତାଙ୍କ କାର୍ଯ୍ୟକାଳ ପୂରିବା ଆଗରୁ ତା୩୧.୫.୨୦୦୮ରେ ନିଜ ପଦବିରୁ ଇସ୍ତଫା ଦେଲେ । କାରଣ ତାଙ୍କ ନାମରେ କେତେକ ଗୁରୁତର ଅଭିଯୋଗ ଆସିଥିଲା । ଉପ-ବାଚସ୍ପତି ପ୍ରହ୍ଲାଦ ଦୋରା ୧୯.୮.୨୦୦୮ ପର୍ଯ୍ୟନ୍ତ ବାଚସ୍ପତି ଦାୟିତ୍ୱରେ ରହିଲେ । ପରେ କିଶୋର କୁମାର ମହାନ୍ତି ବିଧିବଦ୍ଧ ଭାବେ ୧୯.୮.୨୦୦୮ରେ ବାଚସ୍ପତି ନିର୍ବାଚିତ ହୋଇ ୨୫.୫.୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

## ଚତୁର୍ଦ୍ଦଶ ଓଡ଼ିଶା ବିଧାନସଭା ଓ ପଞ୍ଚଦଶ ଲୋକସଭା ନିର୍ବାଚନ ୨୦୦୯ : ରାଜ୍ୟରେ ବିଜେଡ଼ି ସରକାର ଓ କେନ୍ଦ୍ରରେ ପୁଣି ୟୁପିଏ ସରକାର :

ପଞ୍ଚଦଶ ଲୋକସଭା ଓ ଚତୁର୍ଦ୍ଦଶ ଓଡ଼ିଶା ବିଧାନସଭା ନିମନ୍ତେ ନିର୍ବାଚନ ଦୁଇଟି ପର୍ଯ୍ୟାୟ(ପ୍ରଥମ ପର୍ଯ୍ୟାୟ ୧୬.୪.୨୦୦୯ ଓ ଦ୍ୱିତୀୟ ୨୭.୪.୨୦୦୯)ରେ ଅନୁଷ୍ଠିତ ହେବା ନିମନ୍ତେ ନିର୍ବାଚନ କମିଶନର ବିଜ୍ଞପ୍ତି ଜାରି କଲେ । ହେଲେ ଏଥର ଲୋକସଭା ଓ ବିଧାନସଭା ଆସନ ନିମନ୍ତେ ବିଜେଡ଼ି ଓ ବିଜେପି ମଧ୍ୟରେ ଆଉ ଆସନ ବୁଝାମଣା ସମ୍ଭବ ହେଲା ନାହିଁ ।

ବିଜେଡ଼ି ଏକାକୀ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି, ଦୁଇ କମ୍ୟୁନିଷ୍ଟ ପାର୍ଟିଙ୍କ ସହ ଆସନ ବୁଝାମଣା କରି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେଲା । କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ିଲା ।

ଲୋକସଭା ନିର୍ବାଚନରେ ଓଡ଼ିଶାରୁ କଂଗ୍ରେସ ଦଳ ବିଜୟ ଲାଭ କଲା ୬ଟି ଆସନରେ । ବିଜେଡ଼ି ବିଜୟ ଲାଭ କଲା ୧୪ଟି ଆସନରେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିଜେଡ଼ି ସହ ମେଣ୍ଟ କରି ପାଇଲା ଗୋଟିଏ ଆସନ । ଉଲ୍ଲେଖନୀୟ ଘଟଣା ହେଲା, ଏଥର ଲୋକସଭା ନିର୍ବାଚନରେ ଭାରତୀୟ ଜନତା ଦଳ ଗୋଟିଏ ହେଲେ ଆସନ ଲାଭ କରିବାକୁ ସକ୍ଷମ ହେଲା ନାହିଁ ।

୨୦୦୯ରେ ପଞ୍ଚଦଶ ଲୋକସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ ଓଡ଼ିଶାର ବିଜୟୀ ପାର୍ଥୀମାନେ ହେଲେଃ

## ପଞ୍ଚଦଶ ଲୋକସଭା ସଦସ୍ୟ (୨୦୦୯) :

| | | |
|---|---|---|
| ବରଗଡ଼ | ସଂଜୟ ଭୋଇ | କଂଗ୍ରେସ |
| ସୁନ୍ଦରଗଡ଼ | ହେମାନନ୍ଦ ବିଶ୍ୱାଳ | କଂଗ୍ରେସ |
| ସମ୍ବଲପୁର | ଅମରନାଥ ପ୍ରଧାନ | କଂଗ୍ରେସ |
| କେନ୍ଦୁଝର | ଯଶୋବନ୍ତ ନାରାୟଣ ସିଂ ଲାଗୁଡ଼ି | ବିଜେଡ଼ି |
| ମୟୂରଭଞ୍ଜ | ଲକ୍ଷ୍ମଣ ଟୁଡୁ | ବିଜେଡ଼ି |
| ଯାଜପୁର | ମୋହନ ଜେନା | ବିଜେଡ଼ି |
| ବାଲେଶ୍ୱର | ଶ୍ରୀକାନ୍ତ କୁମାର ଜେନା | କଂଗ୍ରେସ |
| ଭଦ୍ରକ | ଅର୍ଜୁନ ଚରଣ ସେଠି | ବିଜେଡ଼ି |
| ଢେଙ୍କାନାଳ | ତଥାଗତ ସତପଥୀ | ବିଜେଡ଼ି |
| ବଲାଙ୍ଗୀର | କଳିକେଶ ନାରାୟଣ ସିଂହଦେଓ | ବିଜେଡ଼ି |
| କଳାହାଣ୍ଡି | ଭକ୍ତ ଚରଣ ଦାସ | କଂଗ୍ରେସ |
| ନବରଂଗପୁର | ପ୍ରଦୀପ କୁମାର ମାଝି | କଂଗ୍ରେସ |
| କନ୍ଧମାଳ | ରୁଦ୍ରମାଧବ ରାୟ | ବିଜେଡ଼ି |
| କଟକ | ଭର୍ତ୍ତୃହରି ମହତାବ | ବିଜେଡି |
| କେନ୍ଦ୍ରାପଡ଼ା | ବୈଜୟନ୍ତ ପଣ୍ଡା | ବିଜେଡି |
| ଜଗତସିଂହପୁର | ବିଭୁପ୍ରସାଦ ତରାଇ | ଭାରତୀୟ କମ୍ୟୁ. |
| ପୁରୀ | ପିନାକୀ ମିଶ୍ର | ବିଜେଡି |
| ଭୁବନେଶ୍ୱର | ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ | ବିଜେଡି |
| ଆସ୍କା | ନିତ୍ୟାନନ୍ଦ ପ୍ରଧାନ | ବିଜେଡି |
| ବ୍ରହ୍ମପୁର | ସିଦ୍ଧାନ୍ତ ମହାପାତ୍ର | ବିଜେଡି |
| କୋରାପୁଟ | ଜୟରାମ ପାଙ୍ଗୀ | ବିଜେଡି |

ବାଲେଶ୍ୱର ସାଂସଦ ଶ୍ରୀକାନ୍ତ କୁମାର ଜେନା କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଭାବରେ ଅଧିଷ୍ଠିତ ହେଲେ ।

ବିଧାନସଭାର ୧୪୭ ଆସନରୁ ବିଜେଡ଼ି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ୧୦୩ ଆସନ, କଂଗ୍ରେସ-୨୭ ଆସନ, ନ୍ୟାସନାଲିଷ୍ଟ୍ କଂଗ୍ରେସ-୪ଟି ଆସନ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗୋଟିଏ ଆସନ, ଭାରତୀୟ ଜନତା ପାର୍ଟି-୬ଟି ଆସନ ଓ ସ୍ୱାଧୀନ ସଭ୍ୟମାନେ- ୬ଟି ଆସନ ଲାଭ କଲେ । ସମୃଦ୍ଧ ଓଡ଼ିଶା ନାମରେ ଏକ ନୂତନ ରାଜନୈତିକ ଦଳର ଓଡ଼ିଶା ମାଟିରେ ଅଙ୍କୁରୋଦ୍‌ଗମ ହୋଇଥିଲା । ସେହି ଦଳ ତରଫରୁ ମଧ୍ୟ ଅନେକ ଆସନରେ ପ୍ରାର୍ଥୀ ଦିଆଯାଇଥିଲା । ହେଲେ ଗୋଟିଏ ହେଲେ ଆସନ ବି ଦଳ ଲାଭ କରିପାରିଲା ନାହିଁ ।



ଶ୍ରୀକାନ୍ତ କୁମାର ଜେନା

## ଚତୁର୍ଦ୍ଦଶ ବିଧାନସଭା ସଦସ୍ୟ (୨୦୦୯) :

| | | |
|---|---|---|
| ପଦ୍ମପୁର | ବିଜୟ ରଞ୍ଜନ ସିଂହବରିହା | ବିଜେଡ଼ି |
| ବିଜେପୁର | ସୁବଳ ସାହୁ | କଂଗ୍ରେସ |
| ବରଗଡ଼ | ସାଧୁ ନେପାକ | କଂଗ୍ରେସ |
| ଅତାବିରା | ନିହାର ରଞ୍ଜନ ମହାନନ୍ଦ | କଂଗ୍ରେସ |
| ଭଟ୍‌ଲି | ସୁଶାନ୍ତ ସିଂହ | ବିଜେଡ଼ି |
| ବ୍ରଜରାଜନଗର | ଅନୁପ କୁମାର ସାଏ | କଂଗ୍ରେସ |
| ଝାରସୁଗୁଡ଼ା | ନବକିଶୋର ଦାସ | କଂଗ୍ରେସ |
| ତଳସରା | ଡାକ୍ତର ପ୍ରଫୁଲ୍ଲ କୁମାର ମାଝି | କଂଗ୍ରେସ |
| ସୁନ୍ଦରଗଡ଼ | ଯୋଗେଶ କୁମାର ସିଂହ | କଂଗ୍ରେସ |
| ବୀରମିତ୍ରପୁର | ଜର୍ଜ ତିର୍କୀ | ସ୍ୱାଧୀନ |
| ରଘୁନାଥପଲ୍ଲୀ | ସୁବ୍ରତ ତରାଇ | ବିଜେଡ଼ି |
| ରାଉରକେଲା | ଶାରଦା ପ୍ରସାଦ ନାୟକ | ବିଜେଡ଼ି |
| ରାଜଗାଙ୍ଗପୁର | ଗ୍ରେଗୋରି ମିଞ୍ଜ୍ | କଂଗ୍ରେସ |
| ବଣେଇ | ଭୀମସେନ ଚୌଧୁରୀ | ବିଜେଡ଼ି |
| କୁଚିଣ୍ଡା | ରାଜେନ୍ଦ୍ର କୁମାର ଛତ୍ରିଆ | କଂଗ୍ରେସ |

| | | |
|---|---|---|
| ରେଙ୍ଗାଲି | ଦୁର୍ଯ୍ୟୋଧନ ଗର୍ଡ଼ିଆ | କଂଗ୍ରେସ |
| ସମ୍ବଲପୁର | ଜୟନାରାୟଣ ମିଶ୍ର | ବିଜେପି |
| ରେଢ଼ାଖୋଲ | ପ୍ରସନ୍ନ ଆଚାର୍ଯ୍ୟ | ବିଜେଡ଼ି |
| ଦେବଗଡ଼ | ସଞ୍ଜୀବ କୁମାର ପ୍ରଧାନ | ବିଜେଡ଼ି |
| ତେଲକୋଇ | ପ୍ରେମାନନ୍ଦ ନାୟକ | ବିଜେଡ଼ି |
| ଘଷିପୁରା | ବଦ୍ରିନାରାୟଣ ପାତ୍ର | ବିଜେଡ଼ି |
| ଆନନ୍ଦପୁର | ଭାଗୀରଥି ସେଠି | ବିଜେଡ଼ି |
| ପାଟଣା | ହୃଷୀକେଶ ନାୟକ | ବିଜେଡ଼ି |
| କେନ୍ଦୁଝର | ସୁବର୍ଣ୍ଣ ନାୟକ | ବିଜେଡ଼ି |
| ଚମ୍ପୂଆ | ଜିତୁ ପଟ୍ଟନାୟକ | ସ୍ୱାଧୀନ |
| ଯଶୀପୁର | କମଳାକାନ୍ତ ନାୟକ | ବିଜେଡ଼ି |
| ସାରସକଣା | ରାମଚନ୍ଦ୍ର ହାଁସଦା | ଏନ.ସି.ପି |
| ରାଇରଙ୍ଗପୁର | ଶ୍ୟାମଚରଣ ହାଁସଦା | କଂଗ୍ରେସ |
| ବାଙ୍ଗିରିପୋଷି | ସରୋଜିନୀ ହେମ୍ବ୍ରମ୍ | ବିଜେଡ଼ି |
| କରଞ୍ଜିଆ | ବିଜୟ କୁମାର ନାୟକ | ବିଜେଡ଼ି |
| ଉଦଳା | ଶ୍ରୀନାଥ ସୋରେନ୍ | ବିଜେଡ଼ି |
| ବଡ଼ସାହି | ମନୋରଞ୍ଜନ ସେଠି | ବିଜେଡ଼ି |
| ବାରିପଦା | ସାନନ୍ଦ ମାରାଣ୍ଡି | ବିଜେଡ଼ି |
| ମୋରଡ଼ା | ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ | ବିଜେଡ଼ି |
| ଜଳେଶ୍ୱର | ଦେବୀପ୍ରସନ୍ନ ଚାନ୍ଦ | କଂଗ୍ରେସ |
| ଭୋଗରାଇ | ଅନନ୍ତ ଦାସ | ବଜେଡ଼ି |
| ବସ୍ତା | ରଘୁନାଥ ମହାନ୍ତି | ବିଜେଡ଼ି |
| ବାଲେଶ୍ୱର | ଜୀବନପ୍ରଦୀପ ଦାସ | ବିଜେଡ଼ି |
| ରେମୁଣା | ସୁଦର୍ଶନ ଜେନା | ବିଜେଡ଼ି |
| ନୀଳଗିରି | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | ସ୍ୱାଧୀନ |
| ସୋରୋ | ସୁରେନ୍ଦ୍ର ପ୍ରସାଦ ପରମାଣିକ | କଂଗ୍ରେସ |
| ସିମୂଳିଆ | ପର୍ଶୁରାମ ପାଣିଗ୍ରାହୀ | ବିଜେଡ଼ି |
| ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ | ବିଜେଡ଼ି |
| ଭଦ୍ରକ | ଯୁଗଳ କିଶୋର ପଟ୍ଟନାୟକ | ବିଜେଡ଼ି |
| ବାସୁଦେବପୁର | ବିଜୟଶ୍ରୀ ରାଉତରାୟ | ବିଜେଡ଼ି |
| ଧାମନଗର | ରାଜେନ୍ଦ୍ର କୁମାର ଦାସ | ବିଜେଡ଼ି |

| | | |
|---|---|---|
| ଚାନ୍ଦବାଲି | ବିଜୟ ନାୟକ | ବିଜେଡ଼ି |
| ବିଂଝାରପୁର | ପ୍ରମିଳା ମଲ୍ଲିକ | ବିଜେଡ଼ି |
| ବରି | ଦେବାଶିଷ ନାୟକ | ବିଜେଡ଼ି |
| ବଡ଼ଚଣା | ଅମର ପ୍ରସାଦ ଶତପଥୀ | ଏନ୍‌ସିପି |
| ଧର୍ମଶାଳା | କଳ୍ପତରୁ ଦାସ | ବିଜେଡ଼ି |
| ଯାଜପୁର | ପ୍ରଣବପ୍ରକାଶ ଦାସ | ବିଜେଡ଼ି |
| କୋରେଇ | ପ୍ରୀତିରଞ୍ଜନ ଘଡ଼ାଇ | ବିଜେଡ଼ି |
| ସୁକିନ୍ଦା | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ | ବିଜେଡ଼ି |
| ଢେଙ୍କାନାଳ | ନବୀନ ନନ୍ଦ | ଏନ୍‌ସିପି |
| ହିନ୍ଦୋଳ | ଅଞ୍ଜଳି ବେହେରା | ବିଜେଡ଼ି |
| କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ | ବିଜେଡ଼ି |
| ପରଜଙ୍ଗ | ଡାକ୍ତର ନୃସିଂହ ସାହୁ | ବିଜେଡ଼ି |
| ପାଲଲହଡ଼ା | ରବିନାରାୟଣ ପାଣି | ବିଜେଡ଼ି |
| ତାଳଚେର | ବ୍ରଜକିଶୋର ପ୍ରଧାନ | ସ୍ୱାଧୀନ |
| ଅନୁଗୁଳ | ରଜନୀକାନ୍ତ ସିଂ | ବିଜେଡ଼ି |
| ଛେଣ୍ଡିପଦା | ଖଗେଶ୍ୱର ବେହେରା | ବିଜେଡ଼ି |
| ଆଠମଲ୍ଲିକ | ସଞ୍ଜୀବ କୁମାର ସାହୁ | ବିଜେଡ଼ି |
| ବୀରମହାରାଜପୁର | ପଦ୍ମନାଭ ବେହେରା | ବିଜେଡ଼ି |
| ସୋନପୁର | ନିରଞ୍ଜନ ପୂଜାରୀ | ବିଜେଡ଼ି |
| ଲୋଇସିଙ୍ଗା | ରମାକାନ୍ତ ସେଠ୍ | ବିଜେଡ଼ି |
| ପାଟଣାଗଡ଼ | କନକବର୍ଦ୍ଧନ ସିଂହଦେଓ | ବିଜେପି |
| ବଲାଙ୍ଗୀର | ଅନଙ୍ଗ ଉଦୟ ସିଂହଦେଓ | ବିଜେଡ଼ି |
| ଟିଟିଲାଗଡ଼ | ସୁରେନ୍ଦ୍ର ସିଂହ ଭୋଇ | କଂଗ୍ରେସ |
| କଣ୍ଟାବାଞ୍ଜି | ସନ୍ତୋଷ ସିଂହ ସାଲୁଜା | କଂଗ୍ରେସ |
| ନୂଆପଡ଼ା | ରାଜେନ୍ଦ୍ର ଢ଼ୋଲକିଆ | ବିଜେଡ଼ି |
| ଖଡ଼ିଆଳ | ହିତେଶ କୁମାର ବଗର୍ତ୍ତୀ | ବିଜେଡ଼ି |
| ଉମରକୋଟ | ଜଗବନ୍ଧୁ ମାଝି | ବିଜେଡ଼ି |
| (ପରେ ଉପନିର୍ବାଚନରେ) | ସୁବାସ ଗଣ୍ଡ | ବିଜେଡ଼ି |
| ଝରିଗାଁ | ରମେଶ ଚନ୍ଦ୍ର ମାଝି | ବିଜେଡ଼ି |
| ନବରଙ୍ଗପୁର | ମନୋହର ରଣଧାରୀ | ବିଜେଡ଼ି |
| ଡାବୁଗାଁ | ଭୁଜବଳ ମାଝି | କଂଗ୍ରେସ |

| | | |
|---|---|---|
| ଲାଞ୍ଜିଗଡ଼ | ଶିବାଜୀ ମାଝି | କଂଗ୍ରେସ |
| ଜୁନାଗଡ଼ | ଗୋବର୍ଦ୍ଧନ ଦାଶ | କଂଗ୍ରେସ |
| ଧର୍ମଗଡ଼ | ପୁଷ୍କେନ୍ଦ୍ର ସିଂହଦେଓ | ବିଜେଡ଼ି |
| ଭବାନୀପାଟଣା | ଦଶମନ୍ତ ନାୟକ | କଂଗ୍ରେସ |
| ନର୍ଲା | ଭୂପିନ୍ଦର ସିଂହ | କଂଗ୍ରେସ |
| ବାଲିଗୁଡ଼ା | ନରେନ୍ଦ୍ର ମାଝି | ବିଜେପି |
| ଜି.ଉଦୟଗିରି | ମନୋଜ କୁମାର ପ୍ରଧାନ | ବିଜେପି |
| ଫୁଲବାଣୀ | ଦେବେନ୍ଦ୍ର କହଁର | ବିଜେଡ଼ି |
| କନ୍ଧମାଳ | ଭଗବାନ କହଁର | ବିଜେଡ଼ି |
| ବୌଦ୍ଧ | ପ୍ରତାପ କୁମାର ଅମାତ | ବିଜେଡ଼ି |
| ବଡ଼ମ୍ବା | ଦେବୀପ୍ରସାଦ ମିଶ୍ର | ବିଜେଡ଼ି |
| ବାଙ୍କୀ | ପ୍ରଭାତ କୁମାର ତ୍ରିପାଠୀ | ବିଜେଡ଼ି |
| ଆଠଗଡ | ରମେଶ ରାଉତ | ସ୍ୱାଧୀନ |
| (ଉପନିର୍ବାଚନରେ) | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡ଼ି |
| ବାରବାଟୀ-କଟକ | ଦେବାଶିଷ ସାମନ୍ତରାୟ | ବିଜେଡ଼ି |
| ଚୌଦ୍ୱାର-କଟକ | ପ୍ରଭାତ ରଞ୍ଜନ ବିଶ୍ୱାଳ | ବିଜେଡ଼ି |
| ନିଆଳି | ପ୍ରମୋଦ କୁମାର ମଲ୍ଲିକ | ବିଜେଡ଼ି |
| କଟକସଦର | କାଳିନ୍ଦୀ ବେହେରା | ବିଜେଡ଼ି |
| ସାଲେପୁର | ଚନ୍ଦ୍ରସାରଥୀ ବେହେରା | ବିଜେଡ଼ି |
| ମାହାଙ୍ଗା | ପ୍ରତାପ ଜେନା | ବିଜେଡ଼ି |
| ପାଟକୁରା | ବେଦପ୍ରକାଶ ଅଗ୍ରୱାଲ | ବିଜେଡ଼ି |
| କେନ୍ଦ୍ରାପଡ଼ା | ସିପ୍ରା ମଲ୍ଲିକ | ବିଜେଡ଼ି |
| ଆଳି | ପ୍ରତାପକେଶରୀ ଦେବ | ବିଜେଡ଼ି |
| ରାଜନଗର | ଅଲେଖ କୁମାର ଜେନା | ବିଜେଡ଼ି |
| ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | ବିଜେଡ଼ି |
| ପାରାଦ୍ୱୀପ | ଡାକ୍ତର ଦାମୋଦର ରାଉତ | ବିଜେଡ଼ି |
| ତିର୍ତ୍ତୋଲ | ରବୀନ୍ଦ୍ର ନାଥ ଭୋଇ | ବିଜେଡ଼ି |
| ବାଲିକୁଦା-ଏରସମା | ପ୍ରଶାନ୍ତ କୁମାର ମୁଦୁଲି | ବିଜେଡ଼ି |
| ଜଗତସିଂହପୁର | ବିଷ୍ଣୁ ଚରଣ ଦାସ | ବିଜେଡ଼ି |
| କାକଟପୁର | ରବି ମଲ୍ଲିକ | ବିଜେଡ଼ି |
| ନିମାପଡ଼ା | ସମୀର ରଞ୍ଜନ ଦାଶ | ବିଜେଡ଼ି |

| | | |
|---|---|---|
| ପୁରୀ | ମହେଶ୍ୱର ମହାନ୍ତି | ବିଜେଡ଼ି |
| ବ୍ରହ୍ମଗିରି | ସଞ୍ଜୟ କୁମାର ଦାସବର୍ମା | ବିଜେଡି |
| ସତ୍ୟବାଦୀ | ପ୍ରସାଦ କୁମାର ହରିଚନ୍ଦନ | କଂଗ୍ରେସ |
| ପିପିଲି | ପ୍ରଦୀପ ମହାରଥୀ | ବିଜେଡ଼ି |
| ଜୟଦେବ | ଅରବିନ୍ଦ ଢ଼ାଲି | ବିଜେଡ଼ି |
| ଭୁବନେଶ୍ୱର କେନ୍ଦ୍ର (ମଧ୍ୟ) | ବିଜୟ କୁମାର ମହାନ୍ତି | ବିଜେଡ଼ି |
| ଭୁବନେଶ୍ୱର ଉତ୍ତର | ଭାଗୀରଥି ବଡ଼ଜେନା | ବିଜେଡ଼ି |
| ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା | ବିଜେଡ଼ି |
| ଜଟଣୀ | ବିଭୂତି ଭୂଷଣ ବଳବନ୍ତରାୟ | ବିଜେଡ଼ି |
| ବେଗୁନିଆ | ପ୍ରଶାନ୍ତ ନନ୍ଦ | ଏନ୍‌ସିପି |
| ଖୋର୍ଦ୍ଧା | ରାଜେନ୍ଦ୍ର କୁମାର ସାହୁ | ସ୍ୱାଧୀନ |
| ଚିଲିକା | ରଘୁନାଥ ସାହୁ | ବିଜେଡ଼ି |
| ରଣପୁର | ସତ୍ୟନାରାୟଣ ପ୍ରଧାନ | ବିଜେଡ଼ି |
| ଖଣ୍ଡପଡ଼ା | ସିଦ୍ଧାର୍ଥ ଶେଖର ସିଂହ | ବିଜେଡ଼ି |
| ଦଶପଲ୍ଲା | କାଶୀନାଥ ମଲ୍ଲିକ | ବିଜେଡ଼ି |
| ନୟାଗଡ଼ | ଅରୁଣ କୁମାର ସାହୁ | ବିଜେଡ଼ି |
| ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡ଼ି |
| ପୋଲସରା | ନିରଞ୍ଜନ ପ୍ରଧାନ | ବିଜେଡ଼ି |
| କବିସୂର୍ଯ୍ୟନଗର | ଭି.ସୁଜ୍ଞାନ କୁମାରୀ ଦେଓ | ବିଜେଡ଼ି |
| ଖଲ୍ଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠି | ବିଜେଡ଼ି |
| ଛତ୍ରପୁର | ଆଦିକନ୍ଦ ସେଠି | ଭାରତୀୟ କମ୍ୟୁ. |
| ଆସ୍କା | ଦେବରାଜ ମହାନ୍ତି | ବିଜେଡ଼ି |
| ସୋରଡ଼ା | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ବିଜେଡ଼ି |
| ସାନଖେମୁଣ୍ଡି | ରମେଶଚନ୍ଦ୍ର ଜେନା | କଂଗ୍ରେସ |
| ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡି |
| ଗୋପାଳପୁର | ଡା. ପ୍ରଦୀପ କୁମାର ପାଣିଗ୍ରାହୀ | ବିଜେଡି |
| ବ୍ରହ୍ମପୁର | ଡା. ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ | ବିଜେଡ଼ି |
| ଦିଗପହଣ୍ଡି | ସୂର୍ଯ୍ୟନାରାୟଣ ପାତ୍ର | ବିଜେଡ଼ି |
| ଚିକିଟି | ଉଷା ଦେବୀ | ବିଜେଡ଼ି |
| ମୋହନା | ଚକ୍ରଧର ପାଇକ | କଂଗ୍ରେସ |
| ପାରଳାଖେମୁଣ୍ଡି | କେ. ନାରାୟଣ ରାଓ | ବିଜେଡ଼ି |

| | | |
|---|---|---|
| ଗୁଣୁପୁର | ରାମମୂର୍ତ୍ତି ମୁତ୍ତିକା | ବିଜେଡ଼ି |
| ବିଷମକଟକ | ଡମ୍ବରୁଧର ଉଲ୍ଲାକା | କଂଗ୍ରେସ |
| ରାୟଗଡ଼ା | ଲାଲ ବିହାରୀ ହିମିରିକା | ବିଜେଡ଼ି |
| ଲକ୍ଷ୍ମୀପୁର | ଝିନ ହିକାକା | ବିଜେଡ଼ି |
| କୋଟପାଡ଼ | ବାସୁଦେବ ମାଝି | କଂଗ୍ରେସ |
| ଜୟପୁର | ରବିନାରାୟଣ ନନ୍ଦ | ବିଜେଡ଼ି |
| କୋରାପୁଟ | ରଘୁରାମ ପାଦଲ | ବିଜେଡ଼ି |
| ପଟ୍ଟାଙ୍ଗୀ | ରାମଚନ୍ଦ୍ର କଦମ | କଂଗ୍ରେସ |
| ମାଲକାନଗିରି- | ମୁକୁନ୍ଦ ମୋଦି | ବିଜେଡ଼ି |
| ଚିତ୍ରକୋଣ୍ଡା | ମମତା ମାଡ଼ି | କଂଗ୍ରେସ |

ଚତୁର୍ଦ୍ଦଶ ଓଡ଼ିଶା ବିଧାନସଭାକୁ ସାତଜଣ ମହିଳା ନିର୍ବାଚିତ ହୋଇ ଆସିଥିଲେ । ସେମାନେ ହେଲେ: ଶ୍ରୀମତୀ ସରୋଜିନୀ ହେମ୍ବ୍ରମ- ବାଙ୍ଗିରିପୋଷି (ବି.ଜେ.ଡି.); ଶ୍ରୀମତୀ ପ୍ରମିଳା ମଲ୍ଲିକ- ବିଂଝାରପୁର (ବିଜେଡି); ଶ୍ରୀମତୀ ଅଞ୍ଜଳି ବେହେରା- ହିନ୍ଦୋଳ (ବିଜେଡ଼ି), ଡକ୍ଟର ସିପ୍ରା ମଲ୍ଲିକ- କେନ୍ଦ୍ରାପଡ଼ା (ବିଜେଡ଼ି); ଶ୍ରୀମତୀ ଭି. ସୁଜ୍ଞାନ କୁମାର ଦେବୀ- କବିସୂର୍ଯ୍ୟ ନଗର (ବିଜେଡ଼ି), ଶ୍ରୀମତୀ ଉଷା ଦେବୀ- ଚିକିଟି (ବିଜେଡ଼ି), ଶ୍ରୀମତୀ ମମତା ମାଢ଼ୀ- ଚିତ୍ରକୋଣ୍ଡା (କଂଗ୍ରେସ) ।


ବରିଷ୍ଠ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓ


ସରୋଜିନୀ ହେମ୍ବ୍ରମ୍


ବାଚସ୍ପତି ପ୍ରଦୀପ କୁମାର ଅମାତ


ବିରୋଧୀଦଳ ନେତା ଭୂପିନ୍ଦର ସିଂ

ଓଡ଼ିଶାର ଏହି ବିଧାନସଭା ସଦସ୍ୟମାନଙ୍କୁ ଲଗାତର ଭାବରେ ଆଠ ଥର ବିଧାୟିକା ନିର୍ବାଚିତ ହୋଇଥିବା ଶ୍ରୀମତୀ ସୁଜ୍ଞାନ କୁମାରୀ ଦେଓ ଶପଥ ପାଠ କରାଇଲେ । ଶ୍ରୀ ପ୍ରଦୀପ କୁମାର ଅମାତ ଓ ଶ୍ରୀ ଲାଲବିହାରୀ ହିମିରିକା ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ଭାବରେ ସର୍ବ ସମ୍ମତିକ୍ରମେ ନିର୍ବାଚିତ ହେଲେ ଓ ୨୫.୫.୨୦୦୯ ଠାରୁ କାର୍ଯ୍ୟଭାର ଗ୍ରହଣ କଲେ । ଭାରତୀୟ ଜାତୀୟ କଂଗ୍ରେସର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ଭୂପିନ୍ଦର ସିଂହ ବିରୋଧିଦଳ ନେତା ମାନ୍ୟତା ଲାଭ କରି ୨୭.୫.୨୦୦୯ ତାରିଖରେ ଦାୟିତ୍ୱ ଗ୍ରହଣ କଲେ ।


ସିପ୍ରା ମଲିକ

ନବୀନ ପଟ୍ଟନାୟକ ବିଜେଡ଼ି ବିଧାୟକ ଦଳର ନେତା ନିର୍ବାଚିତ ହୋଇ ମନ୍ତ୍ରିମଣ୍ଡଳ ଗଠନ ନିମନ୍ତେ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କୁ ସାକ୍ଷାତ

କଲେ । ୨୨-୫-୨୦୦୯ ତାରିଖରେ ତୃତୀୟ ଥର ପାଇଁ ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ତାଙ୍କୁ ମିଶାଇ ୧୨ଜଣ କ୍ୟାବିନେଟ୍ ମନ୍ତ୍ରୀ, ୯ ଜଣ ସ୍ୱାଧୀନ ଦାୟିତ୍ୱ ରାଷ୍ଟ୍ରମନ୍ତ୍ରୀ ଓ ଜଣେ ରାଷ୍ଟ୍ରମନ୍ତ୍ରୀ ଶପଥ ଗ୍ରହଣ କଲେ । ସେମାନେ ଓ ସେମାନଙ୍କ ବିଭାଗଗୁଡ଼ିକ ହେଲା:

## କ୍ୟାବିନେଟ ମନ୍ତ୍ରୀ :

| | | |
|---|---|---|
| **ନବୀନ ପଟ୍ଟନାୟକ** | : | ମୁଖ୍ୟମନ୍ତ୍ରୀ; ଜଙ୍ଗଲ ଓ ପରିବେଶ, ସାଧାରଣ ପ୍ରଶାସନ, ଗୃହ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ |
| **ଅନଙ୍ଗ ଉଦୟ ସିଂହଦେଓ** | : | ଯୋଜନା ଓ ସମନ୍ୱୟ, ସାଧାରଣ ଉଦ୍ୟୋଗ |
| **ବିଜୟରଞ୍ଜନ ସିଂହ ବରିହା** | : | ଅନୁସୂଚିତ ଜାତି, ଉପଜାତି ବିକାଶ, ସଂଖ୍ୟାଲଘୁ ଓ ଅନୁନ୍ନତ ବର୍ଗର କଲ୍ୟାଣ |
| **ବିକ୍ରମ କେଶରୀ ଆରୁଖ** | : | ଆଇନ ଓ ଗ୍ରାମ୍ୟ ଉନ୍ନୟନ |
| **ଡା. ଦାମୋଦର ରାଉତ** | : | ସମବାୟ, ମତ୍ସ୍ୟ ଓ ପଶୁସଂପଦ ବିକାଶ ଓ କୃଷି |
| **ଦେବୀ ପ୍ରସାଦ ମିଶ୍ର** | : | ପର୍ଯ୍ୟଟନ, ସଂସ୍କୃତି ଓ ଉଚ୍ଚଶିକ୍ଷା |
| **ପ୍ରଫୁଲ୍ଲ ସାମଲ** | : | ସୂଚନା, ଲୋକସଂପର୍କ ଓ ପଞ୍ଚାୟତିରାଜ |
| **ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ** | : | ଅବକାରୀ ଓ ଅର୍ଥ |
| **ପ୍ରମିଳା ମଲ୍ଲିକ** | : | ମହିଳା ଓ ଶିଶୁକଲ୍ୟାଣ |
| **ପ୍ରସନ୍ନ ଆଚାର୍ଯ୍ୟ** | : | ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ, ସାଧାରଣ ଅଭିଯୋଗ ଓ ପେନସନ |
| **ରଘୁନାଥ ମହାନ୍ତି** | : | ଶିଳ୍ପ, ଖଣି ଓ ଇସ୍ପାତ ଏବଂ ସଂସଦୀୟ ବ୍ୟାପାର |
| **ସୂର୍ଯ୍ୟ ନାରାୟଣ ପାତ୍ର** | : | ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ |

## ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ):

| | | |
|---|---|---|
| **ଅଞ୍ଜଳି ବେହେରା** | : | ବୟନ ଶିଳ୍ପ ଓ ହସ୍ତତନ୍ତ ଶିଳ୍ପ |
| **ଅତନୁ ସବ୍ୟସାଚୀ ନାୟକ** | : | ଶକ୍ତି |
| **ବଦ୍ରିନାରାୟଣ ପାତ୍ର** | : | ଗୃହ ନିର୍ମାଣ ଓ ନଗର ଉନ୍ନୟନ |
| **ପ୍ରତାପ ଜେନା** | : | ବିଦ୍ୟାଳୟ ଓ ଗଣଶିକ୍ଷା |
| **ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ** | : | କ୍ରୀଡ଼ା ଓ ଯୁବବ୍ୟାପାର |
| **ପୁଷ୍ପେନ୍ଦ୍ର ସିଂହଦେଓ** | : | ଶ୍ରମ ଓ କର୍ମନିଯୋଗ |



**ରାଜ୍ୟପାଳ ମୁରଲୀଧର ଭଣ୍ଡାରେ ମୁଖ୍ୟମନ୍ତ୍ରୀଙ୍କୁ ତୃତୀୟଥରପାଇଁ ଶପଥପାଠ କରାଉଛନ୍ତି**

**ରମେଶ ଚନ୍ଦ୍ର ମାଝି** : ବିଜ୍ଞାନ, ବୈଷୟିକ ଓ ସୂଚନା ବିଜ୍ଞାନ
**ସଂଜୀବ କୁମାର ସାହୁ** : ବାଣିଜ୍ୟ ଓ ପରିବହନ
**ସାରଦା ପ୍ରସାଦ ନାୟକ** : ଖାଦ୍ୟ ଓ ଯୋଗାଣ, ଖାଉଟିକଲ୍ୟାଣ

## ରାଷ୍ଟ୍ର ମନ୍ତ୍ରୀ:

**ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ** : ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ

ପୁନର୍ବାର ମୁଖ୍ୟମନ୍ତ୍ରୀ ଏହି ମନ୍ତ୍ରିମଣ୍ଡଳରେ ୧୦.୫.୨୦୧୧ ତାରିଖରେ ବିଭାଗ ଅଦଳବଦଳ କରିବା ସହ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କଲେ ।

ଏଥିରେ କେତେକ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଗଲା । ସେମାନେ ହେଲେ, କ୍ୟାବିନେଟ୍ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ, ବିଜୟ ରଂଜନ ସିଂହ ବରିହା, ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ । ଆଗରୁ ପ୍ରମିଳା ମଲ୍ଲିକ ଡାଲି ଦୁର୍ନୀତିପାଇଁ ଇସ୍ତଫା ଦେଇଥିବାରୁ ଗୋଟିଏ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦ ଖାଲିଥିଲା ।

ଏମାନଙ୍କ ସ୍ଥାନରେ ୧୦-୫-୨୦୧୧ ତାରିଖରେ ପାଞ୍ଚଜଣଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଗ୍ରହଣ କରାଗଲା । ନୂତନ ମନ୍ତ୍ରୀ ଓ ସେମାନଙ୍କ ବିଭାଗଗୁଡ଼ିକ ହେଲା:

ପ୍ରଦୀପ ମହାରଥୀ- କୃଷି, ମହେଶ୍ୱର ମହାନ୍ତି- ପଞ୍ଚାୟତିରାଜ, ଉଷା ଦେବୀ- ବିଜ୍ଞାନ ଓ କାରିଗରୀ, ଲାଲ୍ ବିହାରୀ ହିମିରିକା- ଅନୁସୂଚିତ ଜାତି ଓ ଉପଜାତି ବିକାଶ, ସଂଖ୍ୟାଲଘୁ ଓ ଅନୁନ୍ନତ ବର୍ଗର କଲ୍ୟାଣ । ଅଞ୍ଜଳି ବେହେରା- ମହିଳା ଓ ଶିଶୁ କଲ୍ୟାଣ । ପୂର୍ବରୁ ଲାଲବିହାରୀ ହିମିରିକା ଥିଲେ ଉପବାଚସ୍ପତି ଓ ଅଞ୍ଜଳି ବେହେରା ଥିଲେ ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ । ଶ୍ରୀମତୀ ବେହେରାଙ୍କୁ କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ପ୍ରଦାନ କରାଗଲା ।

ଏହା ବ୍ୟତୀତ କେତେକ ମନ୍ତ୍ରୀଙ୍କ ବିଭାଗରେ ମଧ୍ୟ ସାମାନ୍ୟ ଅଦଳ ବଦଳ କରାଗଲା । ଅନଙ୍ଗ ଉଦୟ ସିଂହଦେଓଙ୍କୁ ଅବକାରୀ, ଦେବୀ ପ୍ରସାଦ ମିଶ୍ରଙ୍କୁ ଜଙ୍ଗଲ ଓ ପରିବେଶ, ପ୍ରଫୁଲ୍ଲ କୁମାର ସାମଲଙ୍କୁ ସମବାୟ, ପର୍ଯ୍ୟଟନ ଓ ସଂସ୍କୃତି; ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କୁ ସାଧାରଣ ଉଦ୍ୟୋଗ; ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରଦାନ କରାଗଲା ।

ବିଧାନସଭାର ଉପବାଚସ୍ପତି ଶ୍ରୀ ଲାଲବିହାରୀ ହିମିରିକା ମନ୍ତ୍ରିମଣ୍ଡଳରେ ଯୋଗଦାନ କରିବାରୁ ନିଜ ପଦବିରୁ ଇସ୍ତଫା ପ୍ରଦାନ କଲେ । ତାଙ୍କ ସ୍ଥାନରେ ଶ୍ରୀ ସାନନ୍ଦ ମାରାଣ୍ଡି ସର୍ବସମ୍ମତିକ୍ରମେ ୧୭.୮.୨୦୧୧ରେ ଉପବାଚସ୍ପତି ଭାବରେ ନିର୍ବାଚିତ ହୋଇ ସେହିଦିନ ଦାୟିତ୍ୱ ଗ୍ରହଣ କଲେ ।

## 'ଓରିଶା' ହେଲା 'ଓଡ଼ିଶା'- 'ଓରିଆ' ହେଲା 'ଓଡ଼ିଆ'

ଇଂରାଜିରେ ଉଚ୍ଚାରିତ ଆମ ରାଜ୍ୟର ନାମ 'ଓରିଶା' (Orissa)ହେଲା 'ଓଡ଼ିଶା'(Odisha) ଓ ଆମ ଭାଷାର ଇଂରାଜି ଉଚ୍ଚାରଣ 'ଓରିଆ' (Oriya) ହେଲା 'ଓଡ଼ିଆ' (Odia) । ସେହିପରି ଆମ ସଂବିଧାନରେ ଆମ ରାଜ୍ୟର ନାମ ହିନ୍ଦିରେ ଲେଖାହୋଇଛି 'ଉଡ଼ିଶା' । ତାହା ମଧ୍ୟ ବଦଳିଯାଇ ହେଲା 'ଓଡ଼ିଶା' । ଓଡ଼ିଶା, ଓଡ଼ିଆ- ଏହି ଜାତୀୟ ସ୍ୱୀକୃତି ବିଲ୍‌ଟି ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ କର୍ତ୍ତା ମହାମାନ୍ୟ ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭାଦେବୀ ସିଂହ ପାଟିଲଙ୍କ ଅନୁମୋଦନ ଲାଭକରି ଆଇନରେ ପରିଣତ ହୋଇଛି । ଏ ସଂପର୍କିତ ଭାରତ ସରକାରଙ୍କ ଗେଜେଟ ନୋଟିଫିକେସନ୍ ପ୍ରକାଶ ପାଇଛି ୪.୧୧.୨୦୧୧ ତାରିଖରେ । ଏହି ବିଜ୍ଞପ୍ତି ଫଳରେ ୧-୧୧-୨୦୧୧ ତାରିଖଠାରୁ ଏହି ସଂଶୋଧିତ ନାମ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି । ଏହି ନାମ ପରିବର୍ତ୍ତନରେ ଓଡ଼ିଶାବାସୀ ଖୁବ୍ ଆନନ୍ଦିତ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନୂତନ ଓଡ଼ିଶା'ର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ପତ୍ର ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ଦେବୀ ସିଂହ ପାଟିଲ୍‌ଙ୍କ ଉଦ୍ଦେଶ୍ୟରେ ଲେଖି ରାଜ୍ୟବାସୀଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟସାରା ଲୋକେ ଏହି ଖୁସିରେ ସାମିଲ ହେବାପାଇଁ ମୁଖ୍ୟମନ୍ତ୍ରୀ ୫-୧୧-୨୦୧୧ ତାରିଖ ଶନିବାର ଦିନଟିକୁ ଛୁଟି ଘୋଷଣା କରିଥିଲେ । ଫଳରେ

ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟ, ସ୍କୁଲ୍, କଲେଜ ଆଦି ବନ୍ଦ ରହିଥିଲା । ନେଗୋସିଏବଲ୍ ଇନ୍ଷ୍ଟ୍ରୁମେଣ୍ଟ ଆକ୍ଟ ଅନୁଯାୟୀ ବ୍ୟାଙ୍କ୍ ଓ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ସେଦିନଟି ଛୁଟି ଘୋଷଣା ହେଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସନ୍ଧ୍ୟାରେ (୦୪.୧୧.୨୦୧୧) ପୁଲିସ୍ କମିସନରେଟ୍‌ଙ୍କ ପକ୍ଷରୁ ରାଜ୍ୟ ସଚିବାଳୟଠାରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

'ଓଡ଼ିଶା' ଓ 'ଓଡ଼ିଆ' ନାମ ପରିବର୍ତ୍ତନ ପାଇଁ ୨୦୦୮ ମସିହା ଜୁନ୍ ମାସ ୯ ତାରିଖରେ ପ୍ରଥମେ ରାଜ୍ୟ କ୍ୟାବିନେଟ୍‌ରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ପ୍ରସ୍ତାବଟି ୨୦୦୮ ମସିହା ଅଗଷ୍ଟ ୮ ତାରିଖରେ ରାଜ୍ୟ ବିଧାନସଭାରେ ଆଗତ ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ପରେ ନୂତନ ଲୋକସଭା ଗଠନ ପରିପ୍ରେକ୍ଷୀରେ ଏହି ପ୍ରସ୍ତାବ ରାଜ୍ୟ ବିଧାନସଭାରେ ସଂଶୋଧିତ ହୋଇ କେନ୍ଦ୍ରକୁ ପଠାଯାଇଥିଲା । କେନ୍ଦ୍ର ସରକାର ୨୦୦୯ ସେପ୍ଟେମ୍ବର ମାସରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ୨୦୧୦ ମସିହା ବଜେଟ୍ ଅଧିବେଶନରେ ଏହି ନାମପରିବର୍ତ୍ତନ ସଂକ୍ରାନ୍ତ ବିଲ୍ ଲୋକସଭାରେ ଗୃହୀତ ହୋଇ ପାରିଲା ନାହିଁ । କାରଣ ସେହି ସମୟରେ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଭିନ୍ନ ମତ ଦେଇ ସଂଶୋଧନ ପ୍ରସ୍ତାବ ଦେଇଥିଲେ । ଫଳରେ କିଛିଦିନ ଧରି ଏ ସଂପର୍କରେ ଚର୍ଚ୍ଚା ଆଲୋଚନା ଚାଲିଲା । ୨୦୧୦ ମସିହା ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ପି. ଚିଦାମ୍ବରମ୍ ଏହି ବିଲ୍‌କୁ ଲୋକସଭାରେ ଆଗତ କଲେ । ଏହି ବିଲ୍‌ର ଆଲୋଚନା ସମୟରେ ସାଂସଦ ଶ୍ରୀ ମହତାବ ଆଉ ତାଙ୍କ ସଂଶୋଧନ ପ୍ରସ୍ତାବକୁ ଦୋହରାଇଲେ ନାହିଁ । ବିଲ୍ ପାରିତ ହେବାପାଇଁ ଇଲେକ୍ଟ୍ରୋନିକ୍ସ ଭୋଟିଂ ଜରିଆରେ ହୋଇଥିବା ମତଦାନରେ ବିଲ୍ ସପକ୍ଷରେ ୨୯୪ଟି ଭୋଟ୍ ମିଳିଥିଲା । ବିପକ୍ଷରେ କୌଣସି ଭୋଟ୍ ପଡ଼ିନଥିଲା । ପରେ ଏହି ବିଲ୍ ରାଜ୍ୟସଭାରେ ଗୃହୀତ ହୋଇ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନ୍‌ରେ ପରିଣତ ହେଲା ।

## ନବରଙ୍ଗପୁର ଓ ଆଠଗଡ଼ ଉପନିର୍ବାଚନଃ

ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନମଣ୍ଡଳୀ (୦୭୩- ଅନୁସୂଚିତ ଉପଜାତି)ର ବିଜେଡ଼ି ଦଳର ନିର୍ବାଚିତ ବିଧାୟକ ଶ୍ରୀ ଜଗବନ୍ଧୁ ମାଝିଙ୍କ ହତ୍ୟାପରେ ଆସନଟି ଖାଲି ପଡ଼ିଲା । ଫଳରେ ଏଥିପାଇଁ ଉପନିର୍ବାଚନର ଆବଶ୍ୟକତା ହେଲା । ୩୦-୧୧-୨୦୧୧ ତାରିଖରେ ଏହି ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ଶତକଡ଼ା ୭୦ ଭାଗରୁ ଅଧିକ ଭୋଟଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କଲେ । ବିଜୁ ଜନତା ଦଳର ପ୍ରାର୍ଥୀ ଶ୍ରୀ ସୁବାସ ଗଣ୍ଡ ୫୪,୭୧୩ ଭୋଟ ପାଇ ନିର୍ବାଚିତ ହେଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଶ୍ରୀ ସତ୍ୟବ୍ରତ ଗଣ୍ଡ ୩୨,୮୭୬ ଭୋଟ ପାଇଥିବା ସ୍ଥଳେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଶ୍ରୀ ଧର୍ମୁ ଗଣ୍ଡ ୩୩, ୬୫୨ ଭୋଟ ପାଇ ପରାଜିତ ହେଲେ ।

୨୦୦୯ ମସିହା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଦଳୀୟ ପ୍ରାର୍ଥୀ ହୋଇଥିବା ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ)ଙ୍କର ନାମାଙ୍କନ ପତ୍ରରେ ମୂଳ ଦଳୀୟ ଟିକେଟ ଦାଖଲ ହୋଇ ନଥିବା ଦର୍ଶାଯାଇ ତାଙ୍କର ପ୍ରାର୍ଥୀପତ୍ରକୁ ନାକଚ କରିଦିଆଯାଇଥିଲା । ସେ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ରମେଶ ରାଉତଙ୍କୁ ସମର୍ଥନ କରି ଜିତାଇଥିଲେ । ସେମାନଙ୍କ ମଧ୍ୟରେ ବୁଝାମଣା ହୋଇଥିଲା ଯେ ନିର୍ବାଚନରେ ବିଜୟ ପରେ ଶ୍ରୀ ରାଉତ ଇସ୍ତଫା ଦେଇ ଶ୍ରୀ ରଣେନ୍ଦ୍ରଙ୍କୁ ବାଟ ଛାଡ଼ିଦେବେ । ଏହି କଥାରେ ଶ୍ରୀ ରାଉତ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । କିନ୍ତୁ ଜିତିବା ପରେ ସେ ତାଙ୍କର ପ୍ରତିଶ୍ରୁତି ପାଳନ କଲେ ନାହିଁ । ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଇନର ଆଶ୍ରୟ ନେଇ ସୁପ୍ରିମ୍ କୋର୍ଟ ଯାଏ ଯାଇ ବିଜୟୀ ହେଲେ । ଫଳରେ ରମେଶ ରାଉତଙ୍କ ସଭ୍ୟପଦ ରଦ୍ଦ ହେଲା ଏବଂ ସେ ଇସ୍ତଫା ଦେବାକୁ ବାଧ୍ୟ ହେଲେ । ଆଠଗଡ଼ ବିଧାନସଭା(୦୮୯- ସାଧାରଣ) ଆସନଟି ଖାଲି ପଡ଼ିଲା । ଏହି ଆସନ ପାଇଁ ୧୮-୩-୨୦୧୨ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେଲା । ପ୍ରାୟ ଶତକଡ଼ା ୭୦ ଭାଗ ଭୋଟର ମତଦାନ କଲେ ।

ଏହି ଉପନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮୭,୬୦୪ ଭୋଟ ପାଇ ବିଜୟୀ ହେଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ୪୦,୨୧୪ ଭୋଟ ପାଇଥିବା ସ୍ଥଳେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଶ୍ରୀ ବିକ୍ରମ ଦାଶ ମାତ୍ର ୨,୪୫୨ ଭୋଟ ପାଇ ନିଜର ଅମାନତ ହରାଇଲେ ।

## ମୁଖ୍ୟମନ୍ତ୍ରୀଙ୍କ ଲଣ୍ଡନ ଗସ୍ତ :

୨୦୧୨ ମସିହା ମଇ ମାସ ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଗସ୍ତରେ ଲଣ୍ଡନ ଯାତ୍ରା କଲେ । ଓଡ଼ିଶାର ବିକାଶ ସଂପର୍କରେ ବିଭିନ୍ନ ଅନୁଷ୍ଠାନ ସହ ଲଣ୍ଡନରେ ଆଲୋଚନା କରିବା ତାଙ୍କର ଏହି ଗସ୍ତକ୍ରମର ଉଦ୍ଦେଶ୍ୟ ଥିଲା । ବିଶେଷ କରି ଡି.ଏଫ୍.ଆଇ.ଡି.ର ବରିଷ୍ଠ କର୍ମକର୍ତ୍ତାଙ୍କୁ ସେ ଭେଟିବାର କାର୍ଯ୍ୟକ୍ରମ ଥିଲା । ଏହି ଅବସରରେ ୨୪-୫-୨୦୧୨ ତାରିଖ ସୋମବାର ଦିନ ଲଣ୍ଡନର ସସେକ୍ସ ବିଶ୍ୱବିଦ୍ୟାଳୟଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ (ଆଇ.ଡି.ଏସ୍.)ଦ୍ୱାରା ଆୟୋଜିତ ଏକ ଆଲୋଚନା ଚକ୍ରରେ ରାଜ୍ୟର ବିକାଶ ସଂପର୍କରେ ସେ ଭାଷଣ ଦେବାର କାର୍ଯ୍ୟକ୍ରମ ଥିଲା । ହେଲେ କେତେକ ମାନବାଧିକାର ସଂଗଠନ ତରଫରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବାର ଖବରପାଇ ମୁଖ୍ୟମନ୍ତ୍ରୀ ସେହି ଆଲୋଚନାଚକ୍ରରେ ଯୋଗଦାନକୁ ବାତିଲ୍ କରିଦେଇଥିଲେ । ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ଓଡ଼ିଶାରେ ସଂସ୍କାର ଓ ସଫଳତା' (Reforms and Achivements of Odisha) । ଏହି ଆଲୋଚନାଚକ୍ରଟି ଆଇ.ଡି.ଏସ୍. କର୍ମଚାରୀ, ସଦସ୍ୟ, ଛାତ୍ର ତଥା ସର୍ବସାଧାରଣଙ୍କପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ମୁଖ୍ୟମନ୍ତ୍ରୀ ନିଜର କାର୍ଯ୍ୟକ୍ରମ ବଦଳାଇ ଦେବାରୁ ଏହି ଆଲୋଚନାଚକ୍ରକୁ ବାତିଲ୍ କରିଦିଆଯାଇଥିଲା । ତାଙ୍କର ଏହି କାର୍ଯ୍ୟକ୍ରମ ବାତିଲ୍ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇ ନଥିଲା । ମାତ୍ର ଲଣ୍ଡନ

ସ୍ଥିତ ଏକ ମାନବାଧିକାର ସଂଗଠନ 'ସର୍ଭାଇଭାଲ୍ ଇଣ୍ଟର ନ୍ୟାସନାଲ୍'ର ସୂଚନା ଅନୁଯାୟୀ, ଏହି ଆଲୋଚନାଚକ୍ରରେ କେତେକ ମାନବାଧିକାର କର୍ମୀଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇ ଓଡ଼ିଶାରେ ଆଦିବାସୀ ଅଧିକାର ଉଲ୍ଲଙ୍ଘନ କରାଯାଉଥିବା ନେଇ ପ୍ରଶ୍ନକରି ତାଙ୍କୁ ଅଡୁଆରେ ପକାଇବାର ଯୋଜନା ଥିବାର ଖବର ପାଇ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ବାତିଲ୍ କରିଦେଇଥିଲେ । ନବୀନଙ୍କ ବ୍ରିଟେନ୍ ଗସ୍ତ ପୂର୍ବରୁ ସେଠାର କେତେକ ଛାତ୍ର ଓଡ଼ିଶାର ଆଦିବାସୀମାନଙ୍କ ଉପରେ ହୋଇଥିବା ଆକ୍ରମଣ ସଂପର୍କରେ ତଥ୍ୟ ସମ୍ବଳିତ ଫଟୋକୁ ପ୍ରଦର୍ଶିତ କରିଥିବାର ଜଣାଯାଏ । ସର୍ଭାଇଭାଲ୍ ନିର୍ଦ୍ଦେଶକ ଷ୍ଟିଫେନ୍ କୋରୀ କହିଛନ୍ତି ''ଓଡ଼ିଶାରେ ଆଦିବାସୀମାନଙ୍କ ଉପରେ ପୁଲିସ୍ ଜୁଲମ ଅତ୍ୟନ୍ତ ଉଦ୍‌ବେଗଜନକ । ବିଭିନ୍ନ ପ୍ରକଳ୍ପପାଇଁ ଜମି ଦେଇ ନଥିବା ଆଦିବାସୀଙ୍କୁ ପୁଲିସର ଲାଠିମାଡ଼ଠାରୁ ଆରମ୍ଭ କରି ଗୁଳିମାଡ଼ ସହିବାକୁ ପଡୁଛି । ଆଦିବାସୀମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମୁଖ୍ୟମନ୍ତ୍ରୀ ଶିଳ୍ପପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛନ୍ତି ।''

## ବିଜୁ ଜନତା ଦଳରେ ବିସ୍ଫୋରଣ :

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଣ୍ଡନ ଗସ୍ତରେ ଥିବା ସମୟର ଘଟଣା । ସେଦିନ ୨୦୧୨ ମସିହା ମଇ ମାସ ୨୯ ତାରିଖ । ବିଜୁ ଜନତା ଦଳର ମାର୍ଗଦର୍ଶକ ରୂପେ କଥିତ ଶ୍ରୀ ପ୍ୟାରୀମୋହନ ମହାପାତ୍ରଙ୍କ ସହିଦନଗର ବାସଭବନରେ ଅପରାହ୍ଣରୁ ବିଳମ୍ବିତ ରାତ୍ରି ଯାଏ ଚାଲିଥାଏ ତୁହାକୁ ତୁହା ବୈଠକ, ଜୋର୍‌ଦାର ଚର୍ଚ୍ଚା । ଏହା ଅଘୋଷିତ ବିଦ୍ରୋହ ନା ପ୍ୟାରୀବାବୁଙ୍କ ଶକ୍ତି ପ୍ରଦର୍ଶନ କିଛି ବୁଝି ହେଉନଥାଏ । ଜଣାଯାଏ, ପୂର୍ବରୁ ଦେଢ଼ ମାସ ହେବ ପ୍ୟାରୀବାବୁଙ୍କ ପାଖକୁ କୌଣସି ମନ୍ତ୍ରୀ କି ବିଧାୟକ ପ୍ରକାଶ୍ୟ ଭାବରେ ଆସୁ ନଥିଲେ । ତେଣୁ ସେ ଦଳୀୟ କାର୍ଯ୍ୟକ୍ରମରୁ କିଛିଦିନ ହେବ ବଞ୍ଚିତ ରହିଥିଲେ ।

ମେ ୩୧ ତାରିଖରେ ହେବାକୁ ଥିବା ଭାରତ ବନ୍ଦପାଇଁ ବିଜୁ ଜନତା ଦଳର ବିଧାୟକମାନେ କିପରି ପ୍ରସ୍ତୁତ ହେବେ- ସେ ସଂପର୍କରେ ଆଲୋଚନାପାଇଁ ପ୍ୟାରୀବାବୁ ଏହି ବୈଠକ ଡାକିଥିଲେ ବୋଲି ସଫେଇ ଦିଆଗଲା । ପେଟ୍ରୋଲ ଦର ବୃଦ୍ଧିଯୋଗୁଁ ଏନ୍.ଡି. ଏ. ତରଫରୁ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦକୁ ବାମପନ୍ଥୀ ଦଳ ସମେତ ସମାଜବାଦୀପାର୍ଟି ଓ ରାଷ୍ଟ୍ରୀୟ ଜନତା ଦଳ ସମର୍ଥନ ଜଣାଇଥଲେ । ପ୍ୟାରୀମୋହନ ମହାପାତ୍ରଙ୍କ ବାସଭବନରେ ଏହି ଦିନ ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀମାନେ ହେଲେ, ମନ୍ତ୍ରୀ ସାରଦା ନାୟକ, ଅଞ୍ଜଳି ବେହେରା ଓ ସଂଜୀବ ସାହୁ ଏବଂ ଉପବାଚସ୍ପତି ସାନନ୍ଦ ମାରାଣ୍ଡି । ବିଧାୟକମାନେ ହେଲେ- ପ୍ରଭାତ ବିଶ୍ୱାଳ, ଖଗେଶ୍ୱର ବେହେରା, ସଂଜୀବ ପ୍ରଧାନ, ଜୀବନ ପ୍ରଦୀପ ଦାସ, ସୁଶାନ୍ତ ସିଂହ, ସୁଦର୍ଶନ ଜେନା, ଭଗବାନ କହଁର, ବିଭୂତି ବଳବନ୍ତ ରାୟ, ଶ୍ରୀନାଥ ସୋରେନ୍, ବିଷ୍ଣୁ ଦାସ, ପ୍ରଶାନ୍ତ ମୁଦୁଲି, ଅରବିନ୍ଦ ଢାଲି, କମଳାକାନ୍ତ ନାୟକ,

ଦେବେନ୍ଦ୍ର କହଁର, ମନୋରଂଜନ ସେଠି ଓ ମୁକୁନ୍ଦ ସୋଢ଼ି ପ୍ରମୁଖ । ଭୁବନେଶ୍ୱର ମ୍ୟୁନିସ୍‌ପାଲ୍ କର୍ପୋରେସନର ପୂର୍ବତନ ମେୟର ମିହିର ମହାନ୍ତି, କିଛି କର୍ପୋରେଟର ଓ କିଛି ଛାମୁଆ ନେତା ମଧ୍ୟ ସେଠାରେ ଉପସ୍ଥିତ ଥିବାର ଜଣାଯାଇଥିଲା । ସେଠାରେ ଏକ କାଗଜରେ ପ୍ୟାରୀମୋହନ ମହାପାତ୍ର ବିଧାୟକ ଦଳର ନେତା ବୋଲି ଦସ୍ତଖତ ନିଆଯାଇ ସେମାନଙ୍କୁ ନାୟକ ହୋଟେଲ୍‌କୁ ଯିବାପାଇଁ ନିର୍ଦ୍ଦେଶ ଦିଆଯାଉଥିଲା ବୋଲି କୁହାଗଲା । କେନ୍ଦୁଝର ଏମ୍.ଏଲ୍.ଏ. ଶ୍ରୀ ସୁବର୍ଣ୍ଣ ନାୟକ ଏକଥା ଦେଖି ସେଠାରୁ ଚାଲି ଆସି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡାକ୍ତର ଦାମୋଦର ରାଉତଙ୍କୁ ଖବର ଦେଲେ । ସଙ୍ଗେସଙ୍ଗେ ଏହି ଖବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇ ଦିଆଗଲା । ତୁରନ୍ତ ଫେରି ଆସିବା ପାଇଁ ତାଙ୍କୁ ଅନୁରୋଧ କରାଗଲା । ଖବରପାଇ ମୁଖ୍ୟମନ୍ତ୍ରୀ ଫେରିଆସିବାକୁ ସମ୍ମତି ଜଣାଇଲେ ।

ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ତାଙ୍କ ଅନୁଗତ ନେତାମାନଙ୍କର ଏକ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହେଲା । ଏହି ବୈଠକରେ ଯେଉଁମାନେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଦେବୀ ପ୍ରସନ୍ନ ମିଶ୍ର । ବିଧାୟକମାନଙ୍କ ମଧ୍ୟରେ ଡାକ୍ତର ଦାମୋଦର ରାଉତ, ସମୀର ରଞ୍ଜନ ଦାସ, ଅଶୋକ ପଣ୍ଡା, ଭାଗୀରଥି ବଡ଼ଜେନା, ସରସ୍ୱତୀ ହେମ୍ବ୍ରମ୍, ବେଦପ୍ରକାଶ ଅଗ୍ରୱାଲା, ପ୍ରତାପ ଜେନା, ସିପ୍ରା ମଲ୍ଲିକ, ସଂଜୟ ଦାସବର୍ମା, କାଳିନ୍ଦୀ ବେହେରା, ବିଜୟଶ୍ରୀ ରାଉତରାୟ, ଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଥିଲେ ।

ନବୀନ ନିବାସରେ ଘନଘନ ବୈଠକ ବସୁଥାଏ । ଏହି ବୈଠକରେ ଯୋଗଦେଇଥାନ୍ତି ପ୍ରାୟ ୮୮ ଜଣ ବିଧାୟକ । କିନ୍ତୁ ପ୍ୟାରୀବାବୁଙ୍କ ଘରକୁ ଯାଇଥିବା ତିନିଜଣ ମନ୍ତ୍ରୀ ଅଞ୍ଜଳି ବେହେରା, ସାରଦା ନାୟକ ଓ ସଂଜୀବ ସାହୁ ଏବଂ ବିଧାୟକ ବିଷ୍ଣୁ ଦାସ, ପ୍ରଭାତ ରଂଜନ ବିଶ୍ୱାଳ ଓ ବିଭୂତି ବଳବନ୍ତ ରାୟ ପ୍ରମୁଖ ନବୀନ ନିବାସକୁ ଯାଇ ନଥିଲେ । ଅତନୁ ସବ୍ୟସାଚୀ ନାୟକ ନିଜର ଅସୁସ୍ଥତା ଦର୍ଶାଇ ସେଠାକୁ ଯିବାପାଇଁ ମନା କରି ଦେଇଥିଲେ । ମନ୍ତ୍ରୀ ଅଞ୍ଜଳି ବେହେରା ସ୍ପଷ୍ଟ ଭାବରେ କହିଥିଲେ, ''ମୁଖ୍ୟମନ୍ତ୍ରୀ ତ ନାହାନ୍ତି, ଆମେ ନବୀନ ନିବାସ କାହିଁକି ଯିବୁ ?''

୩୧-୫-୨୦୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଆସି ପହଞ୍ଚିଲେ । ତାଙ୍କର ଅନୁଗତମାନେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଲେ । ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବାପାଇଁ ବିମାନଘାଟୀରୁ ନବୀନ ନିବାସ ଯାଏ ବହୁ ଲୋକ ରୁଣ୍ଡ ହୋଇଥିଲେ । ତାଙ୍କୁ ବିମାନଘାଟୀରୁ ନିଜ ବାସଭବନକୁ ଆସିବାପାଇଁ ଦୀର୍ଘ ସମୟ ଲାଗିଯାଇଥିଲା । ସେ ଆସିବା ପରେ ତାଙ୍କୁ ଭେଟିବାପାଇଁ ପ୍ୟାରୀବାବୁଙ୍କ ଅନୁଗତମାନଙ୍କ ମଧ୍ୟରୁ ଆସି ପହଞ୍ଚିଥିଲେ ବିଷ୍ଣୁ ଦାସ, ସାନନ୍ଦ ମାରାଣ୍ଡି । ଅତନୁ ସବ୍ୟସାଚୀ ନାୟକ ମଧ୍ୟ ଆସି ପହଞ୍ଚିଥିଲେ । ପ୍ୟାରୀବାବୁ ଶୁଣିବାକୁ ପାଇଲେ ଯେ ତାଙ୍କୁ ସସ୍‌ପେଣ୍ଡ୍ କରାଯିବ । ଏ ସଂପର୍କରେ ପ୍ୟାରୀବାବୁ ପ୍ରତିକ୍ରିୟା ପ୍ରକାଶ କରି କହିଲେ, 'ମୋତେ ସସ୍‌ପେଣ୍ଡ୍ କରିବାପାଇଁ କାହାର ଦମ୍ ନାହିଁ । ଯିଏ ଦୀର୍ଘ

କେତେ ବର୍ଷ ହେବ ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ବସାଇ ନାହାନ୍ତି, ସେ ପୁଣି ମୋତେ ସସ୍‌ପେଣ୍ଡ୍ କରିବେ ?'

## ଦଳରୁ ପ୍ୟାରୀଙ୍କୁ ନିଲମ୍ବନ ଏବଂ
## ଅଞ୍ଜଳି, ସଂଜୀବ ଓ ସାରଦାଙ୍କୁ ମନ୍ତ୍ରୀପଦରୁ ବରଖାସ୍ତ :

୩୧-୫-୨୦୧୨ରେ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ୟାରୀମୋହନ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କଲେ । ମନ୍ତ୍ରୀ ଅଞ୍ଜଳି ବେହେରା ଓ ସଂଜୀବ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରିବାପାଇଁ ମଧ୍ୟ ରାଜ୍ୟପାଳଙ୍କୁ ସୁପାରିଶ କଲେ । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶକୁ ରାଜ୍ୟପାଳ ଅନୁମୋଦନ କଲେ । ଅଞ୍ଜଳିଙ୍କ ହାତରେ ଥିବା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ସଂଜୀବଙ୍କ ହାତରେ ଥିବା ପରିବହନ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜ ପାଖରେ ରଖିଲେ । ସେହିପରି ୪-୬-୨୦୧୨ରେ ମନ୍ତ୍ରିମଣ୍ଡଳରୁ ସାରଦା ନାୟକଙ୍କୁ ବରଖାସ୍ତ କରିବାପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ସୁପାରିଶ କଲେ । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶକୁ ରାଜ୍ୟପାଳ ଅନୁମୋଦନ କରିଦେଲେ । ବରଖାସ୍ତ ମନ୍ତ୍ରୀ ସାରଦା ନାୟକଙ୍କ ହାତରେ ଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ମୁଖ୍ୟମନ୍ତ୍ରୀ ନିଜ ହାତରେ ରଖିଲେ ଏବଂ ଅବକାରୀ ବିଭାଗ ଦାୟିତ୍ୱ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କୁ ପ୍ରଦାନ କଲେ ।

## ଏନ୍.ସି.ପି. ବିଧାୟକମାନେ ବିଜେଡ଼ିରେ ମିଶିଲେ :

ଓଡ଼ିଶାରେ ନ୍ୟାସ୍‌ନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍.ସି.ପି.) ୨୦୦୯ ନିର୍ବାଚନରେ ବିଜୁ ଜନତା ଦଳ ସହ ମେଣ୍ଟ କରି ଚାରିଟି ଆସନରେ ବିଜୟୀ ହୋଇଥିଲା । ଏହି ଦଳରୁ ଚାରିଜଣ ସଦସ୍ୟ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଶାସକ ବିଜୁ ଜନତା ଦଳର ସହଯୋଗୀ ଭାବରେ କାର୍ଯ୍ୟ କରୁଥିଲେ । ହେଲେ ୨୦୧୨ ମସିହା ଜୁନ୍ ୫ ତାରିଖରେ ଏହି ବିଧାୟକମାନେ ନିଃସର୍ତ୍ତ ଭାବରେ ବିଜୁ ଜନତା ଦଳରେ ମିଶିଗଲେ ବୋଲି ଘୋଷଣା କଲେ । ଏମାନଙ୍କ ସହ ଏନ୍.ସି.ପି. ଓଡ଼ିଶା ଶାଖାର ସାଧାରଣ ସଂପାଦକ ମନୋଜ ଚୌଧୁରୀ ମଧ୍ୟ ବିଜେଡ଼ି ସହିତ ମିଶିଗଲେ । ଫଳରେ ଓଡ଼ିଶା ବିଧାନସଭାରେ ବିଜୁ ଜନତା ଦଳର ସଦସ୍ୟ ସଂଖ୍ୟା ୧୦୪ରୁ ୧୦୮ କୁ ବୃଦ୍ଧିପାଇଲା । ନ୍ୟାସ୍‌ନାଲିଷ୍ଟ କଂଗ୍ରେସ ପାର୍ଟିର ଓଡ଼ିଶା ବିଧାନସଭାର ସଦସ୍ୟମାନେ ହେଲେ- ଅମର ଶତପଥୀ (ବଡ଼ଚଣା), ପ୍ରଶାନ୍ତ ନନ୍ଦ (ବେଗୁନିଆ), ନବୀନ ଚନ୍ଦ୍ର ନନ୍ଦ (ଢେଙ୍କାନାଳ) ଓ ରାମଚନ୍ଦ୍ର ହାଁସଦା (ସାରସକଣା) ।

## ତୃତୀୟଥରପାଇଁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଅଦଳ ବଦଳ :

ତୃତୀୟ ଥରପାଇଁ ଓଡ଼ିଶା ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ଅଦଳ ବଦଳର ଅବ୍ୟବହିତ ପୂର୍ବରୁ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରଫୁଲ୍ଲ ସାମଲ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରତାପ ଜେନା ଓ

ଅତନୁ ସବ୍ୟସାଚୀ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨-୮-୨୦୧୨ ତାରିଖ ସକାଳ ୯ଟା ବେଳେ ନିଜ ନିଜ ପଦରୁ ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ଦେଲେ । ମୁଖ୍ୟମନ୍ତ୍ରୀଙ୍କର ଅଚାନକ ଏପରି ପଦକ୍ଷେପରେ ମନ୍ତ୍ରୀମାନେ ଚକିତ ହୋଇଯାଇଥିଲେ । ଫୋନ୍ ଦ୍ୱାରା ଏହି ଅଚାନକ ନିର୍ଦ୍ଦେଶ ସମୟରେ ବିଭାଗୀୟ ମନ୍ତ୍ରୀମାନେ ଭିନ୍ନଭିନ୍ନ ସ୍ଥାନରେ ଥିଲେ । ପ୍ରଫୁଲ୍ଲ ଘଡ଼ାଇ ଥିଲେ ନିଜ ନିର୍ବାଚନମଣ୍ଡଳୀ ସୁକିନ୍ଦାରେ, ପ୍ରଫୁଲ୍ଲ ସାମଲ ଥିଲେ ବରଗଡ଼ ଜିଲ୍ଲାର ବରପାଲିରେ ସରକାରୀ ଗସ୍ତରେ, ପ୍ରତାପ ଜେନା ଥିଲେ ଭୁବନେଶ୍ୱରରେ, ଅତନୁ ସବ୍ୟସାଚୀ ନାୟକ ଥିଲେ ଭୁବନେଶ୍ୱର ସତ୍ୟନଗରସ୍ଥିତ ନିଜ ବାସଭବନରେ ଓ ପୁଷ୍ପେନ୍ଦ୍ର ସିଂହଦେଓ ଥିଲେ କୌଣସି ଏକ ଅଜଣା ସ୍ଥାନରେ । ଜଣାଯାଏ ଏହି ମନ୍ତ୍ରୀମାନେ ଉଭୟ ପ୍ୟାରୀବାବୁ ଓ ନବୀନବାବୁଙ୍କ ପାଖରେ ଦ୍ୱୈତ ଆନୁଗତ୍ୟ ପ୍ରକାଶ କରୁଥିବାରୁ ସେମାନଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଏମାନଙ୍କ ମଧ୍ୟରୁ ପ୍ରତାପ ଜେନା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରେ ଆନୁଗତ୍ୟ ପ୍ରକାଶ କରୁଥିଲେ ହେଁ ତାଙ୍କର ଦକ୍ଷତା ନେଇ ପ୍ରଶ୍ନ ଉଠିବାରୁ ତାଙ୍କୁ ଇସ୍ତଫା ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାର ଜଣାଯାଏ ।

ଏହା ପରେ ମୁଖ୍ୟମନ୍ତ୍ରୀ ନଅ ଜଣ ନୂତନ ମନ୍ତ୍ରୀଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ କରି ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରିବା ସହ ମନ୍ତ୍ରୀମାନଙ୍କର ବିଭାଗରେ ଅଦଳ ବଦଳ କରିଥିଲେ । ମାନ୍ୟବର ରାଜ୍ୟପାଳ ଏହି ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଏହି ସଂପ୍ରସାରିତ ମନ୍ତ୍ରିମଣ୍ଡଳର ରୂପରେଖ ହେଲା-

## କ୍ୟାବିନେଟ ମନ୍ତ୍ରୀ :

| | | |
|---|---|---|
| **ନବୀନ ପଟ୍ଟନାୟକ** | : | ମୁଖ୍ୟମନ୍ତ୍ରୀ; ଗୃହ, ସାଧାରଣ ପ୍ରଶାସନ, ପୂର୍ତ୍ତ, ଜଳସଂପଦ ଏବଂ କୌଣସି ମନ୍ତ୍ରୀଙ୍କୁ ଦିଆଯାଇ ନଥିବା ବିଭାଗ |
| **ବିଜୟଶ୍ରୀ ରାଉତରାୟ** | : | ଜଙ୍ଗଲ ଓ ପରିବେଶ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ |
| **ବିକ୍ରମ କେଶରୀ ଆରୁଖ** | : | ଗ୍ରାମ୍ୟ ଉନ୍ନୟନ ଓ ସମବାୟ |
| **ଡା. ଦାମୋଦର ରାଉତ** | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ |
| **ଦେବୀ ପ୍ରସାଦ ମିଶ୍ର** | : | କୃଷି, ମତ୍ସ୍ୟ ଓ ପଶୁ ସଂପଦ |
| **କଳ୍ପତରୁ ଦାସ** | : | ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର |
| **ଲାଲ୍ ବିହାରୀ ହିମିରିକା** | : | ଅନୁସୂଚିତ ଜାତି ଓ ଉପଜାତି ବିକାଶ, ସଂଖ୍ୟାଲଘୁ ଓ ଅନୁନ୍ନତ ବର୍ଗର କଲ୍ୟାଣ |
| **ମହେଶ୍ୱର ମହାନ୍ତି** | : | ପର୍ଯ୍ୟଟନ ଓ ସଂସ୍କୃତି, ଯୋଜନା ଓ ସମନ୍ୱୟ ବିଭାଗ |
| **ନିରଞ୍ଜନ ପୂଜାରୀ** | : | ଶିଳ୍ପ ଓ ଅବକାରୀ |

| | | |
|---|---|---|
| **ପ୍ରସନ୍ନ ଆଚାର୍ଯ୍ୟ** | : | ଅର୍ଥ ଓ ସାଧାରଣ ଉଦ୍ୟୋଗ |
| **ରଘୁନାଥ ମହାନ୍ତି** | : | ଗୃହ ନିର୍ମାଣ, ନଗର ଉନ୍ନୟନ, ଆଇନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା |
| **ସୂର୍ଯ୍ୟ ନାରାୟଣ ପାତ୍ର** | : | ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ |
| **ଉଷା ଦେବୀ** | : | ମହିଳା ଓ ଶିଶୁ କଲ୍ୟାଣ |

## ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) :

| | | |
|---|---|---|
| **ଅରୁଣ କୁମାର ସାହୁ** | : | ଶକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗ |
| **ବଦ୍ରି ନାରାୟଣ ପାତ୍ର** | : | ଉଚ୍ଚ ଶିକ୍ଷା ବିଭାଗ |
| **ପ୍ରତାପ କେଶରୀ ଦେଓ** | : | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ନିୟୋଜନ ଓ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ବିଭାଗ |
| **ରବିନାରାୟଣ ନନ୍ଦ** | : | ସ୍କୁଲ୍ ଓ ଗଣଶିକ୍ଷା ବିଭାଗ |
| **ରଜନୀକାନ୍ତ ସିଂ** | : | ଇସ୍ପାତ ଓ ଖଣି ବିଭାଗ |
| **ରମେଶଚନ୍ଦ୍ର ମାଝି** | : | କ୍ରୀଡ଼ା, ଯୁବ ବ୍ୟାପାର, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ । |
| **ସରୋଜିନୀ ହେମ୍ବ୍ରମ୍** | : | ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ |
| **ସୁବ୍ରତ ତରାଇ** | : | ବାଣିଜ୍ୟ ଓ ପରିବହନ ବିଭାଗ |

ବିରୋଧୀ ଦଳ ନେତା - ଶ୍ରୀ ଭୂପିନ୍ଦର ସିଂହ; ସରକାରୀ ମୁଖ୍ୟ ସଚେତକ - ଶ୍ରୀ ପ୍ରଭାତ ତ୍ରିପାଠୀ; ସରକାରୀ ଉପମୁଖ୍ୟ ସଚେତକ- ଶ୍ରୀ ସଞ୍ଜୟ ଦାସବର୍ମା ଓ ଯୋଜନା ବୋର୍ଡ ଉପାଧ୍ୟକ୍ଷ- ସୁରେନ୍ଦ୍ର ନାଥ ନାୟକ ।

## ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତିଙ୍କ ଇସ୍ତଫା


ନଗର ଉନ୍ନୟନ, ଆଇନ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତି, ୧୫.୩.୨୦୧୩ରେ ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ପୁତ୍ରବଧୂ ବର୍ଷା ସୋନୀ ଶ୍ରୀ ମହାନ୍ତି ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କ ବିରୋଧରେ ଯୌତୁକ ନିର୍ଯ୍ୟାତନା ମାମଲା ଦାଏର କରିଥିବାରୁ ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦେଇଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ଶ୍ରୀ ମହାନ୍ତିଙ୍କ ହାତରେ ଥିବା ନଗର ଉନ୍ନୟନ ବିଭାଗର ଦାୟିତ୍ୱ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କୁ ଓ ଆଇନ ବିଭାଗର ଦାୟିତ୍ୱ ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତିଙ୍କୁ ପ୍ରଦାନ କରି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ମୁଖ୍ୟମନ୍ତ୍ରୀ ନିଜ ହାତରେ ରଖିଲେ ।

## ଚତୁର୍ଦ୍ଦଶ ବିଧାନସଭାର ବୟୋଜ୍ୟେଷ୍ଠ ଓ କନିଷ୍ଠ ବିଧାୟକ

ବିଧାୟକମାନଙ୍କ ମଧ୍ୟରେ ଶ୍ରୀ ବେଦପ୍ରକାଶ ଅଗ୍ରୱାଲ (୧୬.୦୧.୧୯୩୭) ହେଉଛନ୍ତି ବୟୋଜ୍ୟେଷ୍ଠ ବିଧାୟକ । ସର୍ବକନିଷ୍ଠ ବିଧାୟକ ହେଲେ ଶ୍ରୀ ରମେଶଚନ୍ଦ୍ର ମାଝି (୯.୪.୧୯୭୮) । ସେହିପରି ବିଧାୟିକାମାନଙ୍କ ମଧ୍ୟରେ ଶ୍ରୀମତୀ ଭି. ସୁଞ୍ଜାନ କୁମାର ଦେବୀ (୫.୮.୧୯୩୭) ହେଉଛନ୍ତି ବୟୋଜ୍ୟେଷ୍ଠା ଏବଂ ଶ୍ରୀମତୀ ଅଞ୍ଜଳି ବେହେରା (୯.୫.୧୯୭୨) ହେଉଛନ୍ତି ସର୍ବକନିଷ୍ଠା ବିଧାୟିକା ।

## ନବୀନଙ୍କ ନୂଆ ରେକର୍ଡ :

ଓଡ଼ିଶାରେ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିଥିବା ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସ୍ଥାନରେ ଏଣିକି ଓଡ଼ିଶା ରାଜନୀତିର ଇତିହାସରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଉଲ୍ଲେଖ ହେବ । ପ୍ରାକ୍ ସ୍ୱାଧୀନତା ସମୟର ପ୍ରଧାନମନ୍ତ୍ରୀ ଓ ସ୍ୱାଧୀନୋତ୍ତର ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଲିକାରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିଥିଲେ । ଜାନକୀବାବୁ ୧୯୮୦ ମସିହା ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ୧୯୮୯ ଡିସେମ୍ବର ୭ ତାରିଖ ଯାଏ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଜାନକୀବାବୁ ତୃତୀୟ ଥର ପାଇଁ ପୁଣି ୧୯୯୫ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ଏଥର ସେ ମୁଖ୍ୟମନ୍ତ୍ରୀ ଭାବରେ ରହିଲେ ୧୯୯୯ ଫେବ୍ରୁଆରି ୧୭ ତାରିଖ ଯାଏ । ସମୁଦାୟ ସେ ୪,୮୪୩ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ତାଙ୍କ ପୂର୍ବରୁ ପ୍ରଧାନମନ୍ତ୍ରିତ୍ୱ ଓ ମୁଖ୍ୟମନ୍ତ୍ରିତ୍ୱ ସମୟକୁ ମିଶାଇ ଡକ୍ଟର ହରେକୃଷ୍ଣ ମହତାବଙ୍କ କାର୍ଯ୍ୟକାଳ ସର୍ବାଧିକ ଥିଲା । ତାହାକୁ ଅତିକ୍ରମ କରିଥିଲେ ଜାନକୀବଲ୍ଲଭ ପଟ୍ଟନାୟକ ।



ନବୀନ ପଟ୍ଟନାୟକ

୨୦୦୦ ମସିହା ସାଧାରଣ ନିର୍ବାଚନରେ ବିଜୟୀ ହୋଇ ଶ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୫ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରି ଲଗାତର ତୃତୀୟ ଥର ପାଇଁ ଏହି ପଦବୀରେ ରହିଛନ୍ତି । ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରୁ ୨୦୧୩ ମସିହା ଅଗଷ୍ଟ ୫ ତାରିଖ



ଡକ୍ଟର ହରେକୃଷ୍ଣ ମହତାବ



ଜାନକୀ ବଲ୍ଲଭ ପଟ୍ଟନାୟକ

ଯାଏଁ ହିସାବ କଲେ ନବୀନବାବୁ ମୁଖ୍ୟମନ୍ତ୍ରୀ ପଦରେ ଲଗାତର ଭାବରେ ୪,୮୯୮ ଦିନ ରହି ଜାନକୀବାବୁଙ୍କୁ ଟପି ଯାଇଛନ୍ତି । ନବୀନ ବାବୁଙ୍କ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୬୧ ମସିହା ଜୁନ୍ ୨୩ ତାରିଖ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରି ୧୯୬୩ ମସିହା ଅଗଷ୍ଟ ୨ ତାରିଖରେ ଏହି ପଦରୁ ଇସ୍ତଫା ଦେଇଥିଲେ । ପୁଣି ୧୯୯୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରି ୧୯୯୫ ମସିହା ମାର୍ଚ୍ଚ ୧୫ ତାରିଖ ଯାଏ ଏହି ପଦବୀରେ ଥିଲେ । ମାତ୍ର ଓଡ଼ିଶା ରାଜନୀତି ଇତିହାସରେ ସର୍ବାଧିକ ନିରବଚ୍ଛିନ୍ନ ଭାବରେ ସର୍ବାଧିକ କାଳ ଶାସନମୁଖ୍ୟ ରହିବାର ଗୌରବ ହାସଲ କରିପାରିଛନ୍ତି ଶ୍ରୀ ନବୀନ ପଟ୍ଟନାୟକ ।

## ଓଡ଼ିଶା କଂଗ୍ରେସରେ ବିସ୍ଫୋରଣ :

ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକଙ୍କୁ ଏ.ଆଇ.ସି.ସି. କର୍ତ୍ତୃପକ୍ଷ ଦଳର ପ୍ରାଥମିକ ସଭ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କାର ଆଦେଶ ଜାହିର କଲେ ୧୯୧୩ ମସିହା ଅକ୍ଟୋବର ୧ ତାରିଖରେ ଗାନ୍ଧିଜୟନ୍ତୀର ଅବ୍ୟବହିତ ପୂର୍ବରୁ । ଜଣାଯାଏ, ପ୍ରଦେଶ କଂଗ୍ରେସ କମିଟି ରିପୋର୍ଟ ଆଧାରରେ କଂଗ୍ରେସର ସାଧାରଣ ସଂପାଦକ ତଥା ଓଡ଼ିଶା କଂଗ୍ରେସ ପ୍ରଭାରୀ ବି.କେ. ହରିପ୍ରସାଦଙ୍କ ସୁପାରିଶ କ୍ରମେ ଏ. ଆଇ.ସି.ସି. ତରଫରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

ଘଟଣାଟି ହେଲା, କେନ୍ଦ୍ରୀୟ କଂଗ୍ରେସ କମିଟି ନିରଂଜନ ପଟ୍ଟନାୟକଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦରୁ ହଟାଇ ଜୟଦେବ ଜେନାଙ୍କୁ ସଭାପତି ଆସନରେ ବସାଇଲେ । ଏହା ପରେ ୨୦୧୩ ମସିହା ଜୁଲାଇ ମାସ ୧୫ ତାରିଖଠାରୁ ସୌମ୍ୟରଂଜନ କଂଗ୍ରେସ ଦଳକୁ ଓଡ଼ିଶାରେ ସୁଦୃଢ଼ କରିବାପାଇଁ ଆରମ୍ଭ କଲେ 'ସଂକଳ୍ପ ଯାତ୍ରା' । ଅଗଷ୍ଟ ପ୍ରଥମ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରଠାରେ ଅନୁଷ୍ଠିତ ସଂକଳ୍ପ ଯାତ୍ରାରେ ସୌମ୍ୟରଂଜନଙ୍କ ମନ୍ତବ୍ୟଟି ବିବାଦୀୟ ରୂପ ଧାରଣ କଲା । ତାଙ୍କ ମନ୍ତବ୍ୟଟି ହେଲା, 'ଟିକେଟ ବଣ୍ଟନ ବେଳେ ହୋଇଥିବା ଅନିୟମିତତାରେ ଯେଉଁମାନେ ସଂପୃକ୍ତ ସେମାନଙ୍କୁ ଚିହ୍ନଟ କରାଯାଉ' । ଏହି ମନ୍ତବ୍ୟଟି ତାଙ୍କପାଇଁ ହେଲା କାଳ । ସେଥିପାଇଁ କଂଗ୍ରେସ ଦଳରେ ଚର୍ଚ୍ଚା ଯୋର ଧରିଲା । ଶୃଙ୍ଖଳା କମିଟି ଅଧ୍ୟକ୍ଷ ହରିହର କରଣଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୧୨ ତାରିଖ ଦିନ ଏକ ବୈଠକ ବସି ସୌମ୍ୟରଂଜନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଗଲା । ତାଙ୍କ ଉପରେ ନୋଟିସ୍ ଜାରି କରିବା ସଂପର୍କରେ ଦଳର ତୁଙ୍ଗ ନେତାମାନଙ୍କ ମଧ୍ୟରେ ବାଦାନୁବାଦ ପ୍ରକାଶ ପାଇଥିବାର ଜଣାଯାଏ । ଏ.ଆଇ.ସି.ସି. ସଂପାଦକ ହରିପ୍ରସାଦ କହିଥିଲେ ଯେ ଏହି ପରିପ୍ରେକ୍ଷୀରେ ପି.ସି.ସି. ଶୃଙ୍ଖଳା କମିଟିର ନୋଟିସ୍ ଜାରି କରିବାର କ୍ଷମତା ରହିଛି । ଏହା ପରେ ସୌମ୍ୟରଂଜନ ପଟ୍ଟନାୟକ ଭଦ୍ରକ, ନୟାଗଡ଼ ଓ କେନ୍ଦ୍ରାପଡ଼ା ଆଦି ସ୍ଥାନରେ ସଂକଳ୍ପ ସମାବେଶ ଅନୁଷ୍ଠିତ କରିଥିଲେ । ଯେଉଁସ୍ଥାନଗୁଡ଼ିକରେ ବିପୁଳ ଜନସମାଗମ ହୋଇଥିବାର ଜଣାଯାଏ ।

କେନ୍ଦ୍ରାପଡ଼ା ସମାବେଶ ପରେ ଭୁବନେଶ୍ୱର କଂଗ୍ରେସ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦାନ କରି ସୌମ୍ୟରଂଜନଙ୍କ ବିରୁଦ୍ଧରେ ଜୟରାମ ରମେଶ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିଥିଲେ । ତାଙ୍କର କଟୁ ମନ୍ତବ୍ୟ ଥିଲା- 'ଦଳର ଅନୁଶାସନ ମାନ ନହେଲେ ଦଳ ଛାଡ଼' । ଏହି ମନ୍ତବ୍ୟ ପରେ ଓଡ଼ିଶା କଂଗ୍ରେସ ସଭ୍ୟ ଓ କର୍ମୀମାନଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଥିବାର ଜଣାଯାଏ । ସୋମ୍ୟରଂଜନ ଅଗଷ୍ଟ ୧୪ ତାରିଖରେ ତାଙ୍କ ଉପରେ ଜାହିର ହୋଇଥିବା କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ପ୍ରଦାନ କରିଥିଲେ ।

+++

# ନବୀନଙ୍କ ଶାସନ କାଳରେ ଓଡ଼ିଶାରେ ବିକଳ୍ପ ଆଞ୍ଚଳିକ ରାଜନୈତିକ ଦଳ

## ସମୃଦ୍ଧ ଓଡ଼ିଶାଃ

୨୦୦୭ ମସିହାରେ 'ସମୃଦ୍ଧ ଓଡ଼ିଶା' ନାମରେ ଏକ ଆଞ୍ଚଳିକ ରାଜନୈତିକ ଦଳର ଆବିର୍ଭାବ ଘଟିଲା । ଏହାର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ହେଲେ ଡକ୍ଟର ଯତୀଶ ଚନ୍ଦ୍ର ମହାନ୍ତି । ଡକ୍ଟର ମହାନ୍ତି ଥିଲେ ଆନ୍ଧ୍ରପ୍ରଦେଶରେ ଭାରତୀୟ ପ୍ରାଶାସନିକ ସେବାର ଜଣେ ବରିଷ୍ଠ ଅଧିକାରୀ । ସରକାରୀ ଚାକିରିରୁ ତ୍ୟାଗପତ୍ର ଦେଇ ସେ ଏହି ଆଞ୍ଚଳିକ ରାଜନୈତିକ ଦଳ ଓଡ଼ିଶାରେ ଗଠନ କଲେ । ଏଭଳି ଏକ ଆଞ୍ଚଳିକ ଦଳ ଗଠନର ଉଦ୍ଦେଶ୍ୟ ଥିଲା, ଓଡ଼ିଶାର ସମୃଦ୍ଧି, ସାମଗ୍ରିକ ବିକାଶ ତଥା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ । ୨୦୦୭ ମସିହା ଅଗଷ୍ଟ ୧୮, ୧୯ ଦୁଇଦିନ ଧରି ଭୁବନେଶ୍ୱରଠାରେ ଏହି ଦଳର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାରା ରାଜ୍ୟରୁ ଏହି ଦଳର କର୍ମୀମାନଙ୍କ ସମେତ ରାଜ୍ୟର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, କଳାକାର, ସମାଜ ସେବୀ, ସଂସ୍କୃତିବିତ୍, ଅଭିନେତା ଓ ସଂଗୀତବିଶାରଦମାନଙ୍କୁ ଏହି ସମ୍ମିଳନୀକୁ ନିମନ୍ତ୍ରଣ କରାଯାଇଥିଲା । ଦଳର ଅଧ୍ୟକ୍ଷ ଏହି ସମ୍ମିଳନୀରେ ଘୋଷଣା କଲେ ଯେ ତାଙ୍କ ଦଳ 'ସମୃଦ୍ଧ ଓଡ଼ିଶା' କ୍ଷମତାକୁ ଆସିଲେ ପାଞ୍ଚବର୍ଷ ଭିତରେ ରାଜ୍ୟରୁ ଗରିବ ହଟିବ । ୨୦୦୯ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଏହି ଦଳ ଅଧିକାଂଶ ବିଧାନ ସଭା ଓ ୭ଟି ଲୋକସଭା ଆସନରେ ପାର୍ଥୀ ଠିଆ କରାଇଥିଲେ । ଦଳର ନିର୍ବାଚନ



ଯତୀଶ ଚନ୍ଦ୍ର ମହାନ୍ତି

ସଂକେତ ଥିଲା, 'ନାଗରା' । ଦଳ ତରଫରୁ ଅନ୍ୟତମ ବିଶିଷ୍ଟ ରାଜନେତା ପୂର୍ବତନ ମନ୍ତ୍ରୀ, ପଞ୍ଚାନନ କାନୁନ୍‌ଗୋ ଭୁବନେଶ୍ୱର-ମଧ୍ୟ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ । ହେଲେ କୌଣସି ପ୍ରାର୍ଥୀ ବିଜୟୀ ହୋଇ ନଥିଲେ । ତଥାପି ଏହି ଦଳ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମମାନ ଚାଲୁ ରଖିଛନ୍ତି । ବର୍ତ୍ତମାନ ଏହି ଦଳର ନିର୍ବାଚନ ସଂକେତ 'ଟର୍ଚ୍ଚ ଲାଇଟ୍' ।

## କୋଶଳ କ୍ରାନ୍ତିଦଳ:


ବୈଦ୍ୟନାଥ ମିଶ୍ର

୨୦୦୭ ମସିହାରେ ଏହି ଆଞ୍ଚଳିକ ରାଜନୈତିକ ଦଳର ସୃଷ୍ଟି । ଦଳର ମହାସଚିବ ହେଲେ ବୈଦ୍ୟନାଥ ମିଶ୍ର । ଏହି ଦଳ ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହି ଦଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଲା; ପଶ୍ଚିମ ଓଡ଼ିଶାର ଦଶଟି ଜିଲ୍ଲା ଓ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ୍ ସବ୍‌ଡିଭିଜନକୁ ନେଇ ଏକ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ; କୋଶଳ ଭାଷା ଓ ସଂସ୍କୃତିକୁ ସ୍ୱୀକୃତି ପ୍ରଦାନ; ପଶ୍ଚିମ ଓଡ଼ିଶାରେ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି; କୋଶଳ ଇତିହାସକୁ ସ୍ୱୀକୃତିପ୍ରଦାନ ଓ ଓଡ଼ିଶା ରାଜ୍ୟରୁ ଅଲଗା ହୋଇ ଦ୍ୱିତୀୟ ସ୍ୱତନ୍ତ୍ର କୋଶଳ ରାଜ୍ୟଗଠନ ଇତ୍ୟାଦି । ସ୍ଥାନୀୟ ଲୋକଙ୍କ ଜନସମର୍ଥନରେ ଏହି ଦଳ ବ୍ୟାପକ କାର୍ଯ୍ୟକ୍ରମ ଚାଲୁ ରଖିଛି । ଆସନ୍ତା ୨୦୧୪ ସାଧାରଣ ନିର୍ବାଚନରେ ଏହି ଦଳ ପ୍ରାର୍ଥୀ ଦେବ ବୋଲି ଜଣାଯାଏ । ନିର୍ବାଚନ କମିସନ୍ ଏହି ଆଞ୍ଚଳିକ ଦଳକୁ 'ନଡ଼ିଆ' ନିର୍ବାଚନୀ ସଂକେତ ପ୍ରଦାନ କରିଛନ୍ତି ।

## କଳିଙ୍ଗ ସେନା:


ହେମନ୍ତ ରଥ

୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଏହି ଦଳ ସୁଖୀ ନୁହେଁ । ସେତେବେଳେ ପଡ଼ୋଶୀ ପଶ୍ଚିମବଙ୍ଗ, ତତ୍କାଳୀନ ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରକରି ବୃହତ୍ତର କଳିଙ୍ଗ ରାଜ୍ୟ ଗଠନ, ଭାରତୀୟ ସାମରିକ ବାହିନୀରେ, 'କଳିଙ୍ଗ ରେଜିମେଣ୍ଟ'ସ୍ଥାପନ, କଳିଙ୍ଗ ସଂସ୍କୃତିର ପୁନରୁଦ୍ଧାର ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡ଼ି ସରକାରର ବିଫଳତାକୁ ଆଧାରକରି ଏହିଦଳ

ଆନ୍ଦୋଳନ କରିବାପାଇଁ ଅଙ୍ଗୀକାରବଦ୍ଧ । ଏହିଦଳର ମୁଖ୍ୟ ହେଲେ ଶ୍ରୀ ହେମନ୍ତ ରଥ । ଦଳ ଶ୍ରୀ ହେମନ୍ତ ରଥକୁ ମୁଖ୍ୟମନ୍ତ୍ରୀ ପାର୍ଥୀ ଭାବରେ ଘୋଷଣା କରି ଆସନ୍ତା ୨୦୧୪ ସାଧାରଣ ନିର୍ବାଚନରେ ସମସ୍ତ ବିଧାନସଭା ଓ ଲୋକସଭା ଆସନରେ ପ୍ରାର୍ଥୀ ଠିଆ କରାଇବାପାଇଁ ସ୍ଥିର କରିଛି । ନିର୍ବାଚନ କମିସନ୍ ଏହି ଦଳକୁ 'ଟୋପି' ନିର୍ବାଚନ ସଂକେତ ପ୍ରଦାନ କରିଛନ୍ତି ।

## ଉତ୍କଳ ଭାରତଃ


୨୦୧୦ ମସିହା ଫେବୃଆରି୧ ତାରିଖରେ 'ଉତ୍କଳ ଭାରତ' ଆଞ୍ଚଳିକ ରାଜନୈତିକ ଦଳର ଜନ୍ମ । ଏହାର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ହେଲେ ଭାରତୀୟ ଜନତା ପାର୍ଟିର ଅନ୍ୟତମ ପ୍ରମୁଖ ନେତା ତଥା ପୂର୍ବତନ ସାଂସଦ ଶ୍ରୀ ମହାମେଘ ବାହନ ଐରଖାରବେଳ ସ୍ୱାଇଁ । ଶ୍ରୀ ସ୍ୱାଇଁ ଥିଲେ ଭାରତୀୟ ଆଲାଏଡ୍ ସେବାର ଜଣେ ବରିଷ୍ଠ ଅଧିକାରୀ । ସରକାରୀ ଚାକିରି ତ୍ୟାଗକରି ଦେଶ ସେବାପାଇଁ ସେ ପ୍ରଥମେ ଭାରତୀୟ ଜନତାପାର୍ଟିରେ ଯୋଗ ଦେଇଥିଲେ । ପରେ ଏହି ଦଳ ତ୍ୟାଗ କରି ସେ ଓଡ଼ିଶାରେ 'ଉତ୍କଳ ଭାରତ' ନାମରେ ଏକ ଆଞ୍ଚଳିକ ରାଜନୈତିକ ଦଳ ଗଠନ କରିଛନ୍ତି । ଏହି ଦଳର ମୂଳ ଲକ୍ଷ୍ୟ ହେଲା; ଦେଶର ଭଲ ଲୋକଙ୍କୁ ରାଜନୀତିକୁ ଆଣିବା ଓ ଦେଶରେ ଦୁର୍ନୀତିମୁକ୍ତ ନିର୍ମଳ ଶାସନ ପ୍ରତିଷ୍ଠାକରିବା । ବିଶେଷ ଭାବରେ ଏହି ଦଳ ବିଜେଡ଼ି ସରକାରଙ୍କ ଏକଟଙ୍କିଆ ଚାଉଳ ପ୍ରଦାନ ଯୋଜନାକୁ ଘୋର ବିରୋଧ କରେ । ଆସନ୍ତା ୨୦୧୪ ମସିହା ସାଧାରଣ ନିର୍ବାଚନ ପାଇଁ ଏହି ଦଳ ତରଫରୁ କେତୋଟି ବିଧାନ ସଭା ଓ ଲୋକସଭା ଆସନ ପାଇଁ ପାର୍ଥୀ ଚୟନ କାର୍ଯ୍ୟ ଶେଷ ହୋଇଗଲାଣି । 'ମୁଦି' ଏହି ଦଳର ନିର୍ବାଚନ ସଂକେତ ।


ମହାମେଘ ବାହନ ଐରଖାରବେଳ ସ୍ୱାଇଁ

## 'ଓଡ଼ିଶା ଜନମୋର୍ଚ୍ଚା'

ବିଜୁ ଜନତା ଦଳରୁ ନିଲମ୍ବିତ ଓ ବହିଷ୍କୃତ ସାଂସଦ ଶ୍ରୀ ପ୍ୟାରୀମୋହନ ମହାପାତ୍ରଙ୍କ ବହୁ ପ୍ରତୀକ୍ଷିତ ରାଜନୈତିକ ଦଳ 'ଓଡ଼ିଶା ଜନମୋର୍ଚ୍ଚା' ୯।୪।୨୦୧୩ରେ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠା ହେଲା । ପୂର୍ବରୁ ପ୍ୟାରୀବାବୁଙ୍କ ଦ୍ୱାରା 'ଜନମୋର୍ଚ୍ଚା' ପ୍ରତିଷ୍ଠା ହୋଇଥିଲେ ହେଁ ଏହା ରାଜନୈତିକ ଦଳ ନଥିଲା । ଏକ ରାଜନୈତିକ ଦଳ ଗଠନ କରିବା ପାଇଁ ଶ୍ରୀ ମହାପାତ୍ର ମୁଖ୍ୟ ନିର୍ବାଚନ କମିଶନରଙ୍କ ପାଖରେ ପୂର୍ବରୁ ଆବେଦନ କରିଥିଲେ । ତାହା

ସ୍ୱୀକୃତି ପାଇବା ପରେ 'ଓଡ଼ିଶା ଜନମୋର୍ଚ୍ଚା'କୁ ରାଜନୈତିକ ଦଳ ଭାବରେ ଘୋଷଣା କରାଗଲା । 'ଓଡ଼ିଶା ଜନମୋର୍ଚ୍ଚା' ଦଳର ସଭାପତି ହେଲେ ଶ୍ରୀ ପ୍ୟାରୀମୋହନ ମହାପାତ୍ର; ଉପ- ସଭାପତି ହେଲେ ଶ୍ରୀ ରାଜେନ୍ଦ୍ର ପ୍ରସାଦ ସିଂହ (ରାଜୁ ସିଂହ) ଓ ମହାସଚିବ ହେଲେ ଶ୍ରୀ ଯଜ୍ଞେଶ୍ୱର ବାବୁ । ଏହା ବ୍ୟତୀତ ଶ୍ରୀ ମିହିର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀ ଅମୀୟ ପାଣ୍ଡବ ଆଦି ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହେଲେ । ଏହି ଦଳର ନିର୍ବାଚନ ସଂକେତ ହେଲା 'ଗୁଡ଼ି' ।



ପ୍ୟାରୀମୋହନ ମହାପାତ୍ର

## ସମତା କ୍ରାନ୍ତିଦଳ:

୨୦୧୩ ମସିହା ମଇମାସ ୧୩ ତାରିଖ ପବିତ୍ର ଅକ୍ଷୟତୃତୀୟା ତିଥିରେ ଶ୍ରୀକ୍ଷେତ୍ର ପୁରୀଠାରେ ଏହି ଦଳର ଜନ୍ମ । ଏହି ଦଳର ପ୍ରତିଷ୍ଠାତା ହେଲେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ । ଦଳର ଅଧ୍ୟକ୍ଷ ହେଲେ ଜର୍ଜ ତିର୍କୀ । ଦେଶ ତଥା ରାଜ୍ୟରୁ ଦୁର୍ନୀତି ବିଲୋପ, ରାଜ୍ୟରେ ଥିବା ବିଜେଡ଼ି ସରକାର ଓ କେନ୍ଦ୍ରରେ ଥିବା ଉପା ସରକାରଙ୍କର ନୀତିହୀନ ଶାସନ ବିରୁଦ୍ଧରେ ଏହିଦଳ ଲଢ଼େଇ କରିବାପାଇଁ ଅଙ୍ଗୀକାରବଦ୍ଧ । ଏହା ବ୍ୟତୀତ କୃଷକମାନଙ୍କର ସମସ୍ୟା ସମାଧାନ କରି ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାପାଇଁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ।



ବ୍ରଜକିଶୋର ତ୍ରିପାଠୀ

୨୦୧୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକରି ଏହିଦଳ ରାଜ୍ୟରେ ସରକାର ଗଠନ ନିମନ୍ତେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଦଳର ନେତାମାନେ ମତ ପ୍ରଦାନ କରନ୍ତି । ଏହି ଦଳର ନିର୍ବାଚନ ସଂକେତ 'କଇଁଚି' ।

## 'ଆମ ଓଡ଼ିଶା ପାର୍ଟି'



ସୌମ୍ୟରଂଜନ ପଟ୍ଟନାୟକ

୧୯୯୬ ମସିହା ପବିତ୍ର ରଥଯାତ୍ରା ଦିବସରେ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପୁନର୍ଜାଗରଣ ଆଣିବା ପାଇଁ 'ସମ୍ବାଦ'ର ସଂପାଦକ ତଥା ପୂର୍ବତନ ସାଂସଦ ସୌମ୍ୟରଂଜନ ପଟ୍ଟନାୟକଙ୍କଠାରୁ ଜନ୍ମ ନେଇଥିଲା ତାଙ୍କର ମାନସପୁତ୍ର 'ଆମ ଓଡ଼ିଶା' । ଏହି ଅନୁଷ୍ଠାନ ପ୍ରତିଷ୍ଠା ହେବା ପରଠାରୁ ଭାଷାଜ୍ଞାନ, ରକ୍ତଦାନ, ମତଦାନ ଓ ପ୍ରକାଶନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଅର୍ଜନ କରିଛି । ଓଡ଼ିଶାର ସାମଗ୍ରିକ ବିକାଶପାଇଁ ବିଜେଡ଼ି, କଂଗ୍ରେସ ଓ ବିଜେପିର ବିକଳ୍ପ ରାଜନୈତିକ ଦଳ ଭାବରେ ୨୦୧୩ ନଭେମ୍ବର ୧୭ ତାରିଖ ଦିନ 'ଆମ ଓଡ଼ିଶା ପାର୍ଟି' ଗଠିତ ହୋଇଛି ।

ଆମ ଓଡ଼ିଶା ପାର୍ଟି ତରଫରୁ ବିକଳ୍ପପାଇଁ ସଂକଳ୍ପ କ୍ରମରେ 'ପ୍ରଥମ ସଂକଳ୍ପ ସମାବେଶ' ୨୦୧୩ ମସିହା ନଭେମ୍ବର ୨୫ ତାରିଖରେ ସୁବର୍ଣ୍ଣପୁରର ବୀରମହାରାଜପୁରଠାରେ ଅନୁଷ୍ଠିତ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂକଳ୍ପ ସମାବେଶମାନ ଅନୁଷ୍ଠିତ ହେଉଛି । ୧ ଜାନୁଆରି ୨୦୧୪ ମସିହାଠାରୁ ଏହି ପାର୍ଟିର ସଦସ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଂଜନ ଦୃଢ଼ ଭାବରେ ଘୋଷଣା କରିଛନ୍ତି ଯେ ବର୍ତ୍ତମାନ ରାଜ୍ୟର ତିନୋଟିଯାକ ରାଜନୈତିକ ଦଳ ଜନସାଧାରଣଙ୍କର ଆସ୍ଥା ସଂପୂର୍ଣ୍ଣ ଭାବରେ ହରାଇ ବସିଲେଣି । ଓଡ଼ିଶାରେ ବିପୁଳ ପରିମାଣରେ ଖଣିଜ ସଂପଦ ଥିବା ସତ୍ତ୍ୱେ ସ୍ୱାଧୀନତାର ଛଅ ଦଶନ୍ଧି ପରେ ବି ଓଡ଼ିଶା ରାଜ୍ୟ ଗରିବ ହୋଇ ରହିଛି । ନବୀନ ପଟ୍ଟନାୟକଙ୍କ ଚଉଦ ବର୍ଷ ଶାସନ କାଳରେ ଏହାର ସ୍ଥିତି ଆହୁରି ଖରାପ ହୋଇଯାଇଛି । ରାଜ୍ୟରେ ଆଇନ ଶୃଙ୍ଖଳା ନାହିଁ । ନାରୀମାନେ ସୁରକ୍ଷିତ ନୁହଁନ୍ତି । ଲାଞ୍ଚ, ମିଛ ଓ ଭୟରୁ ମୁକ୍ତ ଏକ ନୂଆ ଓଡ଼ିଶା ଗଠନର ସଂକଳ୍ପ ନେଇ 'ଆମ ଓଡ଼ିଶା ପାର୍ଟି'ର ସୃଷ୍ଟି । ନିର୍ବାଚନ କମିସନ ଏହି ଆଞ୍ଚଳିକ ଦଳକୁ ସ୍ୱୀକୃତି ପ୍ରଦାନ ପୂର୍ବକ 'ମାଠିଆ' ନିର୍ବାଚନ ସଂକେତ ପ୍ରଦାନ କରିଛନ୍ତି ।

+++

# ପରିଶିଷ୍ଟ 'କ'

## ବ୍ରିଟିଶ-ଉତ୍କଳର କମିଶନରମାନେ

୧୮୫୪ - ବି. ଜେ. କଲଭିନ୍
୧୮୫୬ - ଇ. ଏ. ସାମୁଏଲ୍
୧୮୫୭ - ଜି. ଏଫ୍. କକ୍‌ବର୍ଣ୍ଣ
୧୮୬୩ - ଆର୍. ଏନ୍. ସୋର
୧୮୬୫ - ଟି. ଇ. ରେଭେନ୍‌ସା
୧୮୬୭ - ଭି. ଏଚ୍. ସ୍କାଚ
୧୮୬୯ - ଟି. ଇ. ରେଭେନ୍‌ସା
୧୮୭୦ - ଇ. ଡବ୍ଲ୍ୟୁ. ମଲନି
୧୮୭୧ - ଟି. ଇ. ରେଭେନ୍‌ସା
୧୮୭୯ - ଏ. ସ୍ମିଥ୍
୧୮୮୪ - ସି.ଟି. ମେଟ୍‌କାଫ୍
୧୮୮୭ - ସି. ଏଫ୍. ଉଆର୍ସିଲି
୧୮୯୧ - ଜି. ଟଏନ୍‌ବି
୧୮୯୨ - ଏଚ୍. ଜି. କୁକ୍
୧୮୯୫ - ଆର୍. ସି. ଦତ୍ତ
୧୮୯୭ - ଏଚ୍. ଜି. କୁକ୍
୧୮୯୮ - ଜି. ଷ୍ଟିଭେନ୍‌ସନ୍
୧୮୯୯ - ସି. ଆର୍. ମାରିନ୍‌ଡ଼ନ
୧୯୦୦ - ଇ. ବି. ହାରିସ୍
୧୯୦୧ - ଆର୍. କାରଷ୍ଟେୟାର୍ସ
୧୯୦୧ - କେ. ଜି. ଗୁପ୍ତ
୧୯୦୩ - ଏଫ୍. ଏନ୍. ଫିସର
୧୯୦୩ - ଇ. ଏଫ୍. ଗ୍ରୋସ୍
୧୯୦୫ - ଏଫ୍. ଡବ୍ଲ୍ୟୁ. ଡିଉକ୍
୧୯୦୬ - ଇ. ଭି. ଲେଭିଞ୍ଜ
୧୯୦୬ - ଆର୍. ଟି. ଗ୍ରିଅର
୧୯୦୭ - ଏଫ୍. ଡବ୍‌ଲ୍ୟୁ. ଡିଉକ୍
୧୯୦୭ - ଇ. ଭି. ଲେଭିଞ୍ଜ
୧୯୦୮ - ଏଲ୍. ବର୍ଲିଂ
୧୯୦୯ - ଇ.ଭି.ଲେଭିଞ୍ଜ
୧୯୧୦ - ଏଲ୍. ବଲିଂ
୧୯୧୦ - ଟି.ଏଚ୍.ଇ. ଗ୍ୟାରେଟ୍
୧୯୧୦ - ଇ. ଭି. ଲେଭିଞ୍ଜ
୧୯୧୧ - ଜେ. କ୍ଲାର୍କ
୧୯୧୧ - ଇ.ଭି. ଲେଭିଞ୍ଜି
୧୯୧୨ - ଡବ୍ଲ୍ୟୁ. ଇଜରଟନ୍
୧୯୧୩ - ଏଫ୍.ଏନ୍. ଫିସର
୧୯୧୫ - ଜେ. ଏଫ୍. ଗ୍ରୁନିଂ
୧୯୧୬ - ଏଚ୍. ଲିମସୁରିୟାର
୧୯୧୬ - ଇ. ଏଚ୍. ବର୍ଥୁଡ଼
୧୯୧୬ - ବି. ଫଲି
୧୯୧୬ - ଏଚ୍. ଲିମ୍‌ସୁରିୟାର
୧୯୧୭ - ଜେ. ଏଫ୍. ଗ୍ରୁନିଂ
୧୯୨୧ - ବି. ଫଲି
୧୯୨୨ - ଡି. ଓୟେଷ୍ଟନ
୧୯୨୨ - ଏଚ୍. ଟି. ଏସ୍. ଫରେଷ୍ଟ
୧୯୨୩ - ଡି. ଓୟେଷ୍ଟନ୍
୧୯୨୩ - ଆର୍. କିଲି
୧୯୨୩ - ଏଚ୍. ଟି. ଏମ୍. ଫରେଷ୍ଟ
୧୯୨୫ - ଏ. ଏଲ୍. ଇଂଲିଶ
୧୯୨୫ - ପି.ଟି. ମାନ୍‌ସଫିଲ୍ଡ
୧୯୨୫ - ପି. ଡବ୍ଲ୍ୟୁ. ମର୍ଫେ
୧୯୨୫ - ଏଚ୍. ଟି. ଏସ୍. ଫରେଷ୍ଟ
୧୯୨୬ - ଜେ. ଏ. ହବକ୍
୧୯୨୬ - ବି. ସି. ସେନ
୧୯୨୮ - ଏନ୍. ଏଫ. ପେକ୍
୧୯୨୯ - ଜେ. ଏ. ହବକ୍
୧୯୨୯ - ଏନ୍. ଏଫ୍. ପେକ୍
୧୯୩୦ - ଜେ. ଏ. ହବକ
୧୯୩୦ - ସି.ଏଲ୍. ଫିଲିପ୍
୧୯୩୩ - ଇ. ଏସ୍. ହର୍ଣ୍ଣଲି
୧୯୩୩ - ଏ.ଡି. ଟକି
୧୯୩୪ - ଏ. ଆର୍. ଟପିସ୍
୧୯୩୫ - ଇ. ଏସ୍. ହର୍ଣ୍ଣଲି

# ପରିଶିଷ୍ଟ 'ଖ'

## ଓଡ଼ିଶାର ରାଜ୍ୟପାଳଗଣ

## (୧୯୩୬-୨୦୧୩)

| | | |
|---|---|---|
| ୧- | ସାର୍. ଜନ୍ ଅଷ୍ଟେନ୍ ହବ୍‌ବାକ୍ | ୦୧.୦୪.୧୯୩୬ - ୧୧.୦୮.୧୯୩୮ |
| ୨- | ଜର୍ଜ ଟାଉନ୍‌ସେଣ୍ଡ ବୋଗ୍ | ୧୧.୦୮.୧୯୩୮ - ୦୭.୧୨.୧୯୩୮ |
| ୩- | ସାର୍ ଜନ୍ ଅଷ୍ଟେନ୍ ହବ୍‌ବାକ୍ | ୦୮.୧୨.୧୯୩୮ - ୩୧.୦୩.୧୯୪୧ |
| ୪- | ସାର୍ ହଥ୍‌ମୋ ଲୁଇସ୍ | ୦୧.୦୪.୧୯୪୧ - ୩୧.୦୩.୧୯୪୬ |
| ୫- | ଚନ୍ଦୁଲାଲ ତ୍ରିବେଦୀ | ୦୧.୦୪.୧୯୪୬ - ୧୪.୦୮.୧୯୪୭ |
| ୬- | ଡ. କୈଳାସ ନାଥ କାଟ୍‌ଜୁ | ୧୫.୦୮.୧୯୪୭ - ୨୦.୦୬.୧୯୪୮ |
| ୭- | ମି. ଏମ୍. ଆସଫ୍ ଅଲି | ୨୧.୦୬.୧୯୪୮ - ୦୫.୦୫.୧୯୫୧ |
| ୮- | ଭି.ପି. ମେନ୍‌ନ୍ (ଅସ୍ଥାୟୀ) | ୦୬.୦୫.୧୯୫୧ - ୧୭.୦୭.୧୯୫୧ |
| ୯- | ମି. ଏମ୍. ଆସଫ୍ ଅଲି | ୧୮.୦୭.୧୯୫୧ - ୦୬.୦୬.୧୯୫୨ |
| ୧୦- | ସୟଦ୍ ଫଜଲ ଅଲି(ବାରିଷ୍ଟର ଆର୍ଟ-ଲ) | ୦୭.୦୬.୧୯୫୨ - ୦୯.୦୨.୧୯୫୪ |
| ୧୧- | ପି.ଏସ୍. କୁମାରସ୍ୱାମୀରାଜା | ୧୦.୦୨.୧୯୫୪ - ୧୧.୦୯.୧୯୫୬ |
| ୧୨- | ଭୀମସେନ ସାଚାର | ୧୨.୦୯.୧୯୫୬ - ୩୧.୦୭.୧୯୫୭ |
| ୧୩- | ଯଶୋବନ୍ତ ନାରାୟଣ ସୁକ୍ତଙ୍କର | ୩୧.୦୭.୧୯୫୭ - ୧୫.୦୯.୧୯୬୧ |
| ୧୪- | ଡ. ଅଯୋଧ୍ୟାନାଥ ଖୋସଲା | ୧୬.୦୯.୧୯୬୨ - ୦୫.୦୮.୧୯୬୬ |
| ୧୫- | ଜଷ୍ଟିସ୍ ଖଲିଲ ଅହମ୍ମଦ୍ (ଅସ୍ଥାୟୀ) | ୦୫.୦୮.୧୯୬୬ - ୧୧.୦୯.୧୯୬୬ |
| ୧୬- | ଡ. ଅଯୋଧ୍ୟାନାଥ ଖୋସଲା | ୧୨.୦୯.୧୯୬୬ - ୩୦.୦୧.୧୯୬୮ |
| ୧୭- | ଡ. ସର୍କୌତଲା ସାହା ଆନ୍‌ସାରୀ | ୩୧.୦୧.୧୯୬୮ - ୨୦.୦୯.୧୯୭୧ |
| ୧୮- | ସର୍ଦ୍ଦାର ଯୋଗେନ୍ଦ୍ର ସିଂହ (ଅସ୍ଥାୟୀ) | ୨୦.୦୯.୧୯୭୧ - ୩୦.୦୬.୧୯୭୨ |
| ୧୯- | ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର (ଅସ୍ଥାୟୀ) | ୦୧.୦୭.୧୯୭୨ - ୦୮.୧୧.୧୯୭୨ |
| ୨୦- | ବାସପ୍ପା ଦାନପ୍ପା ଜତ୍ତି | ୦୮.୧୧.୧୯୭୨ - ୨୦.୦୮.୧୯୭୪ |
| ୨୧- | ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର (ଅସ୍ଥାୟୀ) | ୨୧.୦୮.୧୯୭୪ - ୨୫.୧୦.୧୯୭୪ |
| ୨୨- | ଆକବର ଅଲି ଖାଁ | ୨୫.୧୦.୧୯୭୪ - ୧୭.୦୪.୧୯୭୬ |
| ୨୩- | ଜଷ୍ଟିସ ଶିବନାରାୟଣ ଶଙ୍କର (ଅସ୍ଥାୟୀ) | ୧୭.୦୪.୧୯୭୬ - ୦୭.୦୨.୧୯୭୭ |

| | |
|---|---|
| ୨୪- ହର ଚରଣ ସିଂହବ୍ରାର | ୦୭.୦୨.୧୯୭୭ - ୨୨.୦୯.୧୯୭୭ |
| ୨୫- ଭଗବତ୍ ଦୟାଲ ଶର୍ମା | ୨୩.୦୯.୧୯୭୭ - ୩୦.୦୪.୧୯୮୦ |
| ୨୬- ଚେପୁଦିରା ମୁଥାନା ପୁନାଚା | ୩୦.୦୪.୧୯୮୦ - ୩୦.୦୯.୧୯୮୦ |
| ୨୭- ଜଷ୍ଟିସ ଏସ୍. କେ. ରାୟ (ଅସ୍ଥାୟୀ) | ୦୧.୦୧.୧୯୮୦ - ୦୩.୧୧.୧୯୮୦ |
| ୨୮- ଚେପୁଦିରା ମୁଥାନା ପୁନାଚା | ୦୪.୧୧.୧୯୮୦ - ୨୪.୦୬.୧୯୮୨ |
| ୨୯- ଜଷ୍ଟିସ୍ ରଙ୍ଗନାଥ ମିଶ୍ର (ଅସ୍ଥାୟୀ) | ୨୫.୦୬.୧୯୮୨ - ୩୧.୦୮.୧୯୮୨ |
| ୩୦- ଚେପୁଦିରା ମୁଥାନା ପୁନାଚା | ୦୧.୦୯.୧୯୮୨ - ୧୭.୦୮.୧୯୮୩ |
| ୩୧- ବିଶ୍ୱମ୍ବରନାଥ ପାଣ୍ଡେ | ୧୭.୦୮.୧୯୮୩ - ୨୦.୧୧.୧୯୮୮ |
| ୩୨- ସୟଦ ନୁରୁଲ ହାସାନ୍ | ୨୦.୧୧.୧୯୮୮ - ୦୬.୦୨.୧୯୯୦ |
| ୩୩- ଯଜ୍ଞଦତ୍ତ ଶର୍ମା | ୦୭.୦୨.୧୯୯୦ - ୦୧.୦୨.୧୯୯୩ |
| ୩୪- ସୟଦ ନୁରୁଲ ହାସାନ୍ | ୦୧.୦୨.୧୯୯୩ - ୩୧.୦୫.୧୯୯୩ |
| ୩୫- ବି. ସତ୍ୟନାରାୟରଣ ରେଡ୍ଡି | ୦୧.୦୬.୧୯୯୩ - ୧୭.୦୬.୧୯୯୫ |
| ୩୬- ଗୋପାଳ ରାମାନୁଜମ୍ | ୧୮.୦୬.୧୯୯୫ - ୩୦.୦୧.୧୯୯୭ |
| ୩୭- କେ.ଭି. ରଘୁନାଥ ରେଡ୍ଡି | ୩୧.୦୧.୧୯୯୭ - ୧୨.୦୨.୧୯୯୭ |
| ୩୮- ଗୋପାଳ ରାମାନୁଜମ୍ | ୧୩.୦୨.୧୯୯୭ - ୧୩.୧୨.୧୯୯୭ |
| ୩୯- କେ. ଭି. ରନୁନାଥ ରେଡ୍ଡି | ୧୩.୧୨.୧୯୯୭ - ୨୭.୦୪.୧୯୯୮ |
| ୪୦- ଡକ୍ଟର ସି. ରଙ୍ଗରାଜନ୍ | ୨୭.୦୪.୧୯୯୮ - ୧୪.୧୧.୧୯୯୯ |
| ୪୧- ଏମ୍.ଏମ୍. ରାଜେନ୍ଦ୍ରନ୍ | ୧୫.୧୧.୧୯୯୯ - ୧୬.୧୧.୨୦୦୪ |
| ୪୨- ରାମେଶ୍ୱର ଠାକୁର | ୧୭.୧୧.୨୦୦୪ - ୨୦.୦୮.୨୦୦୭ |
| ୪୩- ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ | ୨୧.୦୮.୨୦୦୭ - ୧୭.୦୩.୨୦୧୩ |
| ୪୪- ସେନାୟାଙ୍ଗ୍‌ବା ଚୁବାତୋଷି ଜମିର୍ | ୨୧.୦୩.୨୦୧୩ - |

## ରାଜ୍ୟପାଳ ଡକ୍ଟର ଜମିର : ଏକ ସଂକ୍ଷିପ୍ତ ପରିଚୟ

ଓଡ଼ିଶାର ୪୧ତମ ରାଜ୍ୟପାଳ ଭାବରେ ଡକ୍ଟର ସେନାୟଙ୍ଗବା ଚୁବାତୋସୀ ଜମିର ୨୧.୩.୨୦୧୩ ତାରିଖରେ ରାଜଭବନର ଅଭିଷେକ ହଲରେ ଶପଥ ଗ୍ରହଣ କରିଥିଲେ । ତାଙ୍କୁ ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଚୋକଲିଙ୍ଗମ୍ ନାଗପ୍ପାନ ଶପଥ ଗ୍ରହଣ କରାଇଥିଲେ । ଶପଥ ଗ୍ରହଣ ପରେ ରାଜ୍ୟପାଳଙ୍କ ସମ୍ମାନାର୍ଥେ ୧୭ଟି ତୋପ ସଲାମୀ ଦିଆଯାଇଥିଲା । ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ

ମନ୍ତ୍ରୀମଣ୍ଡଳର ସଦସ୍ୟ, ହାଇକୋର୍ଟର ବିଚାରପତି, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ଉଚ୍ଚପଦସ୍ଥ ଅଧିକାରୀ ଓ କେତେକ ବିଧାୟକ ଉପସ୍ଥିତ ଥିଲେ । ନୂତନ ରାଜ୍ୟପାଳଙ୍କ ପତ୍ନୀ ଶ୍ରୀମତୀ ଆଲୋମିଆ ଜମିର ଓ ତାଙ୍କ ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ । ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡକ୍ଟର ଜମିର ନିଜର ପ୍ରତିକ୍ରିୟାରେ କହିଲେ, ''ଜୀବନର ଅନ୍ତିମ ପର୍ଯ୍ୟାୟରେ ଏକ ବିଶାଳ ଲକ୍ଷ୍ୟନେଇ ଓଡ଼ିଶାକୁ ଆସିଛି । ମୋର ସମସ୍ତ ଶକ୍ତି ସାମର୍ଥ୍ୟ ଖଟାଇ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବି । ମୋର ଦ୍ୱାର ସମସ୍ତଙ୍କ ପାଇଁ ସର୍ବଦା ଖୋଲାରହିବ ।'' ୧୯୩୧ ମସିହା ଅକ୍ଟୋବର ୧୭ ତାରିଖରେ ଏସ୍.ସି. ଜମିର ନାଗାଲାଣ୍ଡର ମୋକୋକଚୁଙ୍ଗ ଜିଲ୍ଲାର ଜଙ୍ଗମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ହେଉଛନ୍ତି ଭାରତ ସହ ନାଗାଲ୍ୟାଣ୍ଡ ମିଶ୍ରଣର ଅନ୍ୟତମ ବିନ୍ଧାଣି ଆଧୁନିକ ନାଗାଲାଣ୍ଡର ନିର୍ମାତା । ଡକ୍ଟର ଜମିର ୧୯୮୦, ୧୯୮୨ରୁ ୧୯୮୬ ଓ ୧୯୯୩-୨୦୦୩ ପର୍ଯ୍ୟନ୍ତ ପାଞ୍ଚଥର ମୁଖ୍ୟମନ୍ତ୍ରୀ ଥିଲେ । ୨୦୦୪-୦୮ ଯାଏ ଗୋଆର ଓ ୨୦୦୮ରେ ମହାରାଷ୍ଟ୍ରର ରାଜ୍ୟପାଳ ହେବା ସହ ୨୦୦୯ରେ ଗୁଜୁରାଟ ରାଜ୍ୟର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ସେ ହେଉଛନ୍ତି ନାଗା ଜନଜାତି ସମ୍ପ୍ରଦାୟର ପ୍ରମୁଖ ନେତା ଓ ଖ୍ରୀଷ୍ଟଧର୍ମାବଲମ୍ବୀ ।



ଡକ୍ଟର ଏସ୍.ସି ଜମିର

୧୯୬୧ରେ ଡକ୍ଟର ଜମିର ପ୍ରଥମ କରି ଲୋକସଭାକୁ ମନୋନୀତ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ସଂସଦୀୟ ସଚିବ ଭାବରେ କାର୍ଯ୍ୟ କରିଥିଲେ । କେନ୍ଦ୍ର ସରକାରର ବୈଦେଶିକ ବିଭାଗ ଦାୟିତ୍ୱରେ ସେ ରହିଥିଲେ । କେନ୍ଦ୍ର ସରକାରରେ ରେଳବାଇର ଉପମନ୍ତ୍ରୀ, ଶ୍ରମମନ୍ତ୍ରୀ, କୃଷି ଓ ଖାଦ୍ୟ ଉତ୍ପାଦନ ମନ୍ତ୍ରୀ ଭାବରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୭୧ରେ ସେ ନାଗାଲାଣ୍ଡ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କର ତିନିପୁଅ, ଦୁଇ ଝିଅ ଓ ୧୨ ଜଣ ନାତି ନାତୁଣୀ ଅଛନ୍ତି । ୨୦୧୩ ମାର୍ଚ୍ଚ ମାସ ୯ ତାରିଖରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବରେ ନିଯୁକ୍ତି ମିଳିଥିଲା ।

•••

# ପରିଶିଷ୍ଟ 'ଗ'

## ଓଡ଼ିଶାର ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଗଣ
## (୧୯୩୬-୨୦୧୩)

**ପ୍ରଧାନମନ୍ତ୍ରୀ :**

| | | |
|---|---|---|
| ୧- | କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ- | ୦୧.୦୪.୧୯୩୭ - ୧୯.୦୭.୧୯୩୭ |
| ୨- | ବିଶ୍ୱନାଥ ଦାସ | ୧୯.୦୭.୧୯୩୭ - ୦୬.୧୧.୧୯୩୯ |
| ୩- | କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ- | ୨୪.୧୧.୧୯୪୧ - ୩୦.୦୬.୧୯୪୪ |
| ୪- | ଡକ୍ଟର ହରେକୃଷ୍ଣ ମହତାବ | ୨୩.୦୪.୧୯୪୬ - ୧୨.୦୫.୧୯୫୦ |

**ମୁଖ୍ୟମନ୍ତ୍ରୀ :**

| | | |
|---|---|---|
| ୫- | ନବକୃଷ୍ଣ ଚୌଧୁରୀ | ୧୨.୦୫.୧୯୫୦ - ୧୯.୧୦.୧୯୫୬ |
| ୬- | ଡକ୍ଟର ହରେକୃଷ୍ଣ ମହତାବ | ୧୯.୧୦.୧୯୫୬ - ୨୫.୦୨.୧୯୬୧ |
| ୭- | ବିଜୟାନନ୍ଦ ପଟ୍ଟନାୟକ | ୨୩.୦୬.୧୯୬୧ - ୦୨.୧୦.୧୯୬୩ |
| ୮- | ବୀରେନ୍ ମିତ୍ର | ୦୨.୧୦.୧୯୬୩ - ୨୧.୦୨.୧୯୬୫ |
| ୯- | ସଦାଶିବ ତ୍ରିପାଠୀ | ୨୧.୦୨.୧୯୬୫ - ୦୮.୦୩.୧୯୬୭ |
| ୧୦- | ରାଜେନ୍ଦ୍ର ନାରାୟଣ ସିଂହଦେଓ | ୦୮.୦୩.୧୯୬୭ - ୦୯.୦୧.୧୯୭୧ |
| ୧୧- | ବିଶ୍ୱନାଥ ଦାସ | ୦୩.୦୪.୧୯୭୧ - ୧୪.୦୬.୧୯୭୨ |
| ୧୨- | ନନ୍ଦିନୀ ଶତପଥୀ | ୧୪.୦୬.୧୯୭୨ - ୦୩.୦୩.୧୯୭୩ |
| ୧୩- | ନନ୍ଦିନୀ ଶତପଥୀ | ୦୬.୦୩.୧୯୭୪ - ୧୬.୧୨.୧୯୭୬ |
| ୧୪- | ବିନାୟକ ଆଚାର୍ଯ୍ୟ | ୨୯.୧୨.୧୯୭୬ - ୩୦.୦୪.୧୯୭୭ |
| ୧୫- | ନୀଳମଣି ରାଉତରାୟ | ୨୬.୦୬.୧୯୭୭ - ୧୭.୦୨.୧୯୮୦ |
| ୧୬- | ଜାନକୀ ବଲ୍ଲଭ ପଟ୍ଟନାୟକ | ୦୯.୦୬.୧୯୮୦ - ୦୭.୧୨.୧୯୮୯ |
| ୧୭- | ହେମାନନ୍ଦ ବିଶ୍ୱାଳ | ୦୭.୧୨.୧୯୮୯ - ୦୪.୦୩.୧୯୯୦ |
| ୧୮- | ବିଜୁ ପଟ୍ଟନାୟକ | ୦୫.୦୩.୧୯୯୦ - ୧୫.୦୩.୧୯୯୫ |
| ୧୯- | ଜାନକୀ ବଲ୍ଲଭ ପଟ୍ଟନାୟକ | ୧୫.୦୩.୧୯୯୫ - ୧୭.୦୨.୧୯୯୯ |
| ୨୦- | ଡକ୍ଟର ଗିରିଧର ଗମାଙ୍ଗ | ୧୭.୦୨.୧୯୯୯ - ୦୬.୧୨.୧୯୯୯ |
| ୨୧- | ହେମାନନ୍ଦ ବିଶ୍ୱାଳ | ୦୬.୧୨.୧୯୯୯ - ୦୫.୦୩.୨୦୦୦ |
| ୨୨- | ନବୀନ ପଟ୍ଟନାୟକ | ୦୫.୦୩.୨୦୦୦ - ୧୫.୦୫.୨୦୦୪ |
| ୨୩- | ନବୀନ ପଟ୍ଟନାୟକ | ୧୬.୦୫.୨୦୦୪ - ୨୦.୦୫.୨୦୦୯ |
| ୨୪- | ନବୀନ ପଟ୍ଟନାୟକ | ୨୧.୦୫.୨୦୦୯ - |

+++

# ପରିଶିଷ୍ଟ 'ଘ'

## ଓଡ଼ିଶାର ମାନ୍ୟବର ବାଚସ୍ପତିଗଣ

## (୧୯୩୭-୨୦୧୩)

| | | |
|---|---|---|
| ୧- | ମୁକୁନ୍ଦ ପ୍ରସାଦ ଦାସ | ୨୮.୦୭.୧୯୩୭ - ୨୯.୦୫.୧୯୪୬ |
| ୨- | ଲାଲମୋହନ ପଟ୍ଟନାୟକ | ୨୯.୦୫.୧୯୪୬ - ୦୬.୦୩.୧୯୫୨ |
| ୩- | ନନ୍ଦକିଶୋର ଦାସ | ୦୬.୦୩.୧୯୫୨ - ୨୭.୦୫.୧୯୫୭ |
| ୪- | ପଣ୍ଡିତ ନୀଳକଣ୍ଠ ଦାସ | ୨୭.୦୫.୧୯୫୭ - ୦୧.୦୭.୧୯୬୧ |
| ୫- | ଲିଙ୍ଗରାଜ ପାଣିଗ୍ରାହୀ | ୦୧.୦୭.୧୯୬୧ - ୧୮.୦୩.୧୯୬୭ |
| ୬- | ନନ୍ଦ କିଶୋର ମିଶ୍ର | ୧୮.୦୩.୧୯୬୭ - ୧୨.୦୪.୧୯୭୧ |
| ୭- | ନନ୍ଦକିଶୋର ମିଶ୍ର | ୧୨.୦୪.୧୯୭୧ - ୨୧.୦୩.୧୯୭୪ |
| ୮- | ବ୍ରଜମୋହନ ମହାନ୍ତି | ୨୧.୦୩.୧୯୭୪ - ୦୧.୦୭.୧୯୭୭ |
| ୯- | ସତ୍ୟପ୍ରିୟ ମହାନ୍ତି | ୦୧.୦୭.୧୯୭୭ - ୧୨.୦୭.୧୯୮୦ |
| ୧୦- | ସୋମନାଥ ରଥ (ଇସ୍ତଫା ପ୍ରଦାନ) | ୧୨.୦୬.୧୯୮୦ - ୧୧.୦୨.୧୯୮୪ |
| ୧୧- | ପ୍ରସନ୍ନ କୁମାର ଦାସ | ୨୨.୦୨.୧୯୮୪ - ୧୪.୦୨.୧୯୮୫ |
| ୧୨- | ପ୍ରସନ୍ନ କୁମାର ଦାସ | ୧୪.୦୨.୧୯୮୫ - ୦୯.୦୩.୧୯୯୦ |
| ୧୩- | ଯୁଧିଷ୍ଠିର ଦାସ | ୦୯.୦୩.୧୯୯୦ - ୨୨.୦୩.୧୯୯୫ |
| ୧୪- | କିଶୋର ଚନ୍ଦ୍ର ପଟେଲ (ଇସ୍ତଫା ପ୍ରଦାନ) | ୨୨.୦୩.୧୯୯୫ - ୧୪.୦୧.୧୯୯୬ |
| ୧୫- | ଚିନ୍ତାମଣି ଦ୍ୟାନସାମନ୍ତରା | ୧୬.୦୨.୧୯୯୬ - ୦୧.୦୩.୨୦୦୦ |
| ୧୬- | ଶରତ କୁମାର କର | ୧୦.୦୩.୨୦୦୦ - ୨୧.୦୫.୨୦୦୪ |
| ୧୭- | ମହେଶ୍ୱର ମହାନ୍ତି | ୨୧.୦୫.୨୦୦୪ - ୩୧.୦୫.୨୦୦୮ |
| ୧୮- | ପ୍ରହ୍ଲାଦ ଦୋରା (ଅସ୍ଥାୟୀ) | ୩୧.୦୫.୨୦୦୮ - ୧୯.୦୮.୨୦୦୮ |
| ୧୯- | କିଶୋର କୁମାର ମହାନ୍ତି | ୧୯.୦୮.୨୦୦୮ - ୨୫.୦୫.୨୦୦୯ |
| ୧୯- | ପ୍ରଦୀପ କୁମାର ଅମାତ | ୨୫.୦୫.୨୦୦୯ - |

+++

# ପରିଶିଷ୍ଟ 'ଙ'

## ଓଡ଼ିଶାର ମାନ୍ୟବର ଉପବାଚସ୍ପତିଗଣ

## (୧୯୩୭-୨୦୧୩)

| | | |
|---|---|---|
| ୧- | ନନ୍ଦକିଶୋର ଦାସ | ୨୮.୦୭.୧୯୩୭ - ୧୪.୦୯.୧୯୪୫ |
| ୨- | ଶ୍ରୀମତୀ ଏ. ଲକ୍ଷ୍ମୀବାଈ | ୨୯.୦୫.୧୯୪୬ - ୨୦.୦୨.୧୯୫୨ |
| ୩- | ମୌଲବୀ ମହମ୍ମଦ ହନିଫ୍ | ୦୮.୦୩.୧୯୫୨ - ୦୪.୦୩.୧୯୫୭ |
| ୪- | ଯଦୁମଣି ମଙ୍ଗରାଜ | ୨୯.୦୫.୧୯୫୭ - ୨୫.୦୨.୧୯୬୧ |
| ୫- | ଲୋକନାଥ ମିଶ୍ର (ପାଟକୁରା) | ୨୮.୦୮.୧୯୬୧ - ୦୧.୦୩.୧୯୬୭ |
| ୬- | ହରିହର ବାହିନୀପତି | ୨୯.୦୩.୧୯୬୭ - ୨୩.୦୧.୧୯୭୧ |
| ୭- | ନାରାୟଣ ବୀରବର ସାମନ୍ତ | ୦୬.୦୫.୧୯୭୧ - ୦୩.୦୩.୧୯୭୩ |
| ୮- | ଚିନ୍ତାମଣି ଜେନା | ୨୯.୦୩.୧୯୭୪ - ୩୦.୦୪.୧୯୭୭ |
| ୯- | ସୁରେନ୍ଦ୍ର ନାଥ ନାୟକ | ୨୭.୦୭.୧୯୭୭ - ୧୭.୦୨.୧୯୮୦ |
| ୧୦- | ହିମାଂଶୁ ଶେଖର ପାଢ଼ୀ | ୦୨.୦୭.୧୯୮୦ - ୦୯.୦୩.୧୯୮୫ |
| ୧୧- | ଚିନ୍ତାମଣି ଦ୍ୟାନସାମନ୍ତରା | ୧୮.୦୩.୧୯୮୫ - ୦୩.୦୩.୧୯୯୦ |
| ୧୨- | ପ୍ରହ୍ଲାଦ ଦୋରା | ୨୨.୦୩.୧୯୯୦ - ୧୫.୦୩.୧୯୯୫ |
| ୧୩- | ଚିନ୍ତାମଣି ଦ୍ୟାନସାମନ୍ତରା | ୨୮.୦୩.୧୯୯୫ - ୧୨.୦୨.୧୯୯୬ |
| ୧୪- | ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ | ୧୫.୦୩.୧୯୯୬ - ୨୯.୦୨.୨୦୦୦ |
| ୧୫- | ରାମଚନ୍ଦ୍ର ପଣ୍ଡା | ୨୭.୦୩.୨୦୦୦ - ୦୬.୦୨.୨୦୦୪ |
| ୧୬- | ପ୍ରହ୍ଲାଦ ଦୋରା | ୦୩.୦୭.୨୦୦୪ - ୧୯.୦୫.୨୦୦୯ |
| ୧୭- | ଲାଲବିହାରୀ ହିମିରିକା (ଇସ୍ତଫା ପ୍ରଦାନ) | ୧୦.୦୬.୨୦୦୯ - ୧୦.୦୫.୨୦୧୧ |
| ୧୮- | ସାନନ୍ଦ ମାରାଣ୍ଡି | ୧୭.୦୮.୨୦୧୧- |

●●●